# ସାହିତ୍ୟ ଧାରା

## ନବମ ଶ୍ରେଣୀ

ପ୍ରକାଶକ
ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

# ସାହିତ୍ୟ ଧାରା
## (ନବମ ଶ୍ରେଣୀ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରକାଶିତ ଓ ମଞ୍ଜୁରିପ୍ରାପ୍ତ
© ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

**ସଂପାଦନାମଣ୍ଡଳୀ :**
ଡ. ପ୍ରସନ୍ନ କୁମାର ମିଶ୍ର (ସମୀକ୍ଷକ)
ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ
ଡ. ମୀନାକ୍ଷୀ ଦାସ
ରାଜଲକ୍ଷ୍ମୀ ପରିଜା
ସୁବାସ ଚନ୍ଦ୍ର ମିଶ୍ର

**ସଂଯୋଜନା :**
ଡକ୍ଟର ସଞ୍ଜୁଲତା ପାତ୍ର

**ପ୍ରଥମ ସଂସ୍କରଣ : ୨୦୧୨ /**
**୨୦୧୯ /**

**ଆର୍ଟପୁଲ :**
ବିଜୟନ୍ତୀ ଏଣ୍ଟରପ୍ରାଇଜେସ୍
କଟକ-୧

**ମୁଦ୍ରଣ :**

**ମୂଲ୍ୟ : ଟ.**

# ଭୂମିକା

ପ୍ରଥମ ଭାଷା ଓଡ଼ିଆରେ ନବମଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ପାଇଁ ଚଳିତ ବର୍ଷ 'ସାହିତ୍ୟ ଧାରା' ନାମକ ବିଶଦ ପାଠ୍ୟପୁସ୍ତକଟି ପ୍ରଚଳନ କରାଯାଇଛି । ନିର୍ବାଚିତ ପ୍ରସଙ୍ଗ ଆଧାରରେ ଏବଂ ଅଭ୍ୟାସଭିତ୍ତିକ କାର୍ଯ୍ୟାବଳୀ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର ବିଷୟଗତ, ପ୍ରାୟୋଗିକ ତଥା ସର୍ଜନାତ୍ମକ ଦକ୍ଷତା ଅଭିବୃଦ୍ଧି କରାଇବା ଦିଗରେ ଯଥାସମ୍ଭବ ଗୁରୁତ୍ୱ ଆରୋପ କରାଯାଇଛି । ଜାତୀୟ ପାଠ୍ୟଖସଡ଼ା –୨୦୦୫ ଏବଂ ରାଜ୍ୟ ପାଠ୍ୟକ୍ରମ ଆଧାର –୨୦୦୭କୁ ଭିତ୍ତିକରି ପ୍ରସ୍ତୁତ କରାଯାଇଥିବା ଏହି ପାଠ୍ୟପୁସ୍ତକଟି ମାତୃଭାଷା ପଠନର ସର୍ବବିଧ ଲକ୍ଷ୍ୟ ପୂରଣରେ ସହାୟକ ହେବ ବୋଲି ଆଶା ରଖୁଛି ଏବଂ ପୁସ୍ତକର ସଂପାଦନାମଣ୍ଡଳୀ, ଓଡ଼ିଆ ସିଲାବସ କମିଟିର ସଭ୍ୟବୃନ୍ଦ ଏବଂ ସଂଯୋଜିକାଙ୍କୁ ପରିଷଦ ତରଫରୁ କୃତଜ୍ଞତା ଜ୍ଞାପନ କରୁଛି ।

ବିଜ୍ଞ ପାଠକପାଠିକା ଏବଂ ବିଷୟ ପଢ଼ାଉଥିବା ଶିକ୍ଷକଶିକ୍ଷୟିତ୍ରୀମାନଙ୍କର ଗଠନମୂଳକ ମତାମତ ଓ ପରାମର୍ଶକୁ ପରବର୍ତ୍ତୀ ସଂସ୍କରଣ ନିମନ୍ତେ ସ୍ୱାଗତ କରୁଛି ।

**ସଭାପତି**
**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା**

# ॥ ପୂର୍ବରୁ ପଦେ ॥

ଜାତୀୟ ପାଠ୍ୟକ୍ରମ-୨୦୦୫ ଓ ବିଦ୍ୟାଳୟ ପାଠ୍ୟକ୍ରମ -୨୦୦୭ ଅନୁସାରେ ନବମ ଶ୍ରେଣୀ ଓଡ଼ିଆ ବିଶଦପାଠ୍ୟ ନିମନ୍ତେ ଏହି ପୁସ୍ତକଟି ପ୍ରସ୍ତୁତ ଓ ସଂପାଦିତ ହୋଇଅଛି । ଶ୍ରେଣୀ କକ୍ଷରେ ପାଠ୍ୟକୁ ସରସ ଓ ରୁଚିକର କରିବା ଉଦ୍ଦେଶ୍ୟରେ ମାତୃଭାଷା- ପାଠ୍ୟପୁସ୍ତକଟିକୁ ଶିକ୍ଷଣ-କାର୍ଯ୍ୟଭିତ୍ତିକ କରାଯାଇଅଛି । ଜାତୀୟ ଶିକ୍ଷାନୀତି ପ୍ରଦର୍ଶିତ ମୂଲ୍ୟବୋଧ ଭିତ୍ତିରେ ପ୍ରସଙ୍ଗ ଚୟନ କରାଯାଇଛି । ଏ ସମସ୍ତ ରଚନାର ଆଧାରରେ ମାତୃଭାଷା ପଢ଼ାଉଥିବା ଶିକ୍ଷକମାନେ ଛାତ୍ର-ଛାତ୍ରୀଙ୍କ ମନରେ ରସାନୁଭୂତି ଓ ସୌନ୍ଦର୍ଯ୍ୟବୋଧ ସହିତ ସାହିତ୍ୟପାଠ ପ୍ରତି ଆଗ୍ରହ ଓ ମାତୃଭାଷା ପ୍ରତି ମମତା ସୃଷ୍ଟି କରିପାରିବେ । ପୁସ୍ତକଟିର ଯଥାଯଥ ଶିକ୍ଷଣ ଦ୍ୱାରା ଛାତ୍ରଙ୍କ ଭାଷାଜ୍ଞାନ ଯେ ବୃଦ୍ଧି ପାଇବ - ଏଥିରେ ସନ୍ଦେହ ନାହିଁ । ଶିକ୍ଷକମାନେ ଏ ସମସ୍ତ ଦିଗରେ ଯତ୍ନବାନ ହେଲେ ଆମମାନଙ୍କ ଶ୍ରମ ସାର୍ଥକ ହେବ ।

**ସଂପାଦନାମଣ୍ଡଳୀ**

# ଭାରତର ସମ୍ବିଧାନ

**ପ୍ରାକ୍ କଥନ :**

ଆମେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗାଣତନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ସମସ୍ତ ନାଗରିକଙ୍କୁ

- ସାମାଜିକ, ଆର୍ଥନୀତିକ ଓ ରାଜନୀତିକ ନ୍ୟାୟ;
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା;
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ
ଆମର ସଂବିଧାନ ପ୍ରଣୟନ ସଭାରେ ଏତଦ୍ଦ୍ୱାରା
ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

## ଚତୁର୍ଥ ଅଧ୍ୟାୟ (କ)
## ୫୧ (କ) ଧାରା : ମୌଳିକ କର୍ତ୍ତବ୍ୟ

**ଭାରତର ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ -**

(କ) ସମ୍ବିଧାନକୁ ମାନି ଚଳିବା ଏବଂ ଏହାର ଆଦର୍ଶ ଓ ଅନୁଷ୍ଠାନମାନଙ୍କୁ ଏବଂ ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା;

(ଖ) ଯେଉଁସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା;

(ଗ) ଭାରତର ସାର୍ବଭୌମତ୍ୱ, ଏକତା ଓ ସଂହତି ବଜାୟ ଏବଂ ସୁରକ୍ଷିତ ରଖିବା;

(ଘ) ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକ ସ୍ଥଳେ ଜାତୀୟ ସେବା ପ୍ରଦାନ କରିବା;

(ଙ) ଧର୍ମଗତ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ବିଭିନ୍ନତାକୁ ଅତିକ୍ରମ କରି ଭାରତର ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀଜାତିର ମର୍ଯ୍ୟାଦାହାନିସୂଚକ ବ୍ୟବହାର ପରିତ୍ୟାଗ କରିବା;

(ଚ) ଆମର ସଂସ୍କୃତିର ମୂଲ୍ୟବାନ୍ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ ଓ ସଂରକ୍ଷଣ କରିବା;

(ଛ) ଅରଣ୍ୟ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତି କରିବା ଏବଂ ଜୀବଜଗତ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା;

(ଜ) ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧିତ୍ସା ଓ ସଂସ୍କାର ମନୋଭାବ ପୋଷଣ କରିବା;

(ଝ) ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା ଓ ହିଂସା ପରିତ୍ୟାଗ କରିବା;

(ଞ) ବ୍ୟକ୍ତିଗତ ଓ ସମଷ୍ଟିଗତ କାର୍ଯ୍ୟାବଳୀର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ସାଧନ କରିବା, ଯାହା ଦ୍ୱାରା ଆମ ଦେଶ ପ୍ରଚେଷ୍ଟା ଓ କୃତିତ୍ୱର ଉଚ୍ଚତର ସୋପାନକୁ ଅବିରତ ଉନ୍ନତି କରିପାରିବ;

(ଟ) ମାତା ବା ପିତା ବା ଅଭିଭାବକ, ତାଙ୍କର ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସନ୍ତାନ ବା ପାଳିତଙ୍କୁ ଶିକ୍ଷାଲାଭର ସୁଯୋଗ ଯୋଗାଇ ଦେବା ।

# ସୂଚୀ


| | ପଦ୍ୟ | କବି/ଲେଖକ | ପୃଷ୍ଠା |
|---|---|---|---|
| ୧. | କାହା ମୁଖ ଅନାଇ ବଞ୍ଚିବି | ଭକ୍ତ ଚରଣ ଦାସ | ୧ |
| ୨. | ପଦ୍ମ | ମଧୁସୂଦନ ରାଓ | ୮ |
| ୩. | ହେ ମୋର କଲମ | ଗୋଦାବରୀଶ ମହାପାତ୍ର | ୧୪ |
| ୪. | ମଣିଷ ଭାଇ | କୁନ୍ତଳା କୁମାରୀ ସାବତ | ୨୦ |
| ୫. | ଗୋପ ପ୍ରୟାଣ | ମାୟାଧର ମାନସିଂହ | ୨୬ |
| ୬. | ପାଇକବଧୂର ଉଦ୍‌ବୋଧନ | କୃଷ୍ଣଚନ୍ଦ୍ର ତ୍ରିପାଠୀ | ୩୩ |
| ୭. | ମାଟିର ମଣିଷ | ରାଧାମୋହନ ଗଡ଼ନାୟକ | ୪୦ |
| | **ଗଦ୍ୟ** | | |
| ୮. | ଜାତୀୟ ଜୀବନ | ମଧୁସୂଦନ ଦାସ | ୪୭ |
| ୯. | ଭାଷା ଓ ଜାତୀୟତା | ଗୋପବନ୍ଧୁ ଦାସ | ୫୩ |
| ୧୦. | ବାମନର ହାତ ଓ ଆକାଶର ଚନ୍ଦ୍ର | ଗୋଦାବରୀଶ ମିଶ୍ର | ୫୭ |
| ୧୧. | ପ୍ରକୃତ ବନ୍ଧୁ | ଗୋପାଳଚନ୍ଦ୍ର ପ୍ରହରାଜ | ୬୫ |
| ୧୨. | ସମୂହ ଦୃଷ୍ଟି | ସଦାଶିବ ମିଶ୍ର | ୭୧ |
| ୧୩. | ଶକ୍ତି ଓ ଜ୍ଞାନ | ଭୁବନେଶ୍ୱର ବେହେରା | ୮୦ |
| ୧୪. | ଓଡ଼ିଆ ସାହିତ୍ୟ କଥା | ପ୍ରସ୍ତୁତି : ଓଡ଼ିଆ ସିଲାବସ କମିଟି | ୮୯ |
| | **ଗଳ୍ପ** | | |
| ୧୫. | ବୁଢ଼ା ଶଙ୍ଖାରି | ଲକ୍ଷ୍ମୀକାନ୍ତ ମହାପାତ୍ର | ୯୯ |
| ୧୬. | ପତାକା ଉତ୍ତୋଳନ | ସୁରେନ୍ଦ୍ର ମହାନ୍ତି | ୧୦୫ |
| ୧୭. | ଲକ୍ଷ୍ମୀର ଅଭିସାର | ମନୋଜ ଦାସ | ୧୧୧ |
| | **ଏକାଙ୍କିକା** | | |
| ୧୮. | ଦଳବେହେରା | କାଳୀଚରଣ ପଟ୍ଟନାୟକ | ୧୧୫ |
| ୧୯. | ଦୂର ପାହାଡ଼ | ପ୍ରାଣବନ୍ଧୁ କର | ୧୩୧ |


❖❖❖

# କାହା ମୁଖ ଅନାଇ ବଞ୍ଚିବି

● ଭକ୍ତ ଚରଣ ଦାସ

**କବି ପରିଚୟ :**

*ଭକ୍ତ ଚରଣ ଦାସ (୧୮ଶ ଶତାବ୍ଦୀ) ଖୋର୍ଦ୍ଧା ଜିଲ୍ଲାର ରାଜସୁନାଖଳା ନିକଟବର୍ତ୍ତୀ ସାନପଦର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପ୍ରଥମ ନାମ ଥିଲା ବୈରାଗୀ ଚରଣ ପଟ୍ଟନାୟକ । ବୈଷ୍ଣବ ଧର୍ମ ଦୀକ୍ଷା ନେବା ପରେ ସେ ଭକ୍ତ ଚରଣ ଦାସ ନାମରେ ପରିଚିତ ହେଲେ । ରୀତିଯୁଗର ଅନ୍ୟତମ ପ୍ରସିଦ୍ଧ ବୈଷ୍ଣବ କବି ଭାବରେ ଓଡ଼ିଶାରେ ସେ ପରିଚିତ । ସେ ଜଣେ ଭକ୍ତିଭାବାପନ୍ନ କବି ଥିଲେ । ସରଳ ଓ ପ୍ରାଞ୍ଜଳ ଅଭିବ୍ୟକ୍ତି ହିଁ ତାଙ୍କ ରଚନାର ବୈଶିଷ୍ଟ୍ୟ । 'ମନବୋଧ ଚଉତିଶା', 'କଳାକଳେବର ଚଉତିଶା', 'ଗୋପ ମଙ୍ଗଳ', 'ମନଃ ଶିକ୍ଷା' ଓ 'ମଥୁରା ମଙ୍ଗଳ' କବିଙ୍କର ଶ୍ରେଷ୍ଠ ରଚନାବଳି ।*

*ସଂକଳିତ ପଦ୍ୟାଂଶଟି କବିଙ୍କ ରଚିତ 'ମଥୁରା ମଙ୍ଗଳ'ର ଷଷ୍ଠ ଛାନ୍ଦରୁ ଗୃହୀତ । ଷଷ୍ଠ ଛାନ୍ଦଟିର କୋଡ଼ିଏଟି ପଦ ମଧ୍ୟରୁ ପ୍ରଥମ ଆଠୋଟି ପଦ ଏଥିରେ ଗ୍ରହଣ କରାଯାଇ 'କାହାମୁଖ ଅନାଇ ବଞ୍ଚିବି' ନାମକରଣ କରାଯାଇଛି । ଶ୍ରୀକୃଷ୍ଣ କଂସର ଧନୁ ଉତ୍ସବ ଦେଖିବାକୁ ମଥୁରାକୁ ଯିବାବେଳେ ଯଶୋଦାଙ୍କ ମାତୃହୃଦୟ ଆଶଙ୍କାରେ ବ୍ୟାକୁଳ ହୋଇ ଉଠିଛି । ସଂଶିତ କବିତାରେ ମାତୃ ହୃଦୟର ଗଭୀର ବାତ୍ସଲ୍ୟମମତା ଜୀବନ୍ତ ଭାବରେ ବର୍ଣ୍ଣିତ ।*

---

**(ରାଗ - ବରାଡ଼ି, ବାହୁଡ଼ା ବସନ୍ତ ବୃତ୍ତ)**

**ଆ**ରେ ବାବୁ ଶ୍ୟାମଘନ ତୁ ଗଲେ ମଧୁଭୁବନ
କାହା ମୁଖ ଅନାଇ ବଞ୍ଚିବି
ହେବ ଦଶଦିଗ ଶୂନ୍ୟ ଅଥିର ହେବ ଜୀବନ
ନିଶି ଦିବସରେ ଝୁରୁଥିବି ରେ ଜୀବଧନ ।
ଜୀବନ ବିହୁନେ ଯେହ୍ନେ ଝଷ ।
ରାଜା ବିନେ ଯେହ୍ନେ ଗ୍ରାମ ଦେଶ ରେ । ୧ ।

କାହା ଅଙ୍ଗେ ଚତୁଃସମ ଲେପିବି କରି ସୁଷମ

ନିଦ୍ରାରେ କେ ହେଉଥିବ ଘାରି ।

କାହାକୁ ଅଞ୍ଜନ ଦେବି; ବସ୍ତ୍ର ପାଡ଼ି ଶୁଆଇବି

ପିତାଙ୍କୁ ମାଗିବ କେହୁ ହରି ରେ ଜୀବଧନ ।

ଏକଥା ସୁମରି ଯିବି ମରି ।

ନିଶ୍ଚେ ଯେବେ ଯିବୁ ମଧୁପୁରୀ ରେ । ୨ ।

ବାନ୍ଧିବି କାହାର କେଶ କୁସୁମେ କରି ସୁବେଶ

କାହା ଲଲାଟରେ ଦେବି ଚିତା

କାହାର କର୍ଣ୍ଣେ କୁଣ୍ଡଳ ଖଞ୍ଜିବି ରେ ମୋର ବାଳ

କାହାପାଇଁ କରୁଥିବି ଚିନ୍ତା ରେ ଜୀବଧନ ।

କାହା ଅଙ୍ଗୁ ଧୂଳି ଦେବି ପୋଛି ।

କାହାକୁ ବା ପିନ୍ଧାଇବି କାଛି ରେ । ୩ ।

ଯେତେବେଳେ ବନେ ଯାଉ ସଙ୍ଗରେ ମୋ ପ୍ରାଣ ନେଉ

ନିମିଷେ ବିଚ୍ଛେଦ ନ ସହଇ ।

ଏବେ ଯିବୁ ମଥୁରାକୁ ମୋତେ ସମର୍ପି କାହାକୁ

ଚନ୍ଦ୍ରମୁଖ ନ ଦେଖିଲେ ମୁହିଁରେ ଜୀବଧନ ।

ଜୀବନ ହାରିବି ଗଣ୍ଡ ଜଳେ ।

ତୁ ମୋତେ ଅନ୍ତର ହେଲେ ତିଳେ ରେ । ୪ ।

ସରଲବଣୀ ଅଧାମ ପକ୍ୱରମ୍ଭା ସୁଧାସମ

ମୁଖେ ଦେଲେ ଥୁ ଥୁ କରି ଫିଙ୍ଗୁ ।

ଯେତେ ରୂପେ ନାଳିଆଇ ପରଷଇ ବଳିଆଇ

କୋପେ ଉଠି ପାକଭାଣ୍ଡ ଭାଙ୍ଗୁ ରେ ଜୀବଧନ ।

ଏବେ ଦୂର ହୋଇବ ସେ କଥା

କି ନ କରେ ଦାରୁଣ ବିଧାତା ରେ । ୫ ।

ଛାଇକି ଅନାଇଁ ଡରୁ ଧାଇଁ ମୋତେ କୋଳ କରୁ

ବସନେ ଘୋଡ଼ାଇ ମୁଖ ଗୋଟି

ହେଉଥାଉ ଥରହର ଦେଖିଲେ ଅନ୍ଧାର ଘର

ଉଛ ପାବଚ୍ଛ ନପାରୁ ଉଠି ରେ ଜୀବଧନ

ମଧୁପୁରେ ହସ୍ତୀ ଘୋଡ଼ାମାନ

ଗର୍ଜିଲେ ନ ପୁଣ ଡରୁ ଶ୍ୟାମ ରେ । ୬ ।

କାନ୍ଥେ ଦେଖି ଚିତ୍ରପନ୍ତି ନାନା ଭୟଙ୍କର ମୂର୍ତ୍ତି

ଭୟେ ଯାଉ ସେ ଘରୁ ପଳାଇ

ଏବେ କଂସପୁର ଯିବୁ ରାକ୍ଷସମାନ ଦେଖିବୁ

ଡରି କାହାକୁ ଧରିବୁ ଯାଇ ରେ ଜୀବଧନ ।

ମାଏ ବୋଲି ଡାକିବୁ କାହାକୁ

ସାହା ବା କେ ଆହା ବୋଲିବାକୁ ରେ । ୭ ।

ନିଶାକାଳେ ମୋର କୋଳେ ଶୋଇଥାଉ ଶ୍ରମବଳେ

ସ୍ୱପନରେ ଦେଖି କିସ କିସ

ମା' ବୋଲି ଚମକି ପଡୁ କଣ୍ଠେ ଦୁଇଭୁଜ ଭିଡୁ

ପୁଣି ଶୋଉ ଘୋଡ଼ି ହୋଇ ବାସ ରେ ଜୀବଧନ ।

ସେ କଥା ସୁମରି ମରିଯିବି

ଉଠ ବୋଲି କାହାକୁ ଡାକିବି ରେ । ୮ ।

**ସୂଚନା :**

ଶ୍ୟାମଘନ - କଳାମେଘ, ଶ୍ରୀକୃଷ୍ଣ

ମଧୁଭୁବନ - ମଥୁରା

ଦଶଦିଗ - ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ, ଅଗ୍ନି, ବାୟୁ, ଈଶାନ, ନୈଋତ, ଊର୍ଦ୍ଧ୍ୱ ଓ ଅଧଃ - ଏହି ଦଶଟି ଦିଗ ।

ଜୀବନ - ଜଳ

| | | | |
|---|---|---|---|
| ଝଷ | - ମାଛ | ରମ୍ଭା | - କଦଳୀ |
| ଯେହ୍ନେ | - ଯେପରି | ନାଳିଆଇ | - କଅଁଳେଇ, ବୁଝେଇ ଶୁଝେଇ |
| ଚତୁଃସମ | - ଚନ୍ଦନ, ଅଗୁରୁ, କୁଙ୍କୁମ ଓ କସ୍ତୂରୀ | ବଳିଆଇ | - ବଳେଇ କରି |
| ସୁଷମ | - ସୁନ୍ଦର | ପାକ ଭାଣ୍ଡ | - ରାନ୍ଧିବା ହାଣ୍ଡି |
| ଅଞ୍ଜନ | - କଜ୍ଜ୍ୱଳ | ଦାରୁଣ | - ନିଷ୍ଠୁର |
| ପାଡ଼ି | - ବିଛେଇ, ପାରିଦେଇ | ପାବଚ୍ଛ | - ପାହାଚ |
| ହରି | - ଚନ୍ଦ୍ର | ନ ପୁଣ ଡରୁ | - ଯେପରି ଆଉ ଥରେ ନ ଡରୁ |
| ବାଳ | - ବାଳକ, ଏଠାରେ ପୁଅ | ପନ୍ତି | - ସମୂହ, ଧାଡ଼ି |
| କାଛି | - ଛୋଟଲୁଗା, କାଛିଆ | ମାଏ | - ମାଆ |
| ନିମିଷେ | - ଅଳ୍ପ ସମୟ ପାଇଁ | ସାହା | - ସହାୟ |
| ଗଣ୍ଡ | - ଗଭୀର | ଶ୍ରମବଳେ | - କ୍ଲାନ୍ତ ହୋଇ |
| ଅଧାମ | - ରାବିଡ଼ି | | |

## ପ୍ରଶ୍ନାବଳୀ

### ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୧. ନିମ୍ନୋକ୍ତ ଉକ୍ତି ମଧ୍ୟରୁ ଯେଉଁ ଗୁଡ଼ିକ ଠିକ୍ ତାହା ଲେଖ ।

(କ) 'ଜୀବନ' ଅଭାବରେ ମାଛ ବଞ୍ଚିପାରେ ।

(ଖ) କୃଷ୍ଣ ତାଙ୍କ ପିତାଙ୍କୁ ଚନ୍ଦ୍ର ଆଣିଦେବା ପାଇଁ ଅଳି କରୁଥିଲେ ।

(ଗ) ଯଶୋଦା କୃଷ୍ଣଙ୍କୁ ମଥୁରାକୁ ଯିବାକୁ ବାରଣ କରୁଥିଲେ ।

(ଘ) ଯଶୋଦା ପକ୍ଷରେ କୃଷ୍ଣ ବିଚ୍ଛେଦ ଅସହ୍ୟ ଥିଲା ।

(ଙ) କୃଷ୍ଣ ପିଲାଦିନେ କାହାକୁ ଡରୁ ନଥିଲେ ।

(ଚ) କୃଷ୍ଣ ରାଗିଗଲେ ରନ୍ଧାହାଣ୍ଡି ଭାଙ୍ଗି ଦେଉଥିଲେ ।

(ଛ) କୃଷ୍ଣ ଉଚ୍ଚପାହାଚ ଚଢ଼ିପାରୁ ନଥିଲେ ।

୨. ପଠିତାଂଶରୁ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ମା' ପୁଅ ଆଖିରେ __________ ଲଗାଇଲେ ।

(ଖ) ମୋ କଥାକୁ ସେ __________ ଗ୍ରହଣ କଲା ନାହିଁ ।

(ଗ) ଗରିବଟିର __________ କେହି ନାହାନ୍ତି ।

(ଘ) ସନ୍ନ୍ୟାସୀଙ୍କ __________ ମଣ୍ଡଳରେ ଅପୂର୍ବ ଜ୍ୟୋତି ପ୍ରକାଶିତ ।

(ଙ) ମୋ ସହିତ ମୋ __________ ସବୁଆଡ଼େ ଯାଏ ।

୩. ନିମ୍ନଲିଖିତ ଶବ୍ଦଗୁଡ଼ିକର ଗଦ୍ୟରୂପ ଲେଖ ।

ଅଥିର, ସୁମରି, ସ୍ୱପନ, ଯେହ୍ନେ

୪. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କରୁଥିବା ବାକ୍ୟରେ ବ୍ୟବହାର କର ।

ଜୀବନ, ଚିତା, ହରି, ବାଳ, ନିଶା

୫. ନିମ୍ନ ଶବ୍ଦଗୁଡ଼ିକର ଅର୍ଥଗତ ପ୍ରଭେଦ ଦର୍ଶାଅ ।

ସର-ଶର, ସୁଧା-ସୁଦ୍ଧା, ସମ - ଶମ

୬. ନିମ୍ନ ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।

ରାଜା, ନିଶି, ବସ୍ତ୍ର, ଅଙ୍ଗ, ବନ

୭. ନିମ୍ନଲିଖିତ ଶବ୍ଦଗୁଡ଼ିକର ବ୍ୟାସବାକ୍ୟ ସହ ସମାସର ନାମ ଲେଖ ।

ଶ୍ୟାମଘନ, ଦଶଦିଗ, ଚନ୍ଦ୍ରମୁଖ, ପାକଭାଣ୍ଡ

୮. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତ ଶବ୍ଦ ଲେଖ ।

ଶୂନ୍ୟ, ନିଦ୍ରା, ବାନ୍ଧିବା, ବିଚ୍ଛେଦ, ଅନ୍ଧାର

୯. 'କ' ସ୍ତମ୍ଭର ଶବ୍ଦ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ଶବ୍ଦ ଯୋଗକରି ବାକ୍ୟ ଗଠନ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଶ୍ୟାମ | ମୂର୍ତ୍ତି |
| ଚନ୍ଦ୍ର | ପାବଚ୍ଛ |
| ଉଚ୍ଚ | ପନ୍ତି |
| ଚିତ୍ର | ଘନ |
| ଭୟଙ୍କର | ମୁଖ |

**କ୍ଷୁଦ୍ର ଉତ୍ତରମୂଳକ :**

୧୦. 'ଶ୍ୟାମଘନ' ବୋଲି କିଏ, କାହାକୁ ସମ୍ବୋଧନ କରିଛନ୍ତି ?

୧୧. 'ଜୀବନ' ବିନା 'ଝଷ'ର କ'ଣ ହୁଏ ?

୧୨. ରାଜାଙ୍କ ବିନା ରାଜ୍ୟର ଅବସ୍ଥା କ'ଣ ହୁଏ ?

୧୩. କୃଷ୍ଣଙ୍କ ଅନୁପସ୍ଥିତିରେ ନିଜର ଜୀବନ କାହାଭଳି ହେବ ବୋଲି ଯଶୋଦା ଆଶଙ୍କା କରିଛନ୍ତି ?

୧୪. କୃଷ୍ଣ ତାଙ୍କ ପିତାଙ୍କୁ କ'ଣ ମାଗନ୍ତି ?

୧୫. ଯଶୋଦା କୃଷ୍ଣଙ୍କ ଶରୀରରେ କ'ଣ ଲେପନ କରୁଥିଲେ ?

୧୬. ଯଶୋଦା କୃଷ୍ଣଙ୍କ ମସ୍ତକକୁ କିପରି ବେଶ କରୁଥିଲେ ?

୧୭. କୃଷ୍ଣଙ୍କ କାନରେ କ'ଣ ଶୋଭାପାଏ ?

୧୮. କୃଷ୍ଣ ବନକୁ ଗଲେ ଯଶୋଦାଙ୍କ ମନରେ କି ଅନୁଭୂତି ସୃଷ୍ଟି ହୁଏ ?

୧୯. କୃଷ୍ଣଙ୍କ ଅନୁପସ୍ଥିତିରେ ଯଶୋଦା କ'ଣ କରିବେ ବୋଲି କହିଛନ୍ତି ?

୨୦. ଯଶୋଦା କୃଷ୍ଣଙ୍କୁ କ'ଣ କ'ଣ ଖାଇବାକୁ ଦିଅନ୍ତି ?

୨୧. କୃଷ୍ଣଙ୍କୁ ସୁସ୍ୱାଦୁ ଖାଦ୍ୟ ରୁଚେ ନାହିଁ ବୋଲି କବିତାର ଯେଉଁ ପଂକ୍ତିରୁ ଜଣାପଡୁଛି ତାହା ଲେଖ ।

୨୨. କୃଷ୍ଣ ରାଗିଗଲେ କ'ଣ କରୁଥିଲେ ?

୨୩. କୃଷ୍ଣ ଡରିଗଲେ କ'ଣ କରୁଥିଲେ ?

୨୪. କୃଷ୍ଣ କାହାକୁ ଦେଖି ଭୟ କରୁଥିଲେ ?

୨୫. କୃଷ୍ଣ ମଥୁରାରେ କ'ଣ ଶୁଣି ଅଧିକ ଭୟଭୀତ ହୋଇ ପଡ଼ିବେ ବୋଲି ଯଶୋଦା ଆଶଙ୍କା ପ୍ରକାଶ କରିଛନ୍ତି ?

୨୬. କୃଷ୍ଣ ଉଚ୍ଚ ପାହାଚ ଉଠିପାରନ୍ତି ନାହିଁ ବୋଲି ଯଶୋଦା କାହିଁକି କହିଛନ୍ତି ?

୨୭. କାନ୍ଥରେ ଭୟଙ୍କର ମୂର୍ତ୍ତିର ଚିତ୍ର ଦେଖି କୃଷ୍ଣ କ'ଣ କରୁଥିଲେ ?

୨୮. କୃଷ୍ଣ କ୍ଲାନ୍ତ ହୋଇ କେଉଁଠି ଶୋଇଯାଉଥିଲେ ?

୨୯. କୃଷ୍ଣ ଶୋଇଥିଲା ବେଳେ କାହିଁକି ଚମକି ଉଠୁଥିଲେ ବୋଲି ଯଶୋଦା କହିଛନ୍ତି ?

୩୦. କୃଷ୍ଣ ଚମକି ପଡ଼ି କ'ଣ କରୁଥିଲେ ?

**ସପ୍ରସଙ୍ଗ ସରଳାର୍ଥ ଲେଖ :**

୩୧. ଜୀବନ ବିହୁନେ ଯେହ୍ନେ ଝଷ
ରାଜା ବିନେ ଯେହ୍ନେ ଗ୍ରାମ ଦେଶ ।

୩୨. ଯେତେବେଳେ ବନେ ଯାଉ ସଙ୍ଗରେ ମୋ ପ୍ରାଣ ନେଉ
ନିମିଷେ ବିଛେଦ ନ ସହଇ ।

୩୩. ସରଲବଣୀ ଅଧାମ ପକ୍ୱରମ୍ଭା ସୁଧା ସମ
ମୁଖେ ଦେଲେ ଥୁ ଥୁ କରି ଫିଙ୍ଗୁ ।

୩୪. ଛାଇକି ଅନାଇ ଡରୁ ଧାଇଁ ମୋତେ କୋଳ କରୁ
ବସନେ ଘୋଡ଼ାଇ ମୁଖ ଗୋଟି

୩୫. ମାଏ ବୋଲି ଡାକିବୁ କାହାକୁ
ସାହା ବା କେ ଆହା ବୋଲିବାକୁ ରେ ।

**ଦୀର୍ଘ ଉତ୍ତରମୂଳକ :**

୩୬. ଯଶୋଦାଙ୍କ ମାତୃ ହୃଦୟର ମଧୁର ଅଭିବ୍ୟକ୍ତି କିପରି ପ୍ରକାଶିତ ହୋଇଛି ପଠିତ କବିତା ଅନୁସରଣରେ ଲେଖ ।

୩୭. କବିତାଟିର ଆଧାରରେ କୃଷ୍ଣଙ୍କ ବାଲ୍ୟକାଳର ଏକ ଆଲେଖ୍ୟ ପ୍ରଦାନ କର ।

୩୮. କବିତାଟିର ନାମକରଣର ସାର୍ଥକତା ପ୍ରତିପାଦନ କର ।

୩୯. କୃଷ୍ଣଙ୍କ ମଥୁରା ଗମନରେ ମା’ ଯଶୋଦା କାହିଁକି ଆତଙ୍କିତ ହୋଇପଡ଼ିଛନ୍ତି ଲେଖ ।

୪୦. କୃଷ୍ଣଙ୍କ ବାଲ୍ୟକାଳର ବେଶଭୂଷା ବର୍ଣ୍ଣନା କର ।

**ତୁମପାଇଁ କାମ :**

୪୧. ଭକ୍ତଚରଣ ଦାସଙ୍କ ‘ମଥୁରାମଙ୍ଗଳ’ ଏବଂ ଅନ୍ୟ କୃତିଗୁଡ଼ିକ ସଂଗ୍ରହ କରି ପଢ଼ ।

୪୨. ଶ୍ରୀକୃଷ୍ଣଙ୍କ ଲୀଳା ବର୍ଣ୍ଣନା କରାଯାଇଥିବା କାବ୍ୟଗୁଡ଼ିକର ନାଁ ଓ ଲେଖକଙ୍କ ନାଁ ସଂଗ୍ରହ କରି ଟିପା ଖାତାରେ ଲେଖ ।

❖❖❖

# ପଦ୍ମ

**● ମଧୁସୂଦନ ରାଓ**

## କବି ପରିଚୟ :

*ମଧୁସୂଦନ ରାଓ (୧୮୫୩-୧୯୧୨) ଥିଲେ ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ସ୍ରଷ୍ଟା । ଗୀତିକବିତା, ପ୍ରବନ୍ଧ, ଅନୁବାଦ, ଶିଶୁ ସାହିତ୍ୟର ରଚୟିତା ଭାବରେ ସେ ବିଶେଷ ସମ୍ମାନାସ୍ପଦ । ବ୍ରାହ୍ମଧର୍ମ ଗ୍ରହଣ ପରେ ତାଙ୍କ କବିତାର ଆତ୍ମିକ ବିଭବରେ ପରିବର୍ତ୍ତନ ଲକ୍ଷ୍ୟ କରାଗଲେ ମଧ୍ୟ ଉପନିଷଦୀୟ ଭାବଧାରା ତାହା ଭିତରେ ଉପଲବ୍ଧି କରିହୁଏ । ଓଡ଼ିଆ ପ୍ରବନ୍ଧ ଓ ଶିଶୁ ସାହିତ୍ୟକୁ ତାଙ୍କର ଅବଦାନ ଅତୁଳନୀୟ । ଈଶ୍ୱର ଭକ୍ତି, ରହସ୍ୟବାଦୀ ଚିନ୍ତାଧାରା ଓ ସର୍ବୋପରି ଜୀବନବାଦୀ ଭାବଧାରା ତାଙ୍କ କବିତାଗୁଡ଼ିକୁ ଚିରନ୍ତନ ମୂଲ୍ୟବୋଧରେ ଋଦ୍ଧିମନ୍ତ କରିଛି । 'କବିତାବଳୀ', 'ଛାନ୍ଦମାଳା', 'କୁସୁମାଞ୍ଜଳି', 'ବସନ୍ତ ଗାଥା', 'ପ୍ରବନ୍ଧମାଳା', 'ବର୍ଣ୍ଣବୋଧ' ଆଦି କୃତି ଓଡ଼ିଆ ସାହିତ୍ୟକୁ ତାଙ୍କର ଅମୂଲ୍ୟ ଅବଦାନ ।*

*'ପଦ୍ମ' କବିତାଟିରେ ସୌନ୍ଦର୍ଯ୍ୟବୋଧ ସହିତ ଈଶ୍ୱରାନୁଭୂତି ସମ୍ମିଶ୍ରିତ । ମଣିଷପାଇଁ ଏହା ଏକ ଉତ୍ତରଣର ମାର୍ଗ ପ୍ରଦର୍ଶନ କରିପାରିଅଛି । କବିତାଟି 'ଛାନ୍ଦମାଳା'ର ଅନ୍ତର୍ଗତ ।*

---

୧

**କୋ**ଟି ଲାବଣ୍ୟନିଧି ରେ ପଦ୍ମ ତୁହି,
କି ଅମୃତେ ତୋ'ତନୁ ଗଢ଼ିଲା ବିହି !
ତୋ' ରୂପ-ଦରଶନେ ମୋ'ର ହୃଦୟ,
ପୁଣ୍ୟ ଆନନ୍ଦେ ହୁଏ ଅମୃତ ମୟ ।

୨

ଢଳ ଢଳ ସୁନୀଳ ସରସୀ ଜଳ,
ଢଳ ଢଳ ଶ୍ୟାମଳ ନଳିନୀ ଦଳ,
ଢଳ ଢଳ ଭାସ୍କର- ରଶ୍ମି ଉଜ୍ଜ୍ୱଳ,
ତା' ମଧ୍ୟେ ଢଳ ଢଳ ତୁହି କମଳ ।

୩

ହସ ହସ ବଦନେ ହରଷଭରେ
ଅନାଇ ରହିଅଛୁ ତୁ ଦିବାକରେ;
ତୋ'ମୁଖେ ଜ୍ୟୋତିଧାରା ସେ ଦିବାକର,
ଢାଳଇ ଅବିରଳ ଆରେ ପୁଷ୍କର ।

୪

ପିଉ ତୁ କି ଆନନ୍ଦେ ପୀୟୂଷ ସରି,
ସେ ଶୁଭ୍ର ଜ୍ୟୋତିଧାରା ଭକତି କରି;
ଆହା କି ଦିବ୍ୟଶିରୀ ତହୁଁ ତୁ ଲଭୁ !
ଧନ୍ୟ ଉତ୍ପଳ, ଧନ୍ୟ ତୋହର ପ୍ରଭୁ !

୫

ମକରନ୍ଦ-ଅମୃତ ହୃଦେ ତୋହର,
ତହୁଁ ସ୍ଫୁରଇ ବାସ କି ମନୋହର !
ସେ ମଧୁପାନେ ମତ୍ତ ମଧୁପଦଳ,
ସେ ସୌରଭେ ପରାଣ କେଡ଼େ ଶୀତଳ !

୬

ଶ୍ୱେତ ଲୋହିତେ ରଙ୍ଗା ତୋ ଶୁଭ୍ର ତନୁ,
ବାରେ ଦେଖିଲେ କେଭେ ନ ଯିବ ମନୁ;
ସର୍ବ ଶୋଭାର ତୁହି ଉପମାସ୍ଥଳ;
ଭକତ ପ୍ରେମିକର ତୁହି ସମ୍ବଳ ।

୭

ସ୍ନେହ, କରୁଣା, ଭକ୍ତି, ପବିତ୍ର ରସ,
ପୂରିଛି ତୋ' ଅନ୍ତର, ରେ ତାମରସ ।
ନୋହିଲେ କାହୁଁ ତୋ'ର ଦର୍ଶନେ ମନ
ବିମଳ ପ୍ରେମରସେ ହୁଏ ମଗନ !

୮

ମଧୁମୟ ପବିତ୍ର ଯାହା ବିଶ୍ୱରେ,
ତୋ'ନାମ ସଙ୍ଗେ ମିଶା ବିଧାତା-ବରେ;
ପ୍ରିୟ-ମୁଖ-ନୟନ କର- ଚରଣ,
ତୋ'ନାମ ସଙ୍ଗେ ସିନା ସୁଖ କାରଣ ।

୯

ସତ୍ୟ-ଶିବ-ସୁନ୍ଦର ପରମେଶ୍ୱର -
ନାମ ସଙ୍ଗତେ ଲଗ୍ନ ନାମ ତୋହର;
ତେଣୁ ରେ ଅରବିନ୍ଦ, ଭକ୍ତ ଜନର
ବିଭୁ ପଦାରବିନ୍ଦ ସୁମନୋହର ।

୧୦

ସର୍ବ ଶୋଭାର ସଦ୍ମ ରେ ପଦ୍ମ, ତୋ'ର-
ସଙ୍ଗେ ନିଗୂଢ଼ ଯୋଗ ଅଛଇ ମୋ'ର,
ଜୀବନ ମରଣରେ ତୋ'ସଙ୍ଗେ ମିଶି,
ଥାଉ ମୋ' ମନ-ପଦ୍ମ ଦିବସ ନିଶି ।

୧୧

କଳୁଷ-ପଙ୍କେ ମୁହିଁ କେଡ଼େ ମଳିନ,
କେମନ୍ତେ ସରି ତୋ'ର ହେବି ନଳିନ !
ପଙ୍କଜ ଅଟୁ ତୁହି ତେଣୁ ଭରସା
ତୋ'ପରି ଶୁଭ୍ର ହେବି ଲଭି ସୁଦଶା ।

୧୨

ଅନନ୍ତ ମହେଶ୍ୱରେ ମୋ' ପ୍ରାଣସାଇଁ
ବୋଲି, ରାଜୀବ ସଦା ଥିବି ଅନାଇଁ ।
ଶିଖାଅ ମୋତେ ସଦା ଏ ପୁଣ୍ୟବ୍ରତ,
ତୋ'ର ଆଶିଷେ ପୂରୁ ମୋ' ମନୋରଥ ।

**ସୂଚନା :**

କୋଟି - କୋଟିଏ ସଂଖ୍ୟା

ନିଧି - ସମ୍ପତ୍ତି

ବିହି - ବିଧାତା

ଭାସ୍କର - ସୂର୍ଯ୍ୟ

ଦିବାକର - ସୂର୍ଯ୍ୟ

ଉତ୍ପଳ - ପଦ୍ମ,

ଅବିରଳ - ନିବିଡ଼, ଘନ

ମକରନ୍ଦ - ପୁଷ୍ପମଧୁ, ଫୁଲର ମହୁ

ସୌରଭ - ବାସ୍ନା

ତାମରସ - ପଦ୍ମ

ବିଧାତା-ବରେ - ଭଗବାନଙ୍କ ଆଶୀର୍ବାଦରେ

ଲଗ୍ନ - ଲାଗିବା, ଯୋଡ଼ିହେବା, ଯୁକ୍ତ

ସଦ୍ମ - ମିଳନ ସ୍ଥଳ, ଘର

ନିଗୂଢ଼ - ଗଭୀର, ରହସ୍ୟାଚ୍ଛନ୍ନ

ସାଇଁ - ସ୍ୱାମୀ, ପ୍ରଭୁ

ଲାବଣ୍ୟ - ସୌନ୍ଦର୍ଯ୍ୟ

ତନୁ - ଶରୀର

ସରସୀ - ପୋଖରୀ

ରଶ୍ମି - କିରଣ

ପୀୟୂଷ - ଅମୃତ

ଶିରୀ - ସୌନ୍ଦର୍ଯ୍ୟ

ମତ୍ତ - ପାଗଳ

ମଧୁପ - ଭ୍ରମର

ସମ୍ବଳ - ଆଶ୍ରୟ, ପୁଞ୍ଜି

ବିମଳ - ନିର୍ମଳ

ଯୋଗ - ସଂପର୍କ

କଳୁଷ - ପାପ

ସୁଦଶା - ସୌଭାଗ୍ୟ

## ପ୍ରଶ୍ନାବଳୀ

### ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୧. 'ଦରଶନେ'ର ଗଦ୍ୟରୂପ 'ଦର୍ଶନରେ' । ଏହିପରି ପଦ୍ୟରୂପ ଲେଖାଯାଇଥିବା ଶବ୍ଦଗୁଡ଼ିକର ଗଦ୍ୟରୂପ ପଠିତ କବିତାରୁ ବାଛି ଲେଖ ।

୨. 'ପଦ୍ମ', 'ଭଗବାନ', ଓ 'ସୂର୍ଯ୍ୟ'ର ପ୍ରତିଶବ୍ଦଗୁଡ଼ିକ କବିତାରୁ ବାଛି ଲେଖ ।

୩. 'ଜୀବନ-ମରଣ' ଭଳି ବିପରୀତଅର୍ଥ ସୂଚକ ଯୋଡ଼ିଶବ୍ଦର ପାଞ୍ଚଗୋଟି ଉଦାହରଣ ଦିଅ ।

୪. ସନ୍ଧି ବିଚ୍ଛେଦ କର ।

ପରମେଶ୍ୱର, ପଦାରବିନ୍ଦ, ମହେଶ୍ୱର, ମନୋରଥ

୫. କବିତାଟିରେ କେଉଁ ଶବ୍ଦ ଏକାଧିକ ଥର ବ୍ୟବହାର କରାଯାଇଛି ଲେଖ ।

୬. ଅର୍ଥଗତ ପାର୍ଥକ୍ୟ ଦର୍ଶାଇ ନିମ୍ନୋକ୍ତ ସମୋଚ୍ଚାରିତ ଶବ୍ଦଗୁଡ଼ିକୁ ସାର୍ଥକ ବାକ୍ୟରେ ବ୍ୟବହାର କର ।

ବାସ-ବାସ, ବର -ବର, କର - କର, ଉପମା - ଉପମା, ଯୋଗ - ଯୋଗ ।

୭. ବିପରୀତାର୍ଥବୋଧକ ଶବ୍ଦ ଲେଖ ।

ଅମୃତ, ଆନନ୍ଦ, ଶୀତଳ, ପବିତ୍ର, ପୁଣ୍ୟ ।

୮. 'କ' ସ୍ତମ୍ଭର ଶବ୍ଦ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ଶବ୍ଦ ବାଛି ଯୋଗ କର ।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| ପବିତ୍ର | ଯୋଗ |
| ସରସୀ | ପଙ୍କ |
| ଦିବ୍ୟ | ରସ |
| ନିଗୂଢ଼ | ଜଳ |
| କଳୁଷ | ଶିରୀ |
| | ବିଧାତା |

୯. ଅଭିଧାନ ନିୟମ ଅନୁସାରେ ସଜାଇ ଲେଖ :

ପୀୟୂଷ, ସୌରଭ, ତନୁ, ତାମରସ, ଶିରୀ, ପୁଷ୍କର, ଅରବିନ୍ଦ ।

୧୦. 'ଦିବାକର' - ଏହି ଶବ୍ଦପରି ଶେଷ ଦୁଇ ଅକ୍ଷର 'କର' ଥିବା ତିନୋଟି ଶବ୍ଦ ଲେଖ ।

୧୧. 'ସୁମନୋହର' - ଏହିପରି 'ସୁ' ଲଗାଇ ପାଞ୍ଚଗୋଟି ଶବ୍ଦ ଲେଖ ।

୧୨. ଅକ୍ଷରଗୁଡ଼ିକ ସଜାଇ ଶବ୍ଦରେ ପରିଣତ କର ।

ମନ୍ଦରକ, ଷରେଭହର, ରତାସମ, ରହନୋମ ।

## କ୍ଷୁଦ୍ର ଉତ୍ତରମୂଳକ :

୧୩. ପଦ୍ମ ଦର୍ଶନରେ କବିଙ୍କ ହୃଦୟରେ କି ଭାବ ସୃଷ୍ଟି ହୁଏ ?

୧୪. ପଦ୍ମଫୁଲଟି କାହା ମଧ୍ୟରେ ଢଳ ଢଳ ହେଉଛି ?

୧୫. ସୂର୍ଯ୍ୟ ପଦ୍ମ ମୁଖରେ କ'ଣ ଢାଳନ୍ତି ?

୧୬. କବି କାହାକୁ ପୀୟୂଷ ସହିତ ତୁଳନା କରିଛନ୍ତି ?

୧୭. କବି କାହାକୁ ଧନ୍ୟ ବୋଲି କହିଛନ୍ତି ?

୧୮. ମଧୁପଦଳ କ'ଣ ପାଇଁ ପାଗଳ ହୁଅନ୍ତି ?

୧୯. ପଦ୍ମଫୁଲ ଦେଖିବାକୁ କିପରି ?

୨୦. କେଉଁ ରସରେ ପଦ୍ମ ଅନ୍ତର ପରିପୂର୍ଣ୍ଣ ?

୨୧. ପଦ୍ମ ସହିତ ଶରୀରର କେଉଁ ଅଂଗଗୁଡ଼ିକୁ ତୁଳନା କରାଯାଏ ?

୨୨. ଶରୀରର କେଉଁ କେଉଁ ଅଂଗ ପଦ୍ମ ନାମ ସହିତ ମିଶିଥାଏ ?

୨୩. ସତ୍ୟ ଶିବ ସୁନ୍ଦର କିଏ ?

୨୪. ସର୍ବଶୋଭାର ମିଳନସ୍ଥଳ ବୋଲି କବି କାହାକୁ କହିଛନ୍ତି ?

୨୫. କବି ନିଜକୁ ପଦ୍ମ ସହିତ ତୁଳନା କରିବାରେ ଦୁଃଖିତ କାହିଁକି ?

୨୬. 'ତୋ ପରି ଶୁଭ୍ର ହେବି' - କବି କାହାକୁ ଏପରି କହିଛନ୍ତି ?
୨୭. କବି କାହାଠାରୁ ଆଶୀର୍ବାଦ ଭିକ୍ଷା କରିଛନ୍ତି ?
୨୮. କବି କେଉଁ ପୁଣ୍ୟବ୍ରତ ଶିଖିବା ପାଇଁ ଇଚ୍ଛା କରିଛନ୍ତି ?
୨୯. ପ୍ରିୟଜନଙ୍କର ବିଭିନ୍ନ ଅଙ୍ଗ କେତେବେଳେ ସୁଖର କାରଣ ହୋଇଥାଏ ବୋଲି କବି କହିଛନ୍ତି ?
୩୦. ସୂର୍ଯ୍ୟ ଓ ପଦ୍ମ ମଧ୍ୟରେ କି ପ୍ରକାର ସଂପର୍କ ରହିଛି ?
୩୧. ପଦ୍ମ ସୂର୍ଯ୍ୟଙ୍କୁ କିପରି ଚାହିଁଥାଏ ?
୩୨. ଇଚ୍ଛା ପୂରଣ ପାଇଁ କବି କାହାର ଆଶୀର୍ବାଦ କାମନା କରିଛନ୍ତି ?

**ସପ୍ରସଙ୍ଗ ସରଳାର୍ଥ ଲେଖ :**

୩୩. ଆହା କି ଦିବ୍ୟଶିରୀ ତହୁଁ ତୁ ଲଭୁ,
ଧନ୍ୟ ଉତ୍ପଳ ଧନ୍ୟ ତୋହର ପ୍ରଭୁ ।
୩୪. ସର୍ବଶୋଭାର ତୁହି ଉପମା ସ୍ଥଳ
ଭକତ ପ୍ରେମିକର ତୁହି ସମ୍ବଳ ।
୩୫. ମଧୁମୟ ପବିତ୍ର ଯାହା ବିଶ୍ୱରେ
ତୋ' ନାମ ସଙ୍ଗେ ମିଶା ବିଧାତା ବରେ ।
୩୬. କଳୁଷ-ପଙ୍କେ ମୁହିଁ କେଡ଼େ ମଳିନ ।
କେମନ୍ତେ ସରି ତୋର ହେବି ନଳିନ ।
୩୭. ଶିଖାଅ ମୋତେ ସଦା ଏ ପୁଣ୍ୟବ୍ରତ,
ତୋ'ର ଆଶିଷେ ପୂରୁ ମୋ' ମନୋରଥ ।

**ଦୀର୍ଘ ଉତ୍ତରମୂଳକ :**

୩୮. ପଦ୍ମଠାରୁ ମଣିଷ କି ଶିକ୍ଷା ଲାଭ କରିଥାଏ ? ପଠିତ କବିତା ଆଧାରରେ ଲେଖ ।
୩୯. ପଠିତ କବିତା ଅନୁସରଣରେ କବିଙ୍କ ଜୀବନ ପ୍ରତି ଆଭିମୁଖ୍ୟ ଆଲୋଚନା କର ।
୪୦. ମଣିଷ ସହିତ ପଦ୍ମର କିପରି ଗଭୀର ସଂପର୍କ ରହିଛି, ଆଲୋଚନା କର ।
୪୧. ପଠିତ କବିତା ଅନୁସରଣରେ କବିଙ୍କ ଭକ୍ତିଭାବର ପରିଚୟ ଦିଅ ।
୪୨. ପଠିତାଂଶ ଅବଲମ୍ବନରେ କବିଙ୍କର ପ୍ରକୃତିପ୍ରାଣତା ସଂପର୍କରେ ଆଲୋଚନା କର ।

**ତୁମପାଇଁ କାମ :**

୪୩. ମଧୁସୂଦନ ରାଓଙ୍କର ଅନ୍ୟାନ୍ୟ କୃତିଗୁଡ଼ିକ ପାଠ କର ।
୪୪. ମଧୁସୂଦନ ରାଓଙ୍କର ଲେଖାରୁ ଭକ୍ତିଭାବ ପ୍ରତିଫଳିତ ହେଉଥିବା ପଦଗୁଡ଼ିକୁ ଟିପାଖାତାରେ ଟିପିରଖ ।

❖❖❖

# ହେ ମୋର କଲମ

● ଗୋଦାବରୀଶ ମହାପାତ୍ର

**କବି ପରିଚୟ :**

*ଗୋଦାବରୀଶ ମହାପାତ୍ର (୧୮୯୮-୧୯୬୫) ଛାତ୍ରଜୀବନରୁ ଜାତୀୟତାବାଦୀ ଓ ମାନବତାବାଦୀ କବି ଥିଲେ । ବାଣପୁର ଅନ୍ତର୍ଗତ କୁମାରଙ୍ଗ ଶାସନରେ ତାଙ୍କର ଜନ୍ମ ହୋଇଥିଲା । ସତ୍ୟବାଦୀ ବନବିଦ୍ୟାଳୟ ଠାରେ ସେ ଅଧ୍ୟୟନ କରିଥିଲେ । ସେହିଠାରେ ତାଙ୍କର ପ୍ରଥମ କବିତା 'ବାଣପୁର' (୧୯୧୪) ପ୍ରକାଶ ପାଇ ଗୁଣୀ ଜନମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ସତ୍ୟବାଦୀର ଶିକ୍ଷକ, ମହାନ ଜନନେତା ଓ ସାରସ୍ୱତ ସାଧକମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ସାହିତ୍ୟ ସାଧନା ସହିତ ଦେଶମାତୃକାର ସେବା ପାଇଁ ଦୃଢ଼ପ୍ରତିଜ୍ଞ ହୋଇଥିଲେ । ମୃତ୍ୟୁ ପର୍ଯ୍ୟନ୍ତ ସେ ନିରବଚ୍ଛିନ୍ନ ଭାବରେ ତାଙ୍କର ଲେଖନୀ ଚାଳନା କରି ଓଡ଼ିଆ ସାହିତ୍ୟକୁ ସେ ବହୁ କବିତା, ଗଳ୍ପ, ଉପନ୍ୟାସ ଓ ବ୍ୟଙ୍ଗାତ୍ମକ ରଚନା ପ୍ରଦାନ କରିଯାଇଛନ୍ତି । ସେ 'ସମାଜ' ଓ 'ଦୈନିକ ଆଶା' ସମ୍ପାଦନା ସହିତ ସମ୍ପୃକ୍ତ ଥିଲେ । ୧୯୩୮ ମସିହାରେ ସେ ପ୍ରକାଶ କରିଥିଲେ ଏକ ବ୍ୟଙ୍ଗାତ୍ମକ ପତ୍ରିକା 'ନିଆଁଖୁଣ୍ଟା' । ଏଥିରେ ସେ ସମାଜ, ରାଜ୍ୟ ଓ ରାଷ୍ଟ୍ର ପ୍ରତି ଯେଉଁମାନେ ଅଙ୍ଗୀକାରବଦ୍ଧ ନହୋଇ ବ୍ୟକ୍ତିଗତ ସ୍ୱାର୍ଥ ସାଧନ କରୁଥିଲେ ସେମାନଙ୍କ ଛଦ୍ମରୂପକୁ ପ୍ରକାଶ କରି ଜନଚେତନା ସୃଷ୍ଟି କରୁଥିଲେ । ଇତିହାସ ସଚେତନତା, ସ୍ୱଦେଶପ୍ରୀତି, ମାନବିକ ସଂବେଦନା ଓ ବୈପ୍ଳବିକ ଜୀବନ ଦର୍ଶନ ତାଙ୍କ କବିତାମାନଙ୍କର ବୈଶିଷ୍ଟ୍ୟ ।*

*'ଉଠ କଙ୍କାଳ', 'କଣ୍ଟା ଓ ଫୁଲ', 'ବଙ୍କା ଓ ସିଧା', 'ପାହାଚତଳର ଘାସ', 'ହାଣ୍ଡିଶାଳର ବିପ୍ଳବ' ଆଦି ତାଙ୍କର କବିତା ପୁସ୍ତକ । 'ଏବେ ମଧ୍ୟ ବଞ୍ଚିଛି', 'ନୀଳମାଷ୍ଟ୍ରାଣୀ', 'ସ୍ମୃତି ସଞ୍ଚୟନ', 'ମୁଁ ଦିନେ ମନ୍ତ୍ରୀ ଥିଲି' ଆଦି ତାଙ୍କର ଗଳ୍ପ ସଂକଳନ । ସଂଶିତ କବିତାଟି 'ହେ ମୋର କଲମ' ପୁସ୍ତକରୁ ଆନୀତ । ଏହି କବିତାରେ ତାଙ୍କର ବୈପ୍ଳବିକ ଆଦର୍ଶର ଭୂରି ଭୂରି ନିଦର୍ଶନ ରହିଛି । ଯୁଗେ ଯୁଗେ ଅସିଠାରୁ ମସୀ ଯେ ଶକ୍ତିଶାଳୀ ତାହା ଏହି କବିତାରେ ପ୍ରତିପାଦିତ ।*

---

**ହେ** ମୋର କଲମ ! ଚିର ବିପ୍ଳବୀ, ହେ ଚିର ମୌନୀ କହ
ସାଥି ଥିଲ ଅବା ଜୀବନେ ଜୀବନେ ଯୁଗେ ଯୁଗେ ଅହରହ !
ମୂଲ୍ୟ ତୁମର କେତୋଟି ପଇସା, ତନୁ ତବ ଦୁର୍ବଳ
ଥରାଇଚ କେତେ ହୃଦ-ମନ୍ଦିର, ବନ୍ଧୁର ଧରାତଳ ।
ଆଜି ଏତେବେଳେ ବନ୍ଦୀ କି ତୁମେ ପ୍ରାକ୍ତନ ଉକ୍ରଳେ ?
ଜାଗ୍ରତ କର, ଉଦ୍ୟତ କର ଏ ମଡ଼ା ଜାତିକି ଥରେ ।

ଅତି ଆପଣାର ବନ୍ଧୁ ହେ ମମ, ଅତି ବିଶ୍ୱାସୀ ସଖା
ତୁମର ତୀକ୍ଷ୍ଣ ମୁନରେ ଫୁଟିଛି, କେତେ ମୋର ମନଲେଖା ।
କରି ମୁଖରିତ କେତେ ପୁରତଳ, ବରିଚ ଅମର ଯଶ
ଧରିଚ ଅଳୀକ ଧରଣୀ ବୁକୁରେ କେତେ ସୁଧା, କେତେ ବିଷ ।
ଆଜି ଏତେବେଳେ ହେ କଲମ ! ବାରେ ଚର୍ ଚର୍ ଚର୍ ଚାଲ
ଜାଗ୍ରତ କର, ଉଦ୍ୟତ କର, ମୁକ୍ତି ଦୁଆର ଖୋଲ ।
ଭାଜେ କରବାଳ, ବଜ୍ର, ମୁଷଳ କେତେ ଏଇ ମହୀତଳେ
ବାଡ଼ବ ଉଠଇ ଗିରି ଓଲଟଇ, ଭାସେ ମରୁ ଧରାଜଳେ ।
ଆସେ ଚେଙ୍ଗିସ୍, ଯାଏ ହିଟଲର, ମାତେ କେତେ ମତବାଦ,
ଦି’ ଦିନର ଏଇ ଧରଣୀ ଦୁଆରେ ସଭ୍ୟତା ବୁଦ୍‌ବୁଦ !
ସବୁରି ଉପରେ ତୁମେ ଅଛ ଥରେ, ଦେବାକୁ ଅମର ଗାର
ଆଜି ଏତେବେଳେ ଜଡ଼ କି କଲମ, ମୁଣ୍ଡା କି ହେଲା ଧାର !
ହେ କଲମ ମୋର, ଅତି ଆପଣାର ଅନ୍ତର କଥା କହ
ଦେଖିଚ କି ଏତେ ସତ୍ୟ ନାମରେ ଛଳନା ଦୁର୍ବିଷହ !
କେତେ ଅବତାରେ ଧରଣୀ ବୁକୁରେ ଦେବତା ହୋଇଲା ନର
କାଳ ଇଙ୍ଗିତରେ ଲୁଚିଗଲେ ସବୁ, ରହିଲା ତୁମରି ଗାର !
ତୁମେ ଗୌତମ, ଶଙ୍କର, ଯୀଶୁ ବଚନ ରଖିଚ ଧରି
ଜାଗ୍ରତ କର, ଉଦ୍ୟତ କର ଆଉ ଥରେ ସେଇପରି ।
ତୁମେ ତ ଚାଲିନ’ ଛଳନାରେ କେବେ, ଥକିନ’ ଗୁଣ୍ଡାମିରେ,
ପେଷଣ, ଶୋଷଣ, ଦୂଷଣ ଦେଇଚ ଆଡ଼ଇ ଏକଇ ଗାରେ ।
ଛେଦନ କରିଚ ବନ୍ଧନ ଯେତେ, ଅନ୍ଧେ ଦେଇଚ ଆଖି
କାଳ ବକ୍ଷରେ ମହା ଅକ୍ଷରେ ପଦେ ପଦେ ଲେଖି ଲେଖି ।
ବିପ୍ଳବ ତବ ସତ୍ୟ ଶାନ୍ତି ଶିବ ସୁନ୍ଦର ରସେ,
ଯୁଗଯୁଗାନ୍ତ ଅନ୍ଧାର ଭେଦି ତୁମରି ପ୍ରଦୀପ ହସେ ।

**ସୂଚନା :**

| | | |
|---|---|---|
| ମୌନୀ | – | ଯେ ଚୁପ୍ ରହିଥାନ୍ତି |
| ଅହରହ | – | ସବୁବେଳେ |
| ତନୁ | – | ଶରୀର |
| ବନ୍ଧୁର | – | ଅସମତଳ |
| ପ୍ରାକ୍ତନ | – | ପୂର୍ବକାଳୀନ |
| ପୁର | – | ନଗର, ଗୃହ |

ତଳ – ଭୂଇଁ ଉପର, ଅଧୋଭାଗ

ମୁଖରିତ – ଧ୍ୱନିତ, ଶବ୍ଦାୟମାନ

ବରିଚ – ବରଣ କରିଚ

ଅଳୀକ – ମିଥ୍ୟା

କରବାଳ – ଖଣ୍ଡା

ମୁଷଳ – ଗଦା

ବାଡ଼ବ – ସମୁଦ୍ର ଅଗ୍ନି

ଗିରି – ପର୍ବତ

ଚେଙ୍ଗିସ୍ – ତ୍ରୟୋଦଶ ଶତାବ୍ଦୀରେ ମଙ୍ଗୋଲମାନଙ୍କ ଅଧିନାୟକ ଚେଙ୍ଗିସ୍ ଖାଁ ମଧ୍ୟ ଏସିଆରେ ମୁସଲମାନ ସାମ୍ରାଜ୍ୟ ଧ୍ୱଂସ କରିଥିଲେ । ଜଣେ ନିଷ୍ଠୁର ନରହନ୍ତାକାରୀ ଓ ରାଜ୍ୟଲିପ୍ସୁ ଭାବରେ ଇତିହାସରେ ସେ ପରିଚିତ ।

ହିଟଲର୍ – ଆଡଲଫ୍ ହିଟଲର୍ (୧୮୮୯-୧୯୪୫) ଅଷ୍ଟ୍ରିଆରେ ଏକ ସାଧାରଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ଜଣେ ଦୃଢ଼ମନା, ଉଚ୍ଚାଭିଳାଷୀ ଓ ନିଷ୍ଠୁର ପ୍ରକୃତିସଂପନ୍ନ ବ୍ୟକ୍ତି ଭାବରେ ସେ ପରିଚିତ । ନାଜି ପାର୍ଟି ଗଠନ କରି ସେ ଜର୍ମାନର ସର୍ବୋଚ୍ଚ ଅଧିକାରୀ ହୋଇଥିଲେ ।

ବୁଦ୍‌ବୁଦ – ଫୋଟକା

ପେଷଣ – ପେଷି ହୋଇଯିବା

ଦୂଷଣ – ନିନ୍ଦା, ଅପବାଦ

## ପ୍ରଶ୍ନାବଳୀ

### ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୧. ନିମ୍ନଲିଖିତ ଉକ୍ତି ମଧ୍ୟରୁ ଠିକ୍ ଉକ୍ତି ଗୁଡ଼ିକ ବାଛି ଲେଖ ।

(କ) କଲମ ସଦାବେଳେ ସତ୍ୟ, ଅହିଂସା, ଶାନ୍ତି ପ୍ରତିଷ୍ଠା କରିବା ପାଇଁ ନୀରବରେ ବିପ୍ଳବ କରିଆସିଛି ।

(ଖ) କଲମ ମଡ଼ା ଦେହରେ ଜୀବନ ସଂଚ୍ଚର କରିପାରେ ।

(ଗ) କଲମକୁ ନିଜର ବିଶ୍ୱସ୍ତ ବନ୍ଧୁ ବୋଲି କବି କହିଛନ୍ତି ।

(ଘ) କବିଙ୍କ ମତରେ କଲମର ଗାର ଅମର ଅଟେ ।

(ଙ) ଯୁଗ, ଯୁଗ ଧରି ଛଳନା, ଗୁଣ୍ଡାମି, ପେଷଣ ଓ ଶୋଷଣ କଲମ ନିକଟରେ ପରାଜୟ ସ୍ୱୀକାର କରିଛି ।

(ଚ) ପୃଥିବୀରେ ସମସ୍ତ ମତବାଦ କ୍ଷଣସ୍ଥାୟୀ ହୋଇଥାଏ ।

(ଛ) କଲମର ମୁନ ସମସ୍ତ ଅସ୍ତ୍ର ଠାରୁ ଶକ୍ତିଶାଳୀ ।

୨. ‘ଅନ୍ଧେ ଦେଇଚ ଆଖି’ର ଚାରିଗୋଟି ଅର୍ଥ ନିମ୍ନରେ ସୂଚିତ ହୋଇଛି । ଏଥି ମଧ୍ୟରୁ ଠିକ୍ ଅର୍ଥଟିକୁ ବାଛି ଲେଖ ।

(କ) ଅନ୍ଧକୁ ଆଖି ଦାନ କରିଛ।

(ଖ) ଅନ୍ଧ ଆଖି ଦାନ କରିଛି ।

(ଗ) ଅଜ୍ଞାନ ଜନତାକୁ ଜ୍ଞାନ ପ୍ରଦାନ କରିଛ ।

(ଘ) ଆଖିଦାନ କରିବାକୁ ଅନ୍ଧକୁ କହିଛ ।

୩. ଅର୍ଥଗତ ପାର୍ଥକ୍ୟ ଦର୍ଶାଅ।

ଚୀର – ଚିର, ପୁର – ପୂର, ବିଷ – ବିସ, ଦିନ – ଦୀନ

୪. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତ ଅର୍ଥବୋଧକ ଶବ୍ଦ ଲେଖ।

ଦୁର୍ବଳ , ଜାଗ୍ରତ , ଆପଣା , ବିଶ୍ୱାସୀ , ବନ୍ଧନ

୫. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ଗୋଟିଏ ଗୋଟିଏ ସାର୍ଥକ ବାକ୍ୟ ଗଠନ କର ।

ଅହରହ , ତୀକ୍ଷ୍ଣ , ଅଳୀକ , ଦୁର୍ବିଷହ , ଶୋଷଣ

୬. ନିମ୍ନଲିଖିତ ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।

ତନୁ , ଧରା , ଗିରି , ଜଳ , ଦେବତା

୭. ନିମ୍ନଲିଖିତ ବିଶେଷଣ ଶବ୍ଦକୁ ବିଶେଷ୍ୟ ଶବ୍ଦରେ ପରିଣତ କର ।

ଦୁର୍ବଳ , ଅମର , ଜଡ଼ , ସୁନ୍ଦର , ସଭ୍ୟ

୮. ଓଡ଼ିଆ ଅଭିଧାନ ନିୟମ କ୍ରମରେ ନିମ୍ନ ପ୍ରଦତ୍ତ ଶବ୍ଦଗୁଡ଼ିକୁ ସଜାଅ ।

ଅନ୍ତର , ଅମର , ଅବତାର , ଅନ୍ଧ , ଅକ୍ଷର

୯. ‘କ’ ସ୍ତମ୍ଭର ଶବ୍ଦ ସହିତ ‘ଖ’ ସ୍ତମ୍ଭର ଉପଯୁକ୍ତ ଶବ୍ଦ ବାଛି ଯୋଗ କର ।

| ‘କ’ ସ୍ତମ୍ଭ | ‘ଖ’ ସ୍ତମ୍ଭ |
|---|---|
| ତନୁ | ମନ୍ଦିର |
| ହୃଦ | ଯଶ |
| ଅଳୀକ | ବକ୍ଷ |
| ଅମର | ଦୁର୍ବଳ |
| କାଳ | ଧରଣୀ |
| | ଗିରି |

## କ୍ଷୁଦ୍ର ଉତ୍ତରମୂଳକ :

୧୦. 'ଚିର ବିପ୍ଲବୀ' ବୋଲି କବି କାହାକୁ ସମ୍ବୋଧନ କରିଛନ୍ତି ?

୧୧. କଲମକୁ ମୌନୀ ବୋଲି କବି କାହିଁକି କହିଛନ୍ତି ?

୧୨. ଦୁର୍ବଳ ଶରୀର ସତ୍ତ୍ୱେ କଲମର ଦକ୍ଷତା ସମ୍ପର୍କରେ କବି କ'ଣ କହିଛନ୍ତି ?

୧୩. 'କଲମ ବନ୍ଦୀ ହୋଇଯାଇଛି କି ?' କବି ଏପରି କହିବାର କାରଣ କ'ଣ ?

୧୪. କଲମକୁ କ'ଣ କରିବା ପାଇଁ କବି ଆହ୍ୱାନ କରିଛନ୍ତି ?

୧୫. କବିଙ୍କର ବିଶ୍ୱସ୍ତ ସଖା କିଏ ?

୧୬. କଲମଟି କିଭଳି ବନ୍ଧୁ ବୋଲି କବି କହିଛନ୍ତି ?

୧୭. କଲମ କ'ଣ କରି ଅମର ଯଶ ବରଣ କରିଛି ?

୧୮. କଲମଦ୍ୱାରା କେଉଁ ଦୁଆର ଖୋଲିବା ପାଇଁ କବି କହିଛନ୍ତି ?

୧୯. କରବାଳ, ବଜ୍ର ଓ ମୁଷଳ କାହା ନିକଟରେ ପରାସ୍ତ ହୁଅନ୍ତି ?

୨୦. ଧରଣୀ ଦୁଇ ଦିନର ବୋଲି କବି କାହିଁକି କହିଛନ୍ତି ?

୨୧. ସତ୍ୟ ନାମରେ ଏଠାରେ କ'ଣ ଘଟୁଛି ବୋଲି କବି କହିଛନ୍ତି ?

୨୨. ନର ଦେବତା ରୂପେ ପ୍ରତିଷ୍ଠା ଲାଭ କରେ କିପରି ?

୨୩. କେଉଁ ମାନଙ୍କର ବଚନକୁ କଲମ ଧରି ରଖିଛି ?

୨୪. କଲମ କେଉଁକଥାକୁ ଖାତିର ନକରି ଆଗେଇ ଚାଲିଛି ?

୨୫. କଲମର ବିପ୍ଲବ କେଉଁ ଆଦର୍ଶରେ ପରିଚାଳିତ ?

୨୬. କାଳବକ୍ଷରେ କଲମ କିପରି ଅମର ହୋଇ ରହିଛି ?

## ସପ୍ରସଙ୍ଗ ସରଳାର୍ଥ ଲେଖ :

୨୭. ମୂଲ୍ୟ ତୁମର କେତୋଟି ପଇସା, ତନୁ ତବ ଦୁର୍ବଳ
ଥରାଇଚ କେତେ ହୃଦମନ୍ଦିର, ବନ୍ଧୁର ଧରାତଳ ।

୨୮. ଭାଜେ କରବାଳ, ବଜ୍ର, ମୁଷଳ କେତେ ଏହି ମହୀତଳେ
ବାଡ଼ବ ଉଠଇ, ଗିରି ଓଲଟଇ, ଭାସେ ମରୁ ଧରା ଜଳେ ।

୨୯. କେତେ ଅବତାରେ ଧରଣୀ ବୁକୁରେ ଦେବତା ହୋଇଲା ନର
କାଳ ଇଙ୍ଗିତରେ ଲୁଚିଗଲେ ସବୁ, ରହିଲା ତୁମରି ଗାର ।

୩୦. ତୁମେ ତ ଚଳିନ' ଛଳନାରେ କେବେ ଥକିନ' ଗୁଣ୍ଡାମିରେ

ପେଷଣ, ଶୋଷଣ, ଦୂଷଣ ଦେଇଚ ଆଡ଼େଇ ଏକଇ ଗାରେ ।

୩୧. ବିପ୍ଳବ ତବ ସତ୍ୟ, ଶାନ୍ତି, ଶିବ ସୁନ୍ଦର ରସେ

ଯୁଗଯୁଗାନ୍ତ ଅନ୍ଧାର ଭେଦି ତୁମରି ପ୍ରଦୀପ ହସେ ।

## ଦୀର୍ଘ ଉତ୍ତରମୂଳକ :

୩୨. 'ହେ ମୋର କଲମ' କବିତା ଅବଲମ୍ବନରେ କବିଙ୍କର ବିପ୍ଳବାତ୍ମକ ମନୋବୃତ୍ତିର ପରିଚୟ ପ୍ରଦାନ କର ।

୩୩. କଲମ ମାଧ୍ୟମରେ କବି ବର୍ତ୍ତମାନ ସମାଜକୁ ଯେଉଁ ବାର୍ତ୍ତା ପ୍ରଦାନ କରିଛନ୍ତି, ସେ ସମ୍ପର୍କରେ ଆଲୋଚନା କର ।

୩୪. କଲମକୁ 'ଚିର ବିପ୍ଳବୀ' ଓ 'ଚିର ମୌନୀ' କହିବାର ତାତ୍ପର୍ଯ୍ୟ ବୁଝାଇ ଦିଅ ।

୩୫. ନିଜକୁ କଲମ ମନେ କରି ତୁମ ମନରେ ଆସୁଥିବା ଉନ୍ନତ ଭାବନାଗୁଡ଼ିକୁ ଲେଖ ।

## ତୁମ ପାଇଁ କାମ :

୩୬. ଗୋଦାବରୀଶ ମହାପାତ୍ରଙ୍କର ଅନ୍ୟାନ୍ୟ କୃତି ସଂଗ୍ରହ କରି ପଢ଼ ।

୩୭. ସତ୍ୟବାଦୀ ବନବିଦ୍ୟାଳୟ ସହ ସଂପୃକ୍ତ କବିମାନଙ୍କର ଏକ ତାଲିକା ପ୍ରସ୍ତୁତ କର ।

୩୮. କଲମର ମହନୀୟତା ପ୍ରତିପାଦନ କରୁଥିବା ପଦଗୁଡ଼ିକ ଟିପା ଖାତାରେ ଟିପି ରଖ ।

❖❖❖

# ମଣିଷ ଭାଇ

● କୁନ୍ତଳା କୁମାରୀ ସାବତ

## କବି ପରିଚୟ :

*କବି କୁନ୍ତଳା କୁମାରୀ ସାବତ (୧୯୦୧-୧୯୩୮) ଜୀବନର ସ୍ୱଳ୍ପ କାଳ ମଧ୍ୟରେ ପ୍ରତିଭାର ସୁବିନିଯୋଗ କରି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ନିଜର ଅମଳିନ ପରିଚୟ ରଖିଯାଇଛନ୍ତି । 'ଅଞ୍ଜଳି', 'ଉଚ୍ଛ୍ୱାସ', 'ଅର୍ଚ୍ଚନା', 'ସ୍ଫୁଲିଙ୍ଗ', 'ଆହ୍ୱାନ' ଆଦି କବିତା ପୁସ୍ତକ, 'ଭ୍ରାନ୍ତି', 'ନ'ତୁଣ୍ଡୀ', 'ପରଶମଣି', 'ରଘୁ ଅରକ୍ଷିତ', 'କାଳୀବୋହୂ' ଆଦି ଉପନ୍ୟାସ ତାଙ୍କ ପ୍ରତିଭାର ପରିଚୟ ଦେଇଥାଏ । ଡାକ୍ତରୀ ବିଦ୍ୟା ଥିଲା ତାଙ୍କର ବୃତ୍ତି, କିନ୍ତୁ ସାହିତ୍ୟ ଥିଲା ତାଙ୍କର ବ୍ରତ । ତାଙ୍କର କୃତି ପାଇଁ ପୁରୀର 'ମହିଳା ବନ୍ଧୁ' ଅନୁଷ୍ଠାନ ତାଙ୍କୁ 'ଉତ୍କଳଭାରତୀ' ଉପାଧି ପ୍ରଦାନ କରିଥିଲେ । ବିଶ୍ୱଜନୀନତା, ସେବା ପରାୟଣତା, ଭଗବତ୍ ବିଶ୍ୱାସ ଓ କର୍ତ୍ତବ୍ୟପରାୟଣତା ବର୍ଣ୍ଣନରେ କବିଙ୍କ ଲେଖନୀ ଶତମୁଖୀ ।*

*'ମଣିଷ ଭାଇ' କବିତାଟି ଏହି କବିଙ୍କର 'ସ୍ଫୁଲିଙ୍ଗ' କବିତା ପୁସ୍ତକରୁ ଅଣାଯାଇଛି । ସମସ୍ତ ପ୍ରତିକୂଳତା ସତ୍ତ୍ୱେ ମାଟିର ମଣିଷକୁ ମଣିଷ ପରି ବଞ୍ଚିବା ପାଇଁ କବିତାଟିରେ ରହିଛି ଆଶାନ୍ୱିତ ଆହ୍ୱାନ ।*

---

୧

**ଶୁ**ଣ ହେ ମଣିଷ ଭାଇ ! ଝୁରି ମରିବାକୁ ବୁଡ଼ି ମରିବାକୁ
ମଣିଷ ଜନମି ନାହିଁ ।
ଶତ ହତଶ୍ୱାସେ ସାରିବ ସଂସାର ନିରାଶେ ନିବିଡ଼ ଅନ୍ଧାରେ,
ଚିର ଶୃଙ୍ଖଳିତ, ଲାଞ୍ଛିତ, ବଞ୍ଚିତ, ପୀଡ଼ିତ କଷଣ କାରାରେ,
ଏ ନୁହେଁ ମାନବ ନିୟତି,
ଧ୍ୱଂସର ଯାତ୍ରୀ, ମୃତ୍ୟୁର ଧାତ୍ରୀ ନୁହେଁ ଏ ବିଶାଳ ଜଗତୀ
ଶୁଣ ହେ ମଣିଷ ଭାଇ !
ଅମୃତ ଦୀପ୍ତି ସନ୍ତାନ ତୁମେ ମରଣ ତୁମର କାହିଁ ?

୨

ଶୁଣ ଶୁଣ ନରନାରୀ ! ବିଳାସର ଲୀଳା ନିକେତନ ବିଶ୍ୱ
ନୁହଁଇ ସତତ କାହାରି !
କ୍ରୂର ଅତ୍ୟାଚାରେ ଦଳିବ ଦୁର୍ବଳେ ରକ୍ତେ ପିପାସା ଶମିବ
ନତଶିରେ ସୁଖେ ଶ୍ରୀପାଦେ ଅରପି ଆପଣାକୁ ଆପେ ବଧିବ
ଏ ନୁହେଁ ବିଧାତା ବିଚାର,
ଧ୍ୱଂସର ଯାତ୍ରୀ, ମୃତ୍ୟୁର ଧାତ୍ରୀ ନୁହେଁ ଏ ସୁନ୍ଦର ସଂସାର ।

୩

ଶୁଣ ଶୁଣ ବିଶ୍ୱବାସୀ ! କରମର ଶୁଭ ଭୁବନ ଏହିଟି,
କରମରେ ଶ୍ରମ ନାଶି,
ଉଠ ଦେବ ତେଜେ ତେଜି ଲାଜ ଭୟ ଅପମାନ ଅହମିକା,
ପଶୁତ୍ୱ ଦେବତ୍ୱ ପରୀକ୍ଷାରେ ଜୟୀ ଲଭ ବୀରତ୍ୱର ଟୀକା
ଋଣୀ କର ଭବରାଣେ
ତା'ଙ୍କ ରଚା ଚରାଚର ପରାଣରେ ବଳି ଦିଅ ନିଜ ପ୍ରାଣେ ।
ଶୁଣ ଶୁଣ ଅରିନ୍ଦମ ! ଷଡ଼ରିପୁଜିତ, ଦେବତା ପୂଜିତ
ତାରାଦଳେ ତବାସନ ।
ଶତ କ୍ଷତଶିରେ ଶୋଣିତ ଶ୍ରାବରେ ନୁହଁ କ୍ଳିଷ୍ଟ, ନୁହ କ୍ଷୀଣ
ଶତ କଳୁଷର କଳଙ୍କ କାଳିରେ ନୁହଁ ହୀନ, ନୁହଁ ଦୀନ,
ବିଧାତାର ବରପୁତ୍ର
ଯୁଗାନ୍ତ-ମୃତ୍ୟୁ ରଜ୍ଜୁ ଛିଣ୍ଡାଇ ଧର ହେ ଜୀବନ ସୂତ୍ର ।

**ସୂଚନା :**

ହତଶ୍ୱାସେ - ହତାଶ ଭାବରେ
ନିବିଡ଼ - ଘନ
ନିରାଶେ - ଦୁଃଖରେ, ଆଶାଶୂନ୍ୟଭାବରେ
ଲାଞ୍ଛିତ - ଅପମାନିତ
ପୀଡ଼ିତ - ରୋଗଗ୍ରସ୍ତ, ଦୁଃଖିତ
କାରାରେ - ଜେଲ୍‌ଖାନାରେ
ନିୟତି - ଭାଗ୍ୟ
ଧାତ୍ରୀ - ଧାଇ, ଉପମାତା
ଜଗତୀ - ଅଟ୍ଟାଳିକା, ଭବନ, ଏଠାରେ ପୃଥିବୀ
ଦୀପ୍ତି - ତେଜ
ନିକେତନ - ଗୃହ

| | | | |
|---|---|---|---|
| ପିପାସା | - ପିଇବାର ଇଚ୍ଛା, ଶୋଷ | ଅରିନ୍ଦମ | - ଶତ୍ରୁ ଦମନକାରୀ |
| ଶମିବ | - ଶାନ୍ତ ହେବ | ଷଡ଼ରିପୁ | - କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଆଦି ମଣିଷର ଛଅଗୋଟି ଅନ୍ତଃ ଶତ୍ରୁ । |
| ନତ | - ନଇଁବା | | |
| ଅହମିକା | - ଅହଂଭାବ, ଗର୍ବ | | |
| ଭବରାଣ | - ଈଶ୍ୱର | କ୍ଲିଷ୍ଟ | - କ୍ଲେଶ |
| ରଚା | - ରଚିତ ହୋଇଥିବା, ସୃଷ୍ଟି ହୋଇଥିବା | ଯୁଗାନ୍ତ | - ଯୁଗର ଅନ୍ତ |
| | | ରଜ୍ଜୁ | - ଦଉଡ଼ି |
| ଚରାଚର | - ସାରା ସଂସାର | | |

## ପ୍ରଶ୍ନାବଳୀ

### ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୧. ଚିନ୍ତିବା, ଝୋଲାମାରିବା, ବୁଝିବା, ଝୁରିବା, ସ୍ମରଣ କରିବା - ଏହି ଶବ୍ଦଗୁଡ଼ିକ ମଧ୍ୟରୁ କେଉଁଟି ଶୋକ କରିବା ଅର୍ଥ ପ୍ରକାଶ କରୁଛି ?

୨. ବନ୍ଧନୀ ମଧ୍ୟରେଥିବା ଶବ୍ଦଗୁଡ଼ିକରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(ନିବିଡ଼, ଲାଞ୍ଛିତ, ନିୟତି, ଟୀକା, ପୀଡ଼ିତ)

(କ) ବ୍ୟକ୍ତି ନିଜର ଭବିଷ୍ୟତକୁ __________ ଉପରେ ଛାଡ଼ି ଦିଅନ୍ତି ।

(ଖ) ଗାନ୍ଧାରୀଙ୍କ ଆଶୀର୍ବାଦ ଲାଭ କରି ଦୁର୍ଯ୍ୟୋଧନ ମହାଭାରତ ଯୁଦ୍ଧରେ ବିଜୟର __________ ହାସଲ କରିବେ ବୋଲି ଆଶାପୋଷଣ କରିଥିଲେ ।

(ଗ) __________ ବ୍ୟକ୍ତିଙ୍କ ଉନ୍ନତି ନିମନ୍ତେ ଗାନ୍ଧିଜୀ ସର୍ବଦା ଚେଷ୍ଟିତ ଥିଲେ ।

(ଘ) ପଦ୍ମ ଓ ସୂର୍ଯ୍ୟ ମଧ୍ୟରେ __________ ସଂପର୍କ ଅଛି ।

(ଙ) ଉତ୍କଳମଣି ଗୋପବନ୍ଧୁ __________ ଜନତାଙ୍କ ସେବା ପାଇଁ ନିଜକୁ ଉତ୍ସର୍ଗ କରିଥିଲେ ।

୩. ନିମ୍ନଲିଖିତ ଶବ୍ଦଗୁଡ଼ିକର ଗଦ୍ୟ ରୂପ ଲେଖ ।

ଜନମି, ନୁହଇ, ଅରପି, କରମ, ପରାଣରେ

୪. ନିମ୍ନଲିଖିତ ଶବ୍ଦଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ ମାନବିକ ସୁଗୁଣର ମହତ୍ତ୍ୱ ଦର୍ଶାଉଛି, ସେଗୁଡ଼ିକୁ ଚିହ୍ନଟ କର ।

କ୍ରୋଧ, କ୍ଷମା, ଲୋଭ, ସହନଶୀଳତା, ହତାଶ, ସେବା, ନମ୍ରତା, ପରଶ୍ରୀକାତରତା, ଭକ୍ତି, ହିଂସା ।

୫. କବିତା ଅନୁସରଣରେ ନିମ୍ନରେ ଦିଆଯାଇଥିବା ଉକ୍ତିଗୁଡ଼ିକ ମଧ୍ୟରୁ ଠିକ୍ ଉକ୍ତି ବାଛି ଲେଖ ।

(କ) ଦୁଃଖ ଆମର ଭାଗ୍ୟଲିପି ।

(ଖ) ଚାଲ, ଜୀବନକୁ ମଉଜ ମଜଲିସ୍‌ରେ ବିତେଇ ଦେବା ।

(ଗ) ମଣିଷ ତା' ଭିତରେ ଲୁଚି ରହିଥିବା ଶତ୍ରୁକୁ ଦମନ କଲେ ଦେବତାର ଆସନ ଲାଭ କରିପାରିବ ।

(ଘ) ଏ ପୃଥିବୀ ନିରନ୍ତର ଧ୍ୱଂସ ପଥରେ ଆଗେଇ ଚାଲିଛି ।

(ଙ) ବିଧାତାର ବରପୁତ୍ରମାନେ ଦୀନହୀନ ଭାବରେ ଜୀବନ ଯାପନ କରନ୍ତି ।

୬. ବିପରୀତାର୍ଥବୋଧକ ଶବ୍ଦ ଲେଖ ।

ଅନ୍ଧାର, ଶୃଙ୍ଖଳିତ, ଅମୃତ, ମୃତ୍ୟୁ, ବିଚାର, ସୁନ୍ଦର, ଶୁଭ ।

୭. 'କ' ସ୍ତମ୍ଭର ଶବ୍ଦ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ଶବ୍ଦ ଯୋଗକରି ବାକ୍ୟ ଗଢ଼ ।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| ନିବିଡ଼ | ନିକେତନ |
| ବିଶାଳ | ବିଚାର |
| ଲୀଳା | ସୂତ୍ର |
| ବିଧାତା | ଅନ୍ଧାର |
| ଜୀବନ | ଜଗତୀ |
| | ଆଲୋକ |

୮. ଅକ୍ଷରଗୁଡ଼ିକ ସଜାଇ ସାର୍ଥକ ଶବ୍ଦରେ ପରିଣତ କର ।

ଶୃଳିଙ୍ଖତ, ତନିକେନ, ବାଶ୍ୱସୀବି, ପନମାଅ, ରଚରାଚ ।

୯. ଅଭିଧାନ ନିୟମ ଅନୁସାରେ ସଜେଇ ଲେଖ ।

ଜୀବନ, ଦେବତା, ଅରିନ୍ଦମ, ଅହମିକା, ନିକେତନ, ସନ୍ତାନ, ଜନମ ।

୧୦. ନିମ୍ନଲିଖିତ ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।

ମଣିଷ, ବିଧାତା, ଦେବତା, ଶୋଣିତ, ନିକେତନ

୧୧. ଅର୍ଥଗତ ପାର୍ଥକ୍ୟ ଦର୍ଶାଇ ନିମ୍ନୋକ୍ତ ସମୋଚ୍ଚାରିତ ଶବ୍ଦଗୁଡ଼ିକୁ ସାର୍ଥକ ବାକ୍ୟରେ ପରିଣତ କର ।

ଦୀନ-ଦିନ, କାଳି-କାଳୀ, ବଳି - ବଳୀ

### କ୍ଷୁଦ୍ର ଉତ୍ତରମୂଳକ :

୧୨. ମଣିଷ-ମଣିଷ ମଧ୍ୟରେ ବିଭିନ୍ନ ସଂପର୍କ ଥିବା ସତ୍ତ୍ୱେ 'ଭାଇ' ସମ୍ବୋଧନ କରାଯାଇଛି କାହିଁକି ?

୧୩. କବି 'ମଣିଷଭାଇ' ବୋଲି କେଉଁମାନଙ୍କୁ ସମ୍ବୋଧନ କରିଛନ୍ତି ?

୧୪. ମଣିଷ କେଉଁଥିପାଇଁ ଜନ୍ମଲାଭ କରିନାହିଁ ବୋଲି କବି କହିଛନ୍ତି ?

୧୫. ନୈରାଶ୍ୟକୁ ଅନ୍ଧାର ରୂପେ କବି କାହିଁକି ଦେଖିଛନ୍ତି ?

୧୬. ମଣିଷର ଭାଗ୍ୟ କାହା ମଧ୍ୟରେ ସୀମାବଦ୍ଧ ନୁହେଁ ବୋଲି କବି କହିଛନ୍ତି ?

୧୭. ହତୋତ୍ସାହ ହୋଇପଡ଼ିଥିବା ମନୁଷ୍ୟ ପୃଥିବୀକୁ କେଉଁ ଦୃଷ୍ଟିରେ ଦେଖନ୍ତି ?

୧୮. 'ଅମୃତର ସନ୍ତାନ' ବୋଲି କେଉଁମାନଙ୍କୁ କୁହାଯାଇଛି ?

୧୯. ବିଶାଳ ଜଗତର ସୃଷ୍ଟି କ'ଣ ପାଇଁ ନୁହେଁ ବୋଲି କବି କହିଛନ୍ତି ?

୨୦. କେଉଁ ଧରଣର ପିପାସା ମେଣ୍ଟେ ନାହିଁ ?

୨୧. ବିଶ୍ୱ କେଉଁମାନଙ୍କ ପାଇଁ ସୁନ୍ଦର ନୁହେଁ ?

୨୨. ବିଧାତାଙ୍କ ବିଚାରରେ କେଉଁ କାର୍ଯ୍ୟ ଉଚିତ୍ ନୁହେଁ ?

୨୩. କବି କିଭଳି ସଂସାରର ପରିକଳ୍ପନା କରିଛନ୍ତି ?

୨୪. ମଣିଷ କେତେବେଳେ ବୀରତ୍ୱର ଟୀକା ଲାଭ କରିପାରିବ ?

୨୫. କବି ଏହି ପୃଥିବୀକୁ କାହାର ଭୁବନ ବୋଲି ଦର୍ଶାଇଛନ୍ତି ?

୨୬. ମଣିଷର କେଉଁ ପ୍ରବୃତ୍ତିଗୁଡ଼ିକୁ ତ୍ୟାଗ କରିବା ପାଇଁ କବି ଆହ୍ୱାନ ଦେଇଛନ୍ତି ?

୨୭. ଭଗବାନଙ୍କୁ କେତେବେଳେ ଋଣୀ କରାଯାଇପାରିବ ?

୨୮. ମଣିଷ ଭାଇକୁ କବି 'ଅରିନ୍ଦମ' ବୋଲି କାହିଁକି ସମ୍ବୋଧନ କରିଛନ୍ତି ?

୨୯. ମଣିଷ କେତେବେଳେ ଦେବତା ରୂପେ ପୂଜିତ ହୋଇପାରିବ ?

୩୦. ମଣିଷ ଦୀନ-ହୀନ ଭାବରେ କେତେବେଳେ ଜୀବନ ଯାପନ କରିଥାଏ ?

୩୧. କବି 'ବରପୁତ୍ର' ସମ୍ବୋଧନ କାହାକୁ ଏବଂ କାହିଁକି କରିଛନ୍ତି ?

୩୨. ଜୀବନ କେତେବେଳେ ସୁରୁଖୁରୁରେ ଅତିବାହିତ ହୋଇପାରିବ ବୋଲି କବି କହିଛନ୍ତି ?

## ସପ୍ରସଙ୍ଗ ସରଳାର୍ଥ ଲେଖ :

୩୩. ଶୁଣ ହେ ମଣିଷ ଭାଇ !

ଅମୃତ ଦୀପ୍ତି ସନ୍ତାନ ତୁମେ ମରଣ ତୁମର କାହିଁ ?

୩୪. ଏ ନୁହେଁ ବିଧାତା ବିଚାର,

ଧ୍ୱଂସର ଯାତ୍ରୀ, ମୃତ୍ୟୁର ଧାତ୍ରୀ ନୁହେଁ ଏ ସୁନ୍ଦର ସଂସାର ।

୩୫. ଶୁଣ ଶୁଣ ବିଶ୍ୱବାସି !

କରମର ଶୁଭ ଭୁବନ ଏହିଟି, କରମରେ ଶ୍ରମ ନାଶି,

୩୬. ବିଧାତାର ବରପୁତ୍ର

ଯୁଗାନ୍ତ - ମୃତ୍ୟୁ ରଜ୍ଜୁ ଛିଣ୍ଡାଇ ଧର ହେ ଜୀବନ ସୂତ୍ର ।

## ଦୀର୍ଘ ଉତ୍ତରମୂଳକ :

୩୭. ହତୋତ୍ସାହିତ ହୋଇ ପଡ଼ିଥିବା ମଣିଷଙ୍କୁ କବି କି ପ୍ରକାର ପ୍ରେରଣା ଯୋଗାଇଛନ୍ତି, ପଠିତ କବିତା ଅନୁସରଣରେ ଆଲୋଚନା କର ।

୩୮. କବି ଜଣେ ମାନବବାଦୀ– ଏ ଉକ୍ତିର ଯଥାର୍ଥତା 'ମଣିଷ ଭାଇ' କବିତା ଅବଲମ୍ବନରେ ପ୍ରତିପାଦନ କର ।

୩୯. ଅମୃତର ସନ୍ତାନ ମଣିଷ କିପରି ତା'ର ଜୀବନକୁ ସରସ ସୁନ୍ଦର କରିପାରିବ ବୋଲି କବି ପ୍ରେରଣା ଦେଇଛନ୍ତି ?

୪୦. ବିଷାଦଗ୍ରସ୍ତ ହୋଇ ପଡ଼ିଥିବା ତୁମର ଜଣେ ବନ୍ଧୁଙ୍କୁ କବିତା ଅନୁସରଣରେ ଆଶ୍ୱାସନାର ବାଣୀ ଦେଇ ପତ୍ରଟିଏ ଲେଖ ।

## ତୁମ ପାଇଁ କାମ :

୪୧. କୁନ୍ତଳା କୁମାରୀଙ୍କ ରଚନାଗୁଡ଼ିକ ସଂଗ୍ରହ କରି ପଢ଼ ।

୪୨. କୁନ୍ତଳା କୁମାରୀଙ୍କ ସମସାମୟିକ କବିମାନଙ୍କର ଏକ ତାଲିକା ପ୍ରସ୍ତୁତ କର ।

୪୩. ମାନବିକ ମୂଲ୍ୟବୋଧ ପ୍ରକାଶ କରୁଥିବା ପଦଗୁଡ଼ିକୁ ବାଛି ଟିପାଖାତାରେ ଟିପି ରଖ ।

❖❖❖

# ଗୋପ ପ୍ରୟାଣ

● ମାୟାଧର ମାନସିଂହ

**କବି ପରିଚୟ :**

*ଅବିଭକ୍ତ ପୁରୀ ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ଡକ୍ଟର ମାୟାଧର ମାନସିଂହ (୧୯୦୫-୧୯୭୩) ଓଡ଼ିଆ ସାହିତ୍ୟର ଏକ ବହୁମୁଖୀ ପ୍ରତିଭା । କାବ୍ୟ-କବିତା, ନାଟକ, ଭ୍ରମଣ ସାହିତ୍ୟ, ଉପନ୍ୟାସ, ଅନୁବାଦ, ପ୍ରବନ୍ଧ-ସମାଲୋଚନା ଆଦି ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ସେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । 'ଧୂପ', 'ହେମଶସ୍ୟ', 'ହେମପୁଷ୍ପ', 'କୋଣାର୍କ', 'ଉପେକ୍ଷିତା', 'ସାଧବ ଝିଅ', 'ପଶ୍ଚିମ ପଥିକ', 'କବି ଓ କବିତା' ଆଦି ତାଙ୍କର କେତୋଟି ଉଲ୍ଲେଖଯୋଗ୍ୟ ସୃଷ୍ଟି । ପ୍ରେମ ଓ ପ୍ରଣୟର କବି ଭାବେ ଓଡ଼ିଆ ସାହିତ୍ୟରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଥିଲେ ହେଁ ଦେଶାତ୍ମବୋଧ, ମାନବ ବନ୍ଦନା, ସଂସ୍କାରଧର୍ମିତା ଆଦି ତାଙ୍କ କବିତାର ଅନ୍ୟ କେତୋଟି ବିଶିଷ୍ଟ ବିଭାଗ ।*

*'ଗୋପ ପ୍ରୟାଣ' ଦୀର୍ଘ କବିତାଟି ତାଙ୍କ 'ମାଟିବାଣୀ' କବିତା ସଂକଳନରୁ ଉଦ୍ଧୃତ । ଉତ୍କଳମଣି ଗୋପବନ୍ଧୁଙ୍କ ମହାପ୍ରୟାଣ କବିଙ୍କ ହୃଦୟରେ ଯେଉଁ କ୍ଷତ ସୃଷ୍ଟି କରିଥିଲା, ତାର କଳାତ୍ମକ ଅଭିବ୍ୟକ୍ତି ଏହି କବିତାଟିରେ ପରିଲକ୍ଷିତ । ପୂଜ୍ୟପୂଜା ପରଂପରା ତଥା ଜାତୀୟତାବୋଧ ସୃଷ୍ଟିପାଇଁ କବିତାଟି ପ୍ରେରଣା ପ୍ରଦାନ କରିଥାଏ ।*

---

୧

ମହାବୀର ମହାପ୍ରୟାଣ ରଚିଲା ଆଜି
ତା' ମହାଜାତିର ଗର୍ବ ଗଲା ଯେ ଭାଜି !
ଅନୀକିନୀ ତା'ର ସ୍ତମ୍ଭିତେ ଅଛି ରହି
ପ୍ରତି କରେ କରେ ପତାକା ଯାଇଛି ନଇଁ,
ପ୍ରତି ହିୟା ଘେରି ଘୋଟିଛି ଅନ୍ଧକାର
ଅଧରେ କେବଳ ତା'ରି ନାମ ଉଚ୍ଚାର
ଘରେ ଘରେ ଉଠେ କ୍ରନ୍ଦନ-ରୋଳବାଜି
ବିରାଟ ଓଡ଼ିଆ ଜାତି ମଥାମଣି ଭୂତଳେ ଖସିଲା ଆଜି ।

୨

ନଗରେ ନଗରେ ନାଗରିକେ ଆଜି
ନୟନେ ଅଶ୍ରୁ ଭରି,
ଆସ ହେ ସକଳେ ରାଜପଥ ପରେ
ଚରଣ ନଗ୍ନ କରି ।
ମଥା ନତ କରି ସମ୍ମାନ କର
ସ୍ୱର୍ଗତ ମହାଜନେ,
ତୁମ ମେଳେ କହ ଅଛି କିଏ ଆଉ
ତାହାପରି ଆଉ ଜଣେ ?
ରାଜା ଆସ, ଆସ ଧନିକ,ବଣିକ
ସୁଭଗ ସୌଦାଗର,
ଆସ ଋତ୍ୱିକ, କୃଷକ, କ୍ଷତ୍ରୀ
ଶବ ସାଥେ ତା'ର ଚଳ ।
ବ୍ରାହ୍ମଣ ଗାଅ ମରଣ-ମନ୍ତ୍ର,
ଜନତା ଧର ହେ ପାଳି,
ଜନପଦବାସୀ ଖୋଳ କରତାଳେ
ଗମ୍ଭୀରେ ଦିଅ ତାଳି ।
କୁଳବଧୂ ସବୁ ଠୁଳ ହୁଅ ଆସି
ଗବାକ୍ଷ-ପୁଡ଼ା ଧରି,
ତା'ର ପ୍ରାଣ-ପ୍ରିୟ ମାଟିପରେ ତବ
ଅଶ୍ରୁ ପଡୁ ହେ ଝରି ।
ଆସ ସନାତନୀ, ଆସ ଖ୍ରୀଷ୍ଟାନ,
ଆସହେ ମୁସଲମାନ
ଜାତିର ରାଜାକୁ କ୍ଷୁଦ୍ରତା ଭୁଲି
କର ଥରେ ସମ୍ମାନ ।
ଧର୍ମ ଭୁଲି ସେ ଦରିଦ୍ର ମୁଖେ
ଅନ୍ନ ଦେଇଛି ଆଣି,
ସକଳ ଦୁଃଖକୁ ନିଜ ଦୁଃଖ କରି
ଚକ୍ଷୁ ଦେଇଛି ପାଣି ।

ସେ ଥିଲା କୋଟିଏ ଦରିଦ୍ର ମେଳେ
ଦରିଦ୍ର-ନାରାୟଣ,
ତାହାଠାରୁ ବଳି ଅଛି କହ କିଏ ?
ତୁମର ପୂଜ୍ୟଜନ ?
ଶବ ପଛେ ତା'ର କୋଟି ମସ୍ତକ
ନୁଆଇଁ ଓଡ଼ିଆ ଜାତି,
ସମ୍ମାନ କର ତା'ରେ ଯେ କରିଲା
ପୁଣ୍ୟ ତୋହର ମାଟି ।
ବାଜୁ ଖୋଳତାଳ, ବରବଧୂ ସବୁ
ତେଜ ହେ ଅଶ୍ରୁନୀର,
ମରଣ ଜାଣୁ ହେ, କେଡ଼େ ପ୍ରିୟ ଥିଲେ
ଆମର କର୍ମବୀର ।

**ସୂଚନା :**

ଗୋପ - ପଣ୍ଡିତ ଗୋପବନ୍ଧୁ ଦାସ
ମହାପ୍ରୟାଣ - ମରଣ, ମହାଯାତ୍ରା
ଅନୀକିନୀ - ପଦାତିକ, ଅଶ୍ୱାରୋହୀ, ଗଜାରୋହୀ, ରଥାରୋହୀ ପ୍ରଭୃତି ସେନା
ସ୍ତମ୍ଭିତ - ଜଡ଼ୀଭୂତ, ସ୍ତବ୍ଧ
ହିୟା - ହୃଦୟ
ଚରଣ - ଗୋଡ଼
ମହାଜନେ - ମହାପୁରୁଷ
ସୁଭଗ - ଭାଗ୍ୟବାନ
ସୌଦାଗର - ବଣିକ
ଋତ୍ୱିକ - ଯଜ୍ଞପୁରୋହିତ
କ୍ଷତ୍ରୀ - କ୍ଷତ୍ରିୟ
ଜନପଦ - ଦେଶ
କରତାଳ - ଝାଞ୍ଜ, କଂସାରେ ତିଆରି ଏକ ପ୍ରକାର ବାଦ୍ୟଯନ୍ତ୍ର
ଗବାକ୍ଷ-ପୁଡ଼ା - ଝରକାର ଏକ ଫାଳ ବା କବାଟ

ବ୍ରାହ୍ମଣ – (ଏଠାରେ) ଶବ ଶୋଭାଯାତ୍ରାରେ ସାମିଲ ହୋଇଥିବା ବ୍ୟକ୍ତିବର୍ଗ ।

ମରଣ-ମନ୍ତ୍ର – ଆତ୍ମାର ଅମରତ୍ୱ ଲାଭପାଇଁ କରାଯାଉଥିବା ପ୍ରାର୍ଥନା ।

ସନାତନୀ – ସନାତନ ଧର୍ମାବଲମ୍ବୀ

## ପ୍ରଶ୍ନାବଳୀ

### ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୧. ଗୋପବନ୍ଧୁଙ୍କ ଉଦ୍ଦେଶ୍ୟରେ କବିତାରେ ବ୍ୟବହୃତ ଶବ୍ଦଗୁଡ଼ିକ ଲେଖ ।

୨. 'ଖୋଳତାଳ' – ଏହି ଶବ୍ଦର ନିମ୍ନରେ ଚାରୋଟି ଅର୍ଥ ଲେଖାଯାଇଛି ତନ୍ମଧ୍ୟରୁ ଠିକ୍ ଅର୍ଥଟି ବାଛି ଲେଖ ।

(କ) ଏକ ପ୍ରକାର ଯନ୍ତ୍ର

(ଖ) ତାଳ ଦେଇ ଖୋଳିବା

(ଗ) ତାଳର ଖୋଳ କରିବା

(ଘ) ବାଦ୍ୟଯନ୍ତ୍ର

୩. କବିତାଟିର ଅନୁସରଣରେ ନିମ୍ନରେ ଦିଆଯାଇଥିବା ବାକ୍ୟଗୁଡ଼ିକ ମଧ୍ୟରୁ ଗୋପବନ୍ଧୁଙ୍କ ଉଦ୍ଦେଶ୍ୟରେ ଲେଖାଯାଇଥିବା ବାକ୍ୟଗୁଡ଼ିକ ବାଛ ।

(କ) ଗୋପବନ୍ଧୁଙ୍କ ମୃତ୍ୟୁରେ ଓଡ଼ିଆ ଜାତି ଭାଙ୍ଗିପଡ଼ିଲା ।

(ଖ) ଗୋପବନ୍ଧୁଙ୍କ ମୃତ୍ୟୁରେ ଓଡ଼ିଶାର ସବୁ ବିଜୁଳିବତି ଲିଭିଗଲା ।

(ଗ) ଗୋପବନ୍ଧୁ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତଙ୍କର ପ୍ରିୟ ଥିଲେ ।

(ଘ) ଗୋପବନ୍ଧୁ ଦରିଦ୍ର, ପୀଡ଼ିତମାନଙ୍କର ସେବା କରୁଥିଲେ ।

(ଙ) ଗୋପବନ୍ଧୁଙ୍କ ମୃତ୍ୟୁରେ ବ୍ରାହ୍ମଣମାନେ ବିଜୟ ମନ୍ତ୍ର ଗାନ କରିବା ପାଇଁ କୁହାଯାଇଛି ।

୪. ନିମ୍ନଲିଖିତ ଶବ୍ଦଗୁଡ଼ିକର ବ୍ୟାସବାକ୍ୟ ସହ ସମାସର ନାମଲେଖ ।

ମହାବୀର, କୁଳବଧୂ, ପୂଜ୍ୟଜନ, ଖୋଳତାଳ, ଅଶ୍ରୁନୀର, ମଥାମଣି, ପ୍ରାଣପ୍ରିୟ

୫. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ଗୋଟିଏ ଗୋଟିଏ ସାର୍ଥକ ବାକ୍ୟ ଗଠନ କର ।

ଅଧର, ମଥାମଣି, ରାଜପଥ, ସ୍ୱର୍ଗତ, ମନ୍ତ୍ର, ପ୍ରିୟ, ଧର୍ମ

୬. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖ ।

ସମ୍ମାନ, ଧର୍ମ, ଦରିଦ୍ର, ମରଣ, ପୁଣ୍ୟ

୭. ନିମ୍ନଲିଖିତ ପ୍ରତ୍ୟେକ ଶବ୍ଦର ଚାରିଗୋଟି ଅର୍ଥ ସୂଚିତ ହୋଇଛି ତହିଁରୁ ଠିକ୍ ଅର୍ଥଟିକୁ ବାଛ ।

(କ) ଗବାକ୍ଷ- ଗାଈର ଆଖି, ଗବଗଛ, ଝରକା, ଖଡ଼ିକା

(ଖ) ମହାପ୍ରୟାଣ - ଦୀର୍ଘଯାତ୍ରା, ତୀର୍ଥସ୍ଥାନ, ବିରାଟ ଚେଷ୍ଟା, ମୃତ୍ୟୁ

(ଗ) ଅନୀକିନୀ- ଅନିକିଳି, ଏକୁଟିଆ, ପାଇକ, ଚତୁରଙ୍ଗ ସୈନ୍ୟ

(ଘ) ଜନପଦବାସୀ- ଜନତାଙ୍କ ପାଦରେ ବାସ କରୁଥିବା, ଜନପଦ ନାମକ ଗ୍ରାମରେ ବାସ କରୁଥିବା, ଜନତାଙ୍କ ପାଦ ବାସିବା, ଲୋକାଳୟ ବା ଗ୍ରାମବାସୀ ।

୮. ନିମ୍ନରେ ଲେଖାଯାଇଥିବା ପ୍ରତ୍ୟେକ ଶବ୍ଦଗୁଚ୍ଛରୁ ଅଲଗା ଶବ୍ଦଟିକୁ ବାଛ ।

(କ) ଅଧର, କପାଳ, ପାପୁଲି, ବଙ୍କୁଲି, ଚରଣ

(ଖ) ପତାକା, ନେତ, କାତ, ବାନା, କେତନ

(ଗ) ପାଣି, ଜଳ, ଅଶ୍ରୁ, ନୀର, ଜୀବନ

(ଘ) ଖୋଳ, ମୃଦଙ୍ଗ, ଢୋଲ, ଖଂଜଣୀ, ମହୁରି

(ଙ) କାଙ୍ଗାଳ, ଦରିଦ୍ର, ଅଭାବୀ, ଗପୁଡ଼ି, ନିର୍ଦ୍ଧନ

୯. ଏପଟ ସେପଟ ହୋଇ ଲେଖା ଯାଇଥିବା ଅକ୍ଷରଗୁଡ଼ିକ ସଜାଇ ଅର୍ଥପୂର୍ଣ୍ଣ ଶବ୍ଦ ଗଠନ କର ।

ଅରକାନ୍ଧ, କିନୀଅନୀ, ନମଜହା, ତାରକଳ, ରକବୀର୍ମ

## କ୍ଷୁଦ୍ର ଉତ୍ତରମୂଳକ :

୧୦. କବି ମହାବୀର ବୋଲି କାହାକୁ କହିଛନ୍ତି ?

୧୧. ଗୋପବନ୍ଧୁଙ୍କ ମୃତ୍ୟୁରେ ଓଡ଼ିଆ ଜାତିର କି କ୍ଷତି ଘଟିଲା ?

୧୨. 'ଅନୀକିନୀ' ବୋଲି ଏଠାରେ କାହାକୁ ଅଭିହିତ କରାଯାଇଛି ?

୧୩. ଗୋପବନ୍ଧୁଙ୍କ ମର ଶରୀରକୁ କବି କିପରି ସମ୍ମାନ ଜଣାଇବା ପାଇଁ ନିବେଦନ କରିଛନ୍ତି ?

୧୪. ଗୋପବନ୍ଧୁଙ୍କ ଶବ ସହିତ ଯିବା ପାଇଁ କେଉଁମାନଙ୍କୁ କବି ଆହ୍ୱାନ କରିଛନ୍ତି ?

୧୫. ଗୋପବନ୍ଧୁଙ୍କ ମହାଯାତ୍ରାରେ ସାମିଲ ହୋଇଥିବା ବ୍ୟକ୍ତିମାନଙ୍କୁ କ'ଣ କରିବା ପାଇଁ କବି କହିଛନ୍ତି ?

୧୬. କୁଳବଧୂମାନେ ଗବାକ୍ଷ-ପୁଡ଼ା ଧରି ଠିଆ ହେବା ପାଇଁ କହିବାର ଉଦ୍ଦେଶ୍ୟ କ'ଣ ?

୧୭. ଗୋପବନ୍ଧୁଙ୍କର ପ୍ରାଣଠାରୁ ପ୍ରିୟ କ'ଣ ଥିଲା ବୋଲି କବି କହିଛନ୍ତି ?

୧୮. କେଉଁ କଥା ଭୁଲି ସମସ୍ତେ ଗୋପବନ୍ଧୁଙ୍କ ମର ଶରୀରକୁ ସମ୍ମାନ ଜଣାଇବା ପାଇଁ କବି ନିବେଦନ କରିଛନ୍ତି ?

୧୯. କବି ଗୋପବନ୍ଧୁଙ୍କୁ ଦରିଦ୍ର-ନାରାୟଣ ରୂପେ ଅଭିହିତ କରିଛନ୍ତି କାହିଁକି ?

୨୦. ଗୋପବନ୍ଧୁଙ୍କ ମର ଶରୀରକୁ ଓଡ଼ିଆ ଜାତି କାହିଁକି ସମ୍ମାନ ଦେବେ ?

୨୧. ଓଡ଼ିଆ ଜାତି ଗୋପବନ୍ଧୁଙ୍କୁ କିପରି ସମ୍ମାନ ଜଣାଇବେ ?

୨୨. 'ମରଣ' କେଉଁ କଥା ଜାଣିବା ଆବଶ୍ୟକ ବୋଲି କବି କହିଛନ୍ତି ?

୨୩. କର୍ମବୀରଙ୍କ ପ୍ରତି 'ପ୍ରିୟଭାବ' ଜନତା କିପରି ପ୍ରକାଶ କରିପାରିବେ ?

୨୪. କବି ଉକ୍ତ କବିତାରେ ଗୋପବନ୍ଧୁଙ୍କ ପାଇଁ କେଉଁ କେଉଁ ବିଶେଷଣ ପ୍ରୟୋଗ କରିଛନ୍ତି ?

୨୫. କେଉଁ ଘଟଣାପାଇଁ ଘରେ ଘରେ କ୍ରନ୍ଦନ-ରୋଳ ବାଜି ଉଠିଲା ?

୨୬. କବି ଗୋପବନ୍ଧୁଙ୍କୁ 'ମହାଜନ' ବୋଲି ସମ୍ବୋଧନ କରିବାର ତାତ୍ପର୍ଯ୍ୟ ବୁଝାଅ ।

୨୭. ସମସ୍ତ ପ୍ରକାର ସଂକୀର୍ଣ୍ଣତାକୁ ଭୁଲି ଗୋପବନ୍ଧୁଙ୍କୁ ସମ୍ମାନ ଦେବାପାଇଁ କବି କେଉଁମାନଙ୍କୁ ଆହ୍ୱାନ କରିଛନ୍ତି ?

୨୮. ଧର୍ମର ଊର୍ଦ୍ଧ୍ୱରେ ରହି ଗୋପବନ୍ଧୁ କାହା ମୁଖରେ ଅନ୍ନ ଦେଉଥିଲେ ?

୨୯. ଗୋପବନ୍ଧୁ ଦରିଦ୍ରଙ୍କ ମୁଖରେ ଅନ୍ନ ଦେଲାବେଳେ କ'ଣ ଭୁଲି ଯାଉଥିଲେ ?

୩୦. ଗୋପବନ୍ଧୁଙ୍କ ଶବାଧାରରେ ଜନତା ଚରଣ ନଗ୍ନ କରି ଯିବାପାଇଁ କବି କାହିଁକି ନିବେଦନ କରିଛନ୍ତି ?

**ସପ୍ରସଙ୍ଗ ସରଳାର୍ଥ ଲେଖ :**

୩୧. ମହାବୀର ମହାପ୍ରୟାଣ ରଚିଲା ଆଜି
ତା' ମହାଜାତିର ଗର୍ବ ଗଲା ଯେ ଭାଜି !
ଅନୀକିନୀ ତା'ର ସ୍ତମ୍ଭିତେ ଅଛି ରହି
ପ୍ରତି କରେ କରେ ପତାକା ଯାଇଛି ନଇଁ ।

୩୨. ଧର୍ମ ଭୁଲି ସେ ଦରିଦ୍ର ମୁଖେ
ଅନ୍ନ ଦେଇଛି ଆଣି,
ସକଳ ଦୁଃଖକୁ ନିଜ ଦୁଃଖ କରି
ଚକ୍ଷୁ ଦେଇଛି ପାଣି ।

୩୩. ଆସ ସନାତନୀ, ଆସ ଖ୍ରୀଷ୍ଟାନ,
ଆସ ହେ ମୁସଲମାନ
ଜାତିର ରାଜାକୁ କ୍ଷୁଦ୍ରତା ଭୁଲି
କର ଥରେ ସମ୍ମାନ ।

୩୪. ସେଥିଲା କୋଟିଏ ଦରିଦ୍ର ମେଳେ
ଦରିଦ୍ର-ନାରାୟଣ,
ତାହାଠାରୁ ବଳି ଅଛି କହ କିଏ ?
ତୁମର ପୂଜ୍ୟଜନ ?
୩୫. ମରଣ ଜାଣୁହେ, କେଡ଼େ ପ୍ରିୟ ଥିଲେ
ଆମର କର୍ମବୀର ।

**ଦୀର୍ଘ ଉତ୍ତରମୂଳକ :**

୩୬. ଗୋପବନ୍ଧୁଙ୍କ ମହାପ୍ରୟାଣ ଓଡ଼ିଆ ଜାତିର ଗର୍ବକୁ କିପରି କ୍ଷୁଣ୍ଣ କଲା ବୁଝାଅ ।

୩୭. ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଗୋପବନ୍ଧୁ ଥିଲେ ଜଣେ ମହାନାୟକ- ଏହାର ଯଥାର୍ଥତା ପ୍ରତିପାଦନ କର ।

୩୮. କବିତା ଆଧାରରେ 'ଗୋପବନ୍ଧୁଙ୍କ ମହାପ୍ରୟାଣ'ର ଦୃଶ୍ୟ ବର୍ଣ୍ଣନା କରି ଦୂରରେ ଥିବା ତୁମର ଜଣେ ବଂଧୁଙ୍କ ନିକଟକୁ ପତ୍ରଟିଏ ଲେଖ ।

**ତୁମପାଇଁ କାମ :**

୩୯. ମାୟାଧର ମାନସିଂହଙ୍କ ଅନ୍ୟ ସାହିତ୍ୟକୃତିଗୁଡ଼ିକ ସଂଗ୍ରହ କରି ପଢ଼ ।

୪୦. ଓଡ଼ିଶାର ବିଭିନ୍ନ କବିଙ୍କୁ ମିଳିଥିବା ଉପାଧିଗୁଡ଼ିକ ଟିପାଖାତାରେ ଲେଖ ।

୪୧. ଗୋପବନ୍ଧୁଙ୍କ ମହାନତା ପ୍ରକାଶ ପାଉଥିବା ପଦଗୁଡ଼ିକ ଟିପାଖାତାରେ ଲେଖି ରଖ ।

୪୨. 'ଗୋପ ପ୍ରୟାଣ' କବିତାଟିର ଅନ୍ୟ ଅଂଶଗୁଡ଼ିକ ସଂଗ୍ରହ କରି ପଢ଼ ।

❖❖❖

# ପାଇକବଧୂର ଉଦ୍‌ବୋଧନ

● କୃଷ୍ଣଚନ୍ଦ୍ର ତ୍ରିପାଠୀ

**କବି ପରିଚୟ :**

*କବି କୃଷ୍ଣଚନ୍ଦ୍ର ତ୍ରିପାଠୀ (୧୯୧୧-୧୯୯୭)ଙ୍କ ଆବେଗଭରା କବିତାଗୁଡ଼ିକ ପାଠକଙ୍କ ପ୍ରାଣକୁ ଜାତୀୟ ଭାବନାରେ ଆନ୍ଦୋଳିତ କରେ । କବିଙ୍କ ଲେଖାସମୂହ ଓଡ଼ିଶା ଓ ଓଡ଼ିଆଙ୍କ ଐତିହ୍ୟ ତଥା ପରମ୍ପରାକୁ ନେଇ ସମୃଦ୍ଧ । ସହଜ ସରଳ ଭାଷାରେ ଓ ଛନ୍ଦପୂର୍ଣ୍ଣ ଭଙ୍ଗୀରେ ଲିଖିତ ତାଙ୍କର ଉଦ୍‌ବୋଧନମୂଳକ କବିତାଗୁଡ଼ିକ ପାଠକଙ୍କ ପ୍ରାଣରେ ଜାତୀୟତାବୋଧ ସଂଚାର କରେ । 'ଅଗ୍ନିଶଙ୍ଖ', 'ଆହୂତି', 'ମାଟିଦୀପ', 'ଦିଗ୍‌ବଳୟ' ଇତ୍ୟାଦି ତାଙ୍କର କେତୋଟି ବିଶିଷ୍ଟ ରଚନା । 'ପାଇକବଧୂର ଉଦ୍‌ବୋଧନ' ପଦ୍ୟଟିରେ ଦେଶାତ୍ମବୋଧ ପ୍ରକଟିତ ହୋଇଛି । ଏହା କବିଙ୍କର ଦୀର୍ଘକବିତା 'ପାଇକବଧୂର ଉଦ୍‌ବୋଧନ'ର କେତେକ ଅଂଶ ।*

*ଏହି କବିତାରେ କବି ଉତ୍କଳର ଶୌର୍ଯ୍ୟ ଓ ସାମରିକ ବିଭବର ହୃଦୟସ୍ପର୍ଶୀ ଚିତ୍ର ଦେବା ସହିତ ନାରୀର ମହନୀୟ ଭୂମିକା ତଥା ଜନ୍ମଭୂମିର ରକ୍ଷା ନିମନ୍ତେ ନିଜ ଜୀବନକୁ ଉତ୍ସର୍ଗ କରିବା ପାଇଁ ପ୍ରେରଣା ପ୍ରଦାନ କରିଅଛନ୍ତି ।*

---

ଏଇ ଦୁର୍ଗ, ଏଇ ବନ, ଏ ନୀଳ ପ୍ରାନ୍ତର
ପଡ଼ିଅଛି ଶମଶାନ ପରି
ନାହିଁ ସେ ପାଇକବାଦ୍ୟ ରଣ-ଶିଙ୍ଗା
ନାହାନ୍ତି ସେ ଯୋଦ୍ଧୃବେଶ ଧରି
ଖଣ୍ଡାୟତ ବୀର ।

ଫୁଟେ ନାହିଁ ତୋପ ଓ ବନ୍ଧୁକ
ଛୁଟେ ନାହିଁ ଲକ୍ଷ ଲକ୍ଷ ତୀର
ଟପ୍ ଟପ୍ ଚାଲେନାହିଁ ଘୋଡ଼ା
ସମୀରଣ ବହିଯାଏ ନୀରବେ ଗୁଞ୍ଜରି
ବୁଲନ୍ତି ଶ୍ୱାପଦକୁଳ ହୋଇ ଯୋଡ଼ା ଯୋଡ଼ା ।

ଏଇ ବୀର ମାଟି !
ଚାହିଁଲେ ନିମିଷେ ଯାରେ
ରକ୍ତ ଯାଏ ତାତି,
ରହିଅଛି ପଡ଼ି
ଅତୀତର ଲକ୍ଷବୀର ଗାଥା
ବୁକୁତଳେ ଧରି !

କହ କହ ହେ ବନ ପ୍ରାନ୍ତର
କହ କଥା ସମର ପ୍ରାଙ୍ଗଣ,
କହ କଥା ଭଗ୍ନ ଦୁର୍ଗ ଶିଳା
କହ କଥା ଶଇଳ କାନନ ।

କେମନ୍ତେ ସେ ଖଣ୍ଡାୟତ ବଧୂ
ରଣଶିଙ୍ଗା ବଜାଇ ବଜାଇ
ବୀରବେଶେ ସମର ପ୍ରାଙ୍ଗଣେ
ଆଣିଲା ତା ସ୍ୱାମୀରେ ସଜାଇ ।

କରେ ଦେଲା ତୀକ୍ଷ୍ଣ ତରବାର
ଭାଲେ ଦେଲା ବିଜୟ ସିନ୍ଦୂର
ଶରମୁଣା ବାନ୍ଧିଲା ଚରମେ
ଆରକରେ ଦୀପ୍ତ ଧନୁଶର
କେମନ୍ତେ ସେ ବୀର୍ଯ୍ୟବତୀ ବାଳା
କଣ୍ଠତଟୁ ଦେଲା ହୁଳହୁଳି
ବନ୍ଦାଇଲା ସ୍ୱାମୀରେ ସୋହାଗେ
ଯାଅ ଦର୍ପେ ଯୁଦ୍ଧ କର ବୋଲି !

ମନ୍ଦାରର ମାଳା ବକ୍ଷପଟେ
ଲମ୍ବାଇଲା ଆଦର ଯତନେ
ଗାଇଲା ସେ ସମର ସଙ୍ଗୀତ
ମେଘମନ୍ଦ୍ରେ କୁଟୀର ପ୍ରାଙ୍ଗଣେ-

ଯିବାପାଇଁ ହବ ରଣ ପ୍ରାଙ୍ଗଣେ ଯିବାପାଇଁ ହବ ବୀର
ମାରିବାକୁ ହବ ଲକ୍ଷ ସଇନି ଫୋପାଡ଼ି ଲକ୍ଷ ତୀର ।
ତରୁଣୀ ବକ୍ଷ ଲାଗି ପ୍ରିୟତମ ଜନ୍ମ ନୁହଁଇ ତବ
ଜନ୍ମଭୂଇଁର ମଙ୍ଗଳ ଲାଗି ଜୀବନ ଦେବାକୁ ହବ ।

ଶତେକ ସୈନ୍ୟ ସାଥେ ରଣ କରି ବିଜୟ ଲକ୍ଷ୍ମୀ ବରି
ଆସିବ ଯେ ଦିନ କୋଟି ଗଉରବେ ନେବି ମୁଁ ଆଦର କରି ।
ଆଗେ ବାଜୁଥିବ ସଂଗ୍ରାମ ବାଜା ପଛେ ଆସୁଥିବ ତମେ
ବିଜୟ କେତନ ହାତେ ଧରିଥିବ ଦେଖିବି ନୟନ କଣେ ।
ବନ୍ଦାଇ ନେବି କୁଟୀରେ ସୋହାଗେ ପଦବନ୍ଦନା କରି
ଚାଲ ପ୍ରିୟତମ ସମର କ୍ଷେତ୍ରେ ବକ୍ଷେ ଅନଳ ଭରି ।

**ସୂଚନା :**

ସମୀରଣ - ପବନ
ଗୁଞ୍ଜରି - ଗୁଣୁଗୁଣୁ ଶବ୍ଦକରି
ପ୍ରାଙ୍ଗଣ - ଅଗଣା, ପଡ଼ିଆ
କାନନ - ବଣ
ରଣଶିଙ୍ଗା - ଶିଙ୍ଗରେ ତିଆରି ଏକ ପ୍ରାଚୀନ ତୂରୀ
ତୀକ୍ଷ୍ଣ -ଧାରୁଆ
ତରବାର - ଖଣ୍ଡା
ଚରମେ - ଶେଷଭାଗ, ପିଠିପଟେ
ସୋହାଗେ - ଅତି ସ୍ନେହରେ
ମେଘମନ୍ଦ୍ରେ - ମେଘର ଗମ୍ଭୀର ଧ୍ୱନିରେ
ଶ୍ୱାପଦ - ହିଂସ୍ରଜନ୍ତୁ
ଭାଲେ - କପାଳରେ
ଦୀପ୍ତ - ଉଜ୍ଜ୍ୱଳ
ବୀର୍ଯ୍ୟବତୀ - ସାହସୀ, ବୀରା
ବାଳା - ଯୁବତୀ
ଦର୍ପେ - ବୀରତ୍ୱ ସହକାରେ
ବରି - ବରଣ କରି

## ପ୍ରଶ୍ନାବଳୀ

### ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୧. ପଠିତ କବିତାରୁ ଉପଯୁକ୍ତ ଶବ୍ଦବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ବୁଲନ୍ତି __________ କୂଳ ହୋଇ ଯୋଡ଼ା ଯୋଡ଼ା

(ଖ) କେମନ୍ତେ ସେ __________ ବାଳା କଣ୍ଠତଟୁ ଦେଲା ହୁଳହୁଳି

(ଗ) ମାରିବାକୁ ହବ ଲକ୍ଷ __________ ସଇନି ଫୋପାଡ଼ି ଲକ୍ଷ ତୀର

(ଘ) ଜନ୍ମଭୂଇଁର ମଙ୍ଗଳଲାଗି __________ ଦେବାକୁ ହବ ।

(ଙ) ଆଗେ ବାଜୁଥିବ __________ ବାଜା ପଛେ ଆସୁଥିବ ତମେ ।

୨. ନିମ୍ନଲିଖିତ ଉକ୍ତିଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ ଠିକ୍ ସେଗୁଡ଼ିକୁ ଲେଖ ।

(କ) ପାଇକ ବାଦ୍ୟ ରଣ-ଶିଂଗା ବର୍ତ୍ତମାନ ଓଡ଼ିଶାର ସବୁଠାରେ ବାଜୁଛି ।

(ଖ) ଓଡ଼ିଶାର ଐତିହ୍ୟ ସଂପନ୍ନ ସ୍ଥାନଗୁଡ଼ିକରୁ ଅନେକ ଅବହେଳିତ ଭାବରେ ପଡ଼ିଛି ।

(ଗ) ପାଇକବଧୂମାନେ ନିଜ ହାତରେ ସ୍ୱାମୀମାନଙ୍କୁ ସଜ୍ଜିତ କରି ଯୁଦ୍ଧକ୍ଷେତ୍ରକୁ ପଠାଉଥିଲେ ।

(ଘ) ସ୍ୱାମୀଙ୍କୁ ଯୁଦ୍ଧକ୍ଷେତ୍ରକୁ ପଠାଇଦେଇ ପାଇକବଧୂ ଘରେ ଗୁମୁରି କାନ୍ଦୁଥିଲା ।

(ଙ) ଜୀବନକୁ ଉପଭୋଗରେ ବିତାଇ ଦେବାକୁ ମଣିଷ ଜନ୍ମ ହୋଇଛି ।

୩. ନିମ୍ନଲିଖିତ ସମୋଚ୍ଚାରିତ ଶବ୍ଦର ଅର୍ଥଲେଖ ।

କୁଳ- କୂଳ, ଲକ୍ଷ-ଲକ୍ଷ୍ୟ, ଶର - ସର, ଅନଳ - ଅନିଳ

୪. ନିମ୍ନଲିଖିତ ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।

ବନ, ଘୋଡ଼ା, ସମୀରଣ, ଲକ୍ଷ୍ମୀ, ଶୈଳ

୫. ନିମ୍ନଲିଖିତ ଶବ୍ଦଗୁଡ଼ିକର ଲିଙ୍ଗ ପରିବର୍ତ୍ତନ କର ।

ତରୁଣୀ, ବୀର, ଘୋଡ଼ା, ପ୍ରିୟତମ, ବଧୂ

୬. ନିମ୍ନଲିଖିତ ଶବ୍ଦଗୁଡ଼ିକର ଗଦ୍ୟ ରୂପ ଲେଖ ।

ଶମଶାନ, ଶଇଳ, ସଇନ, ଗଉରବ, ଯତନ

୭. ନିମ୍ନରେ ଲେଖାଯାଇଥିବା ପ୍ରତ୍ୟେକ ଧାଡ଼ିରୁ ଭିନ୍ନ ଶବ୍ଦଟିକୁ ବାଛ ।

(କ) ଅତୀତ, ପୂର୍ବତନ, ଅତୀବ, ପ୍ରାଚୀନ, ପୁରାତନ

(ଖ) ଖଣ୍ଡା, ବନ୍ଧୁକ, ତୋପ, ଢାଲ, ଛୁରୀ

(ଗ) ସମୀରଣ, କାକର, ପବନ, ମଳୟ, ବାଆ

(ଘ) ଘୋଡ଼ା, ବଳଦ, ଗଧ, କୁକୁର, ବିଲୁଆ

(ଙ) ବାଳକ, ବାଳିକା, ତରୁଣ, ବୃଦ୍ଧ, ପ୍ରୌଢ଼

୮. ନିମ୍ନରେ ଦିଆଯାଇଥିବା 'କ' ସ୍ତମ୍ଭର ଶବ୍ଦ ସହିତ 'ଖ' ସ୍ତମ୍ଭର ଶବ୍ଦକୁ ମିଳାଅ ।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| ଶ୍ୱାପଦ | ଧନୁଶର |
| ସଂଗ୍ରାମ | ସଙ୍ଗୀତ |
| ଦୀପ୍ତ | କେତନ |
| ସମର | କୁଳ |
| | ବାଜା |

୯. ନିମ୍ନରେ 'ସୋହାଗେ'ର ଚାରିଗୋଟି ଅର୍ଥ ଦିଆଯାଇଛି, ଠିକ୍ ଅର୍ଥଟିକୁ ବାଛ ।

(କ) ଅତି ଘୃଣାରେ

(ଖ) ଅତି ସ୍ନେହରେ

(ଗ) ଅତି ଈର୍ଷାରେ

(ଘ) ଅତି ଯତ୍ନରେ

୧୦. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ଗଢ଼ ।

ସମର, ସଂଗ୍ରାମ, ପ୍ରାଙ୍ଗଣ, ବିଜୟ, ଗୌରବ ।

**କ୍ଷୁଦ୍ର ଉତ୍ତରମୂଳକ :**

୧୧. ଶ୍ମଶାନ ପରି କ'ଣ ପଡ଼ିଛି ବୋଲି କବି କହିଛନ୍ତି ?

୧୨. ଯୋଦ୍ଧାବେଶ କେଉଁମାନେ ଧାରଣ କରୁଥିଲେ ?

୧୩. ସମୀରଣ କିପରି ବହିଯାଏ ?

୧୪. ଶ୍ୱାପଦକୁଳ କେଉଁଠାରେ ବୁଲୁଛନ୍ତି ?

୧୫. ବୀରମାଟିକୁ ଦେଖିଲେ ମନରେ କି ଭାବନା ସୃଷ୍ଟି ହୁଏ ?

୧୬. ବୀର ମାଟି ବୁକୁତଳେ କ'ଣ ଧରି ପଡ଼ି ରହିଛି ?

୧୭. ଖଣ୍ଡାୟତ ବଧୂ ନିଜର ସ୍ୱାମୀକୁ ବୀର ବେଶରେ କିଭଳି ସଜ୍ଜିତ କରୁଥିଲା ?

୧୮. ଯୁଦ୍ଧ କ୍ଷେତ୍ରକୁ ସ୍ୱାମୀକୁ ପଠାଇ ଖଣ୍ଡାୟତ ବଧୂ କିପରି ସମୟ କାଟୁଥିଲା ?

୧୯. ବୀରବାଳା ତା' ସ୍ୱାମୀକୁ ଯୁଦ୍ଧକ୍ଷେତ୍ରକୁ କିପରି ପଠାଉଥିଲା ବୋଲି କବି କହିଛନ୍ତି ?

୨୦. ବୀରବାଳା କେଉଁ ଗୀତ ଗାଉଥିଲେ ?

୨୧. 'ଯିବା ପାଇଁ ହବ ବୀର'– 'ବୀର' ବୋଲି କାହାକୁ କିଏ ସମ୍ବୋଧନ କରିଛନ୍ତି ?

୨୨. କେଉଁ ଉଦ୍ଦେଶ୍ୟ ନେଇ ଯୁଦ୍ଧକ୍ଷେତ୍ରକୁ ଯିବାକୁ ପଡ଼ିବ ବୋଲି ବୀରବାଳା କହିଛନ୍ତି ?

୨୩. କେତେବେଳେ ପ୍ରିୟତମଙ୍କୁ ପାଇକବଧୂ ଆଦର କରି ନେବେ ବୋଲି କବି କହିଛନ୍ତି ?

୨୪. ଯୁଦ୍ଧଜୟୀମାନେ କିପରି ଫେରନ୍ତି ?

୨୫. ତରୁଣୀ ଓ ଜନ୍ମଭୂଇଁ – ଏହି ଦୁଇଟି ମଧ୍ୟରୁ ବୀରର ପ୍ରିୟ କିଏ ହେବା ଉଚିତ ?

୨୬. ବିଜୟୀ ସ୍ୱାମୀକୁ ଦେଖିଲେ ପାଇକବଧୂ ହୃଦୟରେ କି ଭାବ ଅନୁଭବ କରିବ ?

୨୭. କିଏ କାହାର ପଦବନ୍ଦନା କରିବ ?

**ସପ୍ରସଙ୍ଗ ସରଳାର୍ଥ ଲେଖ :**

୨୮. ଏଇ ଦୁର୍ଗ, ଏଇ ବନ, ଏ ନୀଳ ପ୍ରାନ୍ତର

ପଡ଼ିଅଛି ଶମଶାନ ପରି

୨୯. ଏଇ ବୀର ମାଟି !

ଚାହିଁଲେ ନିମିଷେ ଯାରେ

ରକ୍ତ ଯାଏ ତାତି,

ରହିଅଛି ପଡ଼ି

ଅତୀତର ଲକ୍ଷବୀର ଗାଥା

ବୁକୁତଳେ ଧରି !

୩୦. ମନ୍ଦାରର ମାଳା ବକ୍ଷପଟେ

ଲମ୍ବାଇଲା ଆଦର ଯତନେ ।

୩୧. ତରୁଣୀ ବକ୍ଷ ଲାଗି ପ୍ରିୟତମ ଜନ୍ମ ନୁହଁଇ ତବ

ଜନ୍ମଭୂଇଁର ମଙ୍ଗଳ ଲାଗି ଜୀବନ ଦେବାକୁ ହବ ।

## ଦୀର୍ଘ ଉତ୍ତରମୂଳକ :

୩୨. ସଂଶିତ କବିତାଟିରେ କବିଙ୍କର ଦେଶାତ୍ମବୋଧ ଓ ଜାତୀୟଭାବ କିପରି ପ୍ରକଟିତ ହୋଇଛି, ଆଲୋଚନା କର ।

୩୩. ଅତୀତ ଉତ୍କଳର ଶୌର୍ଯ୍ୟ ଓ ସାମରିକ ବିଭବର ଯେଉଁଚିତ୍ର କବିତାଟିରେ ପ୍ରକାଶିତ ହୋଇଛି ତାହା ବର୍ଣ୍ଣନା କର ।

୩୪. ନାରୀ ଯୁଗେ ଯୁଗେ ପ୍ରେରଣାଦାୟିନୀ - ଉକ୍ତିଟିକୁ ପଠିତ କବିତା ଅନୁସରଣରେ ପ୍ରମାଣ କର ।

୩୫. 'ପାଇକ-ବଧୂର ଉଦ୍‌ବୋଧନ' କବିତାଟିର ନାମକରଣର ସାର୍ଥକତା ପ୍ରତିପାଦନ କର ।

୩୬. 'ଜନ୍ମଭୂମିର ରକ୍ଷାପାଇଁ ନାରୀର ଭୂମିକା' ବର୍ଣ୍ଣନା କରି ତୁମ ସାନ ଭଉଣୀ ନିକଟକୁ ମନଛୁଆଁ ପତ୍ରଟିଏ ଲେଖ ।

## ତୁମପାଇଁ କାମ :

୩୭. 'ପାଇକବଧୂର ଉଦ୍‌ବୋଧନ' ସମଗ୍ର କବିତାଟି ସଂଗ୍ରହ କରି ପଢ଼ ।

୩୮. କବିଙ୍କର ଅନ୍ୟକୃତି ଗୁଡ଼ିକ ସଂଗ୍ରହ କରି ପଢ଼ ।

୩୯. ଅତୀତ ଉତ୍କଳର ଗୌରବୋଜ୍ଜ୍ୱଳ ଐତିହ୍ୟ ସଂପର୍କରେ ଟିପାଖାତାରେ ସୂଚନା ଟିପି ରଖ ।

❖❖❖

# ମାଟିର ମଣିଷ

● ରାଧାମୋହନ ଗଡ଼ନାୟକ

## କବି ପରିଚୟ :

*କବି ରାଧାମୋହନ ଗଡ଼ନାୟକ (୧୯୧୧-୨୦୦୦)ଙ୍କ ଜନ୍ମ ଅନୁଗୁଳ ଜିଲ୍ଲାର କଲଣ୍ଡାପାଳ ଗ୍ରାମରେ । ଉତ୍କଳୀୟ ସଂସ୍କୃତି, ଐତିହ୍ୟ ଓ ସର୍ବୋପରି ମଣିଷ ପ୍ରତି ରହିଥିବା ନିଃସର୍ତ୍ତ ଭଲ ପାଇବାପଣ ସମସାମୟିକ କବିମାନଙ୍କ ଠାରୁ ତାଙ୍କୁ ସ୍ୱତନ୍ତ୍ର କରି ଚିହ୍ନାଇ ଦେଇଥାଏ । ତାଙ୍କ ପ୍ରାରମ୍ଭିକ କାବ୍ୟ ଚେତନାରେ ରୋମାଣ୍ଟିକ ଭାବୁକତା ପରିଲକ୍ଷିତ ହୋଇଥିଲେ ହେଁ ପରବର୍ତ୍ତୀ କାଳରେ ମାନବିକତାବୋଧ ଓ ଐତିହ୍ୟ ସଂପ୍ରୀତି ହୋଇଛି ତାଙ୍କ କବିତାର ମୁଖ୍ୟ ଉପାଦାନ । ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପରେ ଓଡ଼ିଆ ସାହିତ୍ୟରେ ସେ ହେଉଛନ୍ତି ଅନ୍ୟତମ ସଫଳ ଗାଥା କବି । 'କାବ୍ୟ ନାୟିକା', 'ଉତ୍କଳିକା', 'କୈଶୋରିକା', 'ଶାମୁକାର ସ୍ୱପ୍ନ', 'ପଶୁପକ୍ଷୀର କାବ୍ୟ', 'ସୂର୍ଯ୍ୟ ଓ ଅନ୍ଧକାର', 'ଦୀପଶିଖା' ଆଦି ତାଙ୍କର କେତୋଟି ଅନବଦ୍ୟ କୃତି । 'ସୂର୍ଯ୍ୟ ଓ ଅନ୍ଧକାର' କବିତା ସଂକଳନ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଛନ୍ତି । ଜଣେ ସଫଳ ଅନୁବାଦକ ରୂପେ ତାଙ୍କର ସୁଖ୍ୟାତି ରହିଛି ।*

*'ମାଟିର ମଣିଷ' କବିତାଟି ତାଙ୍କ 'କାବ୍ୟ ନାୟିକା' କବିତା ସଂକଳନରୁ ଆନୀତ । ଶିଳ୍ପ ସଭ୍ୟତାଭିମୁଖୀ ମଣିଷକୁ ପୁଣି ମାଟିମନସ୍କ କରାଇବା ନିମିତ୍ତ କବିତାଟିରେ ରହିଛି ଆଶାନ୍ୱିତ ଆହ୍ୱାନ ।*

---

**ଯ**ନ୍ତ୍ର ତତେ କି ମନ୍ତ୍ର ଦେଉଛି ମାଟିର ମଣିଷ ଆରେ,
ମୁଗ୍ଧ ତୋହର ଚିତ୍ତ ଗହନେ ଚିହ୍ନି ପାରୁନୁ ବାରେ ?
ମଥା ଟେକି ସେଇ ଯନ୍ତ୍ର ଯେ ସଦା ରୁଦ୍ର ଦାନବ ପରି
ଛିଡ଼ା ହୋଇଅଛି ଚାରିପାଶେ ତାର ଲୁହାର ଫଉଜ ଧରି ।
ଗର୍ଜି ଉଠୁଛି ଥରେ ଥରେ ପୁଣି ଭୀମ ଭୈରବ ରବେ
ନିଃଶ୍ୱାସ-ଧୂମ-ଉଚ୍ଛ୍ୱାସ ତା'ର ଛାଡ଼ଇ ମୌନ ନଭେ ।
ଦେଖି ପାରୁନୁ କି ତୁରେ,
ଚିହ୍ନିପାରୁନୁ ବହ୍ନିଶିଖା ଯେ ଜଳୁଛି ତାହାର ମୂଳେ ?

ମଳିନା ଏ ମାଟି ତୋହରି ମା'ଟି ଜୀବନଧାତ୍ରୀ ତୋର
ଉଡ଼ାନେ ପଡ଼ିରହିଛି ଦିବସ ରଜନୀ ସଂଜ ଭୋର ।
ବିପୁଳ ଏହାରି ସ୍ତନ୍ୟଦାନେରେ ବିପୁଳ ଏହାରି ସ୍ନେହେ
ପୁଷ୍ଟ ହୋଇଚି ଅଙ୍ଗ ତୋହର ବର୍ଣ୍ଣ ଫୁଟିଚି ଦେହେ ।
ଏ ତୋହ ମାଆର ବକ୍ଷ-ଉଛୁଳା ଗଭୀର ସେନେହ ଭୁଲି
କେଉଁ ପରି ଆଜି ଭରସା କରିଛୁ ଯନ୍ତ୍ରଚିତାର ଚୁଲି ?
ଅନା ଅନା ଫେରି ଥରେ,
ଅନା ଅନା ତୋର ଦୃଷ୍ଟି ଫେରାଇ ମଳିନ ଏ ମାଟି ପରେ ।
କାନ୍ଦୁଚି ତୋର ମାଟିର ଲକ୍ଷ୍ମୀ, କାନ୍ଦୁଚି ତୋର ଘର
ରୁକ୍ଷ ଉରସେ ପଡ଼ି ରହିଅଛି ଖେତର ଜାତକ ତୋର ।
ସରଳ ତୋହର କାଲିର ଜୀବନ ଭାବୁଅଛୁ କିରେ ସତେ
ଦୟାକରି ଟିକେ ଆଣୁଅଛୁ କିରେ ତୋହର ସ୍ମୃତି ପଥେ ।
ଜଳ-ବର୍ଷିତ ହଳ-କର୍ଷିତ ଜମିର ସୁରଭିବାସ
ଘଡ଼ିକ ପାଇଁକି ଅନ୍ତରେ ତୋର ଭରୁନାହିଁ ଉଲ୍ଲାସ ?
ସ୍ୱର୍ଣ୍ଣ-ଧାନର ବିଭା,
ଦଣ୍ଡକ ଲାଗି ଚକ୍ଷେ ତୋହର ଦିଶି ଯାଉନାହିଁ କିବା ?
ଦିଗନ୍ତ-ଭରା ପକ୍ୱଧାନର ମନମତାଣିଆ ଗନ୍ଧ
ହୃଦୟେ ତୋହର, ପରାଣେ ତୋହର ଜଗାଉ ନାହିଁକି ସ୍ପନ୍ଦ ?
ଆୟୁ କିଆରୀର ଛାଇତଳେ ବସି କୈଶୋର ଖେଳ ହସ,
ପଉଷ ମାସର ଅମିୟ ସମାନ ମଧୁର ଦୋରୁଅ ରସ ।
ଗାଆଁ ବାଡ଼ିତଳେ, କପା ତଇଲାରେ କପା ଫୁଟିବାର ଶୋଭା
ତାରା ଫୁଟିବାର ମଉଛବ ପରି ହେଉ ନାହିଁ ମନଲୋଭା ?
ସୋରିଷ କ୍ଷେତର ବର୍ଣ୍ଣ,
ଦଣ୍ଡକ ପାଇଁ ଅନ୍ତର ତୋର କରୁନାହିଁ ମୋହାଚ୍ଛନ୍ନ ?
ମନେପଡୁନାହିଁ ତମରି ଗାଆଁର ଛଇଳ ଚପଳ ନଈ
ପଲ୍ଲୀ ବଧୂର ସ୍ନିଗ୍ଧ ମଧୁର ପାଣି ବୋହିବାର ଛଇ ।

ମନେ ପଡୁନାହିଁ ତାଳବନ ତଳେ ଗୋଷ୍ଠ ବିହାରୀ ଧେନୁ
ମନେ ପଡୁନାହିଁ ଗୋପାଳ ପୁଅର ଧୀର ମୂର୍ଚ୍ଛିତ ବେଣୁ ।
ଲଙ୍ଗଳ ଆଜି ଡାକୁଅଛି ତତେ ତୋର ସନ୍ତକ ସମ
ମଙ୍ଗଳ ଜାଣି ଡାକୁଅଛି ଆରେ ମାଟିର ପତଙ୍ଗମ ।
ଉର୍ବର ତୋର ପ୍ରାଣ,
ଯନ୍ତ୍ରପୁରୀର ଇସ୍ପାତ ପରି ହୋଇ ଯାଇଅଛି ଟାଣ ।
ଯନ୍ତ୍ରତଳେ ତ ପରାଣ ନାହିଁରେ ମରଣର ତହିଁ ଘର
ଦିନ ରାତି ତହୁଁ ଚିତାର କୁହେଳି ହେଉଅଛି ଉତ୍‌ଥଳ ।
ଆଗାମୀ ଯୁଗର ଦ୍ରଷ୍ଟା ମୁଁ ଆଜି ଡାକୁଅଛି ଏଇ କୂଳେ
ପତଙ୍ଗ ପରି ଝାସ ଦେ ନାହିଁ ଦେ ନାହିଁ ତା'ର ମୂଳେ ।
ମାଟିର ଅଙ୍କେ ଜନ୍ମ ପାଇଚୁ ଝରରେ ତାହାରି ପରେ
ମାଟିର ବକ୍ଷେ ଜନ୍ମ ଲଭିବୁ ନବ ଜନ୍ମାନ୍ତରେ ।
ଫେରିଆ ପୂରୁବ ପଥେ,
ଅକାରଣେ ଆଉ ଧୂଆଁ ହ ନାହିଁ ଯନ୍ତ୍ର- ଧୂଆଁର ସାଥେ ।

**ସୂଚନା :**

ମୁଗ୍‌ଧ - ମୋହିତ
ଗହନ - ଦୁର୍ଗମ
ରୁଦ୍ର - ଶିବ, ଭୟଙ୍କର
ଦାନବ - ରାକ୍ଷସ
ଭୀମ - ଭୟଙ୍କର
ଭୈରବ - ଭୀଷଣ
ରବ - ଶବ୍ଦ
ଧୂମ - ଧୂଆଁ
ଉଚ୍ଛ୍ୱାସ - ଦୀର୍ଘ ନିଃଶ୍ୱାସ
ନଭ - ଆକାଶ
ବହ୍ନି - ନିଆଁ
ଜୀବନଧାତ୍ରୀ - ଜୀବନର ସେବାକାରୀ
ଉଡାନେ - ଊର୍ଦ୍ଧ୍ୱମୁଖରେ
ବିପୁଳ - ପ୍ରଚୁର, ମହତ, ଗଭୀର
ପୁଷ୍ଟ - ପ୍ରତିପାଳିତ, ହୃଷ୍ଟପୁଷ୍ଟ
ଅଂଗ - ଶରୀର
ବର୍ଣ୍ଣ - ରଙ୍ଗ

ଚିତା - ମଶାଣି ଚୁଲାରେ ସଜ୍ଜିତ କରି ରଖାଯାଇଥିବା କାଠ, ଯାହା ଉପରେ ମୃତ ଶରୀରକୁ ଶୁଆଇ ଦାହ କରାଯାଏ ।

ରୁକ୍ଷ- - କର୍କଶ, ଶୁଷ୍କ

ଉରସ - ବକ୍ଷ, ଛାତି

ଜାତକ - ଜନ୍ମପତ୍ରିକା

ସୁରଭି - ସୁଗନ୍ଧ ଯୁକ୍ତ

ଉଲ୍ଲାସ - ଆନନ୍ଦ

ବିଭା - ଦୀପ୍ତି, ସୌନ୍ଦର୍ଯ୍ୟ

ପକ୍ୱ - ପାଚିଲା

ସ୍ପନ୍ଦ - ସ୍ପନ୍ଦନ

ଅମିୟ - ଅମୃତ, ସ୍ୱାଦିଷ୍ଟ

ମୋହ - ଆସକ୍ତି

ଛଇଳ - ରସିକ

ଚପଳ - ଅସ୍ଥିର

ସ୍ନିଗଧ - ଆନନ୍ଦଦାୟକ, ଚିକ୍‌କଣ

ଛଇ - ଭଙ୍ଗୀ

ଗୋଷ୍ଠ ବିହାରୀ - ଗୋଠରେ ବୁଲୁଥିବା

ଧୀର - ଗମ୍ଭୀର, ପଣ୍ଡିତ

ଧେନୁ - ଗାଇ

ମୂର୍ଚ୍ଛିତ - ଆରୋହଣ ଅବରୋହଣ ସ୍ୱର ବା ମୂର୍ଚ୍ଛନା

ସନ୍ତକ - ସ୍ମାରକ ବସ୍ତୁ

ପତଙ୍ଗମ - ପତଙ୍ଗ

କୁହେଳି - କୁହୁଡ଼ି

ଉତ୍‌ଥଳ - ଉଚ୍ଛୁଳା

ଦ୍ରଷ୍ଟା - ଯେ ଦେଖିପାରେ

## ପ୍ରଶ୍ନାବଳୀ

### ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୧. ବନ୍ଧନୀ ମଧ୍ୟରେ ଦିଆଯାଇଥିବା ନିମ୍ନଲିଖିତ ଶବ୍ଦଗୁଡ଼ିକ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି, ଶୂନ୍ୟସ୍ଥାନ ପୂରଣ କର ।

ମୁଁ ମୋ ମା' ଓ ମାଟିକୁ ବହୁତ ଭଲ ପାଏ । ଉଭୟଙ୍କର __________ ରେ

ମୋର ଶରୀର __________ ହୋଇଛି । ସେମାନଙ୍କ __________ ଅତୁଳନୀୟ ।

ସେମାନଙ୍କର ସହନଶୀଳତା ମତେ __________ କରେ ।

ସେମାନଙ୍କର __________ ଛବି ମୋ ହୃଦୟରେ ସାଇତି ହୋଇ ରହିଛି ।

(ମନଲୋଭା, ଅବଦାନ, ସ୍ନେହ, ପୁଷ୍ଟ, ମୁଗ୍ଧ, ମଳିନ)

୨. କବିତାନୁସରଣରେ ନିମ୍ନଲିଖିତ ବାକ୍ୟଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ ଠିକ୍, ସେଗୁଡ଼ିକୁ ଲେଖ ।

(କ) ମାଟି ଆମ ସମସ୍ତଙ୍କୁ ଜନ୍ମ ଦେଇଛି ।

(ଖ) ଯନ୍ତ୍ର ସଭ୍ୟତା ମଣିଷଙ୍କୁ କୃଷିପ୍ରତି ଅମନଯୋଗୀ କରିଛି ।

(ଗ) ଗାଁର ବୋହୂମାନେ ପାଣି ସଂଗ୍ରହ କରି ଆଣିବା ଛଇ ବେଶ୍ ଆନନ୍ଦଦାୟକ ।

(ଘ) ପଉଷ ମାସରେ ପ୍ରଚୁର ଆଖୁରସ ମିଳେ ।

(ଙ) ମଣିଷର ଆଗାମୀ ଜୀବନ ସରଳ ନୁହେଁ ବୋଲି କବି କହିଛନ୍ତି ।

(ଚ) ଗୋପାଳ ପୁଅ ଧୀରେ ଧୀରେ ବଂଶୀ ବଜାଉଥାଏ ।

(ଛ) ଯନ୍ତ୍ରଶାଳାକୁ କବି ଚିତା ସହିତ ତୁଳନା କରିଛନ୍ତି ।

୩. 'ଗୋଷ୍ଠ-ବିହାରୀ ଧେନୁ' - ଏହି ଶବ୍ଦପୁଞ୍ଜର ଚାରିଗୋଟି ଅର୍ଥ ନିମ୍ନରେ ଦିଆଯାଇଛି । ଠିକ୍ ଅର୍ଥଟିକୁ ବାଛ ।

(କ) ଶ୍ରୀକୃଷ୍ଣଙ୍କ ଗାଈ

(ଖ) ଗୋଠରୁ ଫେରୁଥିବା ଗାଈ

(ଗ) ଗୋଠରେ ବିଚରଣ କରୁଥିବା ଗାଈ

(ଘ) ଗୋଠରୁ ଚୋରି ହୋଇଯାଇଥିବା ଗାଈ

୪. ନିମ୍ନଲିଖିତ ଶବ୍ଦଗୁଡ଼ିକର ଗଦ୍ୟ ରୂପ ଲେଖ ।

ପଉଷ, ମଉଛବ, ସେନେହ, ସ୍ମରୁତି, ଚକ୍ଷେ, ପରାଣେ

୫. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ସାର୍ଥକବାକ୍ୟରେ ବ୍ୟବହାର କର ।

ସନ୍ତକ, ରୁକ୍ଷ, ମୋହାଚ୍ଛନ୍ନ, ବିପୁଳ, ରୁଦ୍ର

୬. 'କ' ସ୍ତମ୍ଭର ଶବ୍ଦ ସହିତ 'ଖ' ସ୍ତମ୍ଭର ଯଥାଯଥ ଶବ୍ଦ ବାଛି ସଂଯୋଗ କର ।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| ଆଗାମୀ | ଶିଖା |
| ମାଟିର | ଫଉଜ |
| ବହ୍ନି | ଯୁଗ |
| ଲୁହାର | କୁହେଳି |
| ଚିତାର | ପତଙ୍ଗମ |

୭.  ନିମ୍ନଲିଖିତ ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।

ଦାନବ, ନଭ, ମଣିଷ, ଚକ୍ଷୁ, ଧେନୁ

୮.  ନିମ୍ନଲିଖିତ ପ୍ରତ୍ୟେକ ଶବ୍ଦକୁ ଦୁଇଟି ଭିନ୍ନ ଭିନ୍ନ ଅର୍ଥରେ ବାକ୍ୟରେ ବ୍ୟବହାର କରି ଲେଖ ।

ବର୍ଣ୍ଣ, ଜୀବନ, ବାସ, ବନ, ଅଙ୍କ

୯.  ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥଗତ ପାର୍ଥକ୍ୟ ଦର୍ଶାଇ ବାକ୍ୟରେ ବ୍ୟବହାର କର ।

ପୁର- ପୂର, ପୁଷ୍ଟ-ପୃଷ୍ଟ, ଶମ-ସମ, ଜାତ-ଯାତ

**କ୍ଷୁଦ୍ର ଉତ୍ତରମୂଳକ :**

୧୦. ଆଧୁନିକ ମଣିଷ କ'ଣ ପାଇଁ ଚିନ୍ତା କରିବାର ଶକ୍ତି ହରାଇ ବସିଛି ବୋଲି କବି ଆଶଙ୍କା କରିଛନ୍ତି ?

୧୧. ରୁଦ୍ର ଦାନବ ରୂପେ କବି କାହାକୁ ବିବେଚନା କରିଛନ୍ତି ?

୧୨. 'ଲୁହାର ଫଉଜ' ବୋଲି କାହାକୁ କୁହାଯାଇଛି ?

୧୩. କଳକାରଖାନା ଆକାଶକୁ କ'ଣ ଛାଡୁଛନ୍ତି ?

୧୪. 'ବହ୍ନିଶିଖା ଜଳୁଛି' କହିବା ଦ୍ୱାରା କବି କ'ଣ ସୂଚନା ଦେଉଛନ୍ତି ?

୧୫. 'ମଳିନା ଏ ମାଟି' କହିବାରେ କବିଙ୍କ ଉଦ୍ଦେଶ୍ୟ କ'ଣ ?

୧୬. କବି ମାଟିକୁ କାହା ସହିତ ତୁଳନା କରିଛନ୍ତି ?

୧୭. ମାଟି କିପରି ପଡ଼ିଛି ବୋଲି କବି କହିଛନ୍ତି ?

୧୮. ମଣିଷ ସମାଜକୁ ଅକୁଣ୍ଠିତ ମନରେ ମାଟି କ'ଣ ଦାନ କରୁଛି ?

୧୯. ମଣିଷ କ'ଣ ଭୁଲି ଯାଉଛି ବୋଲି କବି ସୂଚନା ଦେଇଛନ୍ତି ?

୨୦. କବି 'ଚିତା' ସହିତ କାହାକୁ ତୁଳନା କରିଛନ୍ତି ?

୨୧. ଆଗାମୀ ଦିନକୁ ମଣିଷ କିପରି ଭାବରେ ଗ୍ରହଣ କରୁଛି ବୋଲି କବି କହିଛନ୍ତି ?

୨୨. ଜମିର ବାସନା ମଣିଷ ମନରେ ଆନନ୍ଦ ପ୍ରଦାନ କରିପାରୁନାହିଁ କାହିଁକି ?

୨୩. ମଣିଷର ମାନସ ପଟରେ କ୍ଷଣିକ ପାଇଁ କେଉଁ ସୌନ୍ଦର୍ଯ୍ୟ ଉଦ୍‌ଭାସିତ ହେଉନାହିଁ ବୋଲି କବି ପ୍ରଶ୍ନ କରିଛନ୍ତି ?

୨୪. ପଉଷ ମାସର ଅମିୟ ବୋଲି କବି କାହାକୁ କହିଛନ୍ତି ?

୨୫. ତଇଲାରେ କପା ଫୁଟିବାର ଦୃଶ୍ୟକୁ କବି କାହା ସହିତ ତୁଳନା କରିଛନ୍ତି ?

୨୬. ପଲ୍ଲୀର କେଉଁ ଦୃଶ୍ୟଗୁଡ଼ିକ ମଣିଷର ମନେ ପଡୁନାହିଁ ବୋଲି କବି ସୂଚନା ଦେଇଛନ୍ତି ?

୨୭. ମଣିଷର ସନ୍ତକ ଭାବରେ କବି କାହାକୁ ବିବେଚନା କରିଛନ୍ତି ?

୨୮. କବି କେଉଁ ଭାବରେ ଯନ୍ତ୍ରକୁ ଅଭିହିତ କରିଛନ୍ତି ?

୨୯. ଆଗାମୀ ଯୁଗର ଦ୍ରଷ୍ଟା ଭାବରେ କବି ମଣିଷ ସମାଜକୁ କି ଆହ୍ୱାନ ଦେଇଛନ୍ତି ?

**ସପ୍ରସଙ୍ଗ ସରଳାର୍ଥ ଲେଖ :**

୩୦. ମଥା ତୋଳି ସେଇ ଯନ୍ତ୍ର ଯେ ସଦା ରୁଦ୍ର ଦାନବ ପରି
ଛିଡ଼ା ହୋଇଅଛି ଚାରିପାଶେ ତା'ର ଲୁହାର ଫଉଜ ଧରି ।

୩୧. ବିପୁଳ ଏହାରି ସ୍ତନ୍ୟଦାନେରେ ବିପୁଳ ଏହାରି ସ୍ନେହେ
ପୁଷ୍ଟ ହୋଇଛି ଅଙ୍ଗ ତୋହର ବର୍ଣ୍ଣ ଫୁଟିଚି ଦେହେ ।

୩୨. ସରଳ ତୋହର କାଲିର ଜୀବନ ଭାବୁଅଛୁ କିରେ ସତେ
ଦୟାକରି ଟିକେ ଆଣୁଅଛୁ କିରେ ତୋହର ସ୍ମୃତି ପଥେ ।

୩୩. ଲଙ୍ଗଳ ଆଜି ଡାକୁଅଛି ତତେ ତୋର ସନ୍ତକ ସମ
ମଙ୍ଗଳ ଜାଣି ଡାକୁଅଛି ଆରେ ମାଟିର ପତଙ୍ଗମ ।

୩୪. ଯନ୍ତ୍ର ତଳେ ତ ପରାଣ ନାହିଁରେ ମରଣର ତହିଁ ଘର
ଦିନ ରାତି ତହୁଁ ଚିତାର କୁହେଳି ହେଉଅଛି ଉତ୍‌ଥଳ ।

**ଦୀର୍ଘ ଉତ୍ତରମୂଳକ :**

୩୫. 'ମାଟିର ମଣିଷ' କବିତା ଅନୁସରଣରେ ପଲ୍ଲୀର ବିଭିନ୍ନ ଦୃଶ୍ୟ ବର୍ଣ୍ଣନ କର ।

୩୬. କବି ରାଧାମୋହନ ଗଡ଼ନାୟକ ଜଣେ ଆଗାମୀ ଯୁଗର ଦ୍ରଷ୍ଟା- ପ୍ରମାଣ କର ।

୩୭. ଯନ୍ତ୍ରକୁ ଭରସାକରି ଆଧୁନିକ ମଣିଷ ଯନ୍ତ୍ର ପାଲଟି ଯାଇଛି – ପଠିତ କବିତା ଅନୁସରଣରେ ଏହାର ସତ୍ୟତା ପ୍ରତିପାଦନ କର ।

୩୮. ମଣିଷ ମାଟିକୁ ଭୁଲି ନିଜର ଧ୍ୱଂସକୁ ନିମନ୍ତ୍ରଣ କରୁଛି ବୋଲି କବି କାହିଁକି କହିଛନ୍ତି ?

୩୯. ସହରରେ ରହିବାକୁ ସ୍ଥିର କରିଥିବା ତୁମର ବନ୍ଧୁଙ୍କ ନିକଟକୁ ପଲ୍ଲୀର ଉପାଦେୟତା ସଂପର୍କରେ ପତ୍ରଟିଏ ଲେଖ ।

**ତୁମପାଇଁ କାମ :**

୪୦. ରାଧାମୋହନ ଗଡ଼ନାୟକଙ୍କର ଅନ୍ୟାନ୍ୟ କୃତି ଗୁଡ଼ିକ ସଂଗ୍ରହ କରି ପଢ଼ ।

୪୧. ପଲ୍ଲୀର ଦୃଶ୍ୟ ବର୍ଣ୍ଣନା ଥିବା ପଦଗୁଡ଼ିକ ଟିପାଖାତାରେ ଟିପି ରଖ ।

❖❖❖

**ଗଦ୍ୟ**

# ଜାତୀୟ ଜୀବନ

● **ମଧୁସୂଦନ ଦାସ**

## ଲେଖକ ପରିଚୟ :

*ଉତ୍କଳ ଗୌରବ ମଧୁସୂଦନ ଦାସ (୧୮୪୮-୧୯୩୪) ଥିଲେ ଓଡ଼ିଆ ଜାତୀୟତାର ମୂର୍ତ୍ତିମନ୍ତ ପ୍ରତୀକ । ସେ ଥିଲେ ଆଧୁନିକ ଓଡ଼ିଶାର ନବନିର୍ମାତା । ତାଙ୍କର ପ୍ରତ୍ୟକ୍ଷ ପ୍ରେରଣା ଓ ନେତୃତ୍ୱରେ ଉତ୍କଳ ସମ୍ମିଳନୀ (୧୯୦୩) ଗଠିତ ହୋଇଥିଲା । ଭାରତରେ ସର୍ବ ପ୍ରଥମେ ଭାଷାକୁ ଭିତ୍ତିକରି ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବାର ସ୍ୱପ୍ନ ସାକାର ହୋଇଥିଲା । ଓଡ଼ିଶାର ମାଟି, ମଣିଷ ଓ ଭାଷାକୁ ସେ ପ୍ରାଣ ଭରି ଭଲ ପାଉଥିଲେ । ଓଡ଼ିଶାର ଶିଳ୍ପ, ରାଜନୀତି, ଶିକ୍ଷା ଇତ୍ୟାଦି କ୍ଷେତ୍ରରେ ମଧ୍ୟ ତାଙ୍କର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଆଇନ୍ ବ୍ୟବସାୟ, ରାଜନୀତି ଓ ସାମ୍ବାଦିକତା – ପ୍ରତ୍ୟେକ କ୍ଷେତ୍ରରେ ସେ ନିଜର ସ୍ୱତନ୍ତ୍ର ପରିଚୟ ଛାଡ଼ି ଯାଇଛନ୍ତି । ମଧୁସୂଦନଙ୍କ ସମଗ୍ର ଜୀବନ ଓଡ଼ିଶା ପାଇଁ ଉତ୍ସର୍ଗୀକୃତ । ସ୍ୱାଭିମାନର ସହିତ କିପରି ବଞ୍ଚିବାକୁ ହୁଏ, ତାହା ଓଡ଼ିଆମାନଙ୍କୁ ସେ ଶିଖାଇ ଯାଇଛନ୍ତି । ତାଙ୍କର କର୍ମମୟ ଜୀବନରେ ସାହିତ୍ୟ ସାଧନା ନିମିତ୍ତ ସେ ଅଧିକ ସମୟ ପାଇନଥିଲେହେଁ ନିଶ୍ଚେଷ୍ଟ ଓଡ଼ିଆ ଜାତିକୁ ଉଦ୍‌ବୋଧନ ଦେବା ଉଦ୍ଦେଶ୍ୟରେ ଯେଉଁ ସାତଗୋଟି ଦେଶାତ୍ମବୋଧକ କବିତା ରଚନା କରିଥିଲେ, ତାହା ତାଙ୍କ ସାରସ୍ୱତ ମାନସର ଯଥାର୍ଥ ପରିଚୟ ପ୍ରଦାନ କରିଥାଏ ।*

*ସଂଗୃହୀତ 'ଜାତୀୟ ଜୀବନ' ଉତ୍କଳ ସମ୍ମିଳନୀର ଏକ ବିଶେଷ ଅଧିବେଶନରେ ପ୍ରଦତ୍ତ ଅଭିଭାଷଣର ସଂକ୍ଷିପ୍ତ ରୂପ । ଜାତୀୟ ଜୀବନ ଏବଂ ମାନବର ବ୍ୟକ୍ତିଗତ ଜୀବନ ମଧ୍ୟରେ ରହିଥିବା ସମ୍ପର୍କର ନିରୂପଣ, ଜାତୀୟ ଜୀବନର ସ୍ୱରୂପ ଓ ପରାଧୀନ ଉତ୍କଳୀୟମାନଙ୍କୁ ଜାତୀୟତାର ସ୍ରୋତରେ ସାମିଲ ହେବା ନିମିତ୍ତ ଏଥିରେ ଉଦ୍‌ବୋଧନ ଦିଆଯାଇଛି ।*

---

ଆମ୍ଭମାନଙ୍କର ଜାତୀୟ ଜୀବନ ଅଛି କି ? ଜାତିଜାତି ମଧ୍ୟରେ ଭାବ ହେବା ନିମନ୍ତେ ଜୀବନ ଆବଶ୍ୟକ । ଆମ୍ଭମାନଙ୍କ ମଧ୍ୟରେ ଯେଉଁ ଜୀବନ ପରିଲକ୍ଷିତ ହୁଏ, ତାହା ବ୍ୟକ୍ତିଗତ ଜୀବନ । ଜୀବନ କ୍ଷଣସ୍ଥାୟୀ, ତାହା କାଲି ଶ୍ମଶାନରେ ଶେଷ ହେବ । ଶରୀରର ଅଭ୍ୟନ୍ତରରେ ଯେଉଁ ଆତ୍ମା ବିଦ୍ୟମାନ ତାହା ଈଶ୍ୱରଙ୍କ ନିକଟରେ ପହଞ୍ଚିବ । ତେବେ ପାର୍ଥିବ ଜୀବନର ଆକର୍ଷଣୀ ଶକ୍ତି, ଅର୍ଥାତ୍ ମୋର ସ୍ତ୍ରୀ, ମୋ ଅପତ୍ୟ, ମୋର ସମ୍ପତ୍ତି ଏବଂ ଭୂତ ପାର୍ଥିବ ଭାବଗୁଡ଼ିକ ମୋତେ ପ୍ରତିକ୍ଷଣ ତଳକୁ ଓଟାରୁ ଅଛି । ଉପରେ ସ୍ୱର୍ଗୀୟ ଜୀବନର ଆକର୍ଷଣୀ ଶକ୍ତି, ଅର୍ଥାତ୍ ମୋର ପ୍ରାଣ-ପରିତ୍ରାଣ, ମୋର ଅନନ୍ତ ବିଶ୍ରାମ ସ୍ଥାନ ମୋତେ ସର୍ବଦା ଉପରକୁ ଟାଣୁଅଛି । ଚତୁଃପାର୍ଶ୍ୱରେ ଅନ୍ୟାନ୍ୟ ଜାତି ଓ ସମାଜ ବିଦ୍ୟମାନ । ସେହି ଜାତି ଓ ସମାଜମାନଙ୍କ ସଙ୍ଗେ ଜୀବନ ମିଳାଇ ଆଳାପ କରିବା

ଆମ୍ଭମାନଙ୍କର ଗୋଟିଏ ପ୍ରଧାନ କର୍ମ । ଜାତୀୟ ଜୀବନ ପ୍ରତିଷ୍ଠିତ ହେଲେ, ଜାତିଜାତି ମଧ୍ୟରେ ସଦ୍ଭାବ ହେବ । ଜାତି ଜାତି ମଧ୍ୟରେ ଯେଉଁ ସଦ୍ଭାବ ତହିଁର ଉଚ୍ଛେଦ ହେବ ନାହିଁ, କିନ୍ତୁ ବ୍ୟକ୍ତିଗତ ସଦ୍ଭାବ ଚିରସ୍ଥାୟୀ ନୁହେଁ, ତାହା କ୍ଷଣଭଙ୍ଗୁର । କେହି କେହି ଏପରି ବିଚାର କରନ୍ତି ଯେ, ଜାତୀୟ ସଦ୍ଭାବ ହେଲେ ବ୍ୟକ୍ତିଗତ ଅସଦ୍ଭାବ ରହିବ ନାହିଁ । ଏପରି ବିଚାର ଭ୍ରାନ୍ତିମୂଳକ । ଜାତୀୟ ଜୀବନ ପ୍ରତିଷ୍ଠିତ ହେଲେ ସୁଦ୍ଧା ଜାତି ଭିତରେ ବ୍ୟକ୍ତିଗତ ବିବାଦ ସମୂଳେ ଲୋପ ପାଇବା ଅସମ୍ଭବ । ଏପରି କେହି ମନେ କରିବେ ନାହିଁ ଯେ, ଉତ୍କଳରେ ଜାତୀୟ ଜୀବନ ପ୍ରତିଷ୍ଠିତ ହୋଇ ତହିଁର ମୂଳଦୁଆ ଦୃଢ଼ ହେଲେ ଆମ୍ଭ ଦେଶରେ ବ୍ୟକ୍ତିଗତ ବିବାଦ ଆଦୌ ରହିବ ନାହିଁ ଓ ଅଦାଲତଗୁଡ଼ିକ ଉଠିଯିବ । ବ୍ୟକ୍ତିଗତ ଜୀବନରେ ଅସଦ୍ଭାବ ହେଲେ ସୁଦ୍ଧା ଜାତୀୟ ସଦ୍ଭାବରେ କିଛି ଅଭାବ ଘଟିବ ନାହିଁ । ମୁଁ କୌଣସି ଶିକ୍ଷିତ ଓ ପଦସ୍ଥ ଉତ୍କଳୀୟଙ୍କଠାରୁ ତଳଲିଖିତ ମର୍ମରେ ଚିଠି ପାଇଅଛି –

"ମୋ ସଙ୍ଗେ ଆପଣଙ୍କ ମନ ମିଳିଲା ନାହିଁ, ଅତଏବ ମୁଁ ସମ୍ମିଳନୀରେ କାର୍ଯ୍ୟ କରିପାରିବି ନାହିଁ ।" ଏଥିର କାରଣ ଆମ୍ଭମାନଙ୍କର ଜାତୀୟ ଜୀବନର ଅଭାବ । ଜାତୀୟ ଜୀବନ ଗଠିତ ହେଲେ ବ୍ୟକ୍ତିଗତ ଭାବରେ ଅସଦ୍ଭାବ ଥିଲେ ସୁଦ୍ଧା ଜାତୀୟ ଅନୁଷ୍ଠାନରେ ସମସ୍ତେ ମିଳିମିଶି କାର୍ଯ୍ୟ କରିପାରିବା, ଏଥିରେ ସନ୍ଦେହ ନାହିଁ । ଏଠାରେ ଆପଣମାନଙ୍କୁ ଗୋଟିଏ ଉଦାହରଣ ଦେବାକୁ ଇଚ୍ଛା ହେଉଛି ।

ପ୍ରଥମେ ଆକାଶରୁ କ୍ଷୁଦ୍ର ଜଳବିନ୍ଦୁ ପୃଥିବୀ ଉପରେ ପଡ଼େ । ତତ୍‌ପରେ ଜଳବିନ୍ଦୁଗୁଡ଼ିକ ଏକତ୍ରିତ ହୋଇ ଗୋଟିଏ ଜଳଧାରା ହୋଇ ତଳକୁ ବହିଯାଏ । ଏହିପରି କେତେଗୁଡ଼ିଏ ଜଳଧାରା ମିଶି ଗୋଟିଏ ନାଳରେ ପରିଣତ ହୁଏ । ଏହିପରି କେତେଗୁଡ଼ିଏ ନାଳ ନଦୀରେ ପରିଣତ ହୋଇ ତଳକୁ ବହିଯାଏ ଓ ଶେଷରେ ସମୁଦ୍ରରେ ଯାଇ ପଡ଼େ । ଆପଣମାନେ ଦେଖନ୍ତୁ, ସବୁ ସ୍ଥଳରେ, ସବୁ ଅବସ୍ଥାରେ ଜଳ ନିଜର ଜାତୀୟ ଗୁଣକୁ ଧାରଣ କରି ଜାତୀୟ ଜୀବନର ଟେକ ରଖିଅଛି । ଜଳର ଜାତୀୟ ଗୁଣ ନିମ୍ନ ଗତି । ବିନ୍ଦୁଏ ଜଳରେ ସେହି ଗୁଣ ବିଦ୍ୟମାନ ଓ ମହାସମୁଦ୍ରରେ ମଧ୍ୟ ଜଳ ନିଜର ଜାତୀୟ ଗୁଣକୁ ହରାଇ ପାରି ନାହିଁ । ଆମ୍ଭ ସମସ୍ତଙ୍କର ମନେ ରଖିବା ଉଚିତ ଯେ, ଆମ୍ଭମାନଙ୍କର ଜାତୀୟ ଜୀବନ ଅଛି । ସବୁ ଅବସ୍ଥାରେ, ସବୁ କାଳରେ, ସବୁ ସ୍ଥାନରେ ଆମ୍ଭେମାନେ ପ୍ରତ୍ୟେକେ ଜାତୀୟ ଜୀବନର ଟେକ ରଖି କାର୍ଯ୍ୟ କରିବା ଏକାନ୍ତ ଆବଶ୍ୟକ । ଆମ୍ଭମାନଙ୍କ ମଧ୍ୟରୁ ଯେବେ କେହି ଭ୍ରମରେ ପଡ଼ିଥାନ୍ତି ସେ ଭ୍ରମ ଅତିଶୀଘ୍ର ସଂଶୋଧନ କରିବା ଏକାନ୍ତ ଆବଶ୍ୟକ । ଯେବେ କେହି ଜଣେ ଓଡ଼ିଆ ଜାତିକୁ ଗାଳି ଦିଏ ତାହାହେଲେ ତୁମ୍ଭ ମନରେ ରାଗହୁଏ କାହିଁକି ? ଏଥିର କାରଣ ନିରୂପଣ କରିବାକୁ ଗଲେ ସ୍ପଷ୍ଟ ଜଣାଯିବ ଯେ ଏହା ଜାତୀୟ ଜୀବନର ଚିହ୍ନ । ଯେବେ ଜାତୀୟ ଜୀବନର ଚିହ୍ନ ଆମ୍ଭମାନଙ୍କ ମଧ୍ୟରେ ଅଛି, ତେବେ ଆମ୍ଭେମାନେ ପ୍ରତ୍ୟେକ ଯେ କୌଣସି କାର୍ଯ୍ୟ କରୁଁ ସେତେବେଳେ ନିଜ ନିଜକୁ ସର୍ବପ୍ରଥମେ ଏହି ପ୍ରଶ୍ନଟି ପଚାରିବା ଆବଶ୍ୟକ । ମୋ କାର୍ଯ୍ୟ ଦ୍ୱାରା ମୋ ଜାତିର ନିନ୍ଦା ହେବ କି ନାହିଁ ? ମୁଁ ମିଥ୍ୟାବାଦୀ ହେଲେ କିମ୍ବା ଖୋସାମତ କଲେ ଏହି ନିନ୍ଦାରେ ମୋ ଜାତି ଭାଗୀ ହେବ, ଏହା ପ୍ରତ୍ୟେକ ବ୍ୟକ୍ତିର ବୁଝିବା ଆବଶ୍ୟକ । ମୋତେ ଯେବେ ଜଣେ କୁବାକ୍ୟ କହେ, ତେବେ ମୁଁ ପ୍ରତି ଉତ୍ତର କଲେ ତଦ୍ୱାରା ମୋ ଜାତିର ଗୌରବ ବୃଦ୍ଧି ହେବ କି ନାହିଁ ? ଜାତିର ମୂଲ୍ୟ ବଢ଼ିଲେ ଜାତୀୟ ଲୋକେ ତହିଁର ସୁଫଳ ଭୋଗ କରିବେ ଏଥିରେ ସନ୍ଦେହ ନାହିଁ । ଜାପାନ ଜାତିଙ୍କ ବିଷୟ ଆମ୍ଭମାନଙ୍କର ସଭାପତି ମହାଶୟ ତାହାଙ୍କର ବକ୍ତୃତାରେ କହିଅଛନ୍ତି । ଜାପାନ ଜାତିର ଉନ୍ନତିର ମୂଳମନ୍ତ୍ର କଣ ? "ମୋର ପ୍ରାଣ ଯାଉ, ଲକ୍ଷେ ଜାପାନୀଙ୍କର ପ୍ରାଣ ଯାଉ, କିନ୍ତୁ ଜାପାନୀ ଜାତିର ମାନ ବୃଦ୍ଧି ହେଉ", ଏହି ଭାବ ପ୍ରତ୍ୟେକ ଜାପାନୀଙ୍କ ହୃଦୟରେ ନୃତ୍ୟ କରୁଅଛି ।

ଏହି ଭାବ ଯୋଗୁଁ ଆଜି ଜାପାନୀ ଜାତି ପୃଥିବୀରେ ସର୍ବତ୍ର ପୂଜିତ ହେଉଅଛି । "ମୁଁ ଦିନେ ମରିବି, ମୁଁ ଆଜି ମଲେ ମୋ ଜାତିର ମାନବୃଦ୍ଧି ହେବ, ପୂର୍ବପୁରୁଷଙ୍କର ମାନ ବୃଦ୍ଧି ହେବ ଓ ମୋର ସନ୍ତାନ ସନ୍ତତିମାନଙ୍କର ମାନ ବଢ଼ିବ'', ଏହି ଭାବାପନ୍ନ ଲୋକଙ୍କୁ ନେଇ ଜାପାନ ଜାତି ଗଠିତ । ଜାତିର ମାନବୃଦ୍ଧି ସଙ୍ଗେ ସଙ୍ଗେ ଜଗତର ଚକ୍ଷୁରେ ସେ ଜାତିର ମୂଲ୍ୟ ବଢୁଅଛି, ଏଥିରେ ସନ୍ଦେହ ନାହିଁ ।

ଉଦାହରଣ ସ୍ୱରୂପ ଦେଖନ୍ତୁ ଯେ ଜାପାନୀ ଜାତି ଟଙ୍କା କରଜ ନେବାକୁ ବିଜ୍ଞାପନ ଦେଲାମାତ୍ରେ ସମସ୍ତ ସଭ୍ୟ ଜାତି ତାଙ୍କୁ ଟଙ୍କା ଦେବାପାଇଁ ପ୍ରସ୍ତୁତ । ଏଥିର କାରଣ ଜଗତର ଚକ୍ଷୁରେ ଜାପାନ ଜାତିର ମୂଲ୍ୟ ବଢୁଅଛି । ଯେତେବେଳ ପର୍ଯ୍ୟନ୍ତ ବ୍ୟକ୍ତିଗତ ଜୀବନକୁ ଜାତି ନିମନ୍ତେ ବଳି ଦେବାକୁ ଶିଖିନାହାନ୍ତି, ସେତେବେଳ ପର୍ଯ୍ୟନ୍ତ ଜାତୀୟ ଜୀବନ ଗଠିତ ହୋଇ ନାହିଁ ବୋଲି ଜାଣିବାକୁ ହେବ ଓ ତେତେବେଳଯାଏ ଜାତୀୟ ଜୀବନର ମୂଲ୍ୟ ଲୋକମାନେ ଜାଣି ନାହାନ୍ତି ବୋଲି କହିବାକୁ ହେବ । ଗୋଟିଏ କୁକୁରକୁ ଆଦର ସହିତ ହୃଷ୍ଟପୁଷ୍ଟ କରି ରଖନ୍ତୁ ଓ ତାକୁ ନେଇ ଗୋଟିଏ ବିଲୁଆ ଦେଖାଇ ଦିଅନ୍ତୁ, ଦେଖିବ ସେ ବିଲୁଆଟି ଖିଙ୍କାରି ହେଲା ମାତ୍ରକେ ଦେଶୀ କୁକୁରଟି ଲାଙ୍ଗୁଡ଼ଗୁଞ୍ଜି ଆପଣଙ୍କ ନିକଟକୁ ପଳାଇ ଆସିବ; କିନ୍ତୁ ଗୋଟଏ ଡାହାଳ କୁକୁର ଛୁଆ ଆଣନ୍ତୁ, ତାକୁ ଗୋଟିଏ ବାଘ ଦେଖାଇ ଦିଅନ୍ତୁ, ଦେଖିବେ ଯେ ଡାହାଳ ଛୁଆଟି ନିର୍ଭୟ ଭାବରେ ମହାବଳ ବାଘଆଡ଼କୁ ଝପଟି ଯିବ । ଯେବେ ସେ ଡାହାଳ କୁକୁର ଛୁଆଟି କଥା କହିପାରୁଥାଆନ୍ତା, ତାହାର ଅସୀମ ସାହସିକତା କାର୍ଯ୍ୟର କାରଣ ଆପଣ ତାକୁ ପଚାରିଲେ ସେ ଏହିପରି ଜବାବ ଦିଅନ୍ତା ।

"ମୁଁ ଜାଣେ ଯେ ମହାବଳ ବାଘକୁ ଆକ୍ରମଣ କରିବାକୁ ଯାଇ ମୁଁ ସେହି ବାଘ ହାତରେ ମରିବି । କିନ୍ତୁ ମୋ ଜାତିର ଗୁଣ ସାହସିକତା । ମୁଁ ମୋର ଜୀବନ ପ୍ରତି ମାୟା ରଖି ବାଘ ନିକଟକୁ ନଗଲେ ମୋ ଜାତିର ମାନ ଓ ମୂଲ୍ୟ କମିଯିବ । ମୁଁ ମରେ ପଛକେ କିନ୍ତୁ ଡାହାଳ କୁକୁରର ଦାମ୍ ମୋର ସାହସିକତା ଦ୍ୱାରା ବଢ଼ିବ, ଏଥିରେ ସନ୍ଦେହ ନାହିଁ ।'' ଏହି ଉଦାହରଣର ଅର୍ଥ ଏହିକି ଆମ୍ଭେମାନେ ସମସ୍ତେ କାର୍ଯ୍ୟ କଲାବେଳେ ଥରେ ଆମ୍ଭମାନଙ୍କର ଭାବିବା ଉଚିତ ଯେ ମୋ କାର୍ଯ୍ୟଦ୍ୱାରା ମୋ ଜାତିର ମାନ ବଢୁଛି କି ନାହିଁ ? ଯେବେ ମୋତେ ଜଣେ କୁବାକ୍ୟ କହେ ଓ ମୁଁ ଯେବେ ଜାଣିପାରେ ଯେ, ମୁଁ ସେହି କୁବାକ୍ୟରେ ପ୍ରତ୍ୟୁତ୍ତର ନ ଦେଇ ଚୁପ୍ ରହିଲେ ମୋ ଜାତିର ମାନ ବଢ଼ିବ ଓ ମୋ ଜାତିର ଗମ୍ଭୀରତା ବଢ଼ିବ, ତାହାହେଲେ ଏପରି ସ୍ଥଳରେ ମୋର ନୀରବ ରହିବା ଏକାନ୍ତ କର୍ତ୍ତବ୍ୟ ।

ଦୋଷ ଗୁଣ ଦେଖିବା ସମ୍ବନ୍ଧରେ ମୋର ବକ୍ତବ୍ୟ ଏହି ଯେ, ଯୋଡ଼ିଏ ଆଖିରୁ ଗୋଟିଏ ଆଖି ବନ୍ଦ କର ଓ ଗୋଟିଏ ଆଖି ଖୋଲା ରଖ । ବନ୍ଦ ଆଖିରେ ଅନ୍ୟ ଜାତିଙ୍କର ଦୋଷଗୁଡ଼ିକ ଦେଖ ଓ ଖୋଲା ଆଖିରେ ସେମାନଙ୍କର ଗୁଣଗୁଡ଼ିକ ନିରୀକ୍ଷଣ କର ଓ ସେହି ଗୁଣଗୁଡ଼ିକୁ ଶିକ୍ଷାକର । ସବୁ ବ୍ୟକ୍ତି ଓ ସବୁ ଜାତିଙ୍କଠାରେ ଅନୁକରଣ କରିବା ଯୋଗ୍ୟ ଅନେକଗୁଡ଼ିଏ ଗୁଣ ଅଛି ।

ସୂର୍ଯ୍ୟ ନିର୍ବିକାର ଭାବରେ ସମସ୍ତଙ୍କଠାରେ କିରଣ ବିତରଣ କରୁଛନ୍ତି । ସମୁଦ୍ରର ଲୁଣି ପାଣିରେ, ମିଶ୍ରି ସରବତରେ, ନର୍ଦ୍ଦମାରେ ସବୁଠାରେ ତାଙ୍କ କିରଣ ପଡୁଛି । କିନ୍ତୁ ଆପଣମାନେ ଦେଖନ୍ତୁ ଯେ, ସୂର୍ଯ୍ୟଙ୍କର କିରଣ ବିଶୁଦ୍ଧ ଜଳତକ ଟାଣିନିଏ ଓ ସେହିଗୁଡ଼ିକ ପୁନର୍ବାର ପୃଥିବୀରେ ସେଚନ କରେ । ଏଥିରୁ ଆମ୍ଭେମାନେ ଏହି ମହା ଶିକ୍ଷା ପାଉଛୁ ଯେ, ସବୁଠାରେ ଦୋଷତକ ତ୍ୟାଗ କରି ଗୁଣଗୁଡ଼ିକୁ ଗ୍ରହଣ କର ।

ପରିଶେଷରେ ଏ ସମ୍ବନ୍ଧରେ ମୋର ବକ୍ତବ୍ୟ ଏହିକି—ଉତ୍କଳ ଜନନୀ ଭାରତ ଜନନୀଙ୍କଠାରୁ ବିଚ୍ଛିନ୍ନ ନୁହନ୍ତି । ସେ ଭାରତ ଜନନୀଙ୍କର ସପତ୍ନୀ କିମ୍ବା ଶତ୍ରୁ ନୁହନ୍ତି । ଭାରତ ଜନନୀଙ୍କର ପାଞ୍ଚ ଛଅଗୋଟି ପୁତ୍ର ।

ଭିନ୍ନ ଭିନ୍ନ ଶିଶୁଙ୍କୁ ବିଭିନ୍ନ ପ୍ରକାର ପରିଚର୍ଯ୍ୟା ଆବଶ୍ୟକ । ଜନନୀ କେଉଁ ଶିଶୁକୁ କ୍ରୋଡ଼ରେ ପୂରାଇ ମଧୁମୟ ସ୍ନେହ ଚକ୍ଷୁରେ ସ୍ତନ୍ୟପାନ କରାଉ ଅଛନ୍ତି, କେଉଁ ଶିଶୁଙ୍କ ଦୁଷ୍ଟ ଚରିତ୍ରକୁ ଦମନ କରିବା ପାଇଁ ବେତ୍ରାଘାତ କରୁଅଛନ୍ତି, କେଉଁ ଶିଶୁକୁ ନିକଟରେ ବସାଇ ତା'ଠାରୁ ପରାମର୍ଶ ଗ୍ରହଣ କରୁଅଛନ୍ତି । ଅର୍ଥାତ୍ ଶିଶୁର ବିଭିନ୍ନ ଅବସ୍ଥାରେ ଜନନୀ ବିଭିନ୍ନ ରୂପ ଧାରଣ କରି ଦଣ୍ଡାୟମାନ ହେଉଅଛନ୍ତି । ଯେଉଁ ମଧୁମୟୀ ମୂର୍ତ୍ତିରେ ଜନନୀ ଶିଶୁକୁ ସ୍ତନ୍ୟପାନ କରାନ୍ତି ଉତ୍କଳ ଜନନୀ ଆଜି ସେହି ସ୍ନେହମୟୀ ମୂର୍ତ୍ତିରେ ଆମ୍ଭମାନଙ୍କର ସମ୍ମୁଖରେ ସମ୍ମିଳନୀ ମଣ୍ଡପରେ ଉପସ୍ଥିତ ହୋଇଅଛନ୍ତି । ଏହି ମୂର୍ତ୍ତି ଭାରତମାତାଙ୍କର ଗୋଟିଏ ମୂର୍ତ୍ତିବିଶେଷ । ଏହି ରୂପଟି ଭାରତମାତାଙ୍କର ଗୋଟିଏ ଅବତାର । ଏପରି ସ୍ଥଳରେ ଉତ୍କଳ ଭାରତମାତାଙ୍କର ସପତ୍ନୀ ନୁହନ୍ତି ।

**ସୂଚନା :**

| | | |
|---|---|---|
| ଜାତୀୟ | – | ଜାତିଗତ, ଜାତି ସମ୍ବନ୍ଧୀୟ |
| ଅଭ୍ୟନ୍ତର | – | ଭିତର |
| ଅପତ୍ୟ | – | ପୁତ୍ର ବା କନ୍ୟା |
| ପ୍ରତିକ୍ଷଣ | – | ସବୁସମୟରେ |
| ପାର୍ଥିବ | – | ସାଂସାରିକ |
| ପରିତ୍ରାଣ | – | ଉଦ୍ଧାର |
| ଆଳାପ | – | କଥାବାର୍ତ୍ତା |
| ସଦ୍ଭାବ | – | ବନ୍ଧୁଭାବ, ସୌହାର୍ଦ୍ଦ୍ୟ |
| ମାନ | – | ସମ୍ମାନ, ମହତ୍ତ୍ୱ |
| ନିରୀକ୍ଷଣ | – | ଯତ୍ନ୍ ସହକାରେ ବା ନିବିଷ୍ଟ ଧ୍ୟାନରେ ଦେଖିବା |
| ନିର୍ବିକାର | – | ବିକାରଶୂନ୍ୟ |
| ବିତରଣ | – | ବାଣ୍ଟିବା |
| ସପତ୍ନୀ | – | ସଉତୁଣୀ |
| ପରିଚର୍ଯ୍ୟା | – | ସେବା, ଉପାସନା |
| ଦମନ | – | ଶାସନ |

## ପ୍ରଶ୍ନାବଳୀ

### ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୧. ବିପରୀତାର୍ଥବୋଧକ ଶବ୍ଦ ଲେଖ ।

ଚିରସ୍ଥାୟୀ , ଅସଦ୍ଭାବ , ଶିକ୍ଷିତ , ନିମ୍ନଗତି , ମିଥ୍ୟାବାଦୀ , ନିନ୍ଦା

୨. 'ହୃଷ୍ଟପୁଷ୍ଟ' ପରି ଆଉ ପାଞ୍ଚୋଟି ଯୁଗ୍ମଶବ୍ଦ ଲେଖ ।

୩. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାରକରି ବାକ୍ୟ ଗଠନ କର ।

ପାର୍ଥିବ , ଅପତ୍ୟ , ପଦସ୍ଥ , ମୂଳମନ୍ତ୍ର , ଖୋସାମତ

୪. ବିଶେଷ୍ୟ ଓ ବିଶେଷଣ ଶବ୍ଦ ଗୁଡ଼ିକୁ ଚିହ୍ନାଅ ।

ଅଭ୍ୟନ୍ତର , ସଦ୍ଭାବ , ସ୍ୱର୍ଗୀୟ , ବ୍ୟକ୍ତିଗତ , ଜାତି , ପଦସ୍ଥ , ଭ୍ରମ , ମହାବଳ

୫.   'କ' ସ୍ତମ୍ଭ ସହ ସଂପର୍କ ଥିବା ଶବ୍ଦଟି 'ଖ' ସ୍ତମ୍ଭରୁ ବାଛି ମିଳାଇ ଲେଖ ।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| ଡାହାଳ | ବିନ୍ଦୁ |
| ମହାବଳ | ଜୀବନ |
| ଜଳ | କୁକୁର |
| ପାର୍ଥିବ | ପରିତ୍ରାଣ |
| | ବାଘ |

**କ୍ଷୁଦ୍ର ଉତ୍ତରମୂଳକ :**

୬.   ପ୍ରତ୍ୟେକ ଜାତି ପାଇଁ ଜାତୀୟ ଜୀବନର ଆବଶ୍ୟକତା ରହିଛି କାହିଁକି ?

୭.   କେଉଁ ଭାବଗୁଡ଼ିକ ମଣିଷକୁ ପ୍ରତିକ୍ଷଣ ତଳକୁ ଓଟାରୁଅଛି ?

୮.   କେତେବେଳେ ଜାତି ଜାତି ମଧ୍ୟରେ ସଦ୍ଭାବ ସୃଷ୍ଟି ହୋଇଥାଏ ?

୯.   ଜଳର ଜାତୀୟ ଗୁଣ କ'ଣ ?

୧୦. ଆମ୍ଭେ ସବୁବେଳେ କାହାର ଟେକରଖି କାର୍ଯ୍ୟକରିବା ଆବଶ୍ୟକ ?

୧୧. କାର୍ଯ୍ୟକରିବା ସମୟରେ ନିଜକୁ ସବୁବେଳେ କେଉଁ ପ୍ରଶ୍ନଟି ପଚାରିବା ଆବଶ୍ୟକ ?

୧୨. ଜାପାନ ଜାତିର ଉନ୍ନତିର ମୂଳମନ୍ତ୍ର କ'ଣ ?

୧୩. ଜାତୀୟ ଜୀବନ କିପରି ଗଠିତ ହୋଇଥାଏ ?

୧୪. ଡାହାଳ ଛୁଆଟି କଥା କହିପାରୁଥିଲେ କ'ଣ କହନ୍ତା ?

୧୫. ଦୋଷଗୁଣ ଦେଖିବା ସମ୍ବନ୍ଧରେ ଲେଖକଙ୍କର ବକ୍ତବ୍ୟ କ'ଣ ?

୧୬. ସୂର୍ଯ୍ୟଙ୍କ ଠାରୁ ଆମେ କେଉଁ ଗୁଣ ଶିକ୍ଷା କରିବା ଉଚିତ ?

୧୭. ସବୁ ବ୍ୟକ୍ତି ଓ ସବୁଜାତିଙ୍କଠାରେ କେଉଁ ଗୁଣ ରହିଛି ?

**ସପ୍ରସଙ୍ଗ ସରଳାର୍ଥ ଲେଖ :**

୧୮.  ଜାତିର ମୂଲ୍ୟ ବଢ଼ିଲେ ଜାତୀୟ ଲୋକେ ତହିଁର ସୁଫଳ ଭୋଗକରିବେ ଏଥିରେ ସନ୍ଦେହ ନାହିଁ ।

୧୯.  ଯେତେବେଳ ପର୍ଯ୍ୟନ୍ତ ବ୍ୟକ୍ତିଗତ ଜୀବନକୁ ଜାତି ନିମନ୍ତେ ବଳି ଦେବାକୁ ଶିଖି ନାହାନ୍ତି, ସେତେବେଳ ପର୍ଯ୍ୟନ୍ତ ଜାତୀୟ ଜୀବନ ଗଠିତ ହୋଇ ନାହିଁ ବୋଲି ଜାଣିବାକୁ ହେବ ।

୨୦. ସବୁବ୍ୟକ୍ତି ଓ ସବୁ ଜାତିଙ୍କଠାରେ ଅନୁକରଣ କରିବାଯୋଗ୍ୟ ଅନେକଗୁଡ଼ିଏ ଗୁଣ ଅଛି ।

୨୧. ଜାତୀୟ ଜୀବନ ପ୍ରତିଷ୍ଠିତ ହେଲେ, ଜାତି ଜାତି ମଧ୍ୟରେ ସଦ୍ଭାବ ହେବ ।

୨୨. ସବୁ ସ୍ଥଳରେ, ସବୁ ଅବସ୍ଥାରେ ଜଳ ନିଜର ଜାତୀୟଗୁଣକୁ ଧାରଣ କରି ଜାତୀୟ ଜୀବନର ଟେକ ରଖିଅଛି ।

## ଦୀର୍ଘ ଉତ୍ତରମୂଳକ :

୨୩. ଜାତୀୟ ଜୀବନର ବିକାଶ ନିମିତ୍ତ କେଉଁ ଗୁଣ ଗୁଡ଼ିକର ଆବଶ୍ୟକତା ରହିଛି ? ଦୃଷ୍ଟାନ୍ତ ସହିତ ଆଲୋଚନା କର ।

୨୪. ଜାପାନୀ ଜାତିର କେଉଁ ଗୁଣ ସେମାନଙ୍କୁ ବିଶ୍ୱ ପ୍ରସିଦ୍ଧ କରିପାରିଛି ଏବଂ ସେମାନଙ୍କର ତଦ୍ଦ୍ୱାରା କି ଲାଭ ହୋଇଛି ?

୨୫. ପଠିତ ପ୍ରବନ୍ଧ ଅନୁସରଣରେ ଜାତିର ଦୋଷ ଗୁଣ ସମ୍ବନ୍ଧରେ ଉଲ୍ଲେଖ କରି ଲେଖକଙ୍କ ପରାମର୍ଶ ଆଲୋଚନା କର ।

୨୬. ଜଳ, ଡାହାଳ କୁକୁର, ଦେଶୀ କୁକୁର ଆଦିର ଉଦାହରଣ ମାଧ୍ୟମରେ ଲେଖକ କ'ଣ କହିବାକୁ ଚାହିଁଛନ୍ତି ଆଲୋଚନା କର ।

## ତୁମ ପାଇଁ କାମ :

୨୭. ମଧୁସୂଦନଙ୍କ ଜାତୀୟ ଭାବନା ସମ୍ପର୍କିତ କବିତାମାନ ସଂଗ୍ରହକରି ପାଠ କର ।

୨୮. ଉତ୍କଳ ସମ୍ମିଳନୀର ବିଭିନ୍ନ ଅଧିବେଶନରେ ମଧୁବାବୁ ଯେଉଁ ଅଭିଭାଷଣ ଦେଇଥିଲେ ସେଥିରୁ କିଛି ଅଭିଭାଷଣ ସଂଗ୍ରହ କରି ପଢ଼ ।

❖❖❖

# ଭାଷା ଓ ଜାତୀୟତା

ଗୋପବନ୍ଧୁ ଦାସ

ଲେଖକ ପରିଚୟ:

ଉତ୍କଳମଣି ଗୋପବନ୍ଧୁ ଦାସ ୧୮୭୭ ମସିହା ଅକ୍ଟୋବର ୯ ତାରିଖ ପୁରୀ ଜିଲ୍ଲା ସତ୍ୟବାଦୀ ଥାନା ପୁଣ୍ୟତୋୟା ଭାର୍ଗବୀ ନଦୀକୂଳ ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତାଙ୍କ ନାମ ଦୈତ୍ୟାରୀ ଦାସ ଓ ମାତାଙ୍କ ନାମ ସ୍ୱର୍ଣ୍ଣମୟୀ ଦେବୀ। ଜୀବନ ବ୍ୟାପୀ ଉତ୍କଳ ମାତାର ସେବା କରିଯାଇଛନ୍ତି ତାଙ୍କର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। "ସତ୍ୟବାଦୀ" ସାହିତ୍ୟ ପତ୍ରିକା ସଂପାଦନା ଓ "ସମାଜ" ସମ୍ବାଦପତ୍ର ପ୍ରକାଶନ ତାଙ୍କ ଅକ୍ଷୟ କୀର୍ତ୍ତି। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ପରିଚାଳିତ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ସେ ଅନେକ ଥର କାରାବରଣ କରିଥିଲେ। ଓଡ଼ିଶାର ସମାଜ, ସଂସ୍କୃତି, ଭାଷା, ସାହିତ୍ୟ, ରାଜନୀତି, ଶିକ୍ଷା ଓ ଜାତୀୟ ଜୀବନକୁ ନେଇ ସେ ଅନେକ ପ୍ରବନ୍ଧ ରଚନା କରିଛନ୍ତି। ଚିରନ୍ତନ ମୂଲ୍ୟ ବହନ କରିଥିବା କବିତା ରଚନା କରିଛନ୍ତି। ଗୋପବନ୍ଧୁଙ୍କ ସୃଷ୍ଟି ସମୂହ ଗୋପବନ୍ଧୁ ରଚନାବଳୀ ନାମରେ ଆଠୋଟି ଭାଗରେ ପ୍ରକାଶିତ। ୧୯୨୮ ଜୁନ୍ ୧୭ ତାରିଖ ନେତ୍ରୋତ୍ସବ ଦିନ ସତ୍ୟବାଦୀ ବନ ବିଦ୍ୟାଳୟଠାରେ ତାଙ୍କର ନେତ୍ର ଚିରଦିନ ପାଇଁ ମୁଦ୍ରିତ ହୋଇଥିଲା। ବନ୍ଦୀର ଆତ୍ମକଥା, କାରାକବିତା, ଧର୍ମପଦ, ଅବକାଶ ଚିନ୍ତା ଇତ୍ୟାଦି ତାଙ୍କର କବିତା ପୁସ୍ତକ। ବହୁ ପ୍ରବନ୍ଧର ସ୍ରଷ୍ଟା।

'ଭାଷା ଓ ଜାତୀୟତା' ପ୍ରବନ୍ଧଟି ସତ୍ୟବାଦୀ ୧୨ ଭାଗ, ୬ଷ୍ଠ ଖଣ୍ଡ, ୧୯୧୫ ଜୁନ୍‌ରେ ପ୍ରକାଶିତ ହୋଇଥିଲା। ଜାତୀୟ ଭାବ ଉଦ୍ରେକରେ ଭାଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଭାଷାର ଏକତା ଥିଲେ ଭାବର ଏକତା ସୁନିଶ୍ଚିତ – ଏହି ପ୍ରବନ୍ଧରେ ପ୍ରତିପାଦିତ ହୋଇଛି।

---

ଆଜି ସମସ୍ତେ ଭାରତୀୟ ଜାତୀୟତା ନିମନ୍ତେ ବ୍ୟାକୁଳ। ସମ୍ବାଦପତ୍ରରେ ଆଲୋଚନା ହେଉଅଛି, ସଭାସମିତିରେ ବକ୍ତୃତା ହେଉଅଛି, କାବ୍ୟନାଟକ ଉପନ୍ୟାସାଦିରେ ରୂପକ ଛଳରେ ସୂଚନା ଦିଆଯାଉଅଛି – କିପରି ଭାରତ – ଜାତୀୟତା ପ୍ରତିଷ୍ଠିତ ହେବ। ଅନେକେ ଭାରତ-ଜାତୀୟତା ଏକାବେଳକେ ଅସମ୍ଭବ ବୋଲି ହତାଶ। କେହି କେହି କେବଳ ଅତୀତ ଆଡ଼କୁ ଚାହିଁଅଛନ୍ତି ପ୍ରେରଣା ପାଇବା ଲାଗି। ଅନ୍ୟ କେତେକଙ୍କର କେବଳ ଭବିଷ୍ୟତ ଉପରେ ଆଶା। କେହି ନିଜ ଭିତରକୁ ଚାହିଁ ପ୍ରାଚୀନ ସଭ୍ୟତାକୁ ମନ୍ଥୁଅଛନ୍ତି; କେହି ପୁଣି ପରମୁହଁକୁ ଚାହିଁଛନ୍ତି ଏବଂ କେବଳ ପଶ୍ଚିମ ଉପରେ ଭରସା ରଖିଅଛନ୍ତି।

ପ୍ରକୃତରେ ଏ ଜାତୀୟ ସମସ୍ୟା ଭାରତ ପକ୍ଷେ ବଡ଼ ଗୁରୁତର। କେତେ ପ୍ରଦେଶ, ପ୍ରତି ପ୍ରଦେଶରେ ପୁଣି କେତେ ବ୍ୟବହାରଗତ ପାର୍ଥକ୍ୟ। ତହିଁରେ ପୁଣି ଅସଂଖ୍ୟ ପ୍ରକାର ଶ୍ରେୟ ସ୍ୱାର୍ଥର ବିବାଦ। ଏପରି ସ୍ଥଳେ କୁମାରିକାର ହିମାଳୟ ସହିତ କିଛି ସମ୍ପର୍କ ଅଛି ବୋଲି ଭାବିବାକୁ ବେଳେବେଳେ ସାହସ ପାଏନାହିଁ। ପୂର୍ବେ ଭାରତର ପ୍ରତ୍ୟେକ ପ୍ରଦେଶର

ଅନେକ ବିଷୟରେ ସ୍ୱାତନ୍ତ୍ର୍ୟ ଥିଲା। ଯାତାୟାତର ଏତେ ସୁବିଧା ନଥିଲା। ଗୋଟିଏ ଗୋଟିଏ ପ୍ରଦେଶ ବନ ଜଙ୍ଗଲ ନଦୀ ଆଦି ସ୍ୱାଭାବିକ ସୀମାଦ୍ୱାରା ଆବଦ୍ଧ ଥିଲା। ତେଣୁ କାଳକ୍ରମେ ସେ ପ୍ରତ୍ୟେକ ପ୍ରଦେଶର ଇତିହାସ, ସାହିତ୍ୟ, ଭାଷା, ଲୋକ-ବ୍ୟବହାର ଆଦି ସ୍ୱତନ୍ତ୍ର ହେବା ସ୍ୱାଭାବିକ

କିନ୍ତୁ ବିଶେଷତ୍ୱ ଏହି ଯେ, ମୂଳ ଆର୍ଯ୍ୟସଭ୍ୟତା ମେରୁଦଣ୍ଡ ରୂପେ ରହିଥିଲା। ଆର୍ଯ୍ୟ ଋଷିମାନେ ବୁଝିଥିଲେ ଭାବ ଏବଂ ତେଣୁ ଭାଷାର ଏକତା ମାନବ ପ୍ରାଣର ମିଳନ ପକ୍ଷେ ଏକମାତ୍ର ପନ୍ଥା। ମାନବ ଆକୃତି ପ୍ରକୃତରେ ଭିନ୍ନ ହୋଇପାରେ, ଭିନ୍ନ ଜଳବାୟୁରେ ବଢ଼ିପାରେ। ତେବେ ତାର ଅନ୍ୟ ମାନବ ସହିତ ମିଳନ କେଉଁଠାରେ ? ଭାବରେ, ଚିନ୍ତାରେ, ସ୍ଥୂଳତଃ ସଭ୍ୟତାରେ। ଭାରତରେ ଆର୍ଯ୍ୟ ଉପନିବେଶ ବଢ଼ିଲା। କ୍ରମେ ସୁରସେନ ବା ମହାରାଷ୍ଟ୍ରର ଆର୍ଯ୍ୟ ସହିତ ମଗଧ ଆର୍ଯ୍ୟର ପାର୍ଥକ୍ୟ ଜନ୍ମିଲା, ପ୍ରାଦେଶିକ ସ୍ୱାତନ୍ତ୍ର୍ୟର ବଢ଼ିଲା; ମାତ୍ର ସଂସ୍କୃତ ଭାଷା ଓ ବୈଦିକ ଭାବ ଏ ବହୁଳ ସ୍ୱାତନ୍ତ୍ର୍ୟ ମଧ୍ୟରେ ସୁନ୍ଦର ସୁଦୃଢ଼ ଏକତା ରଖିଥିଲା ଏବଂ ଆଜି ଯାଏ ରଖିଛି। ଦ୍ରାବିଡ଼ ସଙ୍ଗେ ଆର୍ଯ୍ୟର ସଂଘର୍ଷ ହେଲା। ସେ କ୍ରମେ ଆର୍ଯ୍ୟଭାଷା, ଆର୍ଯ୍ୟଭାବ ଏବଂ ଆର୍ଯ୍ୟସଭ୍ୟତା ଗ୍ରହଣ କଲେ। ପରିଣାମରେ ଦ୍ରାବିଡ଼ ଆର୍ଯ୍ୟ ସଙ୍ଗେ ଏକା ବେଳକେ ମିଶିଗଲେ।

ଆଜି ଭାରତରେ ପ୍ରାଦେଶିକ ସ୍ୱାତନ୍ତ୍ର୍ୟ କ୍ରମେ ନଷ୍ଟ ହୋଇଯାଉଅଛି। ନଷ୍ଟ ହୋଇ କି ଭାରତ ମହାଜାତୀୟ ଏକତା ଆଡ଼କୁ ଯାଉଅଛି। ନା ବରଂ ପ୍ରତ୍ୟେକ ପ୍ରଦେଶରେ ଶତ ନୂତନ ସ୍ୱାର୍ଥ ସ ସ୍ୱାତନ୍ତ୍ର୍ୟର ସୃଷ୍ଟି ହେଉଅଛି। ଯାତାୟାତର ସୁବିଧା ହୋଇଅଛି। ପ୍ରଦେଶମାନଙ୍କର ପରସ୍ପର ସହିତ ସମ୍ପର୍କ ବଢୁଅଛି। ଏକ ପ୍ରଦେଶରେ କେବଳ ଏକ ଜାତୀୟ ଲୋକ ଆଉ ଏବେ ନାହାନ୍ତି। ନାନା ବର୍ଣ୍ଣ, ଧର୍ମ, ସମାଜର ଲୋକେ ଏକ ସ୍ଥାନରେ ଅଧିବାସ କରୁଅଛନ୍ତି। ସେମାନେ ନିଜ ନିଜର ଭାଷା, ଭାବ, ବ୍ୟବହାର, ରୀତିନୀତି, ସମାଜ, ସାହିତ୍ୟ, ଇତିହାସ ସବୁକୁ ସଙ୍ଗେ ଘେନି ଆସୁଅଛନ୍ତି, ତାହା ସବୁ ଛାଡ଼ିବାକୁ ଆଦୌ ପ୍ରସ୍ତୁତ ନୁହଁନ୍ତି। କାର୍ଯ୍ୟୋପଲକ୍ଷେ ବା ଘଟଣାସୂତ୍ରେ ଯେଉଁ ସ୍ଥାନ ବା ପ୍ରଦେଶରେ ବାସ କଲେ, ସେଠାର ସଭ୍ୟତା, ସାହିତ୍ୟ, ଭାଷା ଆଦିକୁ ନିଜର ବୋଲି ଗ୍ରହଣ କରିବାକୁ କୁଣ୍ଠିତ ହେଉଅଛନ୍ତି। ତେବେ ଆଉ ପ୍ରାଦେଶିକ ଏକତା ସମ୍ଭବ ହେବ କିପରି ? ଭାରତୀୟ ଜାତୀୟତା ତ ଦୂରର କଥା।

ଯେଉଁ ଭାଷା, ଭାବ ଓ ସଭ୍ୟତାର ଏକତାରେ ପ୍ରାଦେଶିକ ସ୍ୱାତନ୍ତ୍ର୍ୟ ମଧରେ ଭାରତୀୟ ସଭ୍ୟତା ଆଜିଯାଏ ଜୀବିତ ରହିଅଛି, ଉପସ୍ଥିତ କ୍ଷେତ୍ରରେ ପ୍ରାଦେଶିକ ସଭ୍ୟତାର ବ୍ୟକ୍ତିତ୍ୱ ରକ୍ଷା ନିମନ୍ତେ ସେହି ପନ୍ଥା ଅବଲମ୍ବନ କରିବାକୁ ହେବ। ଟିକିଏ ତଳେଇ ଦେଖିଲେ, ଦେଖାଯିବ, ଭାବ ଓ ସଭ୍ୟତାର ମୂଳରେ ଭାଷା। ଭାଷାର ଏକତା ଥିଲେ ଭାବର ଏକତା ସୁନିଶ୍ଚିତ। ସୁତରାଂ ସଭ୍ୟତା ଏକ ନହୋଇ ଅନ୍ୟଥା ହୋଇନପାରେ। ପୃଥିବୀର ଆଧୁନିକ ସମସ୍ତ ସଭ୍ୟ ଦେଶ ଏହି ନୀତି ଗ୍ରହଣ କରୁଅଛନ୍ତି। ଆମେରିକାର ଯୁକ୍ତରାଷ୍ଟ୍ରରେ ନାନା ଜାତିର ଲୋକେ ବାସ କରନ୍ତି। ଇଂରେଜ, ଜର୍ମାନ, ପର୍ତ୍ତୁଗୀଜ ସବୁ ଜାତିର ଲୋକେ ଅଛନ୍ତି। ପ୍ରତ୍ୟେକ ପ୍ରଦେଶର ଆଇନ କାନୁନ, ବିଧି ବ୍ୟବସ୍ଥା ପୃଥକ୍। କିନ୍ତୁ ସେ ସମସ୍ତେ ଇଂରେଜୀ ଭାଷାକୁ ରାଜ୍ୟର ଭାଷା ରୂପେ ଗ୍ରହଣ କରିଅଛନ୍ତି। ଇଂରେଜୀ ଭାଷା ସ୍ୱୀକାର ନ କରିବା ଯାଏ କାହାରିକୁ ଯୁକ୍ତରାଷ୍ଟ୍ରରେ ପ୍ରଜାର ଅଧିକାର ଦିଆଯାଏ ନାହିଁ। ସମସ୍ତ ରାଜ୍ୟରେ ଏକ ଭାଷା ପ୍ରଚଳିତ ହେବାରୁ ପ୍ରାଦେଶିକ ନାନା ପାର୍ଥକ୍ୟ ଥିଲେ ସୁଦ୍ଧା ସମଗ୍ର ରାଜ୍ୟରେ ଗୋଟାଏ ଜାତୀୟ ଭାବ ନିରନ୍ତର ଜାଗ୍ରତ ରହିଅଛି।

ଆଜିକାଲି ଭାରତର ଏକ ଏକ ପ୍ରଦେଶରେ ନାନାବିଧ ଲୋକେ ଅଛନ୍ତି। କ୍ରମେ ଆଉ ନୂତନ ସଂପ୍ରଦାୟ ଓ ସମାଜର ଲୋକ ମିଶୁଛନ୍ତି। କୌଣସି ସ୍ଥାନରେ ପୂର୍ବର ଅପମିଶ୍ରଣ ନାହିଁ। ଏହି ନାନାବିଧ ଲୋକଙ୍କ ମଧ୍ୟରେ ଏକତା ରକ୍ଷା କରିବାକୁ ହେଲେ ସେ ସମସ୍ତଙ୍କର ସେହି ଦେଶଭାଷା ଗ୍ରହଣ କରିବା ଉଚିତ। ତାହେଲେ ସେମାନଙ୍କର ଭାବ ଓ ଚିନ୍ତାରେ - ସାମଞ୍ଜସ୍ୟ ଆସିବ।

ସେ ପ୍ରଦେଶର ସଂସ୍କୃତି, ସାହିତ୍ୟ, ଇତିହାସ ଆଦିକୁ ସେମାନେ ନିଜର କରିନେବେ ଏବଂ ସେ ପ୍ରଦେଶ ଓ ତାହାର ଅତୀତ ଓ ଭବିଷ୍ୟତରେ ସେ ସମସ୍ତଙ୍କର ଆସ୍ଥା ଓ ମମତା ଜନ୍ମିବ । ଯେତେଦୂର ସମ୍ଭବ, ଏକ ଭାଷା ପ୍ରଚଳିତ ସ୍ଥାନମାନ ଏକ ଶାସନାଧୀନରେ ନ ଆସିଲେ ଏ ଉଦ୍ଦେଶ୍ୟ ସିଦ୍ଧ ହୋଇପାରିବ ନାହିଁ ।

(ସତ୍ୟବାଦୀ ୧ମ ଭାଗ, ୬ଷ୍ଠ ଖଣ୍ଡ, ୧୯୧୫ ଜୁନ)

**ସୂଚନା:**

ସ୍ୱାତନ୍ତ୍ର୍ୟ – ପାର୍ଥକ୍ୟ, ସ୍ୱାଧୀନତା

ଉପନିବେଶ – ବିଦେଶସ୍ଥ ଆବାସଭୂମି

ପ୍ରାଦେଶିକ – ପ୍ରଦେଶବିଷୟକ, ପ୍ରଦେଶଜାତ, ପ୍ରଦେଶରେ ନିବଦ୍ଧ

ଶ୍ରେୟ – କଲ୍ୟାଣ, ମଙ୍ଗଳ

ନିରନ୍ତର – ସର୍ବଦା, ନିରବଚ୍ଛିନ୍ନ

ଅବିମିଶ୍ରଣ – ବିଶୁଦ୍ଧ

ସାମଞ୍ଜସ୍ୟ – ମେଳ, ସମତା, ସଙ୍ଗତି

ଆସ୍ଥା – ବିଶ୍ୱାସ, ନିର୍ଭର, ମନଯୋଗ

ପନ୍ଥା – ଉପାୟ, ସାଧନାର ମାର୍ଗ, ଧର୍ମମତ

## ପ୍ରଶ୍ନାବଳୀ

**ନିର୍ଦ୍ଦିଷ୍ଟ ଉତ୍ତରମୂଳକ:**

୧. ବିଭିନ୍ନ ଶବ୍ଦ ଓ ଧାତୁରେ ପ୍ରତ୍ୟେୟ ଯୋଗ କରାଯାଇଛି । ନୂତନ ଶବ୍ଦ କ'ଣ ହେବ ଲେଖ ।

ପ୍ରଦେଶ+ଇକ

ସ୍ୱତନ୍ତ୍ର+ଯ

ବେଦ+ଇକ

ଜାତି + ଈୟ

୨. ଭ୍ରମ ସଂଶୋଧନ କର

ଯାତାୟାତ, ସାହାସ, କାର୍ଯ୍ୟପଲକ୍ଷେ, ଶାସନାଧୀନ

୩. ବାକ୍ୟ ଗଠନ କର

ଭରସା, ଆସ୍ଥା, ପନ୍ଥା, ଏକତା, ନିରନ୍ତର

୪. 'କ' ସ୍ତମ୍ଭ ସହିତ ସଂପର୍କ ଥିବା 'ଖ' ସ୍ତମ୍ଭର ଶବ୍ଦ ସମୂହ ଯୋଗ କର ।

| 'କ' | 'ଖ' |
|---|---|
| କୁମାରିକା | ଜାତୀୟ ଭାବ ଜାଗ୍ରତ |
| ଭାଷାର ଏକତା | ସୁନ୍ଦର ସୁଦୃଢ଼ ଏକତା |
| ସଂସ୍କୃତ ଭାଷା | ଯୁକ୍ତରାଷ୍ଟ୍ରର ରାଜ୍ୟଭାଷା |
| ଇଂରେଜୀ ଭାଷା | ମାନବ ପ୍ରାଣର ମିଳନ |
| ଏକ ଭାଷା ପ୍ରଚଳନ | ହିମାଳୟ |
| | ଅବିମିଶ୍ରଣ |

୫. ଶୂନ୍ୟସ୍ଥାନ ପୂରଣ କର ।

(କ) କେତେ ପ୍ରଦେଶ, ପ୍ରତି ପ୍ରଦେଶରେ ପୁଣି କେତେ -------------- ପାର୍ଥକ୍ୟ ।

(ଖ) ଆର୍ଯ୍ୟଋଷିମାନେ ବୁଝିଥିଲେ ଭାବ, ଏବଂ ତେଣୁ ------------- ଏକତା ମାନବ ପ୍ରାଣର ମିଳନ ପକ୍ଷେ ଏକମାତ୍ର ପନ୍ଥା ।

(ଗ) ଭାବ ଓ ସଭ୍ୟତାର ମୂଳରେ ରହିଛି ------------- ।

(ଘ) ସଭ୍ୟତା ଏକ ନହୋଇ --------------------- ହୋଇନପାରେ ।

(ଙ) ଯୁକ୍ତରାଷ୍ଟ୍ରର ରାଜ୍ୟଭାଷା --------------- ଅଟେ ।

କ୍ଷୁଦ୍ର ଉତ୍ତରମୂଳକ:

୬. ଆଜି ସମସ୍ତେ କେଉଁଥି ପାଇଁ ବ୍ୟାକୁଳ ?

୭. ଜାତୀୟ ସମସ୍ୟା ଭାରତରେ ଆଜି କାହିଁକି ଗୁରୁତର ?

୮. ଆର୍ଯ୍ୟଋଷିମାନେ କ'ଣ ଭାବିଥିଲେ ?

୯. ପ୍ରାଦେଶିକ ଏକତା ସମ୍ଭବ ହୋଇପାରୁନାହିଁ କାହିଁକି ?

୧୦. ଭାବର ଏକତା କିପରି ପ୍ରତିଷ୍ଠିତ ହୋଇପାରିବ ?

୧୧. ଭାବ ଓ ସଭ୍ୟତାର ମୂଳରେ କ'ଣ ରହିଛି ?

୧୨. ଭାରତର କୌଣସି ସ୍ଥାନରେ ପୂର୍ବର ସେହି ଅବିମିଶ୍ରଣ ନାହିଁ କାହିଁକି ?

୧୩. ନାନାବିଧ ଲୋକମାନଙ୍କ ମଧ୍ୟରେ ଏକତା ରକ୍ଷା କରିବାକୁ ହେଲେ କ'ଣ କରିବାକୁ ହେବ ?

**ସପ୍ରସଙ୍ଗ ସରଳାର୍ଥ :**

୧୪. ଆର୍ଯ୍ୟ ଋଷିମାନେ ବୁଝିଥିଲେ ଭାବ ଏବଂ ତେଣୁ ଭାଷାର ଏକତା ମାନବ ପ୍ରାଣର ମିଳନ ପକ୍ଷେ ଏକମାତ୍ର ପନ୍ଥା ।

୧୫. ଭାଷାର ଏକତା ଥିଲେ ଭାବର ଏକତା ସୁନିଶ୍ଚିତ ।

୧୬. ଏହି ନାନାବିଧ ଲୋକଙ୍କ ମଧ୍ୟରେ ଏକତା ରକ୍ଷା କରିବାକୁ ହେଲେ ସେ ସମସ୍ତଙ୍କର ସେହି ଦେଶଭାଷା ଗ୍ରହଣ କରିବା ଉଚିତ ।

**ଦୀର୍ଘ ଉତ୍ତରମୂଳକ:**

୧୭. ଜାତୀୟ ଭାବ ନିରନ୍ତର ଜାଗ୍ରତ ରହିବା ପାଇଁ ଲେଖକଙ୍କ ଉଦାହରଣମୂଳକ ପରାମର୍ଶ ପଠିତ ପ୍ରବନ୍ଧରୁ ବର୍ଣ୍ଣନା କର ।

୧୮. ପ୍ରାଦେଶିକ ସମସ୍ୟା କିପରି ଭାରତୀୟ ଜାତୀୟତା ସୃଷ୍ଟି ହେବାରେ ବାଧକ, ପ୍ରବନ୍ଧକୁ ଆଧାର କରି ଲେଖ ।

**ତୁମ ପାଇଁ କାମ:**

୧୯. ଭାଷା ଓ ଜାତୀୟତା ପ୍ରବନ୍ଧ ସଂପର୍କରେ ତୁମର ମତାମତ ଶ୍ରେଣୀ ଗୃହରେ ଉପସ୍ଥାପନ କର ।

୨୦. ଗୋପବନ୍ଧୁଙ୍କ ରଚିତ ବିଭିନ୍ନ ପ୍ରବନ୍ଧ ଓ କବିତା ସଂଗ୍ରହ କରି ପାଠ କର ଓ ତୁମକୁ ଭଲ ଲାଗୁଥିବା ଉକ୍ତି ବା ପଦଗୁଡ଼ିକୁ ମନେ ରଖ ।

***

# ବାମନର ହାତ ଓ ଆକାଶର ଚନ୍ଦ୍ର

**● ଗୋଦାବରୀଶ ମିଶ୍ର**

**ଲେଖକ ପରିଚୟ :**

*ପଣ୍ଡିତ ଗୋଦାବରୀଶ ମିଶ୍ର ( ୧୮୮୬-୧୯୫୬) ଥିଲେ ସତ୍ୟବାଦୀ ଗୋଷ୍ଠୀର ଅନ୍ୟତମ ବଳିଷ୍ଠ ସାରସ୍ୱତ ସାଧକ । ବିଭିନ୍ନ ପ୍ରତିକୂଳ ପରିବେଶରେ ମଧ୍ୟ ସେ ନିଜର ସ୍ୱାଭିମାନ ବଜାୟ ରଖି ପାରିଥିଲେ । ଦାରିଦ୍ର୍ୟ ବିରୋଧରେ ସଂଗ୍ରାମକରି ସେ ଉଚ୍ଚତର ଡିଗ୍ରୀ ଲାଭ କରିଥିଲେ ହେଁ ଲୋଭନୀୟ ସରକାରୀ ଚାକିରି ପ୍ରତ୍ୟାଖ୍ୟାନ କରି ଗୋପବନ୍ଧୁଙ୍କ ପରାମର୍ଶରେ ସତ୍ୟବାଦୀ ବନ ବିଦ୍ୟାଳୟରେ ଯୋଗ ଦେଇଥିଲେ । ଜଣେ ଆଦର୍ଶ, ଶୃଙ୍ଖଳିତ ଓ ମେଧାବୀ ଶିକ୍ଷକ ରୂପେ ସେ ବହୁଖ୍ୟାତି ଅର୍ଜନ କରିଛନ୍ତି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ସିଂହଭୂମିଯାଇ ଚକ୍ରଧରପୁର ଇଂରାଜୀ ଉଚ୍ଚବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରୂପେ କାର୍ଯ୍ୟସାଧନ କରିଛନ୍ତି । ମହାତ୍ମାଗାନ୍ଧିଙ୍କ ଆହ୍ୱାନ କ୍ରମେ ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନରେ ଯୋଗଦେବା ସହିତ ବିହାର-ଓଡ଼ିଶା କାଉନ୍‌ସିଲର ସଭ୍ୟ ଭାବେ ଖ୍ରୀଷ୍ଟାବ୍ଦ ୧୯୨୪, ୧୯୨୭ ଓ ୧୯୩୦ରେ ନିର୍ବାଚିତ ହୋଇଥିଲେ । ପାରଳାଖେମୁଣ୍ଡି ମହାରାଜାଙ୍କ ମନ୍ତ୍ରୀମଣ୍ଡଳ ( ୧୯୪୧-୪୪)ରେ ସେ ଶିକ୍ଷା ଓ ଅର୍ଥ ବିଭାଗର ମନ୍ତ୍ରୀ ହୋଇଥିଲେ । ସେ ଥିଲେ ଏକାଧାରରେ ଜଣେ ସାହିତ୍ୟିକ, ସମାଜସେବୀ ଓ ଆଦର୍ଶ ରାଜନୀତିକ ନେତା । 'ଆଲେଖିକା', 'କିଶଳୟ', 'କୁସୁମ କଳିକା', 'କବିତା ଚୟନ', 'ଗୀତିଗୁଚ୍ଛ', 'ଗୀତାୟନ' ଆଦି କବିତା ଗ୍ରନ୍ଥ; 'ପୁରୁଷୋତ୍ତମଦେବ' ଓ 'ମୁକୁନ୍ଦଦେବ' ନାଟକ; 'ଅଭାଗିନୀ', '୧୮୧୭', 'ଘଟାନ୍ତର', ଓ 'ନିର୍ବାସିତ' ଆଦି ଉପନ୍ୟାସ; 'ପଞ୍ଚବୀର' ଏବଂ 'ପୁଆଣିଘର' ଗଳ୍ପ ସଂକଳନ ତଥା 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ଶୀର୍ଷକ ଆତ୍ମଜୀବନୀ ତାଙ୍କ ସାରସ୍ୱତ ପ୍ରତିଭାର ଅମ୍ଳାନ ସ୍ୱାକ୍ଷର । ସେ ତାଙ୍କ ଆତ୍ମଜୀବନୀ ପାଇଁ ୧୯୬୨ ମସିହାରେ ମରଣୋତ୍ତର କେନ୍ଦ୍ରସାହିତ୍ୟ ଏକାଡେମୀ ପୁରସ୍କାର ଲାଭକରିଛନ୍ତି ।*

*'ବାମନର ହାତ ଓ ଆକାଶର ଚନ୍ଦ୍ର' ତାଙ୍କ ଆତ୍ମଜୀବନୀର ଏକ ଅଂଶ ବିଶେଷ । ଏହି ଅଂଶରେ ସେ ତାଙ୍କର ଉଚ୍ଚ ବିଦ୍ୟାଳୟ ଶିକ୍ଷା ସମ୍ପର୍କରେ କେତେକ ରୋମାଞ୍ଚକର ଘଟଣାର ସୂଚନା ଦେବା ସଙ୍ଗେ ସଙ୍ଗେ ତତ୍‌କାଳୀନ ଶିକ୍ଷାପଦ୍ଧତି ସମ୍ବନ୍ଧରେ ଆଲୋକପାତ କରିଛନ୍ତି ।*

---

**ବା**ମନର ଚନ୍ଦ୍ରକୁ ହାତ ବଢ଼ାଇବା ଚେଷ୍ଟା ନିତାନ୍ତ ହାସ୍ୟାସ୍ପଦ । କିନ୍ତୁ ଚନ୍ଦ୍ରକୁ ହାତ ବଢ଼ାଇବା ବିଷୟରେ, କେବଳ ବାମନ କାହିଁକି, ପୃଥିବୀର ସବୁଠାରୁ ଡେଙ୍ଗା ଲୋକ ସମ୍ପର୍କରେ ସୁଦ୍ଧା ଏକଥା କୁହାଯାଇପାରିବ । ତଥାପି ପୃଥିବୀର ଇତିହାସରୁ ଦେଖାଯାଏ, କେତେକ ବାମନ, ଅସଂଖ୍ୟ ଡେଙ୍ଗା ଲୋକଙ୍କୁ ଟପି, ଚନ୍ଦ୍ରକୁ ହାତ ବଢ଼ାଇ ଅଳ୍ପାଧିକ କୃତକାର୍ଯ୍ୟ ହୋଇଛନ୍ତି । ବିଲାତରେ କୌଣସି ପିଲା, ଅର୍ଥାଭାବ ଯୋଗେ ଚା ନପାଇପାରି, ଗରମପାଣି

ପିଇ ଶୀତ ନିବାରଣ କରୁଥିଲା; ପରେ ସେ ପ୍ରଧାନମନ୍ତ୍ରୀ ହେଲା । ଆମେରିକା ଯୁକ୍ତରାଜ୍ୟର ଗୋଟିଏ ଗରିବ ପିଲା ଘରେ ଆଲୁଅ ଜାଳିବାକୁ ପଇସା ନପାଇବାରୁ ସଡ଼କ ଆଲୁଅରେ ବସି ପାଠପଢୁଥିଲା; ସେ ଦିନେ ଯୁକ୍ତରାଜ୍ୟର ସଭାପତି ଆସନରେ ବସିଲା । ସେହି ଯୁକ୍ତରାଜ୍ୟର ଜଣେ ସଭାପତିଙ୍କ ଉନ୍ନତି ଘଟିଥିଲା ପତ୍ରକୁଡ଼ିଆରୁ ରାଜପ୍ରାସାଦକୁ । ବଙ୍ଗ ପ୍ରଦେଶକୁ ଜଣେ ଗୋରା ଲାଟ ଆସିଥିଲେ, ଯେ କି ଦିନେ କୁଲି ବ୍ୟବସାୟରେ ଜୀବିକା ଉପାର୍ଜନ କରୁଥିଲେ । ପ୍ରଥମ ମହାସମରର ବିରାଟ ମନ୍ଥନ ମଧ୍ୟରୁ ଚେକୋସ୍ଲୋଭାକିଆ ରାଜ୍ୟ ପ୍ରତିଷ୍ଠା କରିଥିଲେ ଯେଉଁ ସାମରିକ ବ୍ୟକ୍ତି, ସେ ଜଣେ ସାମାନ୍ୟ କଚୁଆନର ପୁଅ । ଇଟାଲୀର ସେ ଦିନର ଭାଗ୍ୟବିଧାତା ମୁସୋଲିନ୍ ସେହିପରି ଦରିଦ୍ର କମାର ଘରେ ଜନ୍ମ ହୋଇଥିଲେ । ପୃଥିବୀ ବିଖ୍ୟାତ ହିଟ୍‌ଲର ଇଟାଭାଟିରେ କାମ କରି ପିଲାଦିନେ ପେଟ ପୋଷୁଥିଲେ । ରୁଷିଆର କର୍ଣ୍ଣଧାର ଷ୍ଟାଲିନ୍ ମୋଚିପିଲା । ଆମ ଭାରତରେ ମଧ୍ୟ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କର ଜନ୍ମ ସାମାନ୍ୟ ପୂଜାରୀ ଘରେ ।

ଏମାନେ ଯେ ବାମନ ହୋଇ ଜନ୍ମ ଲଭିଥିଲେ ତାହା କିଏ ଅସ୍ୱୀକାର କରିବ ? କୋଟି କୋଟି ବାମନ ପୃଥିବୀକୁ ଆସି ବନର ମାଳତୀ ପରି ବନରେ ଫୁଟି ଝଡ଼ୁଛନ୍ତି – ତାଙ୍କ କଥା କେହି ଜାଣୁନାହାନ୍ତି । କିନ୍ତୁ ସେମାନଙ୍କ ଭିତରୁ ଯେ ଚନ୍ଦ୍ରକୁ ହାତ ବଢ଼ାଇ ଧରିପାରୁଛି, ସେ ବଡ଼ ହେଉଛି ଓ ଉଚ୍ଚତାରେ ଲକ୍ଷ ଲକ୍ଷ ଡେଙ୍ଗା ଲୋକଙ୍କୁ ଟପିଯାଉଛି । କୋଟି କୋଟି ବାମନ ଆକାଶରେ ଉଜ୍ଜ୍ୱଳ ଚନ୍ଦ୍ରମଣ୍ଡଳକୁ ଦେଖି ଲୋଭ ସମ୍ବରଣ କରି ନ ପାରି ହାତ ବଢ଼ାଉଛନ୍ତି, ମାତ୍ର ଧରି ନପାରି ହାସ୍ୟାସ୍ପଦ ହେଉଛନ୍ତି । ଆମ ମଧ୍ୟ-ଓଡ଼ିଆ ବିଦ୍ୟାଳୟର ଦ୍ୱିତୀୟଶିକ୍ଷକ ମାଧବ ମିଶ୍ର ଥରେ ମତେ କହିଲେ, "ଏଣ୍ଟ୍ରାନ୍‌ସ ଖଣ୍ଡକ ପାସ୍ କରିଗଲେ ମଣିଷରେ ଗଣା ହୁଅନ୍ତୁ । ମାତ୍ର ତୋ ପକ୍ଷରେ ଏତ ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଇବା ନ୍ୟାୟ -କଣ ପଡ଼ିଛି ? ବହିପତ୍ର କିଣିବୁ, ଖୋରାକ ଧରିବୁ, ପ୍ରବାସରେ ଯାଇ ରହିବୁ-ସବୁ କରିପାରିଲେ ସିନା ହବ । ଏ ଷାଠିଏ ପଉଟି ଘିଅ ହବ ନା ରାଧା ନାଚିବେ ?''

ବର୍ତ୍ତମାନ ମାଟ୍ରିକ୍ୟୁଲେସନ ପରୀକ୍ଷାର ନାମ ସେ ସମୟରେ ଏଣ୍ଟ୍ରାନ୍‌ସ ଥିଲା । ମୋ ପୂର୍ବରୁ ବାଣପୁରର ଷାଠିଏ ହଜାର ଲୋକଙ୍କ ମଧ୍ୟରୁ କେବଳ ଜଣେ ଏଣ୍ଟ୍ରାନ୍‌ସ ପାସ୍ କରିଥିଲେ । ଏଣ୍ଟ୍ରାନ୍‌ସ ପାସ୍ କଲେ ଯେ ମନୁଷ୍ୟରେ ଗଣାହୁଅନ୍ତି, ତାଙ୍କୁ ଦେଖିଲେ ଜଣାଯାଉଥିଲା । ତାଙ୍କ ଦ୍ୱାରେ ଶହ ଶହ ଲୋକ ରୁଣ୍ଡ ହୁଅନ୍ତି; ଦଶପଚାଶ ସରବରାକାର ତାଙ୍କ ପାଖେ ଯାଇ ଜୁଟନ୍ତି; ତାଙ୍କ ମୁହଁରୁ ପଦେ କଥା ଶୁଣିବାକୁ ଲୋକେ ଚାହିଁରହିଥାନ୍ତି । ସେ ଖୋରଧା କଚେରୀରେ କିରାନି କାମରେ ରହିଥିଲେ । ତାଙ୍କ ପଛକୁ ମୁଁ ମଧ୍ୟ ଆଉ ଜଣେ ବାହାରିବି ବୋଲି ମୋର ପୁରୀରେ ପଢ଼ିବାବେଳୁ ଅନେକେ ଧରିନେଲେ । ସେଥିପାଇଁ ମୁଁ ଛୁଟିରେ ଘରକୁ ଗଲେ ବରାବର ଶୁଣେ, "ଟିକିଏ ଦୟାରଖିଥିବ ଟି ।"

କିନ୍ତୁ ଦୟା ରଖିବା ଅବସ୍ଥାକୁ ଯିବା ପୂର୍ବରୁ ମୋତେ ପ୍ରଥମେ ଚନ୍ଦ୍ରକୁ ହାତ ବଢ଼ାଇବାକୁ ପଡ଼ିଲା; ଅଥଚ ମୁଁ ଦେଖିଲି ଯେ ମୋ ହାତ ପାଉନାହିଁ । ସୁତରାଂ ମାସ ମାସ ଧରି ନୈରାଶ୍ୟ ବହ୍ନିରେ ମୋତେ ଜଳିବାକୁ ହେଲା । ଶେଷରେ ଅତି ଆକସ୍ମିକ ଭାବରେ ଦିନେ ଆକାଶ କୟାଁ ଓ ଚିଲିକା ମାଛର ସଂଯୋଗ ଘଟିଲା, ମୁଁ ପୁରୀରେ ନାମ ଲେଖାଇବାକୁ ଗଲି । ମୁଁ ନିତି ଅସ୍ଥାୟୀ ମାଇନର ସ୍କୁଲରେ ଯାଇ ବସେ । ଦିନେ ଖୋରଧାର ତହସିଲଦାର ସ୍କୁଲ ପରିଦର୍ଶନରେ ଗଲେ । ମୁଁ ଉଚ୍ଚ ବିଦ୍ୟାଳୟକୁ ପଢ଼ିବାକୁ ନ ଯାଇ ସେଠାରେ କାହିଁକି ଘୁଷୁରୁଛି, ସେ ପଚାରିଲେ । ଶିକ୍ଷକଙ୍କଠାରୁ ଉତ୍ତର ପାଇବା ପରେ ସେ ଟିକିଏ ଭାବି କହିଲେ, "ଆଚ୍ଛା, ମୁଁ ତା'ର ବ୍ୟବସ୍ଥା କରିବି ।" ଯଥାସମୟରେ ସେ ଗୋଟାଏ ବ୍ୟବସ୍ଥା କଲେ ମଧ୍ୟ । ରାମକୃଷ୍ଣ ବୋଷଙ୍କ ନିକଟକୁ ପୁରୀକୁ ମୋ ହାତରେ ଖଣ୍ଡିଏ

ଚିଠି ଦେଲେ । ରାମକୃଷ୍ଣ ବୋଷ କଟକର ସେ ଯୁଗର ଖ୍ୟାତନାମା ଓକିଲ ହରିବଲ୍ଲଭ ବୋଷଙ୍କ ପୁତୁରା । ସେ 'ଶଶିନିକେତନ'ରେ ରହୁଥିଲେ ।

ଦରିଦ୍ର କୁଟୀରର ବଡ଼ ନିଧି ହେଉଛି ପିଲା । ବୟସରେ ମୋଠାରୁ ଦଶବର୍ଷ ସାନ ମୋର ଗୋଟିଏ ଭଉଣୀ ଥିଲା । ସମାଜରେ ପୁଅ ଓ ଝିଅ ଉଭୟଙ୍କର ଆବଶ୍ୟକତା ସମାନ ହେଲେ ସୁଦ୍ଧା ପୁଅମାନେ ଝିଅଙ୍କ ତୁଳନାରେ ଅଧିକ ଆଦର ପାଆନ୍ତି । ବର୍ତ୍ତମାନ ନାରୀଜାତି ନିଜ ଦାବି ପ୍ରତିଷ୍ଠିତ କରିବାକୁ ବସୁଛି । ତାର ଫଳାଫଳ ଯଥା ସମୟରେ ଜଣାଯିବ; କିନ୍ତୁ ବିଧାତା ନାରୀମୁଣ୍ଡରେ ଯେଉଁ କଠୋର କର୍ତ୍ତବ୍ୟ ଲଦିଛି, ତାକୁ ବହନକରି ସେ ଯେ ଖୁବ୍ ଉଚ୍ଚକୁ ଉଠିପାରିବ, ସେ ବାଟ ଏବେ ପ୍ରାଞ୍ଜଳ ଦିଶିନାହିଁ । ସେହି କର୍ତ୍ତବ୍ୟପାଳନ ହିଁ ନାରୀ ପକ୍ଷେ ଗର୍ବର ହେତୁ; ତାହାରି ଯୋଗେ ନାରୀର ମହତ୍ତ୍ୱ ଏତେ ବଢ଼ିଛି । ନାରୀଜାତିର ମହୀୟସୀ ପ୍ରତିନିଧି ରୂପେ ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ ପୂଜା ପାଉଛନ୍ତି; ଶକ୍ତି ସୃଷ୍ଟି ସର୍ଜନା କରୁଛି । ପରିବାର ମଧ୍ୟରେ ଜୀବିକା ଅର୍ଜନ ଭାର ପଡ଼ିଛି ପୁରୁଷ କାନ୍ଧରେ । ଗ୍ରୀନ୍‌ଲାଣ୍ଡ, ସୁଇଜରଲାଣ୍ଡ ପ୍ରଭୃତି କେତେକ ସ୍ଥାନରେ ନାରୀମାନେ ପୁରୁଷଙ୍କୁ ଘରେ ରଖାଇ ନିଜେ ବାହାରର ସକଳ କାର୍ଯ୍ୟ ନିର୍ବାହ କରନ୍ତି, ଏପରିକି ଜୀବିକା ଅର୍ଜନ କରି ମଧ୍ୟ ଆଣନ୍ତି, ପୁରୁଷମାନେ ଘରଧନ୍ଦା ବୁଝନ୍ତି, ସନ୍ତାନର ଲାଳନପାଳନ ଭାର ମୁଣ୍ଡାନ୍ତି । ବର୍ମା ଦେଶର ନାରୀ ପୁରୁଷ ଅପେକ୍ଷା ପ୍ରବଳ । ତଥାପି ମାନବସମାଜରେ ସଚରାଚର କୁଟୁମ୍ବ ପୋଷିବା କାମ ପୁରୁଷର, ନାରୀର ନୁହେଁ । ସେହି କାରଣରୁ ବିବାହିତ ପୁଅର ନାମ ଭର୍ତ୍ତା ଓ ବିବାହିତା ଝିଅ ହେଉଛି ଭାର୍ଯ୍ୟା ।

କେବଳ ସେତିକି ନୁହେଁ, ହିନ୍ଦୁ ସମାଜରେ ପୁଅ ପିଣ୍ଡ ଦେବାକୁ ଅର୍ହ ବିବେଚିତ ହେଉଥିବା ଯୋଗେ ଝିଅଠାରୁ ତା'ର ଆଦର ଅଧିକ ହୋଇପାରେ । କିନ୍ତୁ ପ୍ରାୟ ସବୁ ସମାଜରେ ଝିଅ ଅଳ୍ପାଧିକ ପରିମାଣରେ ଏକ ସମସ୍ୟା । ବେଶି ଝିଅ ଜନ୍ମ ହେଲେ କେହି କେହି ତାକୁ ଅଭିଶାପ ମଣନ୍ତି । କାରଣ, ଉପଯୁକ୍ତ ପାତ୍ର ସହିତ ବିବାହ କରାଇବା କ୍ୱଚିତ୍ ସମ୍ଭବପର ହୁଏ । ପୁଅମାନଙ୍କୁ ଅବିବାହିତ ଅବସ୍ଥାରେ ଯେତେ ବୟସ ପର୍ଯ୍ୟନ୍ତ ରଖିହୁଏ, ଝିଅମାନଙ୍କୁ ରଖିହୁଏ ନାହିଁ । ନାରୀର ସତୀତ୍ୱ ଉପରେ ସମାଜ ତୀବ୍ର ଦୃଷ୍ଟି ଦେଇଥାଏ । ଝିଅର ଆଚରଣ ଯୋଗେ ଅନେକ ବାପ-ମା ସମାଜରେ ଲାଞ୍ଛନା ଭୋଗିବାର ଦେଖାଯାଏ । ପୁଅର ଯେଉଁ ଦୋଷ ପୌରୁଷ ବିବେଚିତ ହୁଏ, ଝିଅ ପକ୍ଷେ ତାହା ମାରାତ୍ମକ ସ୍ଖଳନ । ଝିଅକୁ ଘରେ ନରଖି ବିବାହ କରାଇଦେବା ନିମନ୍ତେ ବାପ-ମା ଯେ ବ୍ୟାକୁଳ ହୁଅନ୍ତି, ବରପାତ୍ରମାନେ ସେଥିରୁ ଲାଭ ଉଠାଇବାକୁ ବସନ୍ତି । ତହିଁରୁ କନ୍ୟା – ଶୁଳ୍କର ଉତ୍ପତ୍ତି । ପିତା କନ୍ୟା-ଶୁଳ୍କ ଦେବାକୁ ଅକ୍ଷମ ଥିବାର ଦେଖି କେତେ କନ୍ୟା ଆତ୍ମହତ୍ୟା ନ କରନ୍ତି ! ଆଜିକାଲି ଝିଅମାନେ ଅବିବାହିତା ରହିବାକୁ ଇଚ୍ଛା କରୁଥିବାର ଦେଖାଯାଉଛି । ବିବାହର ବୟସ ଆଇନରେ ବଢ଼ାଇ ଦିଆଯାଉଥିବା ଯୋଗେ ତାହା ସମ୍ଭବପର ହେଉଛି । ପୁରୁଷ ସହିତ ନାରୀର ସମ୍ପର୍କ ନିୟନ୍ତ୍ରଣ କରିବା ଗୋଟାଏ ବଡ଼ ସାମାଜିକ ସମସ୍ୟା । ପାରିବାରିକ ଜୀବନ ଯଥାର୍ଥ ଆଦର୍ଶ କି ନା, ବର୍ତ୍ତମାନ କ୍ରମେ ସନ୍ଦେହର ବିଷୟ ହୋଇପଡ଼ିଛି । ପୁରୁଷଙ୍କ ପରି ନାରୀମାନେ ରାଜନୀତି କ୍ଷେତ୍ରରେ ବଡ଼ ବଡ଼ ପୀଠରେ ବସିବାକୁ ଆରମ୍ଭ କଲେଣି । ତଥାପି ଝିଅ ଅପେକ୍ଷା ପୁଅର ଆଦର ରହିଛି ।

ଘରେ କୋଳକୁ ଝିଅଟି ରହୁଥିଲେ ମଧ୍ୟ ମୋର ପୁରୀ ଯିବା ଦିନ ବୋଉ ବହୁତ କାନ୍ଦିଲା । ମୋ ବୁଢ଼ୀମା ଅନ୍ଧୁଣୀ । ନାତୁଣୀ ତାଙ୍କ ପକ୍ଷେ ଅନ୍ଧର ଲଉଡ଼ି ଥିଲା, ମୁଁ ନ ଥିଲି । ତଥାପି ସେ ମୋତେ କୁଣ୍ଢାଇଧରି ଆଖିରୁ ଝରଝର ଲୁହ ଗଡ଼ାଇଲେ । ବହୁ ବନ୍ଧନ ଗୋଟି ଗୋଟି ଛିଣ୍ଡାଇ, ଲେଉଟ ଚକୁଳି ଖାଇ, ମୁଁ ପିତାଙ୍କ ସଙ୍ଗେ ଘରୁ ଗୋଡ଼ କାଢ଼ିଲି । ଏଥର ପୁରୀ ପର୍ଯ୍ୟନ୍ତ ରେଳରେ ଗଲି । ରାମକୃଷ୍ଣ ବୋଷ ଚିଠି ପଢ଼ି ମୋ ହାତରେ ପାଞ୍ଚଟି ଟଙ୍କା ଦେଇ କହିଲେ, "ଏତିକି ନିଅ, ଆଉ ଆସିବ ନାହିଁ ।"

ସେ ଜଣେ ଧର୍ମଭୀରୁ ଲୋକ । ବି.ଏ. ପାସ୍ କରି ଅର୍ଥ ଉପାର୍ଜନ ପନ୍ଥା ଛାଡ଼ି ଜଗନ୍ନାଥ ଧାମ ଆଶ୍ରୟ କରିଥାନ୍ତି । ସେ ବେକରେ ବଡ଼ ବଡ଼ ତୁଳସୀକଣ୍ଠିମାଳ ପିନ୍ଧିଥିଲେ, ଆମିଷ ଖାଉ ନ ଥିଲେ, କୀର୍ତ୍ତନରେ କାଳ କଟାଉଥିଲେ । ସେତେବେଳକୁ ତାଙ୍କର ସମ୍ଭବତଃ ୩୨/୩୩ ବର୍ଷ ବୟସ । ଯୌବନର ମଧ୍ୟାହ୍ନରେ ଏତେ ସଂଯମରେ ରହିବା ଲୋକ ବିରଳ । ଦିନେ ପୁରୀ ରାଜା ମୁକୁନ୍ଦଦେବ ଉଆରେଷ୍ଟରେ ଧରାହୋଇ ସୁଆରିରେ ବସି କଚେରିକୁ ଯାଉଥିଲେ । ସେ ଦୃଶ୍ୟ ଦେଖିବା ସକାଶେ ବାଟଯାକ ଲୋକାରଣ୍ୟ ହୋଇଥିଲା । ସୁଆରି 'ଶଶିନିକେତନ' ଆଗରେ ଯିବାବେଳେ ରାମକୃଷ୍ଣବାବୁ ଧାଇଁଆସି ସଡ଼କର ଲାଲ ଧୂଳି ଉପରେ ଲମ୍ବ ହୋଇ ଶୋଇ ଦଣ୍ଡପ୍ରଣାମ କରିଗଲେ ।

ମୁଁ ପୁରୀ ଜିଲ୍ଲା ସ୍କୁଲରେ ପଞ୍ଚମ ଶ୍ରେଣୀରେ ନାମ ଲେଖାଇଲି । ସେହି ଶ୍ରେଣୀର ନାମ ଆଜିକାଲି 'ସପ୍ତମ' ହୋଇଛି । ବର୍ତ୍ତମାନ ଉଚ୍ଚବିଦ୍ୟାଳୟର ଶ୍ରେଣୀସବୁ ନିଶୁଣିରେ ଚଢ଼ିବା କ୍ରମରେ ତଳୁ ଉପରକୁ ଗଣାଯାଉଛି; ସେ ସମୟରେ ଉପରୁ ତଳ ଆଡ଼କୁ ଗଣାଯାଉଥିଲା । ମୁଁ ବିଦ୍ୟାଳୟରେ ପ୍ରବେଶ କଲି ଦୁର୍ଗାପୂଜା ଛୁଟିର କିଛିଦିନ ପୂର୍ବରୁ । ସେ ବର୍ଷର ବାକି କେତେ ମାସ ଓ ଚତୁର୍ଥ ଶ୍ରେଣୀର ପୂରା ବର୍ଷକ ପିତାଙ୍କୁ ଜମି ବିକି ମୋ ପଢ଼ାଖର୍ଚ୍ଚ ଚଳାଇବାକୁ ପଡ଼ିଲା । ରାମକୃଷ୍ଣ ବୋଷଙ୍କ ପାଖକୁ ଆଉ ଥରେ ଯିବାକୁ ମୋର ସାହସ ତ ନଥିଲା, ଇଚ୍ଛା ମଧ୍ୟ ହେଲା ନାହିଁ । ମୁଁ ପ୍ରଥମେ ତାଙ୍କ ପାଖକୁ ଯେଉଁ ଦିନ ଯାଇଥିଲି, ତାଙ୍କ ଘରୁ ଜଣେ ବାବୁ ବାହାରି ମୋତେ କହିଲେ, "କଣ, ରୋଷାଇବାସ କର ? ଆମର ପୂଜାରୀ ଅଛି ।" ଯେତେ ଦରିଦ୍ର ହେଲେ ସୁଦ୍ଧା, ମୁଁ ବାପା - ମାଆଙ୍କର ଗେହ୍ଲା ପୁଅ; ସେତେବେଳେ ପୂଜାରୀ ଆଖ୍ୟା ପାଇବାକୁ ପ୍ରସ୍ତୁତ ନଥିଲି । କିନ୍ତୁ ପରେ, ବାପ ମାଙ୍କ ମୃତ୍ୟୁ ଉତ୍ତାରେ, କଲେଜରେ ପଢ଼ିବାବେଳେ ମୋତେ ଅନେକ କାଳ ପ୍ରାୟ ପୂଜାରୀ ଭାବରେ ପଢ଼ାଖର୍ଚ୍ଚ ଉଠାଇବାକୁ ହେଲା । ରାମକୃଷ୍ଣ ବାବୁଙ୍କ ଘରେ ମୋତେ ଯେ ପୂଜାରୀ ମନେକଲେ, ତାହା ମୋତେ ଯେତେ ବିସୁଖ ଲାଗୁ, ତା ପାଇଁ କାରଣ ଥିଲା । ଆଜିକାଲି, ନିତାନ୍ତ ମଫସଲ ଛଡ଼ା, କୌଣସିଠାରେ ପୁରୁଷପିଲାଙ୍କ ମୁଣ୍ଡରେ ପେଣ୍ଡାବାଳ ଦେଖାଯାଏ ନାହିଁ । ସେ ସମୟରେ ପଲ୍ଲୀର ପୁରୁଷମାନେ, ଆବାଳ-ବୃଦ୍ଧ ପ୍ରାୟ ସମସ୍ତେ ପେଣ୍ଡାବାଳ ରଖୁଥିଲେ; କେବଳ ସହରରେ ପିଲାଙ୍କ ମଧ୍ୟରେ ତା'ର ପ୍ରଚଳନ ନଥିଲା । ମୋ ମୁଣ୍ଡରେ ପେଣ୍ଡାଏ ବାଳ ତ ଥିଲା, ତା ଛଡ଼ା ଦୁଇ କାନରେ ଦୁଇପଟ ପେଟୁଆ ନୋଳି ମଧ୍ୟ ଝୁଲୁଥିଲା । ତାହା ଦେଖି ଅନେକେ ମୋତେ 'ନାଟୁଆ ପିଲା' ବୋଲି ଚିଡ଼ାଉଥିଲେ । ପୂଜାରୀ ହେବା ତ ତାହାଠାରୁ ସ୍ପୃହଣୀୟ ! ବର୍ତ୍ତମାନ ବୁଝୁଛି, ପୂଜାରୀ ଡାକରେ ମୋର ବିଚଳିତ ହେବାର କାରଣ ନଥିଲା । ଅନେକ ବର୍ଷ ପରେ, ମୁଁ ବିହାର-ଓଡ଼ିଶା ବ୍ୟବସ୍ଥା ପରିଷଦର ସଦସ୍ୟ ଥିଲାବେଳେ କଲିକତାର ଜଣେ ବାରିଷ୍ଟର-ବନ୍ଧୁଙ୍କ ଘରେ ଅତିଥି ହୋଇଥିଲି । ତାଙ୍କର ପାଞ୍ଚବର୍ଷର ପୁଅ ଗାଧୋଇ ଫେରିବାବେଳେ ମୋତେ ଦେଖି, ପଚାରିଲା, "ତୁମେ କଣ ରୋଷେୟା ପୂଜାରୀ ?" ବାଇଶ ବର୍ଷ ତଳର ବିସ୍ମୃତ ଅନୁଭୂତି ସଙ୍ଗେସଙ୍ଗେ ଚାଉଁକିନି ମୋ ମନରେ ଆସି ପଡ଼ିଗଲା । ପିଲାଟିକୁ ଗୋଟାଏ ନାସ୍ତି ଉତ୍ତର ନ ଦେବା ନିମନ୍ତେ ମୁଁ ହସି ହସି 'ହଁ' ଭରିଲି । ମାତ୍ର ସେ ସେତିକିରେ ସନ୍ତୁଷ୍ଟ ନ ହୋଇ ପୁଣି ପଚାରିଲା, "ପୂଜାରୀ ତ, ତେବେ ଏତେ ଗୋରା କାହିଁକି ?'' ମୋ ବୁଦ୍ଧିକୁ ଆଉ ଉତ୍ତର ଦିଶିଲା ନାହିଁ ।

ପିତାଙ୍କ ପୈତୃକ ଜମି ବିକ୍ରି ଉପରେ ନିର୍ଭର କରି ମୁଁ ପଢ଼ିଲି; କିନ୍ତୁ ତାଙ୍କର ଜମି ବେଶି ନ ଥିଲା । ଏକରକ ଉପରେ ବିକ୍ରି ସରିଲା ପରେ ଆଉ ବାକି ରହିଲା ପ୍ରାୟ ଦେଢ଼ଏକର । ଏବେ ସବୁ ଜିନିଷ ପରି ଜମିବାଡ଼ି ଦାମ୍ ବଢ଼ିଛି । ସେତେବେଳେ ଏକରରୁ ବେଶି ଜମି ବିକ୍ରିରୁ ମିଳିଲା ପ୍ରାୟ ଷାଠିଏ ଟଙ୍କା । ସୁତରାଂ ମୋତେ ଖର୍ଚ୍ଚ କମାଇ ଚଳିବାକୁ ପଡ଼ିଲା । ସେତେବେଳେ ମୁଁ ଅନେକ ଦିନ

ପଇସା ଅଭାବରେ ଉପବାସ ରହିଛି । ଛାତ୍ରାବାସର କୋଠରୋଷେଇ ପାଣ୍ଠିକୁ ଟଙ୍କା ନିର୍ଦ୍ଦିଷ୍ଟ ଦିନ ନ ଦେଲେ ଚାଉଳ ପଡ଼ିବା ବନ୍ଦ ହୋଇଯାଏ । ମୋ ପାଇଁ ଚାଉଳ ପଡ଼ିବା ବନ୍ଦ ହେବା ଆଦେଶ ମିଳିବା ପୂର୍ବରୁ ମୁଁ ଅବସ୍ଥା ବୁଝି ଅନ୍ୟତ୍ର ଖାଇବି ବୋଲି କହି ଚାଲିଯାଏ । ସେପରି ଘଟଣାରେ ଯେଉଁଠାରେ ଖାଏ ତାହା ସମୁଦ୍ରକୂଳ, ଯାହା ଖାଏ ତାହା ପବନ । ଥରେ ଏହିପରି ପବନ ଖାଇ ପୂରା ଦୁଇଦିନ ରହିଗଲି । ମାସିକ ଚାରି ଟଙ୍କାରେ ମୋର ଯାବତୀୟ ଖର୍ଚ୍ଚ ଚଳୁଥିଲା । କେବଳ ଖାଇବା ଖର୍ଚ୍ଚ ମାସକୁ ହାରାହାରି ତିନି ଟଙ୍କା ଚାରି ଅଣା ପଡୁଥିଲା । ମୋତେ ସ୍କୁଲରେ ବେତନ ଦେବାକୁ ପଡୁନଥିଲା । ଚାଉଳ ଟଙ୍କାରେ ମିଳୁଥିଲା କଟକୀ ୧୬-୧୭ ସେର ।

ମୁଁ ବଡ଼ଦାଣ୍ଡକୁ ବା ବଡ଼ଦେଉଳକୁ ବେଶି ଯାଏ ନାହିଁ । ସୁସଜ୍ଜିତ ହୋଇ ରହିଥିବା ଗୁଡ଼ିଆ ଦୋକାନ ଦେଖିଲେ ମୋ ପାଟି ଟାକୁ-ଟାକୁ ହୁଏ; ଅଥଚ ଅଣ୍ଟାରେ ପଇସା ନ ଥାଏ । ଥରେ ଗୋଟିଏ ପଇସା ଧରି ସିଂହଦ୍ୱାର ପାଖେ ଥିବା ଗୁଡ଼ିଆ ଦୋକାନକୁ ଯାଇ, କୌଣସି ଏକ ଜିନିଷ ଦେଖାଇ ପଇସାଟି ବଢ଼ାଇଦେଲି । ଦୋକାନୀ ମୋ ହାତରେ ସେଥିରୁ ଗୋଟିଏ ପକାଇଦେଇ ଅନ୍ୟ ଗ୍ରାହକଙ୍କ ଆଡ଼କୁ ମୁହଁ ବୁଲାଇବାକୁ ବସିବାବେଳେ ମୁଁ ପଚାରିଲି, "ମିଠା ଲାଗିବ ତ !" ଦୋକାନୀ ରାମ-କୃଷ୍ଣ କିଛି ନ କହି ଟିକିଏ କଟମଟ କରି ଚାହିଁଲା । ମୁଁ ଭୟରେ ହାତ ଘୁଞ୍ଚାଇ ଆଣୁ ଆଣୁ ଏକ କରେଇରେ କରଚୁଲି ବୁଡ଼ାଇ, ସେହି ଜିନିଷ ଉପରେ ଚାରି ଛ'ଟୋପା ମହୁପରି ଅଠାଳିଆ ଜିନିଷ ପକାଇଦେଲା । କେତେ ଦିନ ପରେ ମୁଁ ବୁଝିଛି ଯେ, ମୋ କିଣା ଜିନିଷର ନାମ 'ପୁରି' ଓ ଦୋକାନୀ ଅନୁଗ୍ରହରେ ଦେଇଥିବା ପଦାର୍ଥ ରସଗୋଲାର ଗୋଲାଂଶ ଯହିଁରେ ଭାସେ ସେହି ରସ ।

ପନ୍ଦର ମାସ ପର୍ଯ୍ୟନ୍ତ ମୁଁ କଷ୍ଟେମଷ୍ଟେ କଟାଇଲି । ଆମ ଗ୍ରାମ ପାଖର ଦୀନବନ୍ଧୁ ନରେନ୍ଦ୍ର ସିଂହ ସେ ବର୍ଷ ପ୍ରବେଶିକା ପରୀକ୍ଷାକୁ ଯିବା ନିମନ୍ତେ ପ୍ରସ୍ତୁତ ହେଉଥିଲେ । ସେ ମୋତେ ଦୟାପରବଶ ହୋଇ କହିଲେ, "ତୁମେ ଉପର ଶ୍ରେଣୀକୁ ଉଠିବ, ମୁଁ ମାସିକ କୋଡ଼ିଏ ଟଙ୍କା ବୃତ୍ତି ପାଇ କଟକରେ ଯାଇ ପଢ଼ିବି । ମୋର ମାସକୁ ପନ୍ଦର ଖର୍ଚ୍ଚ ଗଲେ, ବାକି ପାଞ୍ଚଟଙ୍କା ତୁମର; ଚିନ୍ତା କାହିଁକି କରୁଛ ?" ସେତେବେଳେ ପ୍ରବେଶିକା ପରୀକ୍ଷା ଫଳ ଉପରେ ସମଗ୍ର ବଙ୍ଗ, ବିହାର ଓ ଓଡ଼ିଶାରେ ପ୍ରଥମ ଦଶଜଣ ପରୀକ୍ଷାର୍ଥୀ ମାସିକ କୋଡ଼ିଏ ଟଙ୍କା ଲେଖାଏଁ ବୃତ୍ତି ପାଉଥିଲେ । ସେଥିରୁ ପାଞ୍ଚଟଙ୍କା ପାଇବା ଆଶା ମୋର ବୃଥା ହୋଇଗଲା । ନରେନ୍ଦ୍ର ସିଂହ ଚାରିବର୍ଷ ଫେଲ୍ ହୋଇ ମୋ ସହିତ ୧୯୦୬ ମସିହାରେ ପ୍ରବେଶିକା ପାସ୍ କଲେ । ମୁଁ ପାସ୍ କଲି ଦ୍ୱିତୀୟ ଶ୍ରେଣୀରେ, ସେ କଲେ ତୃତୀୟ ଶ୍ରେଣୀରେ ।

ମୁଁ ସମସ୍ତ ଦୁଃଖକଷ୍ଟ ସହି ଅଭାବ ଅନଟନ ମଧ୍ୟରେ ମାଟି କାମୁଡ଼ି ପଡ଼ିରହିଲି; କାରଣ ମୁଁ ବାମନ ହେଲେ ସୁଦ୍ଧା ଚନ୍ଦ୍ରକୁ ହାତ ବଢ଼ାଇଥିଲି । ଚନ୍ଦ୍ର ଆଖିକି ଦାଉ ଦାଉ ଦିଶୁଥିଲା; କିନ୍ତୁ ତାହା ଯେ କେତେ ଦୂରରେ ଥିଲା, ମୁଁ ବୁଝିବି କିପରି ? କେତେ ଶିଶୁ ମା' କାଖରେ ବସି ଆକାଶକୁ ଚାହିଁ ଚନ୍ଦ୍ରକୁ ହାତ ବଢ଼ାନ୍ତି । କେତେ ମା' ପିଲାଙ୍କୁ ସାନ୍ତ୍ୱନା ଦେବା ନିମନ୍ତେ କହନ୍ତି -

'ଆ, ଜହ୍ନ ମାମୁ ସରଗ ଶଶୀ,
ମୋ କାହ୍ନୁ ହାତରେ ପଡ଼ରେ ଖସି ।'

ସେହି ଗୀତ ପଦକ ମୋ କାନରେ ବରାବର ପଡୁଥାଏ । ଶିଶୁଗୀତ ଏକ ମୃଗତୃଷ୍ଣା କହିଲେ ଚଳେ । ହଜାରକେ ନଅଶହ ଅନେଶତ ତା ପଛରେ ଧାଇଁ ଧାଇଁ ନିରାଶ ହୁଅନ୍ତି; ଜଣେ ଅବା କଦାଚିତ୍ ତାକୁ ଛୁଇଁପାରେ । କିନ୍ତୁ ଦଉଡ଼ ପ୍ରତିଯୋଗିତାରେ ଧାଇଁଲା ପରି, ତା ପଛରେ ନ ଧାଏଁ କିଏ ? ମୁଁ ବାଦ୍ ଗଲି ନାହିଁ, ନଅଶହ ଅନେଶତଙ୍କ ଭିତରେ ଜଣେ ହୋଇ ଧାଇଁବାରେ ଲାଗିଲି ।

**ସୂଚନା :**

| | | | |
|---|---|---|---|
| କଚୁଆନ | - ଘୋଡ଼ା ଗାଡ଼ିର ଚାଳକ | ପ୍ରାଞ୍ଜଳ | - ସରଳ, ଜଟିଳତା ଶୂନ୍ୟ |
| | | ସଚରାଚର | - ସର୍ବତ୍ର, ସାଧାରଣତଃ |
| ଖୋରାକ | - ଖାଦ୍ୟଦ୍ରବ୍ୟ, ଆହାର | ଶୁଳ୍କ | - ମାସୁଲ, ବିବାହରେ ପଣ, ଯୌତୁକ |
| ପ୍ରବାସ | - ବିଦେଶରେ ବାସ, ବିଦେଶସ୍ଥ ବାସସ୍ଥାନ | ଲେଉଟ ଚକୁଳି | - ବିଶ୍ୱାସ ଅଛି ଘରର କୌଣସି ବ୍ୟକ୍ତି ବିଦେଶ ଗମନ କରୁଥିବାବେଳେ ତାକୁ ଲେଉଟ ଚକୁଳିପିଠା ଦେଲେ, ସେ ଘରକୁ ଶୀଘ୍ର ଫେରିଆସିଥାଏ । |
| ପଉଟି | - କୋଡ଼ିଏ ଗୌଣୀ ପରିମାଣ | | |
| ସରବରାକାର | - ଖଜଣା ଅସୁଲକରି ଜମିଦାର ବା ସରକାରଙ୍କଠାରେ ଦାଖଲକାରୀ କର୍ମଚାରୀ | | |
| ବହ୍ନି | - ନିଆଁ, ଅଗ୍ନି | ବିସୁଖ | - ଦୁଃଖ |
| ହେତୁ | - କାରଣ | ମୃଗତୃଷ୍ଣା | - ମରୀଚିକା, ପ୍ରଖର ସୂର୍ଯ୍ୟ କିରଣରେ ଜଳର ଭ୍ରମ । |

## ପ୍ରଶ୍ନାବଳୀ

**ନିର୍ଦ୍ଦିଷ୍ଟ ଉତ୍ତରମୂଳକ :**

୧. ବିପରୀତାର୍ଥବୋଧକ ଶବ୍ଦ ଲେଖ ।
ଡେଙ୍ଗା, କୃତକାର୍ଯ୍ୟ, ଅଭିଶାପ, ଖର୍ଚ୍ଚ, ଆଦେଶ, ଅକ୍ଷମ

୨. ସନ୍ଧିବିଚ୍ଛେଦ କର ।
ଅଳ୍ପାଧିକ, ଉନ୍ନତି, ଉଜ୍ଜ୍ୱଳ, ସନ୍ତୁଷ୍ଟ, ସଂଯୋଗ

୩. 'କ' ସ୍ତମ୍ଭ ସହ ସଂପର୍କ ଥିବା 'ଖ' ସ୍ତମ୍ଭର ଶବ୍ଦକୁ ଯୋଗକର ।

| 'କ' | 'ଖ' |
|---|---|
| ବାମନ | କୟାଁ |
| ଇଟାଲୀ | ଷ୍ଟାଲିନ୍ |
| ଆକାଶ | ଚନ୍ଦ୍ର |
| ଚିଲିକା | ଲଉଡ଼ି |
| ରୁଷିଆ | ମୁସୋଲିନ୍ |
| | ମାଛ |

୪. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ପୃଥିବୀ ବିଖ୍ୟାତ _______________ ଇଟାଭାଟିରେ କାମକରି ପିଲାଦିନେ ପେଟ ପୋଷୁଥିଲେ ।

(ଷ୍ଟାଲିନ୍, ମୁସୋଲିନ୍, ହିଟ୍‌ଲର, ଈଶ୍ୱରଚନ୍ଦ୍ର )

(ଖ) ବେଶି ଝିଅ ଜନ୍ମହେଲେ କେହି କେହି ତାକୁ _______________ ମଣନ୍ତି ।

(ଆଶୀର୍ବାଦ, ପୁରସ୍କାର, ସମସ୍ୟା, ଅଭିଶାପ)

(ଗ) _______________ ଦେଶର ନାରୀ ପୁରୁଷ ଅପେକ୍ଷା ପ୍ରବଳ ।

(ଭାରତ, ବର୍ମା, ଗ୍ରୀନ୍‌ଲାଣ୍ଡ, ସୁଇଜରଲାଣ୍ଡ)

(ଘ) ଶିଶୁଗୀତ ଏକ _______________ କହିଲେ ଚଳେ ।

(ମୃଗତୃଷ୍ଣା, ମନୋରଞ୍ଜନ, ଖିଆଲ, ମଜାଗୀତ)

୫. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକରେ ଉପସର୍ଗ ବ୍ୟବହାର କରି ନୂଆ ନୂଆ ଶବ୍ଦମାନ ଗଢ଼ ।

ନିଧି, ବଳ, ବାସ, ଘାତ, ବାଦ

**କ୍ଷୁଦ୍ର ଉତ୍ତରମୂଳକ :**

୬. ବାମନ ଚନ୍ଦ୍ରକୁ ହାତ ବଢ଼ାଇବା ଚେଷ୍ଟା ନିତାନ୍ତ ହାସ୍ୟାସ୍ପଦ କାହିଁକି ?

୭. ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଜନ୍ମ କେଉଁଠାରେ ହୋଇଥିଲା ?

୮. ଇଟାଲୀର ଭାଗ୍ୟ ବିଧାତା କିଏ ଓ ତାଙ୍କର ଜନ୍ମ କେଉଁଠାରେ ହୋଇଥିଲା ?

୯. କେଉଁମାନେ ବନର ମାଳତୀ ପରି ବନରେ ଫୁଟି ଝଡ଼ି ପଡୁଛନ୍ତି ?

୧୦. ଷାଠିଏ ପଉଟି ଘିଅ ହବ ନା ରାଧା ନାଚିବେ ? - ଏକଥା କାହିଁକି ଶିକ୍ଷକ ମାଧବ ମିଶ୍ର ଲେଖକଙ୍କୁ କହିଲେ ?

୧୧. ରାମକୃଷ୍ଣ ବୋଷ୍ କିଏ ଓ ସେ କେଉଁଠି ରହୁଥିଲେ ?

୧୨. ନାରୀଜାତିର ମହୀୟସୀ ପ୍ରତିନିଧି ରୂପେ କେଉଁମାନେ ପୂଜା ପାଉଛନ୍ତି ?

୧୩. ବେଶି ଝିଅ ଜନ୍ମକୁ କେହି କେହି ଅଭିଶାପ ମଣିଥାନ୍ତି କାହିଁକି ?

୧୪. କେଉଁ ଦେଶର ପୁରୁଷମାନେ ଘରଧନ୍ଦା ବୁଝିବା ସହ ସନ୍ତାନମାନଙ୍କର ଲାଳନପାଳନ କରିଥାନ୍ତି ?

୧୫. ରାମକୃଷ୍ଣ ବୋଷ କି ପ୍ରକାର ଲୋକ ଥିଲେ ?

୧୬. ଦୀନବନ୍ଧୁ ନରେନ୍ଦ୍ର ସିଂହ ଲେଖକଙ୍କୁ କ'ଣ କହିଥିଲେ ?

୧୭. ବିବାହିତ ପୁଅ ଓ ବିବାହିତା ଝିଅଙ୍କୁ କ'ଣ କୁହାଯାଇଥାଏ ?

୧୮. ରାମକୃଷ୍ଣ ବୋଷଙ୍କ ଘରେ ଲେଖକଙ୍କୁ କାହିଁକି ପୂଜାରୀ ବୋଲି ମନେ କଲେ ?

୧୯. ପଇସାର ଅଭାବ ପଡ଼ିଲେ ଲେଖକ କ'ଣ କରୁଥିଲେ ?

୨୦. ଲେଖକ କାହିଁକି ବଡ଼ଦାଣ୍ଡ ବା ବଡ଼ ଦେଉଳକୁ ବେଶି ଯାଉନଥିଲେ ?

୨୧. ମା'ମାନେ ପିଲାଙ୍କୁ ସାନ୍ତ୍ୱନା ଦେବାପାଇଁ କେଉଁଗୀତ ଗାଇଥାନ୍ତି ?

୨୨. ମୃଗତୃଷ୍ଣା କ'ଣ ?

୨୩. ଲେଖକ କ'ଣ ପାଇଁ ଦୁଃଖକଷ୍ଟ ସହି ମାଟିକାମୁଡ଼ି ପଡ଼ିରହିଥିଲେ ?

## ସପ୍ରସଙ୍ଗ ସରଳାର୍ଥ ଲେଖ :

୨୪. କୋଟି କୋଟି ବାମନ ଆକାଶରେ ଉଜ୍ଜ୍ୱଳ ଚନ୍ଦ୍ରମଣ୍ଡଳକୁ ଦେଖି ଲୋଭ ସମ୍ବରଣ କରିନପାରି ହାତ ବଢ଼ାଉଛନ୍ତି, ମାତ୍ର ଧରିନପାରି ହାସ୍ୟାସ୍ପଦ ହେଉଛନ୍ତି ।

୨୫. ସେହି କାରଣରୁ ବିବାହିତ ପୁଅର ନାମ ଭର୍ତ୍ତା ।

୨୬. ପୁରୁଷ ସହିତ ନାରୀର ସଂପର୍କ ନିୟନ୍ତ୍ରଣ କରିବା ଗୋଟିଏ ବଡ଼ ସାମାଜିକ ସମସ୍ୟା ।

୨୭. ଚନ୍ଦ୍ର ଆଖିକି ଦାଉ ଦାଉ ଦିଶୁଥିଲା; କିନ୍ତୁ ତାହା ଯେ କେତେ ଦୂରରେ ଥିଲା, ମୁଁ ବୁଝିବି କିପରି ?

## ଦୀର୍ଘ ଉତ୍ତରମୂଳକ :

୨୮. ପଠିତ ବିଷୟରୁ ଲେଖକଙ୍କ ବାଲ୍ୟଶିକ୍ଷା ସମ୍ପର୍କରେ ଉଲ୍ଲେଖ କର ।

୨୯. ତତ୍‌କାଳୀନ ସମାଜରେ ନାରୀମାନଙ୍କ ପ୍ରତି ରହିଥିବା ସାମାଜିକ ଦୃଷ୍ଟିଭଙ୍ଗୀ ସଂପର୍କରେ ଆଲୋଚନା କର ।

୩୦. ଲେଖକ ନିଜକୁ କାହିଁକି ବାମନ ବୋଲି କହିଥିଲେ ?

## ତୁମପାଇଁ କାମ :

୩୧. ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଅନ୍ୟାନ୍ୟ ରଚନାବଳୀ ସଂଗ୍ରହକରି ପଢ଼ ।

୩୨. ବାମନ ଓ ଚନ୍ଦ୍ର ସମ୍ପର୍କରେ ତୁମେ ମନରୁ ଗୋଟିଏ ଅନୁଚ୍ଛେଦ ଲେଖ ।

❖❖❖

# ପ୍ରକୃତ ବନ୍ଧୁ

● ଗୋପାଳଚନ୍ଦ୍ର ପ୍ରହରାଜ

### ଲେଖକ ପରିଚୟ :

*ଗୋପାଳ ଚନ୍ଦ୍ର ପ୍ରହରାଜ (୧୮୭୪-୧୯୪୫) କଟକ ଜିଲ୍ଲା ଅନ୍ତର୍ଗତ ସିଦ୍ଧେଶ୍ୱରପୁର ଗ୍ରାମରେ ଏକ ସମ୍ଭ୍ରାନ୍ତ ଜମିଦାର ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ସେ ଆଇନ୍ ବିଦ୍ୟା ଲାଭ କରି କଟକରେ ଆଇନ୍ ବ୍ୟବସାୟ କରିଥିଲେ । ଜଣେ ମୌଳିକ ଚିନ୍ତାମୂଳକ ତଥା ହାସ୍ୟ ଓ ବ୍ୟଙ୍ଗାତ୍ମକ ପ୍ରବନ୍ଧ ଲେଖକ ଭାବରେ ସେ ସୁପରିଚିତ । ଓଡ଼ିଆ ସାହିତ୍ୟରେ ସେ ଥିଲେ ପ୍ରସିଦ୍ଧ ରମ୍ୟରଚକ । 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ତାଙ୍କ ପ୍ରତିଭାର ଏକ କାଳଜୟୀ ନିଦର୍ଶନ । ଏହା ବ୍ୟତୀତ 'ଭାଗବତ ଟୁଙ୍ଗୀରେ ସନ୍ଧ୍ୟା', 'ବାଇ ମହାନ୍ତିଙ୍କ ପାଞ୍ଜି', 'ନନାଙ୍କ ବସ୍ତାନି', 'ଦୁନିଆର ହାଲଚାଲ', 'ଆମଘରର ହାଲଚାଲ', 'ବାଇନାନୀଙ୍କ ବୁଜୁଳି', 'ମିଆଁ ସାହେବଙ୍କ ରୋଜନାମଚା' ଇତ୍ୟାଦି ଓଡ଼ିଆ ସାହିତ୍ୟକୁ ତାଙ୍କର ବିଶିଷ୍ଟ ଅବଦାନ ।*

*'ପ୍ରକୃତ ବନ୍ଧୁ' ତାଙ୍କର ଭଂଜ ପ୍ରଦୀପ, ୧୧ଶ ବର୍ଷ ପ୍ରଥମ ସଂଖ୍ୟାରେ ପ୍ରକାଶିତ 'ଦୁନିଆ ରୀତି ଏ' ପ୍ରବନ୍ଧରୁ ସଂକଳିତ । ଏହି ପ୍ରବନ୍ଧରେ ଦୁନିଆର ରୀତି, ବନ୍ଧୁତା ନାମରେ ଛଳନା, ତିକ୍ତତା, ପ୍ରକୃତ ବନ୍ଧୁତାର ମହତ୍ତ୍ୱ ଚମତ୍କାର ଭାବରେ ବର୍ଣ୍ଣିତ ।*

---

**ମୋ** ଜୀବନର ପ୍ରଥମ ଦଶ ବର୍ଷ ଅଣହେଜ ଅବସ୍ଥାରେ ବିତିଲା । ତାପରେ ମୋ ହେତୁ ପାଇବା ଦିନରୁ ଆଜିକୁ ୫୭ ବର୍ଷ ହେଲା ମୁଁ ଦୁନିଆରେ ନାନା କ୍ଷେତ୍ରରେ, ନାନା ପ୍ରସଙ୍ଗରେ, ନାନା ଅବସ୍ଥାରେ, ନାନା ସ୍ଥାନରେ, ନାନା ପ୍ରକାରେ ଠେକିଛି; କିନ୍ତୁ ଠେକିକରି ଶିଖିନାହିଁ; ଏହା ହିଁ ଗଭୀର ଆକ୍ଷେପର ବିଷୟ । ଏ ଦୀର୍ଘ କାଳ ମଧ୍ୟରେ ଜନ୍ମତଃ, ବିବାହତଃ, ସମାଜତଃ, କର୍ମକ୍ଷେତ୍ରତଃ, ସଂସାରତଃ, ବ୍ୟବସାୟତଃ, ସାହିତ୍ୟତଃ ଏହିପରି ଅନେକତଃ ବହୁ ସହସ୍ର ବ୍ୟକ୍ତିଙ୍କ ସଙ୍ଗେ ମୋର 'ସାପ୍ତପଦୀନ' ଆଳାପ ପରିଚୟ ହୋଇଅଛି । ସେମାନଙ୍କ ମଧ୍ୟରୁ ବହୁଶତ ବ୍ୟକ୍ତିଙ୍କ ସଙ୍ଗେ ଆଳାପ ପରିଚୟ ଅପେକ୍ଷା ଦୃଢ଼ତର ସମ୍ପର୍କ ହୋଇଅଛି, "ସେମାନଙ୍କ ମଧ୍ୟରୁ ବହୁ 'କୋଡ଼ି' ବ୍ୟକ୍ତିଙ୍କ ସଙ୍ଗେ 'ବନ୍ଧୁତା' ହୋଇଅଛି, ତହିଁ ମଧ୍ୟରୁ କେତେ ଡଜନ୍ ବ୍ୟକ୍ତିଙ୍କ ସଙ୍ଗେ ସୌହାର୍ଦ୍ଦ୍ୟ ସ୍ଥାପିତ ହୋଇଅଛି । ଏ କେତେ ଡଜନ୍‌ଙ୍କ ମଧ୍ୟରେ ମହାପ୍ରସାଦ ବନ୍ଧୁ ବା ପ୍ରୀତିବନ୍ଧୁ, ସଗୋତ୍ର ଓ ଅସଗୋତ୍ର ବନ୍ଧୁ, ସପିଣ୍ଡ ଓ ଅସପିଣ୍ଡ ବନ୍ଧୁ, ସମାନୋଦକ ଓ ଅସମାନୋଦକ ବନ୍ଧୁ, ସାକୁଲ୍ୟ ଓ ଅସାକୁଲ୍ୟ ବନ୍ଧୁ, ସମଧର୍ମୀ ଓ ଅସମଧର୍ମୀ ବନ୍ଧୁ, ସମକର୍ମା ଓ ଅସମକର୍ମା ବନ୍ଧୁ, ସହପାଠୀ ଓ ଅସହପାଠୀ ବନ୍ଧୁ, ସହଯୋଗୀ ଓ ଅସହଯୋଗୀ ବନ୍ଧୁ, ସମଲେଖକ ଓ ଅସମଲେଖକ ବନ୍ଧୁ, ସମପକ୍ଷ ଓ ଅସମପକ୍ଷ ବନ୍ଧୁ, ସମାନୁଭୂତି ଓ ଅସମାନୁଭୂତି ବନ୍ଧୁ, ସମଦଶାପନ୍ନ ଓ

ଅସମଦଶାପନ୍ନ ବନ୍ଧୁ ଅଛନ୍ତି । 'ଅଛନ୍ତି' ବୋଲି ନ କହି, 'ଥିଲେ' ବୋଲି କହିଥିଲେ କଥାଟା ବାସ୍ତବତା ସଙ୍ଗେ ଜୋଟ୍ ଖାଆନ୍ତା । ଏହି 'ସମ' ଓ 'ଅସମ' ତାଲିକାରେ 'ବିଷମ' ବିଶେଷଣବଶିଷ୍ଟ ବନ୍ଧୁମାନେ ମଧ୍ୟ ଭୁକ୍ତ । ଏ ବନ୍ଧୁମାନଙ୍କ ସଙ୍ଗେ ସମ୍ପର୍କ 'ଆଭାଷଣପୂର୍ବ ସାପ୍ତପଦୀନ' ଠାରୁ ଆରମ୍ଭ କରି କରମର୍ଦ୍ଦନ, ଅଙ୍ଗମର୍ଦ୍ଦନ, ତୈଳ ମର୍ଦ୍ଦନ, ଆଶ୍ଳେଷ, ଚପୋଟମୁଷ୍ଟ୍ୟାଦି, କାଗଜ କଲମ, ସମାଲୋଚନ, ଡାକଘର ଜରିଆରେ ରେଜିଷ୍ଟରି, ମନିଅର୍ଡ଼ର, ଏନ୍‌ସିଓର, ଟେଲିଗ୍ରାମ, ଟେଲିଫୋନ୍, ଗ୍ରାମଫୋନ୍, ଟକୀ, ସିନେମା, ପୁସ୍ତକାଦିର ମୁଦ୍ରଣ, ସମ୍ମାର୍ଜନ, ପ୍ରକାଶ ଓ ପ୍ରଚାର ଦ୍ୱାରା ଘଟିଅଛି ଓ ଘଟିଥିଲା । ଏମାନଙ୍କ ଛଡ଼ା "ଉତ୍ସବେ ବ୍ୟସନେଚୈବ ଦୁର୍ଭିକ୍ଷେ ରାଷ୍ଟ୍ରବିପ୍ଳବେ, ରାଜଦ୍ୱାରେ ଶ୍ମଶାନେ ଚ ଯଃ ତିଷ୍ଠତି ସ ବାନ୍ଧବଃ" ଉକ୍ତି ଅନୁସାରେ ଗୁଡ଼ିଏ ବାନ୍ଧବ ମଧ୍ୟ ଜୁଟିଲେ ।

ସନ୍ମିତ୍ରର ଲକ୍ଷଣମାନ ପଣ୍ଡିତମାନେ ନିମ୍ନଲିଖିତ ଭାବରେ ପ୍ରକାଶ କରିଅଛନ୍ତି—ପ୍ରକୃତ ମିତ୍ର—ମିତ୍ରଙ୍କୁ ପାପରୁ ନିବୃତ୍ତ କରାନ୍ତି, ସର୍ବଦା ମିତ୍ରଙ୍କର ହିତସାଧନରେ ରତ ହୋଇଥାନ୍ତି, ମିତ୍ରଙ୍କର ଗୋପନୀୟ ବିଷୟମାନ ଗୋପନ ରଖନ୍ତି, ମିତ୍ରଙ୍କର ଅପ୍ରକଟିତ ଗୁଣମାନଙ୍କୁ ପ୍ରକଟିତ କରନ୍ତି, ମିତ୍ରଙ୍କ ସମ୍ପଦକାଳରେ ପାଖରେ ରହିବାକୁ ଆଗ୍ରହାନ୍ୱିତ ହୁଅନ୍ତି ନାହିଁ; କିନ୍ତୁ ମିତ୍ରଙ୍କୁ ବିପତ୍ତି ପଡ଼ିଲେ ତାଙ୍କ ପାଖେ ପାଖେ ରହନ୍ତି । ଏ କଷଟିରେ ମୋର ଗତ ୫୭ ବର୍ଷରେ ଅର୍ଜିତ ବନ୍ଧୁମାନଙ୍କ ବନ୍ଧୁତାକୁ ପରୀକ୍ଷା କଲାବେଳକୁ ପୁଞ୍ଜିଏ ଖଣ୍ଡେ ଖାଣ୍ଟି ବନ୍ଧୁ ଧରାପଡ଼ିଲେ ନାହିଁ । ଧନରେ ମୁଗ୍ଧ ହୋଇ ଯେଉଁମାନେ ମୋ ସଙ୍ଗେ ବନ୍ଧୁତା କରିଥିଲେ, ଯଶ ବା ପ୍ରତିପତ୍ତି ଯୋଗୁଁ ମୋ ଆଡ଼କୁ ଆଉଜି ଥିଲେ, ପଦବୀ (Position) ହେତୁ ଯେ ମୋ ସଙ୍ଗେ ବନ୍ଧୁତାର ସୂତ୍ରପାତ କରିଥିଲେ ଓ ମୋ ଦ୍ୱାରା ତାଙ୍କର ଉପସ୍ଥିତ ବା ଭବିଷ୍ୟତ କାର୍ଯ୍ୟ ସାଧିତ ହେବା ପାଇଁ ସେ ମୋ ସଙ୍ଗେ ବନ୍ଧୁତା-ଡୋରି ଲଗାଇଥିଲେ ଓ ଯାହାଙ୍କ ମଧ୍ୟରୁ ଅଧିକାଂଶ ମୋ ମୁଣ୍ଡରେ ନଡ଼ିଆ ଭାଙ୍ଗି ଉଖୁଡ଼ା ଖାଇଥିଲେ, ଫଳରେ ଦେଖିଲି ଯେ ସାପ ଦେହରୁ କାତି ଛାଡ଼ିଗଲା ପରି ମୋ'ଠାରୁ ଧନ, ପ୍ରତିପତ୍ତି, ପଦବୀ, କାର୍ଯ୍ୟସାଧନ ଶକ୍ତି ଖସିପଡ଼ିବା ସାଙ୍ଗେ ସାଙ୍ଗେ ସେ ବନ୍ଧୁଗୁଡ଼ିକ ଖଡ଼େଦମ କେଉଁଆଡ଼େ ଉଭେଇଗଲେ । ସେତିକିରେ ଯେବେ ପାଠ ସରିଥାନ୍ତା ତେବେ ଅବଶ୍ୟ ରକ୍ଷା ହୋଇଥାନ୍ତା ଓ କବି ଲେଖି ନ ଥାନ୍ତେ, ହତଭାଗାର କାନ୍ଦୁ କାନ୍ଦୁ ଦିନ ସରେ ନାହିଁ । ସଂସାରରେ ଦେଖାଯାଏ ଯେ ଅଧିକାଂଶ (ଅଧିକାଂଶ କାହିଁକି, ପନ୍ଦର ପଣ ଉଣେଇଶି ଗଣ୍ଡା ତିନି କଡ଼ା ଦୁଇ କ୍ରାନ୍ତି) ବନ୍ଧୁତା 'ହେତୁକ' ବା କାମର ପିଆରା ବନ୍ଧୁତା । ସେ ବନ୍ଧୁତାରୁ ପନ୍ଦର ପଣ ଉଣେଇଶି ଗଣ୍ଡା ମହାପ୍ରସାଦ ବା ଖୋଦାଙ୍କ ନାମ ଉପରେ ଗଢ଼ାହୋଇଥାଏ । ସେହି ମହାପ୍ରସାଦ ବା ଖୋଦାଙ୍କ ନାମର ନିଶାରେ ମୁଁ ସେଥିମଧ୍ୟରୁ ପନ୍ଦର ପଣ ବନ୍ଧୁଙ୍କ ହାତକୁ ମୋ ବାଡ଼ିଦୁଆରର ଗଳିକବାଟର କଞ୍ଚି ବଢ଼ାଇଦେଇଥିଲି; ବଢ଼ାଇଦେଇଥିଲି ନ କହି ମୁଁ ସେ ନିଶାରେ ଚୁର୍ ଥିବାବେଳେ ସେମାନେ ମୋ ଅଣ୍ଟାରୁ ବା ପକେଟ୍‌ରୁ ସେ କଞ୍ଚି କାଢ଼ିନେଇଥିଲେ । କାମ ସରିଲା, ବନ୍ଧୁତା-ବନ୍ଧନ ହୁଗୁଳା ହୋଇଗଲା; କିନ୍ତୁ କଞ୍ଚିଟି ବନ୍ଧୁଙ୍କ ଅକ୍ତିଆରରେ ରହିଲା । ପୁଣି କେତେ ବନ୍ଧୁ ମୋ'ଠାରୁ ଈପ୍‌ସିତ ଉପକାର ବା କାମ ହାସଲ କରିସାରି ଦେଖିଲେ ଯେ ମୋ ବିପକ୍ଷଙ୍କୁ ଅନୁସରଣ କଲେ ତାଙ୍କର ଆହୁରି ଭବିଷ୍ୟତ୍ ଉପକାର ହେବ; ଅତଏବ ମୋ ବିପକ୍ଷଙ୍କୁ ଆଶ୍ରା କରି ମୋ ନାମରେ ଦୁର୍ନାମ ରଟନା, ଏମନ୍ତ କି ମୋ ବିରୋଧରେ ଧର୍ମାଧିକରଣରେ, ସମାଜର ଇଜଲାସରେ ସାକ୍ଷ୍ୟ ଦେବାକୁ କୁଣ୍ଠିତ ହେଲେ ନାହିଁ । ଦିନେ ମହାତ୍ମା ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କୁ ଆସି ଜଣେ କହିଲେ — "ଅମୁକ ଆପଣଙ୍କ ନାମରେ ଭାରି ଦୁର୍ନାମ ରଟନା କରୁଛନ୍ତି ।" ମହାପୁରୁଷ ଏହା ଶୁଣି ଟିକିଏ ଗୁମ୍ ଖାଇ ବସିଗଲେ । ରିପୋର୍ଟକାରୀ ଏହି ତୂଷ୍ଣୀଭାବର କାରଣ ପଚାରିବାରୁ ଈଶ୍ୱରଚନ୍ଦ୍ର କହିଲେ — "ନିନ୍ଦାକାରୀଙ୍କର ମୁଁ କେବେ କୌଣସି ଉପକାର କରିଛି କି ନାହିଁ ଏହି କଥାର ହେଜ କରୁଥିଲି । ମୁଁ ତାଙ୍କର କେବେ କିଛି ଉପକାର କରିଛି ବୋଲି ମୋର ସ୍ମରଣ ହେଉନାହିଁ; ଏପରି ଅବସ୍ଥାରେ ସେ କାହିଁକି ମୋ ଦୁର୍ନାମ କରିବାରେ ମାତିଛନ୍ତି, ମୁଁ ବୁଝି

ପାରୁନାହିଁ ।" ଫଳରେ ମଧ୍ୟ ଦେଖାଯାଏ ଯେ ବହୁସ୍ଥଳରେ ତୁମେ ଯାହାଙ୍କର ଉପକାର କରିଥାଅ, ଯେ ତୁମ ଅନ୍ନରେ ପ୍ରତିପାଳିତ, ଯେ ତୁମ ସ୍ୱାର୍ଥତ୍ୟାଗ ଓ ପରିଶ୍ରମ ଫଳରେ 'ମଣିଷ' ହୋଇଛନ୍ତି, ଯେ ତୁମ ରକ୍ତରେ ଗଢ଼ା, ସେହି ପୁଣି ତୁମର କଟ୍ଟର ଦୁସ୍‌ମନ ହୋଇ ଠିଆହୁଅନ୍ତା । ବଦଳରେ ପ୍ରତ୍ୟୁପକାର ବା ଅନ୍ତତଃ କୃତଜ୍ଞତା ତାଙ୍କଠାରୁ ମୋର ଧର୍ମତଃ ପ୍ରାପ୍ୟ ଅଟେ ଓ ସେ ପାଉଣା ପରିଶୋଧ କରିବାକୁ ସେ ବାଧ୍ୟ ଅଟନ୍ତି । ଏହି 'ବାଧ୍ୟବାଧକତା' ହିଁ ସଂସାରରେ ବହୁ ଅନର୍ଥର ମଞ୍ଜି । ବିପଦ ପଡ଼ିବା ସମୟରେ ଆପଣ ଦେଖିବେ, ଯେ ଆପଣ କେବେ ଯାହାଙ୍କର କିଛି ଉପକାର କରିନାହାନ୍ତି, କିମ୍ବା ଯେ ଆପଣଙ୍କୁ ସାହାଯ୍ୟ କରିବେ ବୋଲି ସ୍ୱପ୍ନରେ ସୁଦ୍ଧା ଭାବିନାହାନ୍ତି, ସେ ସ୍ୱତଃପ୍ରଣୋଦିତ ହୋଇ ବିପଦରୁ ଉଦ୍ଧାର କରିବାକୁ ଆସି ପହଞ୍ଚିଯିବେ; କିନ୍ତୁ ଆପଣଙ୍କ ଉପକାର ପ୍ରତି-ଉପକାରର ଯେ ସାହାଯ୍ୟ କରିବାକୁ ଧର୍ମତଃ ବାଧ୍ୟ, ସେ ଦିହଛପା ଦେବେ, ବରଂଆପଣଙ୍କୁ ଅକଳରେ ପଡ଼ିଥିବା ଦେଖି ସେ ଠେଙ୍ଗୁରେ ସେତିକିବେଳେ ଥଣ୍ଟରେ ଠକ୍ ଠକ୍ କରି ହାଣିଦେବେ । ମୁଁ ୫୭ ବର୍ଷର ଅନୁଭବରେ ଏହାହିଁ ଅଧିକାଂଶ କ୍ଷେତ୍ରରେ ଅଙ୍ଗେ ନିଭେଇଛି । ସେଥିପାଇଁ ମହାଜନମାନେ କହିଛନ୍ତି – ଫଳର କାମନା ନ ରଖି, ପ୍ରତ୍ୟୁପକାରର ଆଶା ନ କରି, ପରିଶୋଧ ପାଇବାର ଇଚ୍ଛା ନ କରି, ପବିତ୍ର କର୍ତ୍ତବ୍ୟଜ୍ଞାନରେ ପରର ଉପକାର କରିଯାଅ । ଯେଉଁଠାରେ ଫଳର ଆଶା ରଖି ପରୋପକାର ବା ବନ୍ଧୁତା କରିବ, ସେଠାରେ ନିଶ୍ଚୟ ଚିଆଁ ପାଇବ; ତେବେ ସଂସାରରେ 'ନିଃସ୍ୱାର୍ଥ ବନ୍ଧୁତା' ନାହିଁ ବୋଲି ମୁଁ କହୁନାହିଁ । କିନ୍ତୁ ଏ ନିଃସ୍ୱାର୍ଥ ଓ ଅହେତୁକୀ ବନ୍ଧୁତା, ଫଳ-କାମନା-ବିରହିତ ପରୋପକାର ସଂସାରରେ ବିରଳ । ଆବଶ୍ୟକତା ବା ବିପଦବେଳେ ବନ୍ଧୁ ପ୍ରକୃତ ବନ୍ଧୁ ପଦବାଚ୍ୟ; ନଚେତ୍ ଦୃଢ଼ ରକ୍ତସମ୍ପର୍କ, ଦୃଢ଼ କର୍ମ-ସମ୍ପର୍କ ଆଦିଜନିତ ବନ୍ଧୁତାକୁ ବନ୍ଧୁତା ବୋଲାଯାଇ ନ ପାରେ । ଅଫଳପେପ୍‌ସୁ ବନ୍ଧୁ, ପ୍ରକୃତ ବନ୍ଧୁ । ଏଥିପାଇଁ ଭଗବାନଙ୍କୁ 'ଦୀନବନ୍ଧୁ' ନାମ ଦିଆଯାଇଛି, ଏକା ସେହି ବନ୍ଧୁପଦବାଚ୍ୟ, ଅନ୍ୟ ସବୁ ବନ୍ଧୁତା 'ଦେଖା-ସୁନ୍ଦର କଖାରୁ ବଡ଼ି' । ଅନ୍ୟ ସବୁ ବନ୍ଧୁତା କାମର ପିଆରା, ନାମର ପିଆରା, ଦାମର ପିଆରା । ଯେଉଁ ପଦବୀରେ ତୁମେ ବହୁ ଲୋକଙ୍କ ଉପକାର କରିପାରିବ, ବହୁ ଲୋକଙ୍କୁ ସନ୍ତାଇ ପାରିବ, ବହୁ ଲୋକଙ୍କ ଉପରେ ଅଧିକାର ଜମେଇ ପାରିବ, ବହୁ ଲୋକଙ୍କ ଗୋଛି ଓ ଗଳା କାଟିପାରିବ ସେପରି ଗୋଟିଏ ପଦବୀରେ ତୁମେ ପାଦ ଦେବାମାତ୍ରକେ ଦେଖିବ ଯେ 'ବନ୍ଧୁ' ଜନ ପଙ୍ଗପାଳ ଭଳି ମାଡ଼ିଆସିବେ, କିଏ ତୁମ ପାଦରେ ଧନ-ଜନ-ଗୋପ-ଲକ୍ଷ୍ମୀ ଢାଳିଦେବାକୁ ବସିବେ, କିଏ ତୁମ ହାତରେ ତାଙ୍କ ଜାନ୍ ଆସ୍ଥାନ ସମ୍ପିଦେବେ; କିଏ ତାଙ୍କ ଇଜ୍ଜତ୍ ହୁରମତ୍ ତୁମ ଆଗରେ ଅଜାଡ଼ିଦେବେ ? ଇହଲୋକର କଥା ଗାଧୋଇଯାଉ, କେହି କେହି ତାଙ୍କର ପାରଲୌକିକ ଆଶାକୁ ମଧ୍ୟ ତୁମ ପାଇଁ ଜଳାଞ୍ଜଳି ଦେବାକୁ ତିଆର ଅଛନ୍ତି ବୋଲି କହିବେ ଓ ତୁମର ଲୋଡ଼ା ହେଲେ ବାଘଦୁଧ, ପିମ୍ପୁଡ଼ି-ରକତ, ପୋତକର ପିତ୍ତ, ଆକାଶ-କୟାଁ, ନିର୍ମୂଳୀ ମୂଳ, ସାପ ଗୋଡ଼, ବେଙ୍ଗ ଜିଭ ଆଣିବାକୁ ବାହାରିପଡ଼ିବେ । କିନ୍ତୁ ଈଶ୍ୱରଙ୍କ ଦୟାରୁ ହେଉ ବା ବେଅନୁଗ୍ରହରୁ ହେଉ ତୁମେ ସେ ପଦରୁ ଯେଉଁଦିନ ଖସିବ, ତହିଁ ଆରଦିନ କୁଆ କାଆ କାଆ ନକରୁଣୁ ତୁମର 'ପଦାଧିଷ୍ଠାନ' ଜନିତ ବନ୍ଧୁଯାକ ସମସ୍ତେ ଭଙ୍ଗା ପଡ଼ିଯିବେ ଓ କେତେକ ପୁଣି ତୁମ ବିରୋଧରେ ହତିଆର ଧରି ଠିଆହୋଇଯିବେ ଓ ତୁମ ବିପକ୍ଷର ବା ଶତ୍ରୁଙ୍କର ଲୋଡ଼ା ହେଲେ ତୁମଠାରେ ଗେଟ ଲଗାଇବାକୁ, ତୁମ ଶ୍ରୀଅଙ୍ଗରେ ଘାଉଡ଼ ଲଗାଇବାକୁ କୁଣ୍ଠିତ ହେବେ ନାହିଁ । ଯାହାଙ୍କ ସଙ୍ଗେ କାଲି 'ଜଡ଼ାତେଲ ମେଣ୍ଢାବାଳ' ସମ୍ପର୍କ ଥିଲା ଆଜି ତାଙ୍କ ସଙ୍ଗେ 'ଝୋଟ ନିଆଁ' ସମ୍ପର୍କ ଉପୁଜିବ ଓ ତୁମ ବାଡ଼ିଦୁଆରର କଞ୍ଚି ତୁମ ପ୍ରତିଦ୍ୱନ୍ଦ୍ୱୀ ବା ଶତ୍ରୁଙ୍କ ହାତରେ ପଡ଼ିବା କ୍ଷଣି ତାପରେ ଲାଗିବ ବନ୍ଧୁ-ବନ୍ଧୁଙ୍କ ମଧ୍ୟରେ ଠରାଠରି, ଡରାଡରି, ଥରାଥରି, ଧରାଧରି, ପରାପରି, ମରାମରି, ସରାସରି ଓ ଶେଷକୁ ହାରାହାରି । 'ଆଜି ଯେ ବନ୍ଧୁତାସନେ କାଲି ସେ ଅରାତି' ପାଲଟିବେ –– ବାଘର ଘରେ ମିରିଗର ନାଟ ଲାଗିଥିବ ଓ ତୁମେ ଆମେ ବଲବଲ କରି ରହିଁ ଜଳକା ବନି ରହିଁଥିବା ।

**ସୂଚନା :**

| | |
|---|---|
| ଅଣହେଜ | – ସ୍ମରଣ ନ କରିବା , ହେତୁ ନ କରିବା |
| ଠେକିଛି | – ଅନୁଭବରୁ ଶିଖିଛି , ବାଧା ବା ଆଘାତ ପାଇବା |
| ହେତୁ ପାଇବା | – ଜାଣିବା, ବୁଝିପାରିବା |
| ଆକ୍ଷେପ | – ଅନ୍ୟପ୍ରତି ଦୋଷାରୋପ କରିବା |
| ବିବାହତଃ | – ବିବାହ କାରଣରୁ |
| ସମାଜତଃ | – ସାମାଜିକ କାରଣରୁ |
| ସାପ୍ତପଦୀନ | – ହିନ୍ଦୁ ବିବାହ ସମୟରେ ବରକନ୍ୟାଙ୍କର ମନ୍ତ୍ର ଉଚ୍ଚାରଣ କରି ସାତୋଟି ମଣ୍ଡଳିରେ ଏକତ୍ର ସାତ ପାହୁଣ୍ଡ ଗମନ |
| ସଗୋତ୍ର | – ସମାନଗୋତ୍ର |
| ସମାନୋଦକ | – ଚଉଦ ପୁରୁଷ ପର୍ଯ୍ୟନ୍ତ ଜ୍ଞାତି କୁଟୁମ୍ବ |
| ସାକୁଲ୍ୟ | – କୁଳ ଗୋତ୍ରଜ ବନ୍ଧୁ |
| ସମଧର୍ମ | – ନିଜର ଧର୍ମ ପରି |
| ସମକର୍ମା | – ନିଜର କର୍ମ ପରି |
| ବିଷମ | – ଦୁଃସହ , ଉତ୍କଟ , ଅସମାନ |
| ଆଶ୍ଳେଷ | – ଆଲିଙ୍ଗନ |
| ଚପୋଟ ମୁଷ୍ଟ୍ୟାଦି | – ଚାପଡ଼ା ଓ ବିଧା |
| ସମ୍ମାର୍ଜନ | – ଆଶ୍ୱାସନା , ସମାଧାନ |
| ରାଷ୍ଟ୍ର ବିପ୍ଳବ | – ଦେଶରେ ଆନ୍ଦୋଳନ |
| ସନ୍ମିତ୍ର | – ସତ୍‌ମିତ୍ର, ଉତ୍ତମ ବନ୍ଧୁ |
| ପ୍ରତିପତ୍ତି | – ସମ୍ମାନ , ପ୍ରତିଷ୍ଠା , ପଦପ୍ରାପ୍ତି |
| ଖଡ଼େଦମ | – ସଂପୂର୍ଣ୍ଣ ଭାବରେ |
| ହୈତୁକ | – କାରଣ ବଶତଃ |
| କଡ଼ା | – ଗଣ୍ଡାଏର ଚଉରିଭାଗରୁ ଏକଭାଗ |
| ଗଣ୍ଡା | – ଚଉରି |
| କ୍ରାନ୍ତି | – କଡ଼ାର ଏକ ତୃତୀୟାଂଶ , ବିପ୍ଳବ |
| ଈପ୍‌ସିତ | – ଆଶାକରୁଥିବା |
| ତୂଷ୍ଣୀ | – ନୀରବ |
| କଟ୍ଟର | – ଉଗ୍ର |
| ଠେଙ୍ଗୁ | – ଅଣ୍ଟାର ହାଡ଼ |
| ମହାଜନ | – ମହାପୁରୁଷ |
| ଅହେତୁକୀ | – ଅଯଥା |
| ଅଫଳପେପ୍‌ସୁ | – ଫଳ ଆଶା କରୁ ନ ଥିବା |
| ସନ୍ତାଇ ପାରିବା | – ଦୁଃଖଦେବା |
| ଇଜ୍ଜତ୍ ଦୁରମତ୍ | – ସମ୍ମାନ ସମୂହ |
| ପାରଲୌକିକ | – ପରଲୋକ ସଂକ୍ରାନ୍ତ |
| ବେଅନୁଗ୍ରହ | – ବିନା ଦୟାରେ |
| ଭଙ୍ଗା ପଡ଼ିଯିବା | – ଦୂରେଇଯିବା |
| ଘାଉଡ଼ | – ସାପକାମୁଡ଼ା |

# ପ୍ରଶ୍ନାବଳୀ

## ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୧. ସଗୋତ୍ର ଓ ଅସଗୋତ୍ର ଏହିପରି ଆଉ କେଉଁ କେଉଁ ବିରୋଧାତ୍ମକ ଶବ୍ଦ ଅଛି ପାଠ ମଧ୍ୟରୁ ଖୋଜି ବାହାର କର ?

୨. ନିଜ ସହିତ ଗୋଟିଏ ଶ୍ରେଣୀରେ ପଠନ କରେ ଯିଏ ତାକୁ କହନ୍ତି 'ସହପାଠୀ' । ସେହିପରି 'ସହ' ଲଗାଇ ଆଉ ତିନୋଟି ଶବ୍ଦ ଗଢ଼ ?

୩. ବନ୍ଧନୀ ମଧ୍ୟରୁ ଠିକ୍ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

( ଅପ୍ରକଟିତ , ବିପତ୍ତି , ହିତସାଧନ, ପାପ , ଗୋପନୀୟ )

(କ) ପ୍ରକୃତ ମିତ୍ର, ମିତ୍ରଙ୍କୁ __________ ରୁ ନିବୃତ୍ତ କରାନ୍ତି ।

(ଖ) ପ୍ରକୃତ ମିତ୍ର, ସର୍ବଦା ମିତ୍ରର __________ ରେ ରତ ହୋଇ ଥାନ୍ତି ।

(ଗ) ପ୍ରକୃତ ମିତ୍ର, ମିତ୍ରଙ୍କର __________ ବିଷୟମାନ ଗୋପନ ରଖନ୍ତି ।

(ଘ) ପ୍ରକୃତ ମିତ୍ର, ମିତ୍ରଙ୍କର __________ ଗୁଣମାନଙ୍କୁ ପ୍ରକଟିତ କରନ୍ତି ।

(ଙ) ପ୍ରକୃତ ମିତ୍ର, ମିତ୍ରଙ୍କୁ __________ ପଡ଼ିଲେ ତାଙ୍କ ପାଖେ ପାଖେ ରହନ୍ତି ।

୪. ବିପରୀତ ଅର୍ଥବୋଧକ ଶବ୍ଦ ଲେଖ ।

ଦୁର୍ନାମ , ଭଙ୍ଗା , ନିଃସ୍ୱାର୍ଥ, ମିତ୍ର, ଉପକାର

୫. ଦୀନର ବନ୍ଧୁ 'ଦୀନବନ୍ଧୁ' । ଏହିପରି ସମ୍ବନ୍ଧ ସୂଚକ ଆଉ ଦୁଇଟି ଶବ୍ଦ ଗଠନ କର ।

୬. 'ଦେଖା ସୁନ୍ଦର କଖାରୁ ବଡ଼ି' ପରି ପ୍ରବନ୍ଧରେ ଆଉ କେଉଁ କେଉଁ ଲୋକବାଣୀ ଗୁଡ଼ିକ ଅଛି ସେଗୁଡ଼ିକୁ ଖୋଜି ବାକ୍ୟରେ ବ୍ୟବହାର କର ।

୭. ଠରାଠରି , ଡରାଡରି , ଧରାଧରି , ପରାପରି , ମରାମରି , ସରାସରି ଶବ୍ଦ ଗୁଡ଼ିକୁ ବାକ୍ୟରେ ବ୍ୟବହାର କର ।

## କ୍ଷୁଦ୍ର ଉତ୍ତରମୂଳକ :

୮. ପ୍ରାବନ୍ଧିକଙ୍କର ପ୍ରଥମ ଦଶ ବର୍ଷ କିପରି କଟିଛି ?

୯. ଜୀବନର ଦୀର୍ଘକାଳ ମଧ୍ୟରେ କେଉଁମାନଙ୍କ ସହ ପ୍ରାବନ୍ଧିକଙ୍କର ଆଳାପ ଓ ପରିଚୟ ହୋଇଛି ?

୧୦. ମିତ୍ରଙ୍କର ସମ୍ପଦ କାଳରେ କିଏ ପାଖରେ ରହିବାକୁ ଆଗ୍ରହାନ୍ୱିତ ହୁଏ ନାହିଁ ?

୧୧. କ'ଣ ଯୋଗୁଁ ଲେଖକଙ୍କ ସହିତ ବନ୍ଧୁତାର ସୂତ୍ରପାତ ହୋଇଥିଲା ?

୧୨. ଲେଖକଙ୍କ ଠାରୁ ବନ୍ଧୁମାନେ କେତେବେଳେ ଦୂରେଇ ଗଲେ ?

୧୩. ଭଗବାନଙ୍କୁ 'ଦୀନବନ୍ଧୁ' ନାମ କାହିଁକି ଦିଆଯାଇଛି ?

୧୪. କ'ଣ ସରିଗଲେ ବନ୍ଧୁତାର ବନ୍ଧନ ହୁଗୁଳା ହୋଇଯାଏ ?

୧୫. କେତେବେଳେ 'ବନ୍ଧୁଜନ' ପଙ୍ଗପାଳ ଭଳି ମାଡ଼ି ଆସିବେ ?

୧୬. ବନ୍ଧୁମାନେ ଭଙ୍ଗା ପଡ଼ିଯାଆନ୍ତି କାହିଁକି ?

**ସପ୍ରସଙ୍ଗ ସରଳାର୍ଥ ଲେଖ :**

୧୭. ସଂସାରରେ ଦେଖାଯାଏ ଯେ ଅଧିକାଂଶ ବନ୍ଧୁତା 'ହେତୁକ' ବା କାମର ପିଆରା ବନ୍ଧୁତା ।

୧୮. ତୁମେ ଯାହାଙ୍କର ଉପକାର କରିଥାଅ, ଯେ ତୁମ ଅନ୍ନରେ ପ୍ରତିପାଳିତ, ଯେ ତୁମ ସ୍ୱାର୍ଥତ୍ୟାଗ ଓ ପରିଶ୍ରମ ଫଳରେ 'ମଣିଷ' ହୋଇଛନ୍ତି, ଯେ ତୁମ ରକ୍ତରେ ଗଢ଼ା, ସେହି ପୁଣି ତୁମର କଟ୍ଟର ଦୁସ୍‌ମନ ହୋଇ ଠିଆହୁଅନ୍ତି ।

୧୯. ଅଫଳପେପ୍‌ସୁ ବନ୍ଧୁ, ପ୍ରକୃତ ବନ୍ଧୁ ।

୨୦. 'ଆଜି ଯେ ବନ୍ଧୁତାସନେ କାଲି ସେ ଅରାତି' ପାଲଟିବେ – ବାଘର ଘରେ ମିରିଗର ନାଟ ଲାଗିଥିବ ଓ ତୁମେ ଆମେ ବଲବଲ କରି ଚାହିଁ ଜଳକା ବନି ଚାହିଁଥିବା ।

**ଦୀର୍ଘ ଉତ୍ତରମୂଳକ :**

୨୧. ଦୀର୍ଘ ବର୍ଷର ଅନୁଭୂତିରେ ପ୍ରାବନ୍ଧିକଙ୍କର ବନ୍ଧୁତା ସ୍ଥାପନ ଓ ସେ କିପରି ଠେକିଛନ୍ତି, ଠେକିକରି ଶିଖିନାହାନ୍ତି ତାହା ବର୍ଣ୍ଣନ କର ।

୨୨. ପ୍ରକୃତ ବନ୍ଧୁତାର ସ୍ୱରୂପ ପଠିତ ପ୍ରବନ୍ଧ ଅବଲମ୍ବନରେ ଆଲୋଚନା କର ।

୨୩. "ଯେଉଁଠାରେ ଫଳର ଆଶାରଖି ପରୋପକାର କରିବ ସେଠାରେ ନିଶ୍ଚେ ଚିଆଁ ପାଇବ" – ଏହି ଉକ୍ତିର ଯଥାର୍ଥତା ପ୍ରତିପାଦନ କର ।

୨୪. କାମର ପିଆରା ବନ୍ଧୁତା ପ୍ରକୃତ ବନ୍ଧୁତା ନୁହେଁ । ଏହା ବୁଝାଇ ସାନ ଭଉଣୀ ନିକଟକୁ ପତ୍ର ଲେଖ ।

**ତୁମ ପାଇଁ କାମ :**

୨୫. ପ୍ରାବନ୍ଧିକ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କର ଅନ୍ୟାନ୍ୟ ପ୍ରବନ୍ଧ ସଂଗ୍ରହ କରି ପଢ଼ ।

୨୬. ତୁମ ବନ୍ଧୁମାନଙ୍କ ଭିତରେ ପ୍ରକୃତ ବନ୍ଧୁର କି କି ଲକ୍ଷଣ ରହିଛି ତାହା ଟିପାଖାତାରେ ଲେଖି ରଖ ।

❑❑❑

# ସମୂହ ଦୃଷ୍ଟି

● ସଦାଶିବ ମିଶ୍ର

**ଲେଖକ ପରିଚୟ :**

*ସଦାଶିବ ମିଶ୍ର (୧୯୦୯-୯୪) ଜାତୀୟ ସ୍ତରର ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ ହେଲେହେଁ ଆନ୍ତର୍ଜାତିକ ସ୍ତରରେ ମଧ୍ୟ ତାଙ୍କର ପ୍ରସିଦ୍ଧି ରହିଛି । ଜଣେ ଅର୍ଥନୀତି ବିଭାଗର ପ୍ରଫେସର, ରେଭେନ୍‌ସା ମହାବିଦ୍ୟାଳୟର ଅଧକ୍ଷ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ତାଙ୍କର କାର୍ଯ୍ୟକାଳ ଅତ୍ୟନ୍ତ ପ୍ରଶଂସନୀୟ । ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ର ହୋଇଥିବାରୁ ସତ୍ୟବାଦୀ ଗୋଷ୍ଠୀଙ୍କ ପ୍ରଭାବ ତାଙ୍କ ବ୍ୟକ୍ତିତ୍ୱ ନିର୍ମାଣରେ ସହାୟକ ହୋଇଛି । କେବଳ ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ ଭାବରେ ନୁହନ୍ତି; ଅନ୍ୟତମ ଉଚ୍ଚମାନର ପ୍ରାବନ୍ଧିକ ଭାବରେ ମଧ୍ୟ ଓଡ଼ିଆ ସାହିତ୍ୟରେ ସେ ସୁପରିଚିତ । ଓଡ଼ିଶାର ସମାଜ ଓ ସଂସ୍କୃତିକୁ ନେଇ ସେ ଅନେକ ପ୍ରବନ୍ଧ ରଚନା କରିଛନ୍ତି । ରାଜନୀତିବିଜ୍ଞାନ ତଥା ଅର୍ଥନୀତି ସମ୍ବନ୍ଧୀୟ ତାଙ୍କର ରଚନା ଗୁଡ଼ିକ ବେଶ ପାଠକୀୟ ଆଦୃତି ଲାଭ କରିପାରିଛି । ତାଙ୍କର ରଚନାଶୈଳୀ ମନନ ଧର୍ମୀ, ଭାଷା ସହଜ, ସରଳ ଓ ସ୍ୱତଃସ୍ଫୂର୍ତ୍ତ । ବୈଜ୍ଞାନିକ ଅନୁଶୀଳନ ସହିତ ମୌଳିକ ଚିନ୍ତନ ତାଙ୍କ ପ୍ରବନ୍ଧ ଗୁଡ଼ିକର ଗୁଣାତ୍ମକମାନ ଅଭିବୃଦ୍ଧିରେ ସହାୟକ ହୋଇପାରିଛି । 'ମାତୃପୂଜାମଣ୍ଡପ', 'ଅର୍ଥ ଓ ଅର୍ଥାନ୍ତର', 'ମାର୍କିନ ପରିକ୍ରମା', 'ଆଲୋକର ସନ୍ଧାନ', 'ମନ୍ଦଗ୍ରହ' ଆଦି ତାଙ୍କର ପ୍ରକାଶିତ ପୁସ୍ତକଗ୍ରନ୍ଥ । 'ମାତୃପୂଜା ମଣ୍ଡପ' ପୁସ୍ତକ ନିମିତ୍ତ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର (୧୯୮୮) ଲାଭ କରିଛନ୍ତି । ୧୯୭୧ ମସିହାରେ ଭାରତ ସରକାରଙ୍କ ପଦ୍ମଶ୍ରୀ ଉପାଧି ପ୍ରାପ୍ତ ହୋଇଛନ୍ତି ।*

*'ସମୂହ ଦୃଷ୍ଟି' ପ୍ରବନ୍ଧରେ ଶ୍ରୀଯୁକ୍ତ ମିଶ୍ରଙ୍କର ମୌଳିକ ବିଚାରଧାରା ସୁସ୍ପଷ୍ଟ । ଯେ କୌଣସି ବିଚାରଧାରା ବା ଯୋଜନା ସମୂହକୁ ଦୃଷ୍ଟିରେ ରଖି କାର୍ଯ୍ୟକାରୀ କରାଗଲେ ତାର ସୁଫଳ ସମଗ୍ର ସମାଜ ଲାଭ କରିବାରେ ସମର୍ଥ ହୋଇଥାଏ ବୋଲି ସେ ମତ ଦିଅନ୍ତି । ସାଂପ୍ରତିକ ପରିସ୍ଥିତିରେ ମଧ୍ୟ ତାଙ୍କର ସେହି ମତାମତର ପ୍ରାସଙ୍ଗିକତା ରହିଛି ।*

---

**ମି**ଥିଳାର ରାଜା ଜନକ । ପ୍ରଜାବତ୍ସଳ ନରପତି ଭାବରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି । ପ୍ରାଚୀନ ସଂସ୍କୃତିର ଆଦର୍ଶ-ସୌଧ ତୋଳିଯାଇଛନ୍ତି । ମହନୀୟ ସାଧନାର ଏକ ଚୂଡ଼ାନ୍ତ ନିଦର୍ଶନ ଛାଡ଼ିଯାଇଛନ୍ତି । ସତୀ ସାଧ୍ୱୀ ସୀତାଙ୍କର ଜନକ ଭାବରେ ସୃଷ୍ଟି କରିଛନ୍ତି ଏକ ମହାନ୍ ପରାକାଷ୍ଠା ।

ମୁନିଋଷିମାନେ ଏ ଦେଶରେ ଆଧ୍ୟାତ୍ମିକ ସଂସ୍କୃତି ସୃଷ୍ଟି କରିଥିଲେ । ସାଧନାଦ୍ୱାରା, ତପସ୍ୟାବଳରେ ଅସାଧ୍ୟ ସାଧନ କରିପାରୁଥିଲେ । ମାତ୍ର ସେମାନଙ୍କ ମଧ୍ୟରେ ଜାତିଭେଦ ନଥିଲେ ମଧ୍ୟ ସ୍ତରଭେଦ ଥିଲା । ଅନେକେ ଥିଲେ ଋଷି । କେତେକ ଥିଲେ ମହର୍ଷି-ଯେପରି

ବିଶ୍ୱାମିତ୍ର । ଅଳ୍ପ କେତେକ ଥିଲେ ବ୍ରହ୍ମର୍ଷି- ଯେପରି ବଶିଷ୍ଠ । କଥା ଅଛି, ବିଶ୍ୱାମିତ୍ର ବ୍ରହ୍ମର୍ଷି ରୂପେ ସ୍ୱୀକୃତି ଲାଭ ନ କରିବାରୁ ବଶିଷ୍ଠଙ୍କର ସମସ୍ତ ପୁତ୍ରଙ୍କୁ ହତ୍ୟା କରିଥିଲେ । କି ଦୁର୍ବାର ଆକାଂକ୍ଷା ! ଜନକ ଥିଲେ ରାଜର୍ଷି । ନାରଦ ଥିଲେ ଦେବର୍ଷି ।

ଦିନେ ଜଣେ ଋଷି ଜନକଙ୍କର ପ୍ରାସାଦ ସମ୍ମୁଖରେ ଉପନୀତ ହେଲେ । ଜନକ ତାଙ୍କୁ ଆଦର ଅଭ୍ୟର୍ଥନା କରି ଘେନିଗଲେ ପ୍ରାସାଦ ଭିତରକୁ । ଭିତରେ ଅତିଥି-କକ୍ଷ । ସେଠାରେ ଅତିଥିଙ୍କର ସମ୍ବର୍ଦ୍ଧନା ଲାଗି ସକଳ ପ୍ରକାର ବନ୍ଦୋବସ୍ତ କରାଯାଇଛି । ଅଭ୍ୟାଗତ ଋଷିଙ୍କୁ ସେ କକ୍ଷକୁ ଘେନିଗଲେ ।

କୌଣସି ପ୍ରକାର ଆଳାପ ସଂଳାପ ହେବା ପୂର୍ବରୁ ଅତିଥି ଆରମ୍ଭ କଲେ – "କ୍ଷମା କରିବେ ମହାରାଜ ଜନକ । ଆପଣ ଜଣେ ଭଣ୍ଡ ତପସ୍ୱୀ, ଶଠତାରେ ସମସ୍ତଙ୍କୁ ବଶ କରିପାରିଛନ୍ତି, ପ୍ରବଞ୍ଚନାରେ ଦିଗ୍‌ବିଜୟ କରିଛନ୍ତି ।"

ଜନକ ଅବାକ୍ ।

ଅତିଥି କହିଚାଲିଲେ – "ଆପଣ ବିରାଟ ରାଜ୍ୟର ଅଧିଶ୍ୱର; ବିସ୍ତର କ୍ଷମତାର ଅଧିପତି । ପଦତଳେ ଆପଣଙ୍କର ବିପୁଳ ବିଭବ । ଏଭଳି ଅଖଣ୍ଡ ସମୃଦ୍ଧିର ଅଧିକାରୀ ହୋଇ, ବିଳାସ-ବ୍ୟସନରେ ବୁଡ଼ିରହି ତପସ୍ୱୀ ରୂପେ ପ୍ରତିଷ୍ଠା ଅର୍ଜନ କରିବା କି ଅସାଧାରଣ ପ୍ରତାରଣା ! ରାଜା ହୋଇ ପୁଣି ଋଷି !"

ଧୀରସ୍ଥିର ଭାବରେ ନମ୍ରତାର ସହିତ ଜନକ ଉତ୍ତର ଦେଲେ – "ଋଷି ପ୍ରବର ! ଆପଣ ମୋର ବରେଣ୍ୟ ଅତିଥି । ଅତିଥିସେବା ମୋର ଧର୍ମ । ସେ ଧର୍ମରୁ ମୋତେ ବଞ୍ଚିତ କରନ୍ତୁ ନାହିଁ । ସ୍ନାନକୃତ୍ୟ ସମାପନ କରନ୍ତୁ । କିଛି ଭୋଜନ କରି ବିଶ୍ରାମ କରନ୍ତୁ । ତା'ପରେ ବସି ସବୁ ବିଷୟ ଆଲୋଚନା କରିବା ।"

ରାଜକୀୟ ସମାରୋହରେ ଅତିଥି ତାଙ୍କର ନିତ୍ୟକର୍ମ ସମାପନ କଲେ । ତା'ପରେ ଜନକଙ୍କ ସହିତ ମଧ୍ୟାହ୍ନଭୋଜନ । ପରସ୍ପର ସମ୍ମୁଖୀନ ହୋଇ ବସିଲେ । ନାନାବିଧ ଖାଦ୍ୟପେୟ ପରିବେଷଣ କରାଗଲା । ଉଭୟଙ୍କ ମଧ୍ୟରେ ମୃଦୁ-ସମ୍ଭାଷଣ ଚାଲିଲା । ଭୋଜନ ଶେଷ କରି ଉପବେଶନ କଲେ ଗୋଟିଏ ମନୋହର କକ୍ଷରେ ।

ଜନକ ପଚାରିଲେ – "ଯତିବର, ଖାଦ୍ୟପେୟ ରୁଚିକର ହେଲା ?"

ଅତିଥି ଉତ୍ତର ଦେଲେ – "ଅତି ଚମତ୍କାର ! ଉପଭୋଗ୍ୟ ଭୋଜନ । ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟ ସମସ୍ତ ତୃପ୍ତିକର ।"

ଜନକ କହିଲେ – "ଆପଣଙ୍କ ତୃପ୍ତିରେ ମୋର ଆନନ୍ଦ ।"

"କିନ୍ତୁ ରାଜର୍ଷି ଜନକ ! ମୁଁ ଏସବୁ ଉପଭୋଗ କରିପାରିଲି ନାହିଁ ।"

"କାହିଁକି ଋଷିବର ? ହେଲା କଅଣ ?''

"ମୋର ଠିକ୍ ମୁଣ୍ଡ ଉପରେ ଖଣ୍ଡିଏ ସୂକ୍ଷ୍ମ ସୂତାରେ ଗୋଟିଏ ତୀକ୍ଷ୍ଣ ଖଡ଼୍‌ଗ ଝୁଲୁଥିଲା । ହାତ ପାଟିକୁ ନେଲାବେଳେ, ଆଖି ମୋର ଥାଏ ସେଇ ଖଡ଼୍‌ଗ ଉପରେ । ଖାଦ୍ୟ ଗିଳିଦିଏ; ଉପଭୋଗ କରିପାରିଲି ନାହିଁ । ସେ ସ୍ଥାନରେ ସେ ଖଡ଼୍‌ଗଟା ଝୁଲୁଥିଲା କାହିଁକି ? ଖାଇବା ସ୍ଥାନରେ ଗୋଟାଏ ଖଡ଼୍‌ଗ ଓହଳିଛି କାହିଁକି ?"

"ଏଇ ଖଡ଼୍‌ଗ ମୋତେ କରିଛି ସଂଯତ ।" ଜନକ ଉତ୍ତର ଦେଲେ – "ଏଇ ଖଡ଼୍‌ଗ ଉପଭୋଗରେ ମୋତେ କିରିଛି ନିର୍ଲିପ୍ତ । ମୁଁ ମିଥିଳାର ରାଜା । ଉପଭୋଗ କରିବି । ଶାସନଦଣ୍ଡ ସର୍ବଦା ଥିବ ମୋ ହସ୍ତରେ । ମାତ୍ର ସେ ସମସ୍ତ ପ୍ରଜାଙ୍କ ମଙ୍ଗଳ ପାଇଁ ସମାଜର ଶୃଙ୍ଖଳା ପାଇଁ –

'ମିଥିଳାୟାଂ ପ୍ରଦଗ୍ଧାୟାଂ
ନ ମେ ଲାଭେ ନ ମେ କ୍ଷତିଃ ।'

ଏ ମିଥିଳା ରାଜ୍ୟ ଯେବେ ଦଗ୍ଧ ହୋଇଯାଏ, ଭସ୍ମୀଭୂତ ହୋଇଯାଏ, ତେବେ ବ୍ୟକ୍ତିଗତ ଭାବରେ ମୋର ଲାଭ ନାହିଁ କି କ୍ଷତି ନାହିଁ । ଉପଭୋଗ ମୋର ରାଜକୀୟ ମର୍ଯ୍ୟାଦା । ଶାସନ ଏବଂ ଶୃଙ୍ଖଳା ମୋର ରାଜକୀୟ କର୍ତ୍ତବ୍ୟ । ସମାଜକଲ୍ୟାଣ ମୋର ରାଜକୀୟ ଧର୍ମ । ଏଇ ଖଡ଼୍‌ଗ ମୋତେ ଅନାସକ୍ତି ଯୋଗରେ ଦୀକ୍ଷିତ କରିଛି ।"

ଶ୍ରୀମଦ୍ ଭଗବତ୍‌ଗୀତାର କର୍ମଯୋଗ ଅଧ୍ୟାୟରେ ଲେଖାଅଛି - 'କର୍ମଣୈବ ହି ସଂସିଦ୍ଧିମାସ୍ଥିତା ଜନକାଦୟଃ ।' ଜନକାଦି ମହାପୁରୁଷମାନେ କର୍ମରେ ସିଦ୍ଧିଲାଭ କରିଛନ୍ତି । ସେ କର୍ମରେ ଥିଲା କର୍ତ୍ତବ୍ୟବୋଧ; ବ୍ୟକ୍ତିଗତ ଫଳପ୍ରାପ୍ତି ସେଥିରେ ଆଦୌ ଜଡ଼ିତ ନଥିଲା - ଧନ ଦିଅ, ଜନ ଦିଅ, ଯଶ ଦିଅ ବୋଲି ଆର୍ତ୍ତ ପ୍ରାର୍ଥନା ନଥିଲା । ଜନକାଦି ମହାପୁରୁଷମାନେ ଏଭଳି କର୍ମ ସାଧନାରେ ସିଦ୍ଧି ଲାଭ କରିଥିଲେ । ସେ କର୍ତ୍ତବ୍ୟରେ ଦର୍ଶନ ଥିଲା ଜନମଙ୍ଗଳ, ସମାଜ-କଲ୍ୟାଣ ଏବଂ ବ୍ୟକ୍ତିଗତ ଅନାସକ୍ତି ।

ସେଥିରୁ ପ୍ରଶ୍ନ ଉଠିବ - ଫଳପ୍ରାପ୍ତିର ଆକାଂକ୍ଷା ନଥିଲେ କର୍ମ ଲାଗି ପ୍ରବୃତ୍ତି ଆସିବ କାହୁଁ ? ପାରିତୋଷିକ ନଥିଲେ ପ୍ରେରଣା ଆସିବ କୁଆଡୁ ? ଲାଭ ନଥାଇ ବଣିଜ କରିବ କିଏ ? ନିଷ୍କାମ କର୍ମ କ'ଣ ସମ୍ଭବ ? ଏ ବିଚାର ସବୁବେଳେ ରହିଛି; ପ୍ରାଚୀନ କାଳରେ ବି ଥିଲା, ଏବେ ମଧ୍ୟ ରହିଛି । ରାମାୟଣ ଯୁଗରେ ଥିଲା । ମହାଭାରତ ଯୁଗରେ ମଧ୍ୟ ଥିଲା । ସାଧନାରେ, ତପସ୍ୟାରେ, କାମନାସିଦ୍ଧି ଥିଲା ଅଭିପ୍ରେତ । ଆଧୁନିକ ଯୁଗରେ ଆଡ଼ାମ୍ ସ୍ମିଥ୍ ଲେଖିଲେ, କୌଣସି ଲୋକକୁ ମୁଠାଏ ବାଲି ଦେଇ, ପ୍ରତିଶ୍ରୁତି ଦିଅ -ଏ ବାଲି ତୁମର -ସେ ଲୋକ ଏ ବାଲିମୁଠାକ ସୁନାରେ ପରିଣତ କରିଦେବ । ଧନସମ୍ପଦ, ମାନମର୍ଯ୍ୟାଦା, ଶକ୍ତି କ୍ଷମତା - ଏ ସମସ୍ତ ହୋଇଛି ପ୍ରେରଣାର ଉତ୍ସ; ମାତ୍ର ଏକଥା ମଧ୍ୟ ସତ୍ୟ ଯେ ସମାଜ ପ୍ରତି ଦାୟିତ୍ୱ ଏଥିରୁ ବିଚ୍ୟୁତ ହୋଇନଥିଲା ।

ଗତ ଦୁଇଶହ ବର୍ଷ ମଧ୍ୟରେ ଶିଳ୍ପ -ବାଣିଜ୍ୟ କ୍ଷେତ୍ରରେ ଯେଉଁ ଅଭିନବ ଅଗ୍ରଗତି ହେବାରେ ଲାଗିଲା, ପ୍ରଣାଳୀ ଏବଂ ପ୍ରବିଧିରେ ଯେଭଳି ଉତ୍ତରୋତ୍ତର ପରିବର୍ତ୍ତନ ଘଟିବାରେ ଲାଗିଲା; ସେଥିରେ ଧନ, ସମ୍ପଦ, କ୍ଷମତା ଅଳ୍ପ କେତେକଙ୍କ ହାତରେ କେନ୍ଦ୍ରୀଭୂତ ହୋଇଆସିଲା । ବହୁମାତ୍ରାରେ ଏହି ପ୍ରକ୍ରିୟା ସମାହିତ ହେଲା ସମାଜର ଅକଲ୍ୟାଣ ଉପରେ, ଲୋକଙ୍କ ପ୍ରପୀଡ଼ନ ଉପରେ । ଏଥିରୁ ଉପୁଜିଲା ଅଶାନ୍ତି, ସଂଘର୍ଷ ଏବଂ ଗୋଷ୍ଠୀଗତ ହିଂସାକାଣ୍ଡ ।

ଏହି ପରିବେଶ ମଧ୍ୟରେ ମହାତ୍ମାଗାନ୍ଧି ପ୍ରତିପାଦନ କଲେ କର୍ମଯୋଗର ଏକ ରୂପାନ୍ତର । ତାଙ୍କର ସକଳ କର୍ମର ମୂଳଭିତ୍ତି ଥିଲା ସତ୍ୟ ଏବଂ ଅହିଂସା । ଆନ୍ଦୋଳନ ଏବଂ ଅଭିଯାନ, ରାଜନୀତି ଏବଂ ଅର୍ଥନୀତି-ସକଳ କ୍ଷେତ୍ରରେ ଏ ଦୁଇଟି ତତ୍ତ୍ୱ ଥିଲା ତାଙ୍କର ଆୟୁଧ । ଗୀତା ଏବଂ ବାଇବେଲ, ରୁଷିଆର ଟଲଷ୍ଟୟ, ଇଂଲଣ୍ଡର ରସ୍କିନ ଏବଂ ଫ୍ରାନ୍‌ସର ଥୋରିଓଙ୍କର ଲେଖାରେ ସେ ପାଇଥିଲେ ଜୀବନର ଦର୍ଶନ । ଏଇ ଦର୍ଶନ ଉପରେ ଆଧାରିତ ତାଙ୍କର ଟ୍ରଷ୍ଟିସିପ୍ ବା ନ୍ୟାସୀତ୍ୱ ନୀତି ।

ଗାନ୍ଧିଜୀ ୧୯୪୦ ମସିହାରେ ଅଗଷ୍ଟ ମାସର 'ହରିଜନ' ପତ୍ରିକାରେ ଗୋଟିଏ ସଂଖ୍ୟାରେ ଏହି ନ୍ୟାସୀ ତତ୍ତ୍ୱ ଉପସ୍ଥାପିତ କରିଥିଲେ । ସମାଜ ଭିତରେ, ବିଭିନ୍ନ ବ୍ୟକ୍ତିଙ୍କ ମଧ୍ୟରେ, ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଆୟ ଏବଂ ସମ୍ପଦର ଉତ୍କଟ ତାରତମ୍ୟ ରହିଲେ ସମାଜ ତିଷ୍ଠି ପାରିବ ନାହିଁ । ଭାରତବର୍ଷରେ ଏ ତାରତମ୍ୟ ଥିଲା ଏବଂ ଏହା ବୃଦ୍ଧି ପାଇବାରେ ଲାଗିଛି । ମହାତ୍ମାଜୀ ନ୍ୟାସୀ ତତ୍ତ୍ୱର ବ୍ୟାଖ୍ୟା କଲେ ଏହି 'ହରିଜନ' ପତ୍ରିକାରେ । ଧନୀ ଲୋକେ ତାଙ୍କ ସମ୍ପତ୍ତିର ଅଧିକାରୀ ହୋଇ ରହିବେ ।

ଶିଳ୍ପପତି ଏବଂ ବ୍ୟବସାୟୀମାନେ ଶିଳ୍ପ ବ୍ୟବସାୟର ମାଲିକ ହୋଇ ରହିବେ । ସେଥିରୁ ତାଙ୍କୁ ବିଚ୍ୟୁତ କରାଯିବ ନାହିଁ । ତାଙ୍କ ପରିଚାଳନାର ସାଫଲ୍ୟ ହେବ ତାଙ୍କର ଗୌରବ । ମାତ୍ର ତାଙ୍କ ପାଇଁ ଏବଂ ତାଙ୍କର ପରିବାର ପାଇଁ ଯଥାର୍ଥରେ ଯେତିକି ଆବଶ୍ୟକ, ସେତିକି ପରିମାଣରେ ଅର୍ଥ ସେ ବ୍ୟୟ କରିବେ; ଉଦ୍‌ବୃତ୍ତ ସମସ୍ତ ଲାଭାଂଶ ସମାଜର ହିତରେ ବ୍ୟୟିତ ହେବ - ତାହା ପୁଣି ତାଙ୍କରି ସ୍ୱେଚ୍ଛାରେ; ବାଧ୍ୟବାଧକତାରେ ନୁହେଁ । ଏଥିଲାଗି ସେମାନେ ହେବେ ସମାଜର ନ୍ୟାସୀ (Trustee) । ଗାନ୍ଧିଜୀଙ୍କର ଅହିଂସା ନୀତି ଅନୁଯାୟୀ ସେମାନଙ୍କୁ ସମ୍ପତ୍ତିରୁ ବଳପୂର୍ବକ ବିଚ୍ୟୁତ କରିବା ଅସଙ୍ଗତ । ସେମାନେ ସ୍ୱତଃପ୍ରବୃତ୍ତ ହୋଇ ନ୍ୟାସୀତ୍ୱ ବରଣ କରିନେବେ ।

ବଳପୂର୍ବକ ସମ୍ପତ୍ତି ବାଜ୍ୟାପ୍ତି କଲେ, ତାହା ହୁଏ ହିଂସାପ୍ରଣୋଦିତ ଆଚରଣ । ସେଥିରୁ ଉପୁଜେ ପ୍ରତିହିଂସା । ଏ ଅଭିକ୍ରିୟାର ଅବସାନ ହୁଏ ନାହିଁ । ପଙ୍କାର ପ୍ରକରଣରେ ରଞ୍ଜିତ ହୁଏ ଫଳରେ ପ୍ରକୃତି । ସମାଜର ସ୍ଥିତି ହୁଏ ଅଶାନ୍ତ । ଅନାସକ୍ତିର ରୂପାନ୍ତର କରି ଗାନ୍ଧିଜୀ ପ୍ରଣୟନ କଲେ ଏହି ନ୍ୟାସୀବାଦ । ସୋସାଲିଷ୍ଟମାନେ ବ୍ୟକ୍ତିଗତ ସମ୍ପତ୍ତିର ବିରୋଧୀ । ସେମାନେ ସାମାଜିକ ଅନ୍ୟାୟ ବିରୋଧରେ ସଂଗ୍ରାମ କରୁଛନ୍ତି । ଉତ୍କଟ ଅସାମ୍ୟର ଉଚ୍ଛେଦ ଲାଗି ସେମାନେ ବଦ୍ଧପରିକର । ଏହି ହିସାବରେ ଗାନ୍ଧିଜୀ ନୀତିବଦ୍ଧ ସୋସାଲିଷ୍ଟ; ମାତ୍ର ତାଙ୍କର ସୋସାଲିଜିମ୍‌କୁ ୟୁଟୋପିଆ ବା ଅବାସ୍ତବ କଳ୍ପନା ବୋଲି କୁହାଯିବ । ସମାଜରେ ସମସ୍ତ ରାଜା, ଜମିଦାର, ଶିଳ୍ପପତି, ବ୍ୟବସାୟୀ - ସକଳ ଶ୍ରେଣୀର ବିତ୍ତଶାଳୀ ଲୋକଙ୍କ ମଧ୍ୟରେ ଏଭଳି ଅନାସକ୍ତ ସାମାଜିକ ଦାୟିତ୍ୱ ପ୍ରକଟିତ ହେବା ଅବାସ୍ତବ ।

ଗୀତାକାର ଏହି ଅନାସକ୍ତ କର୍ମଯୋଗରେ ପ୍ରତିଷ୍ଠା ଲାଭ କରିଥିବା ମହାପୁରୁଷମାନଙ୍କର ନାମ ଉଲ୍ଲେଖ କରିଥିଲେ - ଜନକାଦୟଃ-ଜନକ ପ୍ରଭୃତି ମହାପୁରୁଷଗଣ । ଜନକ ଗୋଟିଏ ମାତ୍ର ଉଦାହରଣ । ଗୀତାକାର ଶାସ୍ତ୍ରପୁରାଣରୁ ଆଉ ଗୋଟିଏ ହେଲେ ଉଦାହରଣ ପାଇପାରି ନଥିଲେ । ସେଥିପାଇଁ ଲେଖିଲେ, "ଜନକାଦୟଃ" ଏ ଯୁଗରେ କେବଳ ନୁହେଁ; ଯେକୌଣସି ଯୁଗରେ, ସମାଜର ସମସ୍ତ ବିତ୍ତଶାଳୀ ଲୋକଙ୍କୁ ସନ୍ନ୍ୟାସୀତ୍ୱରେ ଦୀକ୍ଷିତ କରିବା ଅବାସ୍ତବ ପରିକଳ୍ପନା । ଏହା ଆଦର୍ଶର ମହତ୍ତ୍ୱରେ ଉଦ୍‌ଭାସିତ । ହୋଇପାରେ ଅବାସ୍ତବ; ତଥାପି ଆଦର୍ଶର ଅଛି ପ୍ରଭାବ । ଏଥିରେ ନିହିତ ସମୂହ -ନୀତି ।

ଗାନ୍ଧି-ଅର୍ଥନୀତି ବୋଲି ଯାହାକୁ କୁହାଯାଇଛି, ନ୍ୟାସୀତ୍ୱ ତାହାର ଏକ ବିଶିଷ୍ଟ ଅଙ୍ଗ । ଗାନ୍ଧିଜୀ ଏ ନ୍ୟାସୀବାଦ ପ୍ରଣୟନ କରିଥିଲେ ୧୯୪୦ ମସିହାରେ । ସେତେବେଳକୁ ଦେଶ ସ୍ୱାଧୀନ ହୋଇନଥିଲା । ସ୍ୱାଧୀନତା ସଂଗ୍ରାମରେ ଲିପ୍ତ ରହିଥିଲାବେଳେ ଗାନ୍ଧିଜୀ ସମାଜ ପାଇଁ ଏ ଆଦର୍ଶ କଳ୍ପନା କରିଥିଲେ । ସ୍ୱାଧୀନତାପ୍ରାପ୍ତି ପରେ, ୧୯୫୧ ମସିହାରେ ଆରମ୍ଭ ହେଲା ଅର୍ଥନୈତିକ ଯୋଜନା । ସେତେବେଳକୁ ଗାନ୍ଧିଜୀଙ୍କର ପରଲୋକ ହୋଇଯାଇଛି । ଯୋଜନାରେ ଗାନ୍ଧିନୀତି ସ୍ଥାନ ପାଇଲା ନାହିଁ; ଗାନ୍ଧିଜୀ ଜୀବିତ ଥିଲେ ମଧ୍ୟ ପାଇନଥାନ୍ତା ।

ପ୍ରତି ପାଞ୍ଚବର୍ଷୀୟ ଯୋଜନାରେ ଯୋଜନାର ଅଭୀଷ୍ଟ ନିର୍ଦ୍ଦେଶିତ ହୋଇଛି - ଧନୀ ଦରିଦ୍ର ମଧ୍ୟରେ ବ୍ୟବଧାନ ହ୍ରାସ କରିବାକୁ ହେବ । ଦେଶର ଆୟ ଓ ସମ୍ପଦ ମୁଷ୍ଟିମେୟ ଲୋକଙ୍କ ହାତରେ କେନ୍ଦ୍ରୀଭୂତ ହେବ ନାହିଁ । ପ୍ରତି ଯୋଜନାରେ ଏ ଅଭୀଷ୍ଟ ବୟାନ କରାଯାଇଛି । ଏହାର ସମୀକ୍ଷା ପ୍ରକାଶ ପାଉଛି । ବ୍ୟବଧାନ ବୃଦ୍ଧି ପାଇଛି । ଆୟ, ସମ୍ପଦ ବେଶିମାତ୍ରାରେ ଯାଇଛି ସମୃଦ୍ଧ ଲୋକଙ୍କ ହାତକୁ । ଏବେ ଷଷ୍ଠ ଯୋଜନା ରିପୋର୍ଟରେ କୁହାଯାଇଛି ଯେ, ଏହି ପ୍ରକ୍ରିୟା ଅବିରତ ଲାଗିରହିଛି; ସମ୍ପଦ ଅଧିକ ମାତ୍ରାରେ କେନ୍ଦ୍ରୀଭୂତ ହୋଇଛି, ଧନୀ ଦରିଦ୍ର ମଧ୍ୟରେ ତାରତମ୍ୟ ବଢ଼ିଚାଲିଛି ।

ପୂର୍ବବର୍ତ୍ତୀ ଯୋଜନାରେ ବିପୁଳ ଅର୍ଥ ବିନିଯୋଗ କରାଯାଇଛି । ବିଦେଶରୁ ସମ୍ବଳ ଆସିଛି । ସହାୟତା ମିଳିଛି, ପ୍ରବିଧି ଆହରଣ କରାଯାଇଛି । ଉତ୍ପାଦନ ଯେଉଁ ମାତ୍ରାରେ ବୃଦ୍ଧି ପାଇବ ବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା, ତାହା ହୋଇପାରି ନାହିଁ । ତଥାପି ଆୟ ଉତ୍ପାଦନ ପ୍ରତିବର୍ଷ ସାଢ଼େ ତିନି ହାରରେ ବୃଦ୍ଧିପାଇଛି । ଯୋଜନା ଆରମ୍ଭରେ ଖାଦ୍ୟଶସ୍ୟର ଉତ୍ପାଦନ ହୋଇଥିଲା ୫୦ ନିୟୁତ ଟନ୍ । ଏବେ ୧୧୫ ନିୟୁତ ଟନ୍ ହୋଇପାରିଛି (୧୯୭୮) । ବିଜ୍ଞାପନର ପ୍ରବର୍ତ୍ତନ ବିସ୍ତାର ଲାଭ କରିଛି । ଉତ୍ପାଦନର ପ୍ରବିଧି ଆଧୁନିକ ସ୍ତରରୁ ଉଠିପାରିଛି । ସଞ୍ଚାର ମାର୍ଗ ଏବଂ ପରିବହନ ବିଶେଷ ପ୍ରସାର ହୋଇପାରିଛି । ଭାରତବର୍ଷ ଆଧୁନିକ ମହଲରେ ପ୍ରବେଶ ଲାଭ କରିଛି । ଏ ସକଳ ଦିଗରେ ଅଗ୍ରଗତି ସୁସ୍ପଷ୍ଟ ।

ମାତ୍ର ସମାଜର କଲ୍ୟାଣ ପାଇଁ, ସମୂହର ବିକାଶ ପାଇଁ, ଯୋଜନାରେ ଯେଉଁ ଅଭୀଷ୍ଟ ନିର୍ଦ୍ଦେଶିତ ହୋଇଥିଲା, ସେସବୁ ସାଧିତ ହୋଇପାରି ନାହିଁ । ଲକ୍ଷ୍ୟ ଥିଲା, ଅକର୍ମା ସମସ୍ୟାର ସମାଧାନ ହୋଇଯିବ । ମାତ୍ର ବେକାରି ବଢ଼ିବାରେ ଲାଗିଛି । ଦାରିଦ୍ର୍ୟ ଦୂର କରିବାକୁ ହେବ; ମାତ୍ର ତାହା ବଢ଼ିଲା । ଗରିବୀ ହଟାଇବାକୁ ହେବ, ମାତ୍ର ହଟିଲା ନାହିଁ । ଲୋକଙ୍କର ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାକୁ ହେବ; ମାତ୍ର ତାହା ଅପୂର୍ଣ୍ଣ ପଡ଼ିରହିଲା । ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ମିଳିବ; ମିଳିଲା ନାହିଁ । ପାଣି ମୁନ୍ଦିଏ ପିଇବାକୁ ମିଳିବ; ହେଲା ନାହିଁ । ଶାସନର ବିକେନ୍ଦ୍ରୀକରଣ କରାଯିବ; ମାତ୍ର ଶାସନ ଅଧିକ କେନ୍ଦ୍ରୀଭୂତ ହେଲା । ସମ୍ବଳର ଅଭାବ ନଥିଲା । ପ୍ରକଳ୍ପ ପ୍ରସ୍ତୁତ ହେଲା । ପରିବ୍ୟୟ ଧାର୍ଯ୍ୟ କରାଗଲା । ପ୍ରଭୂତ ଅର୍ଥର ବିନିଯୋଗ ହେଲା; ମାତ୍ର ଅଭିଷ୍ଟ ସାଧିତ ହେଲା ନାହିଁ ।

ଏକାନ୍ତ ଅଭାବ ହେଲା ଆଗ୍ରହ, ଆଭିମୁଖ୍ୟ ଏବଂ ଆନ୍ତରିକତା । ଗାନ୍ଧିଜୀ ତାଙ୍କର କର୍ମଯୋଗରେ, ନ୍ୟାସୀବାଦରେ ଦେଇଥିଲେ ଏକ ସମୂହ ଦୃଷ୍ଟି - ଦେଇଥିଲେ ରାଜର୍ଷି ଜନକଙ୍କର ତୀକ୍ଷ୍ଣ ଖଡ଼୍ଗର ଚେତନା । ସେ ଦୃଷ୍ଟିକୁ ଶୀତଳଭଣ୍ଡାରରେ ନିକ୍ଷେପ କରିଦିଆଗଲା ।

ପ୍ରଖ୍ୟାତ ଅର୍ଥନୀତିଜ୍ଞ ଗୁନାର ମିର୍‌ଡ଼ାଲ୍ ତାଙ୍କ ନୋବେଲ୍ ପୁରସ୍କାର ପ୍ରାପ୍ତ ଏସିଆନ୍ ଡ୍ରାମା (Asian Drama) ସନ୍ଦର୍ଭରେ "ନରମା ରାଷ୍ଟ୍ର" (Soft State) ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି । ଭାରତ ପରି ମନ୍ଦ ବିକଶିତ ଦେଶରେ ଅଛି ନରମା ରାଷ୍ଟ୍ର । ସେଥିଲାଗି ବିକାଶ ପ୍ରତିହତ ହେଉଛି । ଏ ଦେଶର ଯୋଜନାରେ ଅଛି ମନ୍ଦହାସର ଆକର୍ଷଣ; ନାହିଁ ସ୍ନିଗ୍‌ଧହାସର ଅନୁରାଗ । ନରମା ରାଷ୍ଟ୍ରର ବିଶେଷ ଲକ୍ଷଣ ହେଲା ସାମାଜିକ ଶୃଙ୍ଖଳାର ଅଭାବ । ଉଚ୍ଚ-ନୀଚ, ଶିକ୍ଷିତ-ଅଶିକ୍ଷିତ ସକଳ ସ୍ତରରେ ଯେକୌଣସି ବ୍ୟବସ୍ଥା କିମ୍ବା ନିର୍ଦ୍ଦେଶ ପ୍ରଣୟନ କରାଗଲେ, ତାହାକୁ ଅମାନ୍ୟ କରିବା ସ୍ୱଭାବରେ ପଡ଼ିଯାଇଛି । କର୍ମରେ ଅବହେଳା ଏବଂ ଆଦେଶର ପ୍ରତିରୋଧ ବିଭିନ୍ନ ବିଭାଗରେ, ବିଭିନ୍ନ ସ୍ତରରେ ଏକ ସାଧାରଣ ପ୍ରବୃତ୍ତି । ଯାହାର ସାମାଜିକ ପ୍ରତିଷ୍ଠା ଅଛି କିମ୍ବା ରାଜନୈତିକ କ୍ଷମତା ଅଛି, ସେ ଅବାଧରେ ସ୍ୱାର୍ଥସିଦ୍ଧି କରି ଲାଗିଛି । ମିର୍‌ଡାଲ ବହୁ ଉଦାହରଣ ଦେଇ ଏସବୁ ପ୍ରମାଣ କରିଛନ୍ତି । ଏଭଳି ନରମ ରାଷ୍ଟ୍ରରେ ଅର୍ଥନୈତିକ ବିକାଶ ପ୍ରତିହତ ହେବା ସ୍ୱାଭାବିକ । ଅଗ୍ରଗତି ପାଇଁ ଏ ପରିବେଶ ଅତ୍ୟନ୍ତ ପ୍ରତିକୂଳ ।

ଗାନ୍ଧିଜୀଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମ ଚାଲିଥିଲାବେଳେ ସଂଗ୍ରାମୀମାନଙ୍କ ମଧ୍ୟରେ ଥିଲା ସମୂହଦୃଷ୍ଟି । ଭାରତବର୍ଷକୁ କ୍ଷମତା ହସ୍ତାନ୍ତରିତ ହେବାର ପୂର୍ବାଭାସରୁ ଗାନ୍ଧିଜୀ ଲକ୍ଷ୍ୟ କଲେ ଯେ ସମୂହଦୃଷ୍ଟି ପରିବର୍ତ୍ତେ ନେତୃମହଲରେ ସ୍ୱାର୍ଥଦୃଷ୍ଟି ବିଶେଷ ଭାବରେ ପ୍ରକଟିତ ହୋଇଛି । ଗାନ୍ଧିଜୀ ମର୍ମାହତ ହୋଇପଡ଼ିଲେ । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ମଧ୍ୟରାତ୍ରରେ ଆମେ ସ୍ୱାଧୀନତାର ମହୋତ୍ସବରେ ବିଭୋର ହୋଇଥିଲାବେଳେ, ଗାନ୍ଧିଜୀ ସୁଦୂର ଏକ ପଲ୍ଲୀରେ ଅତିବାହିତ କରିଥିଲେ ଏଇ ବିଷଣ୍ଣ

ରଜନୀ । ଜାତିର ଜନକଙ୍କୁ ପ୍ରତ୍ୟାଖ୍ୟାନ କରି ଆମେ ଗାଇଥିଲୁ ସ୍ୱାଧୀନତାର ଆବାହନୀ । ଛଅ ମାସ ପରେ ଗାନ୍ଧିଜୀ ଆତତାୟୀ ଗୁଳିରେ ନିହତ ହେଲେ ।

ମହାତ୍ମାଜୀ ଗଢ଼ିବାକୁ ଚାହିଁଥିଲେ ଏକ ସୁସ୍ଥ ସମାଜ, ଏକ ସମୂହ ପରିବାର । ସେଥିରେ ନଥିବ ଶୋଷଣ, ଅନାଚାର; ଥିବ ବିଚାର ଏବଂ ସମନ୍ୱୟ । ଗାନ୍ଧିଜୀ ଅର୍ଥଶାସ୍ତ୍ରୀ ନଥିଲେ; ଅର୍ଥନୀତିରେ କୌଣସି ତତ୍ତ୍ୱ ପ୍ରଣୟନ କରିନଥିଲେ । ସେ ଏକ ପୂର୍ଣ୍ଣାଙ୍ଗ ମାନବର କଳ୍ପନା କରିଥିଲେ । ସେଥିରେ ନୈତିକତା, ଅର୍ଥନୀତି ରାଜନୀତି, ସମାଜଦୃଷ୍ଟି-ଏ ସମସ୍ତ ସମନ୍ୱିତ ହୋଇଥିଲା । ସେଗୁଡ଼ିକୁ ପୃଥକ୍ କରାଯାଇପାରିବ ନାହିଁ । ତାଙ୍କର ସକଳ ଚିନ୍ତା, କଳ୍ପନା, ଭାଷଣ, ରଚନା ଗୋଟିଏ ସୃଷ୍ଟିର ସମାହାର । ତାଙ୍କର ଦାୟାଦମାନେ ପୂର୍ବପରି ସଙ୍ଗତିରୁ ବିଚ୍ଛିନ୍ନ କରି, ନିଜର ସୁବିଧା ଅନୁଯାୟୀ, ଗାନ୍ଧିଜୀଙ୍କ ଲେଖାରୁ ଉଦ୍ଧାର କରୁଛନ୍ତି । ଗାନ୍ଧି ବଚନକୁ ପ୍ରବଚନରୂପେ ଆବଶ୍ୟକ ବେଳେ ପ୍ରଚାର କରୁଛନ୍ତି ।

ଗାନ୍ଧିଜୀଙ୍କ ପରିକଳ୍ପନାର ମୂଳମନ୍ତ୍ର ଥିଲା ସମୂହଦୃଷ୍ଟି, ସମାଜ ପାଇଁ ଆତ୍ମୋତ୍ସର୍ଗ । ସେସବୁ ବିକୃତିରେ ପରିଣତ ହୋଇଯାଇଛି । ସମାଜ ଦୃଷ୍ଟି ସ୍ଥାନରେ ତେଜି ଉଠୁଛି କ୍ଷମତାର ସଂଘର୍ଷ, ଉତ୍କଟ ଆତ୍ମସେବା । ନ୍ୟାସୀତତ୍ତ୍ୱ ଉଭେଇଯାଇଛି । ଗାନ୍ଧି-ବିଚାରକୁ ପରିହାରକରି, ତାଙ୍କରି ରଚନାରୁ ସାମୟିକ ଉଦ୍ଧାରକରି, ସ୍ୱାର୍ଥସିଦ୍ଧି କରିବାର ପ୍ରଚେଷ୍ଟା ସୃଷ୍ଟି କରିଛି ଏକ ସାମାଜିକ ସଙ୍କଟ । ଆଦର୍ଶକୁ ନିର୍ମୂଳ କଲେ, ଆକ୍ରମଣ କରେ ପ୍ରତାରଣା । ଇତିହାସ ବାରମ୍ବାର ଚେତାବନୀ ଦେଇଛି - ଏଇ ସଂକଟ, ସଂଘର୍ଷ ଏବଂ ପ୍ରତାରଣାରୁ ଉଦ୍‌ଭୂତ ହୁଏ ଅବାଞ୍ଛନୀୟ ପ୍ରତିକ୍ରିୟା ।

**ସୂଚନା :**

| | |
|---|---|
| ଦୁର୍ବାର | - ଦୁର୍ଦ୍ଦମନୀୟ, ଯାହାକୁ ବାଧାଦେବା ବା ନିବାରଣ କରିବା ସହଜ ନୁହେଁ । |
| ପରାକାଷ୍ଠା | - ଚରମ ସୀମା |
| ଅଧୀଶ୍ୱର | - ମହାରାଜା, ପ୍ରଭୁ |
| ବିଭବ | - ସଂପଦ |
| ପ୍ରାସାଦ | - ଅଟ୍ଟାଳିକା, କୋଠା |
| ବିସ୍ତର | - ପ୍ରଚୁର, ଢେର |
| ପ୍ରବର | - ପ୍ରଧାନ, ମୁଖ୍ୟ, ଶ୍ରେଷ୍ଠ |
| ନିଷ୍କାମ | - କାମନାଶୂନ୍ୟ |
| ପେୟ | - ପାନୀୟ |
| ଚର୍ବ୍ୟ | - ଯାହା ଚୋବାଇ । ଚୋବାଇବା ଯୋଗ୍ୟ |
| ପରିବ୍ୟୟ | - ବ୍ୟୟ ଅଟକଳ |
| ଲେହ୍ୟ | - ଚାଟି ଖାଇବା ଯୋଗ୍ୟ |
| ନିର୍ଲିପ୍ତ | - ଅନାସକ୍ତ, ଉଦାସୀନ |
| ପ୍ରବିଧି | - ନିୟମ, ପଦ୍ଧତି |
| ପ୍ରକରଣ | - ପ୍ରସଙ୍ଗ |
| ମୁଷ୍ଟିମେୟ | - ଅଳ୍ପସଂଖ୍ୟକ |
| ବୟାନ | - ବର୍ଣ୍ଣନ, ବ୍ୟାଖ୍ୟାନ |
| ପ୍ରବର୍ତ୍ତନ | - ପ୍ରଚଳନ, ଆରମ୍ଭ |
| ଉଦ୍‌ଭାସିତ | - ପ୍ରକାଶିତ, ଆଲୋକିତ |
| ଅଭୀଷ୍ଟ | - ବାଞ୍ଛିତ, ଅଭିଳଷିତ |
| ପ୍ରଭୂତ | - ପ୍ରଚୁର, ଅଧିକ |
| ବିବୃତି | - ବିବରଣ, ବ୍ୟାଖ୍ୟା, ବର୍ଣ୍ଣନା |
| ଦାୟାଦ | - ବଂଶଧର |
| ସାମୟିକ | - ସମୟେ ସମୟେ |

## ପ୍ରଶ୍ନାବଳୀ

### ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୧. 'କ' ସ୍ତମ୍ଭ ସହ ସଂପର୍କ ଥିବା ଶବ୍ଦଟି 'ଖ'ସ୍ତମ୍ଭରୁ ବାଛି ମିଳାଇ ଲେଖ :

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଜନକ | ନ୍ୟାସୀତତ୍ତ୍ୱ |
| ଶ୍ରୀମଦ୍ ଭଗବତ୍ ଗୀତା | ଏସିଆନ୍ ଡ୍ରାମା |
| ଗାନ୍ଧିଜୀ | ମୁଠାଏବାଲି |
| ଗୁନାର ମିରଡାଲ | ମିଥିଳା |
| ଆଡାମସ୍ମିଥ୍ | କର୍ମଯୋଗ |

୨. 'ବ୍ରହ୍ମ' ସହିତ 'ଋଷି' ଯୋଗହେଲେ ବ୍ରହ୍ମର୍ଷି ଶବ୍ଦ ହୋଇଥାଏ । ସେହିପରି ଶବ୍ଦ ଶେଷରେ 'ଋଷି' ଯୋଗ ହୋଇଥିବା ଆଉ ତିନୋଟି ଶବ୍ଦ ଲେଖ ।

୩. ଅର୍ଥଗତ ପାର୍ଥକ୍ୟ ବାକ୍ୟରେ ଦର୍ଶାଅ ।

ପ୍ରାସାଦ, ପ୍ରସାଦ; ପନ୍ଥା, ପେନ୍ଥା; ଲକ୍ଷ,ଲକ୍ଷ୍ୟ; କୁଳ,କୂଳ ।

୪. 'ଧନସମ୍ପଦ' ପରି ଆଉ ତିନୋଟି ଯୁଗ୍ମଶବ୍ଦ ଲେଖ ।

୫. ନିମ୍ନଲିଖିତ ଶବ୍ଦଗୁଡ଼ିକ ବ୍ୟବହାର କରି ବାକ୍ୟ ଗଠନ କର ।

ଉଦ୍‌ଭାସିତ, ପ୍ରବିଧି, ପ୍ରଭୂତ, ପ୍ରତିକୂଳ, ନିର୍ଲିପ୍ତ

୬. ପ୍ରତିଶବ୍ଦ ଲେଖ ।

ଋଷି, ରାଜା, ପନ୍ଥା, ବିତ୍ତ, ସମୂହ, ଦରିଦ୍ର, ରଜନୀ

୭. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ଏଇ ଖଡ୍‌ଗ ମୋତେ କରିଛି __________ (ଶୃଙ୍ଖଳିତ, ସଂଯତ, ଅନାସକ୍ତ)

(ଖ) ଗାନ୍ଧିଜୀ ଏକ ପୂର୍ଣ୍ଣାଙ୍ଗ __________ କଳ୍ପନା କରିଥିଲେ । (ଜୀବନ, ଯୋଜନା, ମାନବ)

(ଗ) ନ୍ୟାସୀବାଦର ପ୍ରଣୟନ ହୋଇଥିଲା __________ ମସିହାରେ । (୧୯୪୦, ୧୯୪୨, ୧୯୫୧)

## କ୍ଷୁଦ୍ର ଉତ୍ତରମୂଳକ :

୮. ଆମ ଦେଶରେ ଆଧ୍ୟାତ୍ମିକ ସଂସ୍କୃତି କିଏ ସୃଷ୍ଟି କରିଥିଲେ ?

୯. ବିଶ୍ୱାମିତ୍ର ବ୍ରହ୍ମର୍ଷିରୂପେ ସ୍ୱୀକୃତି ଲାଭ ନକରିବାରୁ କ'ଣ କଲେ ?

୧୦. ଅତିଥି ଜନକଙ୍କୁ ପ୍ରଥମେ ଅଭ୍ୟର୍ଥନା ସମୟରେ କ'ଣ କହିଥିଲେ ?

୧୧. ଖାଦ୍ୟପେୟ ସମ୍ପର୍କରେ ଅତିଥିଙ୍କର ମନ୍ତବ୍ୟ କ'ଣ ଥିଲା ?

୧୨. ଭଗବତ୍‌ଗୀତାର କର୍ମଯୋଗ ଅଧ୍ୟାୟରେ କ'ଣ ଲେଖାଯାଇଛି ?

୧୩. ଆଧୁନିକ ଯୁଗରେ ଆଡାମସ୍ମିଥ୍ କ'ଣ ଲେଖିଥିଲେ ?

୧୪. ମହାତ୍ମାଗାନ୍ଧିଙ୍କ ସକଳ କର୍ମର ମୂଳଭିତ୍ତି କ'ଣ ଥିଲା ?

୧୫. ଗାନ୍ଧିଜୀଙ୍କ ନ୍ୟାସୀବାଦ କ'ଣ ?

୧୬. ପଞ୍ଚବାର୍ଷିକ ଯୋଜନାରେ କ'ଣ ନିର୍ଦ୍ଦେଶିତ ହୋଇଛି ?

୧୭. ଷଷ୍ଠ ଯୋଜନା ରିପୋର୍ଟରେ କ'ଣ କୁହାଯାଇଛି ?

୧୮. ଯୋଜନାର ପ୍ରକୃତ ଲକ୍ଷ୍ୟ କ'ଣ ଥିଲା ?

୧୯. କେଉଁ ଅଭାବ ପାଇଁ ଯୋଜନାର ଉଦ୍ଦେଶ୍ୟ ପରିପୂରଣ ହୋଇପାରିଲା ନାହିଁ ?

୨୦. ନରମା ରାଷ୍ଟ୍ରର ବିଶେଷ ଲକ୍ଷଣ କ'ଣ ?

୨୧. କ୍ଷମତାର ହସ୍ତାନ୍ତର ପୂର୍ବରୁ ନେତୃ ମହଲରେ ଗାନ୍ଧିଜୀ କ'ଣ ଲକ୍ଷ୍ୟ କରିଥିଲେ ?

୨୨. ଗାନ୍ଧିଜୀଙ୍କ ପରିକଳ୍ପିତ ସମାଜ କିପରି ଥିଲା ?

୨୩. ବର୍ତ୍ତମାନ ସମାଜଦୃଷ୍ଟି ସ୍ଥାନରେ କ'ଣ ପରିଲକ୍ଷିତ ହେଉଛି ?

୨୪. ଇତିହାସ ବାରମ୍ବାର କେଉଁ ପ୍ରକାର ଚେତାବନୀ ଦେଇଛି ?

## ସପ୍ରସଙ୍ଗ ସରଳାର୍ଥ ଲେଖ :

୨୫. ଏଇ ଖଡ୍‌ଗ ମୋତେ ଅନାସକ୍ତି ଯୋଗରେ ଦୀକ୍ଷିତ କରିଛି ।

୨୬. ସାଧନାରେ, ତପସ୍ୟାରେ, କାମନାସିଦ୍ଧି ଥିଲା ଅଭିପ୍ରେତ ।

୨୭. ଆଦର୍ଶକୁ ନିର୍ମୂଳ କଲେ, ଆକ୍ରମଣ କରେ ପ୍ରତାରଣା ।

୨୮. କର୍ମରେ ଅବହେଳା ଏବଂ ଆଦେଶର ପ୍ରତିରୋଧ ବିଭିନ୍ନ ବିଭାଗରେ, ବିଭିନ୍ନ ସ୍ତରରେ ଏକ ସାଧାରଣ ପ୍ରବୃତ୍ତି ।

## ଦୀର୍ଘ ଉତ୍ତରମୂଳକ :

୨୯. ଗାନ୍ଧିଜୀଙ୍କ ନ୍ୟାସୀତତ୍ତ୍ୱ କ'ଣ ଓ ଏହାର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କର ।

୩୦. 'ଏଇ ଖଡ଼୍‌ଗ ମୋତେ କରିଛି ସଂଯତ' – ଜନକଙ୍କ ଏହି ଉକ୍ତିର ଯାଥାର୍ଥତା ପ୍ରତିପାଦନ କର ।

୩୧. 'ସମୂହ ଦୃଷ୍ଟି' ଅବଲମ୍ବନରେ ଲେଖକଙ୍କ ଆଭିମୁଖ୍ୟ ପ୍ରତିପାଦନ କର ।

୩୨. 'ସମୂହ ଦୃଷ୍ଟି' ର ବିକାଶରେ ସମାଜର କିପରି ପରିବର୍ତ୍ତନ ହୋଇପାରିବ, ସେ ବିଷୟରେ ବୁଝାଇ ସାନଭାଇକୁ ଚିଠି ଲେଖ ।

## ତୁମ ପାଇଁ କାମ :

୩୩. ସମୂହ ଦୃଷ୍ଟିର ଜୀବନରେ ଆବଶ୍ୟକତା ସମ୍ପର୍କରେ ଏକ ତର୍କସଭାର ଆୟୋଜନ କର ।

୩୪. ଡକ୍ଟର ସଦାଶିବ ମିଶ୍ରଙ୍କର ଅନ୍ୟାନ୍ୟ ଲେଖାଗୁଡ଼ିକ ସଂଗ୍ରହ କରି ପଢ଼ ।

୩୫. ଶ୍ରୀମଦ୍‌ଭଗବତ୍‌ଗୀତାର କର୍ମଯୋଗ ପଢ଼ି ବୁଝିବାକୁ ଚେଷ୍ଟାକର ।

❖❖❖

# ଶକ୍ତି ଓ ଜ୍ଞାନ

● ଭୁବନେଶ୍ୱର ବେହେରା

**ଲେଖକ ପରିଚୟ :**

*ଭୁବନେଶ୍ୱର ବେହେରା (୧୯୧୭-୨୦୦୧) ଜଣେ ଗାଳ୍ପିକ ଓ ଲଳିତ ନିବନ୍ଧକାର ଭାବରେ ସୁପରିଚିତ । ରାଉରକେଲା ଆଞ୍ଚଳିକ ଇଞ୍ଜିନିୟରିଂ କଲେଜ (ବର୍ତ୍ତମାନ ଏନ୍. ଆଇ. ଟି)ର ଅଧ୍ୟକ୍ଷ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ରୂପେ ତାଙ୍କର କାର୍ଯ୍ୟକାଳ ଅତ୍ୟନ୍ତ ପ୍ରଶଂସନୀୟ । କେନ୍ଦ୍ର ପବ୍ଲିକ ସର୍ଭିସ କମିଶନ୍ ସଭ୍ୟ ରୂପେ କିଛି ବର୍ଷ କାର୍ଯ୍ୟ କରିଥିଲେ । ସେ ଲେଖିଛନ୍ତି 'ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢେଙ୍କି' ନାମକ ଭ୍ରମଣ ଗ୍ରନ୍ଥ । 'ସପ୍ତର୍ଷି' ପତ୍ରିକାର ପ୍ରକାଶକ ଓ ସଂପାଦକ ରୂପେ ମଧ୍ୟ ସେ ପରିଚିତ । ଉପନ୍ୟାସ ଶୈଳୀରେ ରଚିତ 'ଗାଁର ଡାକ' ତାଙ୍କର ଆତ୍ମଜୀବନୀ ଗ୍ରନ୍ଥ । 'ଗୁଣ ପରୀକ୍ଷ', 'ଚାଲି ନଜାଣି', 'ସହାବସ୍ଥାନ', 'ଫରଫର ଉଡ଼େ କାନି', 'କଥା ଓ ଲଥା' ଆଦି ତାଙ୍କର ଅନ୍ୟ କେତୋଟି ପ୍ରକାଶିତ ପୁସ୍ତକ । ବଳିଷ୍ଠ ବ୍ୟଙ୍ଗ ବିଦ୍ରୂପ ଓ ସାମାଜିକ ଅଙ୍ଗୀକାରବଦ୍ଧତା ତାଙ୍କ ସୃଷ୍ଟିର ବୈଶିଷ୍ଟ୍ୟ । ତାଙ୍କ ପ୍ରବନ୍ଧଗୁଡ଼ିକର ଭାଷା ସ୍ୱଚ୍ଛ, ସରଳ ଏବଂ ସୁନ୍ଦର । ଗଳ୍ପଶୈଳୀରେ ରଚିତ ହୋଇଥିବାରୁ ଏହା ସରସ ଏବଂ ଭାବ ଉଦ୍ରେକକାରୀ । ଜଣେ ଚିନ୍ତାଶୀଳ, ସଂସ୍କାରବାଦୀ ପ୍ରାବନ୍ଧିକ ରୂପେ ତାଙ୍କର ଖ୍ୟାତି ରହିଛି ।*

*ସଂଶିତ 'ଶକ୍ତି ଓ ଜ୍ଞାନ' ପ୍ରବନ୍ଧରେ ପ୍ରାବନ୍ଧିକ ଚମତ୍କାର ଭାବରେ ଶକ୍ତି ଓ ଜ୍ଞାନର ମୌଳିକ ତତ୍ତ୍ୱ ସମ୍ପର୍କରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ବିଭିନ୍ନ ଉଦାହରଣ ମାଧ୍ୟମରେ ଉଭୟର ସମନ୍ୱୟ ଦ୍ୱାରା କିପରି ରାଷ୍ଟ୍ରର ବିକାଶ ସମ୍ଭବ, ସେ ସମ୍ବନ୍ଧରେ ଆଲୋକପାତ କରିଛନ୍ତି ।*

---

**ଦୁ**ର୍ବଳ ଉପରେ ସବଳର ଅତ୍ୟାଚାର କେବଳ ଯେ ପଶୁପକ୍ଷୀ ଜଗତର ନିୟମ ତାହା କଦାପି କୁହାଯାଇ ନ ପାରେ । ମଣିଷ ମଧ୍ୟ ଏ ନିୟମର ବ୍ୟତିକ୍ରମ ନୁହେଁ ।

ବେଙ୍ଗ ବିଚରା କେବେ କାହାର କ'ଣ କ୍ଷତି କରିଥିଲା କେଜାଣି, ମଣିଷ ଚିରଦିନ ତା'ଉପରେ ଅତ୍ୟାଚାର କରିଆସିଛି ।

ଚାହାଳୀ ଓ ସ୍କୁଲ ପିଲାମାନେ 'ଦୁଇ' ଯିବା ବାହାନାରେ ବେଳ ଓ ଅବେଳରେ ପୋଖରୀ କୂଳକୁ ଯାଇ ବେଙ୍ଗମାନଙ୍କ ଉପରକୁ ଟେକା ପକାଇ ସେମାନଙ୍କ କାଳ ହୋଇଛନ୍ତି । କଲେଜ ଛାତ୍ରମାନେ ଲେବୋରେଟରୀ ମାନଙ୍କରେ ବେଙ୍ଗକୁ ଖଣ୍ଡ ଖଣ୍ଡ କରି କାଟିଛନ୍ତି । ବଡ଼ ବଡ଼ ହୋଟେଲରେ ବେଙ୍ଗର ଗୋଡ଼କୁ ରୋଷ୍ଟ କରାଯାଉଛି ।

କେଉଁ କେଉଁ ଦେଶରେ ଜୀଅନ୍ତା ବେଙ୍ଗ ଗିଳିବା ପ୍ରତିଯୋଗିତା ଆରମ୍ଭ ହୋଇ ଗଲାଣି । ଭଲକରି ପାଦ ପକାଇ ଜାଣୁ ନ ଥିବା ଛୋଟ ଛୁଆଟିଏ ମଧ୍ୟ ଘରେ ବେଙ୍ଗଟିଏ ଦେଖିଲେ କାଠି ଖଣ୍ଡିଏ ଧରି ତାକୁ କେଞ୍ଚିବାକୁ ଚେଷ୍ଟା କରିଛି ।

ଏପରି ଅନ୍ୟାୟ ଅତ୍ୟାଚାର କରିସାରିଲା ପରେ ଯେ ମଣିଷ ସନ୍ତୁଷ୍ଟ ହୋଇଯାଇଛି ତା' ନୁହେଁ – ବେଙ୍ଗକୁ ଅଯଥା ବିଦ୍ରୂପ କରିଛି ମଧ୍ୟ ।

ମେଘ ଯେତେବେଳେ ଟୁପୁରୁ ଟାପୁରୁ ବର୍ଷେ, ଜନପ୍ରାଣୀ ସମସ୍ତେ ସ୍ୱାଭାବିକ ରୀତିରେ କୌଣସି ଛତ୍ର ତଳର ଆଶ୍ରା ଖୋଜି ବସନ୍ତି । ବାଟୋଇ କାଖତଳୁ ତା'ର ଛତା ବାହାର କରି ନିଜ ମୁଣ୍ଡ ଉପରେ ଟେକି ଧରେ । କ୍ଷେତରେ ହଳ କରୁଥିବା ଚାଷୀ ପିଠିଆଡ଼କୁ ଝୁଲୁଥିବା ଛତୁରୀକୁ ଟାଣି ଅଥବା କ୍ଷେତ ହୁଡ଼ାରୁ ଓଟାରିଆଣି ମୁଣ୍ଡରେ ଭଲ କରି ଭିଡ଼ିନିଏ । ପଡ଼ିଆରେ ଚରୁଥିବା ଗାଈଗୋରୁଙ୍କୁଧରି ଗାଈଜଗାଳିମାନେ କୌଣସି ଝଙ୍କାଳିଆ ଗଛ ତଳରେ ଆଶ୍ରା ନିଅନ୍ତି । ସହର ଦାଣ୍ଡରେ ଘୂରି ବୁଲୁଥିବା ବୁଲା ଷଣ୍ଢ ମଧ୍ୟ କାହାର ବାରଣ୍ଡା ଉପରକୁ ଉଠିଯାଏ । ତେଣୁ ଏପରି ଅବସ୍ଥାରେ, କେଶୁର ଗଜା ମାରୁ ବା ନ ମାରୁ, ବେଙ୍ଗଟିଏ ଯଦି ସାରୁଗଛ ତଳରେ ଆଶ୍ରୟ ନେଲା ସେଥିରେ ଆଶ୍ଚର୍ଯ୍ୟ ହେବାର ବା କ'ଣ ଥାଇପାରେ ? ହୁଏତ ସାରୁ ପତ୍ରର ଛତ୍ର ତଳେ ଆସୀନ ଏହି ବେଙ୍ଗଟି ତା' ପୁଅ ଝିଅମାନେ କିଏ କେଉଁଠି ଆଶ୍ରୟ ପାଇଲେଣି ନା ନାହିଁ ସେ ସମ୍ବନ୍ଧରେ ଖୋଜ ଖବର ନେବା ଉଦ୍ଦେଶ୍ୟରେ ବଡ଼ ପାଟିକରି ଦି'ଚାରୋଟି ପ୍ରଶ୍ନ ପଚାରିଦେଲା – ଅଥବା 'ଆମ ଆଡ଼ିକି ବେଶ୍ ବର୍ଷା, ତମ ଆଡ଼ିକି କେମିତି ହେ ସମୁଧୀ' ବୋଲି ପାଖ ଗାଁ ଉଦ୍ଦେଶ୍ୟରେ କେତୋଟି ବିରାଟ କୁହାଟ ଛାଡ଼ିଦେଲା ।

ଏହା ମଧ୍ୟ ହୋଇପାରେ ଯେ, ମା' ମାନେ ଯେମିତି 'ଆ ଜହ୍ନମାମୁ ସରଗ ଶଶୀ, ମୋ କାହ୍ନୁ ହାତରେ ପଡ଼ ତୁ ଖସି' ଗାଇ ଗାଇ ଅଝଟ ଛୁଆମାନଙ୍କୁ ଖୁଆଇବାକୁ ଚେଷ୍ଟା କରନ୍ତି କିମ୍ବା ସେମାନଙ୍କ ମୁଣ୍ଡ ଥାପୁଡ଼େଇ ଥାପୁଡ଼େଇ ଗାଁ ମୁଣ୍ଡ ବରଗଛ ତଳର ଦାଢ଼ିଆ କାବୁଲି କେମିତି, ତା ଝୁଲି ମୁଣିରେ କାନ୍ଦୁରା ପିଲାମାନଙ୍କୁ ଭର୍ତ୍ତିକରି ନେଇଯାଉଛି ସେକଥା କହି "ଶୋଇ ଯା'ରେ ଧନ ମୋର..." ଗୀତ ମେଲି ଦିଅନ୍ତି, ସେମିତି, ଦି'ଚାରୋଟି ଝଡ଼ିପୋକ ଖୁଆଇଦେବା ଆଶାରେ ଅଥବା ଟପର ଟପର ବର୍ଷା ଶବ୍ଦରେ ଶୋଇପାରୁ ନଥିବା ଆଉ ଅଯଥା ଡେଇଁ ବୁଲୁଥିବା ଅଝଟ ବେଙ୍ଗ ଛୁଆମାନଙ୍କୁ ଶୁଆଇ ଦେବା ଉଦ୍ଦେଶ୍ୟରେ ବେଙ୍ଗୁଲି ତା'ର ରାତିର ଲମ୍ବା ଗୀତ ମେଲି ଦେଇଛି । ସେଥିରୁ କିପରି ପ୍ରମାଣ ମିଳିଲା ଯେ ବେଙ୍ଗଟି ସାରୁ ଗଛ ମୂଳେ ବସି ଆପେ ଆପଣାକୁ ରାଜା ବୋଲାଉଛି ? ବିଦ୍ରୂପ କରିବା ଛଡ଼ା ଏହାର ଆଉ କ'ଣ ବା ଅର୍ଥ ହୋଇପାରେ ?

ଏତିକି ନୁହେଁ । ମଣିଷ ପାଖରୁ ବେଙ୍ଗ ସାଧାରଣ ନ୍ୟାୟ ବିଚାର ମଧ୍ୟ ପାଇନି ।

ସରସୀ ଜଳରେ ନିରୀହ ମଣ୍ଡୂକ ଅହି କବଳରେ ପଡ଼ିଛି । ମଣ୍ଡୂକ ପ୍ରତି ମଣିଷର ଦୟା ନାହିଁ, ସହାନୁଭୂତି ନାହିଁ କିମ୍ବା 'ଆହା' ପଦୁଟିଏ ମଧ୍ୟ ନାହିଁ । ନିର୍ମମ ଯନ୍ତ୍ରଣା ଦେଇ ମଣ୍ଡୂକକୁ ତିଳ ତିଳ କରି ମାରୁଥିବା ଅହି କେବଳ 'କ୍ରୂର ଅହି' ପଦକ ଗାଳିରେ ଖସିଯାଇଛି । କିନ୍ତୁ ସେହି ବେଙ୍ଗ ଯେତେବେଳେ ଖଟେଇ ହେଲାପରି ମୁହଁ ପାଖରେ ଉଡ଼ିଯାଉଥିବା ଗୋଟିଏ କଙ୍କିକୁ ଗିଳିଦେଇଛି, ସେ କଙ୍କିଟିକୁ କେବଳ ଯେ 'ଶିଶୁ କଙ୍କି' ବୋଲି କୁହାଯାଇଛି ତା ନୁହେଁ, ବେଙ୍ଗଟି 'ଉହୁଙ୍କି' ଶିଶୁ କଙ୍କିକୁ ଗିଳିଦେଲା ବୋଲି ବର୍ଣ୍ଣନା କରାଯାଇଛି । ବେଙ୍ଗର ଅଧାରୁ ବେଶି ତ ସାପର ପାଟି ଭିତରେ, ସେ ବିଚରା ଉହୁଙ୍କିବ କିପରି ?

ନୀଳ ଆକାଶର ଛତ୍ରତଳେ ନିଜକୁ ଜୀବ ଜଗତର ସମ୍ରାଟ ବୋଲାଉଥିବା ମଣିଷ, ସୃଷ୍ଟିର ଶ୍ରେଷ୍ଠ ଜୀବ ବୋଲି ନିଜେ ନିଜର ଡିଣ୍ଡିମ ପିଟୁଥିବା ମଣିଷ, ଦୟା, ଅହିଂସା, ପରୋପକାରର ଦ୍ୱାହି ଦେଉଥିଲେ ମଧ୍ୟ ଚିରଦିନ ଦୁର୍ବଳ

ଉପରେ ଅତ୍ୟାଚାର କରିଆସିଛି । ଦୁର୍ବଳତାକୁ ହେୟଜ୍ଞାନ କରିଛି ଆତ୍ମଗରିମା ଓ ଆତ୍ମଶ୍ଳାଘା ନେଇ ।

କେଉଁ ଅଜଣା ଅତୀତରୁ ଆଜି ପର୍ଯ୍ୟନ୍ତ ମାନବ ସମାଜର ଦୁର୍ଯ୍ୟୋଧନ ଓ ଦୁଃଶାସନମାନେ ଦ୍ରୌପଦୀଙ୍କୁ ବିବସନା କରିବାକୁ ସତତ ଚେଷ୍ଟା କରିଆସିଛନ୍ତି । ଯେତେବେଳେ ପାଣ୍ଡବ ଶକ୍ତି ରକ୍ଷାକବଚ ହୋଇ ଦ୍ରୌପଦୀଙ୍କ ପାଖକୁ ଯିବାକୁ ଭରସିପାରିନାହିଁ, ସେହି ଶକ୍ତି ଯେତେବେଳେ ମୂହ୍ୟମାନ ହୋଇପଡ଼ିଛି, ଦୁଃଶାସନ ଅବଳା ଦ୍ରୌପଦୀଙ୍କ କେଶ ଧରି ଘୋଷାରି ନେଇଛି-ସଭାରେ ସମସ୍ତଙ୍କ ସମ୍ମୁଖରେ ଲାଞ୍ଛନା ଓ ଅପମାନ ଦେବାପାଇଁ । କେବେ କେଉଁଠି ଦ୍ରୌପଦୀଙ୍କ କେଶ ବନ୍ଧନ ହୋଇଛି, କିନ୍ତୁ ଅନେକ ସ୍ଥଳରେ ଏପରି ଅବଳାମାନଙ୍କ କେଶ ଚିର ମୁକୁଳା ରହିଯାଇଛି- ବାଂଲାଦେଶର ଲକ୍ଷ ଲକ୍ଷ ନିରୀହା ଅବଳାଙ୍କ ପରି ।

ଆବହମାନ କାଳରୁ ମଣିଷ ଶକ୍ତିକୁ ସମ୍ମାନ ଦେଇଆସିଛି । ଏ ଶକ୍ତି ଯେତେବେଳେ ପାଶବିକ ଶକ୍ତିର ରୂପ ନେଇଛି, ମଣିଷ ତାକୁ ସମ୍ମାନ ଦେଇଛି ପ୍ରାଣର ଭୟରେ, ଜୀବନର ଆକୁଳତାରେ -ଦେବତାମାନେ ରାବଣର ଆଲଟ ଚାମର ଢାଳିବା, ଲୁଗା ପଖାଳିବା ରୀତିରେ । ମହାବଳ ବାଘ ମଧ୍ୟ ମାମୁ ହୋଇଛି - ହିମାଳୟର ସନ୍ତାନ ହୋଇଥିବା ଯୋଗୁଁ ହିମାଳୟ ନନ୍ଦିନୀ ମା' ପାର୍ବତୀଙ୍କ ଭାଇ ଲେଖାରେ ।

ଏ ଶକ୍ତି ଯେତେବେଳେ ମଣିଷର ଉପକାର କରିବା ସଙ୍ଗେ ସଙ୍ଗେ ଧ୍ୱଂସର ତାଣ୍ଡବଲୀଳା ମଧ୍ୟ ସୃଷ୍ଟି କରିଛି, ମଣିଷ ସେ ଶକ୍ତିକୁ ଦୈବୀଶକ୍ତି ରୂପରେ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରିଛି । ଅଗ୍ନି ଯେତେବେଳେ ତା'ର ଘରଦ୍ୱାର ପୋଡ଼ି ଛାରଖାର କରିଦେଇଛି, ସେ ଡରରେ ଅଗ୍ନିକୁ ଦେବତା ବୋଲି କହି ତାଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ହୋମଯଜ୍ଞର ଭିଆଣ କରିଛି । ପବନ ଯେତେବେଳେ ଅଣଚାଶର ମୂର୍ତ୍ତି ଧରି ମଣିଷର କ୍ଷୁଦ୍ର ସୃଷ୍ଟିକୁ କ୍ଷଣକରେ ଧୂଳିସାତ୍ କରିଦେଇଛି, କରାଳ ବନ୍ୟାରେ ଯେତେବେଳେ ଗାଁ ଗଣ୍ଡା ନିଶ୍ଚିହ୍ନ ହୋଇଯାଇଛି, ମଣିଷ ପବନ ଓ ବରୁଣଙ୍କୁ ଦେବତା ଆଖ୍ୟା ଦେଇ ସେମାନଙ୍କର ସ୍ତୋତ୍ର ଗାନ କରିଛି ।

ଆଉ ଏ ଶକ୍ତି ଯେତେବେଳେ କେବଳ ମଙ୍ଗଳମୟ ଓ ରକ୍ଷାକାରୀ ଶକ୍ତି ରୂପରେ ଦେଖା ଦେଇଛନ୍ତି, ମଣିଷ ସେ ଐଶୀ ଶକ୍ତିକୁ ପୂଜା କରିଛି -କୃତଜ୍ଞତାରେ-କୃତଜ୍ଞତାଜନିତ ଭକ୍ତିର ବିହ୍ୱଳତାରେ । ପ୍ରାଣର ଆବେଗରେ, ମନର ଆନନ୍ଦରେ ମଣିଷ ଏ ଶକ୍ତିକୁ କେତେବେଳେ ମା' ବୋଲି ଡାକିଚି, କେତେବେଳେ ପିତା ବୋଲି ସମ୍ବୋଧନ କରିଛି । କେତେବେଳେ ଗୁରୁ ବୋଲି କହିଛି, ଆଉ କେତେବେଳେ ବନ୍ଧୁ ଓ ସଖା ବୋଲି ଆଦର କରିଛି ।

ଦୁର୍ବଳକୁ ରକ୍ଷା କରିବା ତଥା ସାହାଯ୍ୟ କରିବା ପ୍ରତ୍ୟେକଙ୍କ କର୍ତ୍ତବ୍ୟ ବୋଲି ଆମ ପୂର୍ବପୁରୁଷମାନେ କହିଯାଇଛନ୍ତି । କିନ୍ତୁ ସେମାନେ ଦୁର୍ବଳତାକୁ ପ୍ରଶ୍ରୟ ଦେଇ ନାହାନ୍ତି; ବରଂ ସ୍ପଷ୍ଟ ଭାବରେ ନିନ୍ଦା କରି ଘୋଷଣା କରିଛନ୍ତି ଯେ ବଳହୀନ ଦ୍ୱାରା ଏ ଆତ୍ମା ପ୍ରାପ୍ୟ ନୁହେଁ । ଶକ୍ତିର ଆହରଣ ଓ ସଞ୍ଚୟ ଆମର ଧ୍ୟେୟ ହେବା ଉଚିତ ବୋଲି କହିବା ସଙ୍ଗେ ସଙ୍ଗେ ସେ ଶକ୍ତି ଯେପରି ପାଶବିକ ଶକ୍ତିର ରୂପ ନ ନିଏ, ସେଥିପାଇଁ ଜ୍ଞାନର ଆବଶ୍ୟକତା ସୂଚାଇ ଦେବାକୁ ଯାଇ ଯେଉଁ ଆଦର୍ଶର ଇଙ୍ଗିତ ଦେଇଛନ୍ତି ପୃଥିବୀର ଅନ୍ୟତ୍ର ତା'ର ପଟାନ୍ତର ନାହିଁ ।

ପୁରାଣର କାହାଣୀମାନଙ୍କ ମାଧ୍ୟମରେ ସେମାନେ ଆମକୁ ଏସବୁ ଆଦର୍ଶର ଶିକ୍ଷା ଦେଇଯାଇଛନ୍ତି । ବିଶ୍ୱାମିତ୍ରଙ୍କ ସାଧନାର କାହାଣୀ କାଳ୍ପନିକ ହୋଇପାରେ - କିନ୍ତୁ ଏ ଆଦର୍ଶର ଗୋଟିଏ ସୁନ୍ଦର ପ୍ରତୀକ । ଏଠାରେ ତାର ସାଧାରଣ ବର୍ଣ୍ଣନା ଅପ୍ରାସଙ୍ଗିକ ହେବନି ।

ପ୍ରତାପୀ ରାଜା ବିଶ୍ୱାମିତ୍ର ସୈନ୍ୟବଳ ଧରି ଦିଗ୍‌ବିଜୟରେ ବାହାରିଥିଲେ । ସୈନ୍ୟମାନେ ଶ୍ରାନ୍ତ ଓ କ୍ଳାନ୍ତ, ରାଜାଙ୍କୁ ମଧ୍ୟ ଖୁବ୍ ଭୋକ ଓ ଶୋଷ- ସେମାନେ ବଶିଷ୍ଠଙ୍କ ଆଶ୍ରମ ଦେଖିବାପାଇଁ ସେଠାକୁ ଗଲେ । କେବଳ

ତାଙ୍କ ପାଇଁ ନୁହେଁ, ସାରା ସୈନ୍ୟବଳ ପାଇଁ ବଶିଷ୍ଠ ସୁଖାଦ୍ୟର ଆୟୋଜନ ସହଜରେ କରିଦେଇଥିବା ଦେଖି ରାଜା ଆଶ୍ଚର୍ଯ୍ୟ ହେଲେ ଓ ପଚାରି ଜାଣିପାରିଲେ ଯେ ବଶିଷ୍ଠଙ୍କ ଗାଈ କାମଧେନୁ ଯୋଗୁଁ ହିଁ ତାହା ସମ୍ଭବ ହୋଇଛି ।

ରାଜାଙ୍କ ମନରେ ଲୋଭ ଜନ୍ମିଲା । ଏପରି ଗାଈ କେବଳ ରାଜାଙ୍କର ଧନ ହେବା ଉଚିତ୍ ଭାବି ସେ କାମଧେନୁକୁ ବଳାତ୍କାରରେ ସଙ୍ଗରେ ନେଇଯିବାକୁ ସୈନ୍ୟମାନଙ୍କୁ ଆଦେଶ ଦେଲେ । ବଶିଷ୍ଠ ଅତ୍ୟନ୍ତ ଦୁଃଖିତ ହୋଇ ଏ ଅନ୍ୟାୟର ପ୍ରତିବାଦ କଲେ, କିନ୍ତୁ ଫଳ କିଛି ହେଲାନି । କାମଧେନୁକୁ ଚଲାଇ ସାଙ୍ଗରେ ନେଇ ନ ପାରିଲାରୁ ସୈନ୍ୟମାନେ ଅନେକ ମାଡ଼ ମାରି ଚାରିଗୋଡ଼ ବାନ୍ଧି ରଥରେ ପକାଇ ନେଇ ଯିବାକୁ ଉଦ୍ୟମ କଲେ । ଗାଈ ପ୍ରତି ଏପରି ଅତ୍ୟାଚାର ଓ ତା'ର ବିକଳ କ୍ରନ୍ଦନ, ବଶିଷ୍ଠ ସମ୍ଭାଳି ପାରିଲେନି । କୁଶ ଖଣ୍ଡିଏ ମନ୍ତ୍ର କରି ଛାଡ଼ିଦେବା ଫଳରେ ବିଶ୍ୱାମିତ୍ରଙ୍କ ସୈନ୍ୟବଳର ସମୂଳ ବିନାଶ ହେଲା । ରାଜା ନିରସ୍ତ୍ର ହୋଇ ପଡ଼ିଲେ ଓ କାମଧେନୁ ମୁକୁଳି ଆସିଲେ ।

ଏତେ ବଡ଼ ପ୍ରତାପୀ ରାଜା ବିଶ୍ୱାମିତ୍ର ଏପରି ଭାବରେ ହାରି ଲଜ୍ଜା ଓ ଅପମାନରେ ସେଠାରୁ ପଳାଇ ଯାଇ ବଶିଷ୍ଠଙ୍କୁ ହରାଇବା ଉଦ୍ଦେଶ୍ୟରେ ଘୋର ତପସ୍ୟା ଆରମ୍ଭ କରିଦେଲେ । ଯଥାସମୟରେ ସେ ବର ପାଇ ସବୁ ଦେବଶର ଓ ବ୍ରହ୍ମଶରର ଅଧିକାରୀ ହେଲେ ଓ ପୁଣି ଥରେ ବଶିଷ୍ଠଙ୍କ ପାଖରୁ କାମଧେନୁ ଛଡ଼ାଇ ନେବା ଉଦ୍ଦେଶ୍ୟରେ ଆସିଲେ । କିନ୍ତୁ ଏଥର ମଧ୍ୟ ସବୁ ଚେଷ୍ଟା ବିଫଳ ହେଲା । ବ୍ରହ୍ମର୍ଷି ବଶିଷ୍ଠଙ୍କ ଦଣ୍ଡରେ ପଡ଼ି ବ୍ରହ୍ମଶର ମଧ୍ୟ ଲୀନ ହୋଇଗଲା । ବିଶ୍ୱାମିତ୍ର ବୁଝିପାରିଲେ ଯେ ବ୍ରହ୍ମତେଜ ସମ୍ମୁଖରେ ପାଶବିକ ଶକ୍ତି କିଛି ନୁହେଁ ।

ସେ ରାଜ୍ୟଭାର ଅନ୍ୟ ହାତରେ ସମର୍ପି ଦେଇ ବ୍ରହ୍ମଜ୍ଞାନ ଲାଭ ଆଶାରେ ତାଙ୍କ ଅଭୂତପୂର୍ବ ତପସ୍ୟା ଆରମ୍ଭ କରିଦେଲେ । କାଳେ ଇନ୍ଦ୍ରପଦ ନେଇଯିବେ, ଏଇ ଭୟରେ ଇନ୍ଦ୍ର ବିଶ୍ୱାମିତ୍ରଙ୍କ ତପ ଭଙ୍ଗ ପାଇଁ କିପରି ମେନକାଙ୍କୁ ପଠାଇଲେ, ଶକୁନ୍ତଳାଙ୍କ ଜନ୍ମ, ଚଣ୍ଡାଳ ତ୍ରିଶଙ୍କୁଙ୍କୁ ବିଶ୍ୱାମିତ୍ରଙ୍କ ସ୍ୱର୍ଗକୁ ପ୍ରେରଣ, ତ୍ରିଶଙ୍କୁଙ୍କ ନ ଯଯୌ ନ ତସ୍ଥୌ ଅବସ୍ଥା, ନୂତନ ସ୍ୱର୍ଗ ସୃଷ୍ଟି ପ୍ରଭୃତି ସମସ୍ତଙ୍କୁ ଜଣା ଅଧିକେ ଜଣା । ଏତେ ତପସ୍ୟା ପରେ ମଧ୍ୟ ସମ୍ପୂର୍ଣ୍ଣ ରୂପେ କ୍ରୋଧ ଦମନ କରିପାରି ନଥିବାରୁ ଆଉ ଅହଙ୍କାର ଯୋଗୁଁ ବିଶ୍ୱାମିତ୍ର ଆଉ ଥରେ ବଶିଷ୍ଠଙ୍କ ପାଖକୁ ଯାଇ ନିଜକୁ ଅପମାନିତ ମନେ କରିଥିଲେ । ଶେଷରେ ତାଙ୍କର ଯେତେବେଳେ ବ୍ରହ୍ମଜ୍ଞାନର ଉଦ୍ରେକ ହେଲା – ସେ ବଶିଷ୍ଠଙ୍କୁ ଦେଖାକଲେ ସହାସ୍ୟ ବଦନରେ । କ୍ରୋଧ କୁଆଡ଼େ ଚାଲିଯାଇ ଥିଲା – ବଶିଷ୍ଠଙ୍କୁ ହରାଇବା ପ୍ରଶ୍ନ ଆଉ ନ ଥିଲା । ବଶିଷ୍ଠ ବ୍ରହ୍ମର୍ଷି ବିଶ୍ୱାମିତ୍ରଙ୍କୁ ସସମ୍ମାନ ନିଜ ଆଶ୍ରମକୁ ପାଛୋଟି ନେଇଥିଲେ ।

ମହାତେଜସ୍ୱୀ ବ୍ରହ୍ମର୍ଷି ବିଶ୍ୱାମିତ୍ର ନିଜେ ଅତି ଶକ୍ତିମାନ୍ ହୋଇ ମଧ୍ୟ ପରେ ଆଉ ଅସ୍ତ୍ର ଧାରଣ କରିନାହାନ୍ତି । ସୁବାହୁ, ମାରିଚ, ତାଡ଼କା ପ୍ରଭୃତି ରାକ୍ଷସମାନଙ୍କ ଦାଉରୁ ନିଜ ଆଶ୍ରମକୁ ରକ୍ଷା କରିବା ପାଇଁ ଦଶରଥଙ୍କ ପାଖକୁ ଯାଇ ରାମ ଲକ୍ଷ୍ମଣଙ୍କୁ ସାଙ୍ଗରେ ନେଇ ଆସିଛନ୍ତି ଓ ସେମାନଙ୍କୁ ଧନୁର୍ବିଦ୍ୟା ଶିକ୍ଷା ଦେଇଛନ୍ତି ।

ଗାନ୍ଧିଜୀ ମଧ୍ୟ ଏପରି ଆଦର୍ଶ ଶିକ୍ଷା ଦେଇଯାଇଛନ୍ତି । ତାଙ୍କର ଅହିଂସା ଦୁର୍ବଳର ଅହିଂସା ନୁହେଁ । ତାହା ସବଳର ଅହିଂସା । ଥରେ ଛାତ୍ରମାନଙ୍କୁ ଗୋଟିଏ ସଭାରେ ଭାଷଣ ଦେଲାବେଳେ ସେ ଛାତ୍ରମାନଙ୍କ ଶୀର୍ଣ୍ଣ ଦୁର୍ବଳ ଶରୀର ସବୁକୁ ଲକ୍ଷ୍ୟ କରି ସୁସ୍ଥ ଓ ସବଳ ଶରୀର ଗଠନ ପାଇଁ ଉପଦେଶ ଦେବାକୁ ଯାଇ ତାଙ୍କ ପାଖରେ ବସିଥିବା ଆଲିଭାଇ, ବିଶାଳକାୟ ମହମ୍ମଦ ଆଲିଙ୍କୁ ଦେଖାଇ ପରିହାସ ଛଳରେ କହିଥିଲେ ଯେ ଏ ଆଲିଙ୍କ ଗାଲରେ ଯଦି କେହି ଚଟକଣାଟାଏ ମାରେ ଓ ସେ ଅନ୍ୟ ଗାଲ ଦେଖାଇ ଦିଅନ୍ତି ତେବେ ତାକୁ ହିଁ ଅହିଂସା କୁହାଯିବ, ଯେହେତୁ ଗୋଟିଏ

ଚଟକଣା ଜାଗାରେ ଦିଓଟି ଚଟକଣା ଦେବା ପାଇଁ ତାଙ୍କର ଶକ୍ତି ଅଛି । ମୋ ଗାଲରେ ଯଦି କେହି ଚଟକଣାଟିଏ ମାରେ ଆଉ ମୁଁ ଅନ୍ୟ ଗାଲଟି ଦେଖାଇ ଦିଏଁ–ତା' ଅହିଂସା ହେବନି, କାରଣ ଚଟକଣା ମାରିଥିବା ଲୋକର ଚଟକଣା ଦେବାର ଶକ୍ତି ଯେତେବେଳେ ନାହିଁ – ଅନ୍ୟ ଗାଲ ଦେଖାଇ ଦେବା ଛଡ଼ା ମୋର ଆଉ କି ଗତି ଅଛି ?

ଜ୍ଞାନ ବିନା ଶକ୍ତି ଯେପରି ପାଶବିକ ଶକ୍ତିର ରୂପ ନେଇପାରେ, ଶକ୍ତି ବିନା ଜ୍ଞାନ ସେପରି ପରିହାସର ସାମଗ୍ରୀ ହୋଇପାରେ । ସେଥିପାଇଁ ଜ୍ଞାନର ଗାରିମାରେ ଗରୀୟାନ ହେଲେ ହେଁ ଦୁର୍ବଳ ଭାରତ ପୃଥିବୀରେ ତାର ନ୍ୟାୟୋଚିତ ଆସନ ପାଇବା ତ ଦୂରେଥାଉ ଅନେକ ସମୟରେ ଉପହାସର ପାତ୍ର ହୋଇଛି ।

ଶକ୍ତି ଓ ଜ୍ଞାନର ସୁସମନ୍ୱୟ ହିଁ ଭାରତୀୟ ପରମ୍ପରାର ଆଦର୍ଶ । ତେଣୁ ଜ୍ଞାନର ପୀଠସ୍ଥଳୀ ଭାରତ ଆଜି ପରମାଣୁ ଶକ୍ତିର ଅଧିକାରୀ ହେବା ଫଳରେ ଭାରତର ଅର୍ଥନୈତିକ କ୍ଷେତ୍ରରେ ତାର ପ୍ରଭାବ ଯାହା ହେଉ ନା କାହିଁକି ମାନବ ସମାଜର ଯେ ମଙ୍ଗଳ ହୋଇଛି, ଏଥିରେ ସନ୍ଦେହ ନାହିଁ ।

## ସୂଚନା :

ମେନକା – ଅପ୍‌ସରା ବିଶେଷ । ମହର୍ଷି ବିଶ୍ୱାମିତ୍ରଙ୍କ ତପଭଙ୍ଗ ଉଦ୍ଦେଶ୍ୟରେ ଇନ୍ଦ୍ର ତାଙ୍କୁ ପ୍ରେରଣ କରିଥିଲେ । ଏହାଙ୍କ ଗର୍ଭରୁ ବିଶ୍ୱାମିତ୍ରଙ୍କ ଔରସରେ ଶକୁନ୍ତଳା ଜନ୍ମିଥିଲେ ।

ତ୍ରିଶଙ୍କୁ – ସୂର୍ଯ୍ୟବଂଶୀୟ ରାଜା । ସଶରୀରେ ସ୍ୱର୍ଗଲାଭ ନିମିତ୍ତ କୁଳଗୁରୁ ବଶିଷ୍ଠଙ୍କୁ ଉପାୟ ସୃଷ୍ଟି ପାଇଁ ଅନୁରୋଧ କରିଥିଲେ । ବଶିଷ୍ଠ ତାଙ୍କ ପ୍ରସ୍ତାବରେ ରାଜି ନ ହେବାରୁ ତାଙ୍କ ପୁତ୍ରମାନଙ୍କୁ ଏ କ୍ଷେତ୍ରରେ ସାହାଯ୍ୟ ପାଇଁ କହିଥିଲେ । ସେମାନେ ରାଜି ନ ହେବାରୁ କ୍ରୋଧରେ ଗୁରୁକୁଳ ତ୍ୟାଗ କରିଯିବାକୁ ଧମକ ଦେବାରୁ ବଶିଷ୍ଠଙ୍କ ପୁତ୍ରମାନଙ୍କ ଶାପ୍ୟରେ ଚଣ୍ଡାଳରେ ପରିଣତ ହୋଇଥିଲେ । ତାଙ୍କ ଚଣ୍ଡାଳ ରୂପ ଦେଖି ମନ୍ତ୍ରୀମାନେ ତ୍ୟାଗକରିବାରୁ ସେ ବିଶ୍ୱାମିତ୍ରଙ୍କ ଶରଣାପନ୍ନ ହେଲେ । ବିଶ୍ୱାମିତ୍ର ତାଙ୍କୁ ସ୍ୱଦେହରେ ସ୍ୱର୍ଗକୁ ପଠାଇବାକୁ ଯଜ୍ଞ ଆରମ୍ଭ କଲେ । କୌଣସି ଦେବତାଙ୍କର ଯଜ୍ଞକୁ ଆଗମନ ନହେବାରୁ ବିଶ୍ୱାମିତ୍ର କ୍ରୁଦ୍ଧ ହୋଇ ନିଜ ତପସ୍ୟାବଳରେ ତ୍ରିଶଙ୍କୁଙ୍କୁ ସ୍ୱର୍ଗକୁ ପ୍ରେରଣ କରିବା ପ୍ରୟାସ କଲେ । ରାଜା ଧୀରେ ଧୀରେ ସ୍ୱର୍ଗ ଦିଗକୁ ଗମନ କରିବାକୁ ଲାଗିଲେ । ଦେବରାଜ ଇନ୍ଦ୍ର ତାଙ୍କୁ ସ୍ୱର୍ଗରେ ସ୍ଥାନ ଦେବାକୁ କୁଣ୍ଠିତ ହୋଇ ନିଷେଧାଜ୍ଞା ପ୍ରଚାର କଲେ । ବିଶ୍ୱାମିତ୍ର ଏଥିରେ କ୍ରୁଦ୍ଧହୋଇ ଦ୍ୱିତୀୟ ସ୍ୱର୍ଗ ଓ ମର୍ତ୍ତ୍ୟ ସୃଷ୍ଟିକଲେ । ଦକ୍ଷିଣ ଦିଗରେ

ସପ୍ତର୍ଷି ମଣ୍ଡଳ ଓ ନକ୍ଷତ୍ରଗଣ ସୃଷ୍ଟିହେଲେ । ଦେବତାମାନେ ଭୟରେ ବିଶ୍ୱାମିତ୍ରଙ୍କ ଶରଣାପନ୍ନ ହେବାରୁ ସେ କହିଲେ ତ୍ରିଶଙ୍କୁ ଆଉ ଅଧଃପତିତ ହେବନାହିଁ । ଦେବତାମାନେ ଏଥିରେ ସ୍ୱୀକୃତ ହେଲେ ଓ ସେହିଦିନଠାରୁ ତ୍ରିଶଙ୍କୁ ଅଧୋବଦନ ହୋଇ ବିଶ୍ୱାମିତ୍ର ସୃଷ୍ଟ ଧ୍ରୁବ ଓ ଅମର ନକ୍ଷତ୍ର ପରିବେଷ୍ଟିତ ପୂର୍ବକ ଅନ୍ତରୀକ୍ଷରେ ବିରାଜମାନ ହେଲେ । ସେଥିପାଇଁ ତ୍ରିଶଙ୍କୁ ଅଧା ସ୍ୱର୍ଗରେ ଝୁଲୁଛନ୍ତି ବୋଲି କୁହାଯାଏ ।

କାମଧେନୁ - ସମୁଦ୍ର ମନ୍ଥନରୁ ଜାତ ଗାଈ । ପୌରାଣିକ ବିଶ୍ୱାସ ଅନୁଯାୟୀ ସେ ସମସ୍ତ ପ୍ରକାର ପ୍ରାର୍ଥନା ପୂରଣ କରିପାରନ୍ତି । ଏହି ଗାଈ ବଶିଷ୍ଠଙ୍କ ନିକଟରେ ଥିଲେ । ସେ ନିଜ ଅଦ୍ଭୁତ କ୍ଷମତା ବଳରେ ଅସଂଖ୍ୟ ସୈନ୍ୟ ସୃଷ୍ଟିକରି କାର୍ତ୍ତବୀର୍ଯ୍ୟର ଆକ୍ରମଣକୁ ବ୍ୟର୍ଥ କରିଥିଲେ । ପୁନଶ୍ଚ ବିଶ୍ୱାମିତ୍ର ଓ ବଶିଷ୍ଠଙ୍କ ବିବାଦରେ ସେ ବହୁ ଯୋଦ୍ଧା ଜାତ କରିଥିବା ବିଷୟ ପୁରାଣରେ ବର୍ଣ୍ଣିତ ହୋଇଛି ।

ଛତ୍ର - ଛତା, ଆଚ୍ଛାଦନ

କେଶୁର - କେଉଟ ମୁଥା

ହୁଡ଼ା - ପୋଖରୀ ବା ବିଲ ଚାରିପାଖରେ ଦିଆଯାଇଥିବା ମାଟିରବନ୍ଧ

ଛତୁରୀ - ବାଉଁଶ ପାତିଆ ଓ ତାଳପତ୍ରରେ ନିର୍ମିତ ଏକପ୍ରକାର ଛତା, ଯାହା ଖରା ଓ ବର୍ଷାରେ ବ୍ୟବହୃତ ହୋଇଥାଏ ।

ଦଣ୍ଡ - ବାଡ଼ି, ଯଷ୍ଟି

ଅହି - ସାପ

ଦ୍ୱାହି - ରାଣ, ଶପଥ

ଆତ୍ମଗାରିମା - ଆତ୍ମପ୍ରଶଂସା

ଭରସି - ସାହସ

ମୂହ୍ୟମାନ - ଅତିଶୟ କାତର, ମୋହଗ୍ରସ୍ତ

ପାଶବିକ - ନିଷ୍ଠୁର, ପଶୁତୁଲ୍ୟ

ଆବହମାନ - ପୂର୍ବରୁ ଗଡ଼ି ଆସୁଥିବା, କ୍ରମାଗତ

ଭିଆଣ - ବିଧାନ, ସର୍ଜନ, ସଂଘଟନ

ପଟାନ୍ତର - ତୁଳନା, ଉପମା

ଧ୍ୟେୟ - ସ୍ମରଣୀୟ, ଆଲୋଚନୀୟ, ଚିନ୍ତନୀୟ

ଅଭୂତପୂର୍ବ - ଯାହା ପୂର୍ବେ ଘଟିନାହିଁ

ଗରୀୟାନ - ଶ୍ରେଷ୍ଠ, ଗୁରୁତର

ଶ୍ରାନ୍ତ - ଶ୍ରମଯୁକ୍ତ, ପରିଶ୍ରମ ଯୋଗୁଁ ହାଲିଆ ହୋଇପଡ଼ିବା

## ପ୍ରଶ୍ନାବଳୀ

### ନିର୍ଦ୍ଦିଷ୍ଟ ଉତ୍ତରମୂଳକ:

୧. ଯେପରି 'ଜ୍ଞାନ' ଶବ୍ଦରେ 'ଇନ୍' ପ୍ରତ୍ୟୟ ଯୋଗ ହୋଇ 'ଜ୍ଞାନୀ' ଶବ୍ଦ ଗଠିତ ହୋଇଥାଏ, ସେହିପରି 'ଇନ୍' ଶବ୍ଦ ବ୍ୟବହାର କରି ଆଉ ଚାରୋଟି ଶବ୍ଦ ଗଢ଼ ।

୨. ଯେପରି ନ ଉଚିତ = ଅନୁଚିତ

ସେହିପରି ଆଉ ଚାରୋଟିର ଉଦାହରଣ ଦିଅ ।

୩. ଦୁଇଟି କରି ପ୍ରତିଶବ୍ଦ ଲେଖ ।

ଆକାଶ, ଶଶୀ, ମଣ୍ଡୂକ, ରାଜା, ଅହି ।

୪. ସନ୍ଧିବିଚ୍ଛେଦ କର ।

ନ୍ୟାୟୋଚିତ, ପ୍ରତ୍ୟେକ, ଧନୁର୍ବିଦ୍ୟା, ବ୍ରହ୍ମର୍ଷି

୫. ନିମ୍ନଲିଖିତ ବିଶେଷ୍ୟ ଶବ୍ଦଗୁଡ଼ିକର ବିଶେଷଣ ରୂପ ଲେଖ ।

କାଳ, ଦୁର୍ବଳତା, ଅପମାନ, ଦୁଃଖ, ଶିକ୍ଷା

୬. ବନ୍ଧନୀ ମଧ୍ୟରୁ ଠିକ୍ ଶବ୍ଦମାନ ବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ଗାଈପ୍ରତି ଏପରି ଅତ୍ୟାଚାର ଓ ତା'ର ______________ କ୍ରନ୍ଦନ ବଶିଷ୍ଠ ସମ୍ଭାଳି ପାରିଲେନି ।

(ଆକୁଳ, ବିକଳ, କରୁଣ)

(ଖ) ମଣିଷ ପାଖରୁ ବେଙ୍ଗ ସାଧାରଣ ନ୍ୟାୟ ______________ ମଧ୍ୟ ପାଇନି ।

(ଆଚାର, ନୀତି, ବିଚାର)

(ଗ) ଆବହମାନ କାଳରୁ ମଣିଷ ______________ କୁ ସମ୍ମାନ ଦେଇ ଆସିଛି ।

(ଶକ୍ତି, ଜ୍ଞାନ, ବୁଦ୍ଧି)

(ଘ) ଗାନ୍ଧିଜୀ ମଧ୍ୟ ଏପରି ______________ ଶିକ୍ଷା ଦେଇ ଯାଇଛନ୍ତି ।

(ଆଦର୍ଶ, ଉଚିତ୍, ମୂଲ୍ୟବାନ)

୭. ପ୍ରଦତ୍ତ ଉତ୍ତରଗୁଡ଼ିକରୁ ଠିକ୍ ଉତ୍ତରଟି ବାଛିଲେଖ ।

(କ) ମେଘ ବରଷିଲାବେଳେ ଜନପ୍ରାଣୀ କେଉଁଠି ଆଶ୍ରା ଖୋଜି ବସନ୍ତି ?

(i) କ୍ଷେତରେ, (ii) ପଡ଼ିଆରେ, (iii) ଛତ୍ରତଳେ (iv) ରାସ୍ତା ଉପରେ

(ଖ) ଆବହମାନ କାଳରୁ ମଣିଷ କାହାକୁ ସମ୍ମାନ ଦେଇ ଆସିଛି ?

(i) ଜ୍ଞାନକୁ (ii) ଧନକୁ (iii) ବୁଦ୍ଧିକୁ (iv) ଶକ୍ତିକୁ

(ଗ) କ'ଣ ଆମର ଧ୍ୟେୟ ହେବା ଉଚିତ୍ ?

(i) ଶକ୍ତିର ଆହରଣ ଓ ସଞ୍ଚୟ (ii) ଜ୍ଞାନର ଆହରଣ

(iii) ପାଶବିକ ଶକ୍ତି (iv) ଐଶୀ ଶକ୍ତିର ପୂଜା ଉପାସନା

(ଘ) ବଶିଷ୍ଠ କେଉଁପ୍ରକାର ଋଷି ଥିଲେ ?

(i) ଦେବର୍ଷି (ii) ବ୍ରହ୍ମର୍ଷି (iii) ରାଜର୍ଷି (iv) ମହର୍ଷି

## କ୍ଷୁଦ୍ର ଉତ୍ତରମୂଳକ :

୮. ଚାହାଳୀ ପିଲାମାନେ ବେଙ୍ଗ ପାଇଁ କିପରି କାଳ ହୋଇଥାନ୍ତି ?

୯. ଭଲକରି ପାଦ ପକାଇ ଜାଣୁନଥିବା ଛୁଆଟିଏ କିପରି ବେଙ୍ଗକୁ କଷ୍ଟ ଦେଇଥାଏ ?

୧୦. ବର୍ଷା ସମୟରେ ବେଙ୍ଗଟି କାହିଁକି ବଡ଼ ପାଟି କରିଥାଏ ?

୧୧. ସୃଷ୍ଟିର ଶ୍ରେଷ୍ଠଜୀବ ମଣିଷ ଚିରଦିନ କ'ଣ କରିଆସିଛି ?

୧୨. ମଣିଷ କେତେବେଳେ ଶକ୍ତିକୁ ଭୟକରିଛି ?

୧୩. ମଣିଷ କେତେବେଳେ ଶକ୍ତିକୁ ଦୈବୀ ଶକ୍ତିରୂପେ ସନ୍ତୁଷ୍ଟ କରିବାକୁ ଚେଷ୍ଟାକରିଛି ?

୧୪. ବଶିଷ୍ଠ କାହିଁକି ବିଶ୍ୱାମିତ୍ରଙ୍କ ସୈନ୍ୟବଳକୁ ବିନାଶ କଲେ ?

୧୫. କ'ଣ ପାଇଁ ବିଶ୍ୱାମିତ୍ର ଘୋର ତପସ୍ୟା କରିଥିଲେ ?

୧୬. ବ୍ରହ୍ମଜ୍ଞାନର ଉଦ୍ରେକ ପରେ ବିଶ୍ୱାମିତ୍ରଙ୍କ ସ୍ୱଭାବ କିପରି ହୋଇଥଲା ?

୧୭. ଭାରତୀୟ ପରମ୍ପରାର ଆଦର୍ଶ କ'ଣ ?

୧୮. ବିଶ୍ୱାମିତ୍ର ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ କ'ଣ କରିଥିଲେ ?

୧୯. ଗାନ୍ଧିଜୀଙ୍କର ଅହିଂସା ନୀତି କ'ଣ ଥିଲା ?

୨୦. ଗାନ୍ଧିଜୀ କାହିଁକି ଆଲିଭାଇଙ୍କ ଉଦାହରଣ ଦେଇଥିଲେ ?

୨୧. ଭାରତ କ'ଣ ପାଇଁ ଉପହାସର ପାତ୍ର ହୋଇଛି ବୋଲି ଲେଖକ କହିଛନ୍ତି ?

## ସପ୍ରସଙ୍ଗ ସରଳାର୍ଥ ଲେଖ :

୨୨. ଜ୍ଞାନ ବିନା ଶକ୍ତି ଯେପରି ପାଶବିକ ଶକ୍ତିର ରୂପ ନେଇପାରେ, ଶକ୍ତିବିନା ଜ୍ଞାନ ସେପରି ପରିହାସର ସାମଗ୍ରୀ ହୋଇପାରେ ।

୨୩. ଶକ୍ତି ଯେତେବେଳେ ପାଶବିକ ଶକ୍ତିର ରୂପ ନେଇଛି, ମଣିଷ ତାକୁ ସମ୍ମାନ ଦେଇଛି ପ୍ରାଣର ଭୟରେ, ଜୀବନର ଆକୁଳତାରେ ।

୨୪. ବଳହୀନ ଦ୍ୱାରା ଏ ଆତ୍ମା ପ୍ରାପ୍ୟ ନୁହେଁ ।

୨୫. କେଉଁ ଅଜଣା ଅତୀତରୁ ଆଜି ପର୍ଯ୍ୟନ୍ତ ସମାଜର ଦୁର୍ଯ୍ୟୋଧନ ଓ ଦୁଃଶାସନମାନେ ଦ୍ରୌପଦୀଙ୍କୁ ବିବସନା କରିବାକୁ ସତତ ଚେଷ୍ଟା କରିଆସିଛନ୍ତି ।

## ଦୀର୍ଘ ଉତ୍ତରମୂଳକ:

୨୬. ଶକ୍ତି ସହିତ ଜ୍ଞାନର ସମନ୍ୱୟ ହେବା ଉଚିତ ବୋଲି କାହିଁକି ପ୍ରାବନ୍ଧିକ କହିଛନ୍ତି ?

୨୭. ଶକ୍ତି ସମ୍ପର୍କରେ ଲେଖକ ପ୍ରଦାନ କରିଥିବା ବିଭିନ୍ନ ଉଦାହରଣ ଗୁଡ଼ିକରୁ ତାର ପ୍ରାସଙ୍ଗିକତା ବିଷୟରେ ଆଲୋଚନା କର ।

୨୮. ବିଶ୍ୱାମିତ୍ର ଓ ବଶିଷ୍ଠଙ୍କ ଉପାଖ୍ୟାନରୁ ଆମକୁ କ'ଣ ଶିକ୍ଷା ମିଳିଥାଏ ?

୨୯. ଶକ୍ତି ଓ ଜ୍ଞାନ କ୍ଷେତ୍ରରେ ସମ୍ପ୍ରତି ବିଶ୍ୱରେ ଭାରତର ସ୍ଥାନ ନିରୂପଣ କର ।

## ତୁମ ପାଇଁ କାମ:

୩୦. ତୁମ ଜୀବନରେ ଶକ୍ତି ଓ ଜ୍ଞାନର ଆବଶ୍ୟକତା ସମ୍ବନ୍ଧରେ ଆଲୋଚନା କର ।

୩୧. ଲେଖକଙ୍କ ଜୀବନୀ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଲେଖ ଓ ତାଙ୍କର ଅନ୍ୟାନ୍ୟ ପୁସ୍ତକ ସଂଗ୍ରହ କରି ପଢ଼ ।

❖❖❖

# ଓଡ଼ିଆ ସାହିତ୍ୟ କଥା

## (ଆଦ୍ୟ ଭାଗ)

**●ପ୍ରସ୍ତୁତି : ଓଡ଼ିଆ ସିଲାବସ କମିଟି**

**ସୂଚନା :**

*(ଓଡ଼ିଆ ଭାଷା ସାହିତ୍ୟ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କର ପ୍ରାଥମିକ ପରିଚୟ ନିମିତ୍ତ 'ଓଡ଼ିଆ ସାହିତ୍ୟ କଥା' (ଆଦ୍ୟଭାଗ) ନାମକ ଏହି ସ୍ୱତନ୍ତ୍ର ରଚନା ଓଡ଼ିଆ ସିଲାବସ୍ କମିଟି ଦ୍ୱାରା ପ୍ରସ୍ତୁତ କରାଯାଇ ପୁସ୍ତକରେ ଦିଆଯାଇଛି । ଏହି ରଚନାରୁ କେତୋଟି ସାଧାରଣ ପ୍ରଶ୍ନ ଛାତ୍ରଛାତ୍ରୀମାନଙ୍କୁ ପଚରାଯିବ । କିନ୍ତୁ କୌଣସି ସରଳାର୍ଥ ଲେଖିବା ପାଇଁ ଦିଆଯିବ ନାହିଁ ।)*

---

**ଭା**ରତ ବର୍ଷର ବିଭିନ୍ନ ଭାଷା ଓ ସାହିତ୍ୟ ମଧ୍ୟରେ ଓଡ଼ିଆ ଭାଷା ଓ ସାହିତ୍ୟ ଅନ୍ୟତମ ପ୍ରାଚୀନ ଗୌରବର ଅଧିକାରୀ । ସଂସ୍କୃତ, ପାଲି, ପ୍ରାକୃତ ଓ ଅପଭ୍ରଂଶର କୁକ୍ଷୀ ଭିତରୁ ଓଡ଼ିଆ ଭାଷାର ଆଦି ଉନ୍ମେଷ ଘଟେ ଦଶମ / ଏକାଦଶ ଶତାବ୍ଦୀ ବେଳକୁ । ଏହି ସମୟରେ ହିଁ ଓଡ଼ିଆ ଲିପିର ହେଲା ଉଦ୍ଭବ । ଲିପିର ବିକାଶ ସଂଗେ ସଂଗେ ଲିଖିତ ସାହିତ୍ୟର ହୋଇଛି ଉନ୍ମେଷ । ଏହା ସତ୍ୟ ଯେ କୌଣସି ଭାଷାର ଲିପି ଓ ଲିଖିତ ସାହିତ୍ୟର ଉଦ୍ଭବ ପୂର୍ବରୁ କିଛି କାଳ ଧରି ଲୋକମୁଖରେ ଭାଷା ପ୍ରଚଳିତ ଥିବ। ସେତେବେଳେ ହୁଏତ ଲୋକମୁଖର ଭାଷାରେ ସୃଷ୍ଟି ହୋଇଥିବ ଲୋକସାହିତ୍ୟ ମାତ୍ର ସେତେବେଳେ ତାହାର ରୂପ କ'ଣ ଥିଲା ଏବେ କହିବା କଷ୍ଟକର। ଏବେ ଆମେ ଯେଉଁ ଲୋକସାହିତ୍ୟ ଦେଖୁଛୁ ତାହା ହୁଏତ ପରବର୍ତ୍ତୀ ସୃଷ୍ଟି ହୋଇଥିବ। ଲୋକଙ୍କ ଅଭିଜ୍ଞତା, ଜୀବନାନୁଭବ, ଆଚାର ବିଚାର, ସମାଜିକ ସମ୍ପର୍କ, ଧର୍ମଦୃଷ୍ଟି ଇତ୍ୟାଦି ସ୍ୱତଃ ଲୋକଙ୍କ ମୁଖରୁ କବିତା, ଢଗଢମାଳି ଓ ପ୍ରବାଦ ଆକାରରେ ପ୍ରକାଶ ପାଇଥିବ ଓ ତାହା ଲୋକରୁ ଲୋକମୁଖକୁ ଗତି କରି ବୃହତ୍ତର ସମାଜରେ ପ୍ରଭାବ ପକାଇଥିବ। ଲୋକସାହିତ୍ୟର ସ୍ରଷ୍ଟା ନିର୍ଦ୍ଦିଷ୍ଟ ବ୍ୟକ୍ତି ନୁହନ୍ତି; ଲୋକସମାଜ। ଓଡ଼ିଆ ଭାଷାରେ ହୁଏତ ଲୋକସାହିତ୍ୟ ପ୍ରଥମ ସୃଷ୍ଟି, ମାତ୍ର ତାହାର ଲିଖିତ ରୂପ ନ ଥିବାରୁ ତାହାକୁ ଓଡ଼ିଆ ସାହିତ୍ୟର ପ୍ରଥମ ସୃଷ୍ଟି ଭାବରେ ଗ୍ରହଣ କରିବା ବିଚାରସାପେକ୍ଷ।

ପଞ୍ଚଦଶ ଶତାବ୍ଦୀ ବେଳକୁ ଗଜପତି କପିଳେନ୍ଦ୍ର ଦେବଙ୍କ ରାଜତ୍ୱ କାଳରେ ଓଡ଼ିଶା ଏକ ସମୃଦ୍ଧ ରାଜ୍ୟରେ ପରିଣତ ହୋଇଯାଇଛି। ଏ ସମୟକୁ ମଧ୍ୟ ଓଡ଼ିଆ ଭାଷା କ୍ରମଶଃ ମାର୍ଜିତ ହୋଇଗଲାଣି। ମାଟିର **ମହାକବି ସାରଳା ଦାସ** ଏହି ସମୟରେ ରଚନା କଲେ ଖାଣ୍ଟି ଓଡ଼ିଆ ଭାଷାରେ ମହାଭାରତ, ଚଣ୍ଡୀପୁରାଣ, ବିଲଙ୍କା ରାମାୟଣ ଆଦି ଗ୍ରନ୍ଥ। ତେଣୁ ସାରଳା ଦାସ ହିଁ ହେଲେ ଓଡ଼ିଆ ଭାଷାର ଆଦିକବି।

ସେ ଆଧୁନିକ ଜଗତ୍‌ସିଂହପୁର ଜିଲ୍ଲାର ଝଙ୍କଡ଼ ଗ୍ରାମରେ ଏକ କୃଷକ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୂର୍ବ ନାମ ଥିଲା ସିଦ୍ଧେଶ୍ୱର ପରିଡ଼ା । ମହାଭାରତ ତାଙ୍କର ବିଶିଷ୍ଟ କୃତି । ଏହା ସଂସ୍କୃତ ମହାଭାରତର ଅନୁବାଦ ନୁହେଁ; ଅନୁସୃଷ୍ଟି । ଯେତେବେଳେ ସେ 'ମହାଭାରତ', 'ଚଣ୍ଡୀପୁରାଣ', 'ବିଚିତ୍ର ରାମାୟଣ' ପରି ଗ୍ରନ୍ଥ ରଚନା କଲେ ସେତେବେଳେ ବଙ୍ଗଳା, ହିନ୍ଦୀ, ଅଥବା ଅସମିୟା ଭାଷାରେ ଏହାର ପରିକଳ୍ପନା କରଯାଇ ନ ଥିଲା । ଓଡ଼ିଶାର ଭୂଗୋଳ, ଧର୍ମପୀଠ, ମନ୍ଦିର, ପାହାଡ଼, ପର୍ବତ, ନଦନଦୀ, ଅରଣ୍ୟ, ଜନପଦ, ବିଭିନ୍ନ ଜାତି, ନାନା କିମ୍ବଦନ୍ତୀ, ଲୋକ ବିଶ୍ୱାସ ଓ ଲୋକକଥା ଇତ୍ୟାଦି ତାଙ୍କ ମହାଭାରତରେ ଏପରି ରୂପ ପାଇଅଛି, ଯାହା ଫଳରେ ତାଙ୍କ ମହାଭାରତ ହୋଇଯାଇଛି ଓଡ଼ିଆ ଜାତିର ଆତ୍ମପରିଚିତିର ଏକ ମୂଲ୍ୟବାନ ଗ୍ରନ୍ଥ । ଉକ୍ତ ଜାତୀୟତାବୋଧର ସେ ହିଁ ପ୍ରଥମ ରୂପକାର ।

ସାରଳା ଦାସଙ୍କ ପରେ ଷୋଡ଼ଶ ଶତାବ୍ଦୀରେ ପାଞ୍ଚ ଜଣ ସନ୍ଥ କବିଙ୍କର ଆବିର୍ଭାବ ଘଟିଲା । ସେମାନେ ହେଲେ **ବଳରାମ ଦାସ, ଜଗନ୍ନାଥ ଦାସ, ଯଶୋବନ୍ତ ଦାସ, ଅଚ୍ୟୁତାନନ୍ଦ ଦାସ ଓ ଶିଶୁ ଅନନ୍ତ ଦାସ** । ଏହି ପାଞ୍ଚ ଜଣ ଭକ୍ତ କବି ପଞ୍ଚସଖା ନାମରେ ପରିଚିତ । ଶ୍ରୀଜଗନ୍ନାଥ ଓ ଜଗନ୍ନାଥ କ୍ଷେତ୍ରକୁ ପ୍ରାଧାନ୍ୟ ଦେଇ ସେମାନଙ୍କର ସାରସ୍ୱତ କୃତି ଓ କୀର୍ତ୍ତି । ପ୍ରତାପରୁଦ୍ର ଦେବ ସେ ସମୟରେ ଓଡ଼ିଶାର ଗଜପତି । ଶ୍ରୀଚୈତନ୍ୟ ୧୫୧୦ ଖ୍ରୀଷ୍ଟାବ୍ଦରେ ଓଡ଼ିଶାକୁ ଆସିଥିଲେ । ସେ ପୁରୀ ଜଗନ୍ନାଥ କ୍ଷେତ୍ରରେ ଅବସ୍ଥାନ କଲେ । ସେ ପଞ୍ଚସଖାଙ୍କୁ ମାନିଲେ, ସେମାନଙ୍କ ପ୍ରତିଭାକୁ ସମ୍ମାନ ଦେଲେ । ସେ ଘୋଷଣା କଲେ ଯେ ପଞ୍ଚସଖାଏ ତାଙ୍କର ଆତ୍ମାପରି । ପଞ୍ଚସଖାଏ ଯୋଗ ଓ ଶୂନ୍ୟବାଦ ଉପରେ ଗୁରୁତ୍ୱ ଦେଲେ, ପିଣ୍ଡକୁ ବ୍ରହ୍ମାଣ୍ଡ କଳ୍ପନା କଲେ, ଜାତି ମାନିଲେ ନାହିଁ; ମଣିଷକୁ ମାନିଲେ । ତେଣୁ ସେମାନେ ନିଜ ନିଜକୁ ଶୂଦ୍ର ଘୋଷଣା କଲେ । ସାରଳା ଦାସଙ୍କଠାରୁ ଆରମ୍ଭ କରି ପଞ୍ଚସଖାଙ୍କ ପର୍ଯ୍ୟନ୍ତ ଯେଉଁ ଶୂଦ୍ର ଚେତନାଟି ବଳିଷ୍ଠ ହୋଇଉଠିଲା ତାହା ଓଡ଼ିଆ ଜାତିକୁ ଏକ ମାନବବାଦୀ ଭାବନାରେ ଉଦ୍‌ବୁଦ୍ଧ କଲା । ପଞ୍ଚସଖା ହିଁ ଜଗନ୍ନାଥଙ୍କୁ କେନ୍ଦ୍ର କରି ମାନବ-ମୈତ୍ରୀର ହେଲେ ଉଦ୍‌ବୋଧକ ।

ଶ୍ରୀଚୈତନ୍ୟ ପ୍ରେମଭକ୍ତି ପ୍ରଚାର କଲେ ମାତ୍ର ତାଙ୍କର ତିରୋଧାନ (୧୫୩୩ ଖ୍ରୀ:ଅ) ପର୍ଯ୍ୟନ୍ତ ଏହି ପ୍ରେମଧର୍ମ ଓଡ଼ିଶାରେ ପ୍ରଭାବ ପକାଇ ପାରିଲା ନାହିଁ । ସେ ବଳରାମ ଦାସଙ୍କୁ ମାନ୍ୟତା ଦେଲେ, ଜଗନ୍ନାଥ ଦାସଙ୍କୁ 'ଅତିବଡ଼ୀ' ବୋଲି କହିଲେ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଶିଶୁ ଅନନ୍ତ ଦାସଙ୍କୁ ମଧ୍ୟ ଶ୍ରଦ୍ଧା ନିବେଦନ କଲେ । ପଞ୍ଚସଖାଗଣ ଓଡ଼ିଆ ଭାଷାରେ ଗୋଟାଏ ନୂତନ ସାରସ୍ୱତ ପରମ୍ପରା ତିଆରି କରିଦେଲେ । ସେହି ପରମ୍ପରା ଦୀର୍ଘକାଳ ଧରି ଓଡ଼ିଶାରେ ପ୍ରଭାବ ପକାଇଲା ଓ ଏବେ ମଧ୍ୟ ପ୍ରଭାବ ପକାଉଅଛି । ଏହି ପଞ୍ଚସଖା ଗୋଷ୍ଠୀର ବୟୋଜ୍ୟେଷ୍ଠ କବି ବଳରାମ ଦାସ । ସେ ମହର୍ଷି ବାଲ୍ମୀକିଙ୍କ ସଂସ୍କୃତ ରାମାୟଣର କଥାବସ୍ତୁ ଅବଲମ୍ବନରେ ରଚନା କଲେ ଜଗମୋହନ ରାମାୟଣ । ଏହା ଦାଣ୍ଡୀ ବୃତ୍ତରେ ରଚିତ ହୋଇଥିବାରୁ ଏହାକୁ ମଧ୍ୟ 'ଦାଣ୍ଡୀ ରାମାୟଣ' କୁହାଯାଏ । ସାରଳା ଦାସଙ୍କ ମହାଭାରତ ପରି ବଳରାମଙ୍କ ରାମାୟଣ ଓଡ଼ିଆମାନଙ୍କର ଏକାନ୍ତ ଆପଣାର ହୋଇଗଲା । ଏଥିରେ ମୂଳ ରାମାୟଣର କଥାବସ୍ତୁ ଓ ଚରିତ୍ର ସହିତ ଅନେକ କାଳ୍ପନିକ କଥା ଓ ଚରିତ୍ର ମଧ୍ୟ ବର୍ଣ୍ଣିତ । ବଳରାମଙ୍କର 'ଲକ୍ଷ୍ମୀ ପୁରାଣ' ଅନ୍ୟ ଏକ ପୁରାଣ ଗ୍ରନ୍ଥ, ଯାହା ତାଙ୍କର ମୌଳିକ ସୃଷ୍ଟି । ମାର୍ଗଶୀର ମାସ ଗୁରୁବାର ଦିନ ଏହି ଗ୍ରନ୍ଥକୁ ଓଡ଼ିଆ ଘରର ନାରୀମାନେ ଲକ୍ଷ୍ମୀପୂଜା କଲାବେଳେ ଭକ୍ତି ସହକାରେ ପାଠ କରନ୍ତି । ଏହି ପୁରାଣଟି ଜାତିଭେଦ ବିଲୋପ ପାଇଁ ଏକ ଆହ୍ୱାନ । ଏହା ମଧ୍ୟ ନାରୀ ଓ ପୁରୁଷଙ୍କ ପବିତ୍ର ସମ୍ପର୍କ ପାଇଁ ଅଭିପ୍ରେତ । ନାରୀର ସ୍ୱାତନ୍ତ୍ର୍ୟ ଏଥିର ପ୍ରକଟିତ । ଏହା ବ୍ୟତୀତ ବଳରାମ ଦାସ ରଚନା କରିଛନ୍ତି 'ଭାବସମୁଦ୍ର', 'ବଟ ଅବକାଶ', 'ଗୁପ୍ତ ଗୀତା', 'ବ୍ରହ୍ମାଣ୍ଡ ଭୂଗୋଳ', ବହୁ ଭଜନ, ଜଣାଣ, କୋଇଲି ଓ ମାଳିକା ।

ପଞ୍ଚସଖାଙ୍କ ମଧ୍ୟରେ ଜଗନ୍ନାଥ ଦାସ ଅନ୍ୟତମ ପ୍ରସିଦ୍ଧ ସିଦ୍ଧ କବି। ସେ ସଂସ୍କୃତ ସାହିତ୍ୟରେ ଜଣେ ପଣ୍ଡିତ ବ୍ୟକ୍ତି । ସେ ପ୍ରଭୁ ଜଗନ୍ନାଥଙ୍କର ବିନୀତ ଭକ୍ତ । ତାଙ୍କ ଜୀବନରେ ଅନେକ ଅଲୌକିକ ଘଟଣା ଘଟିଥିଲା। ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ 'ଭାଗବତ'। ବ୍ୟାସଦେବଙ୍କ ସଂସ୍କୃତ ଭାଗବତକୁ ସେ ସରଳ ଓଡ଼ିଆ ଭାଷାରେ ନବାକ୍ଷରୀ ବୃତ୍ତରେ ଅନୁବାଦ କରିଥିଲେ। ଏହି ଗ୍ରନ୍ଥର ଲୋକପ୍ରିୟତା ଏତେ ବଢ଼ିଗଲା ଯେ ଓଡ଼ିଶାର ଗ୍ରାମେ ଗ୍ରାମେ ଭାଗବତ ଘର ବା ଭାଗବତ ଟୁଙ୍ଗୀ ପ୍ରତିଷ୍ଠା ଲାଭ କରି ସେଠାରେ ତାଙ୍କର ଭାଗବତ ପୋଥିକୁ ଗାଦିରେ ରଖି ସ୍ୱୟଂ ବାସୁଦେବ ଭାବରେ ପୂଜା କରାଗଲା। ପ୍ରତିଦିନ ସଂଧ୍ୟାରେ ଗ୍ରାମର ଲୋକେ ସେଠାରେ ଉପସ୍ଥିତ ରହି ଭାଗବତ ଶ୍ରବଣ କରନ୍ତି ଓ ସେହିଠାରେ ଭାବଗତ ଗାଦିକୁ ସାକ୍ଷୀରଖି ନାନା ଗଣ୍ଡଗୋଳକୁ ସମାଧାନ କରନ୍ତି ।

ଜଗନ୍ନାଥ ଦାସଙ୍କ ଭାଗବତ ମୂଳ ଭାଗବତର ଆକ୍ଷରିକ ଅନୁବାଦ ନୁହେଁ । ସ୍ଥଳେ ସ୍ଥଳେ ସେ ନିଜର ମୌଳିକତା ପ୍ରଦର୍ଶନ କରିଅଛନ୍ତି । ଭାଗବତ ଓଡ଼ିଆ ଜାତିର ଜୀବନ ବେଦ ହୋଇଗଲା । ଏହା ବ୍ୟତୀତ ଜଗନ୍ନାଥ ଦାସ ମଧ୍ୟ ରଚନା କରିଛନ୍ତି 'ଅର୍ଥ କୋଇଲି', 'ତୁଳାଭିଣା', ବହୁ ଭଜନ ଓ ଜଣାଣ, ମାଳିକା, ଚଉପଦୀ ଓ ଚଉତିଶା। ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟତମ ସିଦ୍ଧ କବି ଯଶୋବନ୍ତ ଦାସ। ତାଙ୍କର ବିଭିନ୍ନ ରଚନା ମଧ୍ୟରେ 'ଗୋବିନ୍ଦ ଚନ୍ଦ୍ର' ହେଉଛି ପ୍ରଧାନ। ଅଚ୍ୟୁତାନନ୍ଦ ଦାସ ପଞ୍ଚସଖାଙ୍କ ମଧ୍ୟରେ ବଳିଷ୍ଠ କବି- ପ୍ରତିଭାର ଅଧିକାରୀ। ଶ୍ରୀଚୈତନ୍ୟଙ୍କ ଉପଦେଶକ୍ରମେ ସନାତନ ଗୋସାଇଁ ଅଚ୍ୟୁତାନନ୍ଦଙ୍କୁ ଦୀକ୍ଷା ପ୍ରଦାନ କରିଥିଲେ। 'ହରିବଂଶ' ତାଙ୍କର ପ୍ରସିଦ୍ଧ ପୁରାଣଗ୍ରନ୍ଥ। ସେ ଜଣେ ମାଳିକାକାର ଭାବରେ ଓଡ଼ିଶାରେ ସୁପରିଚିତ। ତାଙ୍କ ରଚନାମାନଙ୍କ ମଧ୍ୟରେ 'ଶୂନ୍ୟସଂହିତା', 'ଅଣାକାର ସଂହିତା', 'ଅକଳିତ ସଂହିତା', 'ଶୂନ୍ୟରାସ', 'ମହାଶୂନ୍ୟରାସ', 'ବୃନ୍ଦାରାସ', 'ଠୁଳ ଶୂନ୍ୟରାସ' ଆଦି ପ୍ରଧାନ । ଶିଶୁ ଅନନ୍ତ ଦାସଙ୍କ ରଚନାବଳୀ ମଧ୍ୟରେ 'ହେତୁଦୟ ଭାଗବତ', 'ଚୁମ୍ବକ ଆଗତ ଭବିଷ୍ୟ ମାଳିକା', ଭଜନ ଓ ଜଣାଣ ଆଦି ପ୍ରଧାନ।

ସାରଳା ଦାସ ଓଡ଼ିଆ ଭାଷାରେ ପ୍ରଥମେ ଶକ୍ତି ପରୀକ୍ଷା କରିଥିଲେ। ସେ ଓଡ଼ିଆ ସାହିତ୍ୟର ଯେଉଁ ଭିତ୍ତି ସ୍ଥାପନ କରିଗଲେ ତାହାରି ଉପରେ ପଞ୍ଚସଖାଏ ଓଡ଼ିଆ ସାହିତ୍ୟର ନାନା ସୁଦୃଶ୍ୟ ବୃକ୍ଷରୋପଣ କଲେ। ସେମାନେ ପୁରାଣ, ଗୀତା ସଂହିତା, ଭଜନ ଓ ଜଣାଣ ଆଦି ରଚନା କଲେ। ତେଣୁ ପଞ୍ଚସଖାଏ ହୋଇଗଲେ ଓଡ଼ିଆ ଜାତିର ଅତ୍ୟନ୍ତ ଶ୍ରଦ୍ଧାର ପାତ୍ର। ସେମାନେ ଶ୍ରୀଜଗନ୍ନାଥଙ୍କୁ ଇଷ୍ଟଦେବ ଭାବରେ ଗ୍ରହଣ କଲେ। ଧର୍ମଗତ ସଂକୀର୍ଣ୍ଣତାକୁ ସେମାନେ ଅତିକ୍ରମ କରିଗଲେ। ସେମାନେ ପୁଣି ହେଲେ ସାମାଜିକ ବିପ୍ଳବୀ। ଉଚ୍ଚଜାତି ଓ ନିମ୍ନଜାତି ଭିତରେ ସେମାନେ ଏକତ୍ୱ ସ୍ଥାପନ କଲେ । ସାରଳା ଦାସଙ୍କ ସମକାଳରୁ **ବତ୍ସା ଦାସ**ଙ୍କ 'କଳସା ଚଉତିଶା' ଓ **ମାର୍କଣ୍ଡ ଦାସ**ଙ୍କ 'କେଶବ କୋଇଲି' ପର୍ଯ୍ୟନ୍ତ ଯେଉଁ କୋଇଲି କବିତା ପ୍ରଭାବ ବିସ୍ତାର କରିଆସିଥିଲା ତାହା ମଧ୍ୟ ପଞ୍ଚସଖାଙ୍କୁ ଅନୁପ୍ରାଣିତ କରିଛି। ତେଣୁ ଜଗନ୍ନାଥ ଦାସ 'କେଶବ କୋଇଲି'ର ଟୀକା ରଚନା କରିଛନ୍ତି 'ଅର୍ଥ କୋଇଲି' କବିତାରେ । ବତ୍ସା ଦାସଙ୍କ ଚଉତିଶା ହିଁ ସେମାନଙ୍କୁ ନାନା ଚଉତିଶା ରଚନା କରିବାକୁ ପ୍ରେରଣା ଦେଇଛି। ବଳରାମ ଦାସଙ୍କ 'କାନ୍ତକୋଇଲି' ମଧ୍ୟ ଉଲ୍ଲେଖଯୋଗ୍ୟ।

ପଞ୍ଚସଖାଙ୍କ ସମୟରୁ ଓଡ଼ିଶାର ରାଜନୀତିରେ ଦେଖାଦେଲା ଅବକ୍ଷୟ। ପ୍ରତାପରୁଦ୍ର ଦେବଙ୍କ ସମୟରେ ଦକ୍ଷିଣର ବିଜୟନଗର ରାଜା କୃଷ୍ଣଦେବ ରାୟ ଓଡ଼ିଶା ଆକ୍ରମଣ କଲେ। ଦକ୍ଷିଣ ଓଡ଼ିଶାର କେତେକ ଅଞ୍ଚଳକୁ ଅଧିକାର କରିନେଲେ। ଉତ୍ତରରେ ମଧ୍ୟ ମୁସଲମାନମାନେ ଓଡ଼ିଶାକୁ ଆକ୍ରମଣ କଲେ। ୧୫୪୦ ଖ୍ରୀ:ଅ:ରେ ପ୍ରତାପରୁଦ୍ର ଦେବଙ୍କ ଦେହାନ୍ତ ପରେ ତାଙ୍କ ଦୁଇପୁଅଙ୍କୁ ହତ୍ୟା କରି ଗୋବିନ୍ଦ ବିଦ୍ୟାଧର ଓଡ଼ିଶାର ରାଜା ହେଲେ। ପୁଣି ମୁକୁନ୍ଦଦେବ ୧୫୬୦ ଖ୍ରୀ:ଅ:ରେ ଭୋଇବଂଶର

ଶେଷ ରାଜାଙ୍କୁ ଗାଦିଚ୍ୟୁତ କରି ଓଡ଼ିଶାର ଗଜପତି ହେଲେ। ଦିଲ୍ଲୀର ବାଦ୍‌ଶାହା ଆକବରଙ୍କ ସହିତ ତାଙ୍କର ମିତ୍ରତା ଥିଲା। ମାତ୍ର ବଙ୍ଗଳାର ନବାବଙ୍କ ସେନାପତି କଳାପାହାଡ଼ ଦ୍ୱାରା ମୁକୁନ୍ଦଦେବ ୧୫୬୮ ଖ୍ରୀ:ଅ.ରେ ମୃତ୍ୟୁବରଣ କଲେ। ଓଡ଼ିଶା ଏହିଠାରୁ ହେଲା ପରାଧୀନ। ପ୍ରଥମେ ଆଫଗାନ ମୁସଲମାନ୍ ଓଡ଼ିଶାକୁ ଶାସନ କଲେ। ପରେ ମୋଗଲ ଶାସନ ପ୍ରତିଷ୍ଠାଲାଭ କଲା। ତତ୍ପରେ ମରହଟ୍ଟା ଓ ଶେଷରେ ୧୮୦୩ରେ ଇଂରେଜମାନେ ଓଡ଼ିଶାକୁ ଅଧିକାର କଲେ। ଷୋଡ଼ଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ଓଡ଼ିଶା କ୍ରମେ ଖଣ୍ଡଖଣ୍ଡ ହୋଇଗଲା। ବିଶାଳ ଓଡ଼ିଶାର ଗୌରବ ଆଉ ରହିଲା ନାହିଁ । ଛୋଟ ଛୋଟ ରାଜ୍ୟର ରାଜାହୋଇ ନିଜନିଜକୁ ସର୍ବେସର୍ବା ମନେ କଲେ । ଗୋଟିଏ ଲେଖାଏଁ ଦରବାର ପ୍ରତିଷ୍ଠା କରି ସେଠାରେ ରାଜସଭାର ସପ୍ତାଙ୍ଗ ମଧ୍ୟରେ କବିମାନଙ୍କୁ ସ୍ଥାନ ଦେଲେ। କବିମାନେ ରାଜାମାନଙ୍କୁ ସ୍ତୁତିସ୍ତବ କଲେ ଓ ରାଜାଙ୍କ ବିଳାସ ପାଇଁ କାବ୍ୟ ଲେଖିଲେ। ସାରଳା ଦାସ ଓ ପଞ୍ଚସଖାଏ ଯେଉଁ କାବ୍ୟଧାରା ସୃଷ୍ଟି କରିଥିଲେ ତାହା ଆଉ ରହିଲା ନାହିଁ । ତଥାପି ଏହି ଧାରାରେ ଯେଉଁମାନେ ଗ୍ରନ୍ଥ ରଚନା କରିଥିଲେ ସେମାନଙ୍କ ମଧ୍ୟରେ **ଶରଣ ଦାସ, ନାରଣ ଦାସ, ବାଲିଙ୍ଗା ଦାସ, ଦିବାକର ଦାସ, ଚୈତନ୍ୟ ଦାସ, ହାଡ଼ି ଦାସ, ଅରକ୍ଷିତ ଦାସ** ପ୍ରମୁଖଙ୍କ ନାମ ଉଲ୍ଲେଖଯୋଗ୍ୟ।

ପଞ୍ଚସଖାଙ୍କ ଦ୍ୱିତୀୟ ପର୍ଯ୍ୟାୟରୁ ଓଡ଼ିଆ ଭାଷାରେ କାବ୍ୟ ରଚନା କରାଯିବାର ନୂତନ ପରମ୍ପରା ସୃଷ୍ଟି ହେଲା। ଇତିପୂର୍ବରୁ ଦ୍ୱାଦଶ ଶତାବ୍ଦୀରେ **ଜୟଦେବ** ସଂସ୍କୃତ ଭାଷାରେ ରଚନା କରିଥିଲେ **'ଗୀତଗୋବିନ୍ଦ'** କାବ୍ୟ । ଏହା ସରଳ ସାବଲୀଳ ଭାଷାରେ ଓ ଲଳିତ ଛନ୍ଦରେ ରଚିତ। ରାଧାକୃଷ୍ଣଙ୍କ ଲୀଳା ଏହି କାବ୍ୟର ବିଷୟବସ୍ତୁ। କାବ୍ୟଯୁଗରେ ଏହି କାବ୍ୟର ଭାଷା ଓ ଛନ୍ଦ ବିଶେଷ ଭାବରେ ପ୍ରଭାବ ପକାଇଥିଲା। ଷୋଡ଼ଶ ଶତାବ୍ଦୀର ତୃତୀୟ ଦଶନ୍ଧିରେ **ଅର୍ଜ୍ଜୁନ ଦାସ** ସର୍ବପ୍ରଥମେ 'ରାମବିଭା' କାବ୍ୟ (୧୫୨୯ ଖ୍ରୀ:ଅ) ରଚନା କଲେ। ସେ 'କଳ୍ପଲତା' ଶୀର୍ଷକ ଏକ କାଳ୍ପନିକ କାବ୍ୟ ଲେଖିଥିଲେ। ଅର୍ଜ୍ଜୁନ ଦାସଙ୍କଠାରୁ ହିଁ ପୌରାଣିକ ଓ କାଳ୍ପନିକ କାବ୍ୟ ରଚନାର ଏକ ନୂତନ ପରମ୍ପରା ସୃଷ୍ଟି ହେଲା। ଷୋଡ଼ଶ ଶତାବ୍ଦୀର ମଧ୍ୟ ଭାଗରୁ ସପ୍ତଦଶ ଶତାବ୍ଦୀର ମଧ୍ୟ ଭାଗ ପର୍ଯ୍ୟନ୍ତ ପ୍ରାୟ ଦୀର୍ଘ ଏକଶହ ବର୍ଷ ଧରି ଯେଉଁ କାବ୍ୟଧାରା ପ୍ରଚଳିତ ହେଲା ତାହା ସ୍ୱଳ୍ପ ଅଳଙ୍କାର ପ୍ରୟୋଗରେ ରଚିତ ହୋଇଥିଲା। ବିଭିନ୍ନ ରାଗରାଗିଣୀର ବ୍ୟବହାର କରାଯାଇ କାବ୍ୟକୁ ହୃଦୟଗ୍ରାହୀ କରିବାକୁ ଚେଷ୍ଟା କରାଗଲା। ଆଲୋଚ୍ୟ ସମୟରେ **ଦନେଇ ଦାସ**ଙ୍କ **'ଗୋପୀଭାଷା'**, ବାଳକ **ଶ୍ରୀହରି ଦାସ**ଙ୍କ **'ମୟୂର ଚନ୍ଦ୍ରିକା'**, **ନରସିଂହ ସେଣ**ଙ୍କର 'ପରିମଳା' **ଦିବାକର ଦାସ**ଙ୍କ 'ଶ୍ରୀଜଗନ୍ନାଥ ଚରିତାମୃତ', **ଦେବଦୁର୍ଲଭ ଦାସ**ଙ୍କ 'ରହସ୍ୟ ମଞ୍ଜରୀ', **ଶିଶୁ ଶଙ୍କର ଦାସ**ଙ୍କ 'ଉଷାଭିଳାଷ', **ପ୍ରତାପ ରାୟ**ଙ୍କର 'ଶଶିସେଣା', **ଦ୍ୱାରିକା ଦାସ**ଙ୍କ 'ପରଚେ ଗୀତା', 'ଶିବ ପୁରାଣ' 'ସଂସାରବୋଧ ଚଉତିଶା' 'ଛଅପୋଇ', 'ନଅ ପୋଇ', 'ତେର ପୋଇ', **ଦେବାନନ୍ଦ ଦାସ**ଙ୍କ 'ବୈଚନ୍ଦ୍ର ଗୀତା', **କାର୍ତ୍ତିକ ଦାସ**ଙ୍କ 'ରୁକ୍ମିଣୀ ବିଭା', **ବିଷ୍ଣୁ ଦାସ**ଙ୍କ 'ପ୍ରେମଲୋଚନା', **ରଘୁନାଥ ହରିଚନ୍ଦନ**ଙ୍କ 'ଲୀଳାବତୀ', **ପୁରୁଷୋତ୍ତମ ଦାସ**ଙ୍କ 'କାଞ୍ଚିକାବେରୀ' ଆଦି କାବ୍ୟ, ପୁରାଣ ଓ ତତ୍ତ୍ୱମୂଳକ ଗ୍ରନ୍ଥ ରଚିତ ହୋଇଥିଲା। ତଥାପି ଯେଉଁ କାବ୍ୟଧାରାଟି ନୂତନ କରି ସୃଷ୍ଟି ହେଲା ତାହାହିଁ ହେଲା ମୁଖ୍ୟ। ତେଣୁ ଏହି ଯୁଗକୁ କୁହାଯାଏ ପ୍ରାକ୍ ରୀତିଯୁଗ। ପ୍ରାକ୍ ରୀତିଯୁଗର କବିମାନେ କାବ୍ୟରେ ଅତି କଳ୍ପନା, ଲୋକକଥା, ନୃତତ୍ତ୍ୱ, ଦେଶ ଭାଷା ଉପରେ ଗୁରୁତ୍ୱ ଦେଇଅଛନ୍ତି ।

ସପ୍ତଦଶ ଶତାବ୍ଦୀର ମଧ୍ୟ ଭାଗ ପରେ ପରେ ସମୃଦ୍ଧ ରୀତି କାବ୍ୟ ରଚନା କରାଯିବାର ପରମ୍ପରା ସୃଷ୍ଟି ହେଲା। ଏ ସମୟକୁ ମୋଗଲ ଦରବାରକୁ ଆଦର୍ଶ କରି ରାଜାମାନେ ଦରବାର ପ୍ରଥା ପ୍ରଚଳନ କଲେ । ଜଗନ୍ନାଥଙ୍କ ଉପରେ ଓଡ଼ିଶାର ତଥା ଭାରତବର୍ଷର ଧର୍ମପ୍ରାଣ ଜନଗଣଙ୍କର ଗଭୀର

ଭକ୍ତି ଓ ନିଷ୍ଠାଥିବାରୁ ତାହାକୁ ନଷ୍ଟ କରିଦେବା ଉଦ୍ଦେଶ୍ୟରେ ଧର୍ମ ବିଦ୍ୱେଷୀ ହେତୁ ମୋଗଲ ଶାସନ କାଳରେ ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥଙ୍କ ଉପରେ ବାରମ୍ବାର ଆକ୍ରମଣ କରାଗଲା । ଓଡ଼ିଶାର ମନ୍ଦିରସବୁ ମଧ୍ୟ ଲୁଣ୍ଠିତ ହେଲା । ସାଧାରଣ ଲୋକେ ନାନା ଅଭାବ ଅନଟନ ମଧ୍ୟରେ କାଳାତିପାତ କରୁଥା'ନ୍ତି । ସେମାନଙ୍କ ପାଇଁ କହିବାକୁ କେହି ନ ଥାନ୍ତି । ଅପରପକ୍ଷରେ ଶ୍ରୀଚୈତନ୍ୟଙ୍କ ସମୟରୁ ଯେଉଁ ପ୍ରେମଧର୍ମର ଉନ୍ମେଷ ଘଟିଥିଲା ତାହା ଏ ସମୟକୁ ଓଡ଼ିଶାର ଜନମାନସରେ ଗଭୀର ପ୍ରଭାବ ପକାଇଥିଲା । ତେଣୁ ଜଗନ୍ନାଥ-ଧର୍ମ ଓ ଭକ୍ତି ଭାବନା ସହିତ କୃଷ୍ଣ-ଧର୍ମ ଓ କୃଷ୍ଣ-ଭକ୍ତି, ରାମ-ଭକ୍ତି ଓଡ଼ିଶାର ଜନଗଣଙ୍କୁ ସମାନ ଭାବରେ ପ୍ରଭାବିତ କରିଥିଲା । କବିମାନେ ରାମଚରିତ, କୃଷ୍ଣ-ଚରିତ ଓ ଜଗନ୍ନାଥ-ଭାବନାକୁ କାବ୍ୟରେ ଉପଜୀବ୍ୟ କରି ନେବା ସଂଗେ ସଂଗେ କାଳ୍ପନିକ କଥାବସ୍ତୁକୁ ନେଇ ମଧ୍ୟ କାବ୍ୟ ରଚନା କରିଥିଲେ । ଇତିପୂର୍ବରୁ ରାଜାମାନଙ୍କ ମଧ୍ୟରେ **କପିଳେନ୍ଦ୍ରଦେବ, ପୁରୁଷୋତ୍ତମଦେବ, ପ୍ରତାପରୁଦ୍ରଦେବ** ପ୍ରମୁଖ କାବ୍ୟ ଓ ନାଟକ ରଚନା କରିଥିଲେ । ପଣ୍ଡିତ **ବିଶ୍ୱନାଥ କବିରାଜ** "ସାହିତ୍ୟ ଦର୍ପଣ' ନାମକ ବିଶିଷ୍ଟ ସାହିତ୍ୟ ତତ୍ତ୍ୱ ଗ୍ରନ୍ଥ ରଚନା କରିଥିଲେ । ଏହା ହେଲା କାବ୍ୟ-ଯୁଗର କବିମାନଙ୍କ ପାଇଁ ବିଶିଷ୍ଟ ପ୍ରେରଣା ।

ମଧ୍ୟଯୁଗୀୟ ଓଡ଼ିଆ ରୀତିକାବ୍ୟର ସମୃଦ୍ଧ ଧାରା ଘୁମୁସରର ରାଜା **ଧନଞ୍ଜୟ ଭଞ୍ଜ**ଙ୍କ ସମୟରୁ ଆରମ୍ଭ ହେଲା । ସେ ବିଳାସୀ ରାଜା ଥିଲେ । ନିଜେ ମଧ୍ୟ ଥିଲେ ଜଣେ କବି । ତାଙ୍କର କାବ୍ୟମାନଙ୍କ ମଧ୍ୟରେ 'ଇଚ୍ଛାବତୀ', 'ଅନଙ୍ଗରେଖା', 'ରଘୁନାଥ ବିଳାସ', 'ମଦନମଞ୍ଜରୀ', 'ତ୍ରିପୁରମୋହିନୀ' ଆଦି ପ୍ରଧାନ । ପଞ୍ଚସଖା ଯୁଗର କାବ୍ୟକବିତା ପୁରାଣ ଇତ୍ୟାଦି ଥିଲା ଭକ୍ତିମୂଳକ । ରାମ, କୃଷ୍ଣ ଓ ଜଗନ୍ନାଥଙ୍କୁ କାବ୍ୟକବିତାମାନଙ୍କରେ ଗୁରୁତ୍ୱ ଦିଆଯାଇଥିଲା । ଏହାଦ୍ୱାରା ସମାଜର ମଣିଷମାନଙ୍କୁ ଏକ ମାନବୀୟ ଭାବନାରେ ଉଦ୍‌ବୁଦ୍ଧ ହେବାକୁ ତଥା ସତ୍ୟ ଓ ଧର୍ମନିଷ୍ଠ ଜୀବନଯାପନ କରିବାକୁ ପ୍ରେରଣା ପ୍ରଦାନ କରାଯାଉଥିଲା । ଭାଷା ଥିଲା ସ୍ୱାଭାବିକ । ଲୋକମୁଖର ଭାଷାକୁ କାବ୍ୟ କବିତାରେ ଗ୍ରହଣ କରାଯାଉଥିଲା । କିନ୍ତୁ ଏହି ଯେଉଁ ସାହିତ୍ୟିକ ପରମ୍ପରା ସୃଷ୍ଟି ହୋଇଥିଲା ତାହା କ୍ରମେ ହ୍ରାସ ପାଇବାକୁ ଲାଗିଲା । କାବ୍ୟ ହେଲା ଅଳଙ୍କାରରେ ଋଦ୍ଧିମନ୍ତ । ବିଭିନ୍ନ ରାଗରାଗିଣୀରେ ତାହା ହେଲା ମାଧୁର୍ଯ୍ୟମଣ୍ଡିତ । ଭାଷା କ୍ରମେ ସ୍ୱାଭାବିକତାକୁ ହରାଇ ଆଡ଼ମ୍ବରପୂର୍ଣ୍ଣ ହୋଇଗଲା । ମୁସଲମାନ ଓ ମୋଗଲ ଶାସନ କାଳରେ ଜଗନ୍ନାଥ ମନ୍ଦିର ଉପରେ ଯେଉଁସବୁ ଆକ୍ରମଣ ହୋଇଥିଲା ତାହାର ଦୁଃଖଦ ପରିବେଶକୁ ଜନମାନସରୁ ଦୂରେଇ ଦେବାପାଇଁ କବିମାନେ କାବ୍ୟ କବିତା ମାଧ୍ୟମରେ ସଚେତନ ଉଦ୍ୟମ କରିଥିଲେ । ଦିବ୍ୟସିଂହଦେବଙ୍କ ରାଜତ୍ୱ କାଳରେ ଓଡ଼ିଶାରେ ସୃଷ୍ଟି ହୋଇଥିଲା ଏକ କାବ୍ୟିକ ବାତାବରଣ । ସେ ନିଜେ ଥିଲେ ସାହିତ୍ୟପ୍ରାଣ । ତେଣୁ ସେ ନିଜର ଦରବାରରେ ବହୁ ପଣ୍ଡିତ ଓ କବିମାନଙ୍କୁ ସ୍ଥାନ ଦେଇଥିଲେ । ଗ୍ରନ୍ଥ ରଚନା କରିବା ପାଇଁ କବିମାନଙ୍କୁ ସେ ପ୍ରେରଣା ଦେଉଥିଲେ ଓ କାବ୍ୟ ଚର୍ଚ୍ଚା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିଥିଲେ । ତଥାପି ତାଙ୍କ ଭିତରେ ଥିଲା ନିଜକୁ କବି ଭାବରେ ପ୍ରତିଷ୍ଠା କରିବାର ମୋହ । ତାଙ୍କ ନାମରେ କାବ୍ୟକୁ ଭଣିତା କରିବା ପାଇଁ ସେ କବିମାନଙ୍କୁ କହୁଥିଲେ । ଏଥିପାଇଁ ସେ ବହୁତ ଉପହାର ଉପଢୌକନ ଦେଉଥିଲେ । ଭକ୍ତ କବି **ଦୀନକୃଷ୍ଣ ଦାସ** ରାଜାଙ୍କର ଏପରି ଆଦେଶକୁ ପ୍ରତ୍ୟାଖ୍ୟାନ କରିଦେଇ ରାଜରୋଷର ଶିକାର ହୋଇଥିଲେ । ତଥାପି ସେ ସମୟରେ ସେ ଯେଉଁ ସ୍ୱାଭିମାନର ପରିଚୟ ଦେଇଥିଲେ ବାସ୍ତବିକ ତାହା ଥିଲା ଅନନ୍ୟ । ଦାରିଦ୍ର୍ୟ, ନିର୍ବାସନ ଦଣ୍ଡ ଓ ନିଜ ଗ୍ରାମରେ ଅନାଦର ସତ୍ତ୍ୱେ ସେ ଥିଲେ ନିର୍ଭୀକ ଓ ଭକ୍ତିନିଷ୍ଠ । ଜଗନ୍ନାଥଙ୍କୁ ସେ ନିଜର ପ୍ରଭୁ ମାନିଛନ୍ତି । ରାଜାଙ୍କ ଧମକକୁ ସେ ଖାତିର କରିନାହାନ୍ତି ।

ଦୀନକୃଷ୍ଣଙ୍କ ନାନା କାବ୍ୟ ଓ କବିତା ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି । 'ନାମରତ୍ନ ଗୀତା', 'ରସବିନୋଦ', 'ଜଗମୋହନ ଛାନ୍ଦ', 'ପ୍ରସ୍ତାବ ସିନ୍ଧୁ' ଇତ୍ୟାଦି ତାଙ୍କ ନାମରେ ବହୁ ଗ୍ରନ୍ଥ ପ୍ରଚଳିତ ଥିଲେ ମଧ୍ଯ 'ରସକଲ୍ଲୋଳ' ତାଙ୍କର ପ୍ରସିଦ୍ଧ କାବ୍ୟ । ଏହାର ପଦଲାଳିତ୍ୟ ଅନନ୍ୟ । 'କ' ଆଦ୍ୟ ନିୟମରେ ଏହି କାବ୍ୟଟି ରଚିତ ଓ ଏହାର ପ୍ରତ୍ୟେକ ଛାନ୍ଦ ଶ୍ରବଣସୁଖଦାୟୀ ଭାବ ସୃଷ୍ଟି କରିବାରେ ସମର୍ଥ ।

ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ସାହିତ୍ୟରେ **ଲୋକନାଥ ବିଦ୍ୟାଧର**ଙ୍କ 'ସର୍ବାଙ୍ଗ ସୁନ୍ଦରୀ', 'ବୃନ୍ଦାବନ ବିହାର', 'ନୀଳାଦ୍ରି ମହୋତ୍ସବ', **ହଳଧର ପଟ୍ଟନାୟକ**ଙ୍କ 'ଅଧ୍ୟାତ୍ମ ରାମାୟଣ', **ଭୂପତି ପଣ୍ଡିତ**ଙ୍କର 'ପ୍ରେମ ପଞ୍ଚାମୃତ', **ବୃନ୍ଦାବତୀ ଦାସୀ**ଙ୍କର 'ପୂର୍ଣ୍ଣତମ ଚନ୍ଦ୍ରୋଦୟ' ଆଦି କାବ୍ୟଗୁଡ଼ିକ ଉଲ୍ଲେଖଯୋଗ୍ୟ । ଏହି ଯୁଗର ଶ୍ରେଷ୍ଠକବି **ଉପେନ୍ଦ୍ର ଭଞ୍ଜ** । ସେ ଧନଞ୍ଜୟ ଭଞ୍ଜଙ୍କର ନାତି ଓ ନୀଳକଣ୍ଠ ଭଞ୍ଜଙ୍କର ପୁତ୍ର । ନାନା ଅଳଙ୍କାର ଶାସ୍ତ୍ର, କୋଷଗ୍ରନ୍ଥ, ପୁରାଣ ଓ ଧର୍ମଶାସ୍ତ୍ରରେ ତାଙ୍କର ଥିଲା ଗଭୀର ପାଣ୍ଡିତ୍ୟ । ଶବ୍ଦ-ସମୁଦ୍ରକୁ ସେ ଅତିକ୍ରମ କରିଯାଇଥିଲେ ବୋଲି ଉଲ୍ଲେଖ କରିଅଛନ୍ତି । ଘୁମୁସର ରାଜବଂଶର ସାରସ୍ୱତ ପରମ୍ପରା ତାଙ୍କୁ କାବ୍ୟ ରଚନା କରିବାକୁ ପ୍ରେରଣା ଦେଇଥିଲା । ସେ ସିଂହାସନ ପ୍ରତି ଅନାସକ୍ତ ଥିଲେ । ଏପରିକି ସେ ଘୁମୁସର ରାଜ୍ୟ ଛାଡ଼ି ନୟାଗଡ଼ ଚାଲି ଯାଇଥିଲେ । ତାଙ୍କର ବିଭିନ୍ନ କାବ୍ୟ ଭିତରେ 'ଲାବଣ୍ୟବତୀ' 'କୋଟି ବ୍ରହ୍ମାଣ୍ଡସୁନ୍ଦରୀ', 'ବୈଦେହୀଶ ବିଳାସ', 'ରସିକ ହାରାବଳୀ', 'କଳାକଉତୁକ' 'ପ୍ରେମସୁଧାନିଧି', 'ସୁଭଦ୍ରା ପରିଣୟ', 'ଅବନାରସତରଙ୍ଗ', 'ତ୍ରୈଲୋକ୍ୟମୋହିନୀ' ଆଦି ପ୍ରଧାନ । 'ବ' ଆଦ୍ୟ ନିୟମରେ 'ବୈଦେହୀଶ ବିଳାସ', 'ସ' ଆଦ୍ୟ ନିୟମରେ 'ସୁଭଦ୍ରା ପରିଣୟ', 'ତ' ଆଦ୍ୟ ନିୟମରେ 'ତ୍ରୈଲୋକ୍ୟ ମୋହିନୀ', 'କ' ଆଦ୍ୟ ଓ ପ୍ରାନ୍ତ ନିୟମରେ 'କଳାକଉତୁକ' ଆଦି ଗ୍ରନ୍ଥ ରଚନା କରି ସେ ନିଜର ଅସାଧାରଣ ପାଣ୍ଡିତ୍ୟର ପରିଚୟ ଦେଇଥିଲେ । ସେ ଭଗବାନ ଶ୍ରୀରାମଚନ୍ଦ୍ରଙ୍କୁ ନିଜର ଇଷ୍ଟଦେବତା ରୂପେ ଗ୍ରହଣ କରିଥିଲେ । ପ୍ରଭୁ ଜଗନ୍ନାଥଙ୍କ ପ୍ରତି ତାଙ୍କର ଥିଲା ଗଭୀର ଭକ୍ତି ।

ଅବନା ନିୟମରେ ସେ ରଚନା କରିଥିଲେ 'ଅବନାରସତରଙ୍ଗ' । ବିଭିନ୍ନ ଚିତ୍ରବନ୍ଧରେ ତାଙ୍କର 'ଚିତ୍ରକାବ୍ୟବନ୍ଧୋଦୟ' ଏକ ପାଣ୍ଡିତ୍ୟପୂର୍ଣ୍ଣ ପରୀକ୍ଷା । ତାରକମନ୍ତ୍ର ପ୍ରସାଦରୁ ତାଙ୍କର କବିତ୍ୱ ସୃଷ୍ଟି ହୋଇଥିଲା ବୋଲି ସେ କହନ୍ତି । ଦାମ୍ପତ୍ୟପ୍ରେମ, ସୌନ୍ଦର୍ଯ୍ୟବୋଧ, ପ୍ରକୃତିପ୍ରୀତି, ସ୍ୱଦେଶଚିନ୍ତା, ଉତ୍କଳୀୟ ସଂସ୍କୃତି, ଭକ୍ତିଭାବନା ଓ ଜଗନ୍ନାଥଚେତନା, ଅଳଙ୍କାର ପ୍ରବଣତା ତାଙ୍କ କବି-ପ୍ରତିଭାର ନିଦର୍ଶନ । ଯୁଗ ରୁଚି ଅନୁସାରେ ସେ କାବ୍ୟ କବିତା ଲେଖିଥିଲେ । ସଂସ୍କୃତ ପ୍ରତିସ୍ପର୍ଦ୍ଧୀ ପଣ୍ଡିତମାନଙ୍କୁ ଆହ୍ୱାନ ଜଣାଇ ସେ ଓଡ଼ିଆ ଭାଷାରେ ସେହିପରି କାବ୍ୟ ରଚନା କରି କବିସମ୍ରାଟ ରୂପେ ଗୌରବ ଲାଭ କରିଥିଲେ । ସେ ପ୍ରକୃତରେ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ହୋଇଗଲେ କବିଗୁରୁ । ତାଙ୍କୁ ଆଦର୍ଶ କରି ତାଙ୍କ ସମୟରେ ଓ ପରବର୍ତ୍ତୀ ସମୟରେ କବିମାନେ କାବ୍ୟ ରଚନା କରିଥିଲେ ।

ମଧ୍ୟଯୁଗର ଅନ୍ୟତମ ବିଶିଷ୍ଟ କବି **ବ୍ରଜନାଥ ବଡ଼ଜେନା** । ତାଙ୍କର ବିଭିନ୍ନ କାବ୍ୟ ମଧ୍ୟରେ 'ଅମ୍ବିକା ବିଳାସ', 'ସମରତରଙ୍ଗ', 'ଗୁଣ୍ଡିଚାବିଜେ', 'ବିଚକ୍ଷଣା', 'ଶ୍ୟାମରାସୋତ୍ସବ' ପ୍ରସିଦ୍ଧ । 'ଚତୁର ବିନୋଦ' ତାଙ୍କର ଏକ କଥା ଗ୍ରନ୍ଥ । ଏହା ପୂର୍ବରୁ **ନାରାୟଣାନନ୍ଦ ଅବଧୂତ ସ୍ୱାମୀ**ଙ୍କର 'ରୁଦ୍ର ସୁଧାନିଧି' ଅନ୍ୟ ଏକ ଗଦ୍ୟ ଗ୍ରନ୍ଥ ଭାବରେ ଆଦର ଲାଭ କରିଥିଲା । 'ଚତୁର ବିନୋଦ' ର ଭାଷା ଏବଂ ଶୈଳୀ ସରଳ ଓ କାବ୍ୟଧର୍ମୀ । ଏହି ଭାଷା ଆଧୁନିକ ଗଦ୍ୟର ନିକଟବର୍ତ୍ତୀ ।

ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ଆଉଜଣେ ପ୍ରସିଦ୍ଧ ବିଦଗ୍ଧ କବି **ଅଭିମନ୍ୟୁ ସାମନ୍ତସିଂହାର** । ତାଙ୍କର ଗୁରୁ **କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା**ଙ୍କ କାବ୍ୟ 'ଯୁଗଳ ରସାମୃତ ଲହରୀ', 'ଯୁଗଳ ରସାମୃତ ଭଉଁରୀ, 'ନିଷ୍ଠାନୀଳମଣି' ଆଦି ତାଙ୍କୁ ଅନୁପ୍ରାଣିତ କରିଥିଲା । ସେ ଗୌଡ଼ୀୟ ବୈଷ୍ଣବ ଧର୍ମାବଲମ୍ବୀ । ତେଣୁ ସେ ନାନା ବୈଷ୍ଣବ କାବ୍ୟ ଓ ଶାସ୍ତ୍ର ଅଧ୍ୟୟନ କରିଥିଲେ। ବିଶେଷତଃ ବୃନ୍ଦାବନର ସାଧୁ ବୈଷ୍ଣବମାନଙ୍କ କାବ୍ୟଶାସ୍ତ୍ର ନାଟକାଦି ଦ୍ୱାରା ସେ ଉଦ୍‌ବୁଦ୍ଧ ହୋଇଥିଲେ । ପ୍ରେମଧର୍ମ ତାଙ୍କ କାବ୍ୟରେ ମୁଖ୍ୟ ପ୍ରତିପାଦିତ ବିଷୟ । ତାଙ୍କ ରଚିତ କାବ୍ୟମାନଙ୍କ ମଧ୍ୟରେ 'ବିଦଗ୍‌ଧ ଚିନ୍ତାମଣି' ଶ୍ରେଷ୍ଠ । ଏଥିରେ ରାଧାକୃଷ୍ଣଙ୍କର ପ୍ରେମଲୀଳା ସୁନ୍ଦର ଭାବରେ ବର୍ଣ୍ଣିତ । ଏହା ବ୍ୟତୀତ ସେ 'ରସବତୀ', 'ପ୍ରେମ ଚିନ୍ତାମଣି', 'ଭାବବତୀ', 'ସୁଲକ୍ଷଣା' ଆଦି କାବ୍ୟ ଓ ଅନେକ ଚଉତିଶା, ଜଣାଣ ରଚନା କରିଥିଲେ। **ଭକ୍ତଚରଣ ଦାସ** ମଧ୍ୟ ଜଣେ ବୈଷ୍ଣବ କବି ଭାବରେ ସୁଖ୍ୟାତ। ତାଙ୍କର 'ମଥୁରାମଙ୍ଗଳ' ଅତ୍ୟନ୍ତ ଲୋକପ୍ରିୟ ଗ୍ରନ୍ଥ । ଏଥିରେ ସେ ଜ୍ଞାନଭକ୍ତି ତୁଳନାରେ ପ୍ରେମଭକ୍ତିର ବିଶେଷ ମହିମାକୁ ଦେଖାଇ ଅଛନ୍ତି । ତାଙ୍କର 'ମନବୋଧ ଚଉତିଶା' ଓଡ଼ିଶାରେ ଲୋକମାନଙ୍କ ଭିତରେ ଅତ୍ୟନ୍ତ ଆଦରଲାଭ କରିଅଛି । ଏହି ମଧ୍ୟଯୁଗର ଶେଷ କାବ୍ୟକାର **ଯଦୁମଣି ମହାପାତ୍ର** । ସେ ଊନବିଂଶ ଶତାବ୍ଦୀର ମଧ୍ୟଭାଗ ବେଳକୁ କାବ୍ୟ ରଚନା କରିଥିଲେ। 'ରାଘବ ବିଳାସ' ତାଙ୍କର ପ୍ରସିଦ୍ଧ ରାମ-କାବ୍ୟ । **କବିସୂର୍ଯ୍ୟ ବଳଦେବ ରଥ** ମଧ୍ୟ ଏହି ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ରଚନା କରିଥିଲେ 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ' । ଏହା ଓଡ଼ିଆ ଭାଷାର ପ୍ରଥମ ଚମ୍ପୂ କାବ୍ୟ । ସାଂଗୀତିକତା, ନାଟକୀୟତା ଓ କବିତ୍ୱର ଏହା ଏକ ଅପୂର୍ବ ତ୍ରିବେଣୀ ସଂଗମ । ତାଙ୍କର ମଧ୍ୟ "ଚନ୍ଦ୍ରକଳା' ନାମରେ ଏକ କାବ୍ୟ ଓ ବହୁ ଭଜନ ଜଣାଣ ଅଛି ।

ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ କାବ୍ୟ ରଚନା ସହିତ ଗୀତିକବିତା ରଚନାର ପରମ୍ପରା ସୃଷ୍ଟି ହୋଇଥିଲା । ସେହି କବିତାମାନଙ୍କ ମଧ୍ୟରେ ଚଉତିଶା, କୋଇଲି, ଚଉପଦୀ ଓ ପୋଇ ଆଦି ପରିଦୃଷ୍ଟ । ପଞ୍ଚସଖାଙ୍କ ପରବର୍ତ୍ତୀ ସମୟରେ ଅନେକ ଭଜନ, ଜଣାଣ, ଚଉପଦୀ ଓ ଚଉତିଶା ରଚିତ ହୋଇଅଛି । **ସାଲବେଗ** ଥିଲେ ମଧ୍ୟଯୁଗର ପ୍ରସିଦ୍ଧ ଗୀତିକବି । ତାଙ୍କର ପିତା ଲାଲବେଗ । ମାତା ଜନୈକା ବିଧବା ବ୍ରାହ୍ମଣୀ। ସାଲବେଗ ମାଆଙ୍କ ଆଦର୍ଶ ଓ ଭକ୍ତି ଭାବରେ ଅନୁପ୍ରାଣିତ ହୋଇଥିଲେ । ଜଗନ୍ନାଥଙ୍କ ପାଦପଦ୍ମରେ ନିଜକୁ ସମର୍ପଣ କରି ସେ ଯୁଦ୍ଧଜନିତ ମୃତ୍ୟୁମୁଖରୁ ରକ୍ଷା ପାଇଥିଲେ । ତାଙ୍କର ଅଜସ୍ର ଭଜନ ଓ ଜଣାଣ ଏବେ ମଧ୍ୟ ଧ୍ୱନିତ । ସେ ଯବନ ହେଲେ ମଧ୍ୟ ତାଙ୍କର ଜଗନ୍ନାଥ ଭକ୍ତିଭାବନା ଓ କୃଷ୍ଣପ୍ରୀତି ଅନନ୍ୟ । ସେ ଗୋଟାଏ କଥା ଦେଖାଇ ଦେଇଯାଇଛନ୍ତି ଯେ ନିର୍ମଳ ଭକ୍ତି ନିକଟରେ କୌଣସି ଜାତି ଓ ସଂପ୍ରଦାୟର ମୂଲ୍ୟ ଅତି ତୁଚ୍ଛ । **ବନମାଳୀ ଦାସ** ମଧ୍ୟ ଅନେକ ଗୀତିକବିତା ଲେଖିଛନ୍ତି । ତାଙ୍କର ଭଜନ ଓ ଜଣାଣ ଲୋକଙ୍କୁ ମୁଗ୍‌ଧ କରେ । **ଗୋପାଳକୃଷ୍ଣ ପଟ୍ଟନାୟକ** ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଅନେକ ଗୀତିକବିତା ଲେଖିଥିଲେ । ସେ ମଧ୍ୟ ଥିଲେ ଗୌଡ଼ୀୟ ବୈଷ୍ଣବଧର୍ମମାର୍ଗୀ ଭକ୍ତ । ତାଙ୍କର କବିତାଗୁଡ଼ିକ ରାଧାକୃଷ୍ଣ ଓ ଗୋପୀ ଭାବନାର ସାବଲୀଳ ଅଭିବ୍ୟକ୍ତି ।

ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ଯେଉଁ ସନ୍ଥ-ସାହିତ୍ୟର ଧାରା ପଞ୍ଚସଖାଙ୍କଠାରୁ ଆରମ୍ଭ ହୋଇ ଗତି କରିଆସିଥିଲା, ସେହି ଧାରାର ଶେଷ ଦୀପଶିଖା ଭକ୍ତ କବି **ଭୀମ ଭୋଇ** । ସେ ଆଦିବାସୀ କନ୍ଧ । ପିତୃମାତୃହୀନ ହୋଇ ଅତ୍ୟନ୍ତ ଅସହାୟ ଭାବରେ ବନ ଗହନରେ ଗାଈ ଚରାଇ ଜୀବିକା ନିର୍ବାହ କରୁଥିଲେ । ମହିମା ସ୍ୱାମୀଙ୍କ ଆଶୀର୍ବାଦ ବଳରେ ତାଙ୍କର ଦିବ୍ୟଦୃଷ୍ଟି ଓ

କବିତ୍ୱ ଶକ୍ତି ପ୍ରକାଶ ପାଇଲା । ସେ ହେଲେ ମହିମା ଧର୍ମର ଆଦିକବି । 'ସ୍ତୁତି ଚିନ୍ତାମଣି', 'ନିର୍ବେଦ ସାଧନ", 'ଶ୍ରୁତି ନିଷେଧ ଗୀତା', 'ବ୍ରହ୍ମଚାଳକ' ଆଦି ଗ୍ରନ୍ଥ ସହିତ ସେ ବହୁ ଚଉତିଶା ଓ ଭଜନ ଲେଖି ଯାଇଛନ୍ତି । ତାଙ୍କର ଆଦର୍ଶ ଥିଲା - 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ।' ଜଗତ ମଙ୍ଗଳ ତାଙ୍କର ଲକ୍ଷ୍ୟ । ତେଣୁ ଓଡ଼ିଆ ସନ୍ଥ – ସାହିତ୍ୟର ଧାରାରେ ସେ ବାସ୍ତବିକ ଅନନ୍ୟ ପ୍ରତିଭାର ଅଧିକାରୀ । ତାଙ୍କ ପୂର୍ବରୁ **ମହାପୁରୁଷ ହାଡ଼ି ଦାସ ଓ ସନ୍ଥ କବି ଅରକ୍ଷିତ ଦାସ** ଅନେକ ଗ୍ରନ୍ଥ ଓ କବିତା ରଚନା କରିଥିଲେ । **ହାଡ଼ି ଦାସ**ଙ୍କର 'ଲକ୍ଷ୍ମୀଧର ବିଳାସ', 'ଶଙ୍ଖନାଭି', 'ଭାବନାବର' ଓ ବହୁ ଭଜନ, ଜଣାଣ, ଚଉତିଶା ପାଠକମାନଙ୍କ ଶ୍ରଦ୍ଧା ଲାଭ କରିଅଛି । ଅରକ୍ଷିତ ଦାସଙ୍କ 'ମହୀମଣ୍ଡଳ ଗୀତା' ଏକ ତାତ୍ତ୍ୱିକ ଗ୍ରନ୍ଥ ।

ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ଦୀର୍ଘ ପାଞ୍ଚଶହ ବର୍ଷ ଧରି ଗତି କରିଥିଲା । ସାରଳା ଦାସଙ୍କଠାରୁ ଭୀମଭୋଇଙ୍କ ପର୍ଯ୍ୟନ୍ତ ଦୀର୍ଘ ପଥ । ଏହାରି ମଧ୍ୟରେ ଆସିଛି ଓଡ଼ିଶାର ବିପର୍ଯ୍ୟୟ । ସ୍ୱାଧୀନତା ଲୋପ ପାଇଛି, ମୁସଲମାନ, ମୋଗଲ, ମରହଟ୍ଟା ଓ ଇଂରେଜ ଶାସନ ପ୍ରତିଷ୍ଠା ଲାଭ କରିଛି, ଚାଲିଛି ଶୋଷଣ ଓ ପୀଡ଼ନ । ତଥାପି ଓଡ଼ିଆ ଜାତି ନିଶ୍ଚିହ୍ନ ହୋଇଯାଇ ନାହିଁ । ତା'ର ଭାଷା ଓ ସଂସ୍କୃତି ଲୋପ ପାଇଯାଇ ନାହିଁ । ଯେଉଁ ଭାଷାରେ ପଞ୍ଚଦଶ ଶତାବ୍ଦୀରେ ସାରଳା ଦାସ ଶକ୍ତି ପରୀକ୍ଷା କରିଥିଲେ ସେହି ଭାଷା ଆପଣାର ମର୍ଯ୍ୟାଦା ବିସ୍ତାର କଲା । ରଚିତ ହେଲା କେତେ ପୁରାଣ, କାବ୍ୟ, କବିତା । ଦେଶ-ଭାଷା ବା ଜନପଦର ଭାଷାକୁ ଛାଡ଼ି କାବ୍ୟ ପୁଣି ସଂସ୍କୃତାୟିତ ଓ ଆଳଙ୍କାରିକ ଭାଷାକୁ ଗୁରୁତ୍ୱ ଦେଲା । କାବ୍ୟ ସହିତ ମଧ୍ୟ ରଚିତ ହେଲା ଗଦ୍ୟ ଗ୍ରନ୍ଥ । ଲକ୍ଷ୍ୟ କରାଗଲା ଯେ ଓଡ଼ିଆ କବିମାନେ କାବ୍ୟର ଶ୍ରୀ ବା ସୌନ୍ଦର୍ଯ୍ୟ ଉପରେ ବିଶେଷ ଗୁରୁତ୍ୱ ଦେଉଥିଲାବେଳେ ମଣିଷ ଉପରେ ସେତେଟା ଗୁରୁତ୍ୱ ଦେଇ ନଥିଲେ। ବିଶେଷତଃ ସନ୍ଥ-ସାହିତ୍ୟ ଓ ଭକ୍ତି ସାହିତ୍ୟରେ ଅଛି ମଣିଷର ଉତ୍ତୋଳନ ପାଇଁ ସ୍ପଷ୍ଟ ସଂକେତ । ମଣିଷକୁ ସତ୍ୟ ଓ ଧର୍ମ ମାର୍ଗରେ ନେବା ପାଇଁ, ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଏକ ମଣିଷ ସମାଜ ଗଠନ ପାଇଁ ସନ୍ଥ-ସାହିତ୍ୟ ପ୍ରେରଣା ଦେବା ସଂଗେ ସଂଗେ କ୍ଷମତାମଦମତ୍ତ ମଣିଷମାନଙ୍କ ପାଇଁ ମଧ୍ୟ ଚେତାବନୀ ଶୁଣାଇଛି । ସନ୍ଥ-ସାହିତ୍ୟ ସହିତ ଓଡ଼ିଆ ଭାଷାରେ ରଚିତ ହେଲା କାବ୍ୟ । ବିବିଧ ଅଳଙ୍କାର, ରସ, ଗୁଣ, ବକ୍ରୋକ୍ତି, ଧ୍ୱନି ଇତ୍ୟାଦି ପ୍ରୟୋଗରେ କାବ୍ୟ – ସାହିତ୍ୟ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ଲାଭ କଲା । ମାତ୍ର ଏପରି କାବ୍ୟ ସାଧାରଣ ପାଠକମାନଙ୍କୁ ଆକର୍ଷଣ କଲା ନାହିଁ । ତଥାପି ଏହାର ସାଙ୍ଗୀତିକ ମାଧୁର୍ଯ୍ୟ ଲୋକଙ୍କୁ ଆନନ୍ଦ ପ୍ରଦାନ କଲା । କାଳ୍ପନିକ କାବ୍ୟ ସହିତ ପୌରାଣିକ କାବ୍ୟ ରଚିତ ହୋଇ ଓଡ଼ିଆ ପାଠକମାନଙ୍କୁ ବିଶେଷ ଭାବରେ ଉଦ୍‌ବୁଦ୍ଧ କଲା । କୃଷ୍ଣ-ଭକ୍ତି ଓ ରାମ-ଭକ୍ତିକୁ ନେଇ କାବ୍ୟ କବିତା ରଚିତ ହୋଇଥିଲେ ମଧ୍ୟ ଜଗନ୍ନାଥ-ଚେତନା ଓ ଜଗନ୍ନାଥ-ଭକ୍ତି ଗୁରୁତ୍ୱ ଲାଭ କଲା । ଏହି ସମୟରେ ରଚିତ ଗୀତିକବିତାଗୁଡ଼ିକ ଓଡ଼ିଆ ପାଠକମାନଙ୍କୁ ଗଭୀର ଭାବରେ ଅନୁପ୍ରାଣିତ କଲା । ଜଗନ୍ନାଥ ପଦାବଳୀ ଯେପରି ଧାରାବାହିକ ଭାବରେ ରଚନା କରାଯାଇଥିଲା ତାହା ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ ହୋଇରହିଛି । ଏହିପରି ଭାବରେ ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ସମୃଦ୍ଧ ଥିଲା। ଦୀର୍ଘ ପାଞ୍ଚ ଶହ ବର୍ଷ ଧରି ବିବିଧ ରୂପ – ବିଭବ ଓ ଭାବ-ବିଭବକୁ ନେଇ ଯେଉଁ ସାହିତ୍ୟ ସୃଷ୍ଟି ହୋଇଥିଲା ତାହା ଯେ ଓଡ଼ିଆ ଭାଷାର ଅମୂଲ୍ୟ ସଂପଦ ଓ ଓଡ଼ିଆ ଜାତିର ଆତ୍ମପରିଚୟର ବାର୍ତ୍ତା ବହନ କରିଛି; ଏକଥା କହିଲେ ସତ୍ୟର ଅପଳାପ ହେବ ନାହିଁ ।

## ପ୍ରଶ୍ନାବଳୀ

**ନିର୍ଦ୍ଦିଷ୍ଟ ଉତ୍ତରମୂଳକ :**

ପ୍ରଦତ୍ତ ଉତ୍ତରରୁ ଠିକ୍ ଉତ୍ତରଟି ବାଛି ଲେଖ ।

୧. 'ମାଟିର ମହାକବି' କିଏ ?

କ) ବତ୍ସା ଦାସ ଖ) ସାରଳା ଦାସ

ଗ) ଦନେଇ ଦାସ ଘ) ଜଗନ୍ନାଥ ଦାସ

୨. କବି ଜଗନ୍ନାଥ ଦାସଙ୍କୁ 'ଅତିବଡ଼ୀ' ଉପାଧି କିଏ ଦେଇଥିଲେ ?

କ) ଶ୍ରୀଚୈତନ୍ୟ ଖ) ରାଜା ପ୍ରତାପରୁଦ୍ର ଦେବ

ଗ) ଶ୍ରୀ ଜଗନ୍ନାଥ ଘ) ରାଜା କପିଳେନ୍ଦ୍ର ଦେବ

୩. 'ଲକ୍ଷ୍ମୀ ପୁରାଣ' କେଉଁ କବିଙ୍କର କୃତି ?

କ) ସାରଳା ଦାସ ଖ) ଜଗନ୍ନାଥ ଦାସ

ଗ) ବଳରାମ ଦାସ ଘ) ଅଚ୍ୟୁତାନନ୍ଦ ଦାସ

୪. ଦୀନକୃଷ୍ଣ ଦାସଙ୍କର କେଉଁ କାବ୍ୟଟି "କ' ଆଦ୍ୟ ନିୟମରେ ରଚିତ ?

କ) ନାମରତ୍ନ ଗୀତା ଖ) ପ୍ରସ୍ତାବ ସିନ୍ଧୁ

ଗ) ରସବିନୋଦ ଘ) ରସକଲ୍ଲୋଳ

୫. 'ଲାବଣ୍ୟବତୀ' କେଉଁ ଧରଣର କାବ୍ୟ ?

କ) ପୌରାଣିକ ଖ) କାଳ୍ପନିକ

ଗ) ଐତିହାସିକ ଘ) ଭକ୍ତିମୂଳକ

**କ୍ଷୁଦ୍ର ଉତ୍ତରମୂଳକ :**

୬. ଚଣ୍ଡୀ ପୁରାଣର ଲେଖକ କିଏ ?

୭. ଜଗନ୍ନାଥ ଦାସଙ୍କ ଭାଗବତ କେଉଁ ଗ୍ରନ୍ଥର ଅନୁବାଦ ?

୮. ମାଳିକାକାର ଭାବରେ କେଉଁ କବି ପ୍ରସିଦ୍ଧ ?

୯. ଭାଗବତ ଟୁଙ୍ଗୀ କେଉଁ ଗ୍ରନ୍ଥକୁ ନେଇ ପ୍ରତିଷ୍ଠିତ ? ଏହାର ତାତ୍ପର୍ଯ୍ୟ କ'ଣ ?

୧୦. କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର କବି କିଏ ?

୧୧. ଦୀନକୃଷ୍ଣଙ୍କର କେଉଁ କାବ୍ୟଟି ଶ୍ରେଷ୍ଠ ଓ କାହିଁକି ?

୧୨. କବି ଅଭିମନ୍ୟୁ ସାମନ୍ତସିଂହାର କେଉଁ ଧର୍ମ ପ୍ରତି ଅନୁରକ୍ତ ଥିଲେ ?

୧୩. ଶ୍ରୀଚୈତନ୍ୟ ଓଡ଼ିଶାକୁ କେବେ ଆସିଥିଲେ ? ତାଙ୍କର ଧର୍ମମତ କିପରି ଓଡ଼ିଆ କବିମାନଙ୍କୁ ପ୍ରଭାବିତ କଲା ?

୧୪. ଉପେନ୍ଦ୍ରଭଞ୍ଜଙ୍କର ପାଞ୍ଚୋଟି କାଞ୍ଚନିକ କାବ୍ୟର ନାମ ଲେଖ ?

୧୫. ବୈଦେହୀଶ ବିଳାସ କାବ୍ୟର କବି କିଏ ? ଏଥିରେ କେଉଁ ବିଷୟ ବର୍ଣ୍ଣିତ ?

୧୬. ପ୍ରାଚୀନ ଓଡ଼ିଆ ଗୀତିକବି ଭାବରେ ପାଞ୍ଚଜଣଙ୍କର ନାମ ଲେଖ ।

୧୭. ରୀତିଯୁଗର ବିଶିଷ୍ଟ କବିମାନଙ୍କ ମଧ୍ୟରୁ ଚାରିଜଣଙ୍କର ନାମ ଲେଖ ।

୧୮. ପଞ୍ଚସଖାମାନେ କେଉଁ ଦେବତାଙ୍କୁ ମୁଖ୍ୟ ଭାବରେ ଗ୍ରହଣ କରିଥିଲେ ? ସେମାନଙ୍କୁ ପଞ୍ଚସଖା କହିବାର ତାତ୍ପର୍ଯ୍ୟ କ'ଣ ?

୧୯. ପ୍ରାଚୀନଯୁଗର ଜଣେ ନାରୀକବିଙ୍କର ନାମ ଲେଖ ? ତାଙ୍କ ଲିଖିତ ଗ୍ରନ୍ଥର ନାମ କ'ଣ ?

୨୦. ଭୀମଭୋଇଙ୍କ ମୁଖ୍ୟ କୃତିର ନାମ କ'ଣ ?

୨୧. 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ' - ଏଇ ପ୍ରସିଦ୍ଧ ଉକ୍ତିଟି କେଉଁ କବିଙ୍କର ?

୨୨. କବି ବ୍ରଜନାଥ ବଡ଼ଜେନାଙ୍କର କଥା ଗ୍ରନ୍ଥର ନାମ କ'ଣ ?

୨୩. 'ମନବୋଧ ଚଉତିଶା' କେଉଁ କବିଙ୍କର ରଚନା ?

୨୪. ସାରଳା ଦାସଙ୍କ ସମୟରେ ଉତ୍କଳର ଗଜପତି କିଏ ଥିଲେ ?

୨୫. ବିଦଗ୍ଧ କବି କାହାକୁ କୁହଯାଏ ? ତାଙ୍କ ପ୍ରଣୀତ ଚାରୋଟି ଗ୍ରନ୍ଥର ନାମ ଲେଖ ।

**ଦୀର୍ଘ ଉତ୍ତରମୂଳକ :**

୨୬. ପଠିତ ପ୍ରବନ୍ଧକୁ ଭିତ୍ତି କରି ପଞ୍ଚସଖା ସାହିତ୍ୟର ସାମାଜିକ ଆଭିମୁଖ୍ୟ ସଂପର୍କରେ ଆଲୋଚନା କର ।

୨୭. ଜଗନ୍ନାଥ ଦାସଙ୍କ ଭାଗବତର ଲୋକପ୍ରିୟତାର କାରଣ ଲେଖ ।

୨୮. କବି ଉପେନ୍ଦ୍ରଭଞ୍ଜଙ୍କ କାବ୍ୟକୃତିର ପରିଚୟ ଦିଅ ।

୨୯. ଓଡ଼ିଆ ସନ୍ଥ କବିଙ୍କର ପରିଚୟ ପ୍ରଦାନ କର ।

୩୦. ସାରଳା ଦାସଙ୍କୁ ଆଦିକବି କହିବାର ଯଥାର୍ଥତା ପ୍ରତିପାଦନ କର ।

୩୧. ପ୍ରାଚୀନ ଓଡ଼ିଆ କବିତାର ବିଭିନ୍ନ ରୂପ ସଂପର୍କରେ ଆଲୋଚନା କର ।

**ତୁମ ପାଇଁ କାମ :**

୩୨. ତୁମେ ପଢ଼ିଥିବା ମଧ୍ୟଯୁଗୀୟ କାବ୍ୟ ଓ କବିମାନଙ୍କ ଏକ ତାଲିକା ପ୍ରସ୍ତୁତ କର ।

୩୩. ଉଦ୍ଧୃତି ଖାତାରେ ତୁମକୁ ଭଲ ଲାଗୁଥିବା ଉଦ୍ଧୃତିଗୁଡ଼ିକୁ (ଗଦ୍ୟ ବା ପଦ୍ୟ) ସଂଗ୍ରହ କରି ଲେଖି ରଖ ।

❖❖❖

# ବୁଢ଼ା ଶଙ୍ଖାରି

● ଲକ୍ଷ୍ମୀକାନ୍ତ ମହାପାତ୍ର

## ଲେଖକ ପରିଚୟ :

*କାନ୍ତକୋମଳ ପଦାବଳୀରେ ଲକ୍ଷ୍ମୀକାନ୍ତ(୧୮୮୮-୧୯୫୩)ଙ୍କର ରଚନାଗୁଡ଼ିକ ସମୃଦ୍ଧ ହେତୁ ତାଙ୍କୁ ଯଥାର୍ଥରେ "କାନ୍ତକବି" ବୋଲି ସମ୍ବୋଧନ କରାଯାଇଛି । ବ୍ୟଙ୍ଗ ବିଦ୍ରୂପ ମଧ୍ୟରେ ପାଠକ ମନରେ ବିମଳ ହାସ୍ୟ ସଞ୍ଚାର କରିବା ସହିତ ସମାଜସଂସ୍କାର ଭାବନା ତାଙ୍କ ସୃଷ୍ଟିର ମୁଖ୍ୟ ବିଭବ। କଥାସାହିତ୍ୟ ଓ କାବ୍ୟକବିତା କ୍ଷେତ୍ରରେ ତାଙ୍କର ସିଦ୍ଧି କାଳଜୟୀ । 'ଜୀବନ ସଂଗୀତ', 'ଜାତୀୟ ସଂଗୀତ', 'କଲ୍ଲୋଳ 'ଓ 'ଚଟକ ଚନ୍ଦ୍ରହାସ ଚଂପୂ' ବିବିଧ କବିତା ମଧ୍ୟରେ ଲକ୍ଷ୍ମୀକାନ୍ତଙ୍କ କବି ପ୍ରତିଭାର ସ୍ୱାକ୍ଷର ନିହିତ। 'କଣାମାମୁ' ଉପନ୍ୟାସ ଓ 'ବୁଢ଼ା ଶଙ୍ଖାରି' ଗଳ୍ପ କାନ୍ତକବିଙ୍କର ଅମ୍ଳାନ ସୃଷ୍ଟି । ହାସ୍ୟ ମଧୁର ବେଦନାର ଜୀବନ୍ତ ରୂପାୟନ ତାଙ୍କର କ୍ଷୁଦ୍ର ଗଳ୍ପ। 'ବନ୍ଦେ ଉତ୍କଳ ଜନନୀ' ଜାତୀୟ ଗୀତିକାର ସେ ସ୍ମରଣୀୟ ସ୍ରଷ୍ଟା ।*

*ରକ୍ତର ସଂପର୍କ ନ ଥାଇ ମଧ୍ୟ କିପରି ଅନାବିଳ ବାତ୍ସଲ୍ୟ ପ୍ରେମର ମହାନତା ପ୍ରଦର୍ଶନ କରାଯାଇଛି ତାହା ହିଁ ଉକ୍ତ ଗଳ୍ପର କଥାବସ୍ତୁ ।*

---

**ପ୍ରା**ୟ ଫଗୁଣ ମାସ ଶେଷ ସରିକି, ଉଦୁଉଦିଆ ଖରାବେଳେ ବୁଢ଼ାଟିଏ ଗୋଟିଏ ଗାଁ ମଝିରେ ଯାଉଥିଲା । ଷାଠିଏ ବରଷର ବୁଢ଼ା, ଦାନ୍ତଗୁଡ଼ାକ ସବୁ ପଡ଼ିଗଲାଣି; ମୁଣ୍ଡବାଳ ତେଣିକି ଥାଉ ଛାତି ବାଳଗୁଡ଼ାକ ପାଚି ଧୋବଫରଫର ଦିଶୁଛି । ବୁଢ଼ା ମୁଣ୍ଡରେ ଗୋଟିଏ ଟୋକେଇ; ଧୂଳିରେ ଆଣ୍ଠୁଯାକେ ବୁଡ଼ିଛି, ଅଷ୍ଟାଙ୍ଗ ଶରୀର ଝାଳରେ ବୁଡ଼ି ଗୋଡ଼ବାଟେ ବହିଯାଉଛି ।

ଗାଁ ମୁଣ୍ଡରେ ଗୋଟିଏ ଘର । ପକ୍‌କା ପିଣ୍ଡା, ସାତଶେଣିଆ ଛପର, ଯାଉଁଳି କବାଟ । ବୁଢ଼ା ସେହି ପିଣ୍ଡାରେ ବୋଝଟି ଥୋଇଦେଇ ନଥ୍ କରି ବସିପଡ଼ିଲା । କିଛି କ୍ଷଣ ପରେ ସେ ଘରୁ ଗୋଟିଏ ଦାସୀ ବାହାରି ଆସିଲା । ଦାସୀ ବୁଢ଼ାକୁ ଚିହ୍ନେ । ପଚାରିଲା, "କିହୋ ଶଙ୍ଖାରି ପୁଅ, ଶଙ୍ଖା ଆଣିଛ କି !" ବୁଢ଼ା ଉତ୍ତର କଲା 'ହଁ' । ପୁଣି କହିଲା, "ଝିଅ, ଟୋପାଏ ପାଣି ଦିଅନ୍ତୁ, ବୁଢ଼ା ମଣିଷ, ଖରାରେ ତଣ୍ଟି ଶୁଖିଗଲାଣି ।" ଦାସୀ ପାଣି ଆଣିବାକୁ ଚାଲିଗଲା ।

କିଛିକ୍ଷଣ ପରେ ଲୋଟାଏ ପାଣି ଘେନି ଦାସୀ ଫେରିଆସି ବୁଢ଼ା ପାଖରେ ଥୋଇଦେଲା । ବୁଢ଼ା ଉପରକୁ

ଆଁ କରି ଦେଇ ଢକଢକ କରି ଅଧ ଲୋଟାଏ ପାଣି ଟେକିଦେଲା । ପାଣି ପିଇସାରି ବୁଢ଼ା ଚଉରସ ନିଃଶ୍ୱାସଟାଏ ମୁହଁ ବାଟେ ପକାଇ କହିଲା, "ଝିଅ, ତୋର ବଡ଼ ଧରମ ହେଲା ।" ଦାସୀ କହିଲା, "ହେଉ ହେଲା ତ ହେଲା ପଛକେ, ଚାଲ ବୋହୂସାଆନ୍ତାଣୀ ଡାକୁଛନ୍ତି କିମିତିକା ଶଙ୍ଖା ଅଛି ଦେଖିବେ ।" ବୁଢ଼ା ଟୋକେଇଟି ନେଇ ଉଠିଲା । ସଦର ଦରଜା ପାରି ହେଲେ ଭିତରେ ପକ୍‌କା, ବାହାର ସାମନାରେ ଚଉପାଢ଼ି, ବାଆଁ ପାଖକୁ ଭିତରେ ଆଡ଼ ଦୁଆର । ସେ ଦୁଆର ପାଖରେ ଓଢ଼ଣା ଦେଇ ବୋହୂଟିଏ ଛିଡ଼ା ହୋଇଥିଲା । ବୁଢ଼ା ଯାଇ ଟୋକେଇଟି ଥୋଇ ଛିଡ଼ା ହେଲା । ବୋହୂଟି ଧୀରେ ଧୀରେ ଦାସୀକି କହିଲା, "କି ଶଙ୍ଖା ଅଛି ପଚାର ମ ।" ଦାସୀଟି ଟିକିଏ ମୁଖରା । ସେ କହିଲା, "ଛି' କର, ବୁଢ଼ା ମିଣିପିଟାକୁ ଏତେ ଲାଜ ? ନିଜେ ଟୋକେଇରୁ ଆସି ଦେଖୁନାହଁ ?" କଥାଟା ମନକୁ ଆସିଲା । ବୋହୂଟି ଓଢ଼ଣା ଅଧେ ଟେକି ଦେଇ ମୁରୁକି ମୁରୁକି ହସିହସିକା ବାହାରି ଆସି ଟୋକେଇ ପାଖରେ ଛିଡ଼ା ହେଲା । ବୋହୂଟିର ମୁହଁ ଦିଶିଗଲା । ମୁହଁଟି ଚକି କାଟି ଦେଲାପରି; ଚମ୍ପାଫୁଲ ପରି ଗୋରା । ଚାରି ଆଙ୍ଗୁଳ ଓସାର ନାଲି ତହିଁରି ମୟୂରକଣ୍ଠିରି କସ୍ତା ଖଣ୍ଡିକ ଗୋଇଠିଯାଏ ଲମ୍ବିଛି । ତା ଭିତର ଦେଇ ବୋହୂଟିର କଞ୍ଚା ସୁନାପରି ଗୋରା, ଗୋଟିଏ ଚାଉଳରେ ଗଢ଼ା ଦେହଟି ଫୁଟି ଦିଶୁଛି । ବୁଢ଼ାର ଆଖି ପୂରି ଉଠିଲା । ଏଡ଼େ ସୁନ୍ଦର,ଏଡ଼େ ନିକ ବୋହୂଟିଏ ସେ କେବେ ଦେଖି ନାହିଁ । ବୁଢ଼ା ଆଉ ଆଖି ଫେରାଇ ପାରିଲା ନାହିଁ । ଏକା ଧ୍ୟାନରେ ବୋହୂଟିକୁ ଚାହିଁ ରହିଲା । ବୁଢ଼ାର ଇଚ୍ଛା କ'ଣ କହିବ ବୋଲି, କିନ୍ତୁ ପାଟିରୁ କଥା ଫୁଟିଲା ନାହିଁ । କେତେବେଳକେ ବୁଢ଼ା ମୁହଁ ଫିଟାଇ କହିଲା, "ମା, କି ଶଙ୍ଖା ନବୁ ନେ ।" ମା' ବୋଲି ଡାକି ଦେଲାକ୍ଷଣି ବୁଢ଼ାର ଛାତି କୁଣ୍ଢେ ହୋଇଗଲା । ବୋହୂଟି ଲାଜ ଛାଡ଼ିଦେଇ କହିଲା, "ଆସ୍‌ମାନ୍ ତାରା ଶଙ୍ଖା ଅଛି ?" ଓଃ, ଏଡ଼େ ମିଠାକଥା । ଏପରି କଥା ତ କେହି କହେ ନାହିଁ । ବୁଢ଼ାର କାନରେ ସେ ସ୍ୱରଟା ଥରକୁ ଥର ବାଜିବାକୁ ଲାଗିଲା । ବୁଢ଼ା କହିଲା, "ନା, ମା, ରଙ୍ଗଝିଲିରି, ବଉଳଫୁଲିଆ, ବିଛାମାଳିଆ, ଚୂନଟିପି ଏହି ସବୁ ଅଛି । ଏହିଥିରୁ ଯାହା ନବୁ ନେ ମା, ମୁଁ ଆସ୍‌ମାନ୍ ତାରା ତିଆରି ହେଲେ ଆଣିଦେବି ।"

ବୋହୂଟି ଦେଖି ଦେଖି ମୁଠାଏ ଶଙ୍ଖା ପସନ୍ଦ କଲା । ତେବେ ସେ ମୁଠାକ ହାତକୁ ହେବ କି ନାହିଁ କିଏ କହିବ ? ଏହି ସମୟରେ ବୁଢ଼ା କହିଲା, "ଦେ ମା, ହାତ ଦେ, ମୁଁ ଶଙ୍ଖା କଛି ଦିଏ ।" ବୋହୂଟି ହଠାତ୍ ହାତ ବଢ଼ାଇ ଦେଉଛି ବା କିପରି ? ଟିକିଏ ଇତସ୍ତତଃ କଲା । ବୁଢ଼ା କହିଲା, "ମା, ମୋତେ ଲାଜ କରୁଛୁ ? ମୁଁ ପରା ତୋ ପୁଅ । ପୁଅକୁ ମା ଲାଜ କରେ ନା !" ଦାସୀ ଏହି ସମୟରେ ଠୋ ଠୋ କରି ହସି ଦେଇ କହିଲା, "ବୋହୂ -ସାଆନ୍ତାଣୀଏ ! ଆଛା ବୁଢ଼ା ପୁଅଟିଏ ପାଇଲ ଏକା; କପାଳ ତ ।" ବୋହୂଟି ପୁଣି ହସି ଦେଇ କହିଲା, 'ଦୂର୍' ।

ବୋହୂଟି ହାତ ବଢ଼ାଇଦେଲା । କେଡ଼େ ଟିକିଏ ନିକ ହାତଟି ! କେଡ଼େ ସୁନ୍ଦର ଗୋଲ, ଆଙ୍ଗୁଳିଗୁଡ଼ିକ ଚମ୍ପାକଢ଼ି ପରି । ପାପୁଲିଟି ଟୁଲଟୁଲ ହେଉଛି । ଶଙ୍ଖାଗୁଡ଼ିକ କି ସୁନ୍ଦର ଦିଶୁଛି । ଏ କ'ଣ ମଣିଷର ହାତ ? ନା, କେହି କାରିଗର ଠାକୁର ଗଢ଼ିଛି ? ସେ ହାତକୁ ବୁଢ଼ା ତା'ର ମଳିଆ, ରୁକ୍ଷ ହାତରେ ଧରିବାକୁ ସାହସ କଲା ନାହିଁ । ତା'ପରେ ବାଁହାତରେ ଥିର କରି ହାତଟି ଧରି ପରେ ଶଙ୍ଖା କଛିବାକୁ କାଢ଼ିଲା । ଏ ହାତ, ଶଙ୍ଖାରେ କାଳେ କଟିଯିବ; ରକତ ବାହାରି ପଡ଼ିବ ଯେ । ପୁଣି ଟିକିଏ ରହିଲା । ପୁଣି ଶଙ୍ଖା ପଟିଏ ଆଣି, ଧୀରେ ଧୀରେ ଅତି ସନ୍ତର୍ପଣରେ, ଅତି ସାବଧାନତାର ସହିତ ସେ ପଟିକ କଛି ନେଲା । ସେ ହାତଟି ଧରିଥିବା ବେଳେ ବୁଢ଼ାର ଆନନ୍ଦ ସୀମା ରହୁ ନ ଥାଏ, ଯେପରି ତା'ର ଜୀବନର ସମସ୍ତ ସୁଖ, ସମସ୍ତ ଆଶାର ସେହିଠାରେ ତୃପ୍ତି । ସେ ହାତକୁ ପୁଣି ଛାଡ଼ିଦେବାକୁ ହେଲା । ବୁଢ଼ା ଭାବିଲା, ମୁଁ ପ୍ରତିଦିନ ଏହିପରି ଏ ହାତରେ ଶଙ୍ଖା ପିନ୍ଧାନ୍ତି କି !

ଏହି ସମୟରେ ସେ ଘରର ସାଆନ୍ତାଣୀ ସେଠାରେ ଆସି ପହଞ୍ଚିଲେ । ଶାଶୂଙ୍କୁ ଦେଖି ବୋହୂଟି ଓଢ଼ଣା ଟାଣି ଦେଇ ପଳାଇଲା । ଶାଶୂ ଦାସୀକୁ ପଚାରିଲେ, "କିଲୋ, ଶଙ୍ଖା କିଣୁଥିଲ କି ?" ଦାସୀ କହିଲା, "ହଁ, ବୋହୂସାଆନ୍ତାଣୀ ଏହି ମୁଠାକ ନେବେ ବୋଲି କହୁଛନ୍ତି ।"

ଶାଶୂ କହିଲେ - ଦାମ୍ କେତେ ?

ବୁଢ଼ା - ଶଙ୍ଖା ମୁଠାକ, କି ଦାମ୍ ?

ଶାଶୂ - ଫେର୍, କେତେ ଦେବି ?

ବୁଢ଼ା - ମା' ଠଉଁ ମୁଁ କ'ଣ ଦାମ୍ ନେବି ?

ଶାଶୂ ଦାସୀକୁ ପଚାରିଲେ - କିଲୋ ? ମା' କ'ଣ ଲୋ ?

ଦାସୀ ହସି ହସି କହିଲା, "ସେଇ ପିଲାଟି ବୋହୂସାଆନ୍ତାଣୀଙ୍କ ପୁଅ ହୋଇଛି ।"

ଶାଶୂ ବି ହସିଲେ । କହିଲେ, "ଆଚ୍ଛା, ଏଥର ଦାମ୍ ନେଇଥାଅ ଆରଥରକୁ ପଛେ ଖାଲି ଦେଇଯିବ । ତମେ ଗରିବ ଲୋକ..."

ବୁଢ଼ା - "ନା, ନା, ମୋ ମା'କୁ ମୁଁ ତ ଦେଇଛି; ମୁଁ ଆଉ ଦାମ୍ ନେବି ନାହିଁ । ଶଙ୍ଖା ମୁଠାକ ଲାଗି ମୁଁ ଗରିବ ହୋଇଯିବି ନାହିଁ ।

ଏହା କହି ଶଙ୍ଖାରି ଶଙ୍ଖାମୁଠାକ ରଖିଦେଇ ବୋଝଟି ଧରି ଏକାବେଳକେ ଚାଲିଗଲା । ଆଉ ଡାକିଲେ ଶୁଣିଲା ନାହିଁ । ଦାସୀ ପଛରେ ଗୋଡ଼ାଇ ଗଲା; କିନ୍ତୁ ସେ ଆଉ ଫେରି ଚାହିଁଲା ନାହିଁ ।

ସେହିଦିନଠୁଁ ସେ ବୁଢ଼ା ଶଙ୍ଖାରି ଦୁଇଦିନେ ତିନିଦିନେ ସେ ଗାଁକୁ ଆସେ ! ଶଙ୍ଖାଟା କ'ଣ ଗୋଟାଏ ନିତ୍ୟାନି ଦରବ ଯେ, ଲୋକେ ରୋଜ କିଣିବେ । ଅକାଳେ ସକାଳେ ପୁନେଇଁ ପରବରେ ସିନା କିଏ ନୂଆ ଶଙ୍ଖା ଖୋଜେ ! ବୁଢ଼ାଟା ଖାଲି ଘର ଘର ବୁଲି ଫେରିଯାଏ, କିନ୍ତୁ ଶଙ୍ଖା ବିକ୍ରି ତ ବୁଢ଼ାର ଉଦ୍ଦେଶ୍ୟ ନୁହେଁ । ସିଏ ଆସେ ତା'ର ସେହି ନିଜ ମା'ଟିକୁ ଦେଖିବା ପାଇଁ । କେଉଁଦିନ ଆସେ, କାହାରିକୁ ନ କହି ଦୁଆରଯାକେ ଚାଲିଆସେ । ବୋଝ ରଖିବାକୁ ହୁଏ ନାହିଁ, ଖାଲି ପାଟି କରି ଡାକିଦିଏ, "ନୂଆ ଶଙ୍ଖା ନବ ?" ତା' ପାଟି ଶୁଣିଲା କ୍ଷଣି ବୋହୂଟି କୁଆଡ଼େ ଥାଏ, ଆସି ଦୁଆର ପାଖରେ ଟିକିଏ ଛିଡ଼ା ହୁଏ । ବୁଢ଼ାଟି ଟିକିଏ ଅନାଏ; ଚାହିଁ ଦେଲାକ୍ଷଣି ବୁଢ଼ାର ମନ ପୂରି ଉଠେ । ପଚାରେ, "ମା, ଆଉ ଶଙ୍ଖା ନବୁ ?" ବୁଢ଼ାର ଇଚ୍ଛା କାଳେ ନବାକୁ କହିବ, ତାହାହେଲେ ତା ମା'ର ଚମ୍ପାଫୁଲିଆ ସୁନ୍ଦର ହାତଟିରେ ସେ ଶଙ୍ଖା କଛି ଦେବ; କିନ୍ତୁ ବୋହୂଟି ମୁଣ୍ଡ ହଲାଇ ଦିଏ । ବୁଢ଼ା ଫେରି ଚାଲିଯାଏ ।

ଦିନେ ଦିନେ ଯଦି ବୋହୂଟିର ଆସିବାକୁ ଡେରି ହୁଏ, ସେ ଦାସୀଟି ହୁରି କରିଦିଏ, "ବୋହୂ ସାଆନ୍ତାଣୀଏ, ତମ ପୁଅ ଅଇଲାଣି ।" ବୁଢ଼ା ଦୁଇଥର, ଚାରିଥର "ନୂଆ ଶଙ୍ଖ ନବ' ବୋଲି ଡାକିଲାରୁ ତା ମା'ଟି ଆସି ଛିଡ଼ାହୁଏ । ବୁଢ଼ା ଯେଉଁଦିନ ଆସେ, ପ୍ରାୟ ଏହି କଥା, ଏହି ଅଭିନୟ ନିତି ନିତି । ବୁଢ଼ା ଫେରିଲା ବେଳକୁ ଭାବେ "ମା'ର ଆସ୍‌ମାନତାରା ଶଙ୍ଖା ଉପରକୁ ମନ । କେବେ ସେଥିରୁ ମୁଠାଏ ଆଣିଦେବି ।" ଶେଷରେ ଠିକ୍ କଲା ଆସନ୍ତା ରଜ ସଂକ୍ରାନ୍ତି ବେଳକୁ ଯୁଆଡୁ ହେଲେ ମା' ଲାଗି ଆସ୍‌ମାନତାରା ମୁଠାଏ ଆଣିବ । ମା' ନାଇବ, ମୋତେ ହାତ ଦେଖାଇବ, ମୁଁ ଶଙ୍ଖା କଛି ଦେବି । ଏଇୟା ଭାବିଲାକ୍ଷଣି ବୁଢ଼ାର ମନ ଭାରି ଉତ୍‌ଫୁଲ୍ଲ ହୋଇଯାଏ । ବୁଢ଼ା ରଜସଂକ୍ରାନ୍ତିକୁ ଚାହିଁ ରହିଥାଏ । ରଜସଂକ୍ରାନ୍ତିଟି ଏଥର ତା'ର ଭାରି ଆନନ୍ଦର ଦିନ; ତା ମା' ଲାଗି ସେ ଆସ୍‌ମାନତାରା ଶଙ୍ଖା ଆଣିବ; ମା' କେଡ଼େ ଖୁସି ହେବ !

ବୈଶାଖ ମାସ ହେଲା । ବୁଢ଼ା ଲୋକ, ସେଥିକି ଖରାରେ ରୋଜ ରୋଜ ବାଟଚଲା, ପାଣିପିଆ, ଦେହରେ ସହିଲା ନାହିଁ, ବୁଢ଼ାକୁ ଜ୍ୱର ହେଲା । ଦେଖୁଁ ଦେଖୁଁ ଭାରି ଜ୍ୱର । ଗୋଡ଼ ହାତ ଫୁଲିଗଲା । ସମସ୍ତେ କହିଲେ ବୁଢ଼ା ଆଉ ବଞ୍ଚିବ ନାହିଁ । ବୁଢ଼ାର କିନ୍ତୁ ସେ ଦିଗକୁ ଭାବନା ନାହିଁ । ସେ ସବୁବେଳେ ଭାବି ହେଉଥାଏ ଯେ, କେଉଁଦିନୁ ସେ ମା'କୁ ଦେଖିବାକୁ ଯାଇନାହିଁ । ସେଥିପାଇଁ ମନଟା ଆଉଟି ପାଉଟି ହେଉଥାଏ ।

ଦେଖୁଁ ଦେଖୁଁ ରଜସଂକ୍ରାନ୍ତି ଆସି ପାଖ ହୋଇଗଲା । ବୁଢ଼ା ଦୁଇମାସ ହେଲା ମା'କୁ ଦେଖିବାକୁ ଯାଇନାହିଁ । ଚାଲିପାରୁଥିଲେ ଯିମିତି ହେଲେ ଦେଖି ଆସୁଥାଆନ୍ତା, କିନ୍ତୁ ରଜକୁ ତ ଆସ୍‌ମାନତାରା ଶଙ୍ଖା ମୁଠାଏ ନିଶ୍ଚୟ ଦେବାକୁ ହେବ । ବୁଢ଼ା ଅନେକ କଷ୍ଟରେ ଉଠି ବସି ନିଜ ହାତରେ ଶଙ୍ଖା ତିଆରି କଲା । ଆଉ କେହି କରିଦେଲେ କାଳେ ମା' ମନକୁ ନ ଆସିବ ! ଷାଠିଏ ବର୍ଷକାଳ ଶଙ୍ଖା ଗଢ଼ି ଗଢ଼ି ସେ ଯେତେ ହାତସଫେଇ ହାସଲ କରିଥିଲା, ସବୁ ସେଥିରେ ଲଗାଇଲା । ଦିନକ କାମ ଚାରିଦିନ ଲାଗୁ ପଛକେ କାମଟି କିମିତି ସରସ ହେଉ । ରଜ ଦୁଇଦିନ ଥାଇ କାମ ନିକାଶ ହେଲା । ମନ ଘେନି ଫଳ । ଏପରି ଗଢ଼ଣ ଶଙ୍ଖା ତା ଜୀବନରେ ତା ହାତରେ କେବେ ଉତୁରି ନାହିଁ । ଶଙ୍ଖା ଦେଖି ବୁଢ଼ାର ମନ ଭାରି ଖୁସି । ତା ମା' ହାତକୁ ଏ ଶଙ୍ଖାମୁଠିକ ଖୁବ୍ ମାନିବ ।

ରଜ ଆଗ ଦିନ ପହିଲି ରଜ । ଆଜି ଝିଅ-ବୋହୂଏ ନୂଆ ଶଙ୍ଖା, ନୂଆଶାଢ଼ି ପିନ୍ଧନ୍ତି । ରାତିସାରା ବୁଢ଼ାର ନିଦ ନାହିଁ । ସକାଳୁ ଉଠି ବୁଢ଼ା ଭାବିଲା, "ମୁଁ ତ ଚାଲିପାରୁନାହିଁ, କ'ଣ କରିବି । ଆଉ କିଏ ନେଇଗଲେ ତ ହେବ ନାହିଁ । ମା' କୁ ଢେର୍‌ଦିନୁ ଦେଖି ନାହିଁ । ସତେ କ'ଣ ଏଥିରୁ ବଞ୍ଚିବି ଯେ - ଥରେ ଦେଖି ଆସେ । ଆଉ ମା'ର ସେହି ହାତରେ ଶଙ୍ଖା କଛି ଦେବି।" ମା'ର ହାତଟି ମନେ ପଡ଼ିଗଲାକ୍ଷଣି ବୁଢ଼ାର ଗଦାଏ ବଳ ଆସିଲା । ବୁଢ଼ା ସଅଳ ସଅଳ ମୁଠାଏ ଖାଇଦେଇ ଶଙ୍ଖାମୁଠିକ ଗାମୁଛାରେ ବାନ୍ଧି ବାହାରିଲା । ଅତି କଷ୍ଟରେ ଭଡ଼ାଏ ଭଡ଼ାଏ ପାଦ ପକାଇ ଚାଲୁଥାଏ । ପାଞ୍ଚକୋଶ ବାଟ ପହଞ୍ଚିଲା ବେଳକୁ ବେଳ ଗଡ଼ିଗଲାଣି ।

ବୁଢ଼ା ଯାଇ ଯେଉଁଠାରେ ଛିଡ଼ା ହୋଇ ଡାକୁଥିଲା ସେହିଠାରେ ଛିଡ଼ା ହେଲା । ମନରେ କେତେ ଆନନ୍ଦ, କେତେ ଉତ୍ସାହ । ଡାକିଲା, "ଶଙ୍ଖା ନବ ?" କେହି ଶୁଣିଲେ ନାହିଁ । ପୁଣି ଡାକିଲା, "ମା'ଲୋ, ଶଙ୍ଖା ନବୁ ପରା !" ତେବେ ବି କେହି ଆସିଲେ ନାହିଁ । ବୁଢ଼ା ଅଧୀର ହୋଇପଡ଼ିଲା । ଦୁଇଥର ଡାକି ସାରିଲାଣି, କେହି ଜବାବ ପଦେ ଦେଉ ନାହିଁ । ଥରେ ଡାକିଲେ ତ ମା' ତାର ଆସି ଦୁଆରବନ୍ଧ ପାଖରେ ଛିଡ଼ା ହୋଇ ଯାଉଥିଲା । ପୁଣି ଡାକିଲା, "ମା' - ମୁଁ ଆସିଛି । ଶଙ୍ଖା ଆଣିଛି ତୋ ପାଇଁ ।" ଏଇଥର ସାଆନ୍ତାଣୀ ନିଜେ ବାହାରି ଆସିଲେ । ତାଙ୍କ ପଛେ ସେହି ଦାସୀ । ସାଆନ୍ତାଣୀଙ୍କୁ ଦେଖି ବୁଢ଼ା କହିଲା, "ମୋ ମା' କାହିଁ ? ମୁଁ ତା ପାଇଁ ଆସ୍‌ମାନତାରା ଶଙ୍ଖା ଆଣିଛି, ରଜରେ ପିନ୍ଧିବ ।" ଦାସୀ ତ ଏତେବେଳକୁ ହୁରି କରି କମ୍ପାଇ ଦିଅନ୍ତାଣି; ସେ କିଛି କହିଲା ନାହିଁ । ସାଆନ୍ତାଣୀ ଧୀରେ ଧୀରେ କହିଲେ, "ନା, ଶଙ୍ଖା ଲୋଡ଼ା ନାହିଁ ।" ବୁଢ଼ା କହିଲା, "ନା, ନା, ମୁଁ ମୋ ମା' ଲାଗି ବଡ଼ ଶରଧାରେ ଆଣିଛି ।"

ସାଆନ୍ତାଣୀ - ନା, ଶଙ୍ଖା କେହି ନେବେ ନାହିଁ । ଯା-

ବୁଢ଼ା - ହେଉ, ଶଙ୍ଖା ନ ନେଲେ ନାହିଁ, ମୋ ମା' କୁ ଥରେ ଡାକିଦିଅ ମୁଁ ଦେଖିବି । କେଉଁଦିନରୁ ଦେଖି ନାହିଁ ।

ସାଆନ୍ତାଣୀ - ଦେଖା ହୋଇପାରିବ ନାହିଁ ।

ବୁଢ଼ା ମୁଣ୍ଡରେ ବଜ୍ର ପଡ଼ିଲା, "ଦେଖା ହୋଇପାରିବ ନାହିଁ ? ମୋ ମା'କୁ ମୁଁ ଥରେ ଦେଖିପାରିବି ନାହିଁ !" ବୁଢ଼ାର ଆଖି ଛଳଛଳ ହୋଇ ଉଠିଲା । ସେ କାନ୍ଦ କାନ୍ଦ ହୋଇ କହିଲା, "ଥରଟିଏ ଦେଖିବି - ମୁଁ ଆଉ ବଞ୍ଚିବି ନାହିଁ ।"

ସାଆନ୍ତାଣୀ ଦାସୀକୁ କହିଲେ, "ଯା, ବୋହୂକୁ ଡାକି ଦେ ।" ଦାସୀ ଚାଲିଗଲା । କିଛିକ୍ଷଣ ପରେ ବୋହୂ ଆସି ଦୁଆର ପାଖେ ଛିଡ଼ା ହେଲା । ସେଇଠି ସେ ସବୁଦିନେ ଛିଡ଼ା ହୁଏ । ଆସିଲା ବେଳକୁ ଝୁମୁରୁ ଝୁମୁରୁ ହୋଇ ଚାଲିଆସେ । ଛିଡ଼ା ହୋଇ ବୁଢ଼ାକୁ ଚାହିଁଦିଏ । ତା'ର ହସହସ ମୁହଁଟି ଦେଖି ବୁଢ଼ାର ଆନନ୍ଦର ସୀମା

ରହେ ନାହିଁ । ଆଜି ନିଃଶବ୍ଦରେ ଆସି ଛିଡ଼ା ହେଲା । ସେ ଚାରି ଆଙ୍ଗୁଳ ଲେଖାଏଁ ନାଲି ତହିଁରି ଶାଢ଼ି ନାହିଁ କି କୁମ୍ଭକିନାରା ଦକ୍ଷିଣା ପାଟ ନାହିଁ । ଗୋଡ଼ ଦୁଇଟା ଲଙ୍ଗଳା, ପିନ୍ଧିଛି ଖଣ୍ଡେ ଧଳା ଥାନ ଲୁଗା । ବୁଢ଼ାର ଦେହ ଥରିଉଠିଲା, ମୁଣ୍ଡ ଘୂରିଗଲା, ବୁଢ଼ା ଆଖି ବୁଜି ପକାଇଲା । ପୁଣି ଚାହିଁ ଦେଲାବେଳକୁ ତା'ର ସେହି ହାତଟି ଦିଶିଗଲା – ହାତରେ କିଛି ନାହିଁ । ବୁଢ଼ା ଭୋ ଭୋ କରି ରଡ଼ି କରି ଉଠିଲା । ବୋହୂଟି ଫେରିପଡ଼ି ଚାଲିଗଲା । ବୁଢ଼ା କହିଲା, "ମା ଲୋ ! ମୁଁ ନ ମରି କାହିଁକି ତୋତେ ଦେଖିବାକୁ ଆସିଲି । ଏଇୟା ଦେଖିବା ଲାଗି ନା ଲୋ ମା' –" ।

ବୁଢ଼ା ଆଉ କହିପାରିଲା ନାହିଁ । ଗାମୁଛାରୁ ତା'ର ବଡ଼ ଯତ୍ନର, ବଡ଼ ଶରଧାର ଶଙ୍ଖାମୁଠିକ ଫିଟାଇପକାଇ ବାହାରେ କଚାଡ଼ି ଦେଲା । ମୁଠାକ ଯାକ ଶଙ୍ଖା ଚୂନା ହୋଇଗଲା । ତହୁଁ ସେ ଏକାମୁହାଁ ହୋଇ ଫେରି ଚାଲିଗଲା । ଦାସୀ ଓ ଶାଶୂ ରଡ଼ି କରିଉଠିଲେ ।

## ପ୍ରଶ୍ନାବଳୀ

୧. ଶଙ୍ଖାରି ବୁଢ଼ାର ଶାରୀରିକ ଅବସ୍ଥା କିପରି ଥିଲା ?

୨. ବୁଢ଼ା ହାଲିଆ ହୋଇ ବିଶ୍ରାମ ନେଇଥିବା ଘରଟି କିପରି ଥିଲା ?

୩. ବୋହୂଟିର ଗଢ଼ଣ କିପରି ଥିଲା ?

୪. ବୋହୂଟି କି ଶଙ୍ଖା ଖୋଜୁଥିଲା ଓ ବୁଢ଼ା ପାଖରେ କି କି ଶଙ୍ଖା ଥିଲା ?

୫. ବୋହୂଟି ପ୍ରଥମେ ଶଙ୍ଖା ପିନ୍ଧିବାକୁ ହାତ ବଢେଇ ନ ଥିଲା କାହିଁକି ?

୬. ବୋହୂଟି ହାତ ନ ଦେଖାଇବାରୁ ବୁଢ଼ା କ'ଣ କହିଲା ?

୭. ବୋହୂର ହାତ ଦେଖି ଶଙ୍ଖାରିବୁଢ଼ା ମନରେ କ'ଣ ପ୍ରତିକ୍ରିୟା ସୃଷ୍ଟି ହେଲା ?

୮. ଶଙ୍ଖାରିବୁଢ଼ା ପ୍ରଥମେ ବୋହୂ ହାତରେ ଶଙ୍ଖା ପିନ୍ଧାଇବାକୁ ଭରସି ପାରୁ ନ ଥିଲା କାହିଁକି ?

୯. ବୁଢ଼ା ତା'ର ଜୀବନର ସମସ୍ତ ସୁଖ, ତୃପ୍ତି କେତେବେଳେ ପାଇଲା ?

୧୦. ଶଙ୍ଖା ପିନ୍ଧେଇ ସାରି ବୁଢ଼ା ଦାମ୍ ନେଲା ନାହିଁ କାହିଁକି ?

୧୧. ବୁଢ଼ାଟି ସେହି ଗାଁକୁ ଦୁଇ, ତିନି ଦିନରେ ଥରକୁ ଥର କାହିଁକି ଆସେ ?

୧୨. ଆସ୍‌ମାନ୍‌ତାରା ଶଙ୍ଖା ବୁଢ଼ା କି ପରିସ୍ଥିତିରେ ଓ କିପରି ତିଆରି କଲା ?

୧୩. ସେଥର ବୁଢ଼ା ଡାକିଲା କିନ୍ତୁ ଭିତରୁ ଉତ୍ତର ଆସିଲାନି କାହିଁକି ?

୧୪. ବୁଢ଼ା ନିଜେ ନ ମରି ମାଆକୁ ଦେଖିବାକୁ ଆସିଲା ବୋଲି କହିବାର ଉଦ୍ଦେଶ୍ୟ କ'ଣ ?

୧୫. ବୋହୂଟିର ବର୍ତ୍ତମାନ ପରିଧେୟ କିପରି ଥିଲା, ଯାହାକୁ ଦେଖି ବୁଢ଼ା ଶଙ୍ଖାରି ନିଜକୁ ସମ୍ଭାଳି ପାରିଲା ନାହିଁ ?

୧୬. ବୁଢ଼ା ଆଣିଥିବା ଶଙ୍ଖା କାନ୍ଦି କାନ୍ଦି ବାହାରେ କଚାଡ଼ି ଚୂନା କରିଦେଲା କାହିଁକି ?

## ତୁମ ପାଇଁ କାମ :

୧୭. ଗାଳ୍ପିକଙ୍କର ଜାତୀୟ ଭାବନାମୂଳକ କବିତା ସଂଗ୍ରହ କରି ପଢ଼ ।

୧୮. ମଣିଷ ପ୍ରତି ସମ୍ବେଦନଶୀଳତା ଓ ଗଭୀର ଆପଣାପଣ କାନ୍ତକବିଙ୍କ ସୃଷ୍ଟିକୁ କିପରି ସର୍ବକାଳୀନ କରିପାରିଛି, ସୂଚନା ପ୍ରଦାନ କର ।

❖❖❖

# ପତାକା ଉତ୍ତୋଳନ

● ସୁରେନ୍ଦ୍ର ମହାନ୍ତି

**ଲେଖକ ପରିଚୟ :**

*ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କଥା ସାହିତ୍ୟର ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତି (୧୯୨୦-୧୯୯୧) ମାନବ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ଲେଖନୀ ଚାଳନା କରିଥିଲେ । ତାଙ୍କ ଗଳ୍ପର ପରିସର ବୌଦ୍ଧଯୁଗର ଘଟଣାଠାରୁ ଆରମ୍ଭ କରି ଆଧୁନିକ ମାନବ ଜୀବନ ପର୍ଯ୍ୟନ୍ତ ବ୍ୟାପ୍ତ । 'କୃଷ୍ଣଚୂଡ଼ା', 'ରୁଟି ଓ ଚନ୍ଦ୍ର', 'ସବୁଜପତ୍ର ଓ ଧୂସର ଗୋଲାପ', 'ମହାନଗରୀର ରାତ୍ରି', 'ମରାଳର ମୃତ୍ୟୁ' ଏବଂ 'ଓ କାଲ୍‌କାଟା' ପ୍ରଭୃତି ତାଙ୍କର ପୁସ୍ତକଗୁଡ଼ିକ ଗୋଟିଏ ଗୋଟିଏ ସାର୍ଥକ ଗଳ୍ପ ସଂକଳନ । ଗଳ୍ପ ବ୍ୟତୀତ ସେ ଅନେକ ଉପନ୍ୟାସର ସ୍ରଷ୍ଟା । 'ବଧୂ ଓ ପ୍ରିୟା', 'ଅନ୍ଧ ଦିଗନ୍ତ', 'ନୀଳଶୈଳ', 'ନୀଳାଦ୍ରି ବିଜୟ' ପ୍ରଭୃତି ଉପନ୍ୟାସ ତାଙ୍କୁ ବିଶେଷ ଜନପ୍ରିୟତା ଆଣି ଦେଇଥିଲା । 'ନୀଳ ଶୈଳ', ଉପନ୍ୟାସ ପାଇଁ ସେ କେନ୍ଦ୍ରସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ । ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୀବନ ଚରିତ ଉପରେ ଆଧାରିତ 'ଶତାବ୍ଦୀର ସୂର୍ଯ୍ୟ' ଓ 'କୁଳବୃଦ୍ଧ' ତାଙ୍କର ଦୁଇଟି ଉଲ୍ଲେଖଯୋଗ୍ୟ ଚରିତୋପନ୍ୟାସ । ଶେଷଟି ପାଇଁ ସେ ମର୍ଯ୍ୟାଦାଜନକ 'ସାରଳା ପୁରସ୍କାର' ଲାଭ କରିଥିଲେ । ଏସବୁ ବ୍ୟତୀତ ସେ ବହୁ ପ୍ରବନ୍ଧ, ଆଲୋଚନା, ନାଟକ ଆଦି ଲେଖି ଓଡ଼ିଆ ଗଦ୍ୟ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । 'ପଥ ଓ ପୃଥିବୀ' ତାଙ୍କର ବହୁଚର୍ଚ୍ଚିତ ଆତ୍ମଚରିତ । ସେ ଥିଲେ ଜଣେ ସାମ୍ବାଦିକ । ମୂଲ୍ୟବୋଧଭିତ୍ତିକ ରାଜନୀତି କ୍ଷେତ୍ରରେ ତାଙ୍କର ଭୂମିକା ଉଲ୍ଲେଖଯୋଗ୍ୟ ଥିଲା ।*

*ସ୍ୱାଧୀନତା ମଣିଷର ଜନ୍ମଗତ ଅଧିକାର - ଏହି ବାର୍ତ୍ତାଟି ଶଂସିତ ଗଳ୍ପର ଉପଜୀବ୍ୟ ଉପାଦାନ ।*

---

**ରା**ୟବାହାଦୁର୍ ଶ୍ରୀ ସୋମନାଥ ମହାପାତ୍ର, ଆଇ.ପି.(ରିଟାୟାର୍ଡ୍), ସି.ବି.ଇ., ଓ ବି.ଇ., କେ.ସି.ଆଇ.ଇ.ଙ୍କ ଆଖିରେ ଛାଇ ନିଦ ଲାଗିଆସିଛି । ରାତି ସେତେବେଳକୁ ବାରଟା ପାଖାପାଖି । ହଠାତ୍ ଶଙ୍ଖ, ଘଣ୍ଟା, ହୁଳହୁଳି ଓ ତୋପର ମିଳିତ ଧ୍ୱନିରେ ତାଙ୍କର ଛାଇ ନିଦ ଭାଙ୍ଗିଗଲା । ଆଖି ମଳିମଳି ସେ ବିଛଣା ଉପରେ ଉଠି ବସିଲେ । ରାତିର ଶାନ୍ତ, ନୀରବ ମୁହୂର୍ତ୍ତ "ଜୟ ସ୍ୱାଧୀନ ଭାରତ କୀ ଜୟ"ର ଧ୍ୱନି ଭିତରେ କ୍ଷୁବ୍ଧ ଓ ଚଞ୍ଚଳ ହୋଇଉଠିଲା ।

ରାୟବାହାଦୁର ବିଛଣା ଛାଡ଼ି ଉଠିଲେ । ବାହାରେ କୋଳାହଳ କ୍ରମେ ବଢୁଛି । ରାୟବାହାଦୁର ଗୋଟି ଗୋଟି କରି ଘରର ଝରକା କବାଟ ବନ୍ଦ କରି ଦେଲେ ।

ଝରକା କବାଟ ବନ୍ଦ କରି ସେ କୋଳାହଳ ରୁଦ୍ଧ କରି ହୁଏ ନାହିଁ । ରାୟବାହାଦୁର ଦୁଇ କାନରେ ଦୁଇଟି ଆଙ୍ଗୁଠି ଚାପି ଧରିଲେ, ତଥାପି ସେ କୋଳାହଳରୁ ନିଷ୍କୃତି ନାହିଁ । ବନ୍ଧୁକର ଗୁଳି ପରି ଜୟଧ୍ୱନିର ସେ ଶବ୍ଦ ଯେପରି ବୃଦ୍ଧ ରାୟବାହାଦୁରଙ୍କ ପ୍ରତ୍ୟେକ ଜୀର୍ଣ୍ଣ ଅସ୍ଥି ଖଣ୍ଡ ଚୂର୍ଣ୍ଣ କରିଦେଉଛି ।

ରାୟବାହାଦୁର କ୍ଷିପ୍ତ ପରି ଘରର ଝରକା କବାଟଗୁଡ଼ାକ ଖୋଲି ଦେଲେ । ବାହାରର କୋଳାହଳ ଝଡ଼ ପରି ଘର ଭିତରର ପ୍ରତ୍ୟେକ କୋଣ ଥରାଇ ଦେଇଗଲା ଯେପରି ।

ରାୟବାହାଦୁର୍ ଝରକା ବାଟେ ତଳର ରାସ୍ତାକୁ ଚାହିଁଲେ । ରାସ୍ତାରେ ଜୟଧ୍ୱନି କରି ଚାଲିଛି ଏକ ବିରାଟ ପଟୁଆର, ସ୍ୱାଧୀନ ଭାରତର ତ୍ରିରଙ୍ଗା ପତାକା ଧରି ।

ପଟୁଆରର ଅଗ୍ରଣୀ ତାଙ୍କର ପରଲୋକଗତ ଜ୍ୟେଷ୍ଠ ପୁତ୍ରର ପୁତ୍ର ବିଜୟ । ହାତରେ ତା'ର ସ୍ୱାଧୀନ ଭାରତର ଏକ ପ୍ରକାଣ୍ଡ ତ୍ରିରଙ୍ଗା ପତାକା ।

ରାୟବାହାଦୁର୍ ଝରକା ପାଖକୁ ଚାଲିଆସି କାନ୍ଥର ସୁଇଚ୍ ମାରି ଆଲୁଅ ଜଳାଇଲେ । ତା'ପରେ ତକିଆ ତଳୁ ଗୋଟାଏ ଚାବିଲେନ୍ଥା କାଢ଼ି ଘରର ଗୋଟାଏ କୋଣରେ ଡ୍ରୟାରଚେଷ୍ଟ'ର ଗୋଟାଏ ଡ୍ରୟାର ଫିଟାଇଲେ । ଏଇ ଡ୍ରୟାରଚେଷ୍ଟଟି ତାଙ୍କର ଏକାନ୍ତ ନିଜସ୍ୱ । ଏହାର ଚାବି ସେ ଭୁଲ୍‌ରେ ସୁଦ୍ଧା କାହା ହାତରେ ଦେଇନାହାନ୍ତି କେବେ ।

ରାୟବାହାଦୁର୍ ଡ୍ରୟାର୍ ଭିତରୁ କାଢ଼ିଲେ ପରଲୋକଗତ ଅରୁଣର ଖଣ୍ଡେ ବହୁଦିନର ଫଟୋଗ୍ରାଫ୍ । ଗୋଟାଏ ଭେଲଭେଟ୍ ବାକ୍‌ସରେ ଅତି ଯତ୍ନରେ ଥିଲା ସେ ଫଟୋ ଖଣ୍ଡିକ ।

ଅରୁଣର ସେହି ପ୍ରତିଭାଦୀପ୍ତ ଆଦର୍ଶୋଜ୍ଜ୍ୱଳ ଚେହେରା । ପରିଧାନରେ ଅସହଯୋଗକାରୀ ସତ୍ୟାଗ୍ରହୀର ପୋଷାକ ।

ହଠାତ୍ ମନେ ହେଲା, ବିଦ୍ୟୁତ୍‌ର ଆଘାତରେ ରାୟବାହାଦୁର୍ ଯେପରି ଟଳି ପଡ଼ିଲେ । ତାଙ୍କ କମ୍ପିତ ହାତରୁ ସେ ଫଟୋଟି ତଳେ ଖସିପଡ଼ିଲା ।

ମୁହୂର୍ତ୍ତକ ଭିତରେ ପ୍ରକୃତିସ୍ଥ ହୋଇ ରାୟବାହାଦୁର୍ ଫଟୋଟି ତଳୁ ଉଠାଇ ନେଇ ପୁଣି ସେ ଭେଲ୍‌ଭେଟ୍ ବାକ୍ସ ଭିତରେ ରଖିଦେଲେ । ତା'ପରେ ଡ୍ରୟାର ଭିତରୁ କାଢ଼ିଲେ ଗୁଡ଼ାଏ ମେଡ଼ାଲ୍ ଆଉ ସନନ୍ଦପତ୍ର । ସନନ୍ଦପତ୍ରଗୁଡ଼ିକ ଉପରେ କେମିତି ଗୋଟାଏ ହଳଦିଆ ଆସ୍ତରଣ ମାଡ଼ିଗଲାଣି । ରାୟବାହାଦୁର୍ ମୂକ ପରି ଚାହିଁ ରହିଲେ ଏକଦା ବିଜୟୋଜ୍ଜ୍ୱଳ ଅତୀତର ସେଇ ପ୍ରାଣହୀନ ସ୍ମାରକଗୁଡ଼ିକୁ ।

ଗୋଟିଏ ସନନ୍ଦ ରାୟବାହାଦୁର୍ କମ୍ପିତ ହାତରେ ପଢ଼ିବାକୁ ଲାଗିଲେ । ୧୯୨୩ ସାଲରେ ବ୍ରିଟିଶ ସମ୍ରାଟଙ୍କ ଦ୍ୱାରା ସେ ସନନ୍ଦ ପ୍ରଦତ୍ତ ହୋଇଥିଲା ଦରବାର ଉପଲକ୍ଷ୍ୟରେ । ସେଥିରେ ଲେଖାଅଛି..."ବ୍ରିଟିଶ ସିଂହାସନ ପ୍ରତି ଆପଣଙ୍କର ନିଷ୍ଠା ଏବଂ ଅନୁରକ୍ତି ମହାମହିମ ବ୍ରିଟିଶ ସମ୍ରାଟଙ୍କୁ ମୁଗ୍ଧ କରିଛି । ବ୍ରିଟିଶ ସିଂହାସନ ପ୍ରତି ଏ ଅତୁଳନୀୟ ଅନୁରକ୍ତି ପାଇଁ ଆପଣ ନିଜର..."

ରାୟବାହାଦୁର୍‌ଙ୍କ ଦୁଇଆଖି ଆଗରେ କିଏ ଯେମିତି ଟାଣି ଦେଇଥିଲା କୁହୁଡ଼ିର ଗୋଟିଏ ପର୍ଦ୍ଦା । ହାତରୁ ତାଙ୍କର ଖସିପଡ଼ିଲା ସେ ସନନ୍ଦପତ୍ର ।

x x x x

ସେ ଆଜିକି ପଚିଶ ବର୍ଷ ତଳେ...

ଚଉରୀଚଉରାର ବିପ୍ଳବ ପରେ ଭାରତର ମନ୍ତ୍ରର

ଜାତୀୟ ଆନ୍ଦୋଳନର ଜଡ଼ନାଟିକାରେ ଜାଗିଛି ଏକ ନୂତନ ସ୍ପନ୍ଦନ । ସନ୍ତ୍ରାସବାଦ ସେଦିନ ଭାରତର ଜାତୀୟ ଆନ୍ଦୋଳନରେ ଆଣି ଦେଇଛି ଏକ ନୂତନ ଆଭିଜାତ୍ୟ ।

ସେତେବେଳକୁ ପୁଲିସ୍‌ରେ ସେ ଜଣେ ଅସ୍ଥାୟୀ ସବ୍‌ଇନିସ୍‌ପେକ୍ଟର ମାତ୍ର ।

x x x x

"ବନ୍ଦେ ମାତରମ୍ !

ସୁଜଳାଂ ସୁଫଳାଂ ମଳୟଜ ଶୀତଳାମ୍, ବନ୍ଦେ..."

ରାୟବାହାଦୁର୍ ଚମକି ପଡ଼ିଲେ । ଅରୁଣ କଣ୍ଠରେ ଏ "ବନ୍ଦେ ମାତରମ୍" ସଙ୍ଗୀତର ଆବୃତ୍ତି ଠିକ୍ ଏହିପରି ଶୁଭୁଥିଲା ।

ରାୟବାହାଦୁର୍ ଛୁଟିଗଲେ ଖୋଲା ଝରକା ପାଖକୁ । କ୍ରମେ "ବନ୍ଦେ ମାତରମ୍"ର ଐକତାନ ଗାନ ଅସ୍ପଷ୍ଟରୁ ଅସ୍ପଷ୍ଟତର ହୋଇ ଯାଉଛି ।

x x x x

ତା'ପରେ –

"ଅରୁଣ, ତୁମେ ଅନ୍ୟାୟ କରୁଛ । ବ୍ରିଟିଶ ସରକାରଙ୍କ ବିରୋଧରେ ତୁମର ଏ ଦ୍ରୋହାଚାର କେବଳ ଅନ୍ୟାୟ ନୁହେଁ..."

"ମୋତେ କ୍ଷମା କରନ୍ତୁ । ସ୍ୱାଧୀନତା ମନୁଷ୍ୟର ଜନ୍ମଗତ ଦାବି – ଭାରତର ପବିତ୍ରତମ ଦାବି । ଆପଣ କ'ଣ ଭାରତୀୟ ନୁହନ୍ତି ବାପା, ନା ବ୍ରିଟିଶ ସରକାରଙ୍କ ଗୋଲାମି ଆପଣଙ୍କ ଦେହରୁ..."

"ଅରୁଣ !" ଚିତ୍କାର କରି ଉଠିଲେ ସେଦିନ ଭାବୀ ଆଇ:ପି:ରାୟବାହାଦୁର୍, ସି.ବି.ଇ. ଓ ବି. ଇ., କେ. ସି. ଆଇ. ଇ...

"ଅରୁଣ ! ଏ ମୋର ଆଦେଶ !"

"ଅନ୍ୟାୟ ଆଦେଶ ମୁଁ ସ୍ୱୀକାର କରିବି ନାହିଁ କେବେ ।"

ରାୟବାହାଦୁର୍ କ୍ଷିପ୍ତପରି ଚାବୁକ୍‌ରେ ଆଘାତ କଲେ ଅରୁଣକୁ ।

ଅରୁଣ ତଥାପି ଅବିଚଳିତ କଣ୍ଠରେ ଜବାବ ଦେଇଥିଲା, "ଆପଣ ଅନ୍ୟାୟ କରୁଛନ୍ତି ବାପା !"

ରାୟବାହାଦୁର୍‌ଙ୍କ ସ୍ତ୍ରୀ ହେମମାଳା ରନ୍ଧାଘର ଭିତରୁ ଉଠି ଆସି, ବାପ ପୁଅଙ୍କ ମଝିରେ ଠିଆ ହୋଇ ଅନୁଯୋଗର ସ୍ୱରରେ କହିଲେ – "ଏ କ'ଣ କରୁଚ ତୁମେ ?"

ରାୟବାହାଦୁର୍ ଚିତ୍କାର କରି ଉଠିଲେ – "ଯାଅ ତୁମେ ! ବାହାରର କଥା ନେଇ ମୁଣ୍ଡ ଖେଳେଇବାରେ ତୁମର କିଛି ଦରକାର ନାହିଁ । ଯାହାର ଦାନା ଖାଇ ମୁଁ ମଣିଷ, ତା'ର ନିମକ୍‌ହାରାମି ଅସମ୍ଭବ ।"

ଅରୁଣ ପଚାରିଲା – "କାହାର ଦାନା, କାହାର ପାଣି ପବନରେ ମଣିଷ ଆପଣ ? ଭାରତର, ଏଇ ଗୋଲାମ ଭାରତର – ସ୍ୱାଧୀନତା ଯାହାର ଦାବି ।''

ରାୟବାହାଦୁର୍ ଆଦେଶ ଦେଲେ – "ଏଇ ମୁହୂର୍ତ୍ତରେ ତୁମେ ବାହାରିଯାଅ ଅରୁଣ । ତୁମେ ମୋର ତ୍ୟଜ୍ୟପୁତ୍ର ।"

ଅରୁଣ ସେଇଦିନୁ ଯାଇଛି; ଆଉ ଭୁଲରେ କେବେ ଫେରିନି ।

x x x x

ବାହାରେ କୋଳାହଳ ମୁହୂର୍ତ୍ତକ ପାଇଁ ବନ୍ଦ ହୋଇଯାଇଛି । ରାତିର ଲକ୍ଷ ଝିଙ୍କାରି କଣ୍ଠରେ ସେଇ ଝିଁ ଝିଁ ସ୍ୱରରେ ରାତିର ନୀରବ ମୁହୂର୍ତ୍ତଗୁଡ଼ିକ ଅନୁରଣିତ ହୋଇଉଠିଛି ।

ରାୟବାହାଦୁର୍ ଉତ୍‌କଣ୍ଠ ହୋଇ ଶୁଣୁଥିଲେ । ଅନେକ ରାତିରେ ଏମିତି ଶୁଣନ୍ତି; କେବେ କେବେ ଅଧରାତିରେ ଯଦି ନିଦ ଭାଙ୍ଗିଯାଏ ।

କୋଉଠି କିଏ ଯେପରି କାନ୍ଦୁଛି – ସଦ୍ୟ ବିଧବାର ବୁକୁଚିରା ସେ କାନ୍ଦ । ତାଙ୍କର ପୁତ୍ରବଧୂ ଅପର୍ଣ୍ଣା ଏମିତି ଦିନେ କାନ୍ଦିଥିଲା ।

ପୁଲିସ୍ ସାହେବର ହୁକୁମ – "ଦେଖ ମହାପାତ୍ର, ତୁମେ ଭାରି ପାରିବାର ଲୋକ । ଅନେକ ବଡ଼ ବଡ଼ କଥା ତୁମେ ଚଳେଇ ନେଇଛ । ଆଜି ଏକ ବିରାଟ ଜନତା ଆସୁଛି ସହରର ଥାନା, କଚେରୀ ଆକ୍ରମଣ କରିବା ପାଇଁ । ସେମାନଙ୍କୁ ସାଫ୍ କରିବାର ଦାୟିତ୍ୱ ତୁମର ।"

ରାୟବାହାଦୁର ନାଟକୀୟ ଭଙ୍ଗିରେ କୁର୍ଣ୍ଣିଶ୍ ଜଣାଇଥିଲେ ।

– ପୁଲିସ ଥାନା ଆଗରେ ବିରାଟ ଜନତା । ସମସ୍ତେ ନିରସ୍ତ୍ର । ସାମ୍ନାରେ ସେମାନଙ୍କର ସଶସ୍ତ୍ର ପୁଲିସ ବାହିନୀ । ବନ୍ଧୁକର ବାୟୋନେଟ୍‌ରେ ଖରାପଡ଼ି ଚକ୍ ଚକ୍ କରୁଛି ।

ରାୟବାହାଦୁର୍ ଚିତ୍କାର କରୁଥା'ନ୍ତି, "ହଟୋ ! ହଟୋ ଶାଲେ ଲୋକ୍ !"

ଜନତା କୁହାଟୁଥାଏ – "ବନ୍ଦେ ମାତରମ୍ !"

ଲାଠିଚାର୍ଜର ହୁକୁମ ଆସିଲା ।

ତଥାପି ଜନତା ପୃଷ୍ଠଭଙ୍ଗ ଦେଲା ନାହିଁ । ବିଶୃଙ୍ଖଳ ଜନତା ଭିତରେ କୁଆଡୁ ଅରୁଣ ଆସି ଚିତ୍କାର କରି ଉଠିଲା, "ଏ ଲାଠିମାଡ଼ ଅନ୍ୟାୟ; କିନ୍ତୁ ଆତ୍ମରକ୍ଷା ଅନ୍ୟାୟ ନୁହେଁ – ବନ୍ଦେ ମାତରମ୍ !"

ଝଞ୍ଜାକ୍ରାନ୍ତ ସମୁଦ୍ର ପରି ମୁହୂର୍ତ୍ତକ ମଧ୍ୟରେ ଜନତା ଭୀଷଣ ଭୟଙ୍କର ହୋଇ ଉଠିଲା ।

ସୋମନାଥ ହାତର ପିସ୍ତଲ ଉପରକୁ ଉଠାଇଲେ । ପିତା ପୁତ୍ର ଶେଷ ସାକ୍ଷାତ ।

ଅରୁଣ ଅବିଚଳିତ କଣ୍ଠରେ ନିର୍ଦ୍ଦେଶ ଦେଲା, "ଭୟ ନାହିଁ, ଭୟ ନାହିଁ ଭାଇମାନେ ! ଶ୍ରୀରାମଚନ୍ଦ୍ର କମଳ ନୟନର ନୀଳୋତ୍ପଳରେ କରିଥିଲେ ଦେବୀ ଆରାଧନା ! ଆମର –"

ଜନତାର କୁହାଟରେ ଶତସିଂହ ଗର୍ଜନ କରିଉଠିଲା । କେତେଜଣ ଏହା ଭିତରେ ଯାଇ ଫ୍ଲାଗଷ୍ଟାଫ୍ ଭାଙ୍ଗି ଉଡୁଥିବା ୟୁନିୟନ ଜାକ୍‌କୁ ଚିରି ଦେଲେଣି ।

ସୋମନାଥଙ୍କ ହାତରେ ପିସ୍ତଲ ଫୁଟିଲା । ହାୟ ଭଗବାନ ! ସେ ଚାହିଁଥିଲେ ଖାଲି ଫାଙ୍କା ଆୱାଜ କରିବାକୁ । କିନ୍ତୁ... କିନ୍ତୁ... ଅରୁଣର ରକ୍ତାକ୍ତ ଶବ ତଳେ ଖସିପଡ଼ିଲା ।

"ସାବାସ୍ ମହାପାତ୍ର ! ବ୍ରିଟିଶ ସମ୍ରାଟ ଏ ଅତୁଳନୀୟ କର୍ତ୍ତବ୍ୟନିଷ୍ଠାର ମହତ୍ତ୍ୱକୁ ଯଥାଯୋଗ୍ୟ ପୁରସ୍କୃତ କରିବେ ।"

ସେଦିନ ରାତିରେ ଅପର୍ଣ୍ଣାର ହାତରୁ କାଚ ଭାଙ୍ଗିଲାବେଳେ... ଉଃ, ନାରାୟଣ ! ନାରାୟଣ !

ତା'ପରଦିନ ସୋମନାଥ ହେଲେ ଇନିସ୍‌ପେକ୍ଟର ।

ତା'ପରେ ସୋମନାଥଙ୍କ ଘରକୁ ଅର୍ଥ ଆସିଛି, ପ୍ରତିପତ୍ତି ଆସିଛି, ମର୍ଯ୍ୟାଦା ଆସିଛି; କିନ୍ତୁ ମା' ଲକ୍ଷ୍ମୀ ନେଇଚନ୍ତି ଚିର ବିଦାୟ ।

ଜୀବନର ଗତ ଏ ପଚିଶ ବର୍ଷ ଭିତରେ ସେ ନିଜକୁ ନିଜେ କ୍ଷମା ଦେଇ ଆସିଛନ୍ତି – ଏ ପୁତ୍ରହତ୍ୟା, କର୍ତ୍ତବ୍ୟର ସାଧନା ନିର୍ମମ ହୋଇପାରେ; ମାତ୍ର ଅନ୍ୟାୟ ନୁହେଁ ।

ରାୟବାହାଦୁର୍ ହଠାତ୍ ଚମକି ଉଠିଲେ ଘର ଭିତରେ ଶଙ୍ଖଧ୍ୱନି ଶୁଣି । ହେମମାଳା ଦୋତାଲା ବାରଣ୍ଡାରେ କେତେବେଳେ ଗୋଟିଏ ତ୍ରିରଙ୍ଗା ପତାକା ଉଡ଼ାଇ, ପାଦ ତଳେ ତା'ର ଦୀପ ଜାଳି ଶଙ୍ଖଧ୍ୱନି କରୁଛନ୍ତି ।

ରାୟବାହାଦୁର୍ ପାଗଳ ପରି ଯାଇ ହେମମାଳାଙ୍କ ହାତରୁ ଶଙ୍ଖଟା ଛଡ଼େଇ ନେଇ କହିଲେ, "ଏ କ'ଣ କରୁଛ ତୁମେ ?"

ହେମମାଳା ଚିତ୍କାର କରିଉଠିଲେ, "ମୋତେ ଛୁଅଁନା, ଛୁଅଁନା ତୁମେ । ମୋ ଅରୁ ଫେରି ଆସିଛି ମୋ କୋଳକୁ ।"

ହେମମାଳା ଭୋ ଭୋ ହୋଇ କାନ୍ଦି ଉଠିଲେ । ଏମିତି କାନ୍ଦ ସେ କାନ୍ଦି ନାହାନ୍ତି ଗତ ପଚିଶ ବର୍ଷ ଭିତରେ କେବେ ।

ରାୟବାହାଦୁର୍‌ଙ୍କ ଦୁଇ ଆଖିରେ ମଧ୍ୟ ପାଣି ଜମି ଆସୁଥିଲା । ସେ ତ୍ରିରଙ୍ଗା ପତାକାକୁ କାଢ଼ି ଫିଙ୍ଗି ଦେଇ କହିଲେ, "ଯେଉଁ ୟୁନିୟନ୍ ଜାକ୍ ପାଇଁ ଅରୁକୁ ଖୁନ୍ କରିଛି, ସେ ପତାକାର ପତନ ଅସମ୍ଭବ ।"

ହେମମାଳା ଦର୍ପିତାର କଣ୍ଠରେ କହିଲେ, "ଯୋଉ ପତାକା ପାଇଁ ଅରୁ ପ୍ରାଣବଳି ଦେଇଛି, ସେ ପତାକା ଯୁଗେ ଯୁଗେ ରହିବ ଉନ୍ନତ ହୋଇ ।"

ହେମମାଳା ଆବେଗ ଓ ଉତ୍ତେଜନାରେ ତଳେ ମୂର୍ଚ୍ଛିତା ହୋଇ ପଡ଼ିଗଲେ । ରାୟବାହାଦୁର୍ ଭିତରକୁ ଯାଇ ଅନେକ ଦିନର ସାଇତା ସିଲ୍‌କର ଗୋଟିଏ ୟୁନିୟନ୍ ଜାକ ପତାକା କାଢ଼ି ଉଡ଼ାଇଲେ ସେଇ ତ୍ରିରଙ୍ଗା ପତାକା ସ୍ଥାନରେ ।

ତା' ପରଦିନ ସକାଳ ।

ସାରା ରାତି ସୋମନାଥଙ୍କୁ ନିଦ ନାହିଁ । ଅତି ସତର୍କ ପ୍ରହରୀ ପରି ସେ ରାତି ଚେଇଁ ବସିଛନ୍ତି ସେଇ ୟୁନିୟନ୍ ଜାକ୍ ପତାକା ପାଖରେ । ତା' ତଳେ ହେମମାଳାଙ୍କର ଦୀପ କେତେବେଳଠୁ ନିଭିଯାଇଛି ।

ରାତି ସାରା ସ୍ୱାଧୀନତା ଉତ୍ସବରେ ମାତି ଘରକୁ ଫେରିଲା ବିଜୟ ।

ଘରେ ପାଦ ଦେଇ ଏ ବିଚିତ୍ର ଦୃଶ୍ୟରେ ସେ ସ୍ତମ୍ଭିତ ହୋଇଗଲା । ମୁହୂର୍ତ୍ତକର ଜଡ଼ତା କଟିଯିବା ପରେ ବିଜୟ ପଚାରିଲା–

"ଏ କ'ଣ ହେଉଛି ଜେଜେ ? ଆଜି ୟୁନିୟନ୍ ଜାକ୍..."

ରାୟବାହାଦୁର୍ କହିଲେ – "ଦୁନିଆ ନିମକ୍‌ହାରାମ ହୋଇପାରେ ବିଜୁ, କିନ୍ତୁ ମୁଁ ନୁହେଁ ।"

ବିଜୁ ଦୃଢ଼ କଣ୍ଠରେ ପ୍ରତିବାଦ କଲା – "ଏ ପତାକା ଏଠି ଉଡ଼ିପାରିବ ନାହିଁ ଜେଜେ !"

ରାୟବାହାଦୁର୍ କହିଲେ – "ଅଲ୍‌ବତ୍ ଉଡ଼ିବ, ମୁଁ ବଞ୍ଚିଥିବା ଯାଏ ଉଡ଼ିବ । ଏ ଘର ମୋର ।"

ପତାକାଟାକୁ ଝାମ୍ପି ଉଠାଇ ନେଇ ବିଜୟ କହିଲା– "ଏ ଦେଶ ଆମର । ବ୍ରିଟିଶ ଗୋଲାମ ପାଇଁ ସ୍ଥାନ ଏଠି ନାହିଁ ।"

ସୋମନାଥ ବିଜୟ ହାତରୁ ସେ ୟୁନିୟନ୍ ଜାକ୍‌କୁ ଛଡ଼ାଇ ନେବାକୁ ଲାଗିଲେ । ଅତି ଅସ୍ୱାଭାବିକ ଭାବରେ ସେ ହୋଇ ଉଠିଛନ୍ତି ହିଂସ୍ର ଓ ଉତ୍‌କ୍ଷିପ୍ତ ।

ବିଜୟ ହାତରେ ଠେଲି ଦେଲା ତାଙ୍କୁ । ସୋମନାଥ ଶିଡ଼ିରେ ଗଡ଼ି ଗଡ଼ି ପଡ଼ିଲେ ଯାଇ ତଳ ମହଲାର ଚଟାଣରେ । ମୁଣ୍ଡ ଓ କାନ ଫାଟି ଯେମିତି ରକ୍ତର ସୁଅ ଛୁଟିଲା ।

ବିଜୟ ତାଙ୍କ ଉପରେ ଝୁଙ୍କି ପଡ଼ି ଅପରାଧୀର କଣ୍ଠରେ ଡାକିଲା – "ଜେଜେ !"

ସୋମନାଥ କ୍ଷୀଣ କଣ୍ଠରେ କହିଲେ– "ତୋତେ ଆଶୀର୍ବାଦ କରୁଛି ବିଜୁ, ମୁଁ ବେଶ୍ ଶାନ୍ତିରେ ମରିପାରିବି ଏଥର । ଏହି ପତାକା ପାଇଁ ତୁ ତୋ ବୁଢ଼ା ଜେଜେକୁ ମଧ୍ୟ ଆଘାତ କରିଛୁ । ଅଥଚ ଭାବୁଚି, ଏ ପତାକା କଅଣ ? ଖଣ୍ଡେ ରଙ୍ଗିନ୍ କନା... ରଙ୍ଗ ଛାଡ଼ିଯିବ ତା'ର । ତଥାପି ତୋର ପତାକାର ଜୟ ହେଉ । ହେମ..."

ପାଟି ପଡ଼ିଗଲା । ଆଖି ଦୁଇଟା ଶେତା ହୋଇ ଆସୁଛି । ଦୁଇଜଣ ଚାକର ମୁମୂର୍ଷୁ ରାୟବାହାଦୁରଙ୍କୁ ଟେକି ନେଇଗଲେ ଉପରକୁ ।

ବିଜୟ ପ୍ରାଣହୀନ ପାଷାଣ ପରି ଚାହିଁ ରହିଥାଏ ପ୍ରଭାତର ସୂର୍ଯ୍ୟୋଦୀପ୍ତ ଆକାଶ ଆଡ଼େ । ଭାଦ୍ର ଆକାଶର ମେଘହୀନ ସୁନୀଳ ପଟ୍ଟଭୂମିରେ ସ୍ୱାଧୀନ ଭାରତର ତ୍ରିରଙ୍ଗା ପତାକା ଉଡୁଛି ଫର ଫର ହୋଇ ।

## ପ୍ରଶ୍ନାବଳୀ

୧. ରାୟବାହାଦୁର୍ ଘରର ଝରକା କବାଟ ବନ୍ଦ କରିଦେଲେ କାହିଁକି ?

୨. ପଟୁଆରରେ ନେତୃତ୍ୱ କିଏ ନେଇଥିଲେ ?

୩. ସୋମନାଥ ଡ୍ରୟାରଚେଷ୍ଟର ଚାବି କାହାକୁ ଦେଇ ନ ଥିଲେ କାହିଁକି ?

୪. ୧୯୨୩ ସାଲରେ ସୋମନାଥଙ୍କୁ କାହିଁକି ସନନ୍ଦ ଦିଆଯାଇଥିଲା ?

୫. "ସ୍ୱାଧୀନତା ମନୁଷ୍ୟର ଜନ୍ମଗତ ଦାବି" - ଏ କଥା କିଏ, କାହାକୁ ଓ କାହିଁକି କହିଥିଲେ ?

୬. ଅରୁଣ ଘର ଛାଡ଼ିଲେ କାହିଁକି ?

୭. ପୁଲିସ୍ ସାହେବ ରାୟବାହାଦୁର୍‌ଙ୍କୁ କ'ଣ ହୁକୁମ ଦେଇଥିଲେ ?

୮. କର୍ତ୍ତବ୍ୟର ନିଷ୍ଠା ନିମନ୍ତେ ବ୍ରିଟିଶ ସରକାର କ'ଣ ପ୍ରଦାନ କରିଥିଲେ ?

୯. ଇନ୍‌ସପେକ୍ଟର ହେବା ଦିନର ଘଟଣା ବର୍ଣ୍ଣନ କର ।

୧୦. ହେମମାଳା କେଉଁ ପରିସ୍ଥିତିରେ ଶଙ୍ଖଧ୍ୱନି କଲେ ?

୧୧. ସେ ଦର୍ପର ସହିତ କ'ଣ କହିଥିଲେ ?

୧୨. ସୋମନାଥ କାହିଁକି ରାତି ଅନିଦ୍ରା ରହିଥିଲେ ?

୧୩. ବିଜୟ ଜେଜେଙ୍କ ଉପରେ ଉତ୍‌କ୍ଷିପ୍ତ ହେବାର କାରଣ କ'ଣ ?

୧୪. "ବ୍ରିଟିଶ୍ ଗୋଲାମ ପାଇଁ ସ୍ଥାନ ଏଠି ନାହିଁ ।" କେଉଁ ପରିସ୍ଥିତିରେ ବିଜୟ ଏ କଥା କହିଥିଲା ?

୧୫. "ମୁଁ ଏଥର ଶାନ୍ତିରେ ମରିପାରବି" – ଏ କଥା କିଏ କାହିଁକି କହିଥିଲେ ?

୧୬. ଗପଟିର ନାମ "ପତାକା ଉତ୍ତୋଳନ" ରଖାଯାଇଛି କାହିଁକି ?

### ତୁମ ପାଇଁ କାମ :

୧୭. ସୁରେନ୍ଦ୍ର ମହାନ୍ତିଙ୍କ ଅନ୍ୟାନ୍ୟ ସୃଷ୍ଟି ସଂଗ୍ରହ କରି ପଢ଼ ।

୧୮. ଏହାକୁ ସାହିତ୍ୟ ଶିକ୍ଷକଙ୍କ ସହାୟତାରେ ଶ୍ରେଣୀରେ ଅଭିନୟ କର ।

❖❖❖

# ଲକ୍ଷ୍ମୀର ଅଭିସାର

**●ମନୋଜ ଦାସ** : (୨୭.୨.୧୯୩୪)

## ଲେଖକ ପରିଚୟ :

ବାଲେଶ୍ୱର ଜିଲ୍ଲା ଭୋଗରାଇ ଅନ୍ତର୍ଗତ ଶଙ୍ଖାରି ଗ୍ରାମରେ ଜନ୍ମ । ଓଡ଼ିଆ ସାହିତ୍ୟର ସେ କେବଳ ଗର୍ବ ନୁହଁନ୍ତି; ଆନ୍ତର୍ଜାତିକ କ୍ଷେତ୍ରରେ ମଧ୍ୟ ସେ ଜଣେ ସମ୍ମାନିତ ଲେଖକ । ତାଙ୍କ ରଚିତ ଗଳ୍ପଗ୍ରନ୍ଥମାନଙ୍କ ମଧ୍ୟରେ 'ସମୁଦ୍ରର କ୍ଷୁଧା', 'ଆରଣ୍ୟକ', 'ବିଷକନ୍ୟାର କାହାଣୀ', 'ଶେଷ ବସନ୍ତର ଚିଠି', 'ଲକ୍ଷ୍ମୀର ଅଭିସାର', 'ଧୂମ୍ରାଭଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ', 'ଆବୁପୁରୁଷ ଓ ଅନ୍ୟାନ୍ୟ କାହାଣୀ', 'ଅବୋଲକରା କାହାଣୀ', 'ମନୋଜ ପଞ୍ଚବିଂଶତି', 'ମନୋଜ ଦାସଙ୍କ କଥା ଓ କାହାଣୀ' ଆଦି ପ୍ରଧାନ । ଏହା ବ୍ୟତୀତ ସେ ରଚନା କରିଛନ୍ତି 'ପ୍ରଭଞ୍ଜନ', 'ଗୋଧୂଳିର ବାଘ', 'ଅମୃତଫଳ', 'ଚନ୍ଦ୍ରାଲୋକର ପ୍ରହରୀ', 'ଆକାଶର ଇସାରା' ଆଦି ଉପନ୍ୟାସ । ସେ ମଧ୍ୟ ଭ୍ରମଣ କାହାଣୀ, ପ୍ରବନ୍ଧ ପୁସ୍ତକମାନ ରଚନା କରିଅଛନ୍ତି ।

ସେ ପଣ୍ଡିଚେରୀରେ ଅବସ୍ଥିତ ଶ୍ରୀ ଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷା କେନ୍ଦ୍ରରେ ଅଧ୍ୟାପନାରତ । ସେ କେନ୍ଦ୍ରସାହିତ୍ୟ ଏକାଡ଼େମୀ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ସହିତ ଶାରଳା ସମ୍ମାନ, ବିଦ୍ୟାଭାରତୀ ସମ୍ମାନ ଓ ସରସ୍ୱତୀ ସମ୍ମାନ ଲାଭ କରିଅଛନ୍ତି । ଏହି ଗଳ୍ପଟି ଛୋଟ ପିଲାଙ୍କ ସରଳ ବିଶ୍ୱାସର ପରିଚୟ ଦିଏ । ଗଭୀର ବାତ୍ସଲ୍ୟବୋଧର ଏହା ଏକ କରୁଣ ଚିତ୍ର ।

---

ଯେତେବେଳେ ସହରତଳି ବସତିଟିର ବୃକ୍ଷଲତା, ପଥପ୍ରାନ୍ତକୁ ଆୟତ୍ତ କରି ଦ୍ୱିପ୍ରହର ବିରାଜମାନ କରେ, ବିଗତ ଯୁଗର ଅବଧାନଙ୍କ ଆବିର୍ଭାବରେ ମୁଖରିତ ଚାଟଶାଳୀ ନିସ୍ତବ୍ଧ ହେଲା ପ୍ରାୟ ହୁଏ ବସତିଟିର ଅବସ୍ଥା, ସେତିକିବେଳେ ମନ୍ଦିରର ଦକ୍ଷିଣପାର୍ଶ୍ୱସ୍ଥ କୃଷ୍ଣଚୂଡ଼ା ଗଛର ଛାଇ ତଳୁ ଉଙ୍କିମାରେ ଲକ୍ଷ୍ମୀ । ବଡ଼ ଡର ଇଚ୍ଛା ଥରେ ମନ୍ଦିର ପ୍ରାଙ୍ଗଣ ଭିତରକୁ ଆସିଯିବା ପାଇଁ-ବଡ଼ ଇଚ୍ଛା ଥରେ ମନ୍ଦିର ଭିତରକୁ ପଶିଯିବା ପାଇଁ । କିନ୍ତୁ ବଡ଼ ଡର ବୁଢା ପୂଜାରୀଟିକୁ । ସେ ପଣ୍ଡିତ, ଦେଖିବା ମାତ୍ରେ ପଚାରିଦେବେ ମାନସାଙ୍କ, ନତୁବା ଗୋଟାଏ ତାତ୍ପର୍ଯ୍ୟପୂର୍ଣ୍ଣ ସାଧୁଶବ୍ଦର ଅର୍ଥ । ସର୍ବୋପରି, ଠାକୁରଙ୍କ ନିଜ ଲୋକ ହିସାବରେ ମନ୍ଦିର ଆଖପାଖରୁ ପିଲାମାନଙ୍କୁ ତଡ଼ିବା ତାଙ୍କର ଅନ୍ୟତମ କାମ ।

ଅନେକ ଦ୍ୱିପ୍ରହର ପରେ ଆଜି ପୂଜାରୀ ପଣ୍ଡିତ ଶୋଇପଡ଼ିଛନ୍ତି । ଘୁଙ୍ଗୁଡ଼ି ବି ମାରୁଛନ୍ତି । ଲକ୍ଷ୍ମୀ ଅତି ସନ୍ତର୍ପଣରେ ତାଙ୍କୁ ଅତିକ୍ରମ କରିଗଲା । ତା'ପରେ ଅଭ୍ୟନ୍ତରରେ ପ୍ରବେଶ କରି ସିଧା ଠାକୁରଙ୍କ ଆଗରେ ଯାଇ ବସି ପଡ଼ି ମୁଣ୍ଡିଆଟିଏ ମାରିଲା । ତା'ପରେ ଦୁଇ ମିନିଟ ମୁଗ୍ଧ ମଧୁର ନୟନରେ ମୂର୍ତ୍ତି ଓ ତାଙ୍କ ବେଶଭୂଷାକୁ ନିରୀକ୍ଷଣ କରି ସାରି କହିଲା, -

"ମୋତେ ଚିହ୍ନି ପାରୁଛ ତ ? ମୁଁ ଲକ୍ଷ୍ମୀ । ଓଃ ଭଗବାନ ! ମାସଟିଏ ଧରି ସବୁଦିନ ତୁମ ପାଖକୁ ଆସିବାକୁ ଚେଷ୍ଟା କରୁଛି; କିନ୍ତୁ ପଣ୍ଡିତ ବାଟ ଓଗାଳି ବସୁଛି । ଆଜି ବୁଢା ଶୋଇପଡ଼ିଛି । ହେ ଭଗବାନ ! ପଣ୍ଡିତ କ'ଣ ରାତିରେ ବି ଏମିତି ଘୁଙ୍ଗୁଡ଼ି ମାରେ ? ତୁମର ନିଦ ହୁଏ କେମିତି ପ୍ରଭୁ ! ଆମ ସ୍କୁଲ ପଣ୍ଡିତ ବି ଏମିତି

ଘୁଙ୍ଗୁଡ଼ି ମାରନ୍ତି । ଆଚ୍ଛା ଠାକୁର, ପଣ୍ଡିତମାନେ କାହିଁକି ଘୁଙ୍ଗୁଡ଼ି ମାରନ୍ତି ? ମୁଁ ଯଦି ଘୁଙ୍ଗୁଡ଼ି ମାରିବାକୁ ଶିଖିବି, ତେବେ ମୁଁ ପଣ୍ଡିତ ହୋଇପାରିବି ? ନା ନା ଠାକୁର, ତମେ ଚଟାପଟ୍ ଏମିତି ବର ଦେଇ ବସିବନିଟି । ବରଂ ମୋର ପଣ୍ଡିତ ହେବା ନ ହେଉ, ମୁଁ ଯେମିତି ଘୁଙ୍ଗୁଡ଼ି ନ ମାରେ ।

ହଁ ବରଟିଏ ମାଗିବି ଏକା । ସେ କଥା ପରେ କହିବି । ଆଚ୍ଛା, ମାସକ ତଳେ ରାତିରେ ସ୍ୱପ୍ନରେ ମୋତେ କ'ଣ କହିଲ ? ତୁମ ସହିତ ଖେଳୁ ନାହିଁ କାହିଁକି, ତୁମ କଥା ଭୁଲିଗଲି ? ଇମିତି କିଛି କହିଲ ଯେମିତି ନୁହେଁ ? ତହିଁ ପରଠାରୁ ତ ତୁମ ପାଖକୁ ଆସିବା ସକାଶେ ଚେଷ୍ଟା କରୁଛି । ପାରୁନାହିଁ ।

"ଆରେ ବାପ୍ ରେ ! ତମକୁ ଏ କଦଳୀ କାନ୍ଦି କିଏ ଦେଇଛି ? ଉପର ଦୁଇ ଫେଣାଯାକ ଏକାଥରେ ପାଚିଲାଣି । ତମେ ଖାଇବ କିମିତି ? ସାବଧାନ ଠାକୁର, ସବୁ ଏକାଥରେ ଖାଇବ ନାହିଁଟି । ଦିହ ଖରାପ ହେବ । ଏକ, ଦୁଇ, ତିନି, ଚାରି, ପାଞ୍ଚ...... ଚବିଶ୍‌ଟା ପାଚିଛି । ତୁମେ ଦୈନିକ ଦୁଇଟା । ଆଚ୍ଛା ହେଲା ଚାରିଟା କରି ଖାଇବ । ହେଲା ? ତାହା ହେଲେ ଚବିଶ୍‌ଟା ଖାଇବାକୁ ଚାରି ଦିନ, ନା ପାଞ୍ଚ ଦିନ – ଏଇ ହେଲା ମୁସ୍କିଲ, ଠାକୁର ! ମୋତେ ଅଙ୍କ ମୋଟେ ଆସୁନାହିଁ । ହଁ କଥାଟାଏ କହୁଥିଲି – ତୁମେ ଗୋଟାଏ ଯାଦୁ କରନ୍ତ ନାହିଁ ? ଦିନେ ରାତିରେ ସଭିଏଁ ଶୋଇଥାନ୍ତେ, ସେତିକିବେଳେ ତୁମେ ଗୋଟାଏ କିଛି କରିଦିଅନ୍ତ, ସକାଳେ ଉଠିବାବେଳକୁ ସମସ୍ତେ ଅଙ୍କ ଭୁଲି ଯାଇଥାନ୍ତେ । ମାନେ, ଅଙ୍କ ଖାଲି କଷିବାକୁ ଭୁଲିଯାନ୍ତେ ବୋଲି ମୁଁ କହୁନାହିଁ, ଅଙ୍କ ବୋଲି ଗୋଟାଏ ବିଷୟ ଅଛି, ପୂରା ସେ କଥାଟା ହିଁ ସଭିଏଁ ଭୁଲିଯାଆନ୍ତେ ।

"ନା, ନା, ତମେ ହଠାତ୍ ବର ଦେଇ ବସିବ ନାହିଁ, ଠାକୁର ! ହୁଏ ତ ଅଙ୍କର କିଛି ଭଲ ଗୁଣ ଥିବ, ସେ କଥା ବୁଝିବାର ବୟସ ମୋର ହୋଇନାହିଁ, ନୁହେଁ ?

"ହଁ, ବର ଯଦି ଦେବ ଠାକୁର, ତେବେ ଏଇ ବର ଦିଅ, ଲୋକେ ଯିମିତି ଧୀର ଭାବରେ ତୁମକୁ ଭକ୍ତି ଜଣାଇବେ । ସେଦିନ ଶେଷ ରାତିରେ ତୁମେ ସ୍ୱପ୍ନରେ କ'ଣ କହୁଥିଲ, ସେତିକିବେଳେ ମୋ ନିଦ ଭାଙ୍ଗିଗଲା । କାରଣ ତମ ମନ୍ଦିରରୁ କଳଗାଉଣାରେ ସ୍ତବ ବାଜିଲା । କଳଗାଉଣା ଭଲ; କିନ୍ତୁ ଏଇ ଯଉଁ ଯନ୍ତ୍ରଚୁଙ୍ଗା ଲଗାଇ ଏଡ଼େ ହଲ୍ଲା କରି ଗୀତ ବୋଲୁଛନ୍ତି, ସେଇଟା କ'ଣ ଭଲ, ଠାକୁର ? ଆମ ଘର ପଛ ପଟେ ଆଉ ଗୋଟାଏ କୋଠା ଅଛି । ସେଇଟାକୁ ଅନ୍ୟ ଗୋଟାଏ ଧର୍ମର ଲୋକେ ଯାଆନ୍ତି । ସେଠାରେ ଚୁଙ୍ଗା ଲଗାଇ ସେମାନେ ଭଗବାନଙ୍କୁ ଡାକନ୍ତି । ଆଚ୍ଛା, ଏଡ଼େ ଗର୍ଜନ କରି ତୁମ ପ୍ରାର୍ଥନା ନ ବୋଲିଲେ ତୁମେ କ'ଣ ଶୁଣିପାର ନାହିଁ ? ମୁଁ ସେଦିନ ବୋଉକୁ ପଚାରିଲି, କହିଲୁ ବୋଉ, ଧ୍ରୁବ, ପ୍ରହ୍ଲାଦ କ'ଣ ଯନ୍ତ୍ର ଚୁଙ୍ଗା ଲଗାଇ ଭଗବାନଙ୍କ ସ୍ତବ ଗାଉଥିଲେ ? ବୋଉ ଭାବି ଚିନ୍ତି ନାହିଁ କଲା । ବୋଉ ତ ସବୁବେଳେ ଠିକ୍ କଥା କହେ, ନୁହେଁ ? ତା'ଛଡ଼ା ମୁଁ ତ ଏଡ଼େ ଆସ୍ତେ କଥା କହୁଛି – ଅଥଚ ତୁମେ ବେଶ୍ ଶୁଣିପାରୁଛ, ଦେଖୁଛି । ତେବେ ?

"ତେବେ, ଭଗବାନ, ମୁଁ ଯଦି କିଛି ଭୁଲ୍ କହୁଥିବି, ତୁମେ କିଛି ଭାବିବ ନାହିଁ । ତୁମକୁ ଯଦି ବଡ଼ ପାଟି ସୁଖ ଲାଗୁଥିବ, ତେବେ ମୋ କଥାରେ ଯନ୍ତ୍ରଚୁଙ୍ଗା ଉଠାଇଦେବା ଦରକାର ନାହିଁ । ସତ କଥା କହିବି ? ମୁଁ ବଡ଼ ଡରକୁଳୀ । ଚିତ୍କାର ଶୁଣିଲେ ମୋ ଭିତରେ ହଠାତ୍ ଛାନିଆ ପଶିଯାଏ । ଆଉ ମୋ ବାପା ବି ବୋଧହୁଏ ମୋହରି ଭଳି । ସେଦିନ ବିଚାରାକୁ ଜ୍ୱର ହୋଇଥିଲା । ଗୋଟାଏ କ'ଣ ଉତ୍ସବ ପାଇଁ ପଡ଼ିଶା ଘରେ ସାରାଦିନ ଯନ୍ତ୍ରଚୁଙ୍ଗାରେ ଗୀତ ବାଜିଲା । ବାପା ବିଚରା କେଡେ ଛଟପଟ ନ ହେଲା ! ମୋ ହାତକୁ ନେଇ ବାରମ୍ବାର ତା' କାନ ଦୁଇଟିରେ ଚାପି ଧରୁଥାଏ । ବାପାକୁ ଆଉ ମୋତେ ତୁମେ ଆଉ ଟିକିଏ ସାହସୀ କରିଦିଅ ପ୍ରଭୁ !

"ଆଚ୍ଛା ଭଗବାନ, ବାପାକୁ କିଛି ଟଙ୍କା କରାଇ

ଦିଅନ୍ତ ନାହିଁ ? ସେଦିନ ମୁଁ ବାପାଙ୍କୁ କହିଲି, ମୋର ଗୋଟାଏ ଫ୍ରକ୍ ଦରକାର। ବାପା ବୋଉକୁ କହିଲା, "ମୋ ଝିଅ କେବେ କିଛି ମାଗେ ନାହିଁ। ଆଜି ମୁଁ ତାକୁ ଜରୁର୍ ଫ୍ରକ୍ କିଣିଦେବି।" କେତେ ଖୁସି ହେଲି; କିନ୍ତୁ ତୁମେ କ'ଣ କହିଲ ବୁଝିପାରିଲି ନାହିଁ। ତୁମେ ଆଉ ଥରେ - ତୁମ ସୁବିଧା ଅନୁସାରେ - ମୋତେ ଥରେ ସ୍ୱପ୍ନରେ କହିବ। ଏତିକି ବର ମାଗୁଥିଲି। ଆଉ ତମେ ଯଦି ପଣ୍ଡିତଙ୍କୁ ଏମିତି ଟିକିଏ ଟିକିଏ ଖରାବେଳେ ଶୋଆଇ ପକାନ୍ତ, ମୁଁ କେଡ଼େ ଖୁସିରେ ଆସନ୍ତି।

"ହେ ଭଗବାନ ! ପଣ୍ଡିତଙ୍କ ଘୁଙ୍ଘୁଡ଼ି ଆଉ କାହିଁ ଶୁଭୁନାହିଁ। ହୁଏ ତ ଉଠି ପଡ଼ିବେ। ଆଜି ତେବେ ଯାଏ। ହଁ - ତୁମେ ସବୁ କଦଳୀ ଏକା ଥରକେ ଖାଇଦେବ ନାହିଁଟି ! ମନେ ରହିବ ତ ? ମୁଁ ନେବି ଦୁଇଟା ? କାହିଁକି ? ନାହିଁ ନାହିଁ। ନେବାକୁ ହେବ ? ଆଚ୍ଛା ତେବେ।"

ଲକ୍ଷ୍ମୀ କଦଳୀ ଦୁଇଟା ଛିଡ଼ାଇଲା ଓ ଠାକୁରଙ୍କୁ ପ୍ରଣାମ କରି ଦ୍ୱାର ପର୍ଯ୍ୟନ୍ତ ଆସିଲା।

ବାହାରେ ପ୍ରଖର ଦିବା ଲୋକ। ମୁହୂର୍ତ୍ତକ ପାଇଁ ସେ ବିସ୍ମୃତ ହୋଇଥିଲା ସମୟଜ୍ଞାନ, ବିସ୍ମୃତ ହୋଇଥିଲା, ଏଇଟା ଦିନ କି ରାତି।

ହଠାତ୍ ଏକ ପ୍ରଚଣ୍ଡ କଣ୍ଠ ତାକୁ ହତଚକିତ କଲା; "ଦିନ ଦି'ପହରେ ଠାକୁରଙ୍କ ପାଖରୁ କଦଳୀ ଚୋରି ? ଏଡ଼େ ସାହସ ?"

ଖେଦି ଆସୁଥିଲେ ପଣ୍ଡିତେ। ଲକ୍ଷ୍ମୀ ଗୋଟାଏ ମୁହୂର୍ତ୍ତ କାଠ ପିତୁଳା ଭଳି ସ୍ତମ୍ଭୀଭୂତ ହୋଇ ରହିଲା। ତା'ପରେ ଦୌଡ଼ିଲା।

ପଣ୍ଡିତ ବି ଦୌଡ଼ିଲେ।

ସାମ୍ନାରେ ପୋଖରୀଟିଏ। ଲକ୍ଷ୍ମୀର ପଥଘାଟ ଜ୍ଞାନ ଯିମିତି ବିଲୁପ୍ତ ହୋଇଥିଲା। ସେ ପଶିଗଲା ପୋଖରୀ ଭିତରେ। ପଣ୍ଡିତଙ୍କ କଣ୍ଠ ଶୁଣି ଓ ତାଙ୍କୁ ଧାବମାନ ଅବସ୍ଥାରେ ଦେଖି ଜମି ଆସିଲେ ଲୋକେ - ପାଞ୍ଚ, ଦଶ, ପନ୍ଦର, କୋଡ଼ିଏ।

ଲକ୍ଷ୍ମୀ ପୋଖରୀ ଭିତରେ ଛିଡ଼ା ହୋଇଛି। ଅଣ୍ଟାଯାଏ ପାଣି। ଛାତିରେ ଭିଡ଼ି ଧରିଛି କଦଳୀ ଦୁଇଟି।

"ବାହାରି ଆ ପୋଖରୀ ଭିତରୁ।" ପଣ୍ଡିତ ରଡ଼ି କଲେ। "ବାହାରି ଆ।" ଅନ୍ୟମାନେ ବି ପାଟି କଲେ। ବିସ୍ଫୋରିତ ନୟନରେ ଲକ୍ଷ୍ମୀ ସଭିଙ୍କୁ ଅନାଇଥାଏ କେବଳ।

ତା'ପରେ ଜନତାକୁ ଠେଲି ପୋଖରୀ ଆଡ଼କୁ ବାହାରି ଆସିଲେ ଲକ୍ଷ୍ମୀର ବାପା। ତାଙ୍କୁ ଦେଖିବା ମାତ୍ରେ କାନ୍ଦି ଉଠିଲା ଲକ୍ଷ୍ମୀ। ପାଣିରେ ପଶି ବାପା ତାକୁ କୋଳ କରି ଉଠାଇ ଆଣିଲେ।

ଜନତା କହିଲା, "ଆହା ! କେଡ଼େ ଗୁଣବତୀ କନ୍ୟା !" "କଦଳୀ ଦୁଇଟା ବଡ଼ କଥା ନୁହେଁ ଯେ, କଥା ହେଲା ଝିଅର ଚରିତ୍ର !" "ଦିନ ଦୁଇ ପହରେ ଏଡ଼ିକି ସାହସ !" "ବାପ୍ ରେ !"

କଦଳୀ ଦୁଇଟି ଲକ୍ଷ୍ମୀ ହାତରୁ ନେଇ ବାପା ପଣ୍ଡିତଙ୍କୁ ଧରେଇ ଦେଲେ ଓ ନିର୍ବାକ ଭାବରେ ଝିଅକୁ କାନ୍ଧରେ ପକାଇ ଧୀରେ ଧୀରେ ଘରକୁ ଫେରିଲେ।

ଲକ୍ଷ୍ମୀ ଆଉ କଥା କହି ନାହିଁ। ସନ୍ଧ୍ୟାକୁ ଆସିଲା ପ୍ରବଳ ଜ୍ୱର। ତିନି ଦିନ ପରେ ସେ ଚାଲିଗଲା।

ରବିବାର ସନ୍ଧ୍ୟାରେ ସାପ୍ତାହିକ ପୁରାଣ ପାଠ ସମାବେଶରେ ସେଥର ସମସ୍ତଙ୍କ ମୁହଁରେ ଦିଅଁଙ୍କ ପ୍ରଶଂସା। ଯେଉଁ ଦେବତାଙ୍କୁ ସେମାନେ ଭରଣପୋଷଣ କରି ରଖିଛନ୍ତି, ସେ ଏଡ଼େ ପ୍ରତ୍ୟକ୍ଷ ଦେବତା ! ତାଙ୍କ ସିଂହାସନ ପାଖରୁ ତାଙ୍କ ଆହାର ଚୋରି କରି ଯେ ନିସ୍ତାର ନାହିଁ, ଏହାର ପ୍ରମାଣ ସେ ଦେଖାଇଦେଲେ।

ଏହି ଆଲୋଚନାରେ ଅଂଶଗ୍ରହଣ କରୁଥିବା ମନ୍ଦିର ପୁନଃନିର୍ମାଣ ବେଳେ ଆଦାୟୀକୃତ ଚାନ୍ଦାର ପ୍ରଚୁର ପରିମାଣ ଆତ୍ମସାତ୍ କରିଥିବା ସ୍ଥାନୀୟ ନେତା ଓ ମନ୍ଦିରର ବିଭିନ୍ନ ବିଭାଗରୁ କ୍ରମାଗତ ଚୋରି କରୁଥିବା ଦୁଇ ଜଣ ସେବକ ଲକ୍ଷ୍ମୀର ଦଶାରେ ରୋମାଞ୍ଚିତ ହେବା ସଙ୍ଗେ ସଙ୍ଗେ ଭଗବାନ ସେମାନଙ୍କ ଚୋରୀ ଧରି ପାରିଛନ୍ତି କି ନାହିଁ ଓ ଧରିଥିଲେ କିବା ଉଦ୍ଦେଶ୍ୟରେ ପ୍ରତିଶୋଧ ନେଇ ନାହାନ୍ତି

ଏହା ନେଇ ଅତ୍ୟନ୍ତ ଦୁଶ୍ଚିନ୍ତାରେ ପଡ଼ିଥିଲେ। ଫଳରେ ଦିଅଁଙ୍କ ପ୍ରଚୁର ପ୍ରଶଂସା କରୁଥିଲେ ସେମାନେ। ଦିଅଁ ଶୁଣୁଛନ୍ତି ବୋଲି ଆଶା କରୁଥିଲେ।

ବିମର୍ଷ ଭାବରେ, ନୀରବରେ ବସି ରହିଥିଲେ ଏକା ପୂଜାରୀ ପଣ୍ଡିତେ। ଯେତେବେଳେ ଦିଅଁଙ୍କ ପ୍ରତ୍ୟକ୍ଷତାର ପ୍ରମାଣରେ ଉଦ୍‌ବୁଦ୍ଧ ହୋଇ ଜନତା ହରିବୋଲ ଧ୍ୱନି ଦେଇ ଉଠିଲେ, ହଠାତ୍ ପଣ୍ଡିତେ ଯିମିତି ଅନୁଭବ କଲେ, ସେଇ ମୁହୂର୍ତ୍ତରେ ଦିଅଁଙ୍କ ବିଭୂତି ସିଂହାସନ ଛାଡ଼ି ଚାଲିଗଲା– ପଡ଼ି ରହିଲା କେବଳ ଏକ ଦୀପ୍ତିହୀନ, ଅର୍ଥହୀନ ରୂପ।

"ଏ କ'ଣ ପଣ୍ଡିତେ! ତୁମ ଦେହରେ ତ ଖଇ ଫୁଟିବ!" ଜଣେ ସେବକ ତାଙ୍କୁ ସ୍ପର୍ଶ କରି ମନ୍ତବ୍ୟ ଦେଲେ।

ଜୀବନର ଅବଶିଷ୍ଟ କେଇ ଦିନ ପଣ୍ଡିତେ ନୀରବରେ ଏତିକି ପ୍ରାର୍ଥନା କରିଥିଲେ, "ପ୍ରଭୁ! ପର ଜନ୍ମରେ ଏ ପାପିଷ୍ଠ ଯେହ୍ନେ ଜିହ୍ୱାହୀନ ହୋଇ ଭୂମିଷ୍ଠ ହେଉ!

## ପ୍ରଶ୍ନାବଳୀ

୧. ପଣ୍ଡିତ ମନ୍ଦିର ଆଖପାଖରୁ ପିଲାମାନଙ୍କୁ କାହିଁକି ତଡ଼ି ଦେଉଥିଲେ ?
୨. ଲକ୍ଷ୍ମୀ ଠାକୁରଙ୍କୁ ଦେଖି କ'ଣ କହିଲା ?
୩. ଅଙ୍କ ବିଷୟକୁ ସମସ୍ତେ ଭୁଲିଯାଆନ୍ତେ ବୋଲି ଲକ୍ଷ୍ମୀ କାହିଁକି ଠାକୁରଙ୍କୁ କହିଛି ?
୪. ଲକ୍ଷ୍ମୀ କାହିଁକି ପୋଖରୀ ଭିତରକୁ ପଶିଗଲା ?
୫. ଲକ୍ଷ୍ମୀଙ୍କୁ ପୋଖରୀ ଭିତରେ ପଶିବାର ଦେଖି ଲୋକେ କ'ଣ କହିଲେ ?
୬. ଠାକୁରଙ୍କ ପାଖରେ କଦଳୀ କାନ୍ଦି ଦେଖି ଲକ୍ଷ୍ମୀ କ'ଣ କହିଲା ?
୭. ଚୁଙ୍ଗା ଲଗାଇ ବଡ଼ପାଟିରେ ଭଗବାନଙ୍କୁ ଡାକିବା ବିଷୟରେ ଲକ୍ଷ୍ମୀ କ'ଣ ଭାବିଲା ?
୮. ବାପା ତାଙ୍କ କାନ ଦୁଇଟିକୁ ଚାପି ଧରିବା ପାଇଁ ଲକ୍ଷ୍ମୀର ହାତ ଦୁଇଟିକୁ କାହିଁକି ଟାଣୁଥାନ୍ତି ?
୯. ବାପା ଲକ୍ଷ୍ମୀ ପାଇଁ କ'ଣ କିଣି ଦେବେ ବୋଲି କାହାକୁ କହିଲେ ?
୧୦. କଦଳୀ ଧରି ଲକ୍ଷ୍ମୀ କାହିଁକି ଦଉଡ଼ିଲା ?
୧୧. ଲକ୍ଷ୍ମୀ ପୋଖରୀ ଭିତରେକୁ ପଶି କ'ଣ କରୁଥିଲା ?
୧୨. ପୋଖରୀ ଭିତରୁ ଲକ୍ଷ୍ମୀକୁ ବାପା କାହିଁକି ଘରକୁ ନେଲେ ?
୧୩. ଠାକୁରଙ୍କୁ ଲୋକେ ପ୍ରତ୍ୟକ୍ଷ ଦେବତା ବୋଲି କାହିଁକି କହିଲେ ?
୧୪. ବିମର୍ଷ ଭାବରେ ପଣ୍ଡିତେ କାହିଁକି ବସି ରହିଥିଲେ ?
୧୫. ପଣ୍ଡିତେ ଠାକୁରଙ୍କୁ କ'ଣ ପ୍ରାର୍ଥନା କଲେ ?

**ତୁମ ପାଇଁ କାମ :**

୧୫. 'ଲକ୍ଷ୍ମୀର ଅଭିସାର' ଗଳ୍ପ ପଢି ତୁମ ଭିତରେ ଯେଉଁ ଭାବ ଆସୁଛି ସେ ବିଷୟରେ ସାଙ୍ଗମାନଙ୍କ ସହିତ ଆଲୋଚନା କର।
୧୬. ମନୋଜ ଦାସଙ୍କ ଅନ୍ୟାନ୍ୟ ଗଳ୍ପ ଓ ଉପନ୍ୟାସ ପଢ ଓ ତାହାଙ୍କୁ ମନେ ରଖିବାକୁ ଚେଷ୍ଟା କର।

***

# ଦଳବେହେରା

କାଳୀଚରଣ ପଟ୍ଟନାୟକ

## ଲେଖକ ପରିଚୟ :

*ନାଟ୍ୟକାର କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ (୧୮୯୭-୧୯୭୮)ଙ୍କ ଆବିର୍ଭାବଦ୍ୱାରା ଓଡ଼ିଆ ନାଟକ ଓ ରଙ୍ଗମଞ୍ଚ କ୍ଷେତ୍ରରେ ଆଧୁନିକତାର ଯଥାର୍ଥ ପ୍ରଗତି ଆରମ୍ଭ ହୋଇଥିଲା । କବିତା ରଚନା ଓ ଅଭିନୟ କଳା ପ୍ରତି ସେ ବାଲ୍ୟକାଳରୁ ଆଗ୍ରହୀ ଥିଲେ । ଓଡ଼ିଶୀ ସଂଗୀତର ପ୍ରସାର ଓ ପ୍ରତିଷ୍ଠା କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ । ଓଡ଼ିଶୀ ନୃତ୍ୟକୁ ସର୍ବଭାରତୀୟ ମାନ୍ୟତା ଦେବାରେ ମଧ୍ୟ ତାଙ୍କ ଉଦ୍ୟମ ଉଲ୍ଲେଖଯୋଗ୍ୟ । ସେ ପଚାଶରୁ ଊର୍ଦ୍ଧ୍ୱ ରାସନାଟକ, ମଞ୍ଚନାଟକ ଏବଂ ଗୀତିନାଟ୍ୟ ରଚନା କରିଥିଲେ । 'ଭାତ', 'ଗାର୍ଲସ୍କୁଲ,', 'ଅଭିଯାନ', 'ଚକ୍ରୀ', 'ରକ୍ତମନ୍ଦାର' ପ୍ରଭୃତି ନାଟକ, 'ପଞ୍ଚରଙ୍ଗ', 'ଷଡ଼ରସ', 'ସପ୍ତପର୍ଣ୍ଣୀ', 'ଜୀବିତ-ତର୍ପଣ' ପ୍ରଭୃତି ତାଙ୍କର ବହୁଚର୍ଚ୍ଚିତ ରଚନା । ତାଙ୍କର ଆତ୍ମଜୀବନୀ, 'କୁମ୍ଭାର ଚକ' ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଥିଲେ । ତାଙ୍କ ଦ୍ୱାରା ପ୍ରତିଷ୍ଠିତ 'ଓଡ଼ିଶା ଥିଏଟର୍ସ' ଓଡ଼ିଶାର ମଞ୍ଚ ଇତିହାସରେ ଏକ ଉଜ୍ଜ୍ୱଳ ନାମ ।*

*ଜାତୀୟ ସଂଗ୍ରାମର ଆଦ୍ୟ ପର୍ଯ୍ୟାୟରେ ତ୍ୟାଗ ଓ ତିତିକ୍ଷାର ପ୍ରତୀକାତ୍ମକ ରୂପ ସଂଗ୍ରାମୀ ମଣିଷର ଜୀବନ କାହାଣୀ ହିଁ ସଂଶିତ ଏକାଙ୍କିକାର ଭିତ୍ତିଭୂମି ।*

---

### ପ୍ରଥମ ଦୃଶ୍ୟ

(**ମା**ଣିତ୍ରୀ ଗାଆଁ ମଝି ଭାଗବତ ଘର । ପୁରାଣ ପଣ୍ଡା ବସି ପୁରାଣ ପଢୁଥିଲେ । ଗାଆଁର କେତେଜଣ ଲୋକ ବସି ପୁରାଣ ଶୁଣୁଥିଲେ ।)

ପୁରାଣ ପଣ୍ଡା – ସଭାରେ ବସିଅଛି ପ୍ରତାପୀ କଂସାସୁର
ବେଢ଼ି ରହିଛନ୍ତି ଯେତେକ ଅସୁର ବଳ ।
ନାରଦ ମହାମୁନି ହୋଇଲେ ପରବେଶ
ଦେଖି କଂସାସୁର ପୁଚ୍ଛଇ ସନ୍ଦେଶ ।
ଜାଣ ତ ମହାମୁନି ମୋହର ବଳ ଯେତେ
ଜିଣିଲି ବାହୁବଳେ ସ୍ୱରଗ ପରିଯନ୍ତେ ।
କିଏ ସେ କହ ମୋର ଭଗାରି ଅଛି କାହିଁ ?
ତୁମ୍ଭେ ତ ତ୍ରିକାଳଜ୍ଞ ଭବିଷ୍ୟ କହ ଚାହିଁ ।

(ହଠାତ୍ ବନମାଳୀ ବୋଲି ଜଣେ ଗାଆଁବାଲା ଭାଗବତ ଟୁଙ୍ଗୀରେ ପହଞ୍ଚିଲା । ତା'ର ପାଦଠାରୁ ଆଣ୍ଠୁଯାଏ ଧୂଳି । ଆଖିରୁ ଲୁହ ବୋହିଯାଉଛି ।)

ବନମାଳୀ - ଦଳବେହେରା ସାଆନ୍ତ ! କଅଣ ଆଉ ପୁରାଣ ଶୁଣୁଛ ? ସରିଗଲା ଆମ କଥା !

ଦଳବେହେରା - କଅଣ ? କଥା କଅଣ କିରେ ବନମାଳୀ ! ଇମିତି ଧୂଳି ଧୂସର ହେଇଛୁ ? କୁଆଡ଼େ ଯାଇଥିଲୁ କି ?

ବନମାଳୀ - ଯିବି ଆଉ କୁଆଡ଼େ ଆଜ୍ଞା ? ସହିବା ସୀମା ବଳିଗଲା ଆମର । ହଇଏ ଆଜ୍ଞା । ବୋପା ଅଜା ତେପନ ପୁରୁଷ ତ ନିଷ୍କର ଭୂଇଁ ଖାଇଆସିଲୁ; ଆଜି ଆମେ କର ଦେବୁ ? ତା' ବି ସହିଲୁ - ହଉ ହେଲା - ରାଜା ଭାଗ କଥା, ତା' ପୁଣି କଉଡ଼ିରେ ହେବ ନାହିଁ - କହୁଛି ଟଙ୍କାରେ କର ଆମକୁ ଦିଅ । ଟଙ୍କା ଆମକୁ ମିଳିବ କେଉଁଠୁ ? ମୁଁ କିଆରୀରୁ ବାହୁଡ଼ିଲା ବାଟରେ ମୋତେ ଅଟକାଇ ଜୁଲମ ! ହେଇଟି ଦେଖ, ନୂଆ ଗାମୁଛାଟା ଫଡ଼ା ଫଡ଼ା । (ଚିରା ଗାମୁଛାଟା ଦେଖାଇଲା) କେଉଁଠି ଥିଲେ ଏ ଅସୁର ପଲ ? ସାତ ସମୁଦ୍ର ତେର ନଈ ପାରହୋଇ ଆମ ମୁଲକରେ ଆସି କଂସାସୁର ହୋଇଛନ୍ତି । କଅଣ ଏଥିକି କିଛି ଉପାୟ ନାହିଁ ? ଆମର ତ ମୁଣ୍ଡ ଆପଣ । ପଦେ ପଚାରିଦେଇ ତେଣିକି ଯାହା ହବ ଦେଖାଯିବ ।

ଦଳବେହେରା - ଆହେ ବନମାଳୀ ! ଆପଣା ସୁନା ତ ଭେଣ୍ଡି, ବଣିଆ ସଙ୍ଗେ ଚୁଟି ଧରାଧରି କଲେ ଲାଭ କଅଣ ? କାଠକୁ ଲୁହା କାଟେ । କେମିତି କାଟେ ? ସେହି କାଠରୁ ଖଣ୍ଡେ ଲୁହା ପେଟରେ ପଶେ ବୋଲି ସିନା !

ରଘୁନାଥ - ସେଇଆ ପରା ଆଜ୍ଞା ! ଆମରି ଲୋକେ ତାଙ୍କୁ ଭେଦ ବତାଉନଥିଲେ ଫିରିଙ୍ଗୀ ନା ତାଙ୍କ ପରି ହଜାର ଗଣ୍ଡା ଆମର କ'ଣ କରନ୍ତେ ? କାଲିର ବାବନାଭୂତ ସେଇ ଚକରା, ଆଜି ଫିରିଙ୍ଗୀ ଘର ଦାନା ଖାଇ ତା' ଆଖି ଓଲଟିଗଲା । ମୁଣ୍ଡରେ ଖଣ୍ଡେ ନାଲିକନା ଭିଡ଼ିଦେଲା ବୋଲି ଆଉ ଇନ୍ଦ୍ର, ଚନ୍ଦ୍ର ମାନିବାକୁ ନାହିଁ ସେ ! ପଣ୍ଡିମରାଏ ନାହାନ୍ତି । ଘରେ ତାଙ୍କର ଭୁଆସୁଣୀ ଝିଅ ବୋହୂ, ତାଙ୍କୁ ଆସି ମାଗୁଛି ଖଜଣା । ତୁଣ୍ଡରୁ କି ଅଭାଷା କୁଭାଷା ବାହାରୁଛି ! ଏଗୁଡ଼ାକ କାନରେ ଶୁଣି ଦେହ ଜଳିଯାଉଛି । ରକ୍ତମାଂସ ଶରୀର କେତେ ସହିବ ?

ଦଳ - ଆରେ ରଘୁ, ସହିଚ ବୋଲି ପରା ତୁମେ ଜୀଇଁ ରହିଚ । ବକ୍ସିଙ୍କ ପରି କ୍ଷତ୍ରୀ ତ ମୋଡ଼ିମାଡ଼ି ହୋଇ ରହିଲେ । ଜୟୀ ରାଜଗୁରୁ ତ ଦି'ଫଡ଼ା ହୋଇ ଚିରାହେଲେ । ସାଆନ୍ତ ରାଜାମାନେ ତ ଦାନ୍ତରେ ତିରଣ ଧରି ଶରଣ ପଶିଲେ - ଆଉ ଆମେ କୋଉ ଗାଈର ଗୋବର ଯେ ? ତୁମର ତ ନିରକତି ଜୀବନ । ବଣରେ ହାଉ ହାଉ କରି ରଡ଼ିଲେ କିଏ ଶୁଣିବ ? କହିବି - କଥା ମାନିବ ଶୁଣିବ ?

ପୁରାଣ ପଣ୍ଡା - କଅଣ ହେଲା - ମାଣିତ୍ରୀ ଗଡ଼ର ମୁଣ୍ଡ- ଆପଣ ପଦେ କହିବେ, ତା' ପୁଣି ତଳେ ପଡ଼ିବ ? କାହିଁକି, ଏ ମୁଣ୍ଡ ଥିଲେ କେତେ, ନ ଥିଲେ କେତେ ?

ଦଳ – ଏଇ ଭାଗବତ ଘର, ପୁରାଣ ଆଗରେ ସବୁ ସତ କହୁଚ ? କଥା ରଖିବ ? ମାନିବ ?

ସମସ୍ତେ – ହଁ, ହଁ ଆଜ୍ଞା, ନିୟମ କରି କହୁଛୁଁ, ଦଳବେହେରାଙ୍କ କଥା ବେଦର ଗାର ।

ଦଳ – ହଉ, ଭଲ । ହଇହେ ! ମୋଟକୁ ତ ଚୋଟ ପାଏ ନାହିଁ । ଆମେ ଗାଁ ଗାଁ ହୋଇ ଗୋଟିଏ ରାଜ୍ୟ । କେତେଜଣ ସେ ଗୋରା ସାହିବ ! ଆମେ ଅଡ଼ି ବସିଲେ ଆଜି ରାଜ୍ୟ ଛାଡ଼ି ପଳାଇବାକୁ ତାଙ୍କୁ ରାହା ମିଳିବ ନାହିଁ । କହିଛି – ହପ୍ତାଏ ଛାଡ଼ି ଖଜଣା ଅସୁଲ କରିବାକୁ ଆସିବ ପରା, ହଉ ଆସୁ ।

ବୁଢ଼ୀ – (ଦୂରରୁ) ଭାଗବତ ଘରେ କିଏ ଅଛ ବାପା ! ଦଳବେହେରା ସାଆନ୍ତ ଏଠି ଅଛନ୍ତି ?

ଦଳ – ହଁ, କିଏ ? ଆସ, ଆସ, ଏଣିକି ଆସ ।

ବୁଢ଼ୀ – (ଆସି) ସଉରୀବୋଉ ହେ ସାଆନ୍ତ ! ଦଳବେହେରା ସାଆନ୍ତ ତେମେ ପୁଣି ଅଛଟି ? ଓଡ଼ିଶା ମୂଲକର ମାଣିତ୍ରୀଗଡ଼ ନାଁ ପଡୁଥିଲା । ଏ ଗଡ଼ ପାଇକପୁଅଙ୍କ ଛାଇ ପଡ଼ିଲେ ଗରଭିଣୀ ଗାଈ ବାଟ ଛାଡୁଥିଲା । ତେମେ ଆପଣ ଥାଉଁ ଥାଉଁ ଏ ଗଡ଼ କଅଣ ନିମୁଣ୍ଡିଆ ହେଇଗଲା ? ଭେଣ୍ଡା ମରଦପୁଏ କଅଣ ଏ ଗଡ଼ରୁ ଲୁଚିଗଲେ ?

ଦଳ – କଅଣ ହେଲା ? କଥାଟା କ'ଣ କହୁନାହଁ ମାଉସୀ !

ବୁଢ଼ୀ – ମୁଁ ଆଉ କହିବି କଅଣ ? ତମେ ପଦେ କହିଦିଅ – ଆମେ ରାଣ୍ଡ ଛେଉଣ୍ଡ ଗାଁ ମାଇପେ ମହତ ଘେନି ରହିବୁ ନା କୂଅ ପୋଖରୀ ଖୋଜିବୁଁ ?

ଦଳ – କଅଣ କଥାଟା କହ !

ବୁଢ଼ୀ – ଆଉ କହିବି କଅଣ ? ଛାର ନୁଣ ମୁଠେ ! କାଳ କାଳକ ଦିହ-ଦିହକ ପିଲାଏ ଇମିତି ମାରିଆସୁଥିଲେ ନା ଆଜି ନୂଆ କଥା ଯେ ? ଚାରିକୋଡ଼ି ହେଲା ବୟସ ମୋତେ, କେତେ ରଜା ଅମଳ ଦେଖିଛି । ଯା ତ ଆଉ ଦେଖାଶୁଣା ନ ଥିଲା ! ଚାଲ ଦେଖିବ, ମୋ' ନାତୁଣୀକି – ପିଠି ତା'ର ଆଉ ନାହିଁ । ନଅ ବର୍ଷର ପିଲା, ତା' ପିଠିରେ ପୁଣି ଘୋଡ଼ା କୋରଡ଼ା । ଗରଗରହୋଇ ଫାଟି ନହୁନୁହାଣ । ଚେତାବୁଡ଼ା ହେଇ ପଡ଼ିଥିଲା । ରତନୀ, କେତକୀ ହେରିକା ତାକୁ ଟେକି ଆଣିଛନ୍ତି । ସତେ କଅଣ ଆଉ ସେ ଜୀଇଁବ ? ଭଲା ଫିରିଙ୍ଗୀ ଅମଳ ହେଲା ଯେ !

ଦଳ – ମାଉସୀ ! ଘରକୁ ଯା, ମୁଁ ପଛେ ପଛେ ଯାଉଛି । ଦଳବେହେରା ଜୀଇଁ ଥାଉଁ ଥାଉଁ ଏକଥା ଶୁଣିବ ନାହିଁ, କି ଦେଖି ପାରିବ ନାହିଁ । ତୁମେ ଚାଲ ।

ବୁଢ଼ୀ – ହଉ ! ତୁମେ ତ ପାରିବାର ପୁଅ । ଅଷ୍ଟ ନିଅଷ୍ଟ, ଚଢ଼େଇ ଚିରୁଗୁଣୀଙ୍କ

ପେଟ ଚିହ୍ନିଲାବାଲା । ଏଣ୍ଣୁଅ ଧାଉଡ଼ି ଶିଙ୍ଗୁବୁଦା ମୂଳ ଯାଏ ସିନା ! ଆଉ କାହାକୁ କହିବୁଁ ? ତମ ଗାଆଁ, ତମ ଭୂଇଁ, ତମ କୁଳ ମାନ- ରଖିଲେ ରଖିବ, ବୁଡ଼େଇଲେ ବୁଡ଼େଇବ । ଟିକିଏ ଆସିବ ବାପା, ମୁଁ ଗଲି (ବୁଢ଼ୀ ଚାଲିଗଲା) ।

ଦଳ - ହଁ, ତୁମେ ଯାଅ । (ଟିକିଏ ନୀରବ ରହି ଗମ୍ଭୀର କଣ୍ଠରେ ଡାକିଲେ) - ରଘୁନାଥ !!

ରଘୁ - ଆଜ୍ଞା !

ଦଳ - ଗୋପୀ !

ଗୋପୀ - ଆଜ୍ଞା ! କୁହନ୍ତୁ ।

ଦଳ - କାଲି ସକାଳେ - ରାତି ନ ପାହୁଣୁ - ଗଡ଼ରେ ନାଗରା ଦିଅ ଖଜଣା କେହି ଦେବେ ନାହିଁ । ଆମ ବାପ ଅଜା ଯେମିତି ନିଷ୍କର ଭୂଇଁ ଚଷି ଖାଇ ଆସୁଥିଲେ, ସେମିତି ଖାଇବେ; ସେମିତି ଲୁଣ ମାରିବେ, ସେମିତି ବଣରୁ କାଠ ହାଣିବେ । ଗଡ଼ମୁଣ୍ଡ ବାଟରେ ପର୍ବତ ପ୍ରମାଣ ଗଛ ଗଣ୍ଡି ହାଣି ଗଦାକର । ବଡ଼ ବଡ଼ ପଥର ପକାଅ । ବାଟକୁ ବନ୍ଦ କର । ଖଣ୍ଡାକୁ ସମସ୍ତେ ସାଆଣ ଦେଇ ରଖ । ଯେତେକ ଭେଣ୍ଡା ଅଛ, ବାହୁଡୀ ବରଗଛ ମୂଳେ କାଲି ବେଳ ଦି' ଘଡ଼ିକି ଗାଧୋଇ ପାଧୋଇ ପହଞ୍ଚି ସିନ୍ଦୂର ଲଗେଇ ପାରିବ ?

ରଘୁ - ଆଜ୍ଞା ହଁ ।

ସମସ୍ତେ - ପାରିବୁ, ପାରିବୁ ଆଜ୍ଞା !

ଦଳ - ତେଣିକି ଯାହା କରିବାକୁ ହେବ ମୁଁ କରିବି । ବାଟଘାଟ ବନ୍ଦ ହେଲେ, ଆମ ଲୋକଙ୍କୁ ଧାନ ଚାଉଳ ମିଳିବ ନାହିଁ । ସେଥିକି ମୋର ଅମାର ଅଛି । ଦୁଇବର୍ଷ ଆଗେ ଖାଅ । ଆଖପାଖ ଗାଁକୁ ଏଇ ରାତି ରାତି ଖବର ଚଳେଇ ଦିଅ, ସମସ୍ତେ ମେଣ୍ଟ ବାନ୍ଧ । ମୁଁ ଏ ମୁଣ୍ଡକୁ ପାଣି ଛଡ଼େଇଲି ।

ସମସ୍ତେ - ହରିବୋଲ ! ହରିବୋଲ ! ହରିବୋଲ ! (ସମସ୍ତେ ଉଠି ଠିଆ ହେଲେ)

## ଦ୍ୱିତୀୟ ଦୃଶ୍ୟ

(ମାଣିତ୍ରୀ ଗଡ଼ର ରାସ୍ତା । ଦୂରରୁ ନାଗରା ଶୁଭୁଛି । ଦୁଇଜଣ ଗ୍ରାମବାସୀ କଥାବାର୍ତ୍ତା ହୋଇ ଆସୁଛନ୍ତି ।)

୧ମ - ହଁ, ଦଳବେହେରା ଯେତେବେଳେ ମୁଣ୍ଡ ପତାଇଛନ୍ତି କଥାଟାର ଏପାର ସେପାର ନ କରି ଛାଡ଼ିବା ପୁଅ ନୁହନ୍ତି ।

୨ୟ - ସତ କହିଲୁ ଯେ ଭାଇ, ଫିରିଙ୍ଗୀ ପରା ଥାନପତି ହୋଇ ବସିଲାଣି ! ଗୁଳିଗୁଳା, ବାରୁଦ ସବୁ ଅଛି ତା'ର । ସମ୍ଭାଳ ହେବଟି ?

୧ମ - ଆରେ, ଯାଉ ଜାନ୍ ଥାଉ ମାନ୍ । ଏମିତି ଜୀଇଁ ଥାଉଁ ଥାଉଁ ନିତି ମରୁଛେଁ - ସେମିତି ଗାଁ ଭୂଇଁ, ମା' ଭଉଣୀ, ଜାତି ମହତ ପାଇଁ ଲଢ଼ି ଦିନେ ମରିବା । ଓଡ଼ିଶା ଖଣ୍ଡର ପାଇକ

ପିଲାଟି - ଭୂଇଁରେ ପଡ଼ିଲାବେଳୁ ଲଢ଼େଇ କାନରେ ବାଜୁଛି । ଡର କ'ଣ ?

୨ୟ - ନାଇଁ, ସେଥିକି ଡର ନାହିଁ ଯେ, ଲୋକ ଭେଳେଇ ପାରିଲେ ହେଲା । ଦେଶ ତାତି ରହଛି - ଖାଲି ଟିକିଏ ନିଆଁ ଲଗାଇଦେବା କଥା । ଚାଲ ବାହୁତୀ ବର ମୂଳକୁ । କି ବିଚାର ପଡ଼ିଛି ଆଗ ଦେଖିବା ।

୧ମ - ଆରେ, ଆଉ ଦେଖିବୁ ଏଠେଇ କ'ଣ ? କମ୍ପାନୀର ପଲଟଣ ଆସିବେ, ଦେଖାଦେଖି ସେଇଠି, ପରଖା-ପରଖି ତାଙ୍କରି ସଙ୍ଗେ । ମଲାପରି ପଡ଼ିରହି ଆଉ କଅଣ କର ଗଣିବୁ ? ହଇରେ, ତେପନ ପୁରୁଷ ଆମର ନିଷ୍କର ବାହେଲ ଜମି ଭୋଗ ଦଖଲ କରି ଆସିଲେ - ଆଜି ଆମେ ଗଣିବୁ କର ?

୨ୟ - ନା - ନା, ସେ କଥା ହେବ ନାହିଁ । ଭୂକର ଆମେ ଦବୁ ନାହିଁ କାହାରିକି, କଅଣ କରିବ ଫିରିଙ୍ଗୀ ? କଅଣ ହବ ? ଜୁଲମ ହବ - ଘରଦ୍ୱାର, କଂସାଥାଳି, ସମ୍ପତ୍ତିବାଡ଼ି, ଚଳନ୍ତି ଅଚଳନ୍ତି ସବୁ କୋରଖ କରିବ । ଘର, ଗାଁ ଜଳେଇ ଦବ । ଦଉ, ବେଶି ହେଲେ ତା' କଥା ନ ମାନିଲା ବେଳକୁ... (ଦୂରରୁ ତୋପ ଶବ୍ଦ ଶୁଭିଲା)

୧ମ - ହଇରେ ! ତୋପ ଶୁଭିଲା । ସଭା ଆରମ୍ଭ ହୋଇଯିବ । ଆଜି ବେଳ ବୁଡୁ ବୁଡୁ ବଣରୁ କାଠ ଆଣି ମୁଣ୍ଡିଆରୁ ପଥର ଗଡ଼େଇ ଆଗେ ବାଟଟାକୁ ବନ୍ଦ କରିଦେବା । ଗାଁ ଗାଁକୁ ଖବରଦେଇ ଲୋକ ଭେଳେଇ ନେବା । ତେଣିକି ଦେଖାଯିବ । ଆଗତ ପାଞ୍ଚ କାହିଁକି ?

୨ୟ - ନା, ଏକା ଭେଳାରେ ତ ବସିଛେ - ବୁଡ଼ିଲେ ସଭିଏଁ ବୁଡ଼ିବା । ଜୀଇଁଲେ ଆମ ରାଜ୍ୟ ଆମର - ମହୀ ଭୋଗିବା । ତା' ବୋଲି ଜଗନ୍ନାଥଙ୍କ ପା'ତଳ ଛଡ଼ା ଏ ଓଡ଼ିଆ ପୁଅର ଆଉ ପୁଣି କୋଉଠି ମୁଣ୍ଡ ନଇଁବ ? କେଉଁଠୁ ଆସିଲା ଏ ପରଦେଶୀ ବେପାରୀ - ସେ ପୁଣି ହବ ରାଜା - ବଣ- କର ନବ, ଭୂ-କର ନବ, ଲୁଣ-କର ନବ ? ସତେ ଯେମିତି ତା ମୂଳକର, ଯାକୁ ସବୁ ଆମ ପାଇଁ ବୋଇତରେ ଲଦି ଆଣିଥିଲା ।

୧ମ - କହୁଛି କର ଦିଅ, ତା' ପୁଣି କଉଡ଼ିରେ ନୁହେଁ - ଟଙ୍କାରେ । ଟଙ୍କା କେଉଁଠୁ ପାଇବୁଁ ? ଏ ଅନ୍ୟାୟ, ଏ ଅବିଚାର, ଏ ଦୌରାତ୍ମ୍ୟ କିଏ ସହିବରେ ? ମାରୁ-ମରିବା । ସବୁ ପ୍ରଜା ମୂଳପୋଛ ହୋଇଯିବା । ନଉ ସେ ବଣ, ପର୍ବତ, ନଈ ନାଳଠୁଁ କର । ଜୀବନରେ ଥାଉ ଥାଉ ଏ ଅଦୌତି କିଏ ସହିବରେ ?

୨ୟ - ନା-ନା-ନା- ତ୍ରିକାଳେ ଏ କଥା ହେବ ନାଇଁ ।

୧ମ - ଚାଲ୍, ଚାଲ୍- ବାହୁତୀ ବର ମୂଳକୁ । (କହି କହି ଦୁହେଁ ଚାଲିଗଲେ)

## ତୃତୀୟ ଦୃଶ୍ୟ

(ଖୋରଧା କଚେରୀ । ଶାସକ ବସିଛନ୍ତି । କେତେଜଣ କର୍ମଚାରୀ ଠିଆ ହୋଇଛନ୍ତି । ପିଆଦା, ସିପାହୀ ଓ ସୁବେଦାର ଅଛନ୍ତି ।)

ସାହେବ - ଦେବେ ନାହିଁ ?

ସୁବେଦାର - ହଜୁର, ବହୁତ ବୁଝାଇ କହିଲୁ । ବିଲ୍‌କୁଲ୍ ମନା କଲେ । ଏ ଚକରା ତାଙ୍କୁ ବି ଅନେକ କରି କହିଲା ।

ଆମେ କହିଲୁ, ଆମେ ତୁମ ଦେଶର ଲୋକ - ତୁମ ଭଲ ଚାହୁଁ । କର ଦେଇ ପକାଅ । ସୁଖରେ ଘରଦ୍ୱାର କରି ରହ । କାହିଁକି ମିଛରେ ଜନ୍ଦା ପିମ୍ପୁଡ଼ି ପରି ମରିବ । ପାଣି ଭିତରେ ଘର କରି କୁମ୍ଭୀର ସଙ୍ଗେ କି ବାଦ ? ଏକା ଜାଗାରେ ତୁମ ଆମ ଘର, ଆମ ଭଲକୁହା ମାନିଯାଅ ।

ସାହେବ - ଠିକ୍ ତ କହିଛ - ନା କ'ଣ ନାଏବ ବାବୁ ?

ନାଏବ - ହଜୁର ହଁ । ସୁବେଦାର ଯେତେ ବୁଝାଇବାର ବୁଝାଇ ଦେଇଛନ୍ତି ।

ସାହେବ - ତେବେ ସେମାନେ କି ଜବାବ ଦେଲେ ?

ସୁବେଦାର - ଆଉ ସେ କଥା କାହିଁକି ପଚାରୁଛନ୍ତି ହଜୁର ? ଯେତେବେଳେ କହିଲୁଁ ଏକା ମାଟିର ଆମେ ସବୁ ବୋଲି; ମାଣିତ୍ରୀ ଗଡ଼ର ଜଣେ ପାଇକ ବାହାରିପଡ଼ି କହିଲା, ତୁନି ହୁଅ ହେ - କେତେ ଏକା ମାଟିର ବୋଲି କହୁଛ ? ଆମେ ଜାଣୁ, ଏକା ମାଟିରେ କୁକୁର ଥାଆନ୍ତି - ଅଇଁଠା ଖାଲି ଚାଟନ୍ତି - ପୁଣି ସେଇ ମାଟିରେ ଗୋ-ମାତା ଅଛି - ସେ ପୂଜା ପାଏ । ଏକା ମାଟିର ହେଲେ ବୋଲି କଅଣ ଦିହେଁ ସମାନ ହୋଇଯିବେ ? କହୁଛ କ'ଣ ଖଜଣା ଦବୁ ? କାଳକାଳ ତ ଦେଇ ଆସି ନାହୁଁ । କିଏ ଆମଠୁଁ ଖଜଣା ନବ ଆସୁ । ତା'ର ଆମର ଚିହ୍ନାଜଣା ହବ ।

ସାହେବ - (ରାଗି) ହୁଁ, ଆମକୁ ଡାକୁଛନ୍ତି ତେବେ ? ଖୁବ୍ ତ ଦିମାକ୍ ! କମ୍ପାନୀ ବାହାଦୁରଙ୍କୁ ଯୁଦ୍ଧ ଡାକରା ! ଆଚ୍ଛା ! ସେମାନେ କଅଣ ବକ୍‌ସିକୁ ଦେଖିନାହାନ୍ତି । ଏତେ ବଡ଼ ବୀର ତ ହାରିଗଲା - ଆମର ବଶ ମାନିଲା । ଏମାନେ ତ ଛାର ! କହିପାରିବ ସୁବେଦାର କିଏ ସେମାନଙ୍କର ସର୍ଦ୍ଦାର ?

ସୁବେଦାର - ହଜୁର, ଗଡ଼ମାଣିତ୍ରୀର ଦଳବେହେରା । ତାଙ୍କର ବଳରେ ଏସବୁ ନାଚୁଛନ୍ତି ।

ସାହେବ - ସେ କିଏ ? ତା' କଥା ଲୋକମାନେ କାହିଁକି ମାନୁଛନ୍ତି ?

ସୁବେଦାର - ହଜୁର, ସେ ବଡ଼ ଦୟାଳୁ ଲୋକ । ଭଲ - ମନ୍ଦରେ ଲୋକଙ୍କୁ ସାହାଯ୍ୟ ହୁଅନ୍ତି । ଭାରି ଦାନୀ । କେହି ତାଙ୍କ ଦୁଆରୁ ଫେରେ ନାହିଁ । ଲୋକମାନଙ୍କର ଥିଲା ନ ଥିଲାକୁ ଚଳାନ୍ତି । ମାଣିତ୍ରୀ ଚକଡ଼ାରେ ସମସ୍ତେ ତାଙ୍କୁ ଦେବତାପରି ମାନନ୍ତି ।

ସାହେବ - ହଁ, ଦେବତାପରି ମାନନ୍ତି । ବେଶ୍ ଦଳବେହେରାକୁ ଡକାଅ, ଆମେ ତା' ସଙ୍ଗେ କଥାବାର୍ତ୍ତା ହେବା ।

ନାଏବ - ହଜୁର ! ସେ କଅଣ ଆସିବେ ?

ସାହେବ - ତେବେ ଆମର ଫୌଜ ଯାଉ - ଦଳବେହେରାକୁ ଧରି ଆଣୁ । ଭଲରେ ନ ଆସିଲେ ଜବରଦସ୍ତି ବାନ୍ଧି କରି ଆଣୁ - ସେ ମେଳିଆଙ୍କର ସର୍ଦ୍ଦାର ସୁବେଦାର !

ସୁବେଦାର - ହଜୁର !

ସାହେବ - ଆମେ ମାଣିତ୍ରୀ ପ୍ରଜାଙ୍କୁ ଆଉ ସମୟ ଦେବୁ ନାହିଁ । କର ଆଦାୟ ନ ହେଲେ ଚାବୁକ୍, ଗୁଳି । ଘର ଜଳାଇ ଦିଅ । ଅତ୍ୟାଚାର, ଯେତେ ପ୍ରକାର ଅତ୍ୟାଚାର ! ପ୍ରଜା ଶାସନ ଆମେ ଜାଣୁ । ଯାଅ ନାଏବ ବାବୁ ।

ନାଏବ - ହଜୁର !

ସାହେବ - ପଲଟନ ପଠାଅ । ଦଳବେହେରାକୁ ଧରାଇ ଆଣ - ଭଲରେ ହେଉ, ମନ୍ଦରେ ହେଉ । ହୁକୁମ କମ୍ପାନୀ ବାହାଦୁରର । (ଚୌକି ଛାଡ଼ି ଉଠିଲେ) ।

ନାଏବ - ହଜୁର ! (ସଲାମ୍ କଲେ)

## ଚତୁର୍ଥ ଦୃଶ୍ୟ

(ମାଣିତ୍ରୀ ଗାଆଁ ମୁଣ୍ଡ । ଦଳବେହେରା ଓ ଗୋପୀ କଥାବାର୍ତ୍ତା ହୋଇ ଆସିଲେ ।)

ଦଳ - ଗଣ୍ଡି କାଠ ଯାହା ଜମା କରିଦେଇଛ ସେ ଠିକ୍ ଅଛି । ତା' ଆଗରେ ବଡ଼ ବଡ଼ ଡିମା ପଥର ଗଦା କରିବାକୁ ହେବ । ଅଳ୍ପ ନୁହେଁ, ଫିରିଙ୍ଗୀ ପଲଟନ ଆସି ଦେଖୁ ଏଠି ଗାଁକୁ ରାସ୍ତା ନାହିଁ - ଗୋଟାଏ ପାହାଡ଼ - ପାହାଡ଼ଟା ଠିଆ ହୋଇଛି । ବୁଝିଲ ଗୋପୀନାଥ !

ଗୋପୀ - ମୁଣ୍ଡିଆରୁ ପଥର ବୁହା ଚାଲିଛି । ଷାଠିଏ ଖଣ୍ଡ ଶଗଡ଼ ଧାଡ଼ି ଲାଗିଛି । ଦୁଇଶ ଲୋକ ପଥର ତାଡୁଛନ୍ତି । କେତେ ଦୋଳାକରି ବୋହୁଛନ୍ତି; କେତେ ଗଡ଼େଇ ଗଡ଼େଇ ଆଣୁଛନ୍ତି । ଆଜି ସଞ୍ଜ ଭିତରେ ବାଟରେ ପାହାଡ଼ ଠିଆ ହୋଇଯିବ ଆଜ୍ଞା ।

ଦଳ - ଆମ ଖମାରରୁ କେତେ ଧାନ ବାହାର କଲ ?

ଗୋପୀ - ଏଇନେ କୋଡ଼ିଏ ଭରଣ ଚାଉଳ କରିବାକୁ ନିଆଗଲା - ଅଛି ତ, ପରେ ଦେଖାଯିବ ।

ରଘୁ - (ଆସି ଦଣ୍ଡବତ କରି) ଆଜ୍ଞା ! ଗୋଟେ ଖବର ଶୁଣିକରି ଧାଇଁଛି ।

ଦଳ - କଅଣ ରଘୁ ? କି ଖବର ?

ରଘୁ - ଆଜ୍ଞା, ଚକରା ଆସିଥିଲା ।

ଦଳ - ଚକରା କିଏ ? ସେଇ ଯେ ଫିରିଙ୍ଗୀର ପିଆଦା ଚାକିରି କରିଛି ତ ?

ରଘୁ - ଆଜ୍ଞା ! ମତେ ବହୁତ ଫୁସୁଲା ଫୁସୁଲି କଲା, ଭୂ-କର ଅସୁଲ କରିଦେବାକୁ ଆମ ମାଣିତ୍ରୀ ଗଡ଼ରୁ । ଆମେ କର ନ ଦେବା ଖବର ଆଖାପାଖ ଗାଁ ଲୋକେ ତ ଜାଣି ଗଲେଣି । ସେମାନେ ବି ଅଡ଼ି ବସିଲେଣି । ମେଣ୍ଟ ବାନ୍ଧିଲେଣି ସମସ୍ତେ । ଖବର ଖୋରଧାର କମ୍ପାନୀ କଚେରୀକି ଗଲାଣି ବାହାରି ।

ଦଳ - ହଁ, ଯିବାର କଥା । ସେଉଠୁ ? ଆସନ୍ତୁ ପଲଟନ କର ଆଦାୟ କରିବାକୁ ।

ରଘୁ - ଚକରା କହିଲା, ଫଉଜ ଆସୁଛନ୍ତି ଆପଣଙ୍କୁ ଧରିନେବେ । ଆମ ମୁଣ୍ଡ କଟିଯିବ ଆଜ୍ଞା ଯା' ତ ତିନିକାଳ ହୋଇପାରିବ ନାହିଁ ।

ଦଳ - (ହସି) ଅଛି, ସେ କଥା ତ ଅଛି । ମୁଁ ଆଉ କଅଣ ସେ ଡର ରଖିଛି ? କହିଛି ପରା, ଏ ମୁଣ୍ଡକୁ ପାଣି ଛଡ଼ାଇଦେଲି ।

ତୁମ୍ଭେମାନେ ଦମ୍ଭ ଧର । ସିଂହପିଲା ମୁଁ, ମୁଁ ତ ମୁଁ – ମୋ' ଛାଇକୁ ଧରିବା କାଠିକର ପାଠ । ଧରିଲେ ଦଳବେହେରା ମଡ଼ାକୁ ଧରିବେ – ଜୀଅନ୍ତାରେ ନୁହେଁ । ଥୟ ଧର, ଚାଲ, ଆଖି ଆଗରେ ଯାହା କାମ ଅଛି ତାକୁ ଆଗେ ସାର । ଆଉ ଉଛୁର କଲେ ଚଳିବ ନାହିଁ । ମୁଣ୍ଡିଆ ପାଖକୁ ଚାଲି ଆସ ।

(ଗୋପୀ ଓ ରଘୁକୁ ସଙ୍ଗରେ ନେଇ ଦଳବେହେରା ଚାଲିଗଲେ)

## ପଞ୍ଚମ ଦୃଶ୍ୟ

(ମାଣିତ୍ରୀ ଗାଁର ଅଦୂରବର୍ତ୍ତୀ ଆମ୍ବତୋଟା । ଦୁଇଟି ବରକନ୍ଦାଜ ପାଖାପାଖି ହୋଇ ବସିଛନ୍ତି ।)

ଗୋପାଳ – ଓଃ ! କାଲି ରାତିଟା ଯୋଉ ମଶା !

ଗୋବିନ୍ଦ – ଆରେ କହନା କହନା – ମଶା କହୁଛି ମୁଁ, ଡାଆଁଶ କହୁଛି ମୁଁ । ବୋପା ମାଆ ଆମ ପରି ପୁଅ ଜନମ ନ କରି ଆଣ୍ଠୁ କୁଡ଼ । ଯାହା ହେଲେନାହିଁରେ ଗୋପାଳିଆ ! ଖିଆ ନାହିଁ ପିଆ ନାହିଁ, ମୁଢ଼ି ହୁଡୁମ୍‌ରେ କେତେଦିନ ମଣିଷ ଚଳିବ ?

ଗୋପାଳ – ଆଜି ଚାଲ ପଳେଇବା, ଜାଣିଲୁ ଗୋବିନ୍ଦା ! ମାଣିତିରୀ ଗାଆଁକୁ ଏମିତି କଟକଣା କରି ଦେଇଛି ସେ ଦଳବେହେରା ଯେ, ଚଢ଼େଇ ପିଲାଟେ ଉଡ଼ିବାକୁ ନାହିଁ । କୋଉଠି ଅଛି, କୋଉଠି ଯାଇଛି, କିଛି ଖବର ମିଳୁନାହିଁ । ଆମେ ଯୋଡ଼ାଏ ବାବାନାଭୂତ ପରି କାହିଁ ଶାଳଗଛ, କାହିଁ ବରଗଛରେ ସାରା ରାତି ଚଢ଼ି କେତେ ଏବେ କାହାକୁ ଜଗିବା ?

ଗୋବିନ୍ଦ – ଆରେ ଜଗିବା କାହାକୁ – ଦଳବେହେରାକୁ ନା ଆପଣାକୁ ରେ ? ଯେବେ ଟିକିଏ ଖବର ମିଳିଯିବ, ଆମେ ଦିଇଟା ସୁରାଖ ନେବାକୁ ଛକିଛେ ବୋଲି ଆମ ହାଡ଼ ମାଉଁସ କାଉ ଶାଗୁଣାକୁ ପୁଟେ ପୁଟେ ପଡ଼ିବ ନାହିଁ । ପାଇକେ ଖଣ୍ଡା ପକାଇ ବସିଛନ୍ତି ।

ଗୋପାଳ – ଭାଇ, କି ମିଳବ ସେ ପାଞ୍ଚ ଶହ ଟଙ୍କାରୁ ? ଆପେ ଜୀଇଁଥିଲେ ବାପର ନାଆଁ । ଆଜି ଚାଲେ ଘରକୁ ବାଟ କାଟିବା । ଚାରିଦିନ ବାଦ ଖୋରଧା କଚେରୀରେ ଖବର କରିବା – ଜଗି ଜଗି କିଛି ସୁରାଖ ପାଇଲୁ ନାହିଁ ।

ଗୋବିନ୍ଦ – ମୋ' ଅଗ ଜିଭରୁ କଥାଟା ଛଡ଼େଇ ନେଲୁରେ ଗୋପାଳିଆ ! ଖାଲି ତୋରି ଡରରେ ମୁଁ ସେ କଥା ଉଙ୍କାରୁ ନ ଥିଲି ।

ଗୋପାଳ – ମୁଁ ତ କାଲିଠୁଁ କହିବି କହିବି ହୋଇ ଖାଲି ଢୋକ ଗିଳିକରି କଥାଟା ରଖିଦେଇଥିଲି ଛାନିଆରେ । (ଅଦୂରରେ ଖସ୍ ଖସ୍ ଶବ୍ଦ ଶୁଣାଗଲା)

ଗୋବିନ୍ଦ – (ଗୋପାଳର ମୁହଁ ମୁଦିଧରି) ରହ ରହ, କିଏ ସେ ଆସୁଛି । ଖଣ୍ଡାରେ ହାତ ପକା । ସଜ ହୋଇପଡ଼ । ମା' ବରୁଣେଇଁ, ମାଁ ବରୁଣେଇଁ, ମା' ବରୁଣେଇଁ... (ତୁନି ତୁନି କହିଲା)

ଗୋପାଳ - (ଉଠି, ବାହାରକୁ ଉଣ୍ଡି, ଫେରିଆସି) ଆରେ ଦମ୍ଭଧର ମ! ବୁଢ଼ୀଟିଏ ବରଗଛମୂଳେ ପତର ଗୋଟାଉଛି ।

ଗୋବିନ୍ଦ - ଓହୋ ! ମୁଁ ମନେ କଲି ପାଇକ ପିଲେ ଖବର ପାଇଗଲେ ଅବା ?

ଗୋପାଳ - ଡାକ୍ ଡାକ୍, ମାଉସୀ ବୋଲି ଡାକ୍ । ଦେଖିବା, ଏତେ କଷ୍ଟ ତ ପାଇଲେଣି, ଯେବେ ଖବରଟା ମିଳିଯିବ ଅବା ?

ଗୋବିନ୍ଦ - (ଡାକିଲା) ମାଉସୀ... ମାଉସୀ ! ଶୁଣିଲୁ, ଶୁଣିଲୁ ଟିକିଏ !

ବୁଢ଼ୀ - (ନେପଥ୍ୟରୁ) କିଏ ରେ ପୁଅ ! କିଏ ଡାକୁଛ ?

ଗୋପାଳ - ଆସ, ଆସ, ଶୁଣ !

ଗୋବିନ୍ଦ - ଆ, ଶୁଣି ଯା, ପାଖକୁ ଆସ ।

ବୁଢ଼ୀ - କଅଣ କହୁଚ ? କହୁନା - ଶୁଭୁଚି ମୋତେ । ମୁଁ କାଲୁଣୀ ନୁହଁ ? କାହିଁକି ଡାକୁଚ ?

ଗୋପାଳ - ତୋ' ଘର କେଉଁଠି ?

ବୁଢ଼ୀ - ଏଇ ଗାଆଁରେ - ଗଡ଼ ମାଣିତିରୀରେ । କାହିଁକି ? ତୁମେ କୋଉଠାର କି ?

ଗୋବିନ୍ଦ - ଆମ ଘର ଟିକିଏ ଦୂର ଗାଆଁରେ । ବାଟୋଇ ଦି'ଜଣ ଆମେ ।

ବୁଢ଼ୀ - ହଉ... (ଫେରିଯାଉଥିଲା)

ଗୋପାଳ - ଆଲୋ ମାଉସୀ ! ଆ ଶୁଣ ।

ବୁଢ଼ୀ - କଅଣ କହୁନା । (ଠିଆ ହେଲା)

ଗୋପାଳ - ଆଲୋ, ଆମେ ଆସିଥିଲୁ ଦଳବେହେରାଙ୍କ ପାଖକୁ ଟିକିଏ । କୋଉଠି ଅଛନ୍ତି ସେ ଜାଣିଛୁ ?

ବୁଢ଼ୀ - ବଡ଼ଲୋକ ସେ । ତାଙ୍କ ଘରେ ସେ ଥିବେ ନା - ଆମେ ଦୁଃଖୀଲୋକ, ଆମେ କି ଜାଣୁ ତାଙ୍କମାନଙ୍କ କଥା ?

ଗୋପାଳ - ତୁ ଲୁଚାଉଚୁ ମାଉସୀ - ସବୁ ଜାଣିଚୁ, କହୁନାହୁଁ ।

ବୁଢ଼ୀ - ମଲା, ମୁଁ କି ଜାଣେ ମ ? ତୁମେ ସବୁ କୁଆଡ଼େ ଆସିଚ କହିବ ?

ଗୋବିନ୍ଦ - କହିଲୁଁ ପରା ଦଳବେହେରାଙ୍କ ପାଖକୁ ! ତୁ ତ କହୁନାହୁଁ ?

ବୁଢ଼ୀ - କହିଲି ପରା, ତାଙ୍କ ଘରେ ଥିବେ - ଆଉ କେମେତେ କହିବି ? ତୁମେ କହୁନା - ଦଳବେହେରାଙ୍କ ପାଖେ କଅଣ କାମ ?

ଗୋପାଳ - ତାଙ୍କ ସଙ୍ଗେ ଦେଖାହେଲେ ସିନା କହିବୁ !

ବୁଢ଼ୀ - ହଉ ତେବେ ଯା, କୋଉଠି ଥିବେ ଖୋଜ, ଦେଖ । (ଚାଲିଯାଉଥିଲା)

ଗୋବିନ୍ଦ - ଏ ବୁଢ଼ୀ ! ଶୁଣ୍, କହୁଚି । ଦଳବେହେରା କୋଉଠି ଅଛନ୍ତି କହ !

ବୁଢ଼ୀ - (ଫେରି) ମଲା ! ରଙ୍ଗ ଆଖିକରି କଅଣ ପଚାରୁଛୁ ? କିଏରେ ତୁମେ ଛତରା ? ଫିରିଙ୍ଗୀ ଘର ଲୋକ ତୁ - ନାଇଁ ? ଦଳବେହେରା କୋଉଠି ଅଛନ୍ତି ମୁଁ କି ଜାଣେରେ ? ମୁଁ କ'ଣ ତାଙ୍କୁ କାନିରେ ଗଣ୍ଠି କରି ବୁଲୁଛି ? ଯାଉନୁ ଆମ ଗାଆଁ ମରଦଙ୍କୁ ପଚାରିବୁ ? କାଣି ବିଲେଇ କୁଜି ଅସରପା ଉପରକୁ ରଜା ? ମତେ ବୁଢ଼ୀଟିଏ ଦେଖିଲୁ, ନାଇଁ ?

ଗୋପାଳ - ହଁ, ହଁ ଷାଠିଏକାଳର ବୁଢ଼ୀ ହୋଇ ତୁ ସତକଥା କହୁନୁ ? ପାହାରେ ବାଜିଲେ ଏଇନେ ସତକଥା ବାହାରି ପଡ଼ିବ - ଜାଣିଚୁ ?

ବୁଢ଼ୀ - ହଁ ଜାଣିଚି । ବାଡ଼ିପଡ଼ାର ଏଡ଼େ ସାହସ ! କାହିଁକି ? ତୋ' ଘରେ ମା' ମାଉସୀ ନାହାନ୍ତି ? ଯାଉନାଉଁ, ପାହାର ସେଇଠି ଅନୁକୂଳ କରିବୁ । ମାରିବୁ - କାଇଁ: ମାଇଲୁ ଦେଖି । ପାଟିଟାଏ କରିଦେଲେ ସହସ୍ର ଠେଙ୍ଗା ତୋ' ପିଠି ଉପରେ ପଡ଼ିବ । କହିଲା ପାହାର ! ମୁଁ କି ଜାଣେରେ ଦଳବେହେରାଙ୍କ କଥା ? ପରଭାତୁଆ ନୁଉଁଛୁଣା ! ଉଠ୍ ! ବାଟରୁ ଉଠ୍ ! (ଘୁଞ୍ଚିକରି ଯାଉ ଯାଉ) ଆହେ ଦେଖ ହେ ! କହୁଚି କ'ଣ ନା ପାହାର ଦବ ! ହଇରେ ! ହଇରେ, ହାତ ଛିଡ଼ିଯିବ ନାଇଁ ତୋର ! ହଉ, ମାରିବୁ ପରା - ଟିକିଏ ଏଇଠି ଥା । ଜୀବନ ନେଇକରି ଯେବେ ଯାଇଚୁ, ମୋ' ନାଁ ନାଇଁ । (ଯାଉଁ ଯାଉଁ) ଆରେ ଏ ପିଲେ ! ଆରେ ଦେଖିଲ ଦେଖିଲ, ଏ ଦି'ଟା କିଏ ! ଦଳବେହେରାଙ୍କୁ ଖୋଜୁଛନ୍ତି । ମୋତେ ମାରିବାକୁ କହୁଛନ୍ତି । ଆସିବଟିରେ ପିଲାଏ ! (କହି କହି ଚାଲିଗଲା) ।

ଗୋବିନ୍ଦ - ଆରେ ହେ ଗୋପାଳିଆ ! ଦାରୁଘରେ ନିଆଁ ଲଗେଇ ଦେଲୁ ? ଚାଲ ଚାଲ, କିମିତି ଖସି ପଳେଇବା । ଜୀବନ ବଡ଼, ନା ସାଇବ ଘର ପୁରସ୍କାର ବଡ଼ ରେ ! ମେଳିଆ ଗାଁ ମାଣିତିରୀଟି ! ଏଠି ବିଲୁଆ କହୁଛି ମୁଁ ମହାବଳ ବାଘ । ଟିକିଏ ଖବର ପାଇଲେ ଆଉ ମୁଣ୍ଡ ରହିବ ? ଆ, ଆସ, ଖସି ପଳେଇବାରେ । ଜୀବନ ଆଗ ରହୁ । (ଦୁହେଁ ବୁଢ଼ୀର ବିପରୀତ ଦିଗରେ ପଳାଇଲେ)

## ଷଷ୍ଠ ଦୃଶ୍ୟ

(ସ୍ଥାନ - ବନପଥ । ଦଳବେହେରା ଧୂନି ଜାଳି ବାବାଜୀ ବେଶରେ ବସିଛନ୍ତି ।

ତାଙ୍କ ଆଗରେ ହାତଯୋଡ଼ି ବସିଛି କମ୍ପାନୀର ସୁବେଦାର ।)

ସୁବେଦାର - ବାବା, ଦିନେ ନୁହେଁ ମାସେ ନୁହେଁ, ବର୍ଷ ବର୍ଷ ବି ବିତିଗଲା । ଘରଦ୍ୱାର, ପିଲାକୁଟୁମ୍ବ ଛାଡ଼ି ବଣ ପାହାଡ଼ ଜାଣି ଆମର ଘର ହେଲାଣି; ବାଘ, ଭାଲୁ ବନ୍ଧୁକୁଟୁମ୍ବ ହେଲେଣି - ଆଉ କେତେ କୋଉଠା ଖୋଜିବୁ ? ଦଳବେହେରା ମଲା କି ଗଲା ହେଲେ ଜଣାଯାଆନ୍ତା ! ଏଣେ ତ ମେଳି ବଢ଼ିଚାଲିଛି । ଆପଣ ତ ତିନିକାଳ କଥା ଜାଣନ୍ତି ବାବାଜୀ - ଟିକିଏ କହିଲେ - ଧରାପଡ଼ିବ କି ନାହିଁ !

ଦଳ - ଦେଖ ସୁବେଦାର ! ମୋତେ ଜଳଜଳ ଦିଶୁଚି - ଦଳବେହେରା ମରିନାହିଁ । ମାଣିତ୍ରୀ ଆଖପାଖରେ ଅଛି । ତୁମ୍ଭେମାନେ ତାଙ୍କୁ ଦେଖିକରି ଦେଖୁନାହିଁ ।

ସୁବେଦାର - ଦେଖିକରି ଦେଖୁନାହୁଁ ? ଆଉ ତେବେ କିମିତି ଅଛି ସେ ? ମୁଁ ତ ଏକୁଟିଆ ନୁହେଁ, କମ୍ପାନୀ ସାଇବ ଇନାମ ଦେବ ବୋଲି ଢେଙ୍ଗୁରା ବାଡ଼େଇଛି । ଦଳବେହେରା କଟାମୁଣ୍ଡ ଯେ ସାଇବକୁ ଦେଖାଇବ, ସେ ପାଞ୍ଚଶ ଟଙ୍କା ପାଇବ । ଜଣେ କାହାରି ଆଖିରେ ପଡ଼ନ୍ତା ନାହିଁ ସେ ?

ଦଳ - ତୁମେ ଗାଁ ଲୋକଙ୍କୁ କହ । ସେମାନଙ୍କୁ ଫୁସୁଲାଫୁସିଲି କଲେ ଦଳବେହେରାର ଭେଟ ପାଇବ ।

ସୁବେଦାର - ଆରେ ରାମ ରାମ । ଗାଁବାଲା ! ଗାଁକୁ ଯିବାକୁ ଆଉ ବାଟଘାଟ ରଖିଛନ୍ତି ସେ ? ଦୁଇ ମୁଣ୍ଡରେ ଗୋଟାଏ ଗୋଟାଏ ପାହାଡ଼ ଠିଆ କରି ଦେଇ ନିଶ୍ଚିନ୍ତରେ ନିଶରେ ହାତମାରି ବସିଛନ୍ତି । ତାଙ୍କୁ ତ ପଚାରିଲେ ତୁଣ୍ଡରେ ନୁହେଁ, ଖଣ୍ଡାରେ କଥା କହିବେ ସେମାନେ । ତେଣୁ ଗାଁକୁ ଗାଆଁ ଦିନକୁ ଦିନ ମେଳି ବଢୁଛି ।

ଦଳ - ଗାଆଁ ଲୋକେ ବାହାରକୁ ଯିବା ଆସିବା ତ କରୁନାହାନ୍ତି, ଖାଉଛନ୍ତି ପିଉଛନ୍ତି କଅଣ ଲୋକେ ?

ସୁବେଦାର - କେଜାଣି, କୋଉଠି କେତେ ରଖିଛନ୍ତି ? କୋଉ ଦଇବ ତାଙ୍କୁ ଖାଇବାକୁ ଦଉଚି ! ଆଚମ୍ବିତ କଥା ହେଉଛି, ବାବା !

ଦଳ - ଯାହାହେଉ, ତୁମେ ଖୋଜିଲେ ଦଳବେହେରାକୁ ପାଇବ - ଯାଅ, ଖୋଜ ।

ସୁବେଦାର - ହଉ; ଫେରି ଦେଖା କରିବି, ଯାଉଚି ସାଧୁ ଆଜ୍ଞା ।! ଦେଖାଯାଉ । (ମୁଣ୍ଡିଆ ମାରି ଚାଲିଗଲା ସେ । ଦଳବେହେରା ସୁବେଦାରକୁ ଗୋଡ଼ଠାରୁ ମୁଣ୍ଡଯାଏ ଚାହିଁଲେ । ଦୂରରୁ ଗୋଟିଏ ଶବ୍ଦ ହେଲା - ପକ୍ଷୀ ଡାକିଲା ପରି । ଦଳବେହେରା ସେହିପରି ପ୍ରତିଶବ୍ଦ କଲେ । କିଛି ବେଳ ପରେ ରଘୁ ଆସିଲା - ଚୋର ପରି ଲୁଚି ଲୁଚି । ମୁଣ୍ଡରେ ଠେକା ଭିଡ଼ିଛି । ହାତରେ ଖଣ୍ଡା ଧରିଛି ସେ ।)

ରଘୁ - (ଦଣ୍ଡବତ କରି) ସୁବେଦାର ଯାଉଛି - ଏଇ ବାଟେ ତାକୁ ଦେଖିଆସିଲି ।

ଦଳ - (ହସି) ମୋ' ପାଖକୁ ସେ ଆସିଥିଲା । ଦଳବେହେରାକୁ ସେ ଖୋଜୁଛି । କଟାମୁଣ୍ଡ ନେଇ ଖୋରଧା କଚେରୀରେ ଦେଲେ ପାଞ୍ଚଶ ଟଙ୍କା ମିଳିବ ।

ରଘୁ - ଆପଣ କଅଣ କହିଲେ ?

ଦଳ - କହିଲି, ଖୋଜ, ଦଳବେହେରାକୁ ପାଇବ ।

ରଘୁ - ହଉ ତେବେ, ଆଜି ରାତିରେ ତା' କଟାମୁଣ୍ଡ ବାଉତୀ ଆଗରେ ଛେଦ ପଡ଼ିବ ।

ଦଳ - ଛି- ଛି, ପେଟ ପାଇଁ ସେମାନେ ଧାଇଁଛନ୍ତି । ତାଙ୍କୁ ମାରିଲେ ହାତ ଗନ୍ଧେଇବ । ପାଇକ ପୁଅର କାମ ସେ ନୁହେଁ, କୋଉ ପାଣି କୋଉଠିକି ଯାଉଛି ଦେଖ । ଖମାର ଧାନ ସରିଲାଣି ?

ରଘୁ - ଅଧା ହୋଇନାହିଁ – ସରିବ କ'ଣ ? ଲୋକେ ଖାଇପିଇ ଭଲରେ ଅଛନ୍ତି । ଫୌଜ ଘେରାଉ କରି ବସିଛନ୍ତି ଗାଁମୁଣ୍ଡେ । ଆଖପାଖ ଗାଆଁକୁ ଖବର ଯାଉଚି । ମେଣ୍ଟ ବାନ୍ଧିଲେଣି ସେମାନେ । ଆଉ କଅଣ କରିବୁ ବୋଲି ପଚାରିବାକୁ ଆସିଲି ।

ଦଳ - ଆଉ କିଛିଦିନ ଥୟ ଥର । ଦେଖ, ପଲଟନ କଅଣ କରୁଛନ୍ତି । ଆମ ଆଡୁ କିଛି ଗୋଳମାଳ ଅନୁକୂଳ କର ନାହିଁ । ଚାଲ, ଏଠାରେ ଆଉ ମୋର ରହିବା ଉଚିତ ନୁହେଁ । ସୁବେଦାର ଆସିଥିଲା, କେତେବେଳେ ଯଦି ତା'ର କୌଣସି ସନ୍ଦେହ ହୁଏ, ଅସୁବିଧା ହେବ ।

ରଘୁ - କେତେକାଳ ଆଉ ଘରଦ୍ୱାର ଛାଡ଼ି ଆପଣ ଶୀତ ଖରା ବର୍ଷାରେ ବଣେ ବଣେ ବୁଲୁଥିବେ ? ୟା'ର କଅଣ ଅନ୍ତ ନାହିଁ ଆଉ ?

ଦଳ - ସବୁ ଜଗନ୍ନାଥଙ୍କ ଇଚ୍ଛା, ଚାଲ । (ଦୁହେଁ ପ୍ରସ୍ଥାନ)

## ସପ୍ତମ ଦୃଶ୍ୟ

(ବନପଥ । ଗୋଟିଏ ଦରିଦ୍ର ବୁଢ଼ା ନାଉରୀ ଏକ ଦିଗରୁ ଆସି ଥକାମାରି ଠିଆ ହୋଇ ଚାରିଆଡ଼େ ଅନାଇଲା । ଏତିକିବେଳେ ଦଳବେହେରା ଆସି ପହଞ୍ଚିଲେ । ନାଉରୀ ତାଙ୍କୁ ପ୍ରଣାମ କଲା, ଜଣେ ସାଧୁ ମନେ କରି ।)

ନାଉରୀ - ବାବାଜୀ ଗୋସେଇଁ ! ଗଡ଼ ମାଣିତିରୀକି ବାଟ କୁଆଡ଼େ ଜାଣିଛନ୍ତି କି ? ଏଇଠି ଦୋ-ବାଟଟା ପଡ଼ିଛି ଯେ, କୁଆଡ଼କୁ ଯିବି ଜାଣିପାରୁ ନାହିଁ ।

ଦଳ - ତୁମେ କ'ଣ ମାଣିତ୍ରୀ ଯିବ ?

ନାଉରୀ - ଆଜ୍ଞା ହଁ ।

ଦଳ - କାହିଁକି ? କ'ଣ କାମ ଅଛି ?

ନାଉରୀ - ଆଜ୍ଞା, ବଡ଼ ଗରିବ ମୁଁ । ଖାଇବା ପିନ୍ଧିବା କଥା ତେଣିକି ଥାଉ, ଟିକିଏ ମୁଣ୍ଡ ଗୁଞ୍ଜିବାକୁ ଠାବ ନାହିଁ ମୋର । ନଈକୂଳେ କୁଡ଼ିଆ ଖଣ୍ଡିଏ ମାରି ଆମେ ଦି' ପ୍ରାଣୀ ଥିଲୁ ଯେ, ଛାଆଣି ଛପର କରିପାରିଲୁ ନାହିଁ । ଚାଳଯାକ କଣା, ବାହାରେ ନ ପଡୁଣୁଁ ମେଘ ଘରେ ବରଷୁଚି । ୫/୭ ଜଣିଆ ଛୋଟ ଡଙ୍ଗା ଖଣ୍ଡିଏ ଥିଲା । ପଝାରୀ ପାର ଉଭାର କରି କିଛି କିଛି ପାଉଥିଲି । ସେଇଥିରେ ତୋକେ ପିଇ ଦଣ୍ଡେ ଜୀଇଁକରି ଚଳିଯାଉଥିଲି । ଦଇବ ବେଡ଼ି ଉପରେ କୋରଡ଼ା ମାରିଲା ।

ଦଳ - କଅଣ ହେଲା ? କିଏ ନେଇଗଲା ତମ ଡଙ୍ଗା ଖଣ୍ଡିକ ?

ନାଉରୀ – ନାଇଁ ଆଜ୍ଞା ! ଆଉ କିଏ ନିଅନ୍ତା ସେ ଦଦରା ନାଆଟାକୁ । ନେଲାବାଲା ଏକା ଦଇବ । ଦୁଃଖୀରଙ୍କୀଙ୍କ ତଣ୍ଟିରେ ଖୋଜ ପକାଇବାକୁ ଆଉ ପୁଣି ଇମିତି ଜଣେ କିଏ ଅଛି ?

ଦଳ – କଅଣ ହେଲା ତେବେ ?

ନାଉରୀ – ନଇବଢ଼ି ତ ଏ ବର୍ଷ ପ୍ରବଳ ହେଲା। ସଞ୍ଜବେଳେ ଘାଟ ମୁଣ୍ଡ ଡଙ୍ଗା ବାନ୍ଧି ଦେଇ ଆସିଲି । ଭାରି ଝଡ଼ ବର୍ଷା ହେଲା । ଦିନଟାଏ ଆଉ ମୁଁ ଯାଇପାରିଲି ନାହିଁ । ପାଣି ସୁଅରେ ନାଆଟା କୁଆଡ଼େ ଭାସିଗଲା । ସାତ ଦିନ ହେବ ମୁଁ ତଳମାଳଯାକ ନଇ କୂଳେ କୂଳେ ଉପାସ ଭୋକରେ ଯେତେ ବୁଲିଲି । ଶେଷକୁ କାନମୁଣ୍ଡା ଆଉଁସି ତୁନି ହୋଇ ରହିଲି । ଆଉ କଅଣ କରିବି ବୁଦ୍ଧିବାଟ କିଛି ଦିଶୁ ନାହିଁ ।

ଦଳ – ତେବେ ଆଉ କଅଣ ଭାବୁଛ ? ମାଣିତ୍ରୀ ଯିବାକୁ କାହିଁକି ବାହାରିଥିଲ ?

ନାଉରୀ – ଆଜ୍ଞା, ଦଳବେହେରାଙ୍କ ପାଖକୁ ଟିକିଏ ଯିବି । ଚଢ଼େଇ ଚିରୁଗୁଣୀ ପେଟ ଚିହ୍ନିଲାବାଲା ସେ । ମୂଳକରେ ନାଆଁ ପଡୁଛି ତାଙ୍କର । ତାଙ୍କୁ ମାଗିବି । କଉଡ଼ି କିଛି ହେଲେ ପୁଣି ଖଣ୍ଡିଏ ଡଙ୍ଗା ଗଢ଼େଇ ଚଳାଚଳ ହେବି । ଜୀବ ଥିଲାଯାକେ ଏ ତ ପୋଡ଼ା ପେଟ ଅଛି ! ଦଳବେହେରାଙ୍କ ପାଖରୁ ପଦେ ହଁ, କି ନାଇଁ ଶୁଣିଲେ ତେଣିକି ଯାହା ଏ କର୍ମରେ ଥିବ ।

ଦଳ – ଆହା ! ନାଉରୀ ଭାଇ, ତୁମେ କ'ଣ କିଛି ଶୁଣିନା ? ଦଳବେହେରା ତ ଆଉ ନାହାନ୍ତି ।

ନାଉରୀ – ନାହାନ୍ତି ? ଦଳବେହେରା ନାହାନ୍ତି ! ଏ ରାଜ୍ୟରୁ ଦେବତା ପୁରୁଷ ବି ଛାଡ଼ିଗଲେ ? ଧର୍ମ ବୁଡ଼ିଗଲା ! କଅଣ ହୋଇଥିଲା ତାଙ୍କର ଆଜ୍ଞା ! ଆମ ପରି ଜୀବନ ନିତି ଆମେ ମରିବାକୁ ଖୋଜୁଚୁ – ଆମକୁ ଯମ ନଉନାହିଁ । ବାଛି ବାଛିକରି ଭଲତକ ଯାଉଚନ୍ତି !

ଦଳ – ତାଙ୍କୁ ପରା କମ୍ପାନୀ ସାଇବ ଧରାଇ ନେଲାଣି – ତୁମେ ଆଉ ବ୍ୟସ୍ତ ହୁଅନାହିଁ । ତୁମକୁ ଆଉ ଗୋଟିଏ ସ୍ଥାନକୁ ନେଇଯିବି, କିଛି ପାଇବ । ଡଙ୍ଗାଟିଏ ଗଢ଼େଇନବ । ଆସ, ମୋ' ସାଙ୍ଗରେ ଆସ ।

ନାଉରୀ – ଆଜ୍ଞା ! କୋଉ ଦେବତା ଆପଣ ? ଦେବା ଲୋକ ତ ଗଲେ, ଆଉ ପୁଣି କିଏ ଅଛି ଦଳବେହେରାଙ୍କ ପରି ଯେ, ଦୁଃଖୀରଙ୍କୀଙ୍କ ପେଟ ଚିହ୍ନିବେ ? ହଉ, କହୁଛନ୍ତି ଯଦି ଚାଲନ୍ତୁ ।

ଦଳ – ଆସ, ଆସ, କଉଡ଼ି ମିଳିବ ତୁମକୁ, ଆସ ।

(ଦୁହେଁ ଆଗପଛ ହୋଇ ଚାଲିଗଲେ)

## ଅଷ୍ଟମ ଦୃଶ୍ୟ

(ଖୋରଧା, କମ୍ପାନୀର କଚେରୀ । ଶାସକ ତାଙ୍କ ଆସନରେ ବସିଛନ୍ତି ।
କର୍ମଚାରୀ ନାଏବ ଇତ୍ୟାଦି ଠିଆ ହୋଇଛନ୍ତି ।)

ନାଏବ - ମାଣିତ୍ରୀ ଦେଖାଦେଖି ଚାରି ଖଣ୍ଡ ପାଖାପାଖି ପାଇକାଳି ଗାଆଁ ଖଜଣା ଦେବେ ନାହିଁ ବୋଲି ଜିଦ୍ ଧରି ବସିଲେଣି । ଦିନକୁ ଦିନ ତ ଏ ନିଆଁ ଜଳିଲା ହଜୁର !

ସାହେବ - (ରାଗି) ସମସ୍ତେ ତ ସେଇକଥା କହୁଛ । ଆମେ ତ ପାଞ୍ଚଶ ଟଙ୍କା ଇନାମ ଦେବାକୁ ଘୋଷଣା କଲୁଁ । ଗାଆଁ ଗାଆଁରେ ନାଗରା ଦିଆଇଲୁ । ଗୋଟିଏ ଲୋକକୁ କେହି ଧରିପାରୁ ନାହଁ ? ସମସ୍ତେ କହୁଛ - ସେଇ ଏ ନିଆଁ ଜାଳୁଚି ସେ ଏ ମେଳିର ମୂଳ । ତା'ର ମୁଣ୍ଡ କାଟିଆଣ, ଇନାମ ନିଅ - କମ୍ପାନୀ ସରକାର ତ ଏ କଥା ସଫା କହି ଦେଇଚି । ଯେତେ ଅଛ ସବୁ ଗଧ । ଗୋଟାଏ ଲୋକକୁ ଧରିପାରୁନାହଁ ? ଆଉ ମୋ' ଆଗରେ ଆସି କଥା କହୁଚ ! ନାଏବ ବାବୁ, ଲାଜ ନାହିଁ ତମମାନଙ୍କୁ ?

ନାଏବ - ହଜୁର ! ଖରା, ବର୍ଷା, ଶୀତ କାକର ସହି ତ ଆମ ସିପାହୀ ପିଆଦା ବଣ-ପାହାଡ଼, ଗାଆଁ-ଗଣ୍ଡା ଖୋଜିବାରେ ଲାଗିଛନ୍ତି । କିଏ କହୁଚି - ଆଜି ଏଠି ମେଳିଆମାନଙ୍କୁ ଦେଖିଛି । ଦଳବେହେରାର ତ ଭେଟ ମିଳୁନାହିଁ । ଆମ ଲୋକେ ଥକିଗଲେଣି ଖୋଜିଖୋଜି ।

ସାହେବ - ଆଉ କଅଣ ସେ ପବନରେ ଉଡ଼ି ବୁଲୁଚି ? ମଣିଷଟାଏ ତ ! କେଉଁଠି ହେଲେ ଥିବ । କେହି ମନ ଦେଇ କାମ କରୁନାହାନ୍ତି । ନୋହିଲେ ତା' ସହିତ ଆମ ଲୋକଙ୍କର ମେଳିଅଛି ।

ନାଏବ - ହଜୁର ତା' ନୁହେଁ । ଦଳବେହେରା ବଡ଼ ଚତୁର । ଧରାପଡ଼ିବା ସହଜ ନୁହେଁ ।

ସାହେବ - ସେ କଥା ତ ଦେଖୁଚୁ ଆମେ ।

(ନାଉରୀ ସହ ଦଳବେହେରା ଆସି ପହଞ୍ଚିଲେ)

ଦଳ - ସାହେବ ! ମୋର କିଛି କହିବାର ଅଛି ।

ସାହେବ - କିଏ ତୁମେ ?

ଦଳ - ମୁଁ ଏଇ ରାଜ୍ୟର ଜଣେ ପ୍ରଜା ।

ସାହେବ - ତୁମେ ଜଣେ ସାଧୁ ବାବାଜୀ । ତୁମର କ'ଣ କହିବାର ଅଛି ? ଆଚ୍ଛା କହ ।

ଦଳ - (ନାଉରୀକୁ ଦେଖାଇ) ଏ ଜଣେ ନାଉରୀ । ବିଚାରା ବଡ଼ ଗରିବ । ଖଣ୍ଡିଏ ଛୋଟିଆ ନାଆ ଥିଲା ତା'ର । ତାକୁ ଚଳେଇ କିଛି କିଛି ପାଉଥିଲା । ନଈବଢ଼ି ପାଣିରେ ନାଆ ଖଣ୍ଡିକ କୁଆଡ଼େ ଭାସିଯାଇଛି ।

ସାହେବ - ତେବେ ଆମେ କଅଣ କରିବୁ ? ତା'ର ନାଆ କୋଉଠି ଅଛି ଖୋଜି ଆଣିବୁ ?

ଦଳ - ଶୁଣନ୍ତୁ ଆଗେ ମୋ' କଥା !

ସାହେବ - ଆଉ କ'ଣ କହୁଚ ? ଗରିବ ତ ରାଜ୍ୟରେ ଏପରି ଅନେକ ଅଛନ୍ତି । କମ୍ପାନୀ ବାହାଦୁର କ'ଣ ସମସ୍ତଙ୍କର ଖାଇବା - ପିଇବା ପାଇଁ ଧର୍ମଶାଳା ଖୋଲି ଦେବେ ?

ଦଳ - ମୁଁ ତା' କହୁନାହିଁ । ଏ ଗରିବଟିର ଘରଦ୍ୱାର ବି ନାହିଁ ।

ସାହେବ – ତା' ବୋଲି କଅଣ କମ୍ପାନୀ ତା' ଘରଦ୍ୱାର ତୋଳି ଦେବେ ? ତୁମେ ତ ସାଧୁଲୋକ; ତୁମକୁ ସେଥିରୁ କ'ଣ ମିଳିବ ?

ଦଳ – କଥାଟା ଶୁଣନ୍ତୁ । ଏ ଲୋକଟି ଆଉ କିଛି ଆଶ୍ରା ନ ପାଇ ମାଣିତ୍ରୀ ଯାଉଥିଲା ।

ସାହେବ – ମାଣିତ୍ରୀ ଦଳବେହେରା ... ମାଣିତ୍ରୀ ।

ଦଳ – ହଁ ସାହେବ ! ସେହି ମାଣିତ୍ରୀ ଗଡ଼ ।

ସାହେବ – ଆଚ୍ଛା, ଆଚ୍ଛା, ତା'ପରେ ? ସେ ବଦ୍‌ମାସ ଦଳବେହେରାକୁ ଦେଖିଛି ଏ ଲୋକ ?

ଦଳ – ନା, ଏ ଲୋକ ମାଣିତ୍ରୀ ଯାଉଥିଲା; ବାଟ ନ ପାଇ ମୋତେ ପଚାରିଲା ।

ସାହେବ – କାହିଁକି ଯାଉଥିଲା ମାଣିତ୍ରୀ ? ମେଳି କରିବାକୁ, ନା ?

ଦଳ – ମାଣିତ୍ରୀ ଦଳବେହେରା ରାଜ୍ୟରେ ଦୁଃଖୀ ଦରିଦ୍ରଙ୍କୁ ସାହାଯ୍ୟ ଦିଅନ୍ତି ବୋଲି ସେ ଶୁଣିଛି । ତେଣୁ ଯାଉଥିଲା ଦଳବେହେରାଙ୍କ ପାଖକୁ ।

ସାହେବ – (ରାଗି) ଦଳବେହେରା ! ଦଳବେହେରା ! ଦଳବେହେରା ! ସମସ୍ତେ ତା'ରି କଥା କହୁଚ, କେହି ଧରେଇଦେଇ ପାରୁନାହଁ ? ପାଞ୍ଚଶ ଟଙ୍କା – ପାଞ୍ଚଶ ଟଙ୍କା କମ୍ପାନୀ ବାହାଦୁର ପୁରସ୍କାର ଦେବେ । ନାଉରୀ ଦଳବେହେରାକୁ ଧରିଆଣୁ – ପୁରସ୍କାର ପାଇବ ।

ଦଳ – ସାହେବ କଅଣ ସତରେ ପୁରସ୍କାର ଦେବେ ? ସାହେବଙ୍କର ଏ କଥା ସତ ତ ?

ସାହେବ – ହଁ, ହଁ ଜରୁର୍ ।

ଦଳ – ତେବେ ଏ ନାଉରୀକୁ ପୁରସ୍କାର ଦିଅନ୍ତୁ ! ସେ ଦଳବେହେରାକୁ ଧରି ଆଣିଛି ।

ସାହେବ – (ହଠାତ୍ ଚୌକି ଛାଡ଼ି) ଧରିଆଣିଛି । ଏ ନାଉରୀ ଧରିଆଣିଛି ! ଦଳବେହେରାକୁ ? ସିଂହକୁ ବାନ୍ଧି ପାରିଛି ଏଇ ଲୋକ ? କାହିଁ ସେ ଦଳବେହେରା ?

ଦଳ – ଆପଣ ପୁରସ୍କାର ଟଙ୍କା ଏଠିକୁ ଆଣନ୍ତୁ – ମୁଁ କହିଦେବି ।

ସାହେବ – ନାଏବ ବାବୁ !

ନାଏବ – ହଜୁର !

ସାହେବ – ପାଞ୍ଚଶ ଟଙ୍କା ମାଲଖାନାରୁ ଆଣ – ଜଲ୍‌ଦି ।

ନାଏବ – ହଜୁର ! (ଚାଲିଗଲେ)

ଦଳ – ଏ ଗରିବ ନାଉରୀକୁ ପାଞ୍ଚଶ ଟଙ୍କା ଦେଇଦେବେ, ସାହେବ ! ସେ ଦଳବେହେରାକୁ ଧରି ଆଣିଛି ।

ସାହେବ – କାହିଁ ସେ ଦଳବେହେରା ?

ଦଳ – ଆପଣଙ୍କ ଆଗରେ ସାହେବ ! ମୁଁ ସେହି ଗଡ଼ମାଣିତ୍ରୀର ଦଳବେହେରା, ଯାହା ମୁଣ୍ଡ ବଦଳରେ ଆପଣ ପାଞ୍ଚଶ ଟଙ୍କା ଦେବାକୁ କହିଛନ୍ତି, ସେହି ମୁଁ...

ସାହେବ – (ଓହ୍ଲାଇ ଆସି ଦଳବେହେରାଙ୍କ ହାତ ଧରିପକାଇ) ତୁମେ !!!ତୁମେ ସେହି ଦଳବେହେରା ? ଏଡ଼େ ମହତ୍ ତୁମେ !!

(ନାଏବ ଟଙ୍କା ଆଣି ପହଞ୍ଚିଲେ । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ । ନାଉରୀ ଦଳବେହେରାଙ୍କ ଗୋଡ଼ ତଳେ ପଡ଼ିଗଲା । ତା' ଆଖିରୁ ଝରଝର ଲୁହ ବହୁଛି)

ନାଉରୀ – ସାଆନ୍ତ ! ଦେବତା ! ଏ କଅଣ କଲ ? ମୋର ଟଙ୍କା ଦରକାର ନାହିଁ । ମୁଁ ପଛେ ଚିରଦିନ ଗରିବ ହୋଇ ରହିବି – ମୋ ଜାତି ଗରିବ ନ ହେଉ, ସାଆନ୍ତେ !

# ପ୍ରଶ୍ନାବଳୀ

(ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୫୦ଟି ଶବ୍ଦ ମଧ୍ୟରେ ଲେଖ)

୧. ବନମାଳୀ କିଏ ? ସେ ଦଳବେହେରାଙ୍କୁ କେଉଁ କଥା କହିଥିଲା ?

୨. ଦଳବେହେରା 'ଆପଣା ସୁନା ତ ଭେଣ୍ଡି' ବୋଲି କହିବାର ତାତ୍ପର୍ଯ୍ୟ କ'ଣ ?

୩. ରକ୍ତମାଂସ ଶରୀର କେତେ ସହିବ ? ଏକଥା କିଏ କାହିଁକି କହିଛି ?

୪. ବୁଢ଼ୀ ଦଳବେହେରାଙ୍କ ପାଖକୁ ଆସି କେଉଁ ବିଷୟରେ ଫେରାଦ ହୋଇଥିଲା ?

୫. ଦଳବେହେରା ଗ୍ରାମବାସୀଙ୍କୁ କି ପ୍ରସ୍ତାବ ଦେଲେ ?

୬. 'ଦେଶ ତାତି ରହିଛି' - ଏ କଥା କୁହାଯାଇଛି କାହିଁକି ?

୭. 'ସମସ୍ତେ ତାଙ୍କୁ ଦେବତା ପରି ମାନନ୍ତି' - କାହାକୁ ଏବଂ କାହିଁକି ମାନନ୍ତି ?

୮. ଶାସକ ନାଏବ ଓ ସୁବେଦାରଙ୍କୁ କ'ଣ କରିବା ପାଇଁ ଆଦେଶ ଦେଲେ ?

୯. ଚକରା କିଏ ? ସେ ରଘୁକୁ କ'ଣ କହିଥିଲା ?

୧୦. ବରକନ୍ଦାଜ ଦୁହେଁ କେଉଁଠି ଏବଂ କାହିଁକି ଲୁଚି ବସିଥିଲେ ?

୧୧. ବୁଢ଼ୀ ବରକନ୍ଦାଜ ଦୁହିଁଙ୍କୁ କାହିଁକି ଗାଳି ଦେଲା ?

୧୨. ସୁବେଦାର ବାବାଜୀଙ୍କୁ କ'ଣ କହିଲେ ?

୧୩. 'ପାଇକ ପୁଅର କାମ ସେ ନୁହଁ' - ଏ କଥା କିଏ, କାହାକୁ ଓ କାହିଁକି କହିଛନ୍ତି ?

୧୪. ନାଉରୀର ଦୁଃଖମୟ ଜୀବନର ପରିଚୟ ପ୍ରଦାନ କର ।

୧୫. ନାଉରୀ ଦଳବେହେରାଙ୍କୁ କାହିଁକି ଖୋଜୁଥିଲା ?

୧୬. ଦଳବେହେରା ଶେଷରେ ନାଉରୀକୁ କ'ଣ କହିଥିଲେ ?

୧୭. ଦଳବେହେରା ନାଉରୀ ସମ୍ବନ୍ଧରେ ଶାସକଙ୍କୁ କ'ଣ କହିଲେ ?

୧୮. ଶାସକ ଦଳବେହେରାଙ୍କୁ 'ତୁମେ ଏଡ଼େ ମହତ୍' ବୋଲି କାହିଁକି କହିଲେ ?

## ତୁମ ପାଇଁ କାମ :

୧୯. ଏହି ଏକାଙ୍କିକାଟିକୁ ତୁମ ସାଙ୍ଗମାନଙ୍କ ସହିତ ମିଶି ଶିକ୍ଷକଙ୍କ ନିର୍ଦ୍ଦେଶନାରେ ଶ୍ରେଣୀଗୃହରେ ଅଭିନୟ କର ।

୨୦. ଦଳବେହେରାଙ୍କ ପରି ଆଉ କେତେ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରି ଲେଖ ।

❖❖❖

# ଦୂର ପାହାଡ଼

● ପ୍ରାଣବନ୍ଧୁ କର

**ଲେଖକ ପରିଚୟ :**

*ପ୍ରାଣବନ୍ଧୁ କର (୧୯୧୪-୧୯୯୮) ଜଣେ ଗାଳ୍ପିକ, ନାଟ୍ୟକାର ଏବଂ ଏକାଙ୍କିକା ଲେଖକ ଭାବରେ ଓଡ଼ିଆ ସାହିତ୍ୟରେ ସୁପରିଚିତ । ତାଙ୍କର ପ୍ରଥମ ଏକାଙ୍କିକା 'ପାଗଳ ଜନତାର ବାହାରେ' ୧୯୩୮ ମସିହାରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ 'ନବଭାରତ' ପତ୍ରିକାରେ ଆତ୍ମପ୍ରକାଶ କରିଥିଲା । 'ଶିଳ୍ପୀର ମୃତ୍ୟୁ' ଓ 'ପ୍ରବୀର ଦାସ', 'ଶ୍ୱେତପଦ୍ମ' ପ୍ରଭୃତି ଏକାଙ୍କିକା ତାଙ୍କ ସାରସ୍ୱତ ପ୍ରସିଦ୍ଧିର ପରିଚାୟକ । ସେ ଯେପରି ତାଙ୍କର ଗଳ୍ପମାନଙ୍କରେ ମୂଲ୍ୟବୋଧ ଓ ମାନବିକ ସମ୍ବେଦନଶୀଳତା ଉପରେ ଗୁରୁତ୍ୱାରୋପ କରିଛନ୍ତି, ଅନୁରୂପ ଭାବରେ ଏକାଙ୍କିକା କ୍ଷେତ୍ରରେ ମଣିଷ ଜୀବନର ବହୁବିଧ ରହସ୍ୟକୁ ଉନ୍ମୋଚନ କରି ଜୀବନ ପ୍ରତି ରହିଥିବା ତାଙ୍କ ବ୍ୟାପକ ଦୃଷ୍ଟିକୋଣର ପରିଚୟ ପ୍ରଦାନ କରିପାରିଛନ୍ତି । 'ସ୍ନାୟୁ ସଂହାର' ନାଟକ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ନାଟ୍ୟକାର ଭାବେ ପୁରସ୍କୃତ ହୋଇଛନ୍ତି ।*

*ଏହି ଏକାଙ୍କିକାରେ ସେ ଚଳନ୍ତି ସମାଜର ଅନୁକରଣପ୍ରିୟତା ଓ ଦେଖାଣିଆ ଭାବକୁ ଚିତ୍ରଣ କରିବା ସଙ୍ଗେ ସଙ୍ଗେ ସମାଜ ପ୍ରତି ରହିଥିବା ତାଙ୍କର ଦୃଢ଼ ପ୍ରତିବଦ୍ଧତାକୁ ପ୍ରମାଣ କରିଛନ୍ତି । ଲଳିତ ବ୍ୟଙ୍ଗ ଓ ସାମାଜିକ ସଂସ୍କାର 'ଦୂରପାହାଡ଼' ଏକାଙ୍କିକାର ବୈଶିଷ୍ଟ୍ୟ ।*

---

(**ବି**ମଳବାବୁଙ୍କ ବୈଠକଖାନା ... ଅପରାହ୍ଣ ସାଢ଼େ ଚାରିଟା ... ବିମଳବାବୁ ପ୍ରବେଶ କରି ଗୋଟାଏ ଚୌକିରେ ବସିପଡ଼ିଲେ କ୍ଳାନ୍ତଭାବ ଦେଖାଇ... ବୟସ ଅନ୍ଦାଜ ପଇଁଚାଳିଶ ... ଦେହର ରଙ୍ଗ ଚିକ୍‌କଣ କଳା ... ମୁଣ୍ଡର ବାଁ ପଟରୁ ଅଧେ ଚନ୍ଦା - ଘର ଭିତରଆଡ଼େ ଚାହିଁ...)

ବିମଳ - ହଇହୋ, ଶୁଣୁଚ ? ... ହଇକିଓ ରୀନାବୋଉ ? ଠାକୁରାଣୀ କ'ଣ ଶୁଣିବେ ! (ଉଠି ଓ ଅସ୍ଥିର ଚିତ୍ତରେ ବୁଲାଚଲାକରି) ଓ ରୀନାବୋଉ !

(ରୀନାବୋଉଙ୍କର ପହଁରା - ହାତରେ ପ୍ରବେଶ)

ରୀନାବୋଉ - କାହିଁକି ଏମିତି ଗଳା ଫଟେଇ ଡାକୁଥିଲ ଶୁଣେ ?

ବିମଳ - ନଳା ଧୋଉଥିଲ ଟି ? ମୁଁ ଜାଣେ ...

ବୀଣା (ରୀ : ବୋ :) - ସେଇଟା ଗୋଟାଏ କାମ ନୁହେଁ ପରା ?

ବିମଳ - ହଁ-ହଁ, ନୁହଁ ଆଉ କଅଣ ? ତୁମ ଘରେ ତ ନଳା ଧୋଇ ଧୋଇ ହାତରେ ବିଣ୍ଡି କରିଥିଲ ... ସେ ଅଭ୍ୟାସଟା ଯିବ

କୁଆଡୁ ? ବୁଝିଲ, ଢିଙ୍କି ସ୍ୱର୍ଗକୁ ଗଲେ ବି ଧାନ କୁଟେ ।

ବୀଣା - ଆଜି ଏଇଟା ନୂଆ ଦେଖିଲ ?

ବିମଳ - ତମେ ଏସବୁ ଛୋଟ ଅଭ୍ୟାସ ଛାଡ଼ିବ ନାହିଁ ? ଚାକର ଚାକରାଣୀଙ୍କି ତ ପେନ୍‌ସନ୍ ଦେଇ ଘରେ ବସେଇଚ ... ହଇହୋ ! ମୁଁ ଗୋଟେ ଆସିଷ୍ଟାଣ୍ଟ ସେକ୍ରେଟେରୀ ... ମୋ' ମାନ ସମ୍ମାନ ତମେ ତଳକୁ ପକେଇ ଦେଇ ସାରିଲଣି !

ବୀଣା - (ତାଚ୍ଛଲ୍ୟ ହସି) କିରାଣୀଗିରି କରି ତ କୋଡ଼ିଏ ବର୍ଷ କଟେଇଲ । ଏବେ ମାସ କେଇଟା ହେଲା ଆସିଷ୍ଟାଣ୍ଟ ସେକ୍ରେଟାରୀ ହୋଇଗଲ ବୋଲି ମୋ' ନଳା ଓଳେଇବାଟା ତୁମକୁ ଗନ୍ଧେଇଲା । ବାହା ହବାଠୁଁ ଆଜିଯାଏ କେତେ ଗଣ୍ଡା ଚାକର ପୂଜାରୀ ଖଞ୍ଜି ଦେଇଥିଲ ?

ବିମଳ - (ଚିଡ଼ିଯାଇ) ଏବେ ତ ରଖିଚି । ଦେଖ ରୀନାବୋଉ ... ମୋତେ ରଗାଅନା କହୁଚି ...

ବୀଣା - ମୁଁ କାଇଁକି ତୁମକୁ ରଗାନ୍ତି ... ତୁମେ ସିଆଡୁ ତ ମୁଣ୍ଡ ବିଗାଡ଼ି କରି ଆସିଛ ... ଉପର ହାକିମଠୁଁ ବକା ଖାଇଥିବ - ମୋ' ଉପରେ ଆସି ଝଡ଼େଇ ହଉଚ । ମଲା ମୋର ... କାଣୀ ବିରାଡ଼ିର କୁଜି ଅସରପା ଉପରେ ରାଗ ... (ସବେଗେ ପ୍ରସ୍ଥାନ)

ବିମଳ - ଦେଖୁଚ ଦେଖୁଚ ... ଲୋକଟା କେଡ଼େ ଖରାପ ! ଚାକର ଚାକରାଣୀଙ୍କୁ ମୁଣ୍ଡରେ ବସାଇଚି, ମୁଁ ସେଇକଥା କହିଲାରୁ ...

(ହରେନ୍ଦ୍ରର ପ୍ରବେଶ ... ବୟସ ସେଇ ଚଉଚାଳିଶ ପଇଁଚାଳିଶ ଭିତରେ । ସୁନ୍ଦର ଚେହେରା ... ପୋଷାକ ପରିଚ୍ଛଦ ରୁଚିସମ୍ପନ୍ନ ... ମୁହଁରେ ପାଇପ୍ ।)

ହରେନ୍ଦ୍ର - (ହସ ହସ ମୁହଁରେ) କିରେ ବିମଳ - କଅଣ ଏମିତି ବସି ଭାବୁଚୁ ?

ବିମଳ - ଆରେ ହରେନ୍ଦ୍ର ! ଆ ଭାଇ, ଆ ... ମାସେ ହେଲା ଏ.ଡ଼ି.ଏମ୍. ହୋଇ ଆସିଲୁଣି - ଆଜି ମନେପଡ଼ିଲା ? ବ' ବ' - ହଇହେ ଶୁଣୁଚ ... ହରେନ୍ଦ୍ର ଆସିଚି ...

ହରେନ୍ଦ୍ର - (ବସି) ସମୟ ପାଇନି ଭାଇ ... ବୁଝୁନୁ - ନୂଆ ହୋଇ କଟକ ଭଳି ଜାଗାକୁ ଏ.ଡ଼ି.ଏମ୍. ହୋଇ ଆସିଛି - ଟିକିଏ ସମ୍ଭାଳିଲା ପରେ ତ ଯାଇ ... ହେଲେ ତୁ ତ ଯାଇ ପାରିଥାନ୍ତୁ ମୋ' ଘରଠିକି ?

ବିମଳ - ଏ ସଂସାର ଜଞ୍ଜାଳରୁ ମୁକୁଳିଲେ ତ ! କହିବୁଟି ଭାଇ, ଆମ ସୁମିତ୍ରା ଦେବୀ କିପରି ଅଛନ୍ତି ?

ହରେନ୍ଦ୍ର - ସୁମିତ୍ରା ... ସେ ତା'ର ବେଶ୍ ଆରାମରେ ଅଛି - ପିଲାଛୁଆ ଜଞ୍ଜାଳରୁ ତ ଭଗବାନ ତାକୁ ପ୍ରଥମରୁ ମୁକ୍ତି ଦେଇଛନ୍ତି । ସ୍ୱଚ୍ଛନ୍ଦ ଆଉ ଅତୁଟ ସ୍ୱାସ୍ଥ୍ୟ ଭିତରେ ସେ ଆକଣ୍ଠ ସୁଖ ପାନ କରୁଛି । ବରଂ ତୋ' ଖବର କଅଣ କହ ?

ବିମଳ - ମୋ' ଖବର ନାହିଁ, ଭାଇ ... ନିହାତି ନାହିଁ ।

ହରେନ୍ଦ୍ର - ତୋ' କହିବା ଢଙ୍ଗଟା ବଦଳିନି ଦେଖୁଚି । ଗୋଟିଏ ଝିଅ ଏବର୍ଷ ଡାକ୍ତରୀ ପାଶ୍ କରିବ ... ସାନ ଝିଅଟି

ଆସି ଆଇ.ଏ.ପଢ଼ିଲାଣି... ଆଉ ବୀଣାଦେବୀଙ୍କ ଭଳି ସୁନ୍ଦରୀ ସୁନିପୁଣା ଗୃହିଣୀ...

ବିମଳ – ହଇରେ ହରେନ୍ଦ୍ର ! ସୁନ୍ଦରୀମାନେ କେବେ ପୁଣି ସୁନିପୁଣା ହବାର ନଜିର୍ ଅଛି ଏ ଦୁନିଆରେ ? ଚାଲ୍ ... ଦେଖିବୁ ଚାଲ ...ସ୍ତ୍ରୀ ଆମର ବର୍ତ୍ତମାନ କସ୍ତା ଖଣ୍ଡିଏ ପିନ୍ଧି ନଳା ଧୋଉଥିବେ, ନଇଲେ ଗାଇକୁ କୁଣ୍ଡା ତୋରାଣି ଦେଉଥିବେ ।

ହରେନ୍ଦ୍ର – ଆଇ ସି ! ଏଇଟା ସୁନିପୁଣା ସ୍ତ୍ରୀର କାମ ନୁହେଁ ବୋଧହୁଏ !

ବିମଳ – (ଉତ୍ତ୍ୟକ୍ତ ହୋଇ) ଦେଖ୍ ହରେନ୍ଦ୍ର ... ମତେ ତୁ ଆଉ କିଛି ପଚାରନା ... ମୋ ମୁଣ୍ଡ ବିଗିଡ଼ି ଯିବ ।

ହରେନ୍ଦ୍ର – (ପାଇପ୍‌ରୁ ପାଉଁଶ ଝାଡ଼ି ପକେଟ୍‌ରେ ରଖୁ ରଖୁ) ତୋ' ମୁଣ୍ଡ କେବେ ବିଗିଡ଼ି ନ ଥିଲା ବୋଲି ତ କାଇଁ ମୋର ମନେପଡୁନି ?

ବିମଳ – ତା' ମାନେ ତୁ କହୁଚୁ ଯେ ମୋ' ମୁଣ୍ଡ ସବୁବେଳେ ବିଗିଡ଼ା ?

ହରେନ୍ଦ୍ର – ମୋର ସେହି ଧାରଣା ବଦଳିଯିବାର କୌଣସି କାରଣ ଦେଖୁନି ତ । ବାହା ହବାର ଗୋଟିଏ ମାସ ନ ଯାଉଣୁ ତ ତୁ ତୋର ସ୍ତ୍ରୀର ସମାଲୋଚନା ଆରମ୍ଭ କରିଦେଇଥିଲୁ । ଆଉ ଏ ଦୀର୍ଘ କୋଡ଼ିଏ ବର୍ଷ ଭିତରେ ତା'ର ବହୁତ ପୁନରାବୃତ୍ତି ନିଶ୍ଚୟ କରିଥିବୁ ।

ବିମଳ – କଅଣ କୌଣସି କାରଣ ନ ଥାଇ ?

ହରେନ୍ଦ୍ର – କାରଣ ନ ଥାଇ କାର୍ଯ୍ୟର ଉତ୍ପତ୍ତି ବି ତ ହୋଇପାରେ ... ବିଭାବନା ଅଳଙ୍କାରଟା କଅଣ ଜାଣିଥିବୁ ତ ... ଆମର ଆଇ.ଏରେ ପଢ଼ା ହେଉଥିଲା ?

ବିମଳ – (ଦୀର୍ଘ ନିଃଶ୍ୱାସ ମାରି) ତୁ ତ ଖାଲି ଏଇଥିରୁ ଗୁଡ଼େ କହି ମୋ' କଥା ଉଡ଼େଇଦେବୁ । ମୋ' କପାଳ ହରେନ୍ଦ୍ର ... ମୋ' କପାଳ ... ମୋ' କଥା କେହି ବୁଝିବେନି ।

ହରେନ୍ଦ୍ର – ବୁଝିଲୁ ... ତୁ ଏମିତି ଗୁଡ଼ାଏ ଅଭିଯୋଗ ତୋ' ସ୍ତ୍ରୀ ବିରୋଧରେ ବାଢ଼ି ଚାଲିଥିବୁ ମଲାଯାଏ । ହଇରେ ବିମଳ, ମୁଁ ମୋଟେ ବୁଝିପାରୁନି ତୁ କାହିଁକି ଏମିତି ହଉଚୁ । ତୋ' ସଂସାରରେ ତ ଯଥେଷ୍ଟ ଆନନ୍ଦ ଅଛି... ତୋ' ସ୍ତ୍ରୀ ସୁନିପୁଣା ବୋଲି ଜଣକଠୁଁ ନୁହେଁ, ହଜାର ଜଣକଠୁଁ ମୁଁ ଶୁଣିଚି ... ତା' ଛଡ଼ା ମୁଁ ତ ନିଜେ ଦେଖିଚି ।

ବିମଳ – ହଁ ହେଇଥିବ । ମୋ ସ୍ତ୍ରୀର ପ୍ରଶଂସା ଶୁଣିବା ବିଚିତ୍ର ନୁହେଁ । ଅନ୍ୟ ପାଖରେ ସେ ଖୁବ୍ ଭଲ ।

But I know where the shoe pinches.

ହରେନ୍ଦ୍ର – ତୋ' ଜୋତାରେ ତ କଣ୍ଟା ଫୁଟି ବାହାରିନି ... pinch କରିବ କୁଆଡୁ ... ମିଛଟାରେ ଖାଲି ଗୋଟାଏ ... ଶିରୋ ନାସ୍ତି ଶିର ପୀଡ଼ା... ବୁଝିଲୁ । ତୋ' ସ୍ତ୍ରୀଠୁଁ ତୁ ଅତି ବେଶି ସେବା ଯତ୍ନ ଆଶା କରୁଚୁ ?

ବିମଳ – ଆଶା କରିବାଟା କଅଣ ଅନ୍ୟାୟ ? ମୋ' ସଂସାରଟା କଅଣ ତା'ର ନୁହେଁ ? ସବୁକଥା କହିଲେ ଯାଇ ହବ । ନିହାତି ଅଯୋଗ୍ୟ... ହରେନ୍ଦ୍ର, ନିହାତି ଅଯୋଗ୍ୟ... ଆଚ୍ଛା ଏଇ ଗୋଟାଏ କଥାରୁ ତୁ ବୁଝ । ଅଫିସରୁ

ହାଲିଆ ହୋଇ ଫେରେ ... ଇଚ୍ଛା ହୁଏ, ସେ ଦଉଡ଼ି ଆସି ମତେ ଟିକିଏ ପଙ୍ଖା କରିଦିଅନ୍ତେ, ମୋ' ପାଖରେ ଆସି ବସନ୍ତେ ।

ହରେନ୍ଦ୍ର - ଆଉ ତାଙ୍କ ପ୍ରୌଢ଼ ସ୍ୱାମୀଟି ଆଡ଼େ ଟିକିଏ ବାଙ୍କ ନୟନରେ ଚାହାନ୍ତେ ... ମୁରୁକି ମୁରୁକି ହସନ୍ତେ, ବୀଣାଜିଣା କଣ୍ଠରେ ଗାଆନ୍ତେ - 'ଚୁପ୍‌କେ ଚୁପ୍‌କେ ବୋଲ ନୟନା' ।

ବିମଳ - ହଁ, ଥଟ୍ଟା କରିବୁନି କାହିଁକି ? ଆଚ୍ଛା ସତ କହିଲୁ ... ତୋ' ସ୍ତ୍ରୀ କଅଣ ତୋର ସେବା-ଯତ୍ନ କରେନି ?

ହରେନ୍ଦ୍ର - ହଁ ଭାଇ, ସେତକ ମୋ' ଭାଗ୍ୟରେ ଜୁଟେ ... ଯେତେବେଳେ ସୁମିତ୍ରା ମିଜାଜଟା...

ବିମଳ - ମୁଁ ଜାଣେ ପରା ... ଆରେ, ଯେତେହେଲେ ଉଚ୍ଚଶିକ୍ଷିତା ... ଫେର୍ ପିଲାଦିନରୁ କଲିକତାରେ ବଢ଼ି ଆସିଛନ୍ତି ।

ହରେନ୍ଦ୍ର - ତା' ଯାହା କହିଲୁ ଅତି ଠିକ୍ କଥା । କାଣୀ ହେଲେ ବି କଟକିଆଣୀ ତ ?

ବିମଳ - ଆଚ୍ଛା କହିଲୁ, ସୁମିତ୍ରା ଦେବୀ ତୋର ଆଉ କି କି ସେବା କରନ୍ତି ?

ହରେନ୍ଦ୍ର - ଏଇ ଧର୍ ... ମୋ' ଗୋଡ଼ରୁ ଜୋତା ମୋଜା କାଢ଼ି ଦଅନ୍ତି...

ବିମଳ - କାଢ଼ି ଦିଅନ୍ତି ? କିନ୍ତୁ ଏଇ ଆମର... ? ଆଚ୍ଛା, ଅଫିସରୁ ତୁ ଝାଳନାଳ ହୋଇ ଫେରିଲା ପରେ ତତେ ପଙ୍ଖା କରି ଦିଅନ୍ତି ନି ?

ହରେନ୍ଦ୍ର - ଆରେ ବାପ୍ - ହାଓ୍ୱା ଫେର୍ କରନ୍ତି ନି ? ସେ ଯେଉଁ ହାଓ୍ୱା କରନ୍ତି ବିମଳ, ଦିହ ଶୀତେଇ ଉଠେ, ଟେମ୍ପରେଚର୍ ୯୮.୪ରୁ ବିଲ୍‌କୁଲ୍ ୫୦କୁ ଖସିପଡ଼େ ।

ବିମଳ - ମୁଁ ଜାଣେ ପରା ... କିନ୍ତୁ ଆମର ଯେଙ୍କୁ ସମୟ ନ ଥାଏ । ଭାଇ କହିଲୁ, ଆଉ କି କି ସେବା କରନ୍ତି ସୁମିତ୍ରା ଦେବୀ ?

ହରେନ୍ଦ୍ର - ଦିହରୁ ଜାମାପଟା କାଢ଼ି ଦିଅନ୍ତି ... ଦିହ ହାତ ମୋଡ଼ାମୋଡ଼ି କରିଦିଅନ୍ତି, ଏମିତି କେତେ କଅଣ -

ବିମଳ - ବୁଝିଲୁ, ଯାଙ୍କୁ କହି କହି ଯାଙ୍କ ପ୍ରକୃତି ବଦଳିନି ... କୁଆଡୁ ବଦଳିବ ...
ଘୁଷୁରି ପ୍ରକୃତି ପଙ୍କେ ଲୋଟେ,
ମଣିଷ ପ୍ରକୃତି ମଲେ ତୁଟେ ।
(ଦୀର୍ଘ ନିଃଶ୍ୱାସ ମାରି) ବୁଝିଲୁ ହରେନ୍ଦ୍ର, ତୁ ଭାରି କପାଳିଆ ।

ହରେନ୍ଦ୍ର - କହନି ଭାଇ ମୋ' କପାଳ କଥା - ଖାଲି ଜଳୁଛି, (ଘଣ୍ଟା ଦେଖି) ଭାଇ ମୁଁ ଉଠେ, ଆଉ ଟିକିଏ ଛାଡ଼ି କରି ଆସିବି । ବର୍ତ୍ତମାନ ଗୋଟାଏ ଜରୁରୀ କାମ ଅଛି ।

ବିମଳ - ଆରେ ଆରେ, ଚା' ଟିକିଏ...

ହରେନ୍ଦ୍ର - ପଛେ ଆସିଲେ ଖାଇବି । ବରଂ ଯଦି ସିଗାରେଟ୍ ରଖିଛୁ ... ଖଣ୍ଡେ ଦେ ।

ବିମଳ - (ପକେଟରୁ ସିଗାରେଟ୍ ବାହାରକରି) ନେ... ।

ହରେନ୍ଦ୍ର - କିରେ, ଇଗୁଡ଼ାକ ଚାର୍‌ମିନାର...

ବିମଳ - ୩ କ୍ୟାସେଲରୁ ୪ କ୍ୟାସେଲକୁ ପ୍ରମୋସନ ହୋଇଯାଇଛି ।

ହରେନ୍ଦ୍ର - କାହିଁକିରେ ?

ବିମଳ - ସ୍ତ୍ରୀଙ୍କ ଯୋଗ୍ୟତାରୁ ।

ହରେନ୍ଦ୍ର - (ସିଗାରେଟ୍ ଲଗାଇ) ଆଃ, ଘୂରି ଘୂରି ଫେର୍ ସେଇଠି । ସ୍ତ୍ରୀଙ୍କୁ ଦୋଷ ନ ଦେଲେ ତୋ' ପେଟର ଭାତ ହଜମ ହଉନି... ହଉ ଆସେ । (ହରେନ୍ଦ୍ରର ପ୍ରସ୍ଥାନ – ବୀଣା ଦେବୀଙ୍କର ଜଳଖିଆ ହସ୍ତେ ପ୍ରବେଶ)

ବୀଣା - (ଟେବୁଲ ଉପରେ ଜଳଖିଆ ଥୋଇ) ମଲା, ହରେନ୍ଦ୍ର ବାବୁ ଚାଲିଗଲେ ନା କଅଣ ?

ବିମଳ - ନାଇଁ, ତମ ଶ୍ରୀହସ୍ତରୁ ଜଳଖିଆ ଖାଇବା ପାଇଁ ଘଣ୍ଟା ଘଣ୍ଟା ଧରି ଅନେଇ ବସିଥାନ୍ତେ ?

ବୀଣା - (ରାଗିଯାଇ) ପାଞ୍ଚ ମିନିଟ୍ ତ ହେଇନି – ଆଉ ଘଣ୍ଟା ଘଣ୍ଟା ଧରି କୋଉଠି ହେଲା ?

ବିମଳ - ହଉ, ରଖ ତମ ବାତିଙ୍ଗି । (ବାହାରୁ ଶୁଭିଲା – ଭିତରକୁ ଆସିପାରେ କି ସାର୍) ?

(ରାଜୀବର ପ୍ରବେଶ – ବୀଣା ଦେବୀ ଓଢ଼ଣା ଟାଣିଦେଇ ପ୍ରସ୍ଥାନ)

ରାଜୀବ - ଆଜ୍ଞା ନମସ୍କାର ।

ବିମଳ - (ଭ୍ରୂକୁଞ୍ଚନକରି) ନମସ୍କାର ... ତମେ କିଏ ?

ରାଜୀବ - ଆଜ୍ଞା, ଦୟାକରି ମୋତେ ମିନିଟିଏ ସମୟ ଦେଲେ ମୋର ପରିଚୟଟା ଦେବି... ଟିକିଏ ବସିବେନି ?

ବିମଳ - ନା, ମୋର ବସିବାକୁ ସମୟ ନାହିଁ – ମୁଁ ବର୍ତ୍ତମାନ ...

ରାଜୀବ - ଉଦ୍ବ୍ୟସ୍ତ ?

ବିମଳ - ହଁ ... ଏଁ ... ତମେ କେମିତି ଜାଣିଲ ?

ରାଜୀବ - ଆଜ୍ଞା, ଲୋକମାନଙ୍କର ମନ ଜାଣିବା ହେଲା ଆମର ପେସା ।

ବିମଳ - ତା' ମାନେ ତମେ ଜଣେ Psycholo-gist ?

ରାଜୀବ - ନାଇଁ ଆଜ୍ଞା, କହୁଛି – ଆପଣ ଟିକିଏ ବସିଯାନ୍ତୁ ।

ବିମଳ - ନା – ନା, ମୁଁ ବସିପାରିବି ନାହିଁ । ମୋର ଖୁବ୍ ଗୋଟିଏ ଜରୁରୀ କାମ ଅଛି ।

ରାଜୀବ - ଆଜ୍ଞା ! ସେ କଥା ବି ମୁଁ ଜାଣେ ।

ବିମଳ - ସେ କଥା ବି ଜାଣ ? ତମେ ତେବେ ସାଇକୋଲୋଜିଷ୍ଟ ନୁହଁ ବୋଲି କିମିତି କହୁଚ ?

ରାଜୀବ - ଟିକିଏ ବସିବେନି ?

ବିମଳ - ହଉ ବସୁଛି ... କଅଣ କୁହ ... ଶୀଘ୍ର କୁହ ।

ରାଜୀବ - (ବସି) ଆପଣ ଆଉ କିଛି ଇନ୍‌ସିଓର କରନ୍ତୁ ।

ବିମଳ - ଇନ୍‌ସିଓର ? ତମେ ତେବେ ଜୀବନବୀମା ଏଜେଣ୍ଟ ?

ରାଜୀବ - ଆଜ୍ଞା, ମୁଁ ନର୍ଥ ବ୍ରିଟିଶ କମ୍ପାନୀର ଓଡ଼ିଶା ଶାଖାର ଜେନେରାଲ ମେନେଜର । ଏ କମ୍ପାନୀ ... ଆପଣ ଦେଖିବେ ... ସବୁଠୁଁ ପୁରୁଣା କମ୍ପାନୀ ... ବିଲାତି । ସବୁଠୁଁ ବେଶି ବୋନସ୍ ଦିଏ, କୋଡ଼ିଏ ପରସେଣ୍ଟ ।

ବିମଳ – (ଉଠି) ହଉ ସବୁ ବୁଝିଗଲି – ଦେଖନ୍ତୁ, ମୁଁ ଏ ଜୀବନବୀମାବାଲାଙ୍କୁ ଦି ଆଖିରେ ଦେଖିପାରେନି ।

ରାଜୀବ – ଭାରି ଭଲ କରନ୍ତି ଆଜ୍ଞା...

ବିମଳ – (ବିସ୍ମିତ ହୋଇ) ମାନେ ?

ରାଜୀବ – ମାନେ, ଆପଣ ଜୀବନବୀମାବାଲାଙ୍କୁ ଯଦି ଦି' ଆଖିରେ ଦେଖିପାରୁଥାନ୍ତେ, ତେବେ ସେମାନେ ଇନ୍‌ସିଓରର ଉପକାରିତା ବିଷୟରେ କ୍ଲାଏଣ୍ଟମାନଙ୍କୁ କିଛି ବୁଝାଇ ପାରନ୍ତେ ନାହିଁ।

ବିମଳ – ତମେ ତ ଭାରି କଥା କହିପାର ହୋ !

ରାଜୀବ – ଆଜ୍ଞା, ସେଇଟା ଆମ ପେସା ସାର୍ ... ଆପଣ କେତେ ହଜାର ଇନ୍‌ସିଓର କରିଛନ୍ତି ?

ବିମଳ – ମୋଟେ କରିନି – ମୁଁ ଇନ୍‌ସିଓରେନ୍‌ସର ପକ୍ଷପାତୀ ନୁହେଁ ।

ରାଜୀବ – ସ୍ୱାଭାବିକ... ଆଗରୁ ଆପଣଙ୍କୁ ଏହାର ଉପକାରିତା ବିଷୟରେ କେହି ଠିକ୍ ବୁଝାଇ ପାରିନାହାନ୍ତି । ଜାଣନ୍ତି ତ ସାର୍, ଚାଣକ୍ୟ ପଣ୍ଡିତଙ୍କର ସେହି ଶ୍ଳୋକ "ଅଜରାମରବତ୍ ପ୍ରାଜ୍ଞଃ ବିଦ୍ୟାମର୍ଥଞ୍ଚ ଚିନ୍ତୟେତ୍"– ଧରନ୍ତୁ ଯଦି ଆପଣଙ୍କର ମୃତ୍ୟୁ ହୁଏ...

ବିମଳ – ଏଁ, କଅଣ କହିଲ ?

ରାଜୀବ – ହବ ସାର୍, ନିଶ୍ଚୟ ହେବ ...Sceptre and crown tumble down...

ବିମଳ – ବହୁତ ବିରକ୍ତ କଲଣି – ତମେମାନେ ତ ଜୀବନବୀମା ନୁହଁ, ଗୋଟିଏ ଜୀବନବୋମା, ମାନେ – ଲାଇଫ୍ ବମ୍ ।

ରାଜୀବ – ସେ ତ ସତକଥା ଆଜ୍ଞା, ଆପଣମାନେ Insure କରିନେବା ଦ୍ୱାରା ଆପଣମାନଙ୍କ ଜୀବନକୁ ଗୋଟିଏ ଲେଖାଁଏ ବୋମାରେ ପରିଣତ କରିଦେଉ ।

ବିମଳ – ହଉ, ଆଉ ମୋର ସମୟ ନାହିଁ – ଆଉ ଯଦି ବେଶି ବିରକ୍ତ କରିବ ତେବେ ମୋ' ମୁଣ୍ଡଟା ଗୋଟିଏ ଆଟମ୍ ବମ୍ ହୋଇଯିବ ।

ରାଜୀବ – (ହସି) ଆପଣଙ୍କର ବୟସ କେତେ ?

ବିମଳ – ଛୟାଳିଶ ।

ରାଜୀବ – ଆପଣଙ୍କ ସ୍ତ୍ରୀଙ୍କର ବୟସ ?

ବିମଳ – ଛତିଶ ।

ରାଜୀବ – ତେବେ ଆପଣଙ୍କ ସ୍ତ୍ରୀଙ୍କ ନାମରେ କରନ୍ତୁ ।

ବିମଳ – ସ୍ତ୍ରୀଙ୍କ ନାମରେ – କାହିଁକି ହୋ, ମୋ' ନାଁରେ ନକରି ମୋ' ସ୍ତ୍ରୀଙ୍କ ନାଁରେ କିଆଁ କରିବି ?

ରାଜୀବ – ତା'ହେଲେ ଆଜ୍ଞା କମ୍ ପ୍ରିମିୟମ୍ ଦେବାକୁ ପଡ଼ିବ ।

ବିମଳ – ଆଚ୍ଛା କହିଲ, ଯେଉଁମାନେ ପତିସେବା କରନ୍ତିନି ତାଙ୍କୁ ଇନ୍‌ସିଓର କଲେ କି ସୁବିଧା ମିଳିବ ?

ରାଜୀବ – ଆଜ୍ଞା ବହୁତ ।

ବିମଳ – ହୋଇଥିବ, ହୋଇଥିବ – ବିଲାତି କମ୍ପାନୀ କି ନା !

ରାଜୀବ – ଠିକ୍ କହିଛନ୍ତି ଆଜ୍ଞା ! ଶୁଣନ୍ତୁ, ଯେଉଁ ସ୍ତ୍ରୀ ସ୍ୱାମୀର ସେବାଯତ୍ନ ନ କରେ ଆମର ସେଇମାନଙ୍କୁ ଆଗ ଇନ୍‌ସିଓର କରିବା ଦରକାର।

ବିମଳ – କାଇଁକି ବାବୁ ?

ରାଜୀବ – ସେମାନେ ଅଯଥା ସ୍ୱାମୀ ସେବାରେ ସେମାନଙ୍କର ଶକ୍ତି କ୍ଷୟ କରନ୍ତି ନାହିଁ – ତଦ୍ଦ୍ୱାରା ଶକ୍ତି ସଞ୍ଚୟ ଅର୍ଥାତ୍, Conservation of energy ହୁଏ ତେଣୁ Longevity ବଢ଼େ । ସେମାନଙ୍କୁ ଇନ୍‌ସିଓର କଲେ କମ୍ପାନୀର ରିସ୍‌କ ମୋଟେ ନାହିଁ ।

ବିମଳ – ହଇ ହୋ ବାବୁ, ତମ କମ୍ପାନୀ ତେବେ ସ୍ୱାମୀ ସେବାକୁ ପସନ୍ଦ କରେନି ? ସ୍ୱାମୀ ସେବା କଲେ ଶକ୍ତି କ୍ଷୟ ହୁଏ, ନା ?

ରାଜୀବ – ଆଜ୍ଞା ରାଗୁଛନ୍ତି କାହିଁକି ? ମୁଁ ବୁଝେଇ ଦେଉଛି, ଶୁଣନ୍ତୁ ! ଆଜିକାଲି ଆଉ ସ୍ୱାମୀ–ସେବା କରିବା ଉଚିତ ନୁହେଁ । ସତୀ ସାଧ୍ୱୀ ସ୍ତ୍ରୀ ଭାବରେ – ଧରନ୍ତୁ କେହି ଅକ୍ଳାନ୍ତ ପରିଶ୍ରମ କରି ସ୍ୱାମୀ ସେବା କଲା, ରାତିରେ ସ୍ୱାମୀର ଗୋଡ଼ ମୋଡ଼ିଦେଲା, ଖାଇବା ସମୟରେ ବସି ପାଖରେ ହାଓ୍ୱା କଲା... ଇତ୍ୟାଦି ଇତ୍ୟାଦି, କିନ୍ତୁ ତା'ର ଲାଭ କଅଣ ହେଲା ? ସ୍ୱାମୀ ଇଆଡ଼େ ସ୍ତ୍ରୀଠାରୁ ଏତକ ପାଇ ସିଆଡ଼େ ପରସ୍ତ୍ରୀ ଉପରେ ଦୃଷ୍ଟିପାତ କଲେ – ନିଜ ସ୍ତ୍ରୀକୁ ଆଡ଼ ଆଖିରେ ଚାହିଁଲେନି ।

ବିମଳ – ହୁଁ ଏମିତି କଥା । ହଇଓ, ଏଥିରେ ତୁମ କମ୍ପାନୀର ସିନା ଲାଭ, ଇନ୍‌ସିଓରେନ୍‌ସ କଲାବାଲାର କି ଲାଭ ?

ରାଜୀବ – ବହୁତ ଆଜ୍ଞା, ବହୁତ । ଦେଖନ୍ତୁ ଆଜ୍ଞା, ମୁଁ ଆଜି ଆପଣଙ୍କୁ ଅତି ବନ୍ଧୁଭାବରେ କହୁଚି, କିନ୍ତୁ କାହାରିକୁ କହିବା କଥା ନୁହେଁ ।

ବିମଳ – କହ ବାବୁ, ଶୀଘ୍ର କଅଣ କହୁଚ କହ ।

ରାଜୀବ – ଆଜିକାଲି ତ ଦେଖୁଛନ୍ତି, ପାଠୋଇ ଝିଅମାନେ ଅଧିକାଂଶ ସ୍ୱାମୀଭକ୍ତି, ସ୍ୱାମୀ–ସେବା କରୁନାହାନ୍ତି । ତେଣୁ ସବୁବେଳେ ସ୍ୱାମୀ–ସ୍ତ୍ରୀ କଳହ ଲାଗି ରହିଛି ।

ବିମଳ – ହଁ, ତା' ତ ଠିକ୍ କଥା ।

ରାଜୀବ – ଫଳ କଅଣ ହଉଚି ବୁଝୁଛନ୍ତି ସାର୍ ... ପାଠୋଇ ଝିଅ ତ ହିନ୍ଦୀ ଫିଲିମ୍ ଦେଖି ଅତିମାତ୍ରାରେ ଭାବପ୍ରବଣ ହୋଇପଡୁଛନ୍ତି, ଆଉ ପରିଣତି ଯାହା ହୁଏ ... ଆତ୍ମହତ୍ୟା (ସ୍ୱାମୀ ସ୍ତ୍ରୀଙ୍କ ନାମରେ ଯୋଡ଼ିଏ ପ୍ରିମିୟମ ଦେଇଛନ୍ତି କି ନାହିଁ କିଲ୍ଲାଫତେ । ଦଶ ହଜାର ହଉ, କୋଡ଼ିଏ ହଜାର ହଉ, ଯେତେ ଟଙ୍କା ପାଇଁ ଇନ୍‌ସିଓର କରିଥିବେ, ସବୁ ଆସି ଆଜ୍ଞା ପାଦତଳେ ହାଜର ।

ବିମଳ – ବାବୁ ତମେ ଗଲ, ତମ ଥିଓରି ମୁଁ ଶୁଣିବାକୁ ଚାହେଁ ନି – ଉଠ– ମୋର କାମ ଅଛି – ମୁଁ ଯିବି ।

ରାଜୀବ – ଆପଣ ବର୍ତ୍ତମାନ ଆପଣଙ୍କ ସ୍ତ୍ରୀଙ୍କ ଉପରେ ଭାରି ଉତ୍ତ୍ୟକ୍ତ ଅଛନ୍ତି । ଆଛା ସାର୍, ମୁଁ ବର୍ତ୍ତମାନ ଉଠେ, ଆପଣଙ୍କ ମିଜାଜ ଥଣ୍ଡା ଥିଲାବେଳେ ଆସିବି ... ହଉ, ନମସ୍କାର ।

ବିମଳ - ହଇଓ ବାବୁ ଶୁଣ ଶୁଣ ...

ରାଜୀବ - କଅଣ କହନ୍ତୁ ଆଜ୍ଞା !

ବିମଳ - ତୁମେ ବାହାହେଇଚ ? (ରାଜୀବ ମୁହଁକୁ ଚାହିଁ)

ରାଜୀବ - ଆଜ୍ଞା ନା - ହେଇନି ।

ବିମଳ - ତେବେ ବାହା ହବନି ... ବୁଝିଲ ।

ରାଜୀବ - ବାହା ହେବିନି ? କିନ୍ତୁ ଆଜ୍ଞା...

ବିମଳ - କିନ୍ତୁ ଆଜ୍ଞା ଫେର୍ କଅଣ ? ମୁଁ କହୁଚି ବିବାହ କରନି, ଭୀଷଣ ବିପଦରେ ପଡ଼ିବ ।

ରାଜୀବ - ମୁଁ କରନ୍ତିନି ଯେ କିନ୍ତୁ ମତେ ଜଣେ ବିବାହ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି - ତାଙ୍କୁ ମୁଁ କିମିତି ନିରାଶ କରିବି କହନ୍ତୁ ତ ?

ବିମଳ - ଜଣେ ସ୍ତ୍ରୀଲୋକ ହୋଇ, ସେ ଫେର୍ ତମକୁ ବିବାହ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି ?

ରାଜୀବ - ଆଜ୍ଞା !

ବିମଳ - କି ବିଚିତ୍ର କଥା ଇୟେ - ହଇଓ, ଇୟେ କି ଓଲଟା କଥା ?

ରାଜୀବ - ଆଜ୍ଞା, ଆଜିକାଲି ପରା ଏମିତି ସବୁ ଓଲଟା କଥା ଚାଲିଲାଣି ।

ବିମଳ - ସେ ଝିଅଟି କଅଣ କରେ ?

ରାଜୀବ - ଆଜ୍ଞା ଡାକ୍ତରୀ ପଢ଼ନ୍ତି ।

ବିମଳ - ହଁ, ସେଇ କଥା କହୁନ - ତା' ନ ହେଲେ ସ୍ତ୍ରୀ ଫେର୍ ପୁରୁଷ ପାଖରେ ବିବାହ କରିବାକୁ ଇଚ୍ଛା ପ୍ରକାଶ କରନ୍ତା ! ତମେ ଫେର୍ ଏଭଳି ସ୍ତ୍ରୀଙ୍କୁ ବାହାହବାକୁ ଇଚ୍ଛା ପ୍ରକାଶ କରିଚ ?

ରାଜୀବ - ଆଜ୍ଞା କରିଚି ।

ବିମଳ - ସେଥିପାଇଁ ତମେ ମତେ ଏତେ ଥିଓରି ପଢ଼ାଉଚ, ସ୍ତ୍ରୀ ନାଁରେ ଇନ୍‌ସିଓର କରିବା ପାଇଁ ? ତମେ ବାବୁ ଶୀଘ୍ର ଗଲ, ତମେ ମୋଟେ ସୁବିଧା ଲୋକ ନୁହଁ ।

ରାଜୀବ - ଯାଉଛି ଆଜ୍ଞା, ନମସ୍କାର । (ପ୍ରସ୍ଥାନ)

ବିମଳ - ଗୋଟାଏ ଭୟଙ୍କର ଲୋକ ... ଫେର୍ ସ୍ତ୍ରୀ ନାଁରେ ଇନ୍‌ସିଓର କରିବାକୁ କହୁଛି । ନାଃ, ମୁଁ ଯାଏ । ଯାର ଗୋଟେ ଦଫା ରଫା ନ କଲେ ଚଳିହବନି ଏ ଘରେ । କିମିତି ମୋ' ସ୍ତ୍ରୀ ମୋର ସେବା - ଯତ୍ନ ନ କରିବ ଦେଖିବା । ଏଇ ଷ୍ଟ୍ରାପବାଲା ଜୋତା ପିନ୍ଧିଲାରୁ ସିନା ଏତେ କଥା, ଖୁସ୍‌କିନା ଗୋଡ଼ରୁ ଖସିଯାଉଛି - ରହ (ବାହାରଆଡ଼େ ପ୍ରସ୍ଥାନ । ପଦୀର ପ୍ରବେଶ । ସେ ଥୁଆ ହୋଇଥିବା ଜଳଖିଆ ନିକଟକୁ ଯାଇ ସିଙ୍ଗଡ଼ାଟିକୁ ଧରି ଖାଇବାକୁ ଆରମ୍ଭ କଲା । ଚାରିଆଡ଼େ ଚାହିଁ ଦେଖିଲା କିଏ କୁଆଡ଼େ ଆସୁଛି କି ନାହିଁ । ସିଙ୍ଗଡ଼ାଟିଏ ଉଠେଇ ଓ ପାଟିରେ ପୂରେଇ)

ପଦୀ - ଜିନିଷଗୁଡ଼ାକ ଏମିତି ନଷ୍ଟ ହେଲେ ମୋ' ଦେହ ଜଳିଯାଏ । ବଡ଼ଲୋକଙ୍କର ଖାଆଣି ପରା ସିମିତି ... ଖାଲି ଖୁମ୍ପିବେ ... ପୋଡ଼ିଯାଉ ତାଙ୍କ ଖିଆ - କାହାକୁ କହିବ ଏ ଘରେ ? ମା'କୁ ତ ମାଆ, ବାବୁକୁ ତ ବାବୁ- ଓଲଟି କହିଲା ଲୋକର ଦୋଷ, ଶୁଣିଲା ଲୋକର ରୋଷ । ମୋର କି ଥାଏ ଲୋ ମା' ! ଆମେ ଦାସୀ ପୋଇଲୀ

ଲୋକ - ଆମ କାମ ହେଲା କଂସା ଲୋଟା ଯାହା ହାବୁଡୁଛି ଅଣ୍ଟିକି ଉଠା । (ରାଜୀବର ପୁନଃ ପ୍ରବେଶ । ରାଜୀବକୁ ଦେଖି ପଦୀ ମୁହଁ ପୋଛିଦେଇ ଠିଆହୋଇ) କଅଣ କିଓ ବାବୁ - ଏଇନେ ତ ଆଇଥିଲ, ଫେର୍ କିଆଁ ? ବାବୁ ତମ ପଛେ ପଛେ କୁଆଡ଼େ ବାହାରିଗଲେଣି ।

ରାଜୀବ - ମୁଁ ବାବୁଙ୍କ ପାଖକୁ ଆସିନି - ତୋ' ରୀନା ଦେଇ ଅଛନ୍ତି ?

ପଦୀ - ଆମ ଦେଇଙ୍କ ସାଥିରେ ତମର କି କାମ ?

ରାଜୀବ - (ପଦୀ ନିକଟକୁ ଯାଇ) କାମ ଅଛି, ଟିକିଏ ତାଙ୍କୁ ଡାକିଦେବୁ ?

ପଦୀ - ମୁଁ ପାରିବିନି ପରା କହିଲି - ସିଏ ଘରେ ନାହାନ୍ତି - କୁଆଡ଼େ ଯାଇଚନ୍ତି ।

ରାଜୀବ - ତୁ ମିଛ କହୁଚୁ...

ପଦୀ - ତମେ କୋଉଆଡ଼ିକିଆ ବାବୁ କିଓ ? ମୋତେ ମିଛେଇ କହୁଚ ? କହିଲି ପରା ସିଏ ନାହାନ୍ତି ।

ରାଜୀବ - ଆଚ୍ଛା ହଉ ହଉ, ତୁ ଏମିତି ପାଟି କରିନି ।

ପଦୀ - ମୋ' ପାଟି ସେମିତି...

ରାଜୀବ - (ପକେଟରୁ ଗୋଟେ ଟଙ୍କା ବାହାର କରି) ନେ...

ପଦୀ - କଅଣ ?

ରାଜୀବ - ନେ ଏ ଟଙ୍କାଟା ବକ୍‌ସିସ୍ ।

ପଦୀ - (ହାତ ବଢ଼େଇ ଦେଇ) ମଲା, ମୁଁ ତମର କଅଣ କଲିକି ମତେ ବକ୍‌ସିସ୍ ଦଉଚ ?

ରାଜୀବ - ଦେଲି ଏମିତି ଖୁସିରେ । ହଉ ମୁଁ ଯାଉଚି । (ଯିବାକୁ ଉଦ୍ୟତ ହେଲା)

ପଦୀ - ଚାଲିଯାଉଚ କିଆଁମ ବାବୁ ? ରଇଥା, ମୁଁ ରୀନା ଦେଇଙ୍କ ଡାକି ଦଉଚି ।

ରାଜୀବ - ସିଏ ପରା ନାହାନ୍ତି ?

ପଦୀ - ନିଆଁ ନଗା ମନଟାଏ ପରା ବାବୁ ! ସିଏ କୁଆଡ଼େ ଯାଇଥିଲେ ଯେ ତାଙ୍କ ଫେରିବା କଥାଟା ଭୁଲି ଯାଇଥେଲି । ଏବେ ମନେପଇଲା - ତମେ ବସ, ମୁଁ ତାଙ୍କୁ ଡାକି ଦଉଚି ।

ରାଜୀବ - ହଉ ଯା - ବେଇଗି ଡାକିଦେ । ମୁଁ ବେଶି ସମୟ ରହିପାରିବିନି । (ପଦୀର ପ୍ରସ୍ଥାନ । ରାଜୀବ ପଦାକୁ ଥରେ ଥରେ ଚାହିଁ ବୁଲାଚଲା କରିବା, ରୀନାର ପ୍ରବେଶ)

ରୀନା - (ହସି ହସି) କଅଣ ବାପାଙ୍କ ସଙ୍ଗେ ଆଳାପ ପରିଚୟ ହେଲା ?

ରାଜୀବ - ହଁ ହେଲା... କିନ୍ତୁ ତାଙ୍କ ମିଜାଜଟା ବର୍ତ୍ତମାନ ସପ୍ତମରେ ଅଛି । ହେଲେ ମୁଁ ଠିକ୍ ଜମେଇଦେବି, କିନ୍ତୁ ବାପା ତମର ବିଲ୍‌କୁଲ ବିବାହ ବିରୋଧୀ ହୋଇପଡ଼ିଛନ୍ତି ।

ରୀନା - ତା' ତ ମୁଁ ତୁମକୁ ଆଗରୁ କହିଛି ...

ରାଜୀବ - ମତେ ଜଣେ ଡାକ୍ତର ଛାତ୍ରୀ ବାହାହେବାକୁ ଚାହାନ୍ତି ଶୁଣି ତ ଏକବାରେ ଖପ୍‌ପା ।

ରୀନା - ବାପା କୁଆଡ଼େ ଫେର୍ ଗଲେ ?

ରାଜୀବ - ମୁଁ ତାଙ୍କୁ ଗୋଟେ ଜୋତା ଦୋକାନରେ ପଶିବାର ଦେଖି ସୁଟ୍‌କିନି ଫେର୍ ଫେରିଆସିଲି ତମ ସହିତ ଟିକିଏ

ଦେଖାକରି ଯିବାକୁ । ମୁଁ ଉଠେ ରୀନା ... ଯଦି ହଠାତ୍ ପହଞ୍ଚିଯିବେ ନା, ତେବେ ସର୍ବନାଶ ।

ରୀନା - ଅସମ୍ଭବ କିଛି ନୁହେଁ ...

ରାଜୀବ - ଆଚ୍ଛା, ମୁଁ ଆସେ । ତମେ କିଛି ଭାବନା ରୀନା ! ମୁଁ ସବୁ ଠିକ୍ କରିଦେବି । (ରୀନାର ଭିତରକୁ ପ୍ରସ୍ଥାନ । ପଦୀର ଚାରିଆଡ଼େ ଚାହିଁ ଚାହିଁ ପ୍ରବେଶ ଓ ଜଳଖିଆ ଥାଳିଆ ପାଖକୁ ଯାଇ ଗୋଟିଏ ରସଗୋଲା ପାଟିରେ ପୂରେଇ ଦଉ ଦଉ ଗୁରିଆର ପ୍ରବେଶ । ଗୁରିଆ ତା'ର ଗାଲଫୁଲା ଦେଖିଲା - ତା' ନିକଟକୁ ଯାଇ )

ଗୁରିଆ - କଅଣ ହେଲା କି ପଦୀ କ'ଣ ହେଲା ? (ପଦୀ ପେଟକୁ ଚିପି ଧରି ବସିପଡ଼ି ଗାଲକୁ ଫୁଲାଇ ରସଗୋଲାଟା ଖାଇବାକୁ ଲାଗିଲା) ଏଁ ... ଏଁ ... କଅଣ ହେଲା ? (ପଦୀ ପିଠିକୁ ଆଉଁସି ପକାଇ) କଅଣ ହେଲା ? (ପଦୀ ପିଠିକୁ ଆଉଁସି ଦେବାକୁ ନିର୍ଦ୍ଦେଶ ଦେଲା - ପଦୀ ରସଗୋଲା ଖାଇ ସାରି ଠିଆ ହେଲା ।)

ପଦୀ - ଓଃ !

ଗୁରିଆ - ଓଃ, କଅଣ ହେଲା ପଦୀ ତୋର ? ତୋ' ଗାଲ ଦି'ଟା ଏମିତି ଫୁଲି ଯାଇଥିଲା କାହିଁକି ?

ପଦୀ - କଅଣ କହିବିରେ ଗୁରିଆ ! ପେଟ ଭିତରୁ ଗୋଟେ ପବନ ବାହାରି ଆସିଲା ଯେ ମୋ' ଗାଲ ଦି'ଟା ଫୁଲେଇ ଦେଲା ପରାରେ ଗୁରିଆ ! ମୁଣ୍ଡ ଝାଇଁ ଝାଇଁ କରିଦେଲା ।

ଗୁରିଆ - ସତରେ ଭାରି କଷ୍ଟ ହେଇଥିବ ? ତୁ ପାଟିଟା ମେଲାକରି ଦେଲୁନି ... ପବନଗୁଡ଼ା ପଦାକୁ ପଳେଇଥାଆନ୍ତା ।

ପଦୀ - ଆରେ ସତେ ତ ଗୁରିଆ ... ନିଆଁ ନଗା ମନ ପରା ... ସେତେବେଳେ କଅଣ ହେଲେ ମନେ ପଇଲା ? ଗୁରିଆରେ, ମୁଁ ଏ ଘରେ ଆଉ ରହିବନି ।

ଗୁରିଆ - (ବ୍ୟସ୍ତ ହୋଇ) କାହିଁକି ଲୋ ?

ପଦୀ - ମୁଁ ଆଉ ଏ କାମକୁ ପାରିବିନି - ବଅସ ଗଲାଣି ।

ଗୁରିଆ - ଭାରି ତ କାମ କରି ଫଟେଇ ଦେଲୁଣି ! କିଲୋ, ତୁ କି କାମ କରୁଚୁ ? ମା' ତ ସବୁ ବାସିପାଇଟି କରୁଚନ୍ତି - ତୁ ତ ଖାଲି ବଇଚୁ ।

ପଦୀ - ହଇରେ ହେ, କଅଣ କହିଲୁ ... କଅଣ କହିଲୁ ? ମୁଁ ଖାଲି ବଇଚି ? ହଇରେ ମୋ' ପାଇଟି ତୋ' ଆଖିକି ଦିଶୁନି ହଇରେ ? ଏ ଘରର ସକଳ ପାଇଟି କିଏ କରୁଚି ? ଢିଙ୍କି ପଡ଼ିଛି ଆଠଗଣ୍ଡା, ଶୁଖେଇ ଦବାକୁ ଜଣେ ଭେଣ୍ଡା । ଏତେ ବଡ଼ ଘରଟାରେ ପାଇଟି ସବୁ ମୁଁ କରୁଚି । ଦିଶୁନି ? ହଇରେ ତୁ ଘରେ କି କାମ କରୁଚୁ ?

ଗୁରିଆ - ମୁଁ କରୁନି, ଆଉ ତୁ କରୁଚୁ - ନାଇଁ ?

ପଦୀ - ତୁଟା କଅଣ କରୁଚୁ ବା ? ବଜାର ସଉଦାରୁ ପଇସା ମାରି ଗଞ୍ଜିଆ ଫୁଲୋଉଚୁ ଖାଲି । ମୁଁ କଅଣ ତୋ' ଗୋଇ ଜାଣିନି ? ଖୋଲିବି ବୋଇଲେ -

ଗୁରିଆ - ତୁ ଦେଖିଚୁ ... ମୁଁ ପଇସା ଖାଉଚି ବଜାର ସଉଦାରୁ ... ହଇଲୋ ଦେଖିଚୁ ?

ପଦୀ - ହଇରେ ହେ - ହେ, ଚୋରି କିଏ ଦେଖୁଥାଏ ? ଆରେ -

ତଳେ ତଳେ ଗଲା ତଳ ଗଡ଼ିଶା ନା

କେହି ନ ଜାଣିଲେ ସାଇ ପଡ଼ିଶା ।

ଗୁରିଆ - ହ' ମ, ତୋ ଗୋଇ ମୁଁ ଜାଣିନି ବାକି ଯେ...

ପଦୀ - ହଇରେ, କ'ଣ ଜାଣିଚ କହିଲୁ ... କହିଲୁ ଦେଖି ... ନଇଲେ ତୋ' ଦାନ୍ତ ଭାଙ୍ଗି ଦେବି ।

ଗୁରିଆ - କହିବି ... କହିବି ?

ପଦୀ - କହୁନୁ, ତୋ' ଜିଭରେ କେତେ ହାଡ଼ ଅଛି ଦେଖିବା ।

ଗୁରିଆ - ଏଃ, ରସଗୋଲାଟା ପାଟିରେ ପୂରେଇ କହୁଥିଲୁ ପେଟରୁ ପବନ ବାହାରି ଗାଲ ଫୁଲେଇ ଦେଲା । ତୁ ଭାବିଥିଲୁ ମୁଁ ଜାଣିନି ବୋଲି ?

ପଦୀ - ଦେଖ୍ ଗୁରିଆ, ମୋ' ସାଙ୍ଗେ ଖଚନାଚ କରି ଲଗାନା କହୁଛି...

ଗୁରିଆ - ମୁଁ କାହିଁକି ତୋ' ସାଥିରେ ଲଗାନ୍ତି ... ଓଲଟି ତୁ ତ ମୋ' ଉପରେ ପଡ଼ି ଝଗଡ଼ା କରୁଚୁ ।

(ବୀଣା ଦେବୀଙ୍କର ଚୌକି ଝାଡୁଣିଧରି ପ୍ରବେଶ । ଧମକଦେବା ସ୍ୱରରେ)

ବୀଣା - ମୁଁ ଜାଣେ ପରା - ହଇଲୋ ପଦୀ, ବୁଢ଼ୀଦିନେ ତୁ କ'ଣ ଟୋକୀ ହୋଇଯାଉଚୁ ଲୋ ? କାମ ନାଇଁ ଦାମ ନାଇଁ, ଖାଲି ... କିରେ ଗୁରିଆ ... କ'ଣ କରୁଚୁ ଏଠି ଠିଆ ହୋଇ ... ଯା ଗଲୁ ... କଳରୁ ପାଣି ଆଣିବୁ ଯା । କୋଉଠି ଟୋପାଏ ହେଲେ ପାଣି ନାଇଁ ।

ଗୁରିଆ - ଯାଉଛି ମା' ! (ବାଲ୍‌ଟି ଧରି ପ୍ରସ୍ଥାନ)

ବୀଣା - ହଇଲୋ ଏ ! ଆଲୋ, ସେଇଟା ସଙ୍ଗେ ଏତେ ରଜ୍‌ଘଷ କିଆଁଲୋ, ଅଲାଜୁକି !

ପଦୀ - (କାନ୍ଦ କାନ୍ଦ ସ୍ୱରରେ) ମା', ତମେ କିଛି ନ ବୁଝି ମତେ କିଆଁ ଗାଳିଦଉଚ ? ସେ ନିଲଠିଆ ଅଲାଜୁକ ତ ସବୁବେଳେ ମୋ' ପଛେ ପଛେ ଗୋଡ଼େଇଚି ।

ବୀଣା - ହଁ, ତୋର ଯେମିତି ଦୋଷ ନାହିଁ ... ଗୋଟିଏ ଯାକ ତ ତୁଳସୀପତ୍ର ! ଯା, ଅଇଁଠାବାସନଗୁଡ଼ାକ ସିଆଡ଼େ ପଡ଼ିଚି ।

ପଦୀ - କିଛି ନ ବୁଝି ମୋତେ ଏତେ କଥା କିଆଁ କହୁଚ ମ ?

(ପଦୀର ପ୍ରସ୍ଥାନ ଓ ବୀଣା ଦେବୀଙ୍କର ଚୌକି ଝାଡ଼ିବା - ଘରେ ପ୍ରବେଶ କଲା ରୀନା ।)

ରୀନା - ବୋଉ, ତୋତେ ଯେତେ ମନାକଲେ ବି ତୁ ଶୁଣିବୁନି ।

ବୀଣା - କୋଉ କଥା ମା' ?

ରୀନା - କୋଉ କଥା ଆଉ ... ଏଗୁଡ଼ା ସବୁ ଚାକରବାକରଙ୍କର କାମ । ତୋତେ ଏସବୁ ନ କରିବାକୁ କହି କହି ଥକିଗଲୁଣି ।

ବୀଣା - କାହିଁକି କହୁଚ ଯେ ... ଦେଖୁଚ ତ ମୁଁ ଶୁଣୁନି ।

ରୀନା - ନାଇଁ ବୋଉ ତୋତେ ଶୁଣିବାକୁ ହେବ । ତୁ ଏତେ କାମ କଲେବି ବାପା କୋଉ ଖୁସି ତୋ' ଉପରେ ?

ବୀଣା - ତୋ' ବାପାଙ୍କୁ ଖୁସି କରିବା ପାଇଁ ତ ମୁଁ ଏସବୁ କରୁନି ।

ରୀନା - ତୁ ତ ବାପାଙ୍କ କଥା କିଛି ବୁଝୁନୁ ବୋଲି ସେ ତୋ' ଉପରେ ସବୁବେଳେ ଚିଡ଼ିଚିଡ଼ି ହଉଚନ୍ତି ।

ବୀଣା - ସେ ସେମିତି ହେଉଥିବେ । ତମେ ଦି' ଝିଅ ତ ତାଙ୍କ କଥା ସବୁ ବୁଝୁଚ । ଆଉ ମୁଁ ବୁଢ଼ୀ ହେଲାଯାଏ ତୋ' ବାପାଙ୍କର ସବୁକଥା ବୁଝୁଥିବି ?

(ପଦୀର ଗୋଟିଏ ଗଣ୍ଠିଲି ଧରି ପ୍ରବେଶ)

ପଦୀ - ମା' ମୁଁ ଏଠି ରହିବିନି ... ମତେ ଗାଁକୁ ପଠେଇଦିଅ ।

ରୀନା - କାହିଁକି ... ତୋର କଅଣ ହେଲା ?

ପଦୀ - ନାଇଁ ଦେଇ ... ମୁଁ ଆଉ ରହି ପାରିବିନି, ମୁଁ ଆଉ କାମକୁ ପାରୁନି ।

ରୀନା - କି କାମଟା ତୁ କରୁଛୁ କି ଲୋ ... ବୋଉ ତ ସବୁ କରୁଚି । ତୁ ସାଆନ୍ତାଣୀ ହୋଇ ବସିଚୁ ।

ପଦୀ - ମୁଁ ଯେତେ କାମ କଲେ ଏ ଘରେ କାହାରିକୁ ଦିଶୁନି । ନାଇଁ ମୁଁ ଏତେ କଥା ଶୁଣି ପାରିବିନି କି ରହି ପାରିବିନି ।

ବୀଣା - କି ଲୋ, ତୋତେ କିଏ କଅଣ କହିଲା କିଲୋ ?

ପଦୀ - ତମେ ତ ମା' ନିଜେ କହିଲ ।

ବୀଣା - (ହସି) ମୋ' କଥାକୁ ତୁ କୋଉଦିନ ଧରିଥିଲୁ ଯେ ଆଜି ଧରିଚୁ ?

ରୀନା - ନାଇଁ ବୋଉ, ତାକୁ ଖୋସାମତ କରନା, ସେ ଯାଉ ତା'ର ଯୁଆଡ଼େ ଇଚ୍ଛା ହେଉଚି ।

ପଦୀ - ମୁଁ ଯିବିନି ଆଉ କଅଣ ରହିବି ? ଗତର ଖଟେଇଲେ କଅଣ ପେଟକୁ ଗଣ୍ଡେ ଖାଇବାକୁ ମିଳିବନି ? ଦେ କଉଡ଼ି ଖା ପିଠା, ଏଥିପାଇଁ କିଆଁ ଦାନ୍ତ ନିକୁଟା ।

ରୀନା - ହଉ ଢଗ ମେଲାନି ... ଯିବୁ ଯଦି ଚାଲିଯା ... ତୋ ପଛରେ କେହି ଗୋଡ଼େଇ ଯିବେନି ।

ପଦୀ - (ବୁଜୁଲି ଜାକି ଘରର ଗୋଟିଏ କଣରେ ବସିପଡ଼ି) ହଁ, ଯିବି ତ ... ନିଶ୍ଚେ ଯିବି ।

ରୀନା - ଯିବୁ ତ ବସିଲୁ କିଆଁ ?

ପଦୀ - ମୁଁ ଯିବି ବୋଲି କଅଣ ବସିବାକୁ ମନା ? ଯିବି ବୋଲି ତ ବସିଲି ।

ବୀଣା - କାହିଁକି ସେଇଟାକୁ କିଛି କହୁଚୁ ? ଆଜିକାଲି ତା'ର ମୁଣ୍ଡ ଠିକ୍ ରହୁନି ।

ରୀନା - ତୁ ତା' ମୁଣ୍ଡ ବିଗାଡୁଚୁ ।

ବୀଣା - ମୁଁ ସଭିଙ୍କ ମୁଣ୍ଡ ବିଗାଡୁଚି - ତା ମୁଣ୍ଡ, ତୋ' ବାପା ମୁଣ୍ଡ ।

ରୀନା - ତୁମ୍ଭର ଯାହା ଇଚ୍ଛା କର । ମୁଁ ବାହାରିଲି ।

ବୀଣା - କୁଆଡ଼େ ?

ରୀନା - ମୋର ଆଜି ରାତି ୱାଡ଼-ଡ୍ୟୁଟି ଅଛି ।

ବୀଣା - କଅଣ ରାତିରେ ଡାକ୍ତରଖାନାରେ ରହିବୁ ?

ରୀନା - ହଁ ।

(ରୀନାର ପ୍ରସ୍ଥାନ । ଦୁଇଟା ବାଲ୍‌ଟି ଦୁଇ ହାତରେ ଧରି ଗୁରିଆର ପ୍ରବେଶ)

ଗୁରିଆ - (ବାଲ୍‌ଟି ଧଡ୍‌କିନା ଥୋଇଦେଇ) ମା', ମୁଁ ଆଉ ତମ ଘରେ ନଉକରି କରିପାରିବିନି । ମତେ ଆଜି ବିଦା କରିଦିଅ !

ବୀଣା - କିରେ, ତୋର ଫେର୍ କଅଣ ହେଲା ?

ଗୁରିଆ - ମୁଁ ଆଉ ଦାଣ୍ଡକଳରୁ ପାଣି ବୋହି ପାରିବିନି - ମୋ' ଅଣ୍ଟା ପିଠି ଲାଗିଗଲାଣି ।

ବୀଣା - ଆଜିଯାଏ ତ କାହିଁ ସେ କଥା କହୁ ନ ଥିଲୁ ?

ଗୁରିଆ - କହୁ ନ ଥିଲି ... ଏବେ କହିଲି ।

ବୀଣା - ହଉ, ଦି' ଜଣଯାକ ଅବ୍‌ଭି ବାହାର ମୋ' ଘରୁ ... ବାହାର । ଯା' ପଦୀ ବାହାର ...

ପଦୀ - ମ, କହିଲା ସାଙ୍ଗେ ସାଙ୍ଗେ କଅଣ ମୁଁ ବାହାରିଯିବି ? ମୁଁ ସିନା ଆଉ ତମ ଘରେ ରହିବିନି ବୋଲି କହିଲି, ଏଇନେ ସାଥି ସାଥି ତମ ଘରୁ ବାହାରି ଯିବାକୁ ତ କହିନି ।

ବୀଣା - ତେବେ ଗଣ୍ଠିଲି ପତ୍ର ଧରି ଏଠି ବସିଲୁ କିଆଁ ?

ପଦୀ - ମୋ' ଇଚ୍ଛା ହେଲା, ତା' ବୋଲି କଅଣ ମୁଁ - ନାଇଁ, ମୋର ଯୋଉ ଦିନ ଇଚ୍ଛା ହେବ - ମୁଁ ଯିବି - ମାସକରେ ହଉ - ବର୍ଷକରେ ହଉ - ହେଲେ ତମ ଘରେ ଆଉ ରହିବିନି ।

ବୀଣା - (ହସି) ହଉ, ଭଲକଥା । ଗୁରିଆ, ତୁ କଅଣ ଆଜି ଯିବୁ ?

ଗୁରିଆ - ମା' ତମର ଯୋଉ କଥା ! ଯାଉଚି ମା' । ହଇକିଏ ମା', ବାବୁଙ୍କୁ କହୁନ ଆଉ ଗୋଟେ ବଡ଼ ଡିରାମ ଆଣିମେ । ଗୋଟେ ଡିରାମ ପାଣି ଅଣ୍ଟୁନି । ଦି'ଟା ଡିରାମରେ ପାଣି ଭର୍ତ୍ତି କରିଦେବି ଯେ କେତେ ଖର୍ଚ୍ଚ କରୁଚ କରୁଥା ।

ବୀଣା - ହଉ ହଉ ଯା - ସେ କଥା ମୁଁ ବୁଝିବି । ଏ ଘରେ ସଭିଙ୍କ ମୁଣ୍ଡ ଖରାପ (ପ୍ରସ୍ଥାନ)

ଗୁରିଆ - ଏ ପଦୀ, ଚାଲ - କାମ କରିବୁ ଚାଲ । ଗଣ୍ଠିଲି ଜାକି ଗାଁକୁ ଯିବ ବୋଲି ବଇଚି ... ଭାରି ଯିବାବାଲା ।

ପଦୀ - (ଉଠି) ହଇରେ, ମୁଁ ତ ଗଲିନି ତୁ ତ ଆଜି ଯିବୁ ବୋଲି ବାହାରିଥେଲୁ, କାହିଁକି ରହିଗଲୁ ?

ଗୁରିଆ - ଆହେ ଏତିକି ବୁଝିପାରିଲୁନି ? ତୁ ବାହାରିଥିଲୁ ବୋଲି ମୁଁ ଯିବାକୁ କହୁଥିଲି ନା !

ପଦୀ - ସତେ !

ଗୁରିଆ - ତୋ' ଆଖି ଛୁଉଁଚି ଲୋ ପଦୀ !

ପଦୀ - ମୋ' ଆଖି ଛୁଇଁବୁ କିଆଁରେ ବାଡ଼ିପଡ଼ା ।

ଗୁରିଆ - ତୁ ପଦୀ ମୋ' ଉପରେ ଏମିତି ଗରଗର କିଆଁ ହଉଚୁ ? ମୁଁ ତ ତୋ' ପେଇଁ...

ପଦୀ - କଅଣ କହୁନୁ - ରହିଗଲୁ କିଆଁ ?

ଗୁରିଆ - ମୁଁ ଯୋଉ ପଇସା ସଞ୍ଚୁଚି ... କାହା ପାଇଁ କହିଲୁ ପଦୀ ?

ପଦୀ - କାହାପେଇଁ ?

ଗୁରିଆ - ହେଁ, ହେଁ, ହେଁ ... ।

ପଦୀ - ହଇରେ, ମୁଁ ତୋଠୁଁ ଆଠ କି ଦଶ ବର୍ଷ ବଡ଼ ହେବି - ସାଆନ୍ତାଣୀଙ୍କ ଯେତେ, ମତେ ସେତିକି ବୟସ ହେଲାଣି ଆସି... ତୁ ଫେର୍... ।

ଗୁରିଆ - ହେଲେ କଅଣ ହେଲା – ସବୁବେଳେ ବରମାନେ କନ୍ୟାମାନଙ୍କଠୁଁ ବଡ଼ ହେବେ ଇୟା କଅଣ ଶାହାସ୍ତ୍ରରେ ଲେଖାଅଛି ? ଆଜିକାଲି ଶାହାସ୍ତ୍ର ବଦଳିଗଲାଣି ମ । ଆଇନ ହେଇଗଲା ପରା ଲୋ ... କନ୍ୟାମାନେ ବରଠୁଁ ଦଶ ବାର ବର୍ଷ ବଡ଼ ହେବେ ... ବୁଝିଲୁ ।

ପଦୀ - ହଇରେ, ତୁ ଏଠୁ ଯାଉଛୁ ନା ଇଲେ ଦେଖିବୁ !

ଗୁରିଆ - ଯାଉଛି ପଦୀ ... ତୁ ଏମିତି ରାଗନା (ପ୍ରସ୍ଥାନ)

ପଦୀ - ହଁ, "ରସିକ ଯାଉଚି ବନ୍ଧରେ, ବଣମଲ୍ଲୀ ଫୁଲ ପାଚିଲା ଗାମୁଛା ପଶି ହଉନେଇଁ ଗନ୍ଧରେ ।" (ଜଳଖିଆ ପ୍ଲେଟ ଓ ଚା' ଗ୍ଲାସ୍ ଧରି ପ୍ରସ୍ଥାନ । ପ୍ୟାଣ୍ଟଟିକୁ ଗୋଡ଼ ଉପରକୁ ଈଷତ୍ ଟେକିଧରି ବିମଳବାବୁଙ୍କର ପ୍ରବେଶ ଓ ଡ୍ରଇଁ ରୁମ୍‌ରେ ଛୋଟେଇ ଛୋଟେଇ ପଦଚାରଣା କରିବା । କାହାକୁ ନ ଦେଖି...)

ବିମଳ - ଓଃ ... କାହାରି ଦେଖା ନାହିଁ ... ଗୋଡ଼ ଏଆଡ଼େ କଟକଟ କଲାଣି ... କଅଣ କରିବ ମଣିଷ । (ଗୋଟାଏ ଚୌକିରେ ବସିବା)

ମୀନା - (ନାଚି ନାଚି ପ୍ରବେଶ ଓ କିଛି ସମୟ ପରେ ବିମଳବାବୁଙ୍କୁ ଦେଖି) ବାପା ! ତମେ କେତେବେଳୁ ବସିଚ ଏଠି ?

ବିମଳ - (ଗମ୍ଭୀର ଭାବରେ) ବହୁତ ବେଳୁ । ନିଦରେ ଶୋଇବାବେଳେ ନାଚ କରୁନୁ ତ ମୀନା ?

ମୀନା - ଏଠି କାହିଁକି ବସିଚ – ଭିତରକୁ ଯାଉନ ?

ବିମଳ - ନା ...

ମୀନା - ଚାଲ – ଜାମାପଟା ଖୋଲି ଚା' ଖାଇବ ଚାଲ ।

ବିମଳ - ନା, ତୁ ପାଟିତୁଣ୍ଡ କରନା ମୀନା ... ତୁ ତୋର ନାଚୁଚୁ ନାଚୁଥା, ମୁଁ ଭାରି ହାଲିଆ ।

ମୀନା - ହାଲିଆ ହବନି ? ଗଧଙ୍କ ଭଳି ସକାଳ ସାତରୁ ରାତି ଦଶ ପର୍ଯ୍ୟନ୍ତ ଖାଲି ଅଫିସ ଫାଇଲରେ ମୁଣ୍ଡ ଗୁଞ୍ଜି ବସୁଚ ... ଆଉ...

ବିମଳ - କିଏ ସେ ମୋ' ଦୁଃଖ ବୁଝୁଚି ?

ମୀନା - କାହିଁକି ... ରୀନା ଅପା, ମୁଁ କେତେ ଥର ମନା କଲୁଣି ଖଟ ନାଇଁ ବୋଲି...

ବିମଳ - ତୁମେ ସବୁ କହିଲେ କଅଣ ହବ ?

ମୀନା - ବାପା, ମୁଁ ଗୋଟିଏ ନୂଆ ନାଚ ଶିଖିବି । ଦେଖିବ ସେଇଟା ?

ବିମଳ - ନାଇଁ ନାଇଁ, ମୋର ବର୍ତ୍ତମାନ ତୋର ନାଚ-ଫାଚ ଦେଖିବାକୁ ଇଚ୍ଛା ନାହିଁ । ବୁଢ଼ୀ ଦିନରେ ଗୋଟେ ନାଚ ଶିଖା ହେଉଚି...

ମୀନା - (ବିମଳବାବୁଙ୍କ ପାଖରେ ଲାଗିକରି ବସି ଓ ଗେହ୍ଲେଇ ହୋଇ) ବାପା, ତମେ ଆଜିକାଲି ଭାରି ଚିଡ଼ଚିଡ଼ା ହୋଇଗଲାଣି – ସବୁବେଳେ ଖାଲି ଚିଡ଼ିଚିଡ଼ି ହେଉଚ ।

ବିମଳ - ହେବିନି ... ? ମୋ' କଥା କେହି ବୁଝୁନାହାନ୍ତି ।

ମୀନା - ମୁଁ ଆଉ ରୀନା ଅପା ତ ସବୁବେଳେ ବୁଝୁଚୁ ତମକଥା ।

ବିମଳ - ତମେ ବୁଝିଲେ କ'ଣ ହେବ - ଯିଏ ବୁଝିବା କଥା ସିଏ ତ ବୁଝୁନି ।

ମୀନା - (ଟିକିଏ ଦୁଷ୍ଟାମି କରି) ସେଇ ଯିଏଟି କିଏ ବାପା ?

ବିମଳ - ଜାଣିନୁ କିଏ ?

ମୀନା - ବୋଉ ?

ବିମଳ - ହଁ - ହଁ, ତୋର ସେଇ ଗୁଣବତୀ ବୋଉ ... ମୋତେ ଟିକିଏ ପଚାରୁଚି ?

ମୀନା - ତାକୁ କେତେବେଳେ ଫୁରୁସତ୍ ଅଛି କହିଲ ?

ବିମଳ - ହଁ, ସେଇଥିପାଇଁ ମୋ' କଥା ଟିକିଏ ବୁଝିବାକୁ ଫୁରୁସତ୍ ହଉନି ? ମୋ ପ୍ରତି ତୋ' ବୋଉର ଗୋଟେ ଘୃଣା ହୋଇଯାଇଚି ।

ମୀନା - (ଦୁଷ୍ଟାମି ହସିହସି) ଆଚ୍ଛା, କାହିଁକି ବୋଉ ତୁମକୁ ଘୃଣା କରୁଥିବ ବୋଲି ଭାବୁଚ ବାପା ?

ବିମଳ - କାହିଁକି ... କାହିଁକି ... ଆଉ କଅଣ ... ମୋର ଏଇ କଳା ଚେହେରା, ଆଉ ମୁଣ୍ଡ ପଛରେ ଏହି ଭାଲୁଖିଆ ଚନ୍ଦା - ଆଉ ନିଜେ ସୁନ୍ଦରୀ ବୋଲି ଗୋଟାଏ ଗର୍ବ - କଅଣ କହୁଚୁ .... ସତ ନୁହେଁ ?"

ମୀନା - (କପଟ ଗାମ୍ଭୀର୍ଯ୍ୟ ପ୍ରକାଶ କରି) ମୁଁ ଟିକିଏ ଭାବେ ବାପା -

ବିମଳ - ଭାବିବୁ ଆଉ କଅଣ, ମୁଁ ଠିକ୍ ଜାଣେ । ତମ ଦି' ଝିଅଙ୍କ ମତ ବି ସେଇଆ । ତମ ଦି' ଝିଅଙ୍କର ମିଜାଜ୍ ବି ଠିକ୍ ତମ ବୋଉଙ୍କ ମିଜାଜ୍ ଅନୁସାରେ ଗଢ଼ି ଉଠିଲାଣି ।

ମୀନା - ବାପା, ତମେ ତ ସବୁ କଥା ଖାଲି ନିଜେ କହିଯାଉଚ... ଆଚ୍ଛା, ସତ କହିଲ, ବୋଉ ସୁନ୍ଦରୀ ବୋଲି ତମ ମନରେ ଗର୍ବ ହୁଏନା ?

ବିମଳ - ଆରେ ବାବୁ ସେ କଥା କିଏ ମନାକଲା ? ତା' ବୋଲି ସିଏ ମୋତେ ଘୃଣା କରିବ ? ନା, ଏ ଘରେ ଆଉ ଚଳି ହେବନି । ତୁମେ ଝିଅଗୁଡ଼ାକ ବି ମାଆକୁ Support କଲଣି । ନା, ମୁଁ ଆଉ ଏ ଘରେ ଚଳିପାରିବି ନାହିଁ ।

ମୀନା - (ହସି) ଆଉ ତେବେ କେଉଁ ଘରେ ଚଳିବ ବାପା ?

ବିମଳ - (ପାଟିକରି) ତୋ' ବୋଉ ଯେଉଁ ଘର ତୋଳିଦେଇଛି ମୋ' ପାଇଁ । ଚୁପ୍‌କର । ଭାରି ଫାଜିଲ ହୋଇଯାଉଚି ।

(ଅସ୍ଥିର ଭାବରେ ବୁଲିବାକୁ ଲାଗିଲେ । ବୀଣା ଦେବୀଙ୍କର ପ୍ରବେଶ)

ବୀଣା - କୁଆଡ଼େ ଯାଇଥିଲ ? ଫେରିବା ସଙ୍ଗେ ସଙ୍ଗେ ପୁଣି ପାଟିତୁଣ୍ଡ ଆରମ୍ଭ କରିଦେଲଣି ।

ବିମଳ - ଘଣ୍ଟାଏ ହେଲା ଫେରିଲିଣି । ହେଲେ କିଏ ମୋ କଥା ବୁଝୁଛି ? ଉଃ, ପାଦଟା କଟ୍‌କଟ୍ ହେଲା ।

ମୀନା - ନାଇଁ ବୋଉ, ବାପା ମିଛ କହିନାହାନ୍ତି ଯେ, ତାଙ୍କର ସମୟ ଜ୍ଞାନ ଟିକିଏ କମିଗଲାଣି ।

ବୀଣା - ତୁ ଚୁପ୍‌କର ଟୋକୀ । ଅତି ଫାଜିଲ୍ ହୋଇଯାଉଚି ...

ବିମଳ - କାହିଁକି ଆଉ ଏମିତି ଶୃଙ୍ଖଳା ଧମକ ଦଉଛ ଝିଅକୁ ? ଝିଅଗୁଡ଼ାଙ୍କୁ ତ ସେଇମିତି ଖରାପ କରି ବଢ଼େଇଚ ।

ମୀନା - ଫେର୍ ମିଛ କହିଲ ବାପା, ଆମେ ମୋଟେ ଖରାପ ବଢ଼ିନୁ । ଦେଖ, ମୁଁ ଲମ୍ବା ଚୌଡ଼ା Figure, କେମିତି Ideal.

ବିମଳ - ଯା ଯା, ଫାଜିଲ ... (ହସିବା)

ମୀନା - (ତାଳିମାରି) ଏଇ ବାପା ହସିଲେ ... ବାପା ହସିଲେ ... ଆଉ ରାଗି ପାରିବେନି ... ବୋଉ, ତୋର ଦୁଃଖ ନାହିଁ ।

ବିମଳ - (ଗମ୍ଭୀର ହୋଇଯାଇ ଓ ତଳକୁ ଜୋତା ଓ ମୋଜାକୁ ଚାହିଁ) ଉଃ, କି ଭୀଷଣ କଟ୍‌କଟ୍ କଲାଣି ପାଦ) ।

ମୀନା - ଏଁ, କଅଣ କହିଲ ବାପା ? ପାଦ କଟ୍‌କଟ୍ କଲାଣି ... (ପାଦକୁ ଚାହିଁ – ହସି ହସି) ବାପା, ଜୋତା ଫିତାଟା ଏମିତି ଚାପିଚାପି ଭିଡ଼ିଚ କାହିଁକି ? ବାପା ଏଇଟା କଅଣ ନୂଆ ଜୋତା ହଳେ ? ଇଲେ ଏଇ ଜୋତା କିଣିବାକୁ ଯାଇଥିଲ କି ବାପା ? ହଉ ହଉ ମୁଁ ଖୋଲି ଦଉଚି ।

ବିମଳ - ନା – ନା, ତୋର ଖୋଲିବା ଦରକାର ନାହିଁ ।

ବୀଣା - ମଲା, ପାଦକୁ କାଟୁଚି ବୋଲି ତ କହୁଚ – ମୀନା ଜୋତା ମୋଜା ଖୋଲିଦେଲାବେଳକୁ ମନା କରୁଚ କାହିଁକି ? ତେବେ ନିଜେ ଖୋଲ ।

ବିମଳ - (ରାଗିଯାଇ) ହଁ, ନିଜେ ନ ଖୋଲିବି ତ ଆଉ ମୋର କିଏ ଅଛି ଯେ ଖୋଲିଦେବ ? ରକ୍ତ ପାଣିକରି ଚାକିରି କରିବି; ଆଉ ଜୋତା-ମୋଜା ନିଜେ ଖୋଲିବିନି ତ ଆଉ କଅଣ ? ଉଃ, ପାଦଟା କଟକଟ୍ କଲାଣି !

ମୀନା - ତୁ କେମିତି ବୁଝିପାରୁନୁ ବୋଉ ? ବାପା ଚାହାନ୍ତି ତୁ ତାଙ୍କ ଜୋତା ମୋଜା ଖୋଲିଦେ ।

ବୀଣା - ମୁଁ ଖୋଲିଦେବି ?

ବିମଳ - ତୁମେ ଖୋଲିଦେବ... କୋଉଦିନ ଦେଇଥିଲ ନା...

ବୀଣା - (ବିରକ୍ତ ହୋଇ) ତା' ହେଲେ ନିଜେ ଖୋଲ । ଯେତେ କାମ କଲେ ବି ତୁମ ଆଖିକି ଦିଶୁନି ।

ବିମଳ - ଏଁ, କଅଣ ଏମିତି ଗୁଡ଼ାଏ କାମ କରିପକଉଚ ? ଭାରି ଧମକ...

ବୀଣା - ଦିଅ ଉଠ – କାହିଁକି ଗୁଡ଼ାଏ ଅଯଥା ଅଶାନ୍ତି ସୃଷ୍ଟି କରୁଛ ! ମୀନା, ଗଲୁ; ବାପାଙ୍କ ପାଇଁ ଚା ଜଳଖିଆ ନେଇ ଆସିବୁ ।

ମୀନା - ବାପା, ମୁଁ ଚା' ଜଳଖିଆ ଆଣିବି ? (ପ୍ରସ୍ଥାନ)

ବିମଳ - ମୁଁ ଚା' ଜଳଖିଆ ଖାଇବିନି । ଆଜି ଯା'ର ଗୋଟିଏ ଦଫାରଫା ନ କଲେ ମୁଁ ଏ ଘରେ ଜଳ ସ୍ପର୍ଶ କରିବିନି ।

ବୀଣା - କାହାର ଦଫା ରଫା କରିବ ? କଥା କିଛି ନାହିଁ... ଛି... ଛି, ଝିଅଗୁଡ଼ାକ ଏଡ଼େ ଏଡ଼େ ହେଲେଣି । ସେମାନେ କଅଣ ଭାବୁଥିବେ କହିଲ ?

ବିମଳ - ଭାବିବେ ଗୋଟେ କଅଣ ? ମୁଁ ଘରର ମାଲିକ – ମୁଁ ଯା' କହିବି ସେଥିରେ ଭାବିବ ଗୋଟାଏ କିଏ କଅଣ ?

ବୀଣା - କ'ଣ ଦଫା ରଫା କରିବ ଶୁଣେ ?

ବିମଳ - ତୁମେ କାଲି ବାପଘରକୁ ଯାଅ ।

ବୀଣା - ମୋର କି ଦୁଃଖ ହୋଇଯାଇଛି ଯେ ବାପଘରକୁ ଯିବି ?

ବିମଳ - ତମର କାହିଁକି ଦୁଃଖ ହେବ, ମୋର ଦୁଃଖ ହୋଇଚି । ମୁଁ ତମ ସାଥିରେ ଆଉ ଚଳି ପାରିବିନି ।

ବୀଣା - ତୁମେ କାହା ସାଥିରେ ଚଳି ପାରିବନି । ତମର ଯେମିତି ଖିଟିଖିଟିଆ ମିଜାଜ୍ ହେଲାଣି ନା...

ବିମଳ - ତୁମରି ସକାଶେ - ଖାଲି ତୁମରି ସକାଶେ - ତୁମେ ମୋ' କଥା ମୋଟେ ବୁଝୁନା । ଉଃ, ପାଦଟା କଟ୍‌କଟ୍ ହେଲାଣି ।

ବୀଣା - କେତେଜଣ ଲୋକ ତୁମ କଥା ବୁଝିବେ ?

ବିମଳ - ଯେତେ ଜଣ ବୁଝନ୍ତୁ - ତୁମେ ବୁଝୁଚ କି ?

ବୀଣା - ମୋର ବେଳ ନାହିଁ ।

ବିମଳ - କେମିତି ବେଳ ହେବ ? କୋଉ ଝିଅକୁ ନାଚ ଶିଖେଇ ସିନେମା ଷ୍ଟାର୍ କରେଇବ - ଆଉ କୋଉ ଝିଅକୁ ଡାକ୍ତରାଣୀ କରେଇବ, ସିଏ ଗୋଟେ ଷ୍ଟେଥସ୍କୋପ୍ ବେକରେ ଝୁଲାଇ ସବୁବେଳେ ଟଙ୍ଗ ଟଙ୍ଗ ହେଇ ବୁଲୁଚି ।

ବୀଣା - ବେଶ୍, ମୁଁ ତେବେ ମୀନାର ନାଚ ବନ୍ଦ କରିଦେଉଚି - ମାଷ୍ଟରକୁ ମନା କରିଦେବି ଆସିବାକୁ ।

ବିମଳ - କାହିଁକି ମନା କରିଦେବ ? ମୁଁ ଟଙ୍କା ଦବାକୁ ଆପତ୍ତି କଲି ?

ବୀଣା - ତେବେ ମୁଁ ସିନେମା ଷ୍ଟାର୍ କିମିତି କରେଇବି ବୋଲି କହୁଚ ? ସିଏ ତ ଭଲ ନାଚୁଛି ବୋଲି ତୁମେ ଖୁସିରେ ପାଗଳ ।

ବିମଳ - ତମେ ହେଉନ ?

ବୀଣା - ତେବେ ଏମିତି କଥା କହୁଚ କାହିଁକି ?

ବିମଳ - ହଁ କହିବି, ହଜାର ଥର କହିବି - ମୋ' ଇଚ୍ଛା, ମୁଁ କହିବି । ଓଃ, ପାଦଟା କଟ୍‌କଟ୍ ହେଲାଣି ।

ବୀଣା - ପାଦ ସେମିତି କଟ୍‌କଟ୍ କରୁଥାଉ - ତମେ ବସିଥା ଏଠି - ମୁଁ ଯାଉଛି । ମୋତେ ଦେଖିଲେ ତ ପାଦ କଟ୍‌କଟ୍, ଦିହଶୂଳା, ମୁଣ୍ଡବଥା କେତେ କ'ଣ ବାହାରିବ ।

ବିମଳ - ଦେଖ ରୀନାବୋଉ, ମୋତେ ରଗାନା କହୁଚି ।

ବୀଣା - ରଗେଇଲି କଅଣ ? ତୁମ କାମ କରିବାକୁ ଗଲେ ତ କହିବ - ନା ଥାଉ, ତୁମର ଆନ୍ତରିକତା ନାହିଁ, ଉପର ମନରେ କରୁଛ...

ବିମଳ - ମୁଁ ସେ କଥା ମିଛ କହିନି ତ !

ବୀଣା - ବେଶ୍, ତେବେ ନିଜେ ନିଜେ କର । ଝିଅମାନେ ତ ଅଛନ୍ତି, ତମ ସେବା କରନ୍ତୁ । ତମ ମୁଣ୍ଡ ତ ଖରାପ... (ପ୍ରସ୍ଥାନ)

ବିମଳ - ଦେଖୁଚ, କହୁଚି ମୋ' ମୁଣ୍ଡ ଖରାପ । ହଁ-ହଁ, ମୋ' ମୁଣ୍ଡ ଖରାପ ନୁହେଁ ଆଉ କ'ଣ ? ଭାଲୁଖିଆ -ଚନ୍ଦାମୁଣ୍ଡ... ।

(ମୀନା ଜଳଖିଆ ନେଇ ପ୍ରବେଶ କରି ଟେବୁଲ ଉପରେ ରଖି)

ମୀନା - ବାପା, ଉଠ, ଜାମାପଟା ଛାଡ଼ ।

ବିମଳ - ମୁଁ ଖାଇବିନି (ରୀନାର ଡାକ୍ତରୀ ବ୍ୟାଗ୍ ଧରି ପ୍ରବେଶ) - କୁଆଡ଼େ ବାହାରିଲ ଡାକ୍ତରାଣୀ ? ବେକରେ କାଇଁକି ତମର ସେଇଟା ଆଜି ଝୁଲୁନି ?

ରୀନା - (ହସି) ମୁଁ ଡାକ୍ତରଖାନାକୁ ଯାଉଛି - ମୋର ଆଜି Night Duty ଅଛି ।

ବିମଳ - ନାଇଁ, ସେ ଡିଉଟି ଫିଉଟି ତୋତେ କରିବାକୁ ପଡ଼ିବନି; "ଶୁଣ ରୀନା, ମୀନା ! ତମର କଲେଜ ପାଠପଢ଼ା ଆଜିଠୁ ବନ୍ଦ । ତୁ ଡାକ୍ତରୀ ପଢ଼ି ଭାରି ସ୍ୱାଧୀନ ହୋଇଯାଉଚୁ ।"

ମୀନା - (ବିମଳ ପାଖରେ ବସିପଡ଼ି) ବାପା, ସତ କହୁଛ... ପାଠପଢ଼ା ବନ୍ଦ ହେବ ?

ବିମଳ - ହଁ, ହଁ, ବନ୍ଦ...

ମୀନା - (ଖୁସି ହୋଇ) ବାପା, ଭାରି ଭଲ ହେଲା । ମୋର ପାଠ ପଢ଼ିବାକୁ ମୋଟେ ଇଚ୍ଛା ନାହିଁ । ଏହି ଯେଉଁ Logic ନା ବାପା... ମୋଟେ ମୁଣ୍ଡରେ ପଶୁନି । ବାପା, ତମ ମୁଣ୍ଡରେ Logic ପଶୁଥିଲା ?

ବିମଳ - ଏଁ ମୋ' ମୁଣ୍ଡରେ Logic ପଶୁଥିଲା ? ମୁଁ କ୍ଲାସରେ ଫାଷ୍ଟ ହେଉଥିଲି !

ମୀନା - (ମୁହଁ ଶୁଖେଇ) ବାପା, ସେଥିପାଇଁ ତମ ମୁଣ୍ଡ ଆଜିକାଲି ମୋଟେ ଠିକ୍ ରହୁନି ।

ବିମଳ - ଏଁ, କଅଣ କହିଲୁ ? ନାଃ, ବନ୍ଦ - ତୁମ ଦୁହିଁଙ୍କ ପାଠପଢ଼ାରେ କିଛି ମୂଲ୍ୟ ନାହିଁ । ନା, ଯେଉଁ ପଢ଼ାରେ 'ପତି ପରମଗୁରୁ' 'ପତି ଦେବତା' ଶିକ୍ଷା ଦିଆଯାଉନାହିଁ, ସେଗୁଡ଼ା ପଢ଼ି କିଛି ଲାଭ ନାହିଁ । ଆଚ୍ଛା, ଆଜିଯାଏଁ ଭଲା କୋଉଠି ପଢ଼ିଲ "ପତିସେବା ପରମ-ଧର୍ମ" ?

ରୀନା - ନାଇଁ ତ ବାପା ! ଆଜିକାଲି ଯେଉଁମାନେ ଟେକ୍ସଟବୁକ୍ ଲେଖୁଛନ୍ତି, ସେମାନେ ଏମିତିକିଆ କଥା ଆଉ ଲେଖୁନାହାନ୍ତି ।

ମୀନା - ତା'ର କାରଣ କଅଣ ଜାଣିଚ ବାପା ? ବାପା, Psychology କହୁଚି unfulfilled desire ଗୁଡ଼ାକ ସାହିତ୍ୟରେ ପ୍ରକାଶ ପାଏ । ଆଜିକାଲି ସ୍ୱାମୀମାନେ ସ୍ତ୍ରୀମାନଙ୍କଠୁଁ ଅତି ବେଶି ସେବା-ଯତ୍ନ ପାଉଛନ୍ତି ବୋଲି ପୁରୁଷ ଲେଖକମାନଙ୍କୁ ଆଉ ସେସବୁ କଥା ଲେଖାରେ ପ୍ରକାଶ କରିବାକୁ ଦରକାର ପଡୁନି ।

ବିମଳ - ତମ Psychology ଏଇଆ କହୁଚି, ନାଇଁ ଆଜିଠୁଁ ବନ୍ଦ - ସବୁ ବନ୍ଦ । (ରୀନାକୁ) ତତେ ଡାକ୍ତରୀ ପାଠ ପଢ଼ିଯିବାକୁ ହବନି ।

ବୀଣା - (ପ୍ରବେଶ କରି) ତମ ମୁଣ୍ଡ ଆଜି ଠିକ୍ ହେବନି ଦେଖୁଚି !

ବିମଳ - ହବନି ତ ... ତମଭଳି ଯୋଗ୍ୟା ସ୍ତ୍ରୀ ଥିଲେ । ନାଇଁ ସବୁ ବନ୍ଦ... ଏ ଘରେ ଆଉ କିଛି ତାମସା ହୋଇ ପାରିବନି । ଯେଉଁ ଘରେ ପୁଅଝିଅମାନଙ୍କୁ ସ୍ୱାମୀସେବା ମହତ୍ତ୍ୱ ଶିକ୍ଷା ଦିଆଯାଉନି କିମ୍ବା ତା'ର କୌଣସି ଉଦାହରଣ ଦେଖେଇ ଦିଆହଉନି ସେ ଘର ଘର ନୁହେଁ - ନର୍କ ନର୍କ - ଉଃ ପାଦଟା ବଡ଼ କଟକଟ..

ମୀନା - ବାପା, ପୁଅମାନଙ୍କୁ ସ୍ୱାମୀସେବା ଶିକ୍ଷା ଦିଆଯିବ କିମିତି କହିଲ ? ବରଂ ସେମାନଙ୍କୁ ସ୍ତ୍ରୀସେବା ଶିକ୍ଷା ଦିଆଯିବା ଉଚିତ ।

ବିମଳ - ଏଁ ! ନା, ନା, ପୁଅଗୁଡ଼ାଙ୍କୁ ସ୍ତ୍ରୀସେବା ଶିକ୍ଷା ଦିଆଯିବା ଉଚିତ ନୁହେଁ । ତାହାହେଲେ ସେଗୁଡ଼ାକ Efiminate ବା ସ୍ତ୍ରୈଣ ହୋଇଯିବେ ।

ରୀନା - ବାପା, ମୋର କାହିଁକି ଭୀଷଣ ସନ୍ଦେହ ହେଉଛି ଯେ ତମର ହାଇ ବ୍ଲଡ଼୍ ପ୍ରେସର ହେଲାଣି ।

ବିମଳ - କଅଣ କହିଲୁ, କଅଣ କହିଲୁ ? ମୋର ହାଇ ବ୍ଲଡ଼୍‌ପ୍ରେସର ହେଲାଣି ?

ରୀନା - ହଁ ବାପା, ତା' ନ ହେଲେ ତମେ ସବୁବେଳେ ଏମିତି କାହିଁକି ଚିଡ଼ିଚିଡ଼ି ହଉଚ, ତମେ ରହ, ମୁଁ ତମର ବ୍ଲଡ଼୍‌ପ୍ରେସର ପରୀକ୍ଷା କରେ ।

ମୀନା - ହଁ ରୀନା, ଟିକିଏ ପରୀକ୍ଷା କରିବୁଟି - ମୋର ତ ସେଇ ସନ୍ଦେହ ହଉଚି ।

ବିମଳ - ନା, ନା, ନା, ମୋତେ ପରୀକ୍ଷା କରିବାକୁ ହବନି ।

ରୀନା - (ବାପା ପାଖରେ ବସିଯାଇ) ନାଇଁ ବାପା, ମୁଁ ପରୀକ୍ଷା କରିବି... (ବ୍ୟାଗ୍‌ରୁ ବ୍ଲଡ଼୍‌ପ୍ରେସର ଯନ୍ତ୍ର ବାହାର କରି) କୋଟ୍‌ଟା ଟିକିଏ କାଢ଼ ବାପା... ମୀନା, ଟିକିଏ ବାପାଙ୍କ କୋଟ୍‌ଟା କାଢ଼ିବୁଟି...

ବିମଳ - (ଉଠିପଡ଼ି) ନାଇଁ ନାଇଁ, ମୋ' କୋଟ୍ ଫୋଟ୍ କଢ଼ା ହବନି - (ବୀଣାକୁ ଦେଖି) ଠିଆଟେ ହୋଇ ସେଠି ଚାହିଁଚ କ'ଣ ? ଦେଖ, ଝିଅକୁ ପାଠ ପଢ଼େଇ କିମିତି ସଣ୍ଢ଼ା ବଢେଇଚ, ମୋ' ଠୁ ଜନ୍ମ ହେଇ ଇଏ ଫେର୍ ମୋତେ କହିବ ମୋର ବ୍ଲଡ଼୍‌ପ୍ରେସର୍ ହୋଇଛି । ହଁଃ, ମୁଁ ଗୋଟେ ଆସିଷ୍ଟାଣ୍ଟ ସେକ୍ରେଟେରୀ - ଆମ ସେକ୍ରେଟେରୀ ବି ମୋତେ ଖାତିର କରେ । ମୋର ବ୍ଲଡ଼୍‌ପ୍ରେସର୍ Normal ଅଛି ବୋଲି ସିନା ମୋତେ ସେମାନେ ଖାତିର କରନ୍ତି !

(ସୁମିତ୍ରାର ପର୍ଦ୍ଦା ଆଢ଼େଇ ପ୍ରବେଶ)

ବିମଳ - ଆରେ ସୁମିତ୍ରା ଦେବି ! ନମସ୍କାର ।

ବୀଣା - ନମସ୍କାର ! ବସନ୍ତୁ !

ସୁମିତ୍ରା - (ବସି ଓ ରୀନା ମୀନାଙ୍କୁ ଚାହିଁ ଚାହିଁ) ଝିଅ ଦିଓଟି ଆପଣଙ୍କର ?

ବିମଳ - ହଁ ଆଜ୍ଞା, ଏ ଝିଅଟି ଡାକ୍ତରୀ ପଢ଼େ - ଏଇ ବର୍ଷ ଶେଷ ପରୀକ୍ଷା ।

ସୁମିତ୍ରା - (ସ୍ମିତ ହସି) ବାଃ, ବେଶ୍, ଆମ ଦେଶରେ ଡାକ୍ତରାଣୀର ବହୁତ ଅଭାବ ।

ବିମଳ - ଆଉ ଏ ମୋ' ସାନ ଝିଅ ମୀନା... ଖୁବ୍ ଭଲ ନାଚ ଜାଣେ - ବଡ଼ ବଡ଼ Function ରେ ନାଚି ଖୁବ୍ ନାଁ କରିଚି । ବୁଝିଲେ ନା, ମୁଁ Assistant Secretary ହିସାବରେ ଯେତେ ନାଁ କରିନି, ମୀନାର ବାପା ବୋଲି ତା' ଅପେକ୍ଷା ବେଶି Known । ଗୋଟିଏ ନାଚ ଦେଖେଇବୁଟି ମୀନା ! (ବୀଣାକୁ) କିଓ, ଆଁଟା କରି ସେଠି ଠିଆ ହେଉଚ କାହିଁକି ... ଯାଅ, ସୁମିତ୍ରା ଦେବୀଙ୍କ ପାଇଁ ଚା' ଜଳଖିଆ ଟିକେ ଆଣ ।

(ବୀଣା ଅପ୍ରସ୍ତୁତ ଭାବରେ ପ୍ରସ୍ଥାନ କଲେ)

ମୀନା - ବାପା, ତୁମ ପାଦ କଟ୍‌କଟ୍ ବନ୍ଦ ହୋଇଗଲାଣି ?

ବିମଳ - ଏଁ - କିରେ, ତତେ ପରା କହିଲି ସୁମିତ୍ରା ଦେବୀଙ୍କୁ ଗୋଟିଏ ନାଚ ଦେଖେଇବାକୁ ?

ମୀନା - ମୋ' ଆଣ୍ଠୁଟା ଆଜି ଦରଜ ହୋଇଛି ବାପା - ମୁଁ ପାରିବିନି ।

ସୁମିତ୍ରା - (ହାତଘଡ଼ି ଦେଖି) ନାଇଁ - ପରେ ମୀନାର ନାଚ ଦେଖିବି - ମୋର ଆଜି ସମୟ ନାହିଁ । ମି. ଦାସ ଇଆଡ଼େ ଆସିଥିଲେ ?

ବିମଳ - ହଁ ଆସିଥିଲେ ଯେ, ହେଲେ ସେ ତ କେତେବେଳୁ ଗଲେଣି ।

ସୁମିତ୍ରା - କୁଆଡ଼େ ଗଲେ ?

ବିମଳ - କହିପାରିବିନି ଆଜ୍ଞା !

ସୁମିତ୍ରା - ଯାଏଁ, ତାଙ୍କୁ ଖୋଜେ...

ବିମଳ - କୁଆଡ଼େ ଏବେ ଖୋଜିବେ ଏତେ କଷ୍ଟକରି ?

ସୁମିତ୍ରା - ନା, କଷ୍ଟ ଆଉ କଅଣ ? ଗାଡ଼ି ଅଛି - ଗାଡ଼ିଟା ତାଙ୍କୁ ଅଫିସରେ ଛାଡ଼ି ଦେଇ ଆସେ, ପୁଣି ନେଇଆସେ - ବାକି ସମୟତକ ମୋ Disposal ରେ ଥାଏ... ହଜାରେ ସଭା ସମିତିରେ ଯୋଗଦବାକୁ ପଡ଼େ କି ନା ? ହଉ, ତେବେ ମୁଁ ଉଠେ ।

ବିମଳ - ଟିକିଏ ଚା', ଜଳଖିଆ...

ସୁମିତ୍ରା - No, thanks... ମୁଁ ବର୍ତ୍ତମାନ ଘରୁ ବାହାରିଛି ମି. ଦାସଙ୍କ ଖୋଜରେ ।

ବିମଳ - ଓଃ ଆପଣ ବାସ୍ତବିକ କି ପତିଗତପ୍ରାଣା, ସୁମିତ୍ରା ଦେବୀ ! ସ୍ୱାମୀଙ୍କୁ ଦଣ୍ଡେ ନ ଦେଖି ରହି ପାରୁନାହାନ୍ତି ।

ସୁମିତ୍ରା - ଆଉ ଆପଣଙ୍କ ସ୍ତ୍ରୀ ?

ବିମଳ - (ଦୀର୍ଘଶ୍ୱାସ ନେଇ) ଛାଡ଼ନ୍ତୁ - କଅଣ ଆଉ ସେ କଥାଗୁଡ଼ା କହିବି । ମୋ' ଭାଗ୍ୟ । ମୋ' ସ୍ତ୍ରୀ ଆଉ ଆପଣ... ହୁଁ ।

ସୁମିତ୍ରା - ଆଚ୍ଛା, ଆସୁଛି... ନମସ୍କାର । (ବ୍ୟାଗଟି ଛାଡ଼ିଦେଇ ପ୍ରସ୍ଥାନ)

ବିମଳ - ନମସ୍କାର ! (ପର୍ଦ୍ଦା ପର୍ଯ୍ୟନ୍ତ ଯାଇ ସୁମିତ୍ରା ଦେବୀଙ୍କୁ ବିଦା କରି ଫେରିଲା ବେଳକୁ ଦେଖିଲେ ମୀନା ଓ ରୀନା ହସୁଛନ୍ତି) ଏଁ, ଏତେ ହସୁଛ କିଆଁ ?

ମୀନା - ବାପା - ସୁମିତ୍ରା ଦେବୀ ବଡ଼ ପତିଗତପ୍ରାଣା - ତା'ର ପ୍ରଥମ ନମୁନା ଗାଡ଼ିଟା ସବୁବେଳେ ତାଙ୍କ Disposal ରେ ଥାଏ ।

ରୀନା - ଆଉ ଦ୍ୱିତୀୟ ନମୁନା - ସେ ସବୁବେଳେ ସ୍ୱାମୀଙ୍କୁ ଖୋଜିବାରେ ବ୍ୟସ୍ତ ।

ବିମଳ - ଏଇ ଦେଖ, ତାଙ୍କ ଭଳି ବିଦୁଷୀ ମହିଳାଙ୍କୁ ଏମିତି ପରିହାସ କରନ୍ତି ? ସେ ଶିକ୍ଷିତା ହୋଇ ବି ତାଙ୍କ ସ୍ୱାମୀଙ୍କର ସେବାଯତ୍ନ କରନ୍ତି ଦିନରାତି... ଆହା, ସ୍ୱର୍ଗୀୟ !

ମୀନା - କେତେବେଳେ ସେବା କରନ୍ତି ବାପା ? ତାଙ୍କୁ ତ ସଭାସମିତିରେ ଯୋଗ ଦେବାକୁ ଆଉ ସ୍ୱାମୀଙ୍କ ଖୋଜିବାକୁ ବେଳ ମିଳୁ ନ ଥିବ । ଆରେ ତାଙ୍କ ଭାନିଟି ବ୍ୟାଗ୍‌ଟା ଛାଡ଼ି ଦେଇ ଗଲେ..

ବିମଳ - ଏଁ, ବଡ଼ ମୁସ୍କିଲ ହେଲା । ଆଚ୍ଛା, ମୁଁ ଦେଇଆସିବି ନିଜେ ଯାଇ ।

ରୀନା - (ଗମ୍ଭୀର ହୋଇ) ବାପା ଦେଖ, ତମେ ଆଜି ବୋଉକୁ ଭୀଷଣ ଅପମାନ ଦେଇଚ ସୁମିତ୍ରା ଦେବୀଙ୍କ ସାମନାରେ ।

ବିମଳ - କଅଣ ଅପମାନ ଦେଲି ?

ରୀନା - କ'ଣ ଅପମାନ ଦେଲ ତୁମେ ବୁଝିପାରିବନି - ତୁମର ମୁଣ୍ଡ ଠିକ୍ ନାହିଁ ।

ମୀନା - ରୀନା ଅପା, ବାସ୍ତବିକ୍ ବାପାଙ୍କ ମୁଣ୍ଡ କେମିତି ଠିକ୍ କରାଯିବ କହିଲୁ ? ଗୋଟାଏ ଉପାୟ ଚିନ୍ତା କର – ଆଜି କାହିଁକି ସବୁଦିନ ଅପେକ୍ଷା ବେଶି ବିଗଡ଼ି ଯାଇଛି ।

ରୀନା - ମୁଁ କାଲି ହସ୍‌ପିଟାଲ୍‌ରୁ ଫେରିଆସେ ମୀନା ! (ପ୍ରସ୍ଥାନ)

ବିମଳ - ନା, ତମମାନଙ୍କ ଦୌରାତ୍ମ୍ୟରେ ମୁଁ ଏଠି ଚଳିପାରିବିନି । ମୁଁ ଚାଲିଲି ... (କହି ଉଠିପଡ଼ିଲେ ) ଉଃ, ପାଦଟା କଟକଟ କଲା ।

ମୀନା - (ବାପାଙ୍କ ହାତ ଧରି) ବାପା, ତୁମ ପାଦ କଟକଟ କରୁଛି, ତୁମେ ଯାଇପାରିବନି ।

ବିମଳ - ନା, ମୁଁ ଯିବି । ମନ ତ କଟକଟ କଲାଣି.. ଆଉ ପାଦ କଟକଟ କଲେ କିଏ ପଚାରୁଛି ।

ମୀନା - ନା, ଆମେ ତୁମକୁ ଛାଡ଼ିବୁନି... ତୁମେ ଯାଇପାରିବନି । (ହରେନ୍ଦ୍ର ପଶିଆସିଲେ)

ହରେନ୍ଦ୍ର - କିରେ ବିମଳ, ବାପ ଝିଅଙ୍କର କି ଦୃଶ୍ୟ ଏ ଲାଗିଛି ? ବଡ଼ ମଜାର ତ !

ବିମଳ - ଏଁ... ନାଇଁ ! ଆ, ବ.. ବ । ମୁଁ ତ ଦୁଃଖ-ସମୁଦ୍ରରେ ଭାସୁଛି ! ଆରେ ହଁ, ସୁମିତ୍ରା ଦେବୀ ଏଇଲେ ଆସିଥିଲେ ତତେ ଖୋଜିବାକୁ ।

ହରେନ୍ଦ୍ର - ସୁମିତ୍ରା ଆସିଥିଲା ... ମୁଁ ଜାଣେ ।

ବିମଳ - ବୁଝିଲୁ ହରେନ୍ଦ୍ର... ତୋ' ଭାଗ୍ୟ ଯେ ତୁ ଏମିତି ସ୍ତ୍ରୀ ରତ୍ନଟିଏ ପାଇଚୁ । ତତେ ଦଣ୍ଡେ ନ ଦେଖିଲେ ପାଗଳ... ଆହା କି ପତିଗତପ୍ରାଣା !

ମୀନା - ମଉସା, ଆପଣ ଠିକ୍ ସମୟରେ ଆସିଛନ୍ତି । ବାପା ତ ଏଇଲେ ଘରୁ ଏକମୁହାଁ ହୋଇ ବାହାରି ଯାଉଥିଲେ, ଆଉ ଫେରି ନ ଥାନ୍ତେ ।

ହରେନ୍ଦ୍ର - (ହସି) କିରେ କାହିଁକି ?

ମୀନା - ଆଜି କ'ଣ ଯେ ମୁଣ୍ଡ ବିଗିଡ଼ିଛି ବାପାଙ୍କର, ଆମ ସଙ୍ଗେ ଝଗଡ଼ା ଆରମ୍ଭ କରିଛନ୍ତି ।

ହରେନ୍ଦ୍ର - କଥା କଅଣ ?

ମୀନା - କାରଣ ତାଙ୍କର ଅଭିଯୋଗ ଯେ, ବୋଉ ତାଙ୍କର କୌଣସି ସେବାଯତ୍ନ କରୁନି ।

ହରେନ୍ଦ୍ର - ସେ ଅଭିଯୋଗ ତ ମୁଁ ଏଇ ଘଣ୍ଟାଏ ଆଗରୁ ଶୁଣିକରି ଯାଇଥିଲି ।

ବିମଳ - ଏ ମୀନା, ତୁ ଗଲୁ ... ଏଠୁ ଯା !

ମୀନା - ନା, ମୁଁ ଯିବିନି । ଶୁଣିବ ମଉସା ... ଗୋଟେ କଥା । ଅଧଘଣ୍ଟା ଆଗରୁ ବାପା ଦୋକାନକୁ ଯାଇ ନୂଆ ଜୋତା ମୋଜା ପିନ୍ଧି ଫେରିଆସିଲେ । ଦେଖ ମଉସା, ବାପା ଜୋତାକୁ କିମିତି କଷ କରି ପିନ୍ଧିଛନ୍ତି ।

ହରେନ୍ଦ୍ର - ହଁ, ସେୟା ଦେଖୁଛି – ଜୋତା ମୋଜା ବିଲ୍‌କୁଲ୍ ନୂଆ ।

ମୀନା - ତାଙ୍କର ଇଚ୍ଛା ଥିଲା ବୋଉ ଦୌଡ଼ିଆସି ତାଙ୍କ ଜୋତା ମୋଜା ଖୋଲି ଦେଇଥାନ୍ତା । ସେଥିପାଇଁ ତାଙ୍କ ପାଦ କଟକଟ୍ କଲେ ବି ସେ ଜୋତା ଏ ଯାଏ ନ ଫିଟାଇ ଲଗଇଛନ୍ତି କଳି ।

ବିମଳ - ହଁ, କ'ଣ ଭାରି ଗୋଟେ ପାପ କରି ପକେଇଛି ? ପଚାରିଲୁ .. ପଚାରିଲୁ ମଉସାକୁ । ଅଫିସରୁ ଫେରିବା ସଙ୍ଗେ

ସଙ୍ଗେ କେମିତି ସୁମିତ୍ରା ଦେବୀ ତାଙ୍କ ଗୋଡ଼ରୁ ଜୋତା ମୋଜା କାଢ଼ିଦିଅନ୍ତି । ସିଏ ଫେର୍ ଅନର୍ସ ସହ ବି.ଏ. ପାସ୍ କରିଛନ୍ତି । କିରେ ହରେନ୍ଦ୍ର – କହିଲୁ – ନୁହେଁ ?

ହରେନ୍ଦ୍ର – ହଁ, ମୁଁ କହିଛି ଯେ... କିନ୍ତୁ ମୋ' କଥାର ତାତ୍ପର୍ଯ୍ୟ ବୁଝେଇବାକୁ ସମୟ ପାଇପାରିନି । ମୁଁ ତ ଆଉ ଜାଣିନି ଯେ ତୁ ମୋ'ଠାରୁ ଶୁଣିବା ସଙ୍ଗେ ସଙ୍ଗେ ବଜାରରୁ ନୂଆ ଜୋତା ମୋଜା ଆଣି ଘରେ ମର୍କଟାମି ଆରମ୍ଭ କରିଦେବୁ –

ବିମଳ – ତୋ' କଥାର ତାତ୍ପର୍ଯ୍ୟ କ'ଣ ମୁଁ ବୁଝିପାରିନି ଯେ ତୁ ମୋତେ ବୁଝେଇଥାନ୍ତୁ ? ତୁ ଗ୍ରୀକ୍ ନା ଲାଟିନ୍ କ'ଣ କହିଲୁ ଯେ ମୁଁ ବୁଝିପାରିଲିନି ?

ହରେନ୍ଦ୍ର – ହଁ, ତୁ ଯାହା ବୁଝିଚୁ ତୋ' ସ୍ତ୍ରୀ ଉପରେ ସେଇଆ ପ୍ରୟୋଗ କରିବୁ ସାଙ୍ଗେ ସାଙ୍ଗେ ... ତୋ' ଗୋଡ଼ର ଜୋତା ମୋଜା ପିନ୍ଧାରୁ ଜଣା ପଡ଼ିଯାଉଛି; କିନ୍ତୁ ମୁଁ ଭିନ୍ନ ଅର୍ଥରେ କହିଲି ।

ବିମଳ – ହଇରେ, ତୋ' ସ୍ତ୍ରୀ ତ ତୋ' ଗୋଡ଼ରୁ ଜୋତା ମୋଜା କାଢ଼ି ଦିଅନ୍ତି... ତା'ର ପୁଣି ଭିନ୍ନ ଅର୍ଥ ଗୋଟେ କଅଣ ?

ହରେନ୍ଦ୍ର – ଆରେ, ବୁଝେଇ ଦଉଚି – ମୁଁ କ୍ଲବ୍‌କୁ ବାହାରିଲା ବେଳେ ମୋ' ସ୍ତ୍ରୀ ମୋ' ଗୋଡ଼ରୁ ଜୋତା ମୋଜା କାଢ଼ି ଲୁଚେଇଦିଏ – ଯିମିତିକି ଆଉ କ୍ଲବକୁ ଯାଇପାରିବିନି ।

ବିମଳ – (ବିସ୍ମିତ ହୋଇ) ଏଁ, ଆରେ ସେଇଟା ତ ତୋ' ପ୍ରତି ଅତିରିକ୍ତ ସ୍ନେହ ଅଛି ବୋଲି ... ?

ହରେନ୍ଦ୍ର – ଆଗ କଥାଟା ଶୁଣିସାରେ । ଖାଲି ପାଦରେ ଯଦି କ୍ଲବକୁ ବାହାରିଲି, ତେବେ ମୋତେ ମାଡ଼ିବସି ମୋ' କୋଟ୍ କାମିଜ ଗେଞ୍ଜି ଉତାରିନେବ, ବାକ୍ସ ଭିତରେ ଲୋଚାକୋଚା କରି ଥୋଇଦେବ ।

ବିମଳ – ବାଃ, କି ଅଚଳା ସ୍ନେହ... ସ୍ୱର୍ଗୀୟ ... ସ୍ୱର୍ଗୀୟ ! ହଁ – ହଁ ଭାଇ, ମୋଡ଼ାମୋଡ଼ି କଥାଟା କଅଣ କହିବୁଟି ?

ହରେନ୍ଦ୍ର – ସେଇଟାର ତ କେତେ ଅର୍ଥ ହୋଇପାରିବ ... ପାରିବ ହାତ ମୋଡ଼ିଦେବା, କାନ ମୋଡ଼ିଦେବା, ଇତ୍ୟାଦି । ରାଗିଗଲା ବେଳେ ମୁଁ ଯେ ତା'ର ସ୍ୱାମୀ ଏ କଥା ସୁମିତ୍ରା ଭୁଲିଯାଏ ।

ବିମଳ – ଏଁ, ତୁ କ'ଣ କହୁଚୁରେ ହରେନ୍ଦ୍ର ! ସୁମିତ୍ରା ଦେବୀ ତତେ ମାରନ୍ତି ? ଏ କଥା କ'ଣ ସତ ?

ମୀନା – ମଉସା, ଆପଣ ଭାରି ମିଛୁଆ ଲୋକ । ମାଉସୀ ଫେର୍ କୁଆଡ଼େ..

ହରେନ୍ଦ୍ର – ମିଛ ନୁହେଁ... ମୁଁ ଯାହା କହୁଛି ସତ... କେହି ଅବଶ୍ୟ ଏ କଥା ଜାଣନ୍ତିନି । ମୋ' କଥାକୁ ଭୁଲ୍ ବୁଝି ତୋ' ବାପା ଏସବୁ ଗଣ୍ଡଗୋଳ ଆରମ୍ଭ କରିଦେଇଛି ।

ବିମଳ – ହରେ, ମୁଁ ଭାବିଥିଲି ତୋ' ସ୍ତ୍ରୀ ଉଚ୍ଚଶିକ୍ଷିତା...

ହରେନ୍ଦ୍ର – ଆରେ, ଯେତେ ଶିକ୍ଷା ପାଇଲେ ବି ଯୋଉ ମଣିଷର ଯୋଉ ପ୍ରକୃତି ତା' କ'ଣ ସହଜରେ ଯିବ ?

(ଝଡ଼ ଭଳି ସୁମିତ୍ରାର ପ୍ରବେଶ)

ସୁମିତ୍ରା – ଆରେ, ତମେ ଏଠି ?

ମୀନା – ମାଉସୀ ! ତମେ ଭ୍ୟାନିଟି ବ୍ୟାଗଟା ଛାଡ଼ି ଯାଇଥିଲ ।

ସୁମିତ୍ରା – ମୁଁ ସେଇଥିପାଇଁ ଫେରିଲି ।ଓ, ତମକୁ ଖୋଜି ଖୋଜି ନୟାନ୍ତ ।ଏଠୁ ଆସି ଥରେ ଫେରି ଯାଇଛି ।ଚାଲ – ଉଠ, ଘରକୁ ଚାଲ ।

ହରେନ୍ଦ୍ର – ସୁମିତ୍ରା, ମୁଁ ବାଜିଟିଏ ଚେସ୍ ଖେଳି ଦେଇ...

ସୁମିତ୍ରା – ନା-ନା, ସେକଥା ହୋଇପାରିବନି । ମିଟିଙ୍ଗ୍‌ରୁ ଫେରି ଦେଖେତ ତମେ ନାହଁ – ମୋ' Absence ରେ ଖସି ଆସିଲ – ନାଇଁ... ଚାଲ, ଘରକୁ ଚାଲ । ତୁମକୁ ଗୋଟେ ବୁଲା ରୋଗ ଧରିଲାଣି ।

ହରେନ୍ଦ୍ର – ତମ ଦୟାରୁ ମୁଁ କଅଣ ଆଉ କୁଆଡ଼େ ଟିକେ ବୁଲିପାରୁଛି ?

ସୁମିତ୍ରା – ନା, ମୋତେ ବୁଲୁନା । ଚାଲ ଘରକୁ ।

ହରେନ୍ଦ୍ର – ହଉ, ଚାଲ ତେବେ । (ବିମଳକୁ ଚାହିଁ) ବିମଳ, ଯାଉଛିରେ... ସବୁ ବୁଝିଲୁ ତ ? (ପ୍ରସ୍ଥାନ)

ବିମଳ – ଏସବୁ କଅଣ ସତ ? ମୋର ତ କାହିଁକି ବିଶ୍ୱାସ ହେଉନି । ମୋର ତ ମନେହେଉଥିଲା... ଛାୟା ସଙ୍ଗେ କାୟା, କ୍ଷୀର ସଙ୍ଗେ ନୀର...।

ମୀନା – ସେମିତି ମନେହବ ବାପା ! ଦୂର ପାହାଡ଼ ସୁନ୍ଦର ପରା !

ବିମଳ – ତୁ ଟିକଏ ଚୁପ୍ କଲୁ ମୀନା – ମୋ' ମୁଣ୍ଡଟା କେମିତି ଗୋଳମାଳ ହୋଇଯାଉଛି । ତୁ ଗଲୁ, ବୋଉକୁ ଡାକିଦବୁ ।

ମୀନା – ଯାଉଚି ବାପା ! (ମୀନାର ପ୍ରସ୍ଥାନ)

ବିମଳ – ଏଁ, ମୁଁ କେତେ ବୋକା ସତେ ?

(ବୀଣା ଦେବୀଙ୍କର ପ୍ରବେଶ)

ବୀଣା – କାହିଁକି ଡାକୁଥିଲ ?

ବିମଳ – ହଇକିଓ, ଟିକେ ସିନେମା ଦେଖିଗଲେ ହୁଅନ୍ତା ନାଇଁ ?

ବୀଣା – ସିନେମା ଯିବ ତ ଯାଉନା...

ବିମଳ – ମୁଁ କଅଣ ଏକା ଯିବି ?

ବୀଣା – ମୀନାକୁ ସାଙ୍ଗରେ ନେଇଯାଅ ।

ବିମଳ – ଆହେ, ସେମାନେ ତ ବଡ଼ ହୋଇଗଲେଣି ।ମୁଁ କଅଣ କହୁଥିଲି କି ... ଦଶ କି ବାରବର୍ଷ ହେଲା ଆମେ ଏକାଠି ସିନେମା ଦେଖି ଯାଇନେ...

ବୀଣା – ଆଜି ତ ମୋର ବଡ଼ ଭାଗ୍ୟ ।

ବିମଳ – ଗୋଟେ କଅଣ ସିନେମା ଆସିଚି ପରା ହୋ ... ଆମ ଓଡ଼ିଆ ଛବି... ଚାଲ ଚାଲ... ବେଇଗି ଲୁଗାପଟା ପିନ୍ଧି ବାହାର ।

ବୀଣା – କଅଣ ସତ କହୁଛ ?

ବିମଳ – ମ, ମୁଁ କଅଣ ଏ ବୟସରେ ଆଉ ମିଛ କହୁଛି ? (ବୀଣାଙ୍କର ହସି ହସି ପ୍ରସ୍ଥାନ) ହଇଓ, ମୁଁ କି ବୋକା ସତେ ? ଗୋଡ଼ଟା କଟକଟ ହେଲାଣି ।ନିଜେ ତ ଅର୍ଜିଛି... ଜୋତାଟା ନ ଫିଟାଇଲେ ଚଳୁନି । (ଜୋତା ଫିଟାଇବାକୁ ଆରମ୍ଭ କରିବା )

## ପ୍ରଶ୍ନାବଳୀ

୧. ବିମଳବାବୁ ବୀଣାଙ୍କୁ 'ଢିଙ୍କି ସ୍ୱର୍ଗକୁ ଗଲେ ବି ଧାନ କୁଟେ' କହିବାର ତାତ୍ପର୍ଯ୍ୟ କ'ଣ ?

୨. ହରେନ୍ଦ୍ର ବାବୁ କିଏ ଓ ସେ କ'ଣ କରନ୍ତି ?

୩. ସୁମିତ୍ରା ଦେବୀ 'ଆକଣ୍ଠ ସୁଖପାନ କରୁଛନ୍ତି' ବୋଲି ହରେନ୍ଦ୍ରବାବୁ କାହିଁକି କହିଲେ ?

୪. 'କାରଣ ନ ଥାଇ କାର୍ଯ୍ୟର ଉତ୍ପତ୍ତି' – ଏହା ହରେନ୍ଦ୍ରବାବୁ ବିମଳବାବୁଙ୍କୁ କହିବାର ଉଦ୍ଦେଶ୍ୟ କ'ଣ ?

୫. ବିମଳବାବୁ ବୀଣାଦେବୀଙ୍କଠାରୁ କ'ଣ ଆଶା କରନ୍ତି ?

୬. ରାଜୀବ ବିମଳବାବୁଙ୍କୁ କେଉଁଥିଲାଗି ପ୍ରବର୍ତ୍ତାଇଥିଲେ ?

୭. ବିମଳବାବୁ ରାଜୀବଙ୍କୁ କି ଉପଦେଶ ଦେଇଛନ୍ତି ଓ କାହିଁକି ?

୮. 'ଢିଙ୍କି ପଡ଼ିଛି ଆଠଗଣ୍ଡା, ଶୁଖେଇଦବାକୁ ଜଣେ ଭେଣ୍ଡା' – ଏ କଥା ପଦୀ କାହିଁକି କହିଲା ?

୯. ବିମଳବାବୁଙ୍କ ଗୋଡ଼ କାହିଁକି କଟକଟ କରୁଥିଲା ?

୧୦. ବିମଳବାବୁ ଝିଅ ମୀନା ଆଗରେ କି ଅଭିଯୋଗ କରିଛନ୍ତି ?

୧୧. ଝିଅମାନେ ବୋଉକୁ ସମର୍ଥନ କରୁଛନ୍ତି ବୋଲି ବିମଳବାବୁ କାହିଁକି କହିଲେ ?

୧୨. ଝିଅମାନଙ୍କ ପଢ଼ା ବନ୍ଦ କରିଦେବେ ବୋଲି ବିମଳବାବୁ ହଠାତ୍ କାହିଁକି କହିଲେ ?

୧୩. ଉଚ୍ଚ ଶିକ୍ଷିତା ହେଲେ ମଧ୍ୟ ମଣିଷ ନିଜ ପ୍ରକୃତି ସହଜରେ ଛାଡ଼ିପାରେ ନାହିଁ – ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ?

୧୪. ବିମଳବାବୁ ନିଜକୁ ବୋକା ବୋଲି କାହିଁକି କହିଲେ ?

୧୫. 'ଦୂର ପାହାଡ଼ ସୁନ୍ଦର' ବୋଲି ମୀନା କାହିଁକି କହିଲା ?

୧୬. ଏକାଙ୍କିକାର ନାମ ' ଦୂରପାହାଡ଼' ରଖିବାର ତାତ୍ପର୍ଯ୍ୟ କ'ଣ ?

### ତୁମ ପାଇଁ କାମ :

୧୭. ପ୍ରାଣବନ୍ଧୁ କରଙ୍କ ଅନ୍ୟାନ୍ୟ ଏକାଙ୍କିକା ସଂଗ୍ରହ କରି ତୁମେ ପଢ଼ ଓ ଅନ୍ୟମାନଙ୍କୁ ଶୁଣାଅ ।

୧୮. 'ଦୂର ପାହାଡ଼' ବ୍ୟତୀତ ଏହି ଏକାଙ୍କିକାର ଅନ୍ୟ କ'ଣ ନାମକରଣ କରାଯାଇପାରେ, ସେ ସମ୍ପର୍କରେ ତୁମ ସାଙ୍ଗମାନଙ୍କ ସହିତ ଆଲୋଚନା କର ।

❖❖❖